# ଶତାବ୍ଦୀର ନାୟକ : ଗୌରୀଶଙ୍କର



ଡକ୍ଟର ଶ୍ରୀଚରଣ ମହାନ୍ତି

ଶତାବ୍ଦୀର ନାୟକ : ଗୌରୀଶଙ୍କର

ସମ୍ପାଦକ — ଡକ୍ଟର ଶ୍ରୀଚରଣ ମହାନ୍ତି

ପ୍ରକାଶକ — ପ୍ରଗତି ଉତ୍କଳ ସଂଘ
ବି/୯, ଫକୀରମୋହନ ନଗର
ସେକ୍ଟର - ୭, ରାଉରକେଲା - ୭୬୯ ୦୦୩

ପ୍ରଥମ ସଂସ୍କରଣ — ୧୯୯୪

ମୁଦ୍ରଣ — ସରସ୍ୱତୀ ପ୍ରିଣ୍ଟର୍ସ, ଶକ୍ତିନଗର
ରାଉରକେଲା - ୭୬୯ ୦୧୪

ଓ

ଷ୍ଟାଣ୍ଡାର୍ଡ଼ ଆର୍ଟ ପ୍ରେସ୍, ସେକ୍ଟର - ୧୮
ରାଉରକେଲା - ୭୬୯ ୦୦୩

ମୂଲ୍ୟ — ୪୦ ·୦୦
( ଚାଳିଶ ଟଙ୍କା ମାତ୍ର )

**SATABDIR NAYAK : GOURISANKAR**

*Editor :* **Dr. Sricharan Mohanty**

*Published by :* **Pragati Utkal Sangh**
B/9, Sector - 7, Rourkela - 3
PIN - 769 003, ORISSA

First Edition - 1994

*Printed at :* **Saraswati Printers**
Shaktinagar, Rourkela - 14

&

**Standard Art Press**
Sector - 18, Rourkela - 3

**Price : 40.00**
**( Rupees Forty Only )**

# ପ୍ରକାଶକଙ୍କ ନିବେଦନ

ସନ ୧୯୫୮ ମସିହାରେ ପ୍ରତିଷ୍ଠିତ 'ପ୍ରଗତି ଉତ୍କଳ ସଂଘ', ରାଉରକେଲାର ଏକ ବିଶିଷ୍ଟ ସାଂସ୍କୃତିକ ଅନୁଷ୍ଠାନ । ଏହାର ସୁସଂଗଠିତ ସମୃଦ୍ଧ ପାଠାଗାର ଆଜି ସମଗ୍ର ଓଡ଼ିଶାର ଗବେଷକମାନଙ୍କୁ ଆକୃଷ୍ଟ କରିପାରିଛି । ଅନ୍ୟାନ୍ୟ କାର୍ଯ୍ୟ ସହିତ ସନ ୧୯୬୮ ମସିହାରୁ 'ଉତ୍କଳ ଦିବସ ଓ ମଧୁସୂଦନ ଜୟନ୍ତୀ' ପାଳନ ଓ ରାଉରକେଲା ରେଲଷ୍ଟେସନ ସମ୍ମୁଖ ମଧୁସୂଦନମାର୍ଗରେ ଉତ୍କଳ ଗୌରବ ମଧୁସୂଦନଙ୍କର ପୂର୍ଣ୍ଣାବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତି ସ୍ଥାପନ ଭଳି ମହତ କାର୍ଯ୍ୟ ଏ ଅନୁଷ୍ଠାନ କରି ଆସିଅଛି ।

ଓଡ଼ିଆ ଜାତିର ଜୀବନରେ ଯେଉଁମାନେ ଅବିସ୍ମରଣୀୟ ଭୂମିକା ଗ୍ରହଣ କରିଛନ୍ତି, ସେମାନଙ୍କର ପ୍ରତିଭା ପୂଜା କରିବା 'ପ୍ରଗତି ଉତ୍କଳ ସଂଘ'ର ଅନ୍ୟତମ ଲକ୍ଷ୍ୟ । ସେହି ଉଦ୍ଦେଶ୍ୟରେ ଉତ୍କଳ ଗୌରବ ମଧୁସୂଦନଙ୍କ ସହ ଅନ୍ୟାନ୍ୟ ମନୀଷୀ-ମାନଙ୍କୁ ବିଭିନ୍ନ ମାଧ୍ୟମରେ ଏହି ଅନୁଷ୍ଠାନ ପୂଜା କରି ଆସିଅଛି । ଊନବିଂଶ ଶତକର ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନର ମହାନ ପୁରୋଧା ଶତାବ୍ଦୀର ନାୟକ ଗୌରୀଶଙ୍କରଙ୍କୁ ତାଙ୍କ ଜୀବନୀ ଓ ଗୁଣ ଚର୍ଚ୍ଚା ମାଧ୍ୟମରେ ଶ୍ରଦ୍ଧା ନିବେଦନ କରି ସଂଘ ନିଜକୁ ଗୌରବାନ୍ୱିତ ମନେ କରୁଅଛି ।

**Madhusudan Das : The Legislature** ପରି ଇଂରାଜୀରେ ଲିଖିତ ୬୦୦ ପୃଷ୍ଠାର ବହି ପ୍ରକାଶନର ଐତିହାସିକ ପଦକ୍ଷେପ ପରେ ସଂଘର ଦ୍ୱିତୀୟ ପ୍ରକାଶନ 'ପ୍ରଥମ ଓଡ଼ିଆ ଉପନ୍ୟାସ ଓ ଔପନ୍ୟାସିକ' । ଏହି ପୁସ୍ତକ ଲୋକପ୍ରିୟତା ଅର୍ଜନ କରି ପ୍ରଥମ ସଂସ୍କରଣଟି ଯେପରି ଅଳ୍ପ ଦିନରେ ଶେଷ ହୋଇପାରିଲା, ପ୍ରକୃତରେ ତାହା ଆମକୁ ଆଶାର ଆଲୋକ ଦେଖାଇଲା । ତୃତୀୟ ଅବଦାନ ଭାବରେ ପ୍ରାୟ ଦୁଇଶହ ପୃଷ୍ଠାର ବହି 'ପ୍ରଗତି ଉତ୍କଳ ସଂଘ' ଓ ରାଉରକେଲାର ସାଂସ୍କୃତିକ ବିକାଶ ଧାରା' ଶିଳ୍ପ ନଗରୀ ରାଉରକେଲା ଉପରେ ଏକ ପ୍ରାମାଣିକ ପୁସ୍ତକ । ବର୍ତ୍ତମାନର ସଂକଳନ ଏହି ଅନୁଷ୍ଠାନର ଚତୁର୍ଥ ପ୍ରକାଶନ ।

'ଶତାବ୍ଦୀର ନାୟକ : ଗୌରୀଶଙ୍କର' ପୁସ୍ତକକୁ ସଂପାଦନା କରିଛନ୍ତି ରାଉରକେଲା ସରକାରୀ କଲେଜର ବରିଷ୍ଠ ଅଧ୍ୟାପକ ଡକ୍ଟର ଶ୍ରୀଚରଣ ମହାନ୍ତି । ଏହି ଜାତୀୟ କାର୍ଯ୍ୟ କରିଥିବାରୁ ସଂଘ ତାଙ୍କୁ କୃତଜ୍ଞତା ଜଣାଉଛି ।

ଏହି ପୁସ୍ତକକୁ ଆଲୋକକୁ ଆଣିବା କ୍ଷେତ୍ରରେ ଅନୁଷ୍ଠାନର ପ୍ରକାଶନ ଉପଦେଷ୍ଟା ଶ୍ରୀ ଦେବେନ୍ଦ୍ର କୁମାର ଦାଶ ( ରାଉରକେଲା ମ୍ୟୁନିସିପାଲ କଲେଜ )ଙ୍କ ପ୍ରେରଣା ଓ ସହଯୋଗ ଭୁଲିବାର ନୁହେଁ ।

ଓଡ଼ିଶାର ବିଶିଷ୍ଟ ଗବେଷକ, ଲେଖକ ଓ ପ୍ରଫେସରମାନେ ଆମର ଅନୁରୋଧ ରକ୍ଷା କରି ସେମାନଙ୍କ ଲେଖା ପ୍ରଦାନ ପୂର୍ବକ ଆମକୁ ଅନୁଗୃହୀତ କରିଛନ୍ତି, ସେମାନଙ୍କୁ ପ୍ରଗତି ଉତ୍କଳ ସଂଘ ଗଭୀର କୃତଜ୍ଞତା ଜ୍ଞାପନ କରୁଅଛି ।

ଏକ ନିର୍ଦ୍ଦିଷ୍ଟ ସମୟ ସୀମାମଧ୍ୟରେ ପୁସ୍ତକକୁ ପ୍ରକାଶ କରିବାର ଉଦ୍ୟମ କରାଯାଇଥିଲା ମାତ୍ର କେତେକ ଅସୁବିଧା ବଶତଃ ଆମେମାନେ ଏହାକୁ ଆଲୋକକୁ ଆଣିପାରିଲୁ ନାହିଁ ସେଥିପାଇଁ ଆନ୍ୟ ଏକ ପ୍ରେସ୍‌ର ସାହାଯ୍ୟ ନେବାକୁ ପଡ଼ିଲା । ଆମର ଅନିଚ୍ଛାକୃତ ବିଳମ୍ବ ଓ କେତେକ ମୁଦ୍ରଣ ତ୍ରୁଟି ପାଇଁ ଆମେମାନେ ପାଠକ ପାଠିକାଙ୍କ ନିକଟରେ କ୍ଷମା ପ୍ରାର୍ଥନା କରୁଅଛୁ ।

ଆମର ଅନ୍ୟାନ୍ୟ ପ୍ରକାଶନ ପରି ଏ ପୁସ୍ତକ ଓଡ଼ିଶାର ଛାତ୍ର, ଅଧ୍ୟାପକ, ସମାଲୋଚକ ତଥା ବୁଦ୍ଧିଜୀବୀମାନଙ୍କର କାମରେ ଲାଗିପାରିଲେ ଆମର ଉଦ୍ଦେଶ୍ୟ ସଫଳ ହେବ ।

ସଭାପତି

**ପ୍ରଗତି ଉତ୍କଳ ସଂଘ, ରାଉରକେଲା**

# ॥ ସୂଚୀପତ୍ର ॥

## ପ୍ରଥମ ଭାଗ


| | | | |
|---|---|---|---|
| ୧- | ସମ୍ପାଦକୀୟ | ଡଃ ଶ୍ରୀଚରଣ ମହାନ୍ତି | କ |
| ୨- | ସମକାଳୀନ ଦୃଷ୍ଟିରେ ଗୌରୀଶଙ୍କର | * ଫକୀରମୋହନ ସେନାପତି | ଙ |
| | | * ମଧୁସୂଦନ ଦାସ | ଚ |
| | | * ରାଧାନାଥ ରାୟ | ଝ |
| | | * ମଧୁସୂଦନ ରାଓ | ଞ |
| ୩- | ଗୌରୀଶଂକର ରାୟଂକର ଜୀବନର କେତୋଟି ଅବିସ୍ମରଣୀୟ ଅଧ୍ୟାୟ | ମୁରଲୀ ମୋହନ ଜେନା | ଟ |
| ୪- | ଆତ୍ମସଂବାଦ | ଡଃ ନଟବର ସାମନ୍ତରାୟ | ଣ |
| ୫- | ଗୌରୀଶଂକର | ଲୋକରତ୍ନ ଡଃ କୁଞ୍ଜବିହାରୀ ଦାଶ | ର |


## ଦ୍ୱିତୀୟ ଭାଗ


| | | | |
|---|---|---|---|
| ୬- | ଊନବିଂଶ ଶତକର ଓଡ଼ିଶା : ଐତିହାସିକ ପ୍ରେକ୍ଷାପଟ | ଡଃ କୈଳାସ ଚନ୍ଦ୍ର ଦାଶ | ୧ |
| ୭- | ଗଳ୍ପ ନୁହେଁ ସମାଲୋଚନା | ଡଃ ନଟବର ସାମନ୍ତରାୟ | ୧୭ |
| ୮- | ଗୌରୀଶଂକର ଓ ଉତ୍କଳଦୀପିକା | ଡଃ ବୈଷ୍ଣବ ଚରଣ ସାମଲ | ୨୪ |
| ୯- | ଗୌରୀଶଂକର ଓ ଓଡ଼ିଆ-ସାହିତ୍ୟ-ଚର୍ଚ୍ଚା | ଦେବବ୍ରତ | ୪୩ |
| ୧୦- | ଊନବିଂଶ ଶତକର ପୁସ୍ତକ ପ୍ରକାଶନ ଓ ଗୌରୀଶଂକର | ଡଃ ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ) | ୬୮ |
| ୧୧- | ଗୌରୀଶଂକର : ଓଡ଼ିଆ ଜାତୀୟତାବାଦର ଭଗୀରଥ | ଡଃ ଶରତ ଚନ୍ଦ୍ର ନାୟକ | ୭୫ |
| ୧୨- | ଗୌରୀଶଂକର ଓ ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନ | ଡଃ ଗଗନେନ୍ଦ୍ର ନାଥ ଦାଶ | ୧୦୯ |
| ୧୩- | ଊନବିଂଶ ଶତାବ୍ଦୀର ଓଡ଼ିଆ ଗଦ୍ୟଶୈଳୀ ଓ ଗୌରୀଶଙ୍କର | ଡଃ ଗୌରାଙ୍ଗ ଚରଣ ଦାଶ | ୧୨୪ |
| ୧୪- | ଓଡ଼ିଶାର ନବଜାଗରଣ ଓ ବୁଦ୍ଧିଜୀବୀ ଗୌରୀଶଂକର | ଦେବେନ୍ଦ୍ର କୁମାର ଦାଶ | ୧୪୮ |

# ସମ୍ପାଦକୀୟ

ଓଡ଼ିଆ ଜାତିର ଏକ ଘଡ଼ିସନ୍ଧି କାଳରେ ଶତାବ୍ଦୀର ନାୟକ ଗୌରୀଶଙ୍କରଙ୍କର ହୁଏ ଅବିର୍ଭାବ । କୀର୍ତ୍ତି କିରୀଟିନୀ ଜ୍ଞାନ ଗୌରବରେ ବିମଣ୍ଡିତା ଉତ୍କଳ ଜନନୀ ଯେତେବେଳେ ଦୁଃଖିନୀ ବେଶରେ ନମ୍ରମୁଖୀ, ସେତେବେଳେ ତାହାର ମୁଖରେ ସ୍ୱପା ବଦନମଣ୍ଡଳରେ ହାସ୍ୟରେଖା ଫୁଟାଇବାକୁ ଯେଉଁ ଯୁଗପୁରୁଷମାନେ ଜନ୍ମ ହୋଇଥିଲେ ସେମାନଙ୍କ ମଧ୍ୟରେ କର୍ମବୀର ଗୌରୀଶଙ୍କର ହିଁ ପୁରୋଭାଗରେ ବିଦ୍ୟମାନ । ଗୌରୀ-ଶଙ୍କର ରାୟ, କଟକ ଜିଲ୍ଲା ଅସୁରେଶ୍ୱର ଗ୍ରାମର ଓଡ଼ିଶାରେ ଅବସ୍ଥାପିତ ଏକ ବଙ୍ଗୀୟ କାୟସ୍ଥ ପରିବାରରେ ୧୮୩୮ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ଗୌରୀଶଙ୍କରଙ୍କର କାଳ ଥିଲା ଏକ ଦ୍ରୁତ ପରିବର୍ତ୍ତନର କାଳ । ସେ ଥିଲେ ଓଡ଼ିଶାର ପ୍ରଥମ ମାଟ୍ରିକ୍ୟୁ-ଲେଟ୍ । ଉଚ୍ଚଶିକ୍ଷା ଲାଭପାଇଁ ସେ କଲିକତା ଯାଇଥିଲେ କିନ୍ତୁ ଶିକ୍ଷା ଲାଭ ନକରି ଫେରି ଆସିଥିଲେ । ପ୍ରଥମେ ଏକ କିରାଣୀର ଚାକିରି ପରେ ଓଡ଼ିଆ ଅନୁବାଦକ ଭାବରେ ତାଙ୍କର ଚାକିରି ଜୀବନ ସେ ଅତିବାହିତ କରିଥିଲେ । ତାଙ୍କ ପରେ ମାଟ୍ରିକ୍ୟୁଲେସନ ପାଶ୍ କରିଥିବା ବନମାଳୀ ସିଂହ, ନନ୍ଦ କିଶୋର ଦାସ, ବିଚ୍ଛନ୍ଦ ପଟ୍ଟନାୟକ ତଥା ରାଧାନାଥ ରାୟ ସରକାରୀ ଚାକିରିରେ ଯେଉଁ ସିଡ଼ି ସବୁ ଅତିକ୍ରମ କରିଥିଲେ, ଗୌରୀଶଙ୍କର ସମଗ୍ର ଜୀବନ ଭିତରେ ଏହି ପଦବୀ, କ୍ଷମତା ତଥା ସିଡ଼ିର ଉପର ପାହାଚକୁ ଉଠି ନଥିଲେ । ଚେଷ୍ଟା ବି କରି ନଥିଲେ । ଗୌରୀଶଙ୍କରଙ୍କର ଜୀବନ ଥିଲା ଏକ ସାଧକର ଜୀବନ । ବ୍ୟକ୍ତିଗତ ପଦ ମର୍ଯ୍ୟାଦା ନୁହେଁ, ଜାତିର କର୍ତ୍ତବ୍ୟ ପାଳନକୁ ସେ ଜୀବନର ବ୍ରତ ଭାବରେ ଗ୍ରହଣ କରି ନେଇଥିଲେ, ଫଳରେ ସରକାରୀ ଚାକିରିଆ ହୋଇ ମଧ୍ୟ ବିଚିତ୍ରାନନ୍ଦ ଦାସଙ୍କ ସହ କାନ୍ଧ ମିଳାଇ, ତାଙ୍କ ମୃତ୍ୟୁ ପରେ ନିଃସଙ୍ଗ ଭାବରେ ଓ ଉତ୍କଳ ଗୌରବ ମଧୁସୂଦନ ଓଡ଼ିଶାକୁ ଆସିଲା ପରେ ତାଙ୍କ ସହିତ ମିଶି ସେ କେନ୍ଦ୍ର ଓ ଉପକୂଳବର୍ତ୍ତୀ ଓଡ଼ିଶାରେ ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ଅଭ୍ୟୁତ୍ଥାନର ଅଗ୍ରଣୀ ଭୂମିକା ନେଇଥିଲେ ।

ଊନବିଂଶ ଶତାବ୍ଦୀ ଥିଲା ଭାରତୀୟ ଇତିହାସର ଏକ ସଂକ୍ରାନ୍ତିକାଳ । ଏହି ସଂକ୍ରାନ୍ତି କାଳରେ ଅତୀତ ସହ ବର୍ତ୍ତମାନର, ପ୍ରାଚୀନ ସାମନ୍ତବାଦ ସହ ନବ୍ୟ ସାମନ୍ତବାଦର, ପ୍ରାଚୀନ ପାଣ୍ଡିତ୍ୟ ସହ ଆଧୁନିକ ଶିକ୍ଷାର, ପ୍ରାଚୀନ କବିତ୍ୱ ସହ ଆଜିର କଳ୍ପନାର ସଂଘର୍ଷ ଅନିବାର୍ଯ୍ୟ ହୋଇପଡ଼ିଥିଲା । ଏହି ସଂଘର୍ଷ ଭିତରେ ସନ୍ତୁଳନ ରକ୍ଷାକରି ଗୋଟିଏ ଜାତିକୁ ତା'ର କର୍ମପଥରେ ଆଗେଇ ନେବା ତଥା ଭବିଷ୍ୟତ

ପାଇଁ ମାର୍ଗ ନିର୍ଦ୍ଦିଷ୍ଟ କରିବା ମହତ୍ତମ କାର୍ଯ୍ୟ ଥିଲା । ଗୌରୀଶଙ୍କରଙ୍କର ସମସାମୟିକମାନେ ସୁଯୋଗ ପାଇଲା ମାତ୍ରେ ସରକାରୀ ଚାକିରୀରେ ଅନୁପ୍ରବେଶ କରିଛନ୍ତି । ଉପରିସ୍ଥ କର୍ତ୍ତାଙ୍କ ସହ ଉତ୍ତମ ସମ୍ପର୍କ ରଖି ଆପଣାର ପଦ ମର୍ଯ୍ୟାଦାର ପାହାଚ ଡେଇଁଛନ୍ତି । ସୁଯୋଗ ଆସିଲେ ଆପଣାର ଉଦବୃତ୍ତ ଶ୍ରମ ସମୟ ତଥା ବୁଦ୍ଧିକୁ ଜନସାଧାରଣଙ୍କ କାର୍ଯ୍ୟରେ ବିନିଯୋଗ କରିଛନ୍ତି । ଗୌରୀଶଙ୍କରଙ୍କର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଲା ମୃତ୍ୟୁ ପର୍ଯ୍ୟନ୍ତ ସେ ସ୍ୱୟଂ ଥିଲେ ଏକ ଅନୁଷ୍ଠାନ । ବ୍ୟକ୍ତିଗତ ଜୀବନ ସେଠାରେ ନିର୍ବାସିତ ହୋଇଥିଲା । ସେ ହୋଇ ଉଠିଥିଲେ ସ୍ୱୟଂ ଏକ ଅନୁଷ୍ଠାନ । 'ଉତ୍କଳ ଦୀପିକା'ର ସେ ସମ୍ପାଦକ ଥିଲେ । ଏ କାର୍ଯ୍ୟ ତାଙ୍କ ବନ୍ଧୁମାନଙ୍କ ଦ୍ୱାରା ତାଙ୍କୁ ଅର୍ପଣ କରାଯାଇଥିଲା । ସ୍ୱର୍ଗତ ବିଚିତ୍ରାନନ୍ଦ ଦାସ, ଗୌରୀଶଙ୍କରଙ୍କର ସାମର୍ଥ୍ୟ ଦେଖି ତାଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରିଥିଲେ । କିନ୍ତୁ ତାଙ୍କର ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସେ ଖାଲି ସମ୍ପୂର୍ଣ୍ଣ କରିଯିବେ ନାହିଁ । ତାକୁ ଏକ ନୂଆ ରୂପରେ, ନୂଆ ଢଙ୍ଗରେ ପୂର୍ଣ୍ଣତର କରିଯିବେ, ଏହା ବିଚିତ୍ରାନନ୍ଦ ଦାସ କଳ୍ପନା କରି ନଥିଲେ । ଆଧୁନିକ ଓଡ଼ିଶାର ଆଦିନେତା ଯଦି ଥିଲେ ବିଚିତ୍ରାନନ୍ଦ ଦାସ, ତାହାହେଲେ ଊନବିଂଶ ଶତାବ୍ଦୀ ଓଡ଼ିଶାର ନାୟକ ଥିଲେ ଗୌରୀଶଙ୍କର ।

ଗୌରୀଶଙ୍କର ଜାତିରେ ଥିଲେ ବଙ୍ଗାଳୀ କିନ୍ତୁ ଜୀବନସାରା ଓଡ଼ିଶାର ପ୍ରାଚୀନ ସାହିତ୍ୟ, ଓଡ଼ିଶୀ ସଙ୍ଗୀତ, ଓଡ଼ିଆ ଭାଷା ତଥା ସର୍ବୋପରି ଓଡ଼ିଆ ଜାତୀୟତା ପାଇଁ ସଂଗ୍ରାମ କରିଆସିଛନ୍ତି । ଗୋଟାଏ ଦୃଷ୍ଟିରୁ ଦେଖିଲେ ଏହା ଏକ ପ୍ରକାର ଆତ୍ମ ବିରୋଧ । ବର୍ତ୍ତମାନର ସଙ୍କୀର୍ଣ୍ଣ ପ୍ରାଦେଶିକତା ଓ ଭାଷା ଭିତ୍ତିକ ଜାତୀୟତା ଏହିଭଳି ଏକ ଧାରଣାକୁ ଜନ୍ମ ଦେଇଥାଏ । ଷୋଡ଼ଶ ଶତାବ୍ଦୀର ଉତ୍ତର ଓ କେନ୍ଦ୍ର ଓଡ଼ିଶା ବଙ୍ଗ ସୁବା ସହ ସଂଯୁକ୍ତ ହେବା ଫଳରେ ତଥା ଚୈତନ୍ୟ ପରବର୍ତ୍ତୀକାଳରେ ବୈଷ୍ଣବ ଧର୍ମକୁ ମାଧ୍ୟମ କରି ବଙ୍ଗୋତ୍କଳ ସଂସ୍କୃତିର ଯେଉଁ ଯୁଗ୍ମବେଣୀ ରଚିତ ହୋଇଥିଲା, ଗୌରୀଶଙ୍କର ସେହି ପରମ୍ପରାର ଥିଲେ ଦାୟାଦ । ଭାଷାରେ ବଙ୍ଗାଳୀ ହେଲେ ବି ସଂସ୍କୃତି ଦୃଷ୍ଟିରୁ ସେ ଥିଲେ ଉତ୍କଳୀୟ । ଯେଉଁ ରାଜ୍ୟର ପାଣି, ପବନ, ଚଳଣି ଓ ଭାଷା ତାଙ୍କ ଦେହ ମନକୁ ପୁଷ୍ଟ କରିଥିଲା, ସେ ସେହି ରାଜ୍ୟର ସ୍ୱାର୍ଥରକ୍ଷା ପାଇଁ ଜୀବନକୁ ଉତ୍ସର୍ଗ କରିଥିଲେ । ଜାତିର ଅନ୍ତରର ବେଦନାକୁ ସେ ମର୍ମେ ମର୍ମେ ଅନୁଭବ କରିଥିଲେ ।

ଗୌରୀଶଙ୍କରଙ୍କର ପିତା ସଦାଶିବ ପ୍ରସାଦ ଯେପରି ତେଜସ୍ୱୀ ପୁରୁଷ ଥିଲେ ସେହିପରି ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିତ୍ୱ ଥିଲେ । ପିତାଂକର ଏହି ଗୁଣର ପ୍ରଭାବ ଗୌରୀଶଂକରଙ୍କୁ ତେଜଗୁଣ ସମ୍ପନ୍ନ ତଥା ସ୍ୱାଭିମାନୀ କରି ଜୀବନର ଗତିକୁ ନିୟନ୍ତ୍ରିତ କରିଥିଲା । ହୁଗୁଲୀ କଲେଜରେ ପ୍ରଥମବର୍ଷ ଶିକ୍ଷା ସମାପ୍ତ କରିଥିଲେ ହେଁ, ସେ ଦ୍ୱିତୀୟ ବର୍ଷ ବୃତ୍ତି ପରୀକ୍ଷା ନ ଦେଇ ଫେରି ଆସି ପ୍ରଥମେ ବାଲେଶ୍ୱର ଜିଲ୍ଲାସ୍କୁଲରେ କେତେମାସ ଶିକ୍ଷକତା କରିଥିଲେ । ମାତ୍ର ପରେ କଟକକୁ ଆସି ବିଶାଳ କର୍ମକ୍ଷେତ୍ର

ପ୍ରସାରିତ ଥିବାର ଦେଖିଲେ । ଦେଶ ଭିତରେ ଜମାଟ ବାନ୍ଧିଥିବା ଅଜ୍ଞତା, ଅନ୍ଧକାର ଅଶିକ୍ଷା ଓ ଅସଂସ୍କାର ଅବସ୍ଥାକୁ ଆଧୁନିକ ଶିକ୍ଷାପ୍ରାପ୍ତ ଗୌରୀଶଙ୍କର ସ୍ପଷ୍ଟ ଭାବରେ ଦେଖି ପାରିଥିଲେ । ଜନ ସାଧାରଣଙ୍କର ବୋଧଗମ୍ୟହୀନତା ସେ ମର୍ମେ ମର୍ମେ ଅନୁଭବ କରି ତାଙ୍କର ସମଧର୍ମୀ ଯୁବବନ୍ଧୁଙ୍କ ସହିତ ସ୍ୱଦେଶର ଦୁର୍ଗତିକୁ ଦୂର କରିବା ପାଇଁ ବୀରପୁରୁଷ ଭାବରେ ଯୁଦ୍ଧକ୍ଷେତ୍ରକୁ ଅବତୀର୍ଣ୍ଣ ହେଲେ । ରାଜସେବାକୁ ନିଜର ସାଧାରଣ ଭରଣପୋଷଣର ମାଧ୍ୟମ ଭାବରେ ନେଇଥିଲେ ହେଁ ନିଜକୁ ବିଦେଶୀ ସରକାରଙ୍କ ନିକଟରେ ବିକ୍ରି କରି ଦେଇ ନଥିଲେ । ଅନ୍ତର ଅନୁମୋଦନ ନ କରୁଥିବା କାର୍ଯ୍ୟକୁ ସେ କେବେହେଁ ନିର୍ବାହ କରୁ ନଥିଲେ, ସେଥିପାଇଁ ରାଜ କାର୍ଯ୍ୟରେ ଥାଇ ବି ରାଜଶକ୍ତି ନିକଟରେ ନିଜକୁ ବିକି ଦେଇ ନଥିଲେ । ସରକାରୀ କର୍ମଚାରୀ ଥାଇ ମଧ୍ୟ 'ଦୀପିକା' ପୃଷ୍ଠାରେ ସେ ସରକାରଙ୍କ ଅନ୍ୟାୟ ବା ଦୋଷତ୍ରୁଟିକୁ ଯେପରି ସମାଲୋଚନା କରୁଥିଲେ ତାହା ଆଜିର କଳ୍ପନା କରିବା ଅସମ୍ଭବ ।

ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନରେ ଗୌରୀଶଙ୍କରଙ୍କର ମହନୀୟ ଅବଦାନ ଆଜି ଆଉ ଚର୍ଚ୍ଚାର ବିଷୟ ନୁହେଁ, ତାହା ପ୍ରତିପାଦିତ । ସେତେବେଳେ ଗୌରୀଶଙ୍କର ଦେଖିଲେ ସଙ୍କଟରୁ ଭାଷାକୁ ରକ୍ଷା କରିବାକୁ ହେଲେ, ଭାଷଣ ବା ଉପଦେଶର ଆବଶ୍ୟକତା ନାହିଁ, ଦୃଷ୍ଟାନ୍ତ ହିଁ ପ୍ରଥମ ପଦକ୍ଷେପ ହେବା ଉଚିତ । ଏଣୁ ଲୋକମାନଙ୍କ ମଧ୍ୟରେ ଆତ୍ମ ପ୍ରତ୍ୟୟ ତଥା ପ୍ରତିବାଦୀଙ୍କୁ ଉପଯୁକ୍ତ ଉତ୍ତର ଦେବା ପାଇଁ ଓଡ଼ିଆ ଭାଷାରେ ଥିବା ବିପୁଳ ପ୍ରାଚୀନ ସାହିତ୍ୟର ପୁନରୁଦ୍ଧାର କାର୍ଯ୍ୟ ପ୍ରଥମ ପଦକ୍ଷେପ ହେବା ଉଚିତ । ତାଙ୍କ ଭାଷାରେ—"ଉତ୍କଳର ପୂର୍ବ ଗୌରବ ଯେମନ୍ତ ଏକ ଦିଗରେ ଭୁବନେଶ୍ୱର, ପୁରୀ ମନ୍ଦିରାଦି, ତେମନ୍ତ ଅନ୍ୟ ଦିଗରେ ପୂର୍ବ ରଚିତ ଉତ୍କୃଷ୍ଟ ସାହିତ୍ୟ ଗ୍ରନ୍ଥମାନ ଜ୍ୱଳନ୍ତ ଭାଷାରେ ଜଣାଇ ଦେଉଅଛି ।" ପୁନଶ୍ଚ ଗୌରୀଶଙ୍କର ଦେଖିଲେ ଉତ୍କଳର ପ୍ରସ୍ତର କାବ୍ୟମାଳା ମନ୍ଦିର ସମୂହ ଯେପରି ତାର ସୂକ୍ଷ୍ମ କାରୁକାର୍ଯ୍ୟ ଯୋଗୁଁ ପ୍ରସିଦ୍ଧି ଲାଭ କରିଅଛି, ଉତ୍କଳର ପ୍ରାଚୀନ ସାହିତ୍ୟ ସେପରି ତାର ରାଗ-ତାଳ-ଯୁକ୍ତ -ସାଂଗିତିକତାରେ ମହତ୍ତ୍ୱ ପ୍ରତିପାଦନ କରୁଅଛି । ଲୋକମାନଙ୍କ ମଧ୍ୟରେ ସେହି ପ୍ରତ୍ୟୟ ଫେରାଇ ଆଣିବା ପାଇଁ, ସେ ପ୍ରାଚୀନ ସାହିତ୍ୟ, ସଙ୍ଗୀତ ତଥା ନୃତ୍ୟର ପୁନରୁଦ୍ଧାର କରିଥିଲେ । ପୁସ୍ତକ ମୁଦ୍ରଣ କାର୍ଯ୍ୟପାଇଁ ସେ ଏକ ପ୍ରେସର ଆବଶ୍ୟକତା ଓ ଲୋକମାନଙ୍କ ନିକଟରେ ସେମାନଙ୍କର ମିଳିତ ବାର୍ତ୍ତା ପହଞ୍ଚାଇବା ପାଇଁ ଗୋଟିଏ ଓଡ଼ିଆ ପତ୍ରିକାର ପ୍ରକାଶନର ଗୁରୁତ୍ୱ ସେ ଅନୁଭବ କଲେ । ଏହି କାର୍ଯ୍ୟ ପାଇଁ

କଟକ ପ୍ରିଣ୍ଟିଂ କମ୍ପାନୀ ଗଠନ କରାଗଲା କାରଣ ବହୁ ପୂର୍ବରୁ ମିଶନ ପ୍ରେସ୍ ସ୍ଥାପିତ ହୋଇଥିଲେ ବି ସେଠାରେ ହିନ୍ଦୁ ଧର୍ମ ସମ୍ପୃକ୍ତ ଗ୍ରନ୍ଥ କିମ୍ବା ପ୍ରାଚୀନ ଓଡ଼ିଆ ସାହିତ୍ୟ ଛପା ହେବାର ସମ୍ଭାବନା ନଥିଲା । ଏଣୁ ଓଡ଼ିଶାର ଭଗୀରଥ ଗୌରୀଶଙ୍କର ନାନା କଷ୍ଟ ସ୍ୱୀକାର ପୂର୍ବକ ପ୍ରିଣ୍ଟିଂ କମ୍ପାନୀ ବସାଇ ପ୍ରାଚୀନ ସାହିତ୍ୟକୁ ସୁରକ୍ଷା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଗୋଟିଏ ଜାତିର ଭଣ୍ଡାର ରକ୍ଷାକର୍ତ୍ତା ହେଲେ ।

ଗୌରୀଶଙ୍କରଙ୍କର ଅନ୍ୟତମ ମହନୀୟ କୀର୍ତ୍ତି ଉତ୍କଳର ପୂର୍ଣ୍ଣାଙ୍ଗ ବିକାଶ ପାଇଁ ଜାତୀୟ ବୀରଗଣଙ୍କୁ ନିର୍ମାଣ କରିବା । ବର୍ତ୍ତିଶିଖା ପରି ନିଜକୁ ତିଳତିଳ ଜାଳି ସେ ରକ୍ଷା କରିଥିଲେ ଓଡ଼ିଆ ଜାତିର ମହତ୍ତ୍ୱକୁ ଆଉ ନିଜ ଜୀବନର ସମସ୍ତ ଶ୍ରଦ୍ଧା ଓ ମମତାକୁ ଉପଯୋଗ କରି ଗଢ଼ିଥିଲେ ଉତ୍କଳର ବୀର ପୁରୁଷ ଗଣଙ୍କୁ । ଉତ୍କଳ ଗୌରବ ମଧୁସୂଦନଙ୍କ ପ୍ରାଣରେ ଲୁକ୍କାୟିତ ଥିବା ଜାତି-ପ୍ରେମ-ବହ୍ନିକୁ ପ୍ରଜ୍ୱଳିତ କରାଇବାରେ ତାଙ୍କର କି ପ୍ରକାର ମହନୀୟ ଅବଦାନ ଥିଲା ତାହା ଏହି ସଙ୍କଳନରେ ପ୍ରକାଶିତ ମଧୁସୂଦନଙ୍କ ନିଜ ଉକ୍ତିରୁ ପ୍ରମାଣିତ ହୁଏ ।

ଜାତିପାଇଁ ସର୍ବସ୍ୱ ଅର୍ପଣ କରିଥିବା, ଏ ଜାତିର ଇନ୍ଦ୍ରଦ୍ୟୁମ୍ନ ଶତାବ୍ଦୀର ନାୟକ ଗୌରୀଶଙ୍କରଙ୍କୁ ଓଡ଼ିଆ ଜାତି ବିନମ୍ର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଅଛି ।

ଡଃ ଶ୍ରୀ ଚରଣ ମହାନ୍ତି

## ସମକାଳର ଦୃଷ୍ଟିରେ............

# -- ଗୌରୀଶଙ୍କର --

● ଫକୀରମୋହନ ସେନାପତି

“ବାବୁ ଗୌରୀଶଙ୍କର ରାୟଙ୍କ ଉଦ୍ଦେଶ୍ୟରେ ଶତ ସହସ୍ର ପଣିପାତ କରୁଥାଉଁ । ସେ ଉତ୍କଳ ଦୀପିକାରେ ଉତ୍କଳ ଭାଷା ସପକ୍ଷରେ ପ୍ରତି ସପ୍ତାହ ଯୁକ୍ତିପୂର୍ଣ୍ଣ ପ୍ରବନ୍ଧ ବାହାର କରୁଥାନ୍ତି । ଆମ୍ଭେମାନେ ବାଲେଶ୍ୱରବାସୀ ସମସ୍ତ ଉତ୍କଳରୁ କେବଳ ତାହାଙ୍କର ଅମୃତମୟ ବାଣୀ ଶୁଣୁଥାଉଁ । ଆମ୍ଭମାନଙ୍କ ବାଲେଶ୍ୱରରେ ନବପ୍ରକାଶିତ “ବାଲେଶ୍ୱର ସମ୍ବାଦ ବାହିକା”ରେ କିଛି କିଛି ଲେଖୁଥାଉଁ ।”

ଆତ୍ମଜୀବନୀ ଚରିତ—‘ଓଡ଼ିଆ ଭାଷାର ସଙ୍କଟ’ ଅଧ୍ୟାୟ ]

“ହେ ଗୌରୀଶଙ୍କର ଧନ୍ୟ ତୁମ୍ଭର ସାହସ,
ଦୀପିକା ଲେଖୁଛ ବସି ଛତିଶ ବରଷ ।
ନ ମାନ ବିପଦ ବାଧା ନ ଚାହିଁ ଦେହକୁ,
ମନ ପ୍ରାଣ ସମରପି ପାଳିଛ ବ୍ରତକୁ ।
ଦେଖି ଦେଖି ତେର ଦିନ ଜାଣିଛୁ ବିଶେଷ,
ଅଟ ତୁମ୍ଭେ ଜଣେ Man of Business ।

‘ଉତ୍କଳ ଭ୍ରମଣ’ ]

# -- ଗୌରୀଶଙ୍କର --

● ମଧୁସୂଦନ ଦାସ

············ଆପଣମାନେ ସମସ୍ତେ ଗୌରୀଶଙ୍କରଙ୍କ ନାମ ଶୁଣି ଅଛନ୍ତି । ଯେଉଁଠାରେ ଲୋକେ ଓଡ଼ିଆ ଭାଷା କହନ୍ତି କିମ୍ବା ଓଡ଼ିଆ ପୁସ୍ତକ ପାଠ କରନ୍ତି, ସେଠାରେ ଗୌରୀଶଙ୍କରଙ୍କ ନାମ ଜଣା ଅଛି । ରାୟବାହାଦୂର ଉପାଧି ସେ ପାଇଥିଲେ । ମୁଁ କିନ୍ତୁ ରାୟବାହାଦୂର ଗୌରୀଶଙ୍କର, ବାବୁ ଗୌରୀଶଙ୍କର ଇତ୍ୟାଦି କଥା କହିବାକୁ ଇଚ୍ଛା କରେ ନାହିଁ । ମନୁଷ୍ୟର ଆତ୍ମା ଯେତେବେଳେ ତାହାର ମୃଣ୍ମୟ ପିଣ୍ଡରେ ପ୍ରବେଶ କରେ, ସେତେବେଳେ କିଏ କରେ ? ସେହି ସର୍ବଶକ୍ତିମାନ ଈଶ୍ୱରଙ୍କ ଅନନ୍ତ ଆତ୍ମାର ଅଂଶ ପ୍ରବେଶ କରେ । ସେହି ମୃଣ୍ମୟ ପିଣ୍ଡର ନାମ ରାୟବାହା-ଦୂର, ବାବୁ, ମିଷ୍ଟର ଇତ୍ୟାଦି ହୁଏ । କିନ୍ତୁ ଆତ୍ମା ଯେତେବେଳେ ପ୍ରବେଶ କରେ କିମ୍ବା ମୃଣ୍ମୟପିଣ୍ଡ ଛାଡ଼ି ପଳାଏ, ସେତେବେଳେ ରାୟବାହାଦୂର, ବାବୁ ଇତ୍ୟାଦି ଉପାଧି ସବୁ ତୁଚ୍ଛ କରି ପିଣ୍ଡ ସହିତ ପକାଇ ଦେଇ ପଳାଏ । ଗୌରୀଶଙ୍କରଙ୍କ ଆତ୍ମା ସ୍ୱର୍ଗରେ ଅଛି । ବର୍ତ୍ତମାନ ତାଙ୍କ ଆତ୍ମାକୁ ମୁଁ ଆହ୍ୱାନ କରୁଅଛି । ତାଙ୍କୁ ରାୟ ବାହାଦୂର ଇତ୍ୟାଦି ସମ୍ବୋଧନରେ ଆହ୍ୱାନ କଲେ ସେହି ଆତ୍ମା ସେ ସବୁ ତୁଚ୍ଛ ଜ୍ଞାନ କରିବ ମାତ୍ର ।

ମନୁଷ୍ୟ ଉଭୟ ଚକ୍ଷୁ ଦ୍ୱାରା ଆଗକୁ ଅନାଏ । ପଶ୍ଚାଦ୍‌ଭାଗରେ ତାର ଚକ୍ଷୁ ନାହିଁ । ଏହି ହେତୁ ପଶ୍ଚାତରେ ଯାହା ହୋଇଗଲା ସେ ତାହା ଦେଖି ନାହିଁ । ଗୋଟିଏ ଜାତି ପକ୍ଷରେ ମଧ୍ୟ ତଦ୍ରୂପ । ଯେତେବେଳେ ଗୋଟିଏ ଜାତି ଅଗ୍ରସର ତାହାର ସାଧାରଣତଃ ଆଗକୁ ବା ଭବିଷ୍ୟତ ପ୍ରତି ଦୃଷ୍ଟି ପଡ଼େ । ପଶ୍ଚାଦ୍ ଭାଗରେ ଜୀବନରେ ବା ଅତୀତ ଇତିହାସରେ ତାହାର ଅବସ୍ଥା କିପରି ଥିଲା, ସେ ଦେଖିବାକୁ ଇଚ୍ଛା କରେ ନାହିଁ ! ଶିଶୁ ସମ୍ମୁଖରେ ଅନେକ ଆଶା ଦେଖେ । ପଶ୍ଚାତରେ ଅର୍ଥାତ ପୂର୍ବରେ, ତାହାର ପିତା ମାତା କିପରି ଅବସ୍ଥାରେ ଥିଲେ, କେତେ ଦୁଃଖ କଷ୍ଟରେ ତାହାର ଲାଳନ ପାଳନ କରିଥିଲେ, ଏବେ ସେ ସବୁ ସେ ଭାବେ ନାହିଁ । କିନ୍ତୁ ଯେତେବେଳଯାଏ ଆମ୍ଭେମାନେ ଆମ୍ଭ ପିତାମାତା ପୂର୍ବରେ କିପରି ଭାବରେ ଜୀବନ ଯାପନ କରିଥିଲେ ଏ ସମ୍ବନ୍ଧେ ନ ଭାବୁଁ, ସେମାନଙ୍କର କାର୍ଯ୍ୟଦ୍ୱାରା ସମାଜର, ଜାତିର କି ଉପକାର ହୋଇପାରେ ଜାଣିପାରୁ ନାହୁଁ । ଗୌରୀଶଙ୍କର ଉତ୍କଳରେ ପ୍ରଥମେ ସମ୍ବାଦ ପତ୍ର ପ୍ରକାଶ କଲେ । 'ଉତ୍କଳ ଦୀପିକା' ଉତ୍କଳର ଦୀପଟିଏ । ଏକ ସମୟରେ ମନୁଷ୍ୟ ଜାତି ଅସଭ୍ୟାବସ୍ଥାରେ ଥିଲା । ସୃଷ୍ଟିର ପ୍ରଥମ ଦିନରେ ଯେତେ-ବେଳେ ସୂର୍ଯ୍ୟ ଅସ୍ତ ହେଲେ, ଅନ୍ଧକାର ପୃଥିବୀରେ ଘୋଟିଗଲା ମନୁଷ୍ୟ ସେତେବେଳେ ଆତ୍ମରକ୍ଷା ପାଇଁ ବ୍ୟାକୁଳ ହେଲା, ସେତେବେଳେ ମନୁଷ୍ୟ କୈାଣ କାର୍ଯ୍ୟରେ ଜାତିକୁ

ସହାୟ ହେବାକୁ ଦୀପର ସୃଷ୍ଟି କଲା । ସେତେବେଳେ ସୋରିଷରୁ ତେଲ ବାହାର କରି କପାରେ ଦୁଇ ଖଣ୍ଡ ସଳିତା, କାଷ୍ଠ ଘର୍ଷଣରେ ଅଗ୍ନି ଉତ୍ପାଦନ କରିବାକୁ ତାକୁ କେତେ କଷ୍ଟ ସହ୍ୟ କରିବାକୁ ପଡ଼ିଥିଲା । ବର୍ତ୍ତମାନ ଦୀପ ଜାଳିବା ଅତି ସହଜ । କିନ୍ତୁ ପ୍ରଥମରେ ଯାହାର ମସ୍ତିଷ୍କ ଦୀପ ଆବିଷ୍କାରରେ ନିୟୋଜିତ ହେଲା, ତାହାର କେତେ ଚେଷ୍ଟାର ଫଳ ଏହା । ତେଣୁ ମାନବ ଜାତି ତାହା ଠାରେ କୃତଜ୍ଞ ରହିବାକୁ ବାଧ୍ୟ ।

ଯେତେବେଳେ ମନୁଷ୍ୟ ଶିଶୁ ଅବସ୍ଥାରେ ଥିଲା, ଆତ୍ମରକ୍ଷା କରିବାର ଶକ୍ତି ତା'ର ନଥିଲା, ମାତା ତାହାକୁ ରକ୍ଷା କରିଥିଲେ । ଆମ୍ଭମାନଙ୍କର ଆତ୍ମରକ୍ଷା କରିବାର ଶକ୍ତି ନଥିବା ସମୟରେ, ମାତା ଆମ୍ଭମାନଙ୍କୁ ରକ୍ଷା କରିଥିଲେ । ଏହା ସମସ୍ତେ ଯଦି ଭାବିଥା'ନ୍ତେ ଆଜି ଆଉ ଏଠାରେ ମାତୃପୂଜା ନିମନ୍ତେ ପ୍ରଚାର କରିବାକୁ ହୁଅନ୍ତା ନାହିଁ । ଗୌରୀଶଙ୍କର ପ୍ରଥମେ ଉତ୍କଳରେ କ'ଣ କରିଥିଲେ କେହି ଭାବନ୍ତି ନାହିଁ ।

ମୁଁ ଓଡ଼ିଆମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ପାପୀ । ଉତ୍କଳମାତାଙ୍କର ନିକୃଷ୍ଟ ସନ୍ତାନ । ତାହାର କାରଣ ବୋଧହୁଏ ଯେ ମୁଁ ଓଡ଼ିଶାରେ ପ୍ରଥମେ ଏମ୍.ଏ. । ମୁଁ ପ୍ରଥମେ ଇଂରାଜୀ ଶିଖି ଯେତେ ନିକୃଷ୍ଟବୁଦ୍ଧି ହେଉଛି, ସେଥିରେ ମୁଁ ଉତ୍ତମ ରୂପେ ତାହା ବୁଝିପାରୁଛି । ପ୍ରଥମେ ବାଲ୍ୟାବସ୍ଥାରେ ମନୁଷ୍ୟ ଯେପରି ଅବସ୍ଥା ଭୋଗ କରେ, ତାହା ମୁଁ ବର୍ତ୍ତମାନ ଅନୁଭବ କରୁଛି । ଆଉ କିଏ କରୁଥିବ କି ନାହିଁ ସନ୍ଦେହ । ବର୍ତ୍ତମାନର ସ୍ୱାଧୀନତା ପ୍ରଚାର ସତ୍ତ୍ୱେ ଏ ବିଂଶ ଶତାବ୍ଦୀର ସଭ୍ୟତା ଯୁଗରେ କୌଣସି ସାଧାରଣ କାର୍ଯ୍ୟ କଲେ ସରକାର, ପୋଲିସ୍ ଯେପରି ବାଘ ପରି ଚିଲି ଦେବାକୁ ବସୁଅଛନ୍ତି, ୫୦ ବର୍ଷ ତଳେ ସେମାନେ କପରି ହୋଇ ନଥିବେ, ଭାବନ୍ତୁ । ସେତେବେଳେ ଗୌରୀଶଙ୍କର କାର୍ଯ୍ୟ କ୍ଷେତ୍ରରେ ବାଘ ପରି ଛୁଡା ହୋଇଥିଲେ ।

ତାଙ୍କଠାରେ ମୁଁ ଗୁରୁ ପାଞ୍ଚ ଦିନ ଶିକ୍ଷା କରିଅଛି । ସମସ୍ତ ସମୟରେ କୌଣସି କାର୍ଯ୍ୟରେ ତାଙ୍କ ସହିତ ପରାମର୍ଶ କରେ । ମୁଁ ଯାହାଠାରୁ ଗୋଟିଏ କଥା ଶିଖିଅଛି, ତାକୁ ଗୁରୁଜ୍ଞାନ କରୁଛି । ପିଲାକାଳେ ଅବଧାନଙ୍କ ଠାରେ ୧୦-୧୨ ଦିନ ପଢିଥିଲି । ଯେଥିପାଇଁ ତାଙ୍କୁ ମୁଁ ୩୫ ବର୍ଷ ନିମନ୍ତେ ପେନ୍‌ସନ୍ ଦେଇଥିଲି । ମୁଁ ଗୌରୀଶଙ୍କରଙ୍କ ଠାରେ ଗୁରୁ ଋଣରେ ଋଣୀ । ତାଙ୍କର ଯେଉଁ କର୍ତ୍ତବ୍ୟ ଜ୍ଞାନ ଥିଲା, ତାହା ବଳରେ ସେ ସବଂଦା ନିର୍ଭିକ ଭାବରେ କାର୍ଯ୍ୟ କରିଥିଲେ । ସେ ଯେତେବେଳେ ୩୦୦ ଟଙ୍କା ବେତନରେ ଥିଲେ, ସେତେବେଳେ କଲେକ୍ଟରଙ୍କୁ ମାନି ନ ଥିଲେ ।

କଂଗ୍ରେସକୁ ଓଡ଼ିଶାରୁ ପ୍ରତିନିଧି ରୂପେ ଯେତେବେଳେ ମୁଁ ଓ ଗୌରୀଶଙ୍କର ଯିବାକୁ ସ୍ଥିର କଲୁ, ସେତେବେଳେ ସରକାରୀ ଆଦେଶ ପ୍ରଚାର ହେଲା ଯେ, ସରକାରୀ କର୍ମଚାରୀମାନେ କଂଗ୍ରେସକୁ ଯିବେ ନାହିଁ । ମୁଁ ଯେତେବେଳେ ପଚାରିଥିଲି "ମାଷ୍ଟର ମହାଶୟ ! ଆପଣ କ'ଣ କରିବାକୁ ସ୍ଥିର କରିଛନ୍ତି ?" ସେ କହିଥିଲେ –"କ'ଣ କରିବି ? ଚାକିରିଟା ପଛେ ଯାଉ ଦେଶ ସକାଶେ ମୁଁ ଅବଶ୍ୟ କଂଗ୍ରେସକୁ ଯିବି ।"

ଆଜି କେତେଜଣ ଓଡ଼ିଆ କର୍ମଚାରୀ ଦେଶ ସକାଶେ ସରକାରୀ ଚାକିରୀ ପରିତ୍ୟାଗ କରିବାକୁ ଅଗ୍ରସର ହେବେ ? ଚାରିଦିନ ସକାଶେ ହେଉ ମୁଁ ଗୌରୀଶଙ୍କରଙ୍କର ଚରଣ ତଳେ ଶିକ୍ଷା କରିଛି । ମୁଁ ଈଶ୍ୱରଙ୍କୁ ପ୍ରାର୍ଥନା କରେ, ସେ ମୋତେ ଆଶୀର୍ବାଦ କରନ୍ତୁ, ଯେପରି ମୁଁ ତାଙ୍କ ପରି ନିର୍ଭୀକ ଭାବରେ କର୍ତ୍ତବ୍ୟ ସମ୍ପାଦନ କରିବି ।

ତାଙ୍କ ତିରୋଧାନରେ ଯେଉଁ କ୍ଷତି ହୋଇଅଛି ତାହା ସ୍ମରଣ ରଖିବା ନିମନ୍ତେ ତାଙ୍କର ପ୍ରତିମା ସ୍ଥାପନ ବା ଅନ୍ୟ କିଛି ବନ୍ଦୋବସ୍ତ କରିବା ନିମନ୍ତେ ଅନେକ କହନ୍ତି । କିନ୍ତୁ ତାହା ନିତାନ୍ତ ଭ୍ରମ । ଏହିସବୁ ଦ୍ୱାରା କ'ଣ ସ୍ମୃତିରକ୍ଷା ହୋଇପାରେ ? ଫଟୋଟାଏ ରଖି ସ୍ମୃତିରକ୍ଷା କରିବାକୁ କେହି କେହି କହନ୍ତି । ତାଙ୍କର ୧୪ ବର୍ଷ ବୟସରେ ଗୋଟିଏ ଫଟୋ ଅଛି । ଆଉ ଗୋଟିଏ ୭୦ ବର୍ଷ ବୟସର । କେଉଁଟି ରଖିବ ? ଏସବୁ କେବଳ ମୂର୍ଖତା, କେହି କେହି କହନ୍ତି ତାଙ୍କର ଗୋଟିଏ ସ୍ମୃତିସ୍ତମ୍ଭ ନିର୍ମାଣ କରିଦିଅ—ନାମ ରହିଯିବ । କଲିକତାରେ Huchington Street ନାମରେ ଗୋଟିଏ ରାସ୍ତା ଅଛି । କିନ୍ତୁ ଯାଇ ପଚାର କେଉଁ ହେଚିଂଟନଙ୍କ ନାମରେ ଏହାର ନାମ ଦିଆ ଯାଇଛି, କେହି କହି ପାରିବେ ନାହିଁ । ସ୍ମୃତି ରହିଲା ଆଉ କିପରି ? ସେତ ଦୂରର କଥା । ଆମର ଏ ଯେଉଁ ଜଗନ୍ନାଥ ଦେଉଳ ଅଛି, ତାର ନିର୍ମାତା ସମ୍ବନ୍ଧରେ କିଏ କହୁଛି ଅମୁକ ଲୋକ, ଅନ୍ୟ ଜଣେ କହୁଛି ଅମୁକ ଲୋକ । ଏସବୁ ପ୍ରକୃତ ସ୍ମୃତିରକ୍ଷା କରି ପାରିବ ନାହିଁ ।

ମୋ ଶିକ୍ଷା ଦ୍ୱାରା ଯଦି ଅନ୍ୟ ଜଣକର ଆମ୍ଭମାନଙ୍କ ଆତ୍ମା ଉପରେ କିଛି ଚିହ୍ନ ରଖିପାରେ, ତେବେ ତାଙ୍କର ସ୍ମୃତି ଅକ୍ଷୁର୍ଣ୍ଣ ବୋଲି ଜ୍ଞାନ କରିବାକୁ ହେବ । ତାହା କି ଚିହ୍ନ ରଖିପାରେ ? ଓଡ଼ିଶାର କାର୍ଯ୍ୟ କ୍ଷେତ୍ରରେ ତାଙ୍କର ଆତ୍ମା ଯେପରି ବିକଶିତ ହୋଇଥିଲା, ସେହି ଆତ୍ମାର କାର୍ଯ୍ୟଶୀଳତା ଯଦି କୌଣସି ପ୍ରକାର ବଢ଼ାଯାଇପାରେ, ତେବେ ତାଙ୍କର ସ୍ମୃତି ରହିବ । ଏହିପରି ଆତ୍ମା ଉପରେ ଉପକାରର ଉପାସ୍ୟ କରାଯିବା ଉଚିତ ।

# ॥ ଗୌରୀଶଙ୍କର ॥

● ରାଧାନାଥ ରାୟ

ମାହେନ୍ଦ୍ର ଯୋଗରେ ଜନ୍ମ ଗ୍ରହିଲ ଉତ୍କଳେ
ହେ ଗୌରୀଶଙ୍କର ! ତୁମ୍ଭି ଧନ୍ୟ ଏ ସଦନେ
ଦେଶ ହିତୈଷିତା-ରୂପ କାଞ୍ଚନ ଶୃଙ୍ଖଳେ,
ବନ୍ଧ ଭ୍ରାତୃଗଣ ଏବେ ତୋମାର ଯତନେ ।
ତ୍ରିଲୋକ ବିଜୟୀ ଯଥା ପାର୍ଥ ଧନୁର୍ଦ୍ଧର
ତୁଷି ଗଙ୍ଗାଧରେ ନିଜ ଉଗ୍ର ତପୋବଳେ
ଲଭିଲେ, ଅମୋଘ ଅସ୍ତ୍ର ପାଶୁପତ ଶର
ବିନାଶିଲ ମହାହବେ କାଳକେୟ ଦଳେ ।
ତୁମ୍ଭିଓ ତେମନ୍ତ ଭଦ୍ର ! ଅର୍ଜି ବିଦ୍ୟାଧନ
ପ୍ରବାସେ ବଙ୍ଗଭବନେ ବହୁଶ୍ରମ କରି
ଉତ୍କଳ ତିମିର ସଙ୍ଗେ କରିଅଛ ରଣ
ଉତ୍କଳ-ଦୀପିକା ରୂପ ପାଶୁପତ ଧରି ।
ବିରାଜେ ବାଳେନ୍ଦୁ ଯଥା ଚନ୍ଦ୍ରଚୂଡ଼ ଶିରେ
ତବ ଭାଲେ ଯଶଶ୍ଚନ୍ଦ୍ର ଶୋଭିବେ ଅଚିରେ ।

[ 'କବିତାବଳୀ' ପ୍ରଥମ ଭାଗ ]

# ॥ କର୍ମୀ ଶ୍ରୀ ଗୌରୀଶଙ୍କର ରାୟ ॥

● ଭକ୍ତକବି ମଧୁସୂଦନ ରାଓ

ଶୁଭକ୍ଷଣେ ଜନ୍ମ ତବ ଉତ୍କଳ-ଉତ୍ସଙ୍ଗେ,
କର୍ମ ଯୁଗେ କର୍ମଯୋଗୀ, କେତେ ବନ୍ଧୁ ସଙ୍ଗେ
ଯୁଝି ନିତ୍ୟ ସୁସାହସେ ବିଶ୍ୱାସେ ବିକ୍ରମେ
ସାଧିଅଛ ସୁସଂକଳ୍ପ ପୁଣ୍ୟ ପରିଶ୍ରମେ ।
ଜଣ କେତେ ସହୃଦୟ, ସମର୍ଥ ସହାୟ,
ସତ୍ୟକାମ ସଖା, ଜିଣିବାରେ ଅନ୍ତରାୟ
ଲଭିଥିଲେ ପୁଣ୍ୟବଳେ ପରମ ସୁକ୍ଷଣେ
ତୁମ୍ଭ ପରି ଧୁରନ୍ଧର ବାନ୍ଧବ ରତନେ ।
ଶ୍ରୀ ବିଚିତ୍ରାନନ୍ଦ ପୁଣି ଶ୍ରୀ ଜଗମୋହନ *
ନାମ ସଙ୍ଗେ ତବ ନାମ ଯୁକ୍ତ ହେ ସୁଜନ,
ମଣି କାଞ୍ଚନର ଯୋଗେ ରହିବ ଉତ୍କଳେ,
ଯଶର ମନ୍ଦିର ମଧ୍ୟେ ପୁଣ୍ୟ ଭାଗ୍ୟବଳେ ।
ନବ-ଯୁଗ-ଉଷାପ୍ରାୟ "ଦୀପିକା" ପ୍ରକାଶି
ଧନ୍ୟ ତୁମ୍ଭେ ଏ ଉତ୍କଳେ, ସୁକୃତ-ବିଳାସୀ ।

* ଶ୍ରୀ ବିଚିତ୍ରାନନ୍ଦ ଦାସ ଓ ଶ୍ରୀ ଜଗନ୍ମୋହନ ରାୟ କଟକ ପ୍ରିଣ୍ଟିଂ କୋମ୍ପାନୀର ପ୍ରବର୍ତ୍ତକ ।

[ 'ବସନ୍ତ ଗାଥା'ରେ ପ୍ରକାଶିତ ]

# ଗୌରୀଶଙ୍କର ରାୟଙ୍କ ଜୀବନର କେତୋଟି ଅବିସ୍ମରଣୀୟ ଅଧ୍ୟାୟ

❋ ମୁରାରି ମୋହନ ଜେନା

## ॥ ଏକ ॥

ଗୌରୀଶଙ୍କର ରାୟ ୧୮୬୯ ମସିହାରେ 'ନବଗୁଞ୍ଜର' ଛଦ୍ମନାମରେ ଓଡ଼ିଆ ଭାଷା ସାହିତ୍ୟର ଲୋପ ପାଇଁ ଚକ୍ରାନ୍ତକାରୀଙ୍କ ବିରୁଦ୍ଧରେ ବ୍ୟଙ୍ଗ କରି ଲେଖିଥିଲେ—

"ସଙ୍ଗୀତ କି ଶୁଣିଲ ଆଚମ୍ବିତ — ନାହିଁ ଏଥିଁ ବଳି ଆଚମ୍ବିତରେ
ଓଡ଼ିଆ ପାଇଁକି ଯାହା ପଢ଼ିଆ — କରମ କଟିଯିବା ହେଲା,'
ବଣା କଲା ତାଙ୍କୁ ଓଡ଼ିଆ ଅକ୍ଷର — ଭାଷା ଅଡ଼ୁଆ ଲାଗିଲାରେ
ଶିଖି ନାନାଜ୍ଞାନ ବୋଲନ୍ତି ସୁଜାଣ — ବୁଦ୍ଧି ହୋଇଛି କବାଡ଼,
ଏ କି ହଟହଟା ଅକ୍ଷର କେଁତଟା — ମଣ୍ଡିଛନ୍ତି କଣ୍ଟାବାଡ଼"

ଏ ସନ୍ଦର୍ଭରେ ମୁଁ ଏତିକି ମତବ୍ୟକ୍ତ କରି କହିବି ଯେ ଆଜକୁ ଶହେ ବାଇଶି ବର୍ଷ ତଳେ ଓଡ଼ିଆ ଭାଷା ସାହିତ୍ୟକୁ ଲୋପ କରିବା ପାଇଁ ଯେଉଁ ଷଡ଼ଯନ୍ତ୍ର ପଡ଼ୋଶୀମାନେ ରଚିଥିଲେ । ବିଶେଷ କରି କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ 'ଉଡ଼ିୟା ସ୍ୱତନ୍ତ୍ର ଭାଷା ନହେ' ପୁସ୍ତକ ରଚନା କରି ତା'ର ପ୍ରଚାର ଓ ପ୍ରସାରରେ ଯେଉଁ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ, ତା'ର ମୁହାଁମୁହିଁ ମୁକାବିଲା କରିବାକୁ ଗୌରୀଶଙ୍କର ଅଣ୍ଟାଭିଡ଼ି ବାହାରିଥିଲେ । ତାଙ୍କର ଅଦମ୍ୟ ଉଦ୍ୟମ ଓ ଅବିଶ୍ରାନ୍ତ ଆନ୍ଦୋଳନ ଫଳରେ ତତ୍କାଳୀନ ଓଡ଼ିଆ ସ୍କୁଲମାନଙ୍କରେ ବଙ୍ଗଳା ପୁସ୍ତକ ପରିବର୍ତ୍ତେ ଓଡ଼ିଆ ପୁସ୍ତକମାନ ପଠିତ ହେଲା । ଏଣୁ ଆମ ଭାଷା ସାହିତ୍ୟର ଏଇପରି ଏକ ମରଣାନ୍ତକ ମୁହୂର୍ତ୍ତରେ ଗୌରୀଶଙ୍କର ଏ ଭାଷାକୁ ବଞ୍ଚାଇବା ପାଇଁ ଯେଉଁ ଲଢ଼େଇ-ଭିଡ଼େଇ କରିଛନ୍ତି, ତାହା କଦାପି ବିସ୍ମରଣ ହେବାର ନୁହେଁ । ଓଡ଼ିଆ ଭାଷା ସାହିତ୍ୟ ପ୍ରତି ତାଙ୍କର ଗଭୀର ମମତ୍ୱବୋଧ ଆମ ଉତ୍ତର-ପୁରୁଷଙ୍କ ପ୍ରେରଣାର ଉତ୍ସ ହେଉ ।

## ॥ ଦୁଇ ॥

୧୯୧୮ ମସିହାରେ ଶ୍ରୀଧର ରାଓଙ୍କ ଦ୍ୱାରା ସଙ୍କଳିତ ମାତ୍ର ଦଶପୃଷ୍ଠା ବିଶିଷ୍ଟ କର୍ମ-

ସାର ଗୌରୀଶଙ୍କରଙ୍କ ପୁସ୍ତିକାରେ ଉଲ୍ଲେଖ ଅଛି ଯେ—"ମହାପୁରୁଷମାନେ ଈଶ୍ୱରେଚ୍ଛା ସାଧନରେ ନାନା ପ୍ରକାର ସୁବିଧା ପାଆନ୍ତି । ସେ ସୁବିଧା ଈଶ୍ୱର ନିଜେ କରିଦିଅନ୍ତି । ଗୌରୀଶଙ୍କରଙ୍କୁ ଉତ୍କଳ ଦେଶର କେତୋଟି ମହତ୍‌କାର୍ଯ୍ୟ ସାଧନ ନିମନ୍ତେ ସେ ପ୍ରେରଣ କରିଥିଲେ । ତାଙ୍କୁ ସାହାଯ୍ୟ କରିବା ନିମନ୍ତେ ସେ କେତେଗୁଡ଼ିଏ ମହାତ୍ମାଙ୍କୁ ଗଢ଼ି ରଖି ଦେଇଥିଲେ । ସେମାନଙ୍କ ମଧ୍ୟରୁ ବିଚିତ୍ରାନନ୍ଦ ଦାସ, ଜଗ-ମୋହନ ରାୟ ଏବଂ କମିଶନର ରେଭେନ୍‌ସା ସାହେବଙ୍କ ନାମ ଚିରସ୍ମରଣୀୟ । ବିଚିତ୍ରାନନ୍ଦବାବୁ କମିଶନର ସାହେବଙ୍କ ସିରସ୍ତାଦାର ଥିଲେ । ସେ ଏପରି ପ୍ରତିଷ୍ଠା-ଶାଳୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ ଯେ ତାଙ୍କ କଥା କେହି ଟାଳିପାରୁ ନ ଥିଲେ । ସ୍ୱଦେଶର ଉପକାର ତାଙ୍କର ଗୋଟିଏ ବ୍ରତ ଥିଲା । ଓଡ଼ିଶାରେ ସେତେବେଳେ ଏକମାତ୍ର ଛାପାଖାନା 'ମିଶନ ପ୍ରେସ' ଏହାଛଡ଼ା ବିଚିତ୍ରାନନ୍ଦ ଗଡ଼ଜାତର ରାଜା ଓ ମୋଗଲବନ୍ଦୀର ଜମିଦାରମାନଙ୍କୁ ପ୍ରବର୍ତ୍ତାଇ ଏକ ଛାପାଖାନା ସଂସ୍ଥାପନ କରିବାର ଉଦ୍ୟମ କଲେ । ଢେଙ୍କାନାଳ, ତାଳଚେର, ନୟାଗଡ଼, ବଡ଼ମ୍ବା, ନରସିଂହପୁର, ଆଠଗଡ଼ ପ୍ରଭୃତିର ରାଜାମାନେ, କେନ୍ଦ୍ରାପଡ଼ାର ଜମିଦାର ଶ୍ରୀଯୁକ୍ତ ରାଧାଶ୍ୟାମ ନରେନ୍ଦ୍ର, କୋଠ ଦେଶର ଜମିଦାର ଭଗବାନ ରାଏ ସିଂହ, ଭିଙ୍ଗାରପୁରର ଚୌଧୁରୀ କୃତ୍ତିବାସ ଦାସ, ଗୋଲକବାବୁ, ଜଗମୋହନବାବୁ ପ୍ରଭୃତି ଅଂଶୀଦାର ହେଲେ । ପ୍ରତ୍ୟେକଙ୍କର ଅଂଶଧନ ପଚାଶଟଙ୍କା ଧାର୍ଯ୍ୟ ହେଲା ଓ ସାତହଜାର ପାଞ୍ଚଶ ଟଙ୍କା ମୂଳଧନ ଉଠିଲା । କମିଶନର ରେଭେନ୍‌ସା ସାହେବ ସ୍ୱୟଂ ଅଂଶୀଦାର ଥିଲେ ଏବଂ ଯେତେଦିନ ଓଡ଼ିଶାରେ ଥିଲେ ଓଡ଼ିଶାର ଅନ୍ୟାନ୍ୟ ସଦନୁଷ୍ଠାନ ମାନଙ୍କରେ ଯେପରି ମଙ୍ଗଳ କାମନା କରୁଥିଲେ ଏବଂ ଛାପାଖାନାର ସେହିପରି କାମନା କରୁଥିଲେ । ଏଠାରୁ ପେନସନ୍ ନେଇ ବିଲାତ ଯିବା ହେବାରେ ତାଙ୍କ ଅଂଶର ଲାଭ ଅନେକଦିନ ଜମା ରହିଲା । ଟଙ୍କା କାହାକୁ ଦିଆଯିବ ? ଗୌରୀଶଙ୍କରବାବୁ ତାଙ୍କ ନିକଟକୁ ପତ୍ର ଲେଖିଲେ । ରେଭେନ୍‌ସା ସାହେବ ଉତ୍ତର ଦେଲେ—"ଓଡ଼ିଶାର ମଙ୍ଗଳ ନିମନ୍ତେ ମୁଁ ଯାହା ଦାନ କରିଥିଲି, ତାହା ଆଉ ଗ୍ରହଣ କରିବି ନାହିଁ । ତହିଁର ଲାଭର ପ୍ରତିବର୍ଷ ଓଡ଼ିଶାର କିଛି ଉପକାର ହେଉଥିବାର ଶୁଣିଲେ, ଆପଣାକୁ କୃତାର୍ଥ ମଣିବି ।"

ମୋ ମତରେ ଆଜକୁ ବହୁବର୍ଷ ତଳେ ତତ୍‌କାଳୀନ ଓଡ଼ିଶାର ବଦାନ୍ୟ ବ୍ୟକ୍ତି-ମାନଙ୍କର ସାହାଯ୍ୟ-ସହଯୋଗ ଓ ସର୍ବୋପରି ତତ୍‌କାଳୀନ କଟକ କମିଶନର ସାହେବଙ୍କ ଶୁଭଦୃଷ୍ଟିରେ ଯେଉଁ ପ୍ରିଣ୍ଟିଂ ପ୍ରେସ ସ୍ଥାପନ କରାଯାଇଥିଲା ଏବଂ ଓଡ଼ିଆଭାଷା

ସାହିତ୍ୟର ମୂଳପୋଛ ପାଇଁ ହୋଇଥିବା ଷଡ଼ଯନ୍ତ୍ରର ମୁକାବିଲା କରି ଯେଉଁ 'ଉତ୍କଳ ଦୀପିକା' ପତ୍ରିକା ଆତ୍ମପ୍ରକାଶ କରିଥିଲା, ତାହା ବିଶେଷ ଭାବେ ସ୍ମରଣୀୟ । ଏହି ଘଟଣାରୁ ଆମକୁ ବିଶେଷ ଭାବେ ଆତ୍ମସମୀକ୍ଷା କରିବାର ଅଛି ଯେ, ବିଦେଶୀ ରେଭେ-ନସା ସାହେବଙ୍କର ଏ ଭାଷା ସାହିତ୍ୟ ଓ ଜାତୀୟତା ପ୍ରତି କି ମମତ୍ୱବୋଧ ଥିଲା ? ପ୍ରିଣ୍ଟିଂ ପ୍ରେସ ସ୍ଥାପିତ ନ ହୋଇଥିଲେ, 'ଉତ୍କଳ ଦୀପିକା' ପ୍ରକାଶ ପାଇନଥିଲେ ଓ ତାହା ଗୌରୀଶଙ୍କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଓ ସମ୍ପାଦିତ ନ ହେଉଥିଲେ, ଆଜି ବୋଧହୁଏ ଆମର ଓଡ଼ିଆ ଭାଷା ନ ଥାନ୍ତା । ଆମର ଭାଷା ସାହିତ୍ୟକୁ ସର୍ବୋତଭାବେ ରକ୍ଷା କରିବା ଲାଗି ଗୌରୀଶଙ୍କରଙ୍କ ସଂଗ୍ରାମଶୀଳ ଭୂମିକା ଏ ଜାତିର ଇତିହାସରେ ଏକ ଅଲିଭା ସ୍ୱାକ୍ଷର ନୁହେଁ କି ?

## ॥ ତିନି ॥

୧୯୧୯ ମସିହାରେ ଉତ୍କଳ ସମ୍ମିଳନୀର ଯେଉଁ ୧୬ଶ ଅଧିବେଶନ ଅନୁଷ୍ଠିତ ହୋଇଥିଲା, ସେଥିରେ ଉତ୍କଳ ଗୌରବ ମଧୁସୂଦନ ଦାସ, ରାୟ ବାହାଦୁର ଗୌରୀ-ଶଙ୍କର ରାୟଙ୍କ ପରଲୋକରେ ଶୋକ ପ୍ରକାଶ କରି ତାଙ୍କ ଭାଷଣ ପ୍ରସଙ୍ଗରେ କହିଥିଲେ· "ତାଙ୍କ ଠାରେ ମୁଁ ଗୁରୁ ପାଞ୍ଚଦିନ ଶିକ୍ଷା କରିଅଛି । ସମସ୍ତ ସମୟରେ କୌଣସି କାର୍ଯ୍ୟରେ ତାଙ୍କ ସହିତ ପରାମର୍ଶ କରେ । ମୁଁ ଯାହାଠାରୁ ଗୋଟିଏ କଥା ଶିକ୍ଷା କରିଛି, ତାଙ୍କୁ ଗୁରୁଜ୍ଞାନ କରୁଛି । ପିଲାବେଳେ ଅବଧାନଙ୍କ ଠାରେ ୧୦/୧୨ ଦିନ ପଢିଥିଲି । ସେଥିପାଇଁ ତାଙ୍କୁ ମୁଁ ୩୫ ବର୍ଷ ପର୍ଯ୍ୟନ୍ତ ପେନ୍‌ସନ ଦେଇଥିଲି । ମୁଁ ଗୌରୀଶଙ୍କରଙ୍କ ଠାରେ ଗୁରୁତର ଭାବରେ ଋଣୀ ।

କଂଗ୍ରେସକୁ ଓଡ଼ିଶାର ପ୍ରତିନିଧି ରୂପେ ଯେତେବେଳେ ମୁଁ ଓ ଗୌରୀଶଙ୍କରବାବୁ ଯିବାକୁ ସ୍ଥିର କଲୁଁ, ସେତେବେଳେ ସରକାରୀ ଆଦେଶ ପ୍ରଚାର ଥିଲା ଯେ ସରକାରୀ କର୍ମଚାରୀମାନେ କଂଗ୍ରେସକୁ ଯିବେ ନାହିଁ । ମୁଁ ସେତେବେଳେ ପଚାରିଥିଲି ମାଷ୍ଟର ମହାଶୟ ! ଆପଣ କଣ କରିବାକୁ ସ୍ଥିର କରିଛନ୍ତି ? ସେ କହିଥିଲେ କଣ କରିବ ? ଚାକିରୀଟା ପଛକେ ଯାଉ, ଦେଶ ସକାଶେ କଂଗ୍ରେସକୁ ଯିବି । (କରତାଳି) । ଆଜି କେତେଜଣ ଓଡ଼ିଆ କର୍ମଚାରୀ ଦେଶ ସକାଶେ ସରକାରୀ ଚାକିରୀ ପରିତ୍ୟାଗ କରିବାକୁ ଅଗ୍ରସର ହେବେ ? ଗୁରୁଦିନ ସକାଶେ ହେଉ, ମୁଁ ଗୌରୀଶଙ୍କର ବାବୁଙ୍କର ଚରଣ ତଳେ ଶିକ୍ଷା କରିଛି । ମୁଁ ଈଶ୍ୱରଙ୍କୁ ପ୍ରାର୍ଥନା କରେ, ମୋତେ ଆଶୀର୍ବାଦ କରନ୍ତୁ, ଯେପରି ମୁଁ ତାଙ୍କ ପରି ନିର୍ଭୀକ ଭାବରେ କର୍ତ୍ତବ୍ୟ ସମ୍ପାଦନ କରିବି (କରତାଳି) ।

ମୋ ଶିକ୍ଷା ଦ୍ୱାରା ଯଦି ଅନ୍ୟ ଜଣକର ଆତ୍ମମାନଙ୍କର ଆତ୍ମା ଉପରେ କିଛି ଚିହ୍ନ ରଖି-ପାରେ, ତେବେ ତାଙ୍କର ସ୍ମୃତି ଅକ୍ଷୁର୍ଣ୍ଣ ବୋଲି ଜ୍ଞାନ କରିବାକୁ ହେବ । ତାହା କି ଚିହ୍ନ ରଖିପାରେ ? ଓଡ଼ିଶାର କାର୍ଯ୍ୟ କ୍ଷେତ୍ରରେ ତାଙ୍କର ଆତ୍ମା ଯେପରି ବିକଶିତ ହୋଇଥିଲା, ସେହି ଆତ୍ମାର କାର୍ଯ୍ୟଶୀଳତା ଯଦି କୌଣସି ପ୍ରକାରେ କରାଯାଇପାରେ, ତେବେ ତାଙ୍କର ସ୍ମୃତି ରହିବ । ଏଗପରି ଆତ୍ମା ଉପରେ ଉପକାରର ଉପାୟ କରାଯିବା ଉଚିତ୍ (କରତାଳି)

ମୋ ମତରେ ଉତ୍କଳ ଗୌରବ ମଧୁସୂଦନ କର୍ମବୀର ଗୌରୀଶଙ୍କରଙ୍କ ପ୍ରତି ଯେଉଁ ଅଖଣ୍ଡ ଶ୍ରଦ୍ଧା ଭକ୍ତି ଅର୍ଘ୍ୟ ନିବେଦନ କରି ଜଣେ ମନୀଷୀଙ୍କର ସ୍ମୃତି ସଞ୍ଚୟରେ ଯେଉଁ ମହାମନ୍ତ୍ରର ମହିମ୍ନ ସ୍ତବ ପାଠ କରିଛନ୍ତି, ତାହା ଆଜିର ପରିପ୍ରେକ୍ଷୀରେ ଅନ୍ତ-ସହିତ ଗମ୍ଭୀର ଅନୁଧ୍ୟାନ ଓ ଅନୁଶୀଳନ କରିବା ଏକାନ୍ତ ବିଧେୟ ନୁହେଁ କି ?

# - ଆତ୍ମ ସମ୍ବାଦ -

* ଡ଼ଃ ନଟବର ସାମନ୍ତରାୟ

ଆମ୍ଭେମାନେ ଏ ସପ୍ତାହରେ ଆପଣାର କାର୍ଯ୍ୟରେ ଅତ୍ୟନ୍ତ ବ୍ୟସ୍ତ ଥିବାରୁ ନିୟମିତ ରୂପେ ପତ୍ରିକାର କର୍ତ୍ତବ୍ୟ ସାଧନରେ ଅକ୍ଷମ ହୋଇଅଛୁଁ । ଏଥିପାଇଁ ଭରସା କରୁଁ ପାଠକମାନେ ଆମ୍ଭମାନଙ୍କୁ କ୍ଷମା କରିବେ । ଆମ୍ଭେମାନେ ଯେ କେବଳ ପାଠକଙ୍କ ଉଦାରତା ଓ ଅନୁଗ୍ରହ ଉପରେ ନିର୍ଭର କରି ପତ୍ରିକାର କାର୍ଯ୍ୟ ନିର୍ବାହ କରୁଅଛୁଁ ଏ କଥା କହିବାର ବାହୁଲ୍ୟ ଅଟେ । ପାଠକମାନେ ଆମ୍ଭମାନଙ୍କର ପରମ ବନ୍ଧୁ ଓ ମଙ୍ଗଳ ବିଷୟରେ ବଳବତ୍ତର ସହାୟ ଅଟନ୍ତି ଓ ସଂସାରର ନିୟମ ଏହି ଯେ ସମସ୍ତେ ଆପଣାର ସୁଖ ଓ ଦୁଃଖର ବିଷୟ ଅଗ୍ରେ ବନ୍ଧୁଠାରେ ବ୍ୟକ୍ତ କରନ୍ତି । ଏହି କାରଣରୁ ଆମ୍ଭେମାନେ ଅଦ୍ୟ ଆପଣାର କଥା ପାଠକଙ୍କୁ ଜଣାଇବାକୁ ପ୍ରବୃତ୍ତ ହେଲୁଁ । ଯେଉଁ ଅନର୍ଥକ ବିପଦ ଉପସ୍ଥିତ ହୋଇଥିଲା ତାହା ଈଶ୍ୱରଙ୍କ କୃପାରୁ ବିଦୂରିତ ହୋଇଅଛି । ଏବେ ତହିଁର ସବିଶେଷ ବୃତ୍ତାନ୍ତ ପାଠକମାନେ ଅବଗତ ହୋଇ ଆମ୍ଭମାନଙ୍କ ପ୍ରତି ସହିତ ବିବେଚନା କରନ୍ତୁ । ଉତ୍କଳର ମଙ୍ଗଳ ସାଧନ ଆମ୍ଭମାନଙ୍କର ଉଦ୍ଦେଶ୍ୟ, ଏଥିପାଇଁ ଆମ୍ଭେମାନେ ଯେବେ କ୍ଷଣିକ ବୃଥା କ୍ଳେଶ ଭୋଗ କଲୁଁ ସେଥିରେ କିଛି ଶୋଚନା ନାହିଁ । ଏକା ସର୍ବସାଧାରଣ ଠାରେ ଆମ୍ଭେମାନେ ଆପଣା କର୍ତ୍ତବ୍ୟରେ ତ୍ରୁଟି ନ କଲେ କୃତାର୍ଥ ହେବୁଁ । ଏତିକ ମାତ୍ର ଭୂମିକା ଉତ୍ତାରୁ ଆମ୍ଭେମାନେ ମକଦ୍ଦମାର ବୃତ୍ତାନ୍ତ ଲେଖୁଅଛୁଁ ।

ପାଠକମାନଙ୍କର ସ୍ମରଣ ଥିବ ଯେ, ଗତମାସ ତା ୨୪ ରିଖ ପତ୍ରିକାରେ 'ରଙ୍ଗ ପଞ୍ଚାନନ' ସ୍ୱାକ୍ଷରରେ ଖଣ୍ଡିଏ ପ୍ରେରିତ ପତ୍ର ପ୍ରକାଶ ହୋଇଥିଲା । ବାବୁ ରାଜକୃଷ୍ଣ ମୁଖୁର୍ଯ୍ୟା ସେଥିରେ ଆପଣାକୁ କ୍ଷତିଗ୍ରସ୍ତ ବିବେଚନା କରି ତଳଲିଖିତ ପତ୍ର କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଅଧ୍ୟକ୍ଷଙ୍କୁ ଲେଖିଲେ । ଯଥା—

ଆପଙ୍କର ପ୍ରଚାରିତ ଉତ୍କଳଦୀପିକା ସଂଖ୍ୟା ୩୦ (ଭାଗ ୪ର୍ଥ) ତା ୨୪ ରିଖ ଜୁଲାଇ ସନ ୧୮୬୯ ମସିହାରେ ଶ୍ରୀରଙ୍ଗ ପଞ୍ଚାନନ ସ୍ୱାକ୍ଷରିତ ଖଣ୍ଡିଏ ପ୍ରେରିତ ପତ୍ର ପ୍ରକାଶିତ ହୋଇଅଛି । ଉକ୍ତ ପତ୍ରରେ ଆମ୍ଭମାନଙ୍କ ନାମରେ କେତେକ ଅପବାଦ ସୂଚକ କଥା ଥିବାରୁ ତାହା ଦଣ୍ଡବିଧିର ଦ ୫୦୧ ଧା ଅନୁସାରେ ଦଣ୍ଡନୀୟ ଅଟଇ, ଅତଏବ ଆମ୍ଭେ ଆପଣମାନଙ୍କୁ ପ୍ରାର୍ଥନା କରୁଅଛୁଁ ଯେ, ଉକ୍ତ ପତ୍ରପ୍ରେରକର ପ୍ରକୃତ ନାମ ଧାମାଦି ଆମ୍ଭଠାକୁ ଲେଖି ପଠାଇବା. ହେବେ ଯେ ଆମ୍ଭେ ତାହା ନାମରେ ଫୌଜଦାରୀ ଅଦାଲତରେ ଏବଂ କ୍ଷତିପୂରଣ ସକାଶେ ଦେଓ୍ୱାନୀ ଅଦାଲତରେ ନାଲିଶ

କରିବୁଁ । ତାହା ନ କଲେ ଅମ୍ଭେ ସମସ୍ତ ଅଧିକାରୀଙ୍କ ନାମରେ ନାଲିଶ କରିବାକୁ ଦୁଃଖର ସହିତ ବାଧ୍ୟ ହେବୁଁ ।

କଟକ ତା ୨୪ ଶେଷ ଜୁଲାଇ ସନ ୧୮୬୯
ଆପଣମାନଙ୍କର ବାଧ୍ୟ ଭୃତ୍ୟ
ରାଜକୃଷ୍ଣ ମୁଖର୍ଯ୍ୟା ଏମ. ଏ. ବି. ଏଲ
ଆଇନ ଉପଦେଶକ କଟକ ହାଇସ୍କୁଲ
ଏବଂ ଉକ୍ତ କଲେଜ ହାଇକୋର୍ଟ

ଏ ପତ୍ର କୁମ୍ପାନୀର ସେକ୍ରେଟେରୀ ବାବୁ ଗୌରୀଶଙ୍କର ରାୟ ଗ୍ରହଣ କରି ଡାଇରେକ୍ଟରଙ୍କ ସମ୍ମୁଖରେ ଉପସ୍ଥିତ କଲେ ଓ ସଭ୍ୟମାନେ ତର୍କ ବିତର୍କ ଉତ୍ତାରୁ ପତ୍ରରେ କୌଣସି ଅପବାଦ ସୂଚକ କଥା ନଥିବାର ଧାର୍ଯ୍ୟ କରି ଉତ୍ତର ଲେଖିବାକୁ ସେକ୍ରେଟେରୀଙ୍କୁ ଆଦେଶ ଦେବାରୁ ତଳ ଲିଖିତ ଉତ୍ତର ପଠାଇଲେ । ଯଥା—

ଆପଣଙ୍କର ପତ୍ର ଡାଇରେକ୍ଟରଙ୍କ ସମ୍ମୁଖରେ ଉପସ୍ଥିତ କରି ତାହାଙ୍କ ଆଦେଶାନୁଯାୟୀ ଲେଖୁଅଛୁଁ ଯେ ଉକ୍ତ ପତ୍ରରେ କୌଣସି ଅପବାଦସୂଚକ କଥା ନାହିଁ । ଅତଏବ ପତ୍ର ପ୍ରେରକଙ୍କ ନାମ ଧାମାଦି ଦେବାକୁ ସେମାନେ ଅସ୍ୱୀକାର କରନ୍ତି ।

ତା ୨୮ ଶେଷ ଜୁଲାଇ ସନ ୧୮୬୯
ଆପଣଙ୍କର ଏକାନ୍ତ ବାଧ୍ୟଭୃତ୍ୟ
ଗୌରୀଶଙ୍କର ରାୟ,

ପତ୍ର ପଠାଇବା ଏକଦିନ ଉତ୍ତାରୁ ଏମନ୍ତ ଶୁଣାଗଲା ଯେ, ଅଧିକାରୀମାନେ ବାବୁଙ୍କଠାରେ କ୍ଷମା ପାର୍ଥନା କଲେ ବାବୁ ନାଲିଶ କରିବାରୁ କ୍ଷାନ୍ତ ହେବେ, କିନ୍ତୁ ଅଧିକାରୀମାନେ ଆପଣା ଦୋଷ ଜାଣି ନପାରିବାରୁ ଓ ବାବୁ ତାହାଙ୍କୁ ସେ ବିଷୟ ଜ୍ଞାତ ନ କରିବାରୁ ସେମାନେ କ୍ଷମା ପ୍ରାର୍ଥନା କରିବାକୁ ଅସମ୍ମତ ହୋଇ କେବଳ ଏହି ପର୍ଯ୍ୟନ୍ତ ସ୍ୱୀକାର କଲେ ଯେ ବାବୁ ଯେବେ ପତ୍ର ଲେଖିବେ ତେବେ କୁମ୍ପାନୀ ପ୍ରେରିତ ପତ୍ରର ଯଥାର୍ଥ ଭାବ ବୁଝାଇ ଦେଇ ବାବୁ ଭ୍ରମାର୍ଥ କରିଥିବା ବିଷୟରେ ଦୁଃଖ ପ୍ରକାଶ କରିବେ । ବୋଧହୁଅଇ ବାବୁ ଏ ପ୍ରସ୍ତାବକୁ ଯଥେଷ୍ଟ ଜ୍ଞାନ ନ କଲେ ଏବଂ ଚଳିତ ମାସ ଦୁଇ ତାରିଖରେ ଫଉଜଦାରୀରେ ନାଲିସ କରିବାରୁ ଶ୍ରୀଯୁକ୍ତ କକ୍ବର୍ଡ଼ ସାହେବ ତାହାଙ୍କର ହଲଫ କି ଇଜହାର ନ ନେଇ ପ୍ରକାଶ୍ୟ ଭାବରେ ଅପବାଦର କଥା ଥିବାର ଜ୍ଞାନ କରି ପ୍ରିଣ୍ଟିଂ କୁମ୍ପାନୀର ସେକ୍ରେଟାରୀ ନାମରେ ସମନର ଆଜ୍ଞା ଦେଲେ ଓ ଗତ ତା ୪ ଶେଷ ମକଦ୍ଦମା ଶୁଣିବାର ଦିନ ଧାର୍ଯ୍ୟ ହେଲା ।

ଏଥି ମଧ୍ୟରେ ଏ କଥା ନଗର ଯାକ ପ୍ରଚ୍ଚର ହୋଇଗଲା । ଉତ୍କଳ ଓ ବଙ୍ଗ-ଦେଶୀୟ ଲୋକଙ୍କ ଯତ୍ନାରମ୍ଭ ଦେଖି ଯେ ଯାହା ଆଡକୁ ଆଉଜି ଗଲେ । କ୍ରମେ

ମକଦ୍ଦମାର ଦିନ ଉପସ୍ଥିତ ହେଲା ଓ କୌତୁକ ଦେଖିବା ପାଇଁ ଏତେ ଲୋକ କଚେରୀକୁ ଆସିଲେ ଯେ କଚେରୀ ଘର ଓ ବାରନ୍ଦାରେ ଆଉ ସ୍ଥାନ ନ ଥିଲା । ଉତ୍କଳୀୟମାନେ ଓଡ଼ିଶାର ଭାବି ବିପଦ ଜ୍ଞାନ କରି ଏକ ଦୃଷ୍ଟିରେ ସାହେବଙ୍କ ମୁଖ ଆଡ଼କୁ ଚାହିଁ ରହିଥିଲେ । କେଉଁ ଆଜ୍ଞା ହାକିମଙ୍କ ମୁହଁରୁ ବାହାରିବ କେବଳ ଏହି କଥା ସମସ୍ତଙ୍କ ମନରେ ଆନ୍ଦୋଳିତ ହେଉଥିଲା । ଯାହାହେଉ ମକଦ୍ଦମା ଦରପେସ ହେଲା ଓ ବାବୁ ହଲଫ ଗ୍ରହଣ ପୂର୍ବକ ଆପଣା ଦୁଃଖ ଜଣାଇଲେ । ବାବୁ କହିଲେ ଯେ ସମୁଦାୟ ପତ୍ରଖଣ୍ଡି ଅପବାଦ ସୂଚକ ଅଟଇ ଓ ତଳଲିଖିତ କଥାମାନ ଅଧିକ ପ୍ରବଳ ରୂପେ ଅପବାଦ ସୂଚକ ହୋଇଅଛି । ଯଥା—

ପତ୍ରପ୍ରେରକ ଲେଖନ୍ତି ଯେ ବାବୁ "ସ୍ୱଦେଶର ପ୍ରତି ବିରକ୍ତ ହୋଇ ଉତ୍କଳର ଉନ୍ନତି ଇତ୍ୟାଦି" ଏଥିରୁ ବାବୁ ଏହି ସିଦ୍ଧାନ୍ତ କଲେ ଯେ ସ୍ୱଦେଶ ପ୍ରତି ବିରକ୍ତ ହେବାର ଲେଖିବାରେ ପତ୍ରପ୍ରେରକ ବାବୁଙ୍କୁ ଦେଶାନୁରାଗ ଶୂନ୍ୟ ବୋଲି ଅପବାଦ ଦେଇ ଅଛନ୍ତି । ବାବୁଙ୍କ "ଜଠରରେ କେତେଗୋଟି ଉତ୍କଳ ଅକ୍ଷର ରହିବାକୁ ଯେବେ ସ୍ଥାନ ଥାଆନ୍ତା ଇତ୍ୟାଦି" କଥା ପତ୍ରପ୍ରେରକ ଲେଖି ଏହି ଅପବାଦ ଦିଅନ୍ତି ଯେ ବାବୁ ଏଡ଼େ ମୂର୍ଖ ଯେ କେତେଟା ଅକ୍ଷର ଶିକ୍ଷା କରିବାକୁ ସେ ଅପାରଗ, ଏ ରୂପେ ତାହାଙ୍କର ବୁଦ୍ଧି ପ୍ରତି ଦୋଷାରୋପ ହେଲା । "ବାବୁ ଏକପ୍ରକାର ଚତୁରତାର କର୍ମ କରି ଉପାଧିରୁ 'ଷ' ଲୋପ କରିଅଛନ୍ତି ।" ଏ କଥା ପତ୍ରପ୍ରେରକ ଲେଖି ଏହି ଅପବାଦ ଦିଅନ୍ତି ଯେ ବାବୁ କୌଣସି ମନ୍ଦ ଉପାୟ ଦ୍ୱାରା 'ଏମ ଏ' ଉପାଧି ପାଇଅଛନ୍ତି; ଅତଏବ ତାହାଙ୍କର ଚରିତ୍ର ପ୍ରତି ଦୋଷାରୋପ ହେଲା ଓ ଶେଷରେ ତାହାଙ୍କୁ ମେଷ କହିବାରୁ ପତ୍ରପ୍ରେରକ ଏହି ଅପବାଦ ଦିଅନ୍ତି ଯେ ବାବୁ ଏତେ ବୁଦ୍ଧିହୀନ ଯେ ଏହାଙ୍କୁ ମେଷ ସଙ୍ଗେ ଅର୍ଥାତ ପଶୁ ସଙ୍ଗେ ତୁଳନା କରାଯାଇପାରେ; ଏଥିରେ ତାହାଙ୍କର ବୁଦ୍ଧି ପ୍ରତି ବିଶେଷ ଦୋଷାରୋପ ହେଲା । ଏହିରୂପେ ପତ୍ରପ୍ରେରକଙ୍କର ଦୋଷ ବର୍ଣ୍ଣନା କରି ଆପଣା ଗୌରବର ପରିଚୟ ଦେବା ନିମିତ୍ତ କେତେ କଥା କହିଲେ ଓ କେଉଁ ପରୀକ୍ଷାରେ କି ରୂପେ ଉତ୍ତୀର୍ଣ୍ଣ ହୋଇ ଉପାଧିମାନ କେଉଁ ସମୟରେ ପାଇଅଛନ୍ତି ତାହା ବ୍ୟକ୍ତ କଲେ ।

ଶ୍ରୀଯୁକ୍ତ କର୍ଲୁଡ଼ ସାହେବ ଅତି ମନୋଯୋଗ ପୂର୍ବକ ତାହାଙ୍କର ସମସ୍ତ ଆପତ୍ତି ଶ୍ରବଣ କଲେ ଓ ରାୟ ଲେଖୁଁ ଲେଖୁଁ ଥରକୁଥର ତାହାଙ୍କର ଆଉ କିଛି ଆପତ୍ତି ଅଛି କି ନାହିଁ ଶୁଣିବାକୁ ପ୍ରଶ୍ନ କଲେ । ଯହୁଁ ବାବୁଙ୍କର ସମସ୍ତ କଥା ଶେଷ ହେଲା, ତହୁଁ ତଳଲିଖିତ ରାୟକୁ ସମସ୍ତଙ୍କ ସାକ୍ଷାତରେ ପାଠ କରି ମୋକଦ୍ଦମା ଡିସମିସ ଓ ଆସାମିକୁ ଖଲାସ ହେବାର ଆଜ୍ଞା ଦେଲେ । ରାୟ ଲେଖିବା ସମୟରେ ଯେ ସମସ୍ତ ତର୍କ ବିତର୍କ ହୋଇଥିଲା ତାହା ଲେଖିବାର ପ୍ରୟୋଜନ ନାହିଁ । ମୁଦାଲା ପକ୍ଷରେ ଶ୍ରେଷ୍ଠ ଅଦାଲତର ଉକିଲ ବାବୁ ରାମମୋହନ ମଲ୍ଲିକ ଉପସ୍ଥିତ ହୋଇଥିଲେ । ହାକିମଙ୍କ ରାୟର ଅବିକଳ ଅନୁବାଦ ଏଠାରେ ପ୍ରକାଶ ହେଲା । ପାଠକମାନେ ପାଠ କରି ସକଳ ବିଷୟ ଜାଣି ପାରିବେ ।

# ରାୟ

ଅଦାଲତ ବିବେଚନାରେ ବାଦୀଙ୍କୁ ମେଷ କହିବାରେ ଭାରତବର୍ଷ ଦଣ୍ଡବିଧି ଆଇନର ଦ ୫୦୦ ଧାର ଅର୍ଥ ଅନୁସାରେ କୌଣସି ଅପବାଦ ହୋଇ ନାହିଁ । ଏ କାର୍ଯ୍ୟ ଦ ୪୯୯ ଧାର ତୃତୀୟ ବର୍ଣ୍ଣିତ ବିଧି ମଧ୍ୟରେ ଆସୁଅଛି । ଡିବେଟିଂ କ୍ଲବରେ ଓଡ଼ିଆ ଅକ୍ଷର ଓ ଅଙ୍କ ଉଠାଇ ଦେଇ ବଙ୍ଗଳା ଅକ୍ଷର ପ୍ରଚଳିତ କରିବା ବିଷୟରେ ଏକ ବକ୍ତୃତା ପାଠ ହେବାରେ ବାଦୀ ପ୍ରକାଶ୍ୟ ରୂପେ ସେହି ବକ୍ତୃତାର ପୋଷକତା କଲେ । ପତ୍ରଲେଖକ ଏପରି ମତକୁ ହାସ୍ୟାସ୍ପଦ ଜ୍ଞାନ କରି ସେଥିରେ ଅସମ୍ମତ ହୋଇ ତଦ୍ଦ୍ୱାରା ଯେ ଉପକାର ହେବ ତାହା ଶ୍ଳେଷ କରି ଲେଖିଅଛି ଏବଂ ପତ୍ରପ୍ରେରକ ବିବେଚନାରେ ବାଦୀ ଏପରି ପ୍ରସ୍ତାବର ପୋଷକତା କରିବାରେ ଅଳ୍ପ ବୁଦ୍ଧିର ପ୍ରକାଶ କରିଥିବାର ସେ ଉଲ୍ଲେଖ କରିଅଛି । ଉପଯୁକ୍ତ ବକ୍ତୃତା ନିଃସନ୍ଦେହ ସର୍ବସାଧାରଣ ସମ୍ପର୍କୀୟ ବିଷୟରେ ହୋଇଥିଲା ଓ ସେ ବିଷୟର ନିଷ୍ପତ୍ତିରେ ଓଡ଼ିଶା-ନିବାସିମାନଙ୍କର ବିଶେଷ ସମ୍ବନ୍ଧ ଅଛି । ସେହି ବକ୍ତୃତା ପୋଷକତା କରିବାରେ ବାଦୀର କାର୍ଯ୍ୟ ଯେପରି ଦେଖାଯାଉଅଛି ସେଥିର ଉଚିତ ଦୋଷଗୁଣ ବିବେଚନା କରିବା ଅପେକ୍ଷା ଲେଖକ ଆଉ କିଛି ଅଧିକ କରିନାହିଁ ।

ଅନନ୍ତର ବାଦୀ କହଇ ଯେ 'ସ୍ୱଦେଶ ପ୍ରତି ବିରକ୍ତ' ହେବାର କହିବାରୁ ତାହାର ଅଖ୍ୟାତି ହୋଇଅଛି, ମଧ୍ୟ ଅନ୍ୟ ଉପାୟ ଦ୍ୱାରା ଏମ ଏ ଉପାଧି ପାଇବାର ଦୋଷାରୋପ ତାହା ପ୍ରତି ହୋଇଅଛି ।

ପତ୍ରର ଅବସ୍ଥା ବିବେଚନାରେ ଆମ୍ଭ ଜାଣିବାରେ 'ସ୍ୱଦେଶ ପ୍ରତି ବିରକ୍ତ' ହେବାର କହିବାରେ ବାଦୀର ଖ୍ୟାତିର କୌଣସି ହାନି ହେବା ଭଳି କିଛି ଦୋଷ ହୋଇ ନାହିଁ ଏବଂ ପତ୍ରରେ ଯେ ସକଳ ଶବ୍ଦ ବ୍ୟବହାର ହୋଇଅଛି ତହିଁରୁ ବାଦୀ ଅନ୍ୟାୟ ଉପାୟ ଦ୍ୱାରା, ଏମ ଏ ଉପାଧି ପାଇବାର ଅର୍ଥ ହୋଇ ପାରିବାର ଆମ୍ଭଙ୍କୁ ଜଣାଯାଉ ନାହିଁ । 'ଏ ମେ ଏଇ ଅକ୍ଷରମାନ ଯେନ ରଙ୍ଗ କରିବା ଓ ବାବୁ ମେଷ ପରି ନିର୍ବୁଦ୍ଧିତ୍ୱ ପ୍ରକାଶ କରିଥିବାର ବ୍ୟକ୍ତ କରାଇବା ଇଚ୍ଛାରେ କେବଳ ପତ୍ରପ୍ରେରକ ବାଦୀର ଉପାଧିର ଉଲ୍ଲେଖ କରିଅଛି ।

ଅତଏବ ଅଦାଲତ ବିଚାରରେ ଅପବାଦ ଅପରାଧ ହୋଇ ନ ଥିବାରୁ ମକଦ୍ଦମା ଡିସ୍‌ମିସ କରାଗଲା ଓ ପ୍ରତିବାଦୀ ଗୌରୀଶଙ୍କର ରାୟଙ୍କୁ ଫୌଜଦାରୀ କାର୍ଯ୍ୟବିଧି ଆଇନର ଦ ୨୫୦ ଧା ଅନୁସାରେ ଛାଡ଼ିଦିଆଗଲା ।

ଟି. ଏମ୍. କର୍କ୍ଡ
ଏକ୍‌ଟିଂ ଜଏଣ୍ଟ ମାଜିଷ୍ଟ୍ରେଟ

୪. ୮. ୧୮୭୯

ଆମ୍ଭେମାନେ ଏ ନିଷ୍ପତ୍ତିର ପ୍ରଶଂସା କରିବାକୁ ବାକ୍ୟର ଅଭାବ ଦେଖୁଅଛୁଁ । ଏହା ଅତି ଚମତ୍କାର ହୋଇଅଛି, ଅଥବା ଆମ୍ଭମାନଙ୍କ ପ୍ରଶଂସା ବାକ୍ୟକୁ ସର୍ବ ସାଧାରଣ ଗ୍ରହଣ ନ କରିବେ କାରଣ ଏ ନିଷ୍ପତ୍ତି ଆମ୍ଭମାନଙ୍କ ପକ୍ଷରେ ହୋଇ ଥିବାରୁ ସ୍ୱାର୍ଥତଃ ଆମ୍ଭେମାନେ ଏହାର ସୁଖ୍ୟାତି କରୁଁ । ତଥାଚ ଆମ୍ଭେମାନେ କହୁଁ ଯେ ନିଷ୍ପତ୍ତି ଉତ୍ତମ ହୋଇଅଛି । ହାକିମମାନେ ସର୍ବଦା ବିଚାର କାର୍ଯ୍ୟ କରୁଥିବାରୁ ଆଇନର ମର୍ମ ଉତ୍ତମରୂପେ ବୁଝିପାରନ୍ତି, ଏଥିରେ ବଡ଼ ପ୍ରଶଂସା ନାହିଁ ବୋଲି କେହି ଆପତ୍ତି କଲେ ଆମ୍ଭେମାନେ ସେଥିର ପ୍ରତିବାଦ କରୁନାହୁଁ । କିନ୍ତୁ ଶ୍ରୀଯୁକ୍ତ କର୍ଡ଼ ସାହେବ ଇଂରାଜ ଲୋକ ହୋଇ ଯେ ଉତ୍କଳ ଭାଷା ରଚିତ ବ୍ୟଙ୍ଗ୍ୟାର୍ଥ ଘଟିତ ପତ୍ରର ଯଥାର୍ଥ ଭାବ ଏତେ ତାତ୍ପର୍ଯ୍ୟରୂପେ ବୁଝିପାରି ମକଦ୍ଦମାର ଯଥାର୍ଥ ବିଚାର କଲେ ଏହା ଅବଶ୍ୟ ଭରି ପ୍ରଶଂସାର ବିଷୟ ଅଟଇ ଓ ଏଥିରୁ ବୋଧହୁଅଇ ଯେ ସେ ଦେଶୀୟ ଭାଷା ବୁଝିବା କାରଣ ସାମାନ୍ୟ ଯତ୍ନ କରି ନାହାନ୍ତି । ଯାହା ହେଉ ଶ୍ରୀଯୁକ୍ତ କର୍ଡ଼ ସାହେବ ଜଏଣ୍ଟ ମାଜିଷ୍ଟ୍ରେଟ ଏ ମକଦ୍ଦମାର ଉଚିତ ବିଚାର କରି ଉତ୍କଳର ସର୍ବସାଧାରଣଙ୍କଠାରେ ଅଧିକ ଆଦୃତ ହୋଇଅଛନ୍ତି ।

ମକଦ୍ଦମାର ବୃତ୍ତାନ୍ତ ଶେଷକରି ଶ୍ରୀଯୁକ୍ତ ବାବୁ ରାଜକୃଷ୍ଣ ମୁଖର୍ଜୀଙ୍କ ବିଷୟରେ କିଞ୍ଚିତ୍ ବ୍ୟକ୍ତ ନକରି କ୍ଷାନ୍ତ ହୋଇ ନ ପାରୁଁ । ବାବୁଙ୍କ ଉପରେ ଆମ୍ଭମାନଙ୍କର କେତେବଡ଼ ପ୍ରତ୍ୟାଶା ଅଛି ତାହା ଆମ୍ଭେମାନେ ତାହାଙ୍କ ଆସିବା ପୂର୍ବ ଚଳିତ ବର୍ଷ ଫରୱର ମାସ ତା ୨୦ ରିଖ ପତ୍ରିକାରେ ସର୍ବସାଧାରଣଙ୍କୁ ଜଣାଇଅଛୁଁ ଓ ଏ ମକଦ୍ଦମା ହେଲାରୁ ଯେ ସେ ଆଶା ଧ୍ୱଂଶ ହେଲା ଏମନ୍ତ ନୁହଇ । ଅତି ବୁଦ୍ଧିମାନ ବ୍ୟକ୍ତି ସୁଦ୍ଧା କେବେ କେବେ ଭ୍ରମରେ ପଡ଼ନ୍ତି ଓ ଗୋଟାଏ ମକଦ୍ଦମାରେ କେହି ହାରିଲେ ତାହାକୁ ନିର୍ବୋଧ ଜ୍ଞାନ କରିବା ଯେମନ୍ତ ଯୁକ୍ତି ବିରୁଦ୍ଧ କେହି ଗୋଟିଏ ମକଦ୍ଦମା ଜିଣିଲେ ତାହାକୁ ବୁଦ୍ଧିମାନ ଜ୍ଞାନ କରିବା ତେମନ୍ତ ଯୁକ୍ତିବିରୁଦ୍ଧ ଅଟଇ । ମନୁଷ୍ୟ କିଛି ଦେବତା ନୁହଇ ଯେ ସକଳ ସମୟରେ ଅଭ୍ରାନ୍ତ ରୂପେ କାର୍ଯ୍ୟ କରିବ । ବାବୁଙ୍କର ବୟସ ଅଳ୍ପ, କେବଳ ୨୩ ବର୍ଷ ଅଟଇ, ଏଥିରେ ସେ ଇଂରାଜୀ ବିଦ୍ୟାରେ ସର୍ବୋଚ୍ଚ ମର୍ଯ୍ୟାଦା ପ୍ରାପ୍ତ ହୋଇ ଅନେକ ସୁଖ୍ୟାତି ଲାଭ କରିଅଛନ୍ତି । ରକ୍ତର ଉତ୍ତେଜନା ହେତୁ ଅଳ୍ପ ନିନ୍ଦା ଶୁଣିଲେ ତେତେବଡ଼ ଯଶର ଲାଘବତା ଜ୍ଞାନକରି ସ୍ୱଭାବତଃ ଦୁଃଖିତ ହୋଇପାରନ୍ତି । ତହିଁରେ ପୁଣି ଉତ୍କଳ ଭାଷା ଅତ୍ୟଳ୍ପ କାଳ ହେଲା ଶିଖିବାକୁ ଆରମ୍ଭ କରିଥିବାରୁ ଏଥିର ସକଳ ଭାବ ଭଙ୍ଗିରୁ ଅବଗତ ହେବାର ସମ୍ଭାବନା ନାହିଁ । ଏ ଅବସ୍ଥାରେ ଯେ ସେ ଭ୍ରମ ପ୍ରମାଦରେ ପଡ଼ିବେ ଏଥିରେ ଆଶ୍ଚର୍ଯ୍ୟ କି ଅଛି ? କିନ୍ତୁ ଦୁଃଖର ବିଷୟ ଯେ କେହି ପ୍ରବୀଣ ଲୋକ ତାହାଙ୍କର ଉପଦେଷ୍ଟା ନ ମିଳିଲେ, ଅଥବା କେହି ମିଳିଥିଲେ ତାହା କଥାକୁ ଗ୍ରାହ୍ୟ ନକଲେ; ସେ ରୂପ ହୋଇଥିଲେ ଅବା ସେ ବୃଥା ଜନାପବାଦରୁ ରକ୍ଷା ପାଇଥାନ୍ତେ । ତଥାଚ ଆମ୍ଭେ ଅସ୍ମ ଦେଶୀୟ ଲୋକଙ୍କୁ ପ୍ରାର୍ଥନା କରୁଅଛୁଁ ଯେ କାହାରି ଛିଦ୍ର ଅନୁସନ୍ଧାନ ନ କରି ଗୁଣ ଗ୍ରହଣରେ ତତ୍ପର ହେଉନ୍ତୁ ।

ବାବୁ ଉମାଚରଣ ହାଲଦାର ଓଡ଼ିଆ ଭାଷାକୁ ବଙ୍ଗାକ୍ଷରରେ ଲେଖିବାପାଇଁ ଏକ ଦୀର୍ଘ ଲେଖା ତା ୮. ୭ ୧୮୬୯ର 'କଟକଷ୍ଟାର' ସାପ୍ତାହିକ ପତ୍ରିକାରେ ପ୍ରକାଶ କରିଥିଲେ । ଏ ବିଷୟରେ ଆଲୋଚନା ପାଇଁ ତା ୧୪. ୭. ୬୯ ରେ ଡ଼ିବେଟିଂ କ୍ଲବରେ ଯେଉଁ ସଭା ହୋଇଥିଲା ସେଥିରେ କେତେକ ବଙ୍ଗୀୟ ସଭ୍ୟ ହାଲଦାର ମହାଶୟଙ୍କ ଅଭିମତକୁ ଅନୁମୋଦନ କରି ବକ୍ତୃତା ଦେଇଥିଲେ । ଏ ସମ୍ପର୍କରେ ତା ୨୪. ୭. ୬୯ ର ଦୀପିକାରେ ଶ୍ରୀରଙ୍ଗ ପଞ୍ଚାନନ ନାମରେ ଜନୈକ ଲେଖକ (ନିଜେ ଗୌରୀଶଙ୍କର ରାୟ ବୋଲି ପଣ୍ଡିତ ମୃତ୍ୟୁଞ୍ଜୟ ରଥ କହନ୍ତି) ଏକ ପ୍ରେରିତ ପତ୍ରରେ ଲେଖିଥିଲେ, "ଏହି ବିଷୟରେ କେତେକ ଏ ଦେଶୀୟ ବ୍ୟକ୍ତିମାନେ ଆପତ୍ତି ଉତ୍ଥାପନ କରିଥିଲେ କିନ୍ତୁ ଶ୍ରୀଯୁକ୍ତ ବାବୁ ରାଜକୃଷ୍ଣ ବନ୍ଦୋପାଧ୍ୟାୟ ମହାଶୟ ସ୍ୱୀୟ ଅସାଧାରଣ ବିଦ୍ୟାବତ୍ତା ଓ ବାକପଟୁତା ସହକାରେ ବହୁ ବାଗାଡମ୍ବର କରିବାରେ ଉଲ୍ଲିଖିତ ବିଷୟ ଧାର୍ଯ୍ୟ ହେଲା ।

ବାବୁ ମହାଶୟ ଅନେକ ବିଦ୍ୟାରେ ପରିପୂର୍ଣ୍ଣ ହୋଇ ପ୍ରଶଂସାପତ୍ରମାନ ଲାଭକରି 'ଏମେ' ଉପାଧି ପ୍ରାପ୍ତ ହୋଇ ଅଛନ୍ତି, ସ୍ୱଦେଶର ପ୍ରତି ବିରକ୍ତ ହୋଇ ଉତ୍କଳର ଉନ୍ନତି ନିମିତ୍ତ କୃତସଂକଳ୍ପ ହୋଇ ଅସ୍ମମାନଙ୍କର ସୌଭାଗ୍ୟକ୍ରମେ ଏ ଦେଶରେ ଅବତୀର୍ଣ୍ଣ ହୋଇଅଛନ୍ତି । ଉତ୍କଳର ସୌଭାଗ୍ୟ, ମନୋମତ ଉପଯୁକ୍ତ ଲୋକ ପାଇଅଛୁ, ଅନେକ ପ୍ରତିପତ୍ତି ଲାଭ କରିବ ।

ବଡ ଦୁଃଖର ବିଷୟ ବାବୁ ଯେ ପ୍ରକାର ବିଦ୍ୱାନ ତାହାଙ୍କ ଜଠରରେ କେତେ-ଗୋଟି ଉତ୍କଳ ଅକ୍ଷର ରହିବାକୁ ଯେବେ ସ୍ଥାନଥାନ୍ତା ତେବେ ପଞ୍ଚାନ୍ନର ଆଉ ନଥିଲା । ବାବୁ ଏକ ପ୍ରକାର ଚତୁରତାର କର୍ମ କରି ଉପାଧିରୁ 'ଷ' ଲୋପ କରିଅଛନ୍ତି । ଇତି" (ଘଟି ଲେଖାର ସମୟ ତା ୧୫. ୭. ୧୮୬୯)

ଏହି ଲେଖାର ଭିତ୍ତିରେ ରାଜକୃଷ୍ଣବାବୁ କୋର୍ଟରେ ଯେଉଁ ମାନହାନି ମକଦ୍ଦମା କରିଥିଲେ ଦୀପିକାର ତା ୭. ୮. ୬୯ ସଂଖ୍ୟାରେ ତା'ର ପରିପୂର୍ଣ୍ଣ ବିବରଣୀ 'ଆମ୍ଭ ସମ୍ବାଦ' ନାମକ ଲେଖାରେ ଦେଖିବାକୁ ମିଳେ । ବର୍ତ୍ତମାନ ପ୍ରବନ୍ଧର ପ୍ରଥମରେ ଏହାକୁ ଆମେ ଉପସ୍ଥାପନ କରି ତାହାର ବିଶ୍ଳେଷଣ କରିବାକୁ ଯାଉଅଛୁ ।

ଶ୍ରୀରଙ୍ଗ ପଞ୍ଚାନନଙ୍କ ପ୍ରେରିତ ପତ୍ରର ଗୁଡ଼ିଏ ବାକ୍ୟାଂଶ ଉଦ୍ଧାର କରି ଯେଉଁ ଗୁଡ଼ିଏ ଅପରାଧ ସୂଚକ କଥା ଥିବାର ରାଜକୃଷ୍ଣ ବାବୁ କୋର୍ଟରେ କହିଛନ୍ତି ସେ ସବୁ ହେଉଛନ୍ତି ତାଙ୍କର (କ) ଦେଶାନୁରାଗ ଶୂନ୍ୟତା (ଖ) ମୂର୍ଖତା ଓ ଅପାରଗତାଜନିତ ଅଳ୍ପବୁଦ୍ଧି (ଗ) ଚାରିତ୍ରିକ ଦୁର୍ବଳତା ଓ (ଘ) ବୁଦ୍ଧି-ବିବେକ ହୀନତା । ଏଥିପାଇଁ ଦଣ୍ଡବିଧିର ୫୦୧ ଦଫା ଅନୁସାରେ ଏହା ଏକ ଦଣ୍ଡନୀୟ ଅପରାଧ ବୋଲି ସେ ପ୍ରିଣ୍ଟିଂ କମ୍ପାନୀର କର୍ମକର୍ତ୍ତାଙ୍କୁ ପତ୍ରରେ ଜଣାଇଛନ୍ତି । କିନ୍ତୁ କର୍ଲିଡ଼ ସାହେବ ଦଣ୍ଡବିଧି

ଆଇନର ୫୦୦ ଦଫାର ଅର୍ଥ ଅନୁସାରେ ଏଥିରେ କୌଣସି ଅପବାଦ ନ ଥିବାର କହି ୪୯୯ ଦଫାର ଉକ୍ତାସ୍ତୁ ବର୍ଜିତ ବିଧି ମଧ୍ୟରେ ଏ ବିଷୟକୁ ବିଚାର କରି ଅଛନ୍ତି । ଏ ସମସ୍ତ ବିଷୟ ଜାଣିବା ପାଇଁ ଆମେ ପେନାଲ କୋଡର ୫୦୦ ଓ ୫୦୧ ଧାରା ବର୍ତ୍ତମାନ ଉଦ୍ଧାର କରି ଦେଉଛୁ ।

500 – Punishment for defamation - Whoever defames another shall be punished with simple imprisonment for a term which may extend to two years, or with fine, or with both.

501 – Printing or engraving matter known to be defamatory whoever prints or engraves any matter knowing or having good reason to believe that such matter is defamatory of any person, shall be punished with simple imprisonment for a term which may extend to two years, or with fine, or with both.

ଗୋଟିଏ ଲେଖାରେ ଅପବାଦସୂଚକ ଅପରାଧ ଥିବାର ପ୍ରମାଣିତ ହେଲା ପରେ ଯେଉଁ ଦଣ୍ଡର ବ୍ୟବସ୍ଥା କରାଯାଏ ତାହା ଏଇ ଦୁଇଟି ଧାରା ୫୦୦ ଓ ୫୦୧ରେ ଥିବାର ଦେଖିବାକୁ ମିଳେ । ତେଣୁ ଅପରାଧ ଥିବାର ପ୍ରମାଣ ନ କରି କେବଳ ଏଇ ଦୁଇ ଧାରାରେ ପୂର୍ବୋକ୍ତ ପ୍ରେରିତ ପତ୍ରକୁ ବିଚାର କରିବା ନ୍ୟାୟ ସଙ୍ଗତ ନୁହେଁ । ଗୋଟିଏ ଲେଖାରେ ଥିବା ଅପବାଦର ସ୍ୱରୂପ କ'ଣ ? ଓ କେଉଁ କ୍ଷେତ୍ରରେ ଅପବାଦ ଥିବା ପରି ମନେ ହେଉଥିଲେ ହେଁ ତାହା ଅପବାଦସୂଚକ ହୁଏ ନାହିଁ— ଏ ସବୁ ୪୯୯ ଦଫାର ପରିସରଭୁକ୍ତ । ତେଣୁ କର୍ତ୍ତ ସାହେବ ଏଇ ଧାରାର ଉଟସ୍ଥ ବର୍ଜିତ ବିଧି ମଧ୍ୟରେ ଏ କେଶ୍‌କୁ ବିଚାର କରିଅଛନ୍ତି । ପେନାଲ କୋର୍ଡର ଏଇ ଧାରାଟି ହେଉଛି—

499—Defamation—Whoever by words either spoken or intended to be read, or by signs or by visible representations, makes or publishes any imputation concerning any person intending to harm or knowing or having reason to believe that such imputation will harm the reputation of such person, is said, except in the cases herein after excepted to defame that person.

X X X

Explanation 3—An imputation in the form of an alternative or expressed ironically, may amount to defamation.

୪୯୯ ଦଫାର ଅଛି ୪ଟି ବର୍ଜିତ ବାଧ୍ୟ ବା ( Explanaton ) ଯାହା ଗୋଟିଏ ଲେଖାରେ ଥିଲେ ତାହା ମୂଳଦଫା ୪୯୯ର ଅନ୍ତର୍ଭୁକ୍ତ ହେବ ନାହିଁ ! ଏଠାରେ କେବଳ ତୃତୀୟ ବାଧ୍ୟଟିକୁ ପ୍ରାସଙ୍ଗିକ କାରଣରୁ ଉଦ୍ଧାର କରାଯାଇଛି । ଏହା ପରେ ଏଇ ୪ଟି ବାଧ୍ୟକୁ ଉଦାହରଣ ମାଧ୍ୟମରେ ବୁଝାଇଦିଆଯାଇଛି । ପୂର୍ବୋକ୍ତ ତୃତୀୟ ବାଧ୍ୟର Illustration ହେଉଛି —

Third Exception :—Conduct of any person touching any public question— It is not defamation to express in good faith any opinion whatever respecting the conduct of any person touching any public question, and respecting his character so far as his character appears in that conduct, and no further.

ପେନାଲ କୋର୍ଡ଼ର ୪୯୯ ଧାରା —ଡିଫେମେସନ ବା ମାନହାନିର ତୃତୀୟ ବର୍ଜିତ ବାଧ୍ୟ ଓ ତତ୍ ସମ୍ପର୍କିତ ବ୍ୟାଖ୍ୟା ମାଧ୍ୟମରେ କଲୁ'ଡ ସାହେବ ଆଲୋଚ୍ୟ ପ୍ରେରିତପତ୍ରର ବିଷୟବସ୍ତୁକୁ କିପରି ବିଚାର କରିଛନ୍ତି ତାହା ଜାଣିବା ପୂର୍ବରୁ ରାଜକୃଷ୍ଣ ବାବୁଙ୍କ ଗୃହୀତ ଅପବାଦ ସୂଚକ ଅଭିଯୋଗର ଯଥାର୍ଥତା ବର୍ତ୍ତମାନ ଆମେ ଆଲୋଚନା କରୁଅଛୁ ।

ପ୍ରଥମ ଅଭିଯୋଗ— "ସ୍ୱଦେଶର ପ୍ରତି ବିରକ୍ତ ହୋଇ ଉତ୍କଳର ଉନ୍ନତି ଇତ୍ୟାଦି"—ଏଥିରେ ବାଦୀଙ୍କର ଦେଶାନୁରାଗ ନଥିବାର ସେ ଅନୁଭବ କରିଅଛନ୍ତି । କିନ୍ତୁ ମୂଳ ପାଠର ଏପରି ବ୍ୟାଖ୍ୟା ସମ୍ପୂର୍ଣ୍ଣ ଭ୍ରମାତ୍ମକ । କାରଣ ସେ ନିଜ ଦେଶ ଅର୍ଥାତ୍ ବଙ୍ଗ ଦେଶ ପ୍ରତି ବିରକ୍ତ ହୋଇ ଉତ୍କଳର ଉନ୍ନତି ପାଇଁ ଏ ଦେଶକୁ ଆସେ, ଏ ଦେଶର ଭାଷାକୁ ବଙ୍ଗାକ୍ଷରରେ ଲେଖିବାର ପ୍ରସ୍ତାବକୁ ସମର୍ଥନ କରିବା ତାହାଙ୍କ ପକ୍ଷେ ସର୍ବାଦୌ ଅସ୍ୱାଭାବିକ । ଯଥାର୍ଥତଃ, ମୂଳପାଠରେ ଅଛି ଏକ ଲଘୁ ପରିହାସ ଯାହା 'ସ୍ୱଦେଶ ପ୍ରତି ବିରକ୍ତ' ଓ 'ଉତ୍କଳର ଉନ୍ନତି' କହିବାରେ ସ୍ୱତଃ ଫୁଟି ଉଠୁଛି । ଏହି ବ୍ୟଙ୍ଗାତ୍ମକ ଭାଷାର ଅନ୍ତରାଳରେ ଅଛି ଠିକ ଏକ ବିପରୀତାର୍ଥବୋଧକ ଭାବ —ଅର୍ଥାତ୍, ନିଜ ଦେଶ ପ୍ରତି ଗଭୀର ଅନୁରକ୍ତି ଓ ଉତ୍କଳ ଭାଷାର ଅବନତି ତଥା ବିଲୋପର ପ୍ରୟାସ । କଲୁ'ଡ ସାହେବଙ୍କ ରାୟରେ ଏପରି ବିଶ୍ଳେଷଣ ନଥିଲେ ହେଁ ଏଥିରେ "ବାଦୀର ଖ୍ୟାତିର କୌଣସି ହାନି ହେବା ଭଳି ଦୋଷ ହୋଇ ନାହିଁ" କହି ସେ ଏ ଅଭିଯୋଗକୁ ଯୁକ୍ତିସିଦ୍ଧ ବୋଲି ଗ୍ରହଣ କରି ନାହାନ୍ତି ।

ଦ୍ୱିତୀୟ ଅଭିଯୋଗ—ବାଦୀଙ୍କ "*ଜଠରରେ କେତେକୋଟି ଉତ୍କଳ ଅକ୍ଷର ରହିବାକୁ ଯେବେ ସ୍ଥାନ ଥାନ୍ତା ଇତ୍ୟାଦି"— ଏଥିରେ ବାବୁଙ୍କର ମୂର୍ଖତା, ଅପାରଗତା ତଥା ଅଳ୍ପ ବୁଦ୍ଧିର ଅପବାଦ ଥିବାର ବୁଝାଯାଇଛି । ଏପରି ଅର୍ଥ

ମଧ୍ୟ ସମ୍ପୂର୍ଣ୍ଣ ଅସଙ୍ଗତ । ଖାଦ୍ୟ ପେଟରେ ରହେ, ସମୟରେ ତାହା ଜୀର୍ଣ୍ଣ ହୋଇ ରକ୍ତରେ ପରିଣତ ହୁଏ । କିନ୍ତୁ ବିଦ୍ୟା ରହେ ମସ୍ତିଷ୍କରେ, ସମୟରେ ତାହା ପରିପକ୍ୱ ହେଲେ ଜ୍ଞାନ ଓ ବିବେକ ଶକ୍ତିରେ ରୂପାନ୍ତରିତ ହୋଇଥାଏ । ଗୋଟିଏ ଲଘୁ ପରିହାସ ସୃଷ୍ଟି ପାଇଁ ପେଟରେ ବିଦ୍ୟା ରହିବାର ପ୍ରୟୋଗ ସାଧାରଣତଃ ବ୍ୟାବହାରିକ ଜୀବନରେ ଦେଖା ଯାଇଥାଏ କିନ୍ତୁ ଏହା କୌଣସି ଲେଖକର ସମ୍ମାନ ହାନିକର ବୋଲି ବିବେଚିତ ହୁଏ ନାହିଁ । ସାମାଜିକ ଜୀବନର ଚଳଣି ଭିତରେ ଏପରି ବ୍ୟଙ୍ଗର ପ୍ରୟୋଗ ରାଜକୃଷ୍ଣ ବାବୁ ବୁଝିଥିଲେ ପରି ମନେ ହୁଏ ନାହିଁ । ଦେଖିବାର କଥା, କଲ୍‌ଡ଼ ସାହେବ ଏ ଅଭିଯୋଗ ଉପରେ କୌଣସି ଗୁରୁତ୍ୱ ଦେଇ ନାହାନ୍ତି ।

ତୃତୀୟ ଅଭିଯୋଗ— 'ବାବୁ ଏକପ୍ରକାର ଚତୁରତାର କର୍ମ କରି ଉପାଧିରୁ 'ଷ' ଲୋପ କରି ଅଛନ୍ତି ।" ଏଥିରୁ, କୌଣସି ମନ୍ଦ ଉପାୟ ଦ୍ୱାରା ଏମ. ଏ. ଉପାଧି ପାଇ ଅଛନ୍ତି' ବୋଲି ଏକ ନୂତନ ଅର୍ଥ ବାଦୀ ବାହାର କରିଅଛନ୍ତି । କିନ୍ତୁ ଏ ଅର୍ଥ ସମ୍ପୂର୍ଣ୍ଣ କପୋଳ କଳ୍ପିତ—ମୂଳପାଠରେ ଏହାର କୌଣସି ସୂଚନା ନାହିଁ । କଲ୍‌ଡ଼ ସାହେବ ମଧ୍ୟ ଏପରି ଅର୍ଥକୁ ଗ୍ରହଣ କରି ନାହାନ୍ତି ।

ଚତୁର୍ଥ ଅଭିଯୋଟ – ପତ୍ରପ୍ରେରକ ତାଙ୍କୁ 'ମେଷ' କହିବାରୁ ବାଦୀଙ୍କୁ ମେଷ ପରି ଗୋଟିଏ ପଶୁ ସହିତ ତୁଳନା କରାଯାଇଛି । ରାଜକୃଷ୍ଣ ବାବୁଙ୍କ ଏ ଅଭିଯୋଗ ମଧ୍ୟ ସର୍ବାଦୌ ଭିତ୍ତିହୀନ । ଏଇ ମେଷ' ଶବ୍ଦର ଗଠନ କୌଶଳ ଓ ତାର ତାତ୍ପର୍ଯ୍ୟ ବର୍ତ୍ତମାନ ବୁଝାଇ ଦେଉଅଛୁ । ଇଂରାଜୀରେ MLA ଓଡ଼ିଆ ଅକ୍ଷରରେ ଏମ୍ +ଏଲ୍ +ଏ, ଯାହା ଉଚ୍ଚାରଣରେ ହୁଏ, 'ଏମେଲେ' । ଠିକ୍ ସେହିପରି ଇଂରାଜୀରେ M A. ଓଡ଼ିଆରେ ଏମ+ଏ । 'ମେଷ'ର ଅପର ନାମ ଗଡ୍ଡର ଯାହା ସ୍ତ୍ରୀଲିଙ୍ଗରେ ହୁଏ ଗଡ୍ଡରିକା ବା ଗଡ୍ଡଳିକା । ଏହାର ଅର୍ଥ ମେଷ ପଲର ଅଗ୍ରଗାମିନୀ ମେଷୀ । ଏଇଥିରୁ ହୋଇଛି ଗଡ୍ଡଳିକା ପ୍ରବାହ ପରି ଶଙ୍କ । ଗୋଟିଏ ମେଷୀ ନଈ ପାର ହେବାକୁ ପ୍ରଥମେ ଚେଷ୍ଟା କଲେ ଅନ୍ୟ ମେଣ୍ଢା ସବୁ ନିର୍ବିଘ୍ନରେ ତାର ଅନୁସରଣ କରିଥାନ୍ତି । ବିଚାରହୀନ ଭାବେ ଅନ୍ୟ ଜଣଙ୍କ କଥାରେ ଲାଗି ଯାଇ କେହି କାମ କଲେ ସେ ଗଡ୍ଡଳିକା ପ୍ରବାହ ନ୍ୟାୟରେ କାମ କରିଛି ବୋଲି କୁହାଯାଇଥାଏ । ଭାଷାରେ ଶବ୍ଦର ଏପରି ପ୍ରୟୋଗକୁ ରୂଢ଼ ପ୍ରୟୋଗ ବୋଲି କୁହାଯାଏ । ଏହାର ଅର୍ଥ ଯେଉଁ ସବୁ ଶବ୍ଦ ପ୍ରକୃତି ପ୍ରତ୍ୟୟ ବା ନିରୁକ୍ତିଗତ ଅର୍ଥ ପ୍ରକାଶ ନ କରି ଭିନ୍ନାର୍ଥ ପ୍ରକାଶ କରନ୍ତି ସେହି ଶବ୍ଦ ଗୁଡ଼ିକ ରୂଢ଼ି । ଅର୍ଥାତ୍ ବ୍ୟୁତ୍ପତ୍ତି ଲଭ୍ୟ ଅର୍ଥ ପ୍ରକାଶ ନ କରି ବ୍ୟବହାର କ୍ରମେ ଅନ୍ୟ ଅର୍ଥରେ ପ୍ରକାଶିତ ହେଲେ ଗୋଟିଏ ଶବ୍ଦ ରୂଢ଼

ଶବ୍ଦରେ ପରିଣତ ହୁଏ । ତେଣୁ ଗଡ୍ଡାଳିକା ପ୍ରବାହ'ରେ 'ମେଷ' ଅପେକ୍ଷା ଏହାର ସମଗ୍ର ଅର୍ଥ—'ବିଚାରହୀନ ଭାବେ ଅନ୍ୟର ଅନୁସରଣ'ହିଁ ପ୍ରଧାନ । ଉପାଧିରେ ଏପରି ଅନ୍ଧାନୁସରଣର ଭାବ ପ୍ରାଧାନ୍ୟ ଲାଭ କରିଥିବାରୁ ତାହାକୁ ପଶୁ ସଙ୍ଗେ ତୁଳନା କରିବାର ପ୍ରଶ୍ନ ଉଠୁ ନାହିଁ । ଏ ଶବ୍ଦକୁ ଅନ୍ୟ ଏକ ଦୃଷ୍ଟିରୁ ମଧ୍ୟ ଅର୍ଥ କରାଯାଇପାରେ । ବାବୁଙ୍କର ଉପାଧି ହେଉଛି 'ଏ ମେଷ' । ଏଥିରୁ 'ଷ' କାଟିଗଲେ ଏହା ହେବ 'ଏମେ' ଯାହାର ଇଂରାଜୀ ରୂପ M. A. । ଶୁଦ୍ଧ ଓଡ଼ିଆରେ ଏଇ 'ଏମେ' ହେଉଛି ମେଣ୍ଢାର ରବ, ଯେପରି କାଉର 'କା କା', କୋଇଲିର 'କୁ କୁ', କୁକୁରର 'ଭୁ ଭୁ', ଗୋରୁର 'ହମା' । ଦେଖିବାର କଥା, ରାଜକୃଷ୍ଣ ବାବୁ ନିଜ ଉପାଧିକୁ ଏମ. ଏ. ଲେଖିଲା ବେଳେ ପତ୍ରପ୍ରେରକ ଏହାକୁ ଏମେ' କହିଛନ୍ତି, ଯାହା ଏକ ବ୍ୟଙ୍ଗାତ୍ମକ ଭାବର ଦ୍ୟୋତକ ମାତ୍ର । ତେଣୁ କଲ୍'ଡ଼ ସାହେବଙ୍କ ଗ୍ରନ୍ଥରେ ଅଛି, "ଏମେ ଏଇ ଅକ୍ଷରମାନ ଯୋଡ଼ି ରଙ୍ଗ କରିବା ଓ ବାବୁ ମେଷ ପରି ନିର୍ବୁଦ୍ଧି ପ୍ରକାଶ କରିଥିବାର ବ୍ୟକ୍ତ କରାଇବା ଇଚ୍ଛାରେ କେବଳ ପତ୍ରପ୍ରେରକ ତାହାର ଉପାଧିର ଉଲ୍ଲେଖ କରିଅଛନ୍ତି ।" ଫଳରେ ଗଡ୍ଡାଳିକା ପ୍ରବାହର ଅର୍ଥ ଯାହା ରୂଢ଼ ଶବ୍ଦ ହେତୁ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ, ତାହା ଏଇ ଗ୍ରନ୍ଥରେ ସ୍ଥାନ ପାଇ ନାହିଁ । ଶେଷରେ ଏତିକି କୁହାଯାଇ ପାରେ ଯେ, ପତ୍ର-ପ୍ରେରକଙ୍କ ଲେଖାର ଅଂଶ ଗୁଡ଼ିକ ମାନହାନି ସୂଚକ ବୋଲି ରାଜକୃଷ୍ଣ ବାବୁ ଉଦ୍ଧାର କରିଅଛନ୍ତି ସେଥିରେ ସମ୍ବନ୍ଧ ଅଛି ଏକ ଲଘୁ ଉପହାସ, ଏହା ମଧ୍ୟ ପୂର୍ଣ୍ଣତଃ ବ୍ୟଙ୍ଗ ବା ଶ୍ଳେଷାତ୍ମକ । ଏ ବ୍ୟଙ୍ଗ ବା ଶ୍ଳେଷ କ'ଣ ଏପରି ପ୍ରକୃତିର, ଯାହା ରାଜକୃଷ୍ଣ ବାବୁଙ୍କ ବ୍ୟକ୍ତିଗତ ଚରିତ୍ର, ତାଙ୍କର ଖ୍ୟାତି ଓ ପାଣ୍ଡିତ୍ୟ ଉପରେ ଆଘାତ ଆଣି ଦେଇଛି ? ବିଶେଷତଃ ପତ୍ରପ୍ରେରକ କେଉଁ ପରିବେଶ ଓ କାହାକୁ ଲକ୍ଷ୍ୟ ରଖି ଏ ଶ୍ଳେଷର ପ୍ରୟୋଗ କରିଛନ୍ତି ? ଏ ଉଭୟ ପ୍ରଶ୍ନର ସମାଧାନ କଲ୍'ଡ ସାହେବଙ୍କ ଗ୍ରନ୍ଥର ପ୍ରଥମାଂଶରେ ଲିପିବଦ୍ଧ ହୋଇ ରହିଅଛି ।

ଓଡ଼ିଆ ଅକ୍ଷର ଉଠାଇ ଦେଇ ବଙ୍ଗାକ୍ଷର ପ୍ରଚଳନ କରିବା ବିଷୟରେ ଡିବେଟିଂ କ୍ଳବରେ ଯେଉଁ ଆଲୋଚନା ହୋଇଥିଲା ରାଜକୃଷ୍ଣ ବାବୁ ସେଥିରେ ଯୋଗ ଦେଇ ପ୍ରକାଶ୍ୟରେ ସେ ବିଷୟର ପୋଷକତା ଓ ସମର୍ଥନ କରିଥିଲେ । ଓଡ଼ିଆ ଭାଷାକୁ ବଙ୍ଗାକ୍ଷରରେ ଲେଖିବା ଅଭିମତ ସମ୍ପୂର୍ଣ୍ଣ ଅବାସ୍ତବ, ହାସ୍ୟାସ୍ପଦ ମଧ୍ୟ । ତେଣୁ ପତ୍ରପ୍ରେରକ ଏହି ଅଭିମତକୁ ଲକ୍ଷ୍ୟ ରଖି ଶ୍ଳେଷାତ୍ମକ ଭାଷାରେ ନିଜର ଅଭିପ୍ରାୟ ପ୍ରେରିତପତ୍ରରେ ବ୍ୟକ୍ତ କରିଥିଲେ । ଦେଖିବାର କଥା, ଏପରି ଅକ୍ଷର ପରିବର୍ତ୍ତନ ଜନସାଧାରଣଙ୍କ ସ୍ୱାର୍ଥ ସହିତ ଘନିଷ୍ଠ ଭାବେ ସମ୍ପୃକ୍ତ । ସେ ଆଲୋଚନାର ପ୍ରସ୍ତାବ ଯଦି କାର୍ଯ୍ୟରେ ପରିଣତ ହୋଇଥିଲେ ତାହାଦ୍ୱାରା ନିଶ୍ଚୟ ଓଡ଼ିଶାବାସୀଙ୍କର ଅଶେଷ ଅନିଷ୍ଟ ସାଧିତ ହୋଇଥାନ୍ତା । ପତ୍ରପ୍ରେରକ କେବଳ ଏଇ ବିଷୟଟିକୁ ନିଜ

ଲେଖା ବେଳେ ଦୃଷ୍ଟିରେ ରଖିଛନ୍ତି; ରାଜକୃଷ୍ଣ ବାବୁଙ୍କ ବ୍ୟକ୍ତିଗତ ଏବଂ ସାମଗ୍ରିକ କିମ୍ବା କଳାପ ଉପରେ କୌଣସି ମନ୍ତବ୍ୟ ନ ଦେଇ ସେ ନିଜ ଆଲୋଚନାରେ ବାବୁଙ୍କର ଭୂମିକାର ବସ୍ତୁର ଶ୍ଳେଷାତ୍ମକ ଭାଷାରେ ପ୍ରକାଶ କରିଅଛନ୍ତି । ଏକ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିର ପ୍ରତିକୂଳ ମନ୍ତବ୍ୟ ଉପରେ ମତାମତ ପ୍ରକାଶ କଲାବେଳେ ତାର ସାମଗ୍ରିକ ଚରିତ୍ର ଉପରେ ଯଦି ଦୋଷାରୋପ କରା ନ ଯାଏ ଓ ଏପରି ମତାମତ ପୂର୍ଣ୍ଣତଃ ପ୍ରସଙ୍ଗର ପରିସର ଭିତରେ ସୀମିତ ରହେ, ତା ହେଲେ ସେଇ ମତାମତ ଭିତରେ ଥିବା ବ୍ୟଙ୍ଗ ବା ଶ୍ଳେଷ ମାନହାନି ସ୍ତରକୁ ଆଇନତଃ ଆସି ନ ଥାଏ । କଲୁଣ୍ଡି ସାହେବଙ୍କ ରାୟର ପ୍ରଥମାଂଶରେ ଏଇ ବସ୍ତୁରଟି ଅଛି ଓ ତାହା ପୂର୍ଣ୍ଣତଃ ପେନାଲକୋଡ୍‌ର ୪୯୯ ଦଫାର ତୃତୀୟ ବର୍ଜିତ ବିଧି ଓ ତାର ବ୍ୟାଖ୍ୟା ଉପରେ ହିଁ ପ୍ରତିଷ୍ଠିତ ହୋଇ ଅଛି । ମୂଳତଃ, ରାଜକୃଷ୍ଣ ବାବୁଙ୍କ ଯୁକ୍ତି ଆଦୌ ବଳିଷ୍ଠ ନୁହେଁ । ଓଡ଼ିଆ ଭାଷାର ପ୍ରକାଶଭଙ୍ଗୀ, ତା'ର ବିଶିଷ୍ଟ ପ୍ରୟୋଗ-ବିଧି ଉପରେ ତାଙ୍କର ସ୍ପଷ୍ଟ ଧାରଣା ଥିଲା ବୋଲି ମନେ ହୁଏ ନାହିଁ । ଭାଷାର ବାହ୍ୟରୂପରୁ ସେ ଯାହା ପାଇଛନ୍ତି ତାହାକୁ ନିଜର ସମ୍ମାନ ହାନିକର ବୋଲି ଗ୍ରହଣ କରି ନେଇଛନ୍ତି । ଶ୍ଳେଷାର୍ଥ ଗର୍ଭିତ ଭାଷାର ଅନ୍ତରାଳରେ ଲୁକ୍କାୟିତ ଥିବା ଲେଖକଙ୍କର ଯଥାର୍ଥ ଲକ୍ଷ୍ୟ ଉପଲବ୍ଧ ହେଲେ ମାନହାନିର ଆଉ କୌଣସି ପ୍ରଶ୍ନ ଉଠେ ନାହିଁ । ଫଳରେ ରାଜକୃଷ୍ଣ ବାବୁଙ୍କ କେସଟି ଡିସମିସ୍ ହୋଇଯିବା ଏକାନ୍ତ ସ୍ୱାଭାବିକ । ପରିଶେଷରେ ଫୌଜଦାରୀ କାର୍ଯ୍ୟବିଧି ଆଇନ (Code of Criminal Procedure)ର ୨୫୦ ଦଫା ଅନୁସାରେ ଗୌରୀଶଙ୍କର ରାୟଙ୍କୁ ଛୁଡ଼ି ଦିଆଯାଇଥିଲା । ଏଇ ଦଫାର ପରିଚୟ ଦେଖନ୍ତୁ ।

Frivolous Accusations in Summons and Warrent Cases

250. False, frivolous or vexatious accusation--(1) If in any case instituted upon complaint or upon information given to a police officer or to a Magistrate, one or more person is or are accused before a Magistrate of any offence triable by a Magistrate and the Magistrate by whom the case is heard discharges or acquits all or any of the accused, and is of opinion that the accusation against them or any of them was false and either frivolous or vexatious, the Magistrate may, by his order of discharge or acquital, if the person upon whose complaint or information the accusation was made, is present call upon him forthwith to show cause why he should not pay compensation to such accused or to each

or any of such accused when there are more than one, or if such person is not present, direct the issue of a summons to him to appear and show cause as aforesaid.

କଲ୍'ଡ଼ ସାହେବଙ୍କ ବିଚାର-ଧାରା ଓ ତତ୍ ପ୍ରସୂତ ସିଦ୍ଧାନ୍ତ କିପର ପୂର୍ଣ୍ଣତଃ ଯୁକ୍ତିସିଦ୍ଧ ଓ ଆଇନ-ସମ୍ମତ ସେ ବିଷୟରେ ଆଉ ଅଧିକ ବିଶ୍ଳେଷଣ କରିବାର ଆବଶ୍ୟକତା ଅଛି ବୋଲି ମନେ ହୁଏ ନାହିଁ ।

ବାଣୀ ଭବନ,
ସାମନ୍ତରାପୁର,
ଭୁବନେଶ୍ୱର-୨

# ଗୌରୀଶଙ୍କର ରାୟ

❋ ଲୋକରତ୍ନ ଡଃ କୁଞ୍ଜବିହାରୀ ଦାଶ

"ହାତେ ତୁମ
ଦୀପିକାର କ୍ଷୀଣାଲୋକ ଶିଖା
ଚୌଦିଗେ ତମିସ୍ରଭରା ଉତ୍କଳ ଭୂମିର
ତୁମେ ଦିନେ ଲେଖିଥିଲ ଉଜ୍ଜ୍ୱଳ ଭୂମିକା ।"

—କୁଞ୍ଜବିହାରୀ

"ଗୌରୀଶଙ୍କର ପ୍ରତିଭାଶାଳୀ ନୁହନ୍ତି କେବେ ହେଲେ ପ୍ରତିଭାର ଦାବୀ କରିନାହାନ୍ତି । ସେ ସରଳ, ସହଜ ମନୁଷ୍ୟଟିଏ, ସରଳ ସହଜଭାବରେ ନିଜର ଅନ୍ତରାତ୍ମାର ଆଦେଶ ଅନୁସରଣ କରି ନୀରବ ସାଧନପଥରେ ଅଗ୍ରସର ହୋଇ ଅଛନ୍ତି । ବ୍ରତଧାରୀର ନିଷ୍ଠା ତାଙ୍କ ଜୀବନର ପ୍ରଧାନ ଲକ୍ଷଣ । ଜୀବନର ସକଳ କାର୍ଯ୍ୟରେ ସେ ସେହି ନିଷ୍ଠାର ପରିଚୟ ଦେଇଅଛନ୍ତି । ଏହି ୫୦ ବର୍ଷ ଭିତରେ ଦେଶର ଏପରି କୌଣସି କାର୍ଯ୍ୟ, କୌଣସି ଆନ୍ଦୋଳନ, କୌଣସି ଅନୁଷ୍ଠାନ ହୋଇ ନାହିଁ, ଯହିଁରେ ଏହି କର୍ମୀପୁରୁଷଙ୍କର କିଛି ହେଲେ ଯୋଗ ବା ସହାନୁଭୂତି ବା ସାହଚର୍ଯ୍ୟ ନାହିଁ ।

ଗୌରୀଶଙ୍କର ଶତ ଶତ ଦରିଦ୍ର, ଅସହାୟ ଛାତ୍ରଙ୍କୁ ଶିକ୍ଷାପଥରେ ସାହାଯ୍ୟ କରି-ଅଛନ୍ତି, ବହୁ ବିପନ୍ନ ଦୁଃସ୍ଥ ନରନାରୀଙ୍କୁ ଯଥାଶକ୍ତି ଅର୍ଥଦାନ କରି ଅଛନ୍ତି । ଦେଶର ନାନା ସଦନୁଷ୍ଠାନରେ ଅର୍ଥ ଓ ସାମର୍ଥ୍ୟ ବ୍ୟୟ କରିଅଛନ୍ତି, ପ୍ରଚୁର ଅର୍ଥବ୍ୟୟକରି କାୟସ୍ଥ ବୋର୍ଡିଂ, ବାଳିକାସ୍କୁଲ, ଡାକ୍ତରଖାନା ପ୍ରତିଷ୍ଠିତ କରିଦେଇ ଅଛନ୍ତି । ଏ ନଗରରେ ପ୍ରଧାନ କୀର୍ତ୍ତିସ୍ତମ୍ଭ ସ୍ୱରୂପ ଟାଉନହଲ ନିର୍ମାଣକରି ଦେଇଅଛନ୍ତି । ଏ ସମସ୍ତ ଛାଡିଦେଲେ ସୁଦ୍ଧା କେବଳ କଟକ ପ୍ରିଣ୍ଟିଂ କମ୍ପାନୀର ସଫଳତା ଓ ଉନ୍ନତି, ଉତ୍କଳଦୀପିକାର ପ୍ରଚାର ଓ ପରିଚାଳନ ଲାଗି ସେ ସମଗ୍ରଦେଶର ଅଶେଷ ଶ୍ରଦ୍ଧା ଓ ସମ୍ମାନର ପାତ୍ର ।

(ଉତ୍କଳ ସାହିତ୍ୟ, ଅଷ୍ଟାଦଶ ଓ ଊନବିଂଶ ବର୍ଷ)

ବିଶ୍ୱନାଥ କରଙ୍କ ଉକ୍ତ ମନ୍ତବ୍ୟ ଗୌରୀଶଙ୍କର ଜୀବନୀର ସାରତତ୍ତ୍ୱସାର । ଏଇ ସଂସାରର ସେବା କରି କିଏ କର୍ମୀ, ଏ ସଂସାର ତ୍ୟାଗ କରି କିଏବା ଯୋଗୀ କିନ୍ତୁ ଗୌରୀଶଙ୍କର ଉଭୟ – କର୍ମୀ ଓ ଯୋଗୀ କିମ୍ବା ଗୋଟିଏ ଶବ୍ଦରେ "କର୍ମଯୋଗୀ ।" କର୍ମ ତାଙ୍କର ଯୋଗସାଧନା ପରି ଏକନିଷ୍ଠ, ଯୋଗ ମଧ୍ୟ କର୍ମନିବିଡ଼ । ଏହା ତାଙ୍କର ଉପାଧି ମାତ୍ର ନହେ, ଅକ୍ଷରେ ଅକ୍ଷରେ ସତ୍ୟ ।

ଗୌରୀଶଙ୍କର ଆଧୁନିକ ଓଡ଼ିଶାର ଜଣେ ମହାନ୍ ଯୋଦ୍ଧା । ତାଙ୍କ ଯୁଦ୍ଧ ଅନ୍ଧକାର ସହିତ, ଅନ୍ୟାୟ ଓ ଅବିଚାର ସହିତ । ଲେଖନୀ ତାଙ୍କର ଅସ୍ତ୍ର, ନିଷ୍ଠା ତାଙ୍କର ସହଚରୀ, ସାହସିକତା ତାଙ୍କର ସମ୍ବଳ, ଆତ୍ମବଳ ହିଁ ତାଙ୍କର ବଳ । ଉତ୍କଳର ସ୍ୱାର୍ଥରକ୍ଷା, ସେବା ତାଙ୍କର ଲକ୍ଷ୍ୟ । ସେଥିଲାଗି ଯେ କୌଣସି ବିପଦ ବରଣ କରିବାକୁ ସେ ପ୍ରସ୍ତୁତ ଥିଲେ, ସର୍ବସ୍ୱ ତ୍ୟାଗ କରିବାକୁ କୁଣ୍ଠିତ ହୋଇ ନ ଥିଲେ ।

ଯେପରି ଅଧ୍ୟବସାୟୀ, ସେହିପରି ଦୃଢ଼ପ୍ରତିଜ୍ଞ, ନିର୍ଭୀକ, ସ୍ୱାବଲମ୍ବୀ ସତ୍‌ପୁରୁଷ । କୌଣସି କର୍ମ ଥରେ ଆରମ୍ଭ କଲେ ଶେଷ ନକରି ଛାଡ଼ନ୍ତି ନାହିଁ । ଅସାଧାରଣ ବ୍ୟକ୍ତିତ୍ୱ ଯୋଗୁଁ ସେ ବିପଦକୁ ସହଜରେ ଅତିକ୍ରମ କରି ପାରନ୍ତି । ବିଦେଶୀ ଶାସକ ତାଙ୍କ ମତାମତକୁ ଗୁରୁତ୍ୱ ଦେଉଥିଲେ; କ୍ଷମତାର ଧମକରେ ନଇଁଯିବାର ପାତ୍ର ସେ ନଥିଲେ । କି ଦେଶୀ କି ବିଦେଶୀ ସମସ୍ତଙ୍କ ଶ୍ରଦ୍ଧା ଆକର୍ଷଣ କଲାଭଳି ମହତ୍ତ୍ୱ ସେ ଅର୍ଜନ କରି ପାରିଥିଲେ ।

ସେ କାଳେ ଓଡ଼ିଶାର ଦାନା ଖାଇ ଓଡ଼ିଶାର ସ୍ୱାର୍ଥ ବିରୁଦ୍ଧରେ ଯିବା କେତେକ ଶିକ୍ଷିତ ବଙ୍ଗାଳୀଙ୍କର ନିତ୍ୟନୈମିତ୍ତିକ କର୍ମ ହୋଇଥିଲା । କିନ୍ତୁ ଗୌରୀଶଙ୍କରଙ୍କ ଜୀବନ ଭିନ୍ନ ଉପାଦାନରେ ଗଢ଼ା ହୋଇଥିଲା । ସେ ବଙ୍ଗାଳୀ କୁଳରେ ଜନ୍ମ ହୋଇ ଯେ କୌଣସି ଓଡ଼ିଆଙ୍କ ଅପେକ୍ଷା ଅଧିକ ଓଡ଼ିଆ ହୋଇ ପାରିଥିଲେ । ତେଣୁ ଗୌରୀଶଙ୍କର ପାର୍କକୁ କଟକ ସହର ଓ ସମଗ୍ର ଓଡ଼ିଶା ହୃଦୟର ଅତି ଆଦରର ପଦକ ପରି ଧାରଣ କରିଛି । ଗୌରୀଶଙ୍କର ଓ ତାଙ୍କ ସାନଭାଇ ନାଟ୍ୟକାର ରାମଶଙ୍କର ଉତ୍କଳର ହୃଦୟନିଧି । ସେ କାଳ ଉତ୍କଳର କୃତୀ ସନ୍ତାନମାନେ ଗୌରୀଶଙ୍କରଙ୍କ ମହତ୍ତ୍ୱମହିମାକୁ ବିଧେଇ ଦେଇଛନ୍ତି—

"ଉତ୍କଳ ଭୂମିର ସହି କରିଦେଇଛ ରଣ
ଉତ୍କଳ ଦୀପିକା ରୂପ ପାଶୁପତ ଧରି
ବିରାଜେ ବାଲେନ୍ଦୁ ଯଥା ଚନ୍ଦ୍ରଚୂଡ଼ ଶିରେ,
ତବ ଭାଲେ ଯଶଚନ୍ଦ୍ର ଭାତିବେ ଅଚିରେ ।'

(କବିବର ରାଧାନାଥ ରାୟ, କବିତାବଳୀ ୧୮୭୮ ସାଲ)

"ଶୁଭ କ୍ଷଣେ ଜନ୍ମ ତବ ଉତ୍କଳ ଉତ୍ସଙ୍ଗେ
କର୍ମ ଯୁଗେ କର୍ମଯୋଗୀ କେତେ ବିଘ୍ନ ସଙ୍ଗେ
ଯୁଝି ନିତ୍ୟ ସୁସାହସେ ବିଶ୍ୱାସେ ବିକ୍ରମେ
ସାଧିଅଛ ସୁସଂକଳ୍ପ ପୁଣ୍ୟ ପରିଶ୍ରମେ ।"

ଭକ୍ତକବି ମଧୁସୂଦନ

"ହେ ଗୌରୀଶଙ୍କର, ଧନ୍ୟ ତୁମରି ସାହସ
ଦୀପିକା ଲେଖୁଛ ବସି ତିରିଶ ବରଷ
ନ ମାନି ବିପଦ ବାଧା ନ ଚାହିଁ ଦେହକୁ
ମନପ୍ରାଣ ସମରପି ପାଳିଛ ବ୍ରତକୁ

ଦେଖି ଦେଖି ତେର ଦିନ ଜାଣିଛୁ ବିଶେଷ
ଅଟ ତୁମ୍ଭେ ଜଣେ Man of Business''

ଫକୀରମୋହନ ସେନାପତି, ଉତ୍କଳ ଭ୍ରମଣଂ

"ବୈଶାଖର ଖରା ଶ୍ରାବଣର ଧାରା
ତବ କର୍ମ ଯୋଗେ ବିଘ୍ନ ନ କରେ
ଏକନିଷ୍ଠ ଯୋଗୀ ଜୀବନଟି ସାରା
ସାହିତ୍ୟ ସମାଜେ ସ୍ୱଚକ୍ଷୁରେ ।''

ନନ୍ଦକିଶୋର ବଳ

୧୮୩୮ ଖ୍ରୀଷ୍ଟାବ୍ଦରେ ଗୌରୀଶଙ୍କରଙ୍କ ଜନ୍ମ; ଜନ୍ମସ୍ଥାନ କଟକ ଜିଲ୍ଲାର ଅସୁରେଶ୍ୱର, ଦୀକ୍ଷିତପଡ଼ା ଗ୍ରାମ । ପିତାଙ୍କ ନାମ ସଦାଶିବ ପ୍ରସାଦ ରାୟ, ସେ ମୋହରର କାର୍ଯ୍ୟ କରୁଥିଲେ । ସେତେବେଳେ ଚାଟଶାଳୀରେ ଅବଧାନ, ମକ୍ତବରେ ଆଖୁନ୍‌ଜୀ, ଚାଟଶାଳୀରେ ତାଳପତ୍ର ପୋଥି, ମକ୍ତବ୍‌ରେ ହରତାଳ କାଗଜର କତାପ । ଗୌରୀଶଙ୍କର ଅବଧାନଙ୍କଠାରୁ ଓଡ଼ିଆ, ଆଖୁନ୍‌ଜୀଙ୍କଠାରୁ ଉର୍ଦ୍ଦୁ ଓ ଫାର୍‌ସୀ ଭାଷା ଶିକ୍ଷା କରିଥିଲେ । ସେତେବେଳେ ଦଲିଲ ଦସ୍ତାବିଜ୍ ସବୁ ଫାରସୀରେ ଲେଖା ଯାଉଥିଲା, ମୁଖ୍ୟତଃ ଫାରସୀ ମାଧ୍ୟମରେ ଶାସନ କାର୍ଯ୍ୟ ଚାଲୁଥିଲା । ବାଲ୍ୟ ବୟସରେ ସେ ସୁନ୍ଦର ଭାବେ ପରିଚିତ ହୋଇଥିଲେ ।

୧୧ ବର୍ଷ ବୟସରେ କଟକ ଆସି ଗୌରୀଶଙ୍କର ଇଂରାଜୀ ସ୍କୁଲରେ ପଢ଼ିଲେ । ସେ ଜୁନିୟର ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ମାସିକ ଆଠ ଟଙ୍କା ସରକାରୀ ବୃତ୍ତି ଲାଭ କରିଥିଲେ ।

ଉଚ୍ଚ ଶିକ୍ଷା ଲାଭ ଲାଗି ପ୍ରବଳ ଇଚ୍ଛା; କିନ୍ତୁ ସେଥିଲାଗି କଟକ ବା ଓଡ଼ିଶାରେ ଅନ୍ୟାନ୍ୟ ସୁଯୋଗ ସୁବିଧା ସୃଷ୍ଟି ହୋଇ ନଥିଲା । ୧୮୫୬ ଖ୍ରୀଷ୍ଟାବ୍ଦରେ ସେ ହୁଗୁଳି ଯାତ୍ରା କଲେ; ରେଳପଥ ତ ଦୂରର କଥା, ସେତେବେଳେ କଟକରୁ କଲିକତା ପର୍ଯ୍ୟନ୍ତ ନିରବଚ୍ଛିନ୍ନ ପଥ ବି ନଥିଲା । ଚତୁର୍ଦ୍ଦିଗ ଅରଣ୍ୟସଂକୁଳ, ବନ୍ୟଜନ୍ତୁ ଓ ଚୋରଡ଼କାୟତର ବିଭୀଷିକା । ମନରେ ଆତଙ୍କ ସୃଷ୍ଟି କରୁଥିଲା । ଏଇ ଅବସ୍ଥାରେ ସେ ଏକ ଶଗଡ଼ଗାଡ଼ିରେ ଚଢ଼ି ବାଲେଶ୍ୱର ପର୍ଯ୍ୟନ୍ତ ଯାତ୍ରା କଲେ; ତାପରେ ପଦ୍‌ବ୍ରଜେ ଆଗ୍ର', ବାଲେଶ୍ୱରରୁ ଚାଲି ଚାଲି ଯାଇ ହୁଗୁଳିରେ ପହଞ୍ଚିବାକୁ ତାଙ୍କୁ ଦଶଦିନ ଲାଗିଥିଲା ।

କିନ୍ତୁ ଦୁର୍ଯୋଗ; ସବୁ ଶ୍ରମ ବ୍ୟର୍ଥ ହୋଇଗଲା । କଲିକତାରେ କୌଣସି ବିବାହ ପ୍ରସଙ୍ଗ ଉଠିଥିବା ସମ୍ବାଦ ପାଇ ୧୮୫୮ରେ ପିତା ତାଙ୍କୁ କଟକ ଫେରାଇ ନେଲେ । ଉଚ୍ଚଶିକ୍ଷାରେ ଡୋରି ଦିଆଗଲା ।

ତା'ପରେ ସେ ଚାକିରି ଅନୁସନ୍ଧାନରେ ଲାଗିଲେ । ପହିଲେ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଚାକିରିଟିଏ ମିଳିଲା—ଶିକ୍ଷକତା; ମାସିକ ବେତନ ଟ୨°ଙ୍କା । ଏକାନ୍ତ କର୍ମଠ ଗୌରୀଶଙ୍କରଙ୍କୁ ସ୍ଥିତିଶୀଳ ଶିକ୍ଷକଜୀବନ ସୁଖପ୍ରଦ ବୋଧ ହେଲାନାହିଁ । ପ୍ରାୟ ଏକ ବର୍ଷ ବାଲେଶ୍ୱରରେ କଟାଇଲା ପରେ ସେ କଟକ କମିସନର ଅଫିସରେ ଜଣେ

ଅସ୍ଥାୟୀ ଅମଲାଭାବେ ନିଯୁକ୍ତି ଲାଭ କଲେ । ଅଳ୍ପକାଳ ମଧ୍ୟରେ ସେ କର୍ତ୍ତୃପକ୍ଷଙ୍କ ସୁଦୃଷ୍ଟି ଆକର୍ଷଣ କରିପାରିଥିଲେ, ନିୟମାନୁବର୍ତ୍ତିତା ଓ କର୍ତ୍ତବ୍ୟନିଷ୍ଠା ଯୋଗୁଁ । ଯାହା ଠିକ୍ ବୋଲି ବିଚାରୁଥିଲେ, ସେ କରୁଥିଲେ ।

ତାପରେ ମନିଅର୍ଡ଼ର ଏଜେଣ୍ଟ ପଦବୀକୁ ତାଙ୍କୁ ବଦଳି କରାଗଲା । ପୋଷ୍ଟଅଫିସ୍ ନିୟମ ପାଳନ ପ୍ରତି ତାଙ୍କର କଠୋର ଦୃଷ୍ଟି ଥିଲା । ଉପରିସ୍ଥଙ୍କ ଲାଲ୍‌ଚକ୍ଷୁକୁ ତାଙ୍କର ତିଳାର୍ଦ୍ଧ ଭୟ ନଥିଲା । ଥରେ ସ୍ୱୟଂ ମାଜିଷ୍ଟ୍ରେଟ ସାହେବ ତିନଟା ବାଜିଯିବା ପରେ ମନିଅର୍ଡ଼ର ଲାଗି ପିଅନ ହାତେ ଟଙ୍କା ପଠାଇଲେ । ବେନିୟମ କାମ କରି ପାରିବ ନାହିଁ ବୋଲି କହି ସେ ପିଅନକୁ ଫେରାଇ ଦେଲେ ।

ମାଜିଷ୍ଟ୍ରେଟ ରାଗି ନିଆଁ—ମୁଁ ହୁକୁମ୍ ଦେଉଛି, କର । ଗୌରୀଶଙ୍କର ନିର୍ଭୀକ ଭାବେ ଉତ୍ତର ଦେଲେ—ମୁଁ ବେଆଇନ୍ ହୁକୁମ୍ ମାନିପାରିବି ନାହିଁ । ମନିଅର୍ଡ଼ର ହେବ ତ ଆପଣ ନିଜେ କାଟି କରି ଦିଅନ୍ତୁ ।

ସାହେବ ଏଜେଣ୍ଟର କାର୍ଯ୍ୟ ନିଜେ କଲେ, ସେ ଦିନର ହିସାବ କାଟି ନିଜେ ସଂଶୋଧନ କରିଦେଲେ ।

ଗୌରୀଶଂକର ଏ ନିୟମ ବିରୁଦ୍ଧ କଥା ଉପରିସ୍ଥଙ୍କୁ ଜଣାଇଲେ । ଉପରେ କଡ଼ା ତାଗିଦ ଆସିଲା । ମାଜିଷ୍ଟ୍ରେଟ କ୍ରୋଧରେ ଥରିଉଠି ଧମକ ଦେଲେ ହେଲେ—ଶୀଘ୍ର ଆସି ମୋ ସହିତ ସାଲିସ୍ କର, ନଇଲେ ବିଷମ ପରିଣାମ ହେବ । ତୁମ ଚାକିରି ଖାଇବି ।

ଗୌରୀଶଙ୍କର ଟିକିଏ ହେଲେ ଦବିଲେ ନାହିଁ । ଏ ବିଷୟ 'ଉତ୍କଳଦୀପିକା' ପତ୍ରିକାରେ ଆଲୋଚନା କଲେ, ସାହେବଙ୍କ ମନରାଗ ମନରେ ମଲା; ସେ ଏଣିକି ସତର୍କ, ସାବଧାନ ହେଲେ ।

କଟକ କଲେକ୍ଟରୀ କଚେରୀରେ ଗୌରୀଶଂକର ପ୍ରାୟ ୧୨ ବର୍ଷ କରାଣୀ କାର୍ଯ୍ୟ କରିଥିଲେ; ତାପରେ ତାଂକର ପଦୋନ୍ନତି ହେଲା, ସେ ଏକଶତ ଟଂକା ଦରମାରେ ଅନୁବାଦକ (ଟ୍ରାନ୍‌ସଲେଟର) ଭାବେ ନିଯୁକ୍ତି ଲାଭ କଲେ । ସେ ଦୁଇଟି କାର୍ଯ୍ୟ ଏକା-ବେଳକେ କରୁଥିଲେ—ସରକାରୀ ଚାକିରି. ଉତ୍କଳଦୀପିକାର ସମ୍ପାଦନା । ସେ ଚାକିରି କରୁଥିଲେ. କିନ୍ତୁ ମୁଣ୍ଡ ବିକିଦେଇ ନଥିଲେ । ଉଚ୍ଚକର୍ମକର୍ତ୍ତାଙ୍କୁ ଖୁସି କରିବା ଲାଗି ସେ କୌଣସି ଦେଶବିରୋଧୀ ବା ଆତ୍ମବିରୋଧୀ କର୍ମ କରୁ ନଥିଲେ; ସେ ସ୍ୱାଧୀନ ମନୋ-ବୃତ୍ତିକୁ ଯେ କୌଣସି ପ୍ରଲୋଭନରେ ବି ବଳି ଦେଇ ନଥିଲେ, ସର୍ବଦା ଆତ୍ମମର୍ଯ୍ୟାଦାର ପତାକା ଉଚ୍ଚକୁ ଟେକି ରଖିଥିଲେ । ସତ୍ୟ ପ୍ରକାଶ ଲାଗି ତାଂକର ତିଳାର୍ଦ୍ଧ ସଂକୋଚ ନଥିଲା । ଫଳରେ ବିଦେଶୀ ସରକାରର ପ୍ରିୟପାତ୍ର ଓ ବିଶ୍ୱାସଭାଜନ ହୋଇ ପାରି-ଥିଲେ । ଏଣେ ଦେଶୀୟ ମାନରେ ବି ତାଂକ ସ୍ଥାନ ଅତି ଉଚ୍ଚ ଥିଲା । ଦୁଇ ଦିଗକୁ ସମ୍ଭାଳି ଉଭୟର ପ୍ରିୟଭାଜନ ହେବା ସହଜ ସାଧ୍ୟ ନୁହେଁ । ପ୍ରାୟ ୨୦ ବର୍ଷ ଏହି ପଦବୀରେ ରହି ୧୮୮୨ ଖ୍ରୀଷ୍ଟାବ୍ଦରେ ସରକାରୀ କାର୍ଯ୍ୟରୁ ଗୌରୀଶଂକର ଅବସର ଗ୍ରହଣ କଲେ । ଓଡ଼ିଶାର ତତ୍କାଳୀନ ବିମ୍‌ସ୍ ସାହେବ 'ଭୀମ ସାହେବ' ନାମରେ ସେତେ-

ବେଳେ ସର୍ବସାଧାରଣରେ ପରିଚିତ ଥିଲେ । ସେ ଗୌରୀଶଂକରଙ୍କୁ ଦେଖାଇ କହୁ-
ଥିଲେ—ସେଇ ଏକା ଜଣେ ମଣିଷ ଭଳି ମଣିଷ ।

ଗୌରୀଶଙ୍କର ଏକାନ୍ତ ସାହିତ୍ୟପ୍ରେମୀ; ପ୍ରାଚୀନ ସାହିତ୍ୟ ଉପରେ ତାଙ୍କର ଦଖଲ ଥିଲା; ପ୍ରିଣ୍ଟିଂ କମ୍ପାନୀଟି ରହି ଏହାର ପ୍ରକାଶ ଓ ପ୍ରଚାରର ଦାୟିତ୍ୱ ସେ ବହନ କରିଥିଲେ ଓ ଏହାରି ଉପରେ ଭିତ୍ତିକରି ସେ ଓଡ଼ିଆ ସାହିତ୍ୟର ଅସ୍ତିତ୍ୱ ପ୍ରମାଣ କରି-ଥିଲେ; 'ଇନ୍ଦ୍ରଧନୁ' ଓ 'ବିଜୁଳି' ସଂଗ୍ରାମରେ ସେ ଇନ୍ଦ୍ରଧନୁ ପକ୍ଷ ସମର୍ଥନ କରିଥିଲେ ଓ କେତୋଟି ଉଚ୍ଚକୋଟୀର ପ୍ରବନ୍ଧ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରିଥିଲେ । କିନ୍ତୁ ସାହିତ୍ୟ ସାଧନା ଲାଗି ସେ ଅବକାଶ ସୃଷ୍ଟି କରିପାରି ନ ଥିଲେ; ସାମ୍ବାଦିକତା ଓ ସମାଜସେବାରେ ହିଁ ତାଙ୍କର ସମସ୍ତ ଶକ୍ତି ନିୟୋଜିତ ହୋଇଥିଲା ।

ପାଦ୍ରିମାନଙ୍କ ସ୍ଥାପିତ ମିସନ ପ୍ରେସ ଖ୍ରୀଷ୍ଟଧର୍ମ ଧର୍ମପୁସ୍ତକ ଓ ପାଠ୍ୟପୁସ୍ତକ ସବୁ ପ୍ରକାଶ କରୁଥିଲା; ଓଡ଼ିଆ ସାହିତ୍ୟ ପୁସ୍ତକ ଛାପିବାର କୌଣସି ବ୍ୟବସ୍ଥା ନଥିଲା । ବିଚିତ୍ରାନନ୍ଦ ଓ ଜଗନ୍ମୋହନଙ୍କ ସହଯୋଗରେ ୧୮୬୫ ଖ୍ରୀଷ୍ଟାବ୍ଦରେ ପ୍ରିଣ୍ଟିଂ କମ୍ପାନୀ ସ୍ଥାପିତ ହେଲା । କମିସନର ରେଭେନ୍‌ସା ସାହେବ ଓ ଢେଙ୍କାନାଳ ରାଜା ଭଗିରଥି ମହେନ୍ଦ୍ର ବାହାଦୂର ଏ ଦିଗରେ ବିଶେଷ ସହାୟକ ହୋଇଥିଲେ ।

ଏକ ଛାପାଖାନା ସ୍ଥାପନ ଏ ଯୁଗର ଏକ ଉଲ୍ଲେଖଯୋଗ୍ୟ ଘଟଣା ନୁହେ, କିନ୍ତୁ ସେ କାଳରେ ଏହା ଦେଶୀୟ ଚେଷ୍ଟାର ଏକ ମହନୀୟ ସ୍ୱରୂପଭାବେ ଏକାନ୍ତ ଦୃଷ୍ଟି-ଆକର୍ଷଣକାରୀ ହୋଇଥିଲା, ଅଧୁନିକ ଓଡ଼ିଆ ସାହିତ୍ୟର ମୂଳଦୁଆ ପକାଇଥିଲା, ପ୍ରାଚୀନ ସାହିତ୍ୟକୁ ଅଭିନବ ରୂପରେ ସର୍ବ ସମକ୍ଷରେ ପରିବେଷଣ କରିଥିଲା, ଦେଶର ସ୍ୱରୂପ ରୂପାୟିତ କରି ଏକ ସମ୍ବାଦପତ୍ର ପ୍ରକାଶ ପାଇଥିଲା । ତେଣୁ ପ୍ରିଣ୍ଟିଂ କମ୍ପାନୀ ସ୍ଥାପନ ଦେଶ, ଭାଷା ଓ ସାହିତ୍ୟପ୍ରେମର ଏକ ମହନୀୟ ଦୃଷ୍ଟାନ୍ତ । ଏହାରି ମାଧ୍ୟମରେ ହିଁ ଅଭ୍ୟୁଦୟ ଯୁଗର ଶୁଭାରମ୍ଭ ।

ପ୍ରେସ୍‌ଟିଏ ଚଳାଇବା ଏବପରି ସେତେବେଳେ ସହଜସାଧ୍ୟ ବିଷୟ ନ ଥିଲା । ସିସା ଅକ୍ଷର ତିଆରି ହୋଇ ନ ଥିଲା; ପଥରପଟା ଉପରେ ହାତରେ ଲେଖି ଛାପିବାକୁ ହେଉଥିଲା । ପହିଲି ଅକ୍ଷର ଲେଖିବାରେ ଭଗିରଥି ଷାଠିଆଙ୍କ ନାମ ସ୍ମରଣୀୟ; ତାଙ୍କ ଲିପି ଅତ୍ୟୁତ୍ତମ ବିବେଚିତ ହେଉଥିଲା । 'ଅକ୍ଷର ଛାପା' ଶୀର୍ଷକରେ ୪-୮-୧୮୬୭ର 'ଉତ୍କଳଦୀପିକା'ରେ ଗୌରୀଶଂକର ଲେଖିଥିଲେ —"ଆମ୍ଭେମାନେ ବର୍ଷାଧିକ କାଳ ପତ୍ରିକା ପଥର ଛାପାରେ ଚଳାଇ ଆଜିଠାରୁ ଅକ୍ଷର ଛାପାରେ ପତ୍ରିକା ଆରମ୍ଭ କଲୁଁ । ପଥରଛାପା ଅକ୍ଷର ପାଠକମାନେ ପଢ଼ିବାକୁ କ୍ଲେଶ ପାଉଥିଲେ । ତାହା ଆମ୍ଭେମାନେ ଜାଣିକରି ସୁଦ୍ଧା ଉପାୟାଭାବରେ ସେଥିର ପ୍ରତିକାର କରିବାକୁ ସକ୍ଷମ ହୋଇ ନଥିଲୁଁ । ଏଥର ବୋଧ ହୁଅଇ ସେମାନେ ତାଦୃଶ କଷ୍ଟ ପାଇବେ ନାହିଁ ଓ ଅକ୍ଷର ଛାପାରେ ଆମ୍ଭେମାନେ ଅତ୍ୟଳ୍ପ ଦିନ ହେଲା କାର୍ଯ୍ୟାରମ୍ଭ କରିଥିବାରେ ଯଦ୍ୟପି କି ପ୍ରଥମ ଦୁଇ

ଉକ୍ତ ସପ୍ତାହ କର୍ମ ସର୍ବାଙ୍ଗରେ ଉତ୍ତମ ହେବନାହିଁ । ମାତ୍ର ଅଳ୍ପ କାଳରେ ଉତ୍ତମ ମୁଦ୍ରାଂକନ ଦ୍ୱାରା ପାଠକ ମହାଶୟଙ୍କୁ ଆହ୍ଲାଦିତ କରିବୁଁ ଭରସା ଅଛୁ" ।

ପ୍ରିଣ୍ଟିଂ କମ୍ପାନୀ ପ୍ରାଚୀନ କାବ୍ୟ, ମହାଭାରତ, ରାମାୟଣାଦି ପୁରାଣ, ଧର୍ମଶାସ୍ତ୍ର, ଓଡ଼ିଆ ପାଞ୍ଜି ପ୍ରକାଶ କରିଥିଲେ । ଗୌରୀଶଙ୍କରଙ୍କ ନେତୃତ୍ୱରେ ଏହି ଅନୁଷ୍ଠାନ ସୁଶୃଙ୍ଖଳଭାବେ ଚାଲିଥିଲା, ଅଂଶୀଦାରମାନଙ୍କୁ ୫୫ ହଜାର ଟଂକା ଲାଭ ଦେଇ ୪୦ ହଜାର ଟଂକାର ସମ୍ପତ୍ତି ଅର୍ଜନ କରିଥିଲା । ୧୯୧୫ ପର୍ଯ୍ୟନ୍ତ ସେ ଏହା ସହିତ ସଂପୃକ୍ତ ଥିଲେ ।

## ଉତ୍କଳଦୀପିକା

'ଉତ୍କଳ ଭାଷା ପ୍ରଭା' ଉତ୍କଳ ଦୀପିକା ଗୌରୀଶଙ୍କରଙ୍କ ଜୀବନର ସର୍ବଶ୍ରେଷ୍ଠ କୀର୍ତ୍ତି । ପ୍ରିଣ୍ଟିଂ କମ୍ପାନୀ ବସିବାର ପ୍ରାୟ ୧ ବର୍ଷ ପରେ ଅର୍ଥାତ ୧୮୬୫ ଖ୍ରୀଷ୍ଟାବ୍ଦରେ ଏହି ସପ୍ତାହିକର ଅୟମାରମ୍ଭ । ପଥର ଅକ୍ଷର ଛାପାରେ ପହିଲେ ଚାରିପୃଷ୍ଠା ଓ ସୀସା ଅକ୍ଷର ହେଲାପରେ ଏହା ଅଠପୃଷ୍ଠାରେ ପ୍ରକାଶିତ ହେଉଥିଲା । ୧୮୬୭ ଅବ୍ଦର ଜାନୁଆରୀ ପହିଲାରୁ ଏହାର ଦ୍ୱିତୀୟ ବର୍ଷର ଗଣନା ହୋଇଥିଲା; ଗୌରୀଶଙ୍କର ଏହାର ପ୍ରଥମ ସମ୍ପାଦକ ନିର୍ବାଚିତ ହୋଇଥିଲେ । ଚାକିରୀରେ କୁଟୁମ୍ବପୋଷଣ, ଦୀପିକା ଜରିଆରେ ଦେଶସେବାର ଗୁରୁ ଦାୟିତ୍ୱ ବହନ ଓ ଉଭୟ ମଧ୍ୟରେ ସାମଞ୍ଜସ୍ୟ ରକ୍ଷା ଗୌରୀଶଂକରଙ୍କ ବ୍ୟକ୍ତିତ୍ୱର ଏକ ବଡ଼ ବିଶେଷତ୍ୱ ଥିଲା; ବୃତ୍ତି ପ୍ରବୃତ୍ତିର ପ୍ରତିକୂଳ ହୋଇ ନଥିଲା; ପୁଅ ଡାକରେ ସେ 'ବାରଣବଟିରେ ଦାୟ' କେବେ ଭୁଲି ନଥିଲେ; ଫଳରେ ଛିଡ଼ାହୋଇ ପାରିଥିଲା ଦୀପିକାରୂପ କୋଣାର୍କ । ପ୍ରାୟ ଅର୍ଦ୍ଧ ଶତାବ୍ଦୀରୁ ଅଧିକ କାଳ ଏହି ପତ୍ରିକା ନିରବଚ୍ଛିନ୍ନଭାବେ ଚଳାଇବା ନିଶ୍ଚିତଭାବେ ଏକ ଅସାଧ୍ୟ ସାଧନ ।

ନଅଂକ ଦୁର୍ଭିକ୍ଷ ଓଡ଼ିଶାର ଜାତୀୟଜୀବନର ଏକ କରୁଣତମ ଅଧ୍ୟାୟ । ଏଥିରେ ଏକ ତୃତୀୟାଂଶରୁ ଅଧିକ ଲୋକକ୍ଷୟ ଘଟିଥିଲା; ଏହା ଜାତୀୟଜୀବନକୁ ବିପର୍ଯ୍ୟସ୍ତ ଓ ନଷ୍ଟଭ୍ରଷ୍ଟ କରିଦେଇଥିଲା । ଏହି ସର୍ବନାଶୀ ବିପଦପ୍ରତି ସରକାର ଓ ସଂଗତିସଂପନ୍ନ ବ୍ୟକ୍ତିମାନଙ୍କ ଦୃଷ୍ଟି ଆକର୍ଷଣ କରି ଗୌରୀଶଂକର ଲକ୍ଷ ଲକ୍ଷ ଲୋକଙ୍କୁ ମୃତ୍ୟୁ କବଳରୁ ରକ୍ଷାକରିଥିଲେ । ଦୀପିକା ହୋଇଥିଲା ବିପଦରପ୍ରକୃତ ବାନ୍ଧବୀ, ଅନ୍ଧକାରର ଏକ ଜ୍ୱଳନ୍ତ ଦୀପଶିଖା ।

ଜଳସେଚନ ଉଦ୍ଦେଶ୍ୟରେ କେନାଲ ଖନନ ବ୍ରିଟିସ୍ ଅମଳର ପ୍ରଥମକୃଷି ଉନ୍ନତିମୂଳକ କାର୍ଯ୍ୟ । ମହାନଦୀରେ ନରାଜ ଆନିକଟ, ଜୋବ୍ରାବନ୍ଧ ଓ ମାଛଗାଁ, ତାଳଦଣ୍ଡା କେନାଲାଦିର ସମ୍ବାଦ ଓ ମନ୍ତବ୍ୟ ଦୀପିକାବହନ କରିଥିଲା ୧୮୭୪-୭୫ରେ କଟକରେ ପୂର୍ଣ୍ଣାଙ୍ଗ କଲେଜ, ପୁରୁଷୋତ୍ତମରେ ସଂସ୍କୃତ ବିଦ୍ୟାଳୟ, କଟକରେ ନର୍ମାଲ ସ୍କୁଲ ସ୍ଥାପନ, ହିନ୍ଦୁବାଳିକା ବିଦ୍ୟାଳୟ, ବିଭିନ୍ନ ଉଚ୍ଚ ଓ ନିମ୍ନ ବିଦ୍ୟାଳୟାଦି ସ୍ଥାପନ ଦ୍ୱାରା ଶିକ୍ଷାର ପ୍ରସାର, ଓଡ଼ିଶା ସ୍କୁଲସମୂହ ନିମିତ୍ତ ଓଡ଼ିଆ ପୁସ୍ତକ ପ୍ରସ୍ତୁତି ଓ ମୁଦ୍ରଣ, ଉତ୍କଳ ଭାଷାର ଉନ୍ନତି କି ରୂପେ ସମ୍ଭବ, ଉତ୍କଳ ଭାଷାର ଉନ୍ନତି ପ୍ରତି ସମ୍ବଲପୁରରେ

ଓଡ଼ିଆ ଶିକ୍ଷାବିସ୍ତାର, ଉତ୍କଳ ଭାଷା ଗ୍ରନ୍ଥ ସମୀକ୍ଷା ସଭା, ଉତ୍କଳଭାଷାରେ ଶିକ୍ଷା ଦେବାର ବିଧାନ, ଓଡ଼ିଆ ଭାଷାରେ ଶିକ୍ଷାଦାନର ଆବଶ୍ୟକତା, ଉତ୍କଳଭାଷା ଉଠାଇ ଦେବାର ଉଦ୍ୟମ, ଗଡ଼ଜାତରେ ଶିକ୍ଷାଦାନ, ଉତ୍କଳଭାଷୋଦ୍ଦୀପନୀ ସଭା, ଉତ୍କଳ ଭାଷାର ପୁନରୁଦ୍ଦୀପନ ପାଇଁ ହୋଇଥିବା ସଭା ଆଦିର ବିବରଣୀ ପ୍ରକାଶ କରି ଓ ଦିଗ୍‌ଦର୍ଶନ ଦେଇ ଦୀପିକା ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲା ଓ ନବଯୁଗର ଦ୍ୱାର ଉଦ୍‌ଘାଟନ କରିଥିଲା ।

ଓଡ଼ିଶା ସହିତ ସମ୍ବଲପୁରର ମିଶ୍ରଣ, ବାଲେଶ୍ୱର ସହିତ କାନ୍ଥି ସବ୍‌ଡିଭିଜନର ମିଶ୍ରଣ, ଓଡ଼ିଶା ସହିତ ସଂଯୁକ୍ତ ହେବାଲାଗି ଗଞ୍ଜାମର ଆନ୍ଦୋଳନ, ବିଚ୍ଛିନ୍ନାଞ୍ଚଳର ଏକତ୍ରୀକରଣ ଓ ନବୋତ୍କଳ ପ୍ରଦେଶ ଗଠନାଦିରେ ଦୀପିକାର ନେତୃତ୍ୱ ପ୍ରଶଂସନୀୟ ।

କେଉଁଝରର ଭୂୟାଁ ବିପ୍ଳବ, ଗଡ଼ଜାତର ରଜା ଓ ମୋଗଲବନ୍ଦୀ ଜମିଦାରଙ୍କ ଅତ୍ୟାଚାର, ଜଳକର ଆଦାୟ ଜୁଲମ, ଘାଟ ଅତ୍ୟାଚାର, ବାରିକମିସ୍ତ୍ରୀ ବିଭାଗର ଦୁର୍ନୀତି, ପୁଲିସ ଓ ଅବକାରୀ ବିଭାଗର ଅପକାର୍ଯ୍ୟ, ହାକିମହୁକୁମାଙ୍କ ଖିଆଲୀ ଶାସନର କୁତ୍ସିତ ରୂପକୁ ପଦାରେ ପକାଇ ଦେଇଥିଲେ ।'

ସତୀଦାହ ନିବାରଣ, ସମାଜର କୁସଂସ୍କାର ଦୂରୀକରଣରେ ଗୌରୀଶଙ୍କରଙ୍କ ସଂସ୍କାରକ ଭୂମିକା ପ୍ରଶଂସାଯୋଗ୍ୟ ।

ପୁରାତନ କୀର୍ତ୍ତି-ସଂରକ୍ଷଣ, ଓଡ଼ିଆ ତାଳପତ୍ର ପୋଥି ଉଦ୍ଧାରଣ, କମ୍ପାନୀ ସ୍ଥାପନ, ବିଭିନ୍ନ ଘୋଡ଼ାଗାଡ଼ି କମ୍ପାନୀ ସ୍ଥାପନ, ବସ୍ତାଘର ନିର୍ମାଣ, ବିଭିନ୍ନ ଚିକିତ୍ସାଳୟ ସ୍ଥାପନ, ଓଡ଼ିଶାରେ ପ୍ରଥମ ରେଲପଥ, ଓଡ଼ିଶାରେ ପୋକ୍ତାନ ଲୁଣ ଉପରେ କର, ନବ କଳେବର ଓ ରଥଯାତ୍ରା, ପୁରୀରଜା ଦିବ୍ୟସିଂହ ଦେବଙ୍କ କଳାପାଣି, ସରକାରୀ କାର୍ଯ୍ୟରେ ଦେଶୀୟ ଲୋକଙ୍କ ନିଯୁକ୍ତି, ନବୀନଚନ୍ଦ୍ର ସେନ, ରଙ୍ଗଲାଲ ବାନାର୍ଜୀ, ନନ୍ଦକିଶୋର ଦାସ, ଫକୀରମୋହନ, ରାଧାନାଥ, ରେଭେନ୍‌ସା, ବିମ୍‌ସ ଆଦି ବିଶିଷ୍ଟ ବ୍ୟକ୍ତିଙ୍କ ନିଯୁକ୍ତି, ଓଡ଼ିଆ ଟାଇପ୍ ତିଆରି ଓ ପୋଷ୍ଟକାର୍ଡ ପ୍ରଚଳନ ଆଦି ଧର୍ମ, ଅର୍ଥନୀତି ଓ ଇତିହାସ ଉପଯୋଗୀ ସମ୍ବାଦ ଦୀପିକାରେ ପ୍ରକାଶ ପାଇଥିଲା ।

କଟକରେ ଗୋଟିଏ ସାଧାରଣ ପାଠାଗାର ସ୍ଥାପନ ଲାଗି ଶତାଧିକ ବର୍ଷ ତଳେ ଗୌରୀଶଙ୍କର ଆନ୍ଦୋଳନ ଚଳାଇଥିଲେ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ, ସ୍ୱାଧୀନତା ଲାଭ, ଉତ୍କଳର ସାଂସ୍କୃତିକ ଅଭ୍ୟୁତ୍‌ଥାନ ପରେ ବି ତାହା ସମ୍ଭବ ହୋଇ ପାରିନାହିଁ ।

ଓଡ଼ିଆ ଭାଷାର ସ୍ୱାର୍ଥରକ୍ଷା ଓ ବିକାଶ ଦିଗରେ ଦୀପିକାର ଭୂମିକା ଅତ୍ୟୁଜ୍ଜ୍ୱଳ । ଆଧୁନିକ ସାହିତ୍ୟର ଅଦ୍ୟ ବିକାଶକାଳ ନାନା ପଡ଼ୋଶୀ ଚକ୍ରାନ୍ତରେ ଧୂମାଚ୍ଛନ୍ନ; ଓଡ଼ିଆ ଭାଷାକୁ ନିକାଶ କରିଦେବା ଥିଲା କେତେକ ଅଦୂରଦର୍ଶୀ, ମୂଢ଼ମତି ବିଦ୍ୱାନଙ୍କର ଅପଚେଷ୍ଟା । ଓଡ଼ିଶାର ଗୌରବମୟ ଇତିହାସ ଓ ସଂସ୍କୃତି ବିଷୟରେ ଅଜ୍ଞ ସେମାନେ, ସ୍ୱାର୍ଥାନ୍ଧ; ଓଡ଼ିଶାର କଲ୍ୟାଣ ନାମରେ ଘୋର ଅକଲ୍ୟାଣ କରୁଥିଲେ;

ସେମାନଙ୍କ ଓଡ଼ିଆ ଭାଷା ଅବଲୋପ ଚେଷ୍ଟା ଫଳବତୀ ହେଲନାହିଁ, ଅଂଶତଃ ଗୌରୀଶଙ୍କରଙ୍କ ଧକାରେ; ଦୀପିକା ହିଁ ଥିଲା ତାଙ୍କର ବଜ୍ରବାଣ । ପ୍ରାଣମୂର୍ଚ୍ଛା ସଂଗ୍ରାମରେ ସେ ବିପକ୍ଷର ଦୁରାଶାକୁ ଅଙ୍କୁରରେ ହିଁ ବିନଷ୍ଟ କରିଦେଇଥିଲେ । ଗୌରୀଶଙ୍କରଙ୍କ ଅତୁଳନୀୟ ଓଡ଼ିଆ ପ୍ରୀତି ଓଡ଼ିଆ ଜାତି ଚିର ସ୍ମରଣ କରିବ ।

ପାଠ୍ୟ ପୁସ୍ତକର ଅଭାବ ଓଡ଼ିଆ ଭାଷାର ଦୁର୍ଗତିର ମୁଖ୍ୟ କାରଣ ଥିଲା । ଏହି ଅଭାବ ଦୂର କରିବା ଲାଗି ସରକାର ପୁରସ୍କାର ଘୋଷଣା କରିଥିଲେ । ଢେଙ୍କା-ନାଳର ରାଜା ଓଡ଼ିଆ ସାହିତ୍ୟପ୍ରେମୀ ଭଗିରଥି ମହେନ୍ଦ୍ର ବାହାଦୂର ଓଡ଼ିଶାର ଇତିହାସ ସଂକଳନ ଲାଗି ସରକାରଙ୍କ ଶିକ୍ଷା ବିଭାଗ ହାତରେ କିଛି ଟଙ୍କା ଦେଇଥିଲେ । ସର-କାରୀ ଘୋଷଣା ପରେ ପ୍ୟାରୀମୋହନ ଆଚାର୍ଯ୍ୟ, ବିଚ୍ଛନ୍ଦ ଚରଣ ପଟ୍ଟନାୟକ, ବିଚିତ୍ରା-ନନ୍ଦ ଦାସ, ଜଗନ୍ମୋହନ ଲାଲ, ଫକୀରମୋହନ ସେନାପତି, ପ୍ରଭାକର ବିଦ୍ୟାରତ୍ନ, କପିଳେଶ୍ୱର ବିଦ୍ୟାଭୂଷଣ, ଗୋବିନ୍ଦଚନ୍ଦ୍ର ପଟ୍ଟନାୟକ, ଦ୍ୱାରିକାନାଥ ଚକ୍ରବର୍ତ୍ତୀ ଓ ଗୌରୀଶଙ୍କର ରାୟ ଓଡ଼ିଆ ପାଠ୍ୟପୁସ୍ତକ ରଚନା ଦିଗରେ ବ୍ରତୀ ହୋଇଥିଲେ । ପାଠ୍ୟପୁସ୍ତକ ପ୍ରକାଶ ପରେ ଓଡ଼ିଶାରେ ବଙ୍ଗଳା ସ୍ଥାନରେ ଓଡ଼ିଆ ଚଳାଇବା ସମ୍ଭବ ହୋଇଥିଲା, ସରକାରୀ ଆଦେଶ ବି ମିଳିଥିଲା । କିନ୍ତୁ ସେତେବେଳେ ସ୍କୁଲମାନଙ୍କରେ ଅଧିକାଂଶ ଶିକ୍ଷକ ଥିଲେ ବଙ୍ଗାଳୀ, ଓଡ଼ିଆ ସାହିତ୍ୟରେ ପାରଙ୍ଗମତାର ଅଭାବ ସେମାନଙ୍କୁ ବିବ୍ରତ କଲା; ଓଡ଼ିଆଭାଷା ପ୍ରଚଳନରେ ସେମାନେ ହେଲେ ମୁଖ୍ୟ ଅନ୍ତରାୟ; ଯେ ଆନ୍ଦୋଳନରେ ଘୃତାହୁତି ପ୍ରଦାନ କଲେ ରାଜେନ୍ଦ୍ରଲାଲ୍ ମିତ୍ରଙ୍କ ପରି ପଣ୍ଡିତ । ଓଡ଼ିଆଙ୍କ ପ୍ରକୃତ ସମସ୍ୟାକୁ ଏଡ଼ିଦେଇ ଶ୍ରୀ ମିତ୍ର ଏକ ଭାଷଣରେ କହିଥିଲେ—

"ଉତ୍କଳର ହିତାକାଂକ୍ଷୀ ଯେ ହେବେ, ସେ ସର୍ବାଗ୍ରେ ଉତ୍କଳଭାଷା ଉଠାଇଦେଇ ବଙ୍ଗଳା ଭାଷା ପ୍ରଚଳନ କରିବାର ଚେଷ୍ଟା କରିବେ । କାରଣ ଯେତେକାଳ ଉତ୍କଳ ଭାଷା ଉଠିଯାଇ ନାହିଁ ସେତେକାଳ ଯାଏ ଉତ୍କଳର ଉନ୍ନତି ହେବା ଅସମ୍ଭବ ।

ତାଙ୍କ ସଂକୀର୍ଣ୍ଣ କଳନାରେ ଓଡ଼ିଶାର ଆୟତନ କ୍ଷୁଦ୍ର, ଲୋକସଂଖ୍ୟା ମାତ୍ର ୭ ଲକ୍ଷ । ସେଥିରୁ ସ୍ତ୍ରୀ, ପିଲା ବାଦ୍‌ଦେଲେ ୧୦/୧୨ ଲକ୍ଷ ଓଡ଼ିଆ ଭାଷା ଜାଣିବା ସମ୍ଭବ । ଏତିକ ଲୋକ କ'ଣ ଏକ ସ୍ୱତନ୍ତ୍ର ଭାଷା ରଖିପାରନ୍ତି ? କ୍ରୟକାରୀ ସ୍ୱଳ୍ପ; ଖଣ୍ଡିଏ ପୁସ୍ତକ ଛପାଇ ବିକ୍ରିରୁ ତାର ମୂଲ୍ୟଟି ଉଠାଇବା ଅସମ୍ଭବ । ତେଣୁ ବଙ୍ଗଳାରେ ତିନି ଚାରି-ଶତ ପୁସ୍ତକ ମୁଦ୍ରିତ ହେଉଥିବା ସ୍ଥଳେ ଓଡ଼ିଶାରେ ତିନି ଚାରି ଖଣ୍ଡରୁ ଅଧିକ ମୁଦ୍ରିତ ହୋଇପାରୁନାହିଁ । ଏ ଅବସ୍ଥାରେ ଓଡ଼ିଆ ଭାଷାର ଉନ୍ନତି କରାଯାଇ ନ ପାରେ ।

ଏହି ବକ୍ତବ୍ୟର ତୀବ୍ର ପ୍ରତିବାଦ କରି ୧୮୬୯ ଖ୍ରୀଷ୍ଟାବ୍ଦରେ ଗୌରୀଶଙ୍କର ଦୀପିକାରେ ଲେଖିଥିଲେ—

"ଯାହାର ଯେଉଁ ବିଷୟରେ ଜ୍ଞାନ ନାହିଁ ତାହାର ସେହି ବିଷୟରେ କୌଣସି କଥା କହିବା ଅନୁଚିତ ଅଟଇ । ପ୍ରକୃତରେ ଦେଖାଯାଏ ଯେ ଉତ୍କଳଭାଷା

ପ୍ରଚଳିତ ଥିବା ଭୂମିର ଆୟତନ ବଙ୍ଗଳା ପ୍ରଚଳିତ ଥିବା ଦେଶରୁ ଊଣା ନୁହଇ, ଅତଏବ ଉତ୍କଳଭାଷାର ଉନ୍ନତି ହେବାର ସମ୍ଭାବନା ଅଛି ।''

ଓଡ଼ିଶା ବର୍ତ୍ତମାନ ବିଚ୍ଛିନ୍ନ ହୋଇ ବିଭିନ୍ନ ପ୍ରଦେଶରେ ମିଶିଛି । ଓଡ଼ିଆ ଭାଷା ତିନଥେଣ୍ଟିଆ କାକୁଡ଼ି ବାଡ଼ି ପ୍ରାୟ ହୋଇଅଛି । ଉତ୍କଳଭାଷା ଦୁଇ ଘରର କୁଣିଆ ହୋଇ ଉପାସେ ଶୋଉଅଛି । କେହି ଏହାର ଚର୍ଚ୍ଚା କରିବାକୁ ନାହିଁ । ତାଙ୍କ ବିଚାରରେ ଏହି ଅବସ୍ଥା ସବୁକାଳେ ରହିବ ନାହିଁ, ଏ ଅଧୋଗତି ସାମୟିକ ମାତ୍ର ।

ଉମାଚରଣ ହାଲ୍‌ଦାର 'Star' ପତ୍ରିକାରେ ଏକ ଦୀର୍ଘ ପ୍ରବନ୍ଧ ଲେଖିଥିଲେ, ତାର ମର୍ମ — ''ଏଣିକି ଓଡ଼ିଆ ଭାଷାର ପୁସ୍ତକ ବଙ୍ଗାକ୍ଷରରେ ଛପାହେବା ଆବଶ୍ୟକ । ତାହେଲେ ବଙ୍ଗଳା ଓ ଓଡ଼ିଆ ଲୋକେ ଓ ସାହେବମାନେ ଓଡ଼ିଆ ଭାଷା ସହଜରେ ଶିଖି ପାରିବେ ।

ଦୀପିକା ଏ ସମ୍ପର୍କରେ ନିମ୍ନ ବ୍ୟଙ୍ଗାତ୍ମକ ମନ୍ତବ୍ୟ ପ୍ରକାଶ କରିଥିଲେ — ''ହାଲ୍‌ଦାର ବାବୁଙ୍କୁ ଜଣେ ଉତ୍କଳର ହିତୈଷୀ ବୋଲିବାକୁ ହେବ । ପ୍ରଧାନ ଯୁକ୍ତି ଏହିକି ଯେବେ ବଙ୍ଗଳା କଲମ ଓ ସିହାଇରେ ଉତ୍କଳାକ୍ଷର ଲେଖା ହେଲା ତେବେ ବଙ୍ଗଳା ଅକ୍ଷରରେ କମ୍ପାଇଁ ଲେଖା ନହେବ ? ଅସ୍ମଦ ଦେଶୀୟ ପାଠକମାନେ ଯେବେ କାଗଜ, କଲମ, ସିହାଇର ସୃଷ୍ଟି ବିଷୟ ନ ଜାଣନ୍ତି ତେବେ ସ୍ମରଣ ରଖନ୍ତୁ ଯେ ଏ ସମସ୍ତ ବଙ୍ଗଳାରୁ ଜାତ ହୋଇଅଛି ।

ଓଡ଼ିଆ ଅକ୍ଷର ବିକୃତ, ତେଣୁ ବର୍ଜନୀୟ; ହାଲ୍‌ଦାରଙ୍କ ଏହି ଉକ୍ତିରେ ଗୌରୀଶଙ୍କର ଏହି ମନ୍ତବ୍ୟ ଦେଇଛନ୍ତି —

ଓଡ଼ିଆ ଓ ବଙ୍ଗଳା ଅକ୍ଷର ସବୁକୁ ବାବୁ ମନୋରଞ୍ଜନ ପୂର୍ବକ ପରୀକ୍ଷା ଓ ତୁଳନା କରି ଦେଖିଲେ ଯେ ବଙ୍ଗଳା ଅକ୍ଷର ବଡ ଶୋଭା ପାଉଅଛି, ଏହା ତାହାଙ୍କୁ ଗଜମୁକ୍ତା ହାରରେ ଖିରିକ ଝଟିତ ପଦକ ପ୍ରାୟ ବଡ ଜାଜ୍ୱଲ୍ୟମାନ ଦିଶିଲା । ଅଥବା ବାବୁଙ୍କର ବୈଷ୍ଣବ ଭାବ ଉଦୟ ହୋଇଥିବ ଯେ ତ୍ରିଭଙ୍ଗ ରୂପ ଦେଖି ଗୋପ କହ୍ନାଇର କଥା ଅକସ୍ମାତ୍ ମନରେ ପଡ଼ିବାରୁ ପ୍ରେମରେ ମୂର୍ଚ୍ଛା ହୋଇଗଲେ । ଯେବେ ଏପରି କିଛି ନ ହୋଇଥିବ, ତେବେ ବାବୁ କାହିଁକି ଏ ଦୁଇ ଅକ୍ଷରକୁ ଦେଖୁ ଦେଖୁ ବଙ୍ଗଳାକୁ ସୁନ୍ଦର ମନେକରି ହଠାତ୍ ଚମକି ପଡି କହିଲେ ଯେବେ ବଙ୍ଗଳା ଅକ୍ଷର ଏତେ ସୁନ୍ଦର ତେବେ ଓଡ଼ିଆ ଭାଷା କାହିଁକି ଏଥିର ଲେଖା ନ ହେବ ? 'ନବଗୁଞ୍ଜର' ଛଦ୍ମ ନାମରେ ଏକ ବ୍ୟଙ୍ଗାତ୍ମକ ସଙ୍ଗୀତ ଦୀପିକାରେ ପ୍ରକାଶ ପାଇଥିଲା —

''ସଙ୍ଗାତ, କି ଶୁଣିଲା ଆଚମ୍ବିତ
ନାହିଁ ଏଥୁ ବଳି ଆଚମ୍ବିତ ରେ
ଓଡ଼ିଆ ପାଇଁକି ଯାହାଙ୍କ ପଡ଼ିଥିଲା
କରମ ବାଟିଆ ହେଲା
ବଟାକଲା ତାଙ୍କୁ ଓଡ଼ିଆ ଅକ୍ଷର
ଭାଷା ଅଡୁଆ ଲାଗିଲାରେ ।

ଶିଖି ନାନା ଜ୍ଞାନ ବୋଲନ୍ତି ସୁଜାଣ
　　　ବୁଦ୍ଧି ହୋଇଛି ନବାଡ଼
ଏ କି ହଟହଟା ଅକ୍ଷର କେତେଟା
　　　ମଶୁଛନ୍ତି କଣ୍ଟାବାଡ଼ରେ ।

ଟାଣପଣେ ଜଣେ ସିଦ୍ଧାଣ ଭଣ୍ଡରୁ
　　　ଯତନେ ପିହ୍ନାଣ ଫେଡ଼
ବଙ୍ଗଳା ଅକ୍ଷରେ ଓଡ଼ିଆ ଲେଖିବା
　　　ବିଧିକ ଦେଇଛି ଇଡ଼ରେ ।

ପାଇ ଏ ବିଧାନ ଗୁଟଙ୍କ ପ୍ରଧାନ (ଅଧ୍ୟାପକ)
　　　କରୁଛନ୍ତି କେତେ ନାଟ
ତା ଦେଖି ମୁଁ ଭଲେ ପରଚକ୍ଷୁ ଦେଲେ
　　　କଣାକୁ ଦିଶିବା ବାଟରେ ।"

ସ୍କୁଲମାନଙ୍କରେ ଉଭୟ ବଙ୍ଗଳା ଓ ଓଡ଼ିଆ ପଢ଼ାଇବାକୁ ସରକାରୀ ଆଦେଶ ଥିଲା; କିନ୍ତୁ ବାଲେଶ୍ୱର ଜିଲ୍ଲା ସ୍କୁଲ ପଣ୍ଡିତ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ପକ୍ଷେ ଓଡ଼ିଆ ପଢ଼ାଇବା କାଠିକର ପାଠ ଥିଲା । ଅଜ୍ଞାନତା କାଳେ ପଦାରେ ପଡ଼ିଯିବ, କାନ୍ତିଚନ୍ଦ୍ର ଶଙ୍କିତ ହେଲେ; 'ମୂଳ ମାରିଲେ ଯିବ ସରି' ହେଲା ତାଙ୍କର ବିଚାର; ଏହାର ଅନ୍ୟ ନାମ ବିଭ୍ରାଟ; ସହସ୍ର ବର୍ଷ ଧରି ପ୍ରଚଳିତ ଗୋଟାଏ ସମୃଦ୍ଧ ଭାଷାକୁ ଏଇ ଯାଢରେ ବିଲୁପ୍ତ କରାଯାଇ ନପାରେ । କିନ୍ତୁ କାନ୍ତିଙ୍କ ମୁଣ୍ଡରେ ଭୂତ ପଶିଥିଲା; ସେଥିରୁ ବାହାରିଲା 'ଉଡ଼ିୟା ସ୍ୱତନ୍ତ୍ର ଭାଷା ନହେ' ପୁସ୍ତକ । ପଣ୍ଡିତଙ୍କ ଯୁକ୍ତି ବଙ୍ଗଳା ଗୋଟିଏ ବିଶୁଦ୍ଧ ଭାଷା, ଓଡ଼ିଆ ତାର ବିକୃତ ରୂପାନ୍ତର । ବିକୃତ ଭାଷା ନ ପଢ଼ି ଶୁଦ୍ଧ ଭାଷା ପଢ଼ିବା ଦେଶ ପକ୍ଷରେ କଲ୍ୟାଣକର । ପ୍ରକୃତ ପକ୍ଷେ କାନ୍ତିଙ୍କର ମସ୍ତିଷ୍କ ହିଁ ବିକୃତ ଥିଲା; ଓଡ଼ିଆ ଭାଷାର ସ୍ୱତନ୍ତ୍ର ଅସ୍ତିତ୍ୱ ଅସ୍ୱୀକୃତ ହେବା ଫଳରେ ଏକ ଆନ୍ଦୋଳନର ସୂତ୍ରପାତ ହୋଇଥିଲା; ଆଧୁନିକ ସାହିତ୍ୟ ସୃଷ୍ଟି ଓ ପ୍ରାଚୀନ ସାହିତ୍ୟ ପ୍ରକାଶ ଲାଗି ଏହା ଯୋଗାଇଥିଲା ଜ୍ୱଳନ୍ତ ଉଦ୍ଦୀପନା ।

ଗୌରୀଶଙ୍କର ଉତ୍କ୍ଷିପ୍ତ ହୋଇ ଦୀପିକାରେ ଲେଖିଥିଲେ- "କେବଳ କେତେକ ସୌସାଦୃଶ୍ୟ ହେତୁରୁ ଯେବେ ଦୁଇ ବା ଅଧିକ ଭାଷାକୁ ଏକ ବୋଲାଯାଇ ପାରେ ତେବେ କେହି ଉଡ଼ିୟାକୁ ହିନ୍ଦୀ ବା ବଙ୍ଗଳା ବାହାର ଥିବାର କହିଲେ ଦୋଷ ହେବ ନାହିଁ । ମାତ୍ର ଉଡ଼ିୟାମାନେ ତୁଚ୍ଛାକୁ ଏତେ ଅହଙ୍କାର କରନ୍ତି ନାହିଁ । ଅଥଚ ବିଚାର କଲେ ଏହାଙ୍କର ଅହଙ୍କାର କରିବାର ଅନେକ କାରଣ ଅଛି । ଓଡ଼ିଶାର କୀର୍ତ୍ତି-କଲାପ ବଙ୍ଗଳାରେ ନାହିଁ । ଓଡ଼ିଶାର ରାଜା ଏକ ସମୟରେ ବଙ୍ଗଳାର ତ୍ରିବେଣୀ ପର୍ଯ୍ୟନ୍ତ ଅଧିକାର କରିଥିଲେ । ବଙ୍ଗଳାର କୌଣସି ରାଜା କେବେ ଓଡ଼ିଶାକୁ ଜୟ କରିବାର ଶୁଣା ନାହିଁ । ଅତଏବ ବଳବୀର୍ଯ୍ୟ ଓ ଶିଳ୍ପ କୌଶଳରେ ଓଡ଼ିଶାର ପୂର୍ବ-କାଳୀୟ ଲୋକ ବଙ୍ଗଳାରୁ ଶ୍ରେଷ୍ଠଥିବା ପ୍ରତ୍ୟକ୍ଷେ ଭାଷା ନିମନ୍ତେ ଅନ୍ୟଠାରେ ଋଣୀ

ହୋଇଥିଲେ ଏହା କଦାଚ ସମ୍ଭବ ନୁହେଁ । ବରଂ ଓଡ଼ିଶାର ଭାଷା କେତେକ ବଙ୍ଗଳାରେ ଚଳିବାର ଅନୁମାନସିଦ୍ଧ ଅଟେ ।

"ବିଶେଷରେ ଓଡ଼ିଆରେ ଯେତେ ପ୍ରାଚୀନ ଗ୍ରନ୍ଥ ଅଛି ବଙ୍ଗଳାରେ ତେତେ ନାହିଁ । ମାଗି ଆଣିଲି ଧନରେ କି କୁଟୁମ୍ବ ପୋଷାଯାନ୍ତି ?"

"କେତେ ମୂର୍ଖପଣିଆ, ପୁଣି ସାହସ ମଧ୍ୟ କେତେ, ସଂସ୍କୃତ, ପାରସୀ, ଓ ହିନ୍ଦୀ ଶବ୍ଦମାନଙ୍କୁ ବଙ୍ଗଳା ବୋଲି ଅନାୟାସରେ ପରିଚୟ ଦେଇ ଅଛନ୍ତି ।"

ଦୀପିକା, ୨୭।୨।୧୮୭୦

"ଗ୍ରନ୍ଥକାର ଯଦି ପକ୍ଷପାତଶୂନ୍ୟ ହୋଇ ବିଚାର କରିବାକୁ ଚେଷ୍ଟା କରି-ଥାନ୍ତେ ତେବେ ଜାଣିପାରନ୍ତେ ଯେ ବର୍ତ୍ତମାନ ବଙ୍ଗଳା ଓ ଉତ୍କଳୀୟରେ ଯେଉଁ ପୁସ୍ତକାଦି ରଚିତ ହୋଇଅଛି ତହିଁରେ ଅଧିକ ସଂସ୍କୃତ ଶବ୍ଦ ମିଶ୍ରିତ ହୋଇଥିବାରୁ ଏ ଦୁହିଁଙ୍କର କିଛିର ସମତା ଦେଖାଯାଏ । ସୁତରାଂ ଏ ଦୁଇ ଭାଷାକୁ ପୃଥକ୍ ବୋଲିବାକୁ ହେବ ଓ କାନ୍ତିବାକୁ ଯେତେ ପୁସ୍ତକ ରଚନା କରନ୍ତୁ ଦୁଇ ଭାଷା କଦାଚ ଏକ ହୋଇ ନ ପାରିବ ।"

"ଓଡ଼ିଆ ସ୍ୱତନ୍ତ୍ର ଭାଷା ନୁହଇ," ଉ. ଦୀ.
୩ । ୯ । ୧୮୭୦

ନିଜ ମତକୁ ଦୃଢ଼ତର କରିବା ଲାଗି ଗୌରୀଶଙ୍କର ଏ ସମ୍ପର୍କରେ 'କାଲ-କାଟା ରିଭ୍ୟୁ'ର ମତ ଉଦ୍ଧାର କରିଛନ୍ତି । ଏହା ହିଁ ତାଙ୍କୁ ଏ ଦିଗରେ ସିଦ୍ଧାନ୍ତ, ଆଡ଼କୁ ନେଇଯାଇଛି —

"ପୁସ୍ତକ ଭୂମିକାରେ ପ୍ରକାଶ ଯେ ଓଡ଼ିଶା କଚେରି ସମୂହରେ ବଙ୍ଗଳା ପରିବର୍ତ୍ତିରେ ଓଡ଼ିଆ ଭାଷା ପ୍ରଚଳିତ କରିବାରେ କମିସନର ଓ ମିସନାରୀମାନେ ଭ୍ରମରେ ପଡ଼ିଅଛନ୍ତି । କାରଣ ଏ ଦୁଇ ଭାଷାକୁ ସେମାନେ ପୃଥକ୍ ଜ୍ଞାନ କରନ୍ତି । ତଦନୁ-ସାରେ ଲେଖକ ଓଡ଼ିଆ ସ୍ୱତନ୍ତ୍ର ଭାଷା ନଥିବା ଓ ତାହା ବଙ୍ଗଳାର ଅପଭ୍ରଂଶ ମାତ୍ର ଥିବାର ପ୍ରମାଣ କରିବାକୁ ଚେଷ୍ଟା ପାଇଅଛନ୍ତି । ମାତ୍ର ଆମ୍ଭମାନଙ୍କ ବିବେଚନାରେ ସେ କୃତକାର୍ଯ୍ୟ ହୋଇନାହାଁନ୍ତି । ତାହାଙ୍କର ମତ ସମର୍ଥନ ପାଇଁ ସେ ଗୋଟିଏ ମାତ୍ର ହେତୁ ଦର୍ଶାଇ ଅଛନ୍ତି । ତାହା ଏହି ଯେ ଅନେକ ବଙ୍ଗଳା ଓ ଓଡ଼ିଆ ଶବ୍ଦ ଏକା ପ୍ରାୟ ଅଟଇ । କିନ୍ତୁ ଏ କଥା ବଙ୍ଗଳା ଓ ଗୁଜୁରାଟୀ ପକ୍ଷରେ ମଧ୍ୟ କୁହାଯାଇପାରେ ଓ ଆମ୍ଭେମାନେ ଆପେ ଆପେ ଅନୁଭବ କରି କହୁଅଛୁଁ ଯେ ଜଣେ ସୁଶିକ୍ଷିତ ବଙ୍ଗାଳୀ ଗୁଜୁରାଟୀର ଗୋଟିଏ ଅକ୍ଷର ସୁଦ୍ଧା ନ ଜାଣି ଉକ୍ତ ଭାଷାର ଦଶାଂଶର ନ ଅଂଶ ବୁଝିପାରିବ ମାତ୍ର ଏଥିପାଇଁ କି କେହି ଗୁଜୁରାଟୀ କି ବଙ୍ଗଳାକୁ ଏକ ବୋଲି ଅନୁ-ମାନ କରନ୍ତି ? ପ୍ରକୃତ କଥା ଏହି ଯେ ଓଡ଼ିଆ, ବଙ୍ଗଳା, ଗୁଜୁରାଟୀ ଓ ଅନ୍ୟ ଭାଷା-ମାନ ସଂସ୍କୃତରୁ ଉଦ୍ଭବ ହୋଇଥିବାରେ ସେହି ହେତୁରୁ ତାହାଙ୍କର ସୌସାଦୃଶ୍ୟ ଅଛି । ଆମ୍ଭେମାନେ ବୋଧ କରୁଁ କି ଯେମନ୍ତ ତଳ ଉଚ୍ଚ ଭାଷା ଉପର ଉଚ୍ଚ ଭାଷାର

ଅପଭ୍ରଂଶ ନୁହଇ, ସେହି ରୂପ ଓଡ଼ିଆ ବଂଗଳାର ଅପଭ୍ରଂଶ ନୁହଇ । ଯେବେ କି ଓଡ଼ିଆ ଶବ୍ଦ ବଂଗଳା ହୁଅଇ (ଆମ୍ଭେମାନେ ଏ କଥା ସ୍ୱୀକାର କରନାହୁଁ) ତେବେହେଁ ଗଭର୍ଣ୍ଣମେଣ୍ଟ ଏହି କୁ ଓଡ଼ିଆ ଅଦାଲତସମୂହର ଭାଷା କରିବାରେ ଯଥାର୍ଥ ବିଚାର କରିଅଛନ୍ତି । କାରଣ ଏହା ମନ୍ଦ ବଙ୍ଗଳା ହେଲେ ମଧ୍ୟ ଓଡ଼ିଶା ପ୍ରତି ଭଲ ଭାଷା ଅଟଇ ଏବଂ ଓଡ଼ିଶାର ତିନ କୋଟି ଲୋକ କେବଳ ଏ ଭାଷାରେ କଥାବାର୍ତ୍ତା କରନ୍ତି ଏମନ୍ତ ନୁହେ । ଏ ଭାଷାରେ ପୂର୍ବର ଅନେକ ସାହିତ୍ୟ ଗ୍ରନ୍ଥ ରଚନା ହୋଇଅଛି ଓ ଦିନ ଦିନ ରଚନା ବୃଦ୍ଧି ହେଉଅଛି ।

ଅତଏବ ଓଡ଼ିଶାର ଲୋକଙ୍କୁ ବଳପୂର୍ବକ ବଙ୍ଗଳା ଶିକ୍ଷା ଦେଲେ ଗଭର୍ଣ୍ଣମେଣ୍ଟ ସେହି ପ୍ରାୟ ଅନ୍ୟାୟ କରନ୍ତେ କି ଯେମନ୍ତ ପ୍ରସିଆ ଗଭର୍ଣ୍ଣମେଣ୍ଟ ଉପରେ ଉତ୍ତର ଜର୍ମଭାଷା ହୋଲ୍‌ଷ୍ଟାନର ପ୍ରଚାର ବିଷୟରେ ଅନ୍ୟାୟାଚରଣ କରିଥିଲେ ।”

ଆତ୍ମପକ୍ଷ ସମର୍ଥନ କରୁଥିବାରୁ ସେ ଏଡ଼ୁକେସନ ଗେଜେଟର ମତ ମଧ୍ୟ ଉଦ୍ଧାର କରିଅଛନ୍ତି; ଏହାର ସମ୍ପାଦକ ବଙ୍ଗଦେଶବାସୀ, ଶିକ୍ଷାବିଭାଗର ଜଣେ ବିଶିଷ୍ଟ କର୍ମଚାରୀ ଓ ବିଶିଷ୍ଟ ପଣ୍ଡିତ । ସ୍କୁଲ୍ ଇନ୍‌ସପେକ୍ଟର ଥିବାରୁ ବିଭିନ୍ନ ଅଞ୍ଚଳର ଭାଷା ବିଷୟରେ ଅଭିଜ୍ଞ । ଓଡ଼ିଆର ପକ୍ଷପାତୀ ହେବାର ମଧ୍ୟ ବିଶେଷ କିଛି କାରଣ ନାହିଁ ।

“ଫଳତଃ ଆମ୍ଭମାନଙ୍କ ବିବେଚନାରେ ସେ ଯେଉଁ ପ୍ରଣାଳୀରେ ‘ଓଡ଼ିଆ ସ୍ୱତନ୍ତ୍ର ଭାଷା ନୟ’ ପ୍ରମାଣ କରିଅଛନ୍ତି ସେ ପ୍ରଣାଳୀ ଅବଲମ୍ବନ କଲେ ଓଡ଼ିଆ କାହିଁକି ହିନ୍ଦୀ ମଧ୍ୟ ସ୍ୱତନ୍ତ୍ର ଭାଷା ନୁହେଁ ଏ କଥାର ସ୍ୱପ୍ରମାଣ ହୋଇପାରେ । ବଙ୍ଗଳା ଓ ଓଡ଼ିଆ ଭାଷାରେ ଯେପରି ଅନେକ ମେଳ ଅଛି ହିନ୍ଦୀ ଓ ବଙ୍ଗଳାରେ ମଧ୍ୟ ସେହିପରି ମେଳ ଦେଖାଯାଏ ।”

“କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ଅବଲମ୍ବିତ ବିଚାର ପଦ୍ଧତିକୁ ଯଦି ସତ୍ ପଦ୍ଧତି ବୋଲି ଗ୍ରହଣ କରାଯାଏ ତେବେ ଯେପରି ଓଡ଼ିଶା ଦେଶରେ ବଙ୍ଗଳା ପ୍ରଚଳିତ ହେବା ଉଚିତ ବୋଲି ପ୍ରତିପନ୍ନ ହୋଇଅଛି, ସେହିପରି ବଙ୍ଗଳା ଓ ଓଡ଼ିଶା ଉଭୟ ଦେଶରେ ହିନ୍ଦୀ ପ୍ରଚଳିତ ହେବା ଉଚିତ ବୋଲି ପ୍ରତିପନ୍ନ ହୋଇପାରେ ଅଥବା ସମୁଦାୟ ଆର୍ଯ୍ୟାବର୍ତ୍ତରେ ଏକ ବଙ୍ଗ ଭାଷା ବା ଏକ ଓଡ଼ିୟା ଭାଷା ବା ଏକ ଆସାମୀ ଭାଷା କିମ୍ବା ହିନ୍ଦୀ ଭାଷା ପ୍ରଚଳିତ ହେବା ଉଚିତ ବୋଲି ମଧ୍ୟ ପ୍ରତିପନ୍ନ ହୋଇପାରେ ।”

“ସେ ଯେଉଁ ସ୍ଥଳରେ ଓଡ଼ିୟା ଓ ବଙ୍ଗଳାର ମେଳ ଦେଖିଛନ୍ତି ସେ ସ୍ଥଳେ ଦୁହିଙ୍କି ବଙ୍ଗଳା ବୋଲିଅଛନ୍ତି । ଯେଉଁ ସ୍ଥଳେ ଭିନ୍ନ ରୂପ ଦେଖିଅଛନ୍ତି ସେ ସ୍ଥଳରେ ଓଡ଼ିୟକୁ ବିଶୁଦ୍ଧ ବଙ୍ଗଳାର ଅପଭ୍ରଂଶ ବୋଲିଅଛନ୍ତି, ଏହି କି ବିଚାରର ରୀତି ? ଯେଉଁ ସ୍ଥଳରେ ଦୁହିଙ୍କର ମେଳ ସେ ସ୍ଥଳରେ ବଙ୍ଗଳା କାହିଁକି ବିଶୁଦ୍ଧ ଓଡ଼ିୟାର ଅପଭ୍ରଂଶ ନ ହେଲା ? ଏହି ଅପଭ୍ରଂଶ ଶବ୍ଦ ମାତ୍ର ମହାଅନର୍ଥକର । କିଏ କାହାର ଅପଭ୍ରଂଶ କି ନା ଏହା ବିଚାର କରିବା ଆବଶ୍ୟକ ଥିଲା ।

(୩୦।୮।୧୮୬୦, ଉ:ଦୀ: ସଂଖ୍ୟା ୧୮)

ପରିଶେଷରେ ଗୌରୀଶଙ୍କର ନମ୍ନ ସିଦ୍ଧାନ୍ତରେ ଉପନୀତ ହୋଇ ଏହି ଅଶ୍ଳାଘ୍ୟ ସଂଗ୍ରାମର ଵିଜ୍ଞଜନୋଚିତ ଅବସାନ ଘଟାଇଛନ୍ତି —

"ବସ୍ତୁତଃ ଓଡ଼ିଆ ବଙ୍ଗଳାର ଅପଭ୍ରଂଶ ନୁହେଁ ଏବଂ ବଙ୍ଗଳା ମଧ୍ୟ ଓଡ଼ିଆର ଅପଭ୍ରଂଶ ନୁହେ । ବଙ୍ଗଳା, ଓଡ଼ିଆ ଓ ଆସାମୀ ଏକ ମୂଳରୁ ସମୁତ୍ପନ୍ନ ଏକ ବୃକ୍ଷର ଭିନ୍ନ ଭିନ୍ନ ଶାଖା ସ୍ୱରୂପ, ଏକ ପ୍ରସୂତିର ଭିନ୍ନ ଭିନ୍ନ ସନ୍ତତି ମାତ୍ର । ମୂଳ ବୃକ୍ଷ କାଳ ସହକାରରେ ଲୋପ ପାଇଅଛି । ଶାଖାଗଣ ଆପଣା ଆପଣା ଅନ୍ତର୍ନିହିତ ଶକ୍ତି ପ୍ରଭାବରେ ପରସ୍ପରର ନିରପେକ୍ଷ ହୋଇ ପ୍ରାଣ ଧାରଣ କରି ଅଛନ୍ତି । ଏମାନଙ୍କୁ ବଳପୂର୍ବକ ଏକ ଶରୀରରେ ପରିଣତ କରିବାକୁ ଚେଷ୍ଟାକଲେ ବୃଥା ପ୍ରଯତ୍ନ ହେବ । ଜୀବନ ସ୍ରୋତ ଯେ ଦିଧା ହୋଇ ପ୍ରବାହିତ ହେଉଅଛି ତାହା ଆଉ ମିଳିବାର ନୁହେଁ । ସେ ମିଳିବାର ସମୟ ଯାଇଅଛି । ଯେବେ ବଙ୍ଗଳା ଓ ଓଡ଼ିଆ ମିଳିବାର ହୋଇଥାନ୍ତା ଏମାନଙ୍କର ଶୈଶବାବସ୍ଥାରେ ସେ ମେଳ ଘଟିଥାନ୍ତା । ବର୍ତ୍ତମାନ ଏ ଦୁହେଁ ସମଧିକ ପରିପୁଷ୍ଟ ଓ ସ୍ୱାଧୀନ ଭାବରେ ପ୍ରାଣ ଧାରଣେ ଉପଯୋଗୀ ଅଂଗ ପ୍ରତ୍ୟଂଗ ଭୂଷିତ ହୋଇଅଛନ୍ତି । ଏତେବେଳେ ଏମାନଙ୍କର କାହାକୁ ବଳ ପୂର୍ବକ ଅଦାଲତ ଓ ବିଦ୍ୟାଳୟମାନଙ୍କର ଦୂରୀଭୂତ କଲେ ଲୋପ ପାଇ ପାରିବନାହିଁ । ପ୍ରତ୍ୟୁତ ଆଦାଲତ ଓ ବିଦ୍ୟାଳୟରେ ବଳ ପ୍ରଚଳିତ ଭାଷାର କ୍ରମେ ଅବନତି ହେବ । ଆମ୍ଭେମାନେ ଆସାମର ଅଦାଲତରେ ପ୍ରଚଳିତ ବଂଗଭାଷା ଦେଖିଅଛୁଁ ।"

ଗୌରୀଶଙ୍କର ଆଧୁନିକ ଓଡ଼ିଆ ଗଦ୍ୟଭାଷାର ଜଣେ ପ୍ରବର୍ତ୍ତକ । ଉତ୍କଳ ଦୀପିକାର ଭାଷା ସାଧାରଣ ଭାବ ପ୍ରକାଶକ ଭାଷା, ସର୍ବଜନବୋଧ । ଏହା କିଛି ଅଂଶରେ ସାହିତ୍ୟିକ ଗଦ୍ୟ, ବ୍ୟଂଗାତ୍ମକ, ସମାଲୋଚନାମୂଳକ, କ୍ୱଚିତ୍ ବିଦ୍‌ବତ୍ତା ପ୍ରକାଶକ, ଗବେଷଣାମୂଳକ, କିନ୍ତୁ ଅଧିକାଂଶରେ ଦୈନନ୍ଦିନ ଆଳାପ ଆଲୋଚନାରେ ବ୍ୟବହୃତ ଗଦ୍ୟ, ଅତ୍ୟଧିକ ସଂସ୍କୃତ ଶବ୍ଦ ପ୍ରୟୋଗରେ ଭାରାକ୍ରାନ୍ତ ନୁହେଁ । ଶ୍ରୀ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ଉକ୍ତି ଏ କ୍ଷେତ୍ରରେ ପ୍ରଣିଧାନଯୋଗ୍ୟ —

'ଗୌରୀଶଙ୍କର ସଂପାଦକ ରୂପେ ଅବତୀର୍ଣ୍ଣ ହେବା ପୂର୍ବରୁ ଉତ୍କଳର ଗୋଟିଏ ସାଧାରଣ ଭାଷା ନଥିଲା । ପୂର୍ବେ ଲିଖିତ ଉପାୟରେ ଉତ୍କଳୀୟମାନଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ ହେଉ ନଥିବାରୁ ଉତ୍କଳ ଭାଷା ପ୍ରାଦେଶିକତାରେ ପୂର୍ଣ୍ଣ ଥିଲା । ଏମନ୍ତକି ଉତ୍କଳ ଭାଷା ଗୋଟିଏ ଅଞ୍ଚଳରେ ବ୍ୟବହୃତ ହେଉଥିବା ଭାଷାକୁ ଅନ୍ୟ ଅଞ୍ଚଳର ଲୋକେ ବୁଝି ପାରୁ ନଥିଲେ । ଭାଷାରୁ ପ୍ରାଦେଶିକତା ଦୂର କରି ସମଗ୍ର ଉତ୍କଳରେ ଗୋଟିଏ ସାଧାରଣ ଭାଷା ପ୍ରବର୍ତ୍ତାଇବା ବିଷୟରେ ଉତ୍କଳଦୀପିକା ଯେଉଁକାର୍ଯ୍ୟ କରିଅଛି ତହିଁର ମୂଲ୍ୟ ନିରୂପଣ କରିବା ସହଜ ନୁହେଁ ।"

( ଗୋପାଳଚନ୍ଦ୍ର ପ୍ରହରାଜ, ଉତ୍କଳ ସାହିତ୍ୟ, ଦ୍ୱାବିଂଶ ବର୍ଷ)

ଗୌରୀଶଙ୍କରଙ୍କ ଦୀପିକା ସମ୍ପାଦକୀୟ ବିଷୟରେ ସୁସାହିତ୍ୟିକ ଶ୍ରୀ ଶଶିଭୂଷଣ ରାୟଙ୍କ ଉକ୍ତି ମଧ୍ୟ ଯଥାର୍ଥ :—

"ସିଦ୍ଧ ଲେଖନୀପ୍ରସୂତ ସମ୍ପାଦକୀୟ ଭାଷାରେ ଉତ୍କଳୀୟ ପ୍ରେମିକର, କବିର, ଦାର୍ଶନିକର, ଦୁଃଖୀର, ବ୍ୟଥିତର, ବିପନ୍ନର, ସାଧକର, ଭକ୍ତର, ଧର୍ମୋନ୍ମାଦର, ହୃଦ-

ସ୍ୱୋଚ୍ଛ୍ୱାସ ଓ ହୃଦୟ ସ୍ପନ୍ଦନ ଅନୁଭୂତ ହେଉଥିଲା । ତାହାଙ୍କ ବ୍ୟଙ୍ଗ ସୁଦ୍ଧା ହୀରକ ପ୍ରାୟ ସମୁଜ୍ଜ୍ୱଳ ବୋଧ ହେଉଥିଲା । ( ଉ. ସା:, ବିଂଶ, ଏକବିଂଶ ବର୍ଷ ) ପ୍ରାଚୀନ ସାହିତ୍ୟ ପ୍ରତି ତାଙ୍କର ଅକଳନୀୟ ଶ୍ରଦ୍ଧା; ତାର ସଂରକ୍ଷଣ ଲାଗି ସେ ପ୍ରାଣପାତ ପରିଶ୍ରମ କରିଥିଲେ । "ତାହାଙ୍କର ଅଧ୍ୟବସାୟ ହିଁ ମହାକବି ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ, ଦୀନକୃଷ୍ଣ ଓ ଅଭିମନ୍ୟୁ ସାମନ୍ତସିଂହାର ପ୍ରଭୃତିଙ୍କୁ ସାଧାରଣ ଚିତ୍ତରେ ଅଧିଷ୍ଠାନ କରାଇ ଉତ୍କଳକୁ ଗୌରବାନ୍ୱିତ କରିଅଛି ।"- (ଶଶିଭୂଷଣ ରାୟ)

ଗୌରୀଶଙ୍କର ଓଡ଼ିଆକୁ ମାତୃଭାଷା ରୂପେ ପ୍ରୀତିଅର୍ଘ୍ୟ ଅର୍ପଣ କରିଛନ୍ତି, ତାର ଗୌରବକୁ ଯେ କୌଣସି ପ୍ରତିକୂଳ ପରିସ୍ଥିତିରେ ବି କ୍ଷୁଣ୍ଣ ହେବାକୁ ଦେଇ-ନାହାନ୍ତି । ଆମ୍ଭମାନଙ୍କ ମାତୃଭାଷା ( ୩୦।୫।୧୮୭୮, ଉ:ଦୀ:, ଦ୍ୱାବିଂଶ ସଂଖ୍ୟା ) ଶୀର୍ଷକରେ ଏହା ସୁସ୍ପଷ୍ଟ ହୋଇଅଛି —

ଆମ୍ଭମାନଙ୍କ ମାତୃଭାଷା ଓଡ଼ିଆ, ଏହା ଦୁଧଖିଆ ପିଲାମାନେ ସୁଦ୍ଧା ଜାଣନ୍ତି । ଯହିଁରେ ଏ ଭାଷାର ଉନ୍ନତି ହେବ ସେଥିର ଚେଷ୍ଟା ଆମ୍ଭମାନଙ୍କର ଉଚିତ । ପୃଥିବୀ ମଧ୍ୟରେ ଯେଉଁ ଯେଉଁ ଜାତି ସଭ୍ୟତା ସୋପାନର ଆରୋହଣ କରିଅଛନ୍ତି ସେମାନେ ଆପଣା ଆପଣା ମାତୃଭାଷାକୁ ବୃଦ୍ଧି କରିବା ନିମନ୍ତେ ସାଧ୍ୟାନୁସାରେ ଯତ୍ନ କରୁ-ଅଛନ୍ତି; ମାତ୍ର ଦୁଃଖର ବିଷୟ ଏହି ଯେ ଆମ୍ଭେମାନେ ତାହା ନକରି ସେଥିର ବିପରୀତ କରୁଅଛୁଁ । ଆମ୍ଭମାନଙ୍କ ମାତୃଭାଷା କିଛି ନୂତନ ଭାଷା ନୋହେ, ଏହା ବହୁ ଦିନର ଭାଷା । ଯେଉଁମାନେ ଏହା ଅବିଶ୍ୱାସ କରନ୍ତି ସେମାନେ ପୁରୁଣା ପୋଥିମାନ ଫିଟାଇ ଦେଖନ୍ତୁ, ତାହାହେଲେ ଆମ୍ଭମାନଙ୍କର ଉକ୍ତିର ପ୍ରମାଣ ପାଇବେ । ଆମ୍ଭମାନଙ୍କ ମାତୃଭାଷା ଦୁଇଶହ ବର୍ଷ ପୂର୍ବେ ଯେପରି ଅବସ୍ଥାରେ ଥିଲା, ଆଜି ବଙ୍ଗଳା ଭାଷା ଏତେ ଉନ୍ନତି ଲାଭ କରି ସୁଦ୍ଧା ପ୍ରାୟ ସେହି ରୂପ ଅବସ୍ଥାପନ୍ନ ହୋଇଅଛି । ଦୀନକୃଷ୍ଣ, ଉପେନ୍ଦ୍ରଭଞ୍ଜ ଅଭିମନ୍ୟୁ ସାମନ୍ତସିଂହାର ପ୍ରଭୃତିଙ୍କ କାବ୍ୟ ଯେଉଁମାନେ ମନଦେଇ ପଢିଅଛନ୍ତି ସେହିମାନେ ସେଥିର ପ୍ରମାଣ ପାଇଅଛନ୍ତି ।

ଗୌରୀ ଶଙ୍କର 'ଉତ୍କଳ ଭାଷୋଦ୍ଦୀପନୀ ସଭା'ର ସମ୍ପାଦକ ଥିଲେ, ଓଡ଼ିଆ ସାହିତ୍ୟର ଉନ୍ନତି ଏହି ଅନୁଷ୍ଠାନର ଲକ୍ଷ୍ୟ ଥିଲା; ସେ ୩୩ ବର୍ଷକାଳ ଏହି ଅନୁ-ଷ୍ଠାନ ସୁରୁଖୁରୁରେ ଚଲାଇଥିଲେ । ଏହି ଅନୁଷ୍ଠାନ ଜରିଆରେ କଚେରୀ ମୋହରିର-ମାନଙ୍କ ଭାଷା ସଂସ୍କାର ଚେଷ୍ଟା କରିଥିଲେ — "କିରୂପେ ଉତ୍କଳ ଭାଷା ଉନ୍ନତ ହେବ, ସଦସ୍ୟ ଧାରଣ ଉତ୍କର୍ଷ ସାଧନାରେ ଯତ୍ନବାନ ହେବ ଏବଂ ସରକାରୀ ମହକୁମା ମାନଙ୍କରେ ବର୍ତ୍ତମାନ ଚଳିତ ଥିବା ମିଶ୍ରିତ ଭାଷା ପରିବର୍ତ୍ତିରେ ବିଶୁଦ୍ଧ ଭାଷା ଚଳନ ହେବ ଓ କେବଳ ଉପଯୁକ୍ତ ବ୍ୟକ୍ତିମାନେ ଅମଲାଗିରି କର୍ମ କରିପାରିବେ" ସେ ଯତ୍ନବାନ ହୋଇଥିଲେ ।

କଟକ ମ୍ୟୁନିସିପାଲିଟିରେ ନିର୍ବାଚନ ବ୍ୟବସ୍ଥା ପ୍ରବର୍ତ୍ତନ, ପଲ୍ଲୀ ଗ୍ରାମମାନଙ୍କରେ ନିର୍ବାଚନ ସିଦ୍ଧ ଲୋକାଲବୋର୍ଡ ଗଠନ, କଟକରୁ ବୃନ୍ଦାବାଲି ଓ ବାଲିପଦର ପର୍ଯ୍ୟନ୍ତ ଷ୍ଟିମାର ପ୍ରଚଳନ, ସମ୍ବଲପୁରରୁ ଓଡ଼ିଆ ଭାଷା ଉଠିଯିବାରେ ତୀବ୍ର ପ୍ରତିବାଦ ଓ

ପ୍ରତିକାର ଲାଗି ବଡଲାଟଙ୍କୁ ନିବେଦନ, ସମ୍ବଲପୁର ମଧ୍ୟପ୍ରଦେଶ ପ୍ରଭୃତି ଓଡ଼ିଆ ଅଞ୍ଚଳର ଓଡ଼ିଶା ସହିତ ମିଶ୍ରଣ ପ୍ରଭୃତି ନାନା ସତ୍‌କାର୍ଯ୍ୟରେ ଏହି ଅନୁଷ୍ଠାନ ବ୍ରତୀ ହୋଇଥିଲା ।

ସେ ସମଗ୍ର ଭାରତରେ ଗୋଟିଏ ଲିପି ପ୍ରଚଳନର ପକ୍ଷପାତୀ ଥିଲେ । ତା ହେଲେ ବିଭିନ୍ନ ପ୍ରାଦେଶିକ ଭାଷାଭାଷୀ ଲୋକେ ପରସ୍ପର ଭାବାମ୍ବାର ନିକଟବର୍ତ୍ତୀ ହୋଇପାରିବେ, ପ୍ରାଦେଶିକ ସାହିତ୍ୟ ପ୍ରଚାରର ମୁଖ୍ୟ ବାଧା ଦୂର ହୋଇଯିବ । ଗୌରୀଶଙ୍କରଙ୍କର ଉତ୍କଳ ସାହିତ୍ୟ ସମାଜର ଦ୍ୱାଦଶ ବାର୍ଷିକ ଅଭିଭାଷଣ ଦ୍ରଷ୍ଟବ୍ୟ ( ୧୬।୧୨।୧୯୧୭, ବିଂଶ ଓ ଏକବିଂଶ ବର୍ଷ, ଉତ୍କଳ ସାହିତ୍ୟ ) ।

ସମଗ୍ର ଭାରତରେ ଏକଲିପି ପ୍ରଚାର ବାଦର ମୁଁ ଜଣେ ପକ୍ଷପାତୀ । ମୋର ଦୃଢ଼ ବିଶ୍ୱାସ ଯେ ଯେମନ୍ତ ଦେବନାଗରୀ ଅକ୍ଷର ଯୋଗେ ସଂସ୍କୃତ ଗ୍ରନ୍ଥ ପ୍ରଚାରର ସୁବିଧା ହୋଇଅଛି, ତେମନ୍ତ ସେହି ଅକ୍ଷରରେ ଭିନ୍ନ ଭିନ୍ନ ପ୍ରାଦେଶିକ ଭାଷା ଗ୍ରନ୍ଥମାନ ପ୍ରକାଶିତ ହେଲେ ବହୁ ପରିମାଣରେ ପରସ୍ପର ସେ ସମସ୍ତ ପଢ଼ିବାର ବାଧା ଘୁଞ୍ଚିଯିବ ଏବଂ ବୁଝିବା ସହଜ ହେବ । ଅନ୍ତତଃ ଏକାକ୍ଷର ଯୋଗେ ଭିନ୍ନ ଭିନ୍ନ ଭାଷା ଗ୍ରନ୍ଥ ପଢ଼ିବାର ବାରପଣ କଷ୍ଟ ଦୂର ହୋଇଯିବ । ଅଳ୍ପ କ୍ରମରେ ଲୋକେ ପରସ୍ପର ସାହିତ୍ୟଜ୍ଞାନ ଲଭିବାକୁ ସମର୍ଥ ହେବେ । ଅନେକ ଭାଷା ମଧ୍ୟରେ ତଫାତ୍ ଅଳ୍ପ । କିନ୍ତୁ ଭିନ୍ନାକ୍ଷର ଯୋଗେ ଅନ୍ତରାୟ ବିସ୍ତର ଘଟିଅଛି । ଆପଣା ସାହିତ୍ୟକୁ ଆପଣା ଘରେ ବନ୍ଦକରି ରଖିବା ଅପେକ୍ଷା ଯଥାସମ୍ଭବ ଚାରିଆଡେ ବିସ୍ତାର କରିବା ଭଲ । ଏହା ବୋଧକରେଁ, କେହି ଅସ୍ୱୀକାର କରିବେ ନାହିଁ, ଏ ଦିଗକୁ ସାହିତ୍ୟସମାଜର ମନ ଆକୃଷ୍ଟ ହେବା ବାଞ୍ଛନୀୟ ।

ଏକାବେଳକେ ପ୍ରାଦେଶିକ ଅକ୍ଷର ଉଠାଇଦେବାକୁ ମୁଁ କହୁନାହିଁ । ହାତଲେଖା ଯେପରି ଚାଲୁଅଛି ସେହିପରି ଚାଲୁଥାଉ, କେବଳ ପୁସ୍ତକାଦି ଛାପା ଦେବନାଗରୀରେ ହେବା ମୋର ଅଭିପ୍ରାୟ ।'

ବାର୍ଦ୍ଧକ୍ୟ ଯୋଗୁଁ ୧୯୧୬ରେ ସେ ଉତ୍କଳଦୀପିକା ସହ ସମସ୍ତ ସମ୍ପର୍କ ଛିନ୍ନ କଲେ । ଗ୍ରନ୍ଥ ଓ ସମ୍ବାଦପତ୍ର ପାଠ ଓ ସଙ୍ଗୀତ ଚର୍ଚ୍ଚା ତାଙ୍କର ଶେଷ ଅବଲମ୍ବନ ଥିଲା । ଶେଷ ଜୀବନରେ ଭାରତ ସରକାର ତାଙ୍କୁ ରାୟ ବାହାଦୁର ପଦରେ ଭୂଷିତ କରିଥିଲେ । ୧୯୧୭ ମାର୍ଚ୍ଚ ମାସରେ ତାଙ୍କର ଦେହାନ୍ତ ହେଲା ।

ପାରିବାରିକ ସୁଖ ସମ୍ଭୋଗ ତାଙ୍କ ଜୀବନରେ ନ ଥିଲା । ରଘୁନାଥପୁର ନିବାସୀ ମାଣିକ ମିଶ୍ରଙ୍କ କନ୍ୟାଙ୍କୁ ସେ ବିବାହ କରିଥିଲେ । ମାତ୍ର ୩୭ ବର୍ଷ ବୟସରେ ତିନିଗୋଟି କନ୍ୟା ଓ ଗୋଟିଏ ପୁତ୍ର କୋଳରେ ଦେଇ ପତ୍ନୀ ସଂସାରରୁ ବିଦାୟ ନେଲେ । ଏଗାର ବର୍ଷ ବୟସରେ ଏକମାତ୍ର ପୁତ୍ର କୈଳାସର ଅକାଳ ମୃତ୍ୟୁ ଘଟିଲା । ଗୌରୀଶଙ୍କର ଦ୍ୱିତୀୟ ବିବାହ କରି ନ ଥିଲେ । ସାନ ଭାଇ ରାମଶଙ୍କର ତାଙ୍କ କାର୍ଯ୍ୟ ସଙ୍ଗେ ଘନିଷ୍ଠ ଥିଲେ, ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ସହାୟକ ହେଉଥିଲେ; ତେଣୁ ପତ୍ନୀବିୟୋଗ ପରେ ବି ତାଙ୍କୁ ସାଂସାରିକ ଦୁଃଖ କଷ୍ଟ ବାଧି ନ ଥିଲା । ଗୌରୀଶଙ୍କର ତିନି ଭାଇଙ୍କୁ ମଣିଷ କରିବାଲାଗି ଯଥାସମ୍ଭବ ଚେଷ୍ଟା କରିଥିଲେ । ଭାଇମାନେ ଜ୍ୟେଷ୍ଠଭ୍ରାତାଙ୍କୁ ପିତାପରି ମାନୁଥିଲେ ।

ଗୌରୀଶଙ୍କର ଭୋଗୀ ନ ଥିଲେ, ତାଙ୍କ ସାଂସାରିକ ଚଳଣି ଏକାନ୍ତ ସରଳ ଥିଲା । ସେ ମୋଟା ଗୁଣ୍ଡିଆଁ ଚାଉଳର ଭାତ ଖାଉଥିଲେ, ମୋଟା ଦେଶୀ ଖଦି ପିନ୍ଧୁଥିଲେ । ଫଳରେ ବହୁ ଧନ ସଞ୍ଚୟ କରିଥିଲେ ଓ ସତ୍କାର୍ଯ୍ୟରେ ତାହା ବ୍ୟୟ କରି ଦେଇଥିଲେ । ଶଶିଭୂଷଣ ରାୟଙ୍କ ଭାଷାରେ କହିଲେ "ସେ ନିଜ ସନ୍ତାନେ କନ୍ୟାମାନଙ୍କ ବ୍ୟବସ୍ଥା କରି ସମସ୍ତ ଅର୍ଥ ପରହିତ କାର୍ଯ୍ୟରେ ସମର୍ପଣ କରିଯାଇଛନ୍ତି ।"

କଟକ ଟାଉନ୍ ହଲ ତାଙ୍କର ପ୍ରଧାନ କୀର୍ତ୍ତି; ୧୯୦୯ ଖ୍ରୀଷ୍ଟାବ୍ଦରେ ଏହା ନିର୍ମିତ; ଏଥିଲାଗି ଗୌରୀଶଙ୍କର ଏଗାର ହଜାର ଟଙ୍କା ବ୍ୟୟ କରିଥିଲେ । କଟକ କାଠଗଡ଼ାସାହିର କାୟସ୍ଥ ଛାତ୍ରାବାସ ସେ ଚଉଦ ହଜାର ଟଙ୍କା ବ୍ୟୟ କରି ନିର୍ମାଣ କରିଥିଲେ । ସେ ପ୍ୟାରୀମୋହନ ଏକାଡେମୀ ସହିତ ସଂପୃକ୍ତ ରହି ବହୁ ଉନ୍ନତି କରିଥିଲେ; ବିଶେଷତଃ ଏହାର ଛାତ୍ରାବାସ ନିର୍ମାଣ ଲାଗି ବହୁ ଅର୍ଥ ବ୍ୟୟ କରିଥିଲେ । ସ୍ୱ-ଜନ୍ମସ୍ଥାନ ଦୀକ୍ଷିତପଡ଼ା ଗ୍ରାମର ଉନ୍ନତି ଲାଗି ସେ ବିଶେଷ ଚେଷ୍ଟିତ ଥିଲେ । ଏହି ଗ୍ରାମରେ ସେ ଗୋଟିଏ ବାଳିକା ବିଦ୍ୟାଳୟ, କବିରାଜୀ ଓ ଡାକ୍ତରୀ ଔଷଧାଳୟ ସ୍ଥାପନ କରିଥିଲେ । ଏହି ଅନୁଷ୍ଠାନମାନଙ୍କର ଗୃହ ନିର୍ମାଣ ଲାଗି ସେ ସାତହଜାର ଟଙ୍କା ଦାନ କରିଥିଲେ ଓ ରକ୍ଷଣାବେକ୍ଷଣ ଲାଗି ବ୍ୟାଙ୍କରେ ସେମାନଙ୍କ ନାମରେ ଦଶହଜାର ଟଙ୍କା ରଖି ଯାଇଥିଲେ । କୂପ ଖନନ, ପୁଷ୍କରିଣୀର ପଙ୍କୋଦ୍ଧାର, ପୁରାତନ ମନ୍ଦିରମାନଙ୍କ ଜୀର୍ଣ୍ଣସଂସ୍କାର ଆଦି କାର୍ଯ୍ୟରେ ସେ ଅକାତରରେ ବହୁ ଅର୍ଥ ବ୍ୟୟ କରିଥିଲେ ।

ଗାଇବା ବଜାଇବାରେ ତାଙ୍କର ଝୁଙ୍କ୍ ଥିଲା । ବେଶ୍ୟାମାନଙ୍କୁ ସଙ୍ଗୀତ ଶିକ୍ଷା ଦେବାରେ ସେ ବହୁ ଅର୍ଥ ବିନିବ୍ୟୟ କରିଥିଲେ । ବେଶ୍ୟାମାନଙ୍କ ଯୋଗେ ଓଡ଼ିଶୀ ସଙ୍ଗୀତ ଶିକ୍ଷା ବିସ୍ତାର ଲାଭ କରିବ, ଏଇ ବିଶ୍ୱାସ ତାଙ୍କର ଥିଲା, ଏହା ବ୍ୟର୍ଥ ପ୍ରମାଣିତ ହୋଇଥିଲା ।

ଗୌରୀଶଙ୍କର ଜଣେ ଦକ୍ଷ ସମ୍ପାଦକ, ଜଣେ ସମାଜଶିଳ୍ପୀ, ଜଣେ ଉତ୍କୃଷ୍ଟ କର୍ମୀ ଓ ଦାନବୀର । ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ଲାଗି ସେ ଧନ, ମନ, ପ୍ରାଣ ଉତ୍ସର୍ଗ କରି ଯାଇଛନ୍ତି । ଉତ୍କଳର ଉନ୍ନତି ଚିନ୍ତାହିଁ ତାଙ୍କୁ ଆଜୀବନ ଆଚ୍ଛନ୍ନକରି ରଖିଥିଲା । ସେ ବୁଝିଥିଲେ — ଜୀବନ ଅର୍ଥ କର୍ମ — ସତ୍ କର୍ମ — କର୍ମଠାରୁ ବଳି ଧର୍ମ ନାହିଁ । ଦୀପିକାଟି ଜାଳି ଉତ୍କଳର ଘରେ ଘରେ ତାର ଆଲୋକ ବିତରଣ କରିଦେବା ଲାଗି ନିଜ ଜୀବନକୁ ସେ ତୈଳପରି ବ୍ୟବହାର କରିଥିଲେ । କବି ମଦନମୋହନ ପଟ୍ଟନାୟକ ଯଥାର୍ଥ ଲେଖିଛନ୍ତି—

"ନିତୁରିକୋଳେ ଶ୍ରୀଷ୍ମସମ/ ଅଟଳପଣେ ଭୀଷ୍ମୋପମ/ ସବ୍ୟସାଚୀ ଲକ୍ଷ ଧରି/
ଧର୍ମଦେବ ସାକ୍ଷ୍ୟ କରି/ ସହିଚ କେତେ ନିର୍ଯ୍ୟାତନା/ ଗୌରୀଶଙ୍କର ତପୋଧନ ।"

## ସାହାଯ୍ୟକାରୀ ଗ୍ରନ୍ଥ -

(୧) କର୍ମଯୋଗୀ ଗୌରୀଶଙ୍କର—ପଣ୍ଡିତ ମୃତ୍ୟୁଞ୍ଜୟ ରଥ (୨) ରାଧାନାଥ ଜୀବନୀ — ଦୁର୍ଗାଚରଣ ରାୟ (୩) ସମ୍ବାଦପତ୍ରେ ସେକାଳ ଓଡ଼ିଶା — ସୁଧାକର ପଟ୍ଟନାୟକ (୪) ଉତ୍କଳସାହିତ୍ୟ ପତ୍ରିକା

# ଊନବିଂଶ ଶତକର ଓଡ଼ିଶା : ଐତିହାସିକ ପ୍ରେକ୍ଷାପଟ

● ଡକ୍ଟର କୈଳାସ ଚନ୍ଦ୍ର ଦାଶ

॥ ଏକ ॥

ଶତାବ୍ଦୀ ଶତାବ୍ଦୀ ବ୍ୟାପୀ ଓଡ଼ିଶାର ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ ସର୍ବୋପରି ରାଜନୈତିକ ଧାରାରେ ଅବଗାହନ କଲାବେଳେ ଊନବିଂଶ ଶତାବ୍ଦୀ ଏକ ସ୍ୱତନ୍ତ୍ର ଧାରାରେ ବହିଯାଏ । ଏହି ସ୍ୱାତନ୍ତ୍ର୍ୟ ତାହାର ବୈଶିଷ୍ଟ୍ୟ ହୋଇପାରେ ! ପରବର୍ତ୍ତୀ ଶତାବ୍ଦୀର ଅଗ୍ରଗତି ପାଇଁ ପ୍ରେରଣାର ଏକ ତୁଙ୍ଗ ମାଇଲ ଖୁଣ୍ଟ ହୋଇପାରେ । ନିରପେକ୍ଷ ଦୃଷ୍ଟିକୋଣ ନେଇ ବିବେଚନା କଲେ ଅଷ୍ଟାଦଶ ଶତକର ଓଡ଼ିଆ ଊନବିଂଶ ଶତାବ୍ଦୀରେ ଯଥେଷ୍ଟ ପ୍ରଗତିଶୀଳ; ଆଉ ବିଂଶ ଶତକରେ ସେହି ପ୍ରଗତିର ଧାରା ଅବ୍ୟାହତ ହୋଇ ରହିଛି । ଅଷ୍ଟାଦଶ ଶତାବ୍ଦୀର ସାମାଜିକ ସାଂସ୍କୃତିକ ପରିବେଶ, ଅର୍ଥନୈତିକ ବ୍ୟବସ୍ଥା, ରାଜନୈତିକ ସ୍ଥିତି ଓଡ଼ିଶାରେ ଊନବିଂଶ ଶତକର ଆରମ୍ଭରୁ ଯେଉଁ ରୂପ ନେଇ ଥିଲା, ତାହା ଏ ଯାବତ ନିରପେକ୍ଷ ବିଚାର ବିଶ୍ଳେଷଣ ହୋଇନଥିବାର ମନେ ହୁଏ । ଊନବିଂଶ ଶତାବ୍ଦୀ ଯେ ଓଡ଼ିଶା ଇତିହାସର ଏକ ଅବିସ୍ମରଣୀୟ ପର୍ଯ୍ୟାୟ ତାହାଯେ କୌଣସି ଦୃଷ୍ଟିକୋଣରୁ ବିଚାର କଲେ, ଐତିହାସିକ ସହଜରେ ସିଦ୍ଧାନ୍ତ ଗ୍ରହଣ କରେ । ତେବେ ଏହି ବିଶିଷ୍ଟ ପର୍ଯ୍ୟାୟର ଜୀବନଧାରା ନାନା ଦୃଷ୍ଟିକୋଣରୁ ବିଚାର କରାଯିବା ଉଚିତ୍; ପୁଣି ତାହାର ପ୍ରକୃତି ଏବଂ ଗତି ପରବର୍ତ୍ତୀ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଏବଂ ଏକ ଭିନ୍ନ ପର୍ଯ୍ୟାୟ ଆରମ୍ଭ ପାଇଁ ସ୍ୱପ୍ନଧର ରୂପେ କାର୍ଯ୍ୟ କରିଥିଲା, ତାହା ମଧ୍ୟ ବିଚାର୍ଯ୍ୟ । ଆଲୋଚ୍ୟ ପ୍ରବନ୍ଧ ଊନବିଂଶ ଶତକ ଓଡ଼ିଶାର ସାମାଜିକ-ଅର୍ଥନୈତିକ, ରାଜନୈତିକ ଧାରା ଉପରେ ଆଲୋକପାତ କରେ । ସମସ୍ୟା - ପୀଡ଼ିତ ଅଥଚ କର୍ମମୁଖର ଶତାବ୍ଦୀଟି କିପରି ଭାବରେ ଓଡ଼ିଶାକୁ ନାନା ମୋଡ଼ ଦେଇ ପ୍ରଗତି ପଥରେ ଆଗେଇ ନେଲା ତାହା ବିଚାର ପରିସରରେ ରହିଯାଇଛି ।

॥ ଦୁଇ ॥

ଊନବିଂଶ ଶତକର ଆଦ୍ୟକାଳରେ ମୋଗଲ-ଆଫଗାନ ଶାସନର ପରିସମାପ୍ତି ଘଟି ମରହଟ୍ଟା-ବର୍ଗୀ ଶାସନର ଅବସାନ ହେବାକୁ ବସିଥିଲା । ବିଖଣ୍ଡିତ ଓଡ଼ିଶା ସାମ୍ରାଜ୍ୟର ଏକ ଉପହସିତ ଅଙ୍ଗ, ଖୋର୍ଦ୍ଧାରେ ଭୋଇବଂଶୀ ଶାସନ, ଅତୀତର ବୃହତ ଗଙ୍ଗ-ଗଜପତି ସାମ୍ରାଜ୍ୟର ଏକ କଙ୍କାଳ ପ୍ରେତଚ୍ଛାୟା ପରି ଉଭାଇ ଯିବା ଉଦ୍ଦେଶ୍ୟରେ ସତେ ଯେପରି ବଞ୍ଚିରହିଥିଲା । ଅତ୍ୟାଚାର/ଉତ୍ପୀଡ଼ନ ଆକ୍ରାନ୍ତ ମୋଗଲ ବନ୍ଦୀ ଅଞ୍ଚଳ, ବହୁ ସ୍ୱୟଂଗୃହୀତ / ସ୍ୱୟଂଶାସିତ ଗଡ଼ଜାତ ରାଜ୍ୟମାନ ଯେତେବେଳେ ବର୍ଗୀ

ଆକ୍ରମଣରେ ଆକ୍ରାନ୍ତ ହୋଇ କେବଳ ଅନ୍ଧାଗ୍ନି ମୂଲକ ପରି ରହିଥିଲେ ମଧ୍ୟ ବୃହତ୍ତର ଓଡ଼ିଶାର ପରିକଳ୍ପନାର ବାହାରେ ଆପଣା ଆପଣା ପରିଧିରେ ଅଧୀଶ୍ୱର ହୋଇ ରହିଯାଇଥିଲେ । ଊନବିଂଶ ଶତକର ପ୍ରଥମ ଦଶନ୍ଧିରେ ବ୍ରିଟିଶ ଇଷ୍ଟଇଣ୍ଡିଆ କମ୍ପାନୀର କେନେରଲ ହାର୍‌କୋର୍ଟ, ମୋର୍‌ଗାନ୍, ଫରଗ୍ୟୁସନ୍ ଏବଂ ଫେନଓ୍ୱିକ୍ ପ୍ରଭୃତି ସୁବର୍ଣ୍ଣରେଖା ଠାରୁ ପୁରୀ-ଗଞ୍ଜାମ ପର୍ଯ୍ୟନ୍ତ ସାମରିକ ଅଭିଯାନରେ ଆସି ବିଖଣ୍ଡିତ ଓଡ଼ିଶାକୁ ଅଧିକାର କରିନେଲେ । ଊନବିଂଶ ଶତକର ଆରମ୍ଭ କାଳରେ ଏହା ଥିଲା ସମ୍ଭବତଃ ଏକ ଅବିସ୍ମରଣୀୟ ଘଟଣା ଯାହା ପରବର୍ତ୍ତୀ ଓଡ଼ିଶା ଗଠନରେ ଏକ ବିଶେଷ ଭୂମିକା ଗ୍ରହଣ କଲା ।

ଆଫଗାନ-ମୋଗଲ ମରହଟ୍ଟା ଶାସନ କାଳରେ ପୂର୍ବ ପରିଚିତ ବୃହତ ଗଜପତି ସାମ୍ରାଜ୍ୟର ପ୍ରିୟତମ ଅଂଶ, ଓଡ଼ିଶା ରାଜ୍ୟ, ନାନା ଭାବରେ ଖଣ୍ଡିତ ହୋଇଥିଲା । ଏକ ପକ୍ଷରେ ବହୁ ସ୍ୱୟଂଶାସିତ ଗଡ଼ଜାତ ରାଜ୍ୟ (ଅଟବୀ ରାଜ୍ୟର ଅଂଶ ବିଶେଷ),ଅନ୍ୟ ପକ୍ଷରେ ଚିର-ଗୌରବ-ମୁଖର କଟକକୁ ମୋଗଲ-ମରହଟ୍ଟାମାନେ ଏକ ଖଣ୍ଡିତ ଅଂଶର ପ୍ରଧାନ କେନ୍ଦ୍ର କରି ଶାସନ କରୁଥିଲେ । ଅନ୍ୟ ଏକ ଅଂଶକୁ ଭୋଇବଂଶୀ ରାଜାମାନେ ପୂର୍ବ ଗଜପତି ବଂଶଧର ବୋଲି ଦାବୀକରି ଖୋର୍ଦ୍ଧା-ପୁରୀକୁ ଶାସନର କେନ୍ଦ୍ର କରି ଶାସନ କରୁଥିଲେ । ବ୍ରିଟିଶ କମ୍ପାନୀ ତାର ଶାସନ କାଳରେ (ସମ୍ଭବତଃ ୩୦୦ ବର୍ଷ ପରେ) ପୁଣି ନାନା ଭାବରେ ବିଭକ୍ତ ତଥାକଥିତ ଓଡ଼ିଶା ସାମ୍ରାଜ୍ୟକୁ ଗଢ଼ି ତୋଳିବାର ଉଦ୍ୟମ ଆରମ୍ଭ କରିଥିଲେ । ତାହା କିନ୍ତୁ ଥିଲା ବିଜେତାର ପ୍ରତ୍ୟକ୍ଷ କ୍ଷମତା ବିସ୍ତାର ରାଜ୍ୟ । ସମ୍ଭବତଃ ୧୮୧୭ ଖ୍ରୀଷ୍ଟାବ୍ଦରେ ରାଜନୈତିକ ଦୃଷ୍ଟିକୋଣରୁ ବିଖଣ୍ଡିତ ଓଡ଼ିଶା ସାମ୍ରାଜ୍ୟକୁ ଏକତ୍ରିତ କରିଥିଲେ ମଧ୍ୟ ବ୍ରିଟିଶ କମ୍ପାନୀ ଅନ୍ୟ ଏକ ନୀତିବଳରେ ଏହାକୁ ନାନା ପ୍ରକାରେ ବିଭକ୍ତ କରି ଶାସନ କଲେ । ଏହି ଶତାବ୍ଦୀର ମଧ୍ୟ ଭାଗକୁ ଓଡ଼ିଶା ନାମକୁ ମାତ୍ର ରହିଲା । ବଙ୍ଗଳା, ମାନ୍ଦ୍ରାଜ ଏବଂ ଛତିଶଗଡ଼ ଶାସନ ଅଧୀନରେ ରହିଯାଇ ଓଡ଼ିଶା ରାଜ୍ୟର ସ୍ଥିତି ଆଉ ପ୍ରାୟତଃ ନଥିଲା; ଏକ ସ୍ପୃହା ଥିଲା, ଏକ ଧାରଣା ଥିଲା ।

ଊନବିଂଶ ଶତାବ୍ଦୀର ଆରମ୍ଭ କାଳରୁ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ବ୍ରିଟିଶ୍ ଶାସନକୁ ଓଡ଼ିଶାବାସୀ ସାଦରେ ଗ୍ରହଣ କରିନେଇ ନଥିଲେ । ଆରମ୍ଭରୁ ପ୍ରତିବାଦ/ପ୍ରତିରୋଧର ସ୍ୱର ଭୟଙ୍କର ରୂପ ଧାରଣ କରିଥିଲା ଖୋର୍ଦ୍ଧା ଭୋଇବଂଶର ପ୍ରଧାନମନ୍ତ୍ରୀ ଜୟୀ ରାଜଗୁରୁଙ୍କ ବିଦ୍ରୋହରେ । ଏହା ଥିଲା ପରବର୍ତ୍ତୀ ପର୍ଯ୍ୟାୟର ସ୍ୱାଧୀନତା ଆନ୍ଦୋଳନର ଆଦ୍ୟ ଝଲକ, ଏକ ସୀମିତ ଦୃଷ୍ଟିକୋଣରୁ । ପରେ ପରେ ଏହି ପ୍ରତିରୋଧ ନାନା ମୋଡ଼ ନେଇ ଓଡ଼ିଶାର ବିଭିନ୍ନ ଅଂଶରେ ଏକ ଅଶାନ୍ତ ବାତାବରଣ ଆରମ୍ଭ କରିଥିଲା । ସମଗ୍ର ଊନବିଂଶ ଶତକରେ ଓଡ଼ିଶାର ବିଭିନ୍ନ ଅଂଶରେ ବିଭିନ୍ନ ସାମାଜିକ ଶ୍ରେଣୀମାନଙ୍କର ବିଦ୍ରୋହ ବ୍ରିଟିଶ୍ ଶାସନର ମେରୁଦଣ୍ଡକୁ ଦୋହଲାଇ ଦେଇଥିଲା । ଖୋର୍ଦ୍ଧା, ରଣପୁର, ଘୁମୁସର, ସମ୍ବଲପୁର, କେଉଁଝର, କଳାହାଣ୍ଡି, ଗାଙ୍ଗପୁର ପ୍ରଭୃତି ଅଞ୍ଚଳରେ ବିଦ୍ରୋହ/ ପ୍ରତିବାଦର ସ୍ୱର ଶତାବ୍ଦୀର ଆଦ୍ୟକାଳରୁ ଶେଷକାଳ ପର୍ଯ୍ୟନ୍ତ ରହିଯାଇ-

ଥିଲା । ଏ ଦୃଷ୍ଟିରୁ ବ୍ରିଟିଶ୍ ଶାସନ ପୂର୍ବର ମୋଗଲ/ବର୍ଗୀ ଶାସନ ପରି ଓଡ଼ିଶାବାସୀଙ୍କୁ ବିଶେଷ ପ୍ରଭାବିତ କରିପାରିନଥିଲା । ୧୮୬୬ ମସିହାର ନଅଙ୍କ ଦୁର୍ଭିକ୍ଷ ପରେ ବ୍ରିଟିଶ୍ ଶାସନର ଅସାରତା ପ୍ରାୟତଃ ସମସ୍ତେ ଉପଲବ୍ଧି କରିପାରିଥିଲେ ।

ଦୀର୍ଘ ଅର୍ଦ୍ଧ-ଶତାବ୍ଦୀ (୧୮୧୭-୬୬) ମଧ୍ୟରେ କନ୍ଧମାଳ, ଅନୁଗୁଳ ଓ ସମ୍ବଲପୁର ଅଞ୍ଚଳର ବିରୁଦ୍ଧରେ ସାମୟିକ ଭାବେ ମୁଣ୍ଡ ଟେକିବାକୁ ଚେଷ୍ଟାକରି ବିଫଳ ହୋଇଥିଲେ । ମାତ୍ର ଯେଉଁ ଜୀବନଶକ୍ତି, ପ୍ରାଣପ୍ରବାହ ଓ ଶକ୍ତି ସାମର୍ଥ୍ୟ ପାଇକ ବିଦ୍ରୋହରେ ଶେଷ ଥର ପାଇଁ ଦେଖା ଦେଇଥିଲା ତାହା ପ୍ରାୟତଃ ଏ ଜାତିପ୍ରାଣରୁ ଅନ୍ତର୍ହିତ ହୋଇଥିଲା । ଜଡ଼ତା, ନିର୍ବେଦତା, ନିଷ୍କ୍ରିୟତା ତଥା ବିଦେଶୀ ଶାସନ ପ୍ରତି ଅବିଶ୍ୱାସ ଓ ଘୃଣାଭାବ ଏ ଜାତି ପ୍ରାଣରେ ଫେଲି ଯାଇଥିଲା । ଶାସକଙ୍କ ଚରମ ଅବହେଳା ଏ ଜାତିର ଜୀବନର ଅଧଃପତନକୁ ଅଧିକ କ୍ଷିପ୍ରତର କରିଦେଇଥିଲା । ସେଥିପାଇଁ ଦୀର୍ଘ ଅର୍ଦ୍ଧ-ଶତାବ୍ଦୀର ଇତିହାସ ହେଉଛି ଅବହେଳିତ ଗଣଜୀବନର ଏକ ମର୍ମନ୍ତୁଦ, ଅନ୍ଧକାରମୟ ଇତିହାସ । ଓଡ଼ିଆ ଜାତିର ମୃତ୍ୟୁପଥ ଅଭିଯାନର ପ୍ରଥମ ଅତିକ୍ରମସ୍ଥଳ ପାଇକ ବିଦ୍ରୋହଠାରୁ ମୃତ୍ୟୁ ପଥର ଶେଷ ସୀମା-ନିର୍ଦ୍ଦେଶକ ନଅଙ୍କ ଦୁର୍ଭିକ୍ଷ ମଧ୍ୟରେଥିବା ଅର୍ଦ୍ଧ ଶତାବ୍ଦୀ—ପ୍ରତାରଣା/ପ୍ରବଞ୍ଚନାର ଏକ ମୌଳିକ ପର୍ଯ୍ୟାୟ ।

## || ତିନି ||

ଏଇ ଶତାବ୍ଦୀର ଅଶାନ୍ତ ରାଜନୈତିକ ପରିବେଶରେ ଅର୍ଥନୈତିକ ସ୍ଥିତି ସମ୍ପୂର୍ଣ୍ଣ ଅନ୍ତରାଳ ବାହାରେ । ମୋଗଲ-ଆଫଗାନ୍‌ମାନଙ୍କ ଦ୍ୱାରା ବହୁବାର ଶୋଷିତ, ମରହଟ୍ଟା-ବର୍ଗୀ ଦ୍ୱାରା ବାରମ୍ବାର ଲୁଣ୍ଠିତ, ଓଡ଼ିଶା ସାମ୍ରାଜ୍ୟର ପ୍ରଜାମାନେ/ସାମନ୍ତମାନେ ପୁନର୍ବାର ଏକ ଉଗ୍ର ସାମ୍ରାଜ୍ୟବାଦୀ ଶକ୍ତିର ଶୋଷଣ-କଳରେ ନିଃଶେଷ ହେବାକୁ ବସିଥିଲେ । ୧୮୦୩ ଖ୍ରୀଷ୍ଟାବ୍ଦ ଠାରୁ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ବ୍ରିଟିଶ ଶାସନର ସାମ୍ରାଜ୍ୟବାଦୀ ଲେଲିହାନ ଅଗ୍ନିଶିଖାରେ ନିର୍ବାପିତ ହୋଇଗଲେ ପୁରୁଣା ସାମନ୍ତବାଦୀ ମୁଖା । ପୁରୁଣା ପ୍ରଜାର ଦୈନ୍ୟ ନୂଆ ରୂପ ନେଲା । ନୂଆ ରୂପରେ ନିପୀଡ଼ିତ, ଶୋଷିତ, ଦଳିତ ଓଡ଼ିଶାର ପ୍ରଜାମାନେ ତଥାପି ଅପେକ୍ଷା କରି ବସିଥିଲେ ଏକ କଳ୍ପନାମୟ, ସ୍ୱପ୍ନଭରା ରାଜ୍ୟ ।

ବ୍ରିଟିଶ ଅର୍ଥନୀତି ଓଡ଼ିଶାର କୃଷକର ମାନଦଣ୍ଡକୁ କିପରି ଦୋହଲାଇ ଦେଇଥିଲା ତାହାର ଏକ ସଂକ୍ଷିପ୍ତ ବିବରଣୀ ବକ୍‌ସି ଜଗବନ୍ଧୁ ଏବଂ ଦେବାନ୍ କୃଷ୍ଣଚନ୍ଦ୍ରଙ୍କ ଲିଖିତ ଆବେଦନରୁ ସଂଗ୍ରହ କରାଯାଇଛି । ଏହାର ଇଂରାଜୀ ଅନୁବାଦରେ କୁହାଯାଇଛି :

From Darootheng to Chattergarh - two extremeties of Khurdha the whole country was let out to farmers, where there were resources of Rs. 5/-, these farmers demanded payment of Rs. 15/-; salt rose from one pun to

five. Such was the deplorable state of the ryots that they were obliged to subsist on herbs and water and scarcely one amongst them had a vessel left to drink his water out of it, yet notwithstanding the extremety of wretchedness no one took any notice of their conditions.

(Orissa Records, vol. II, Translation of an oriya petition to the Government, pp. 81-83)

ବ୍ରିଟିଶ୍ କମ୍ପାନୀର ତ୍ରୁଟିପୂର୍ଣ୍ଣ ରାଜସ୍ୱ ନୀତି, ବଙ୍ଗୀୟ ଜମିଦାରମାନଙ୍କର ଓଡ଼ିଶାରେ ଜମି ଉପରେ ପ୍ରଜାସ୍ୱତ୍ତ୍ୱ କୌଶଳ କରି ଅପହରଣ ବଳରେ ଊନବିଂଶ ଶତାବ୍ଦୀର ଆଦ୍ୟ କାଳରେ ଅର୍ଥନୈତିକ ମାନଦଣ୍ଡଟି କେବଳ ଦୋହଲି ଯାଇ ନଥିଲା, ସମ୍ପୂର୍ଣ୍ଣ ରୂପେ ଭାଙ୍ଗିବାକୁ ବସିଥିଲା । ସମସ୍ତ ଓଡ଼ିଶାର କ୍ଷୁଦ୍ର ବୃହତ ଜମିଦାରୀ/ସାମନ୍ତପୀଠ ଗୁଡ଼ିକ ନାନା ପ୍ରକାର ଜବରଦଖଲ ଫଳରେ ନବ୍ୟ ସାମନ୍ତମାନଙ୍କର ପ୍ରଜାମାନଙ୍କ ଉପରେ ଉତ୍ପୀଡ଼ନ ପ୍ରବଳ ରୂପ ନେଇଥିଲା । ଉଭୟ ଆଦିବାସୀ ସମ୍ପ୍ରଦାୟ (ଯଥା ମୁଣ୍ଡା, କନ୍ଧ ଭୂୟାଁ, ଜୁଆଙ୍ଗମାନେ) ଏବଂ ତଥାକଥିତ ସାଧାରଣ ଅଧିବାସୀମାନେ ଏହି ଅର୍ଥନୈତିକ ଶୋଷଣ ବିରୁଦ୍ଧରେ ପ୍ରତିବାଦ ଏପରି କି ପ୍ରତିରୋଧ କରିବାକୁ ଲାଗିଲେ । ଊନବିଂଶ ଶତକର ଛନ୍ଦେ ଛନ୍ଦେ ଯେଉଁ ଅଶାନ୍ତ ବିଦ୍ରୋହ ମୁଣ୍ଡ ଟେକି ଉଠିଥିଲା, ତାହା ମୁଖ୍ୟତଃ ଅର୍ଥନୈତିକ କାରଣକୁ କେନ୍ଦ୍ର କରି ଘଟିଥିଲା । ଶତାବ୍ଦୀ ଶତାବ୍ଦୀ ଧରି ଶୋଷିତ ଆଦିବାସୀ ପ୍ରଜାମାନେ ବ୍ରିଟିଶ୍ ଅର୍ଥନୀତି ଉପରେ ପ୍ରଚଣ୍ଡ ଆଘାତ ଦେଇ ଶାସନର ଅବସାନ ପାଇଁ ଉଦ୍ୟମ କଲେ । ବ୍ରିଟିଶ୍ ଶକ୍ତି ନୈପଥ୍ୟରେ ଥିବା ଦେଶୀୟ ଗୋଷ୍ଠୀକୁ ମଧ୍ୟ ସମ୍ପୂର୍ଣ୍ଣ ଧ୍ୱଂସ କରିବାକୁ ଦୃଢ଼ ପ୍ରତିଜ୍ଞ ହେଲେ ।

ବ୍ରିଟିଶ୍ ରାଜସ୍ୱ ଆଦାୟ ନୀତି, ବଂଶୀୟ ନବ୍ୟ ଜମିଦାର ମାନଙ୍କର ଆବିର୍ଭାବ, ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ଲବଣ ଉପରେ କଠୋର କଟକଣା ଯେପରି ଓଡ଼ିଶାର ଅର୍ଥନୈତିକ ପରିବେଶକୁ ଧ୍ୱଂସାଭିମୁଖୀ କରିଥିଲା, ଦୈବୀ ଦୁର୍ବିପାକ (ବନ୍ୟା, ବାତ୍ୟା, ଦୁର୍ଭିକ୍ଷ) ମଧ୍ୟ ଏହାକୁ ଧ୍ୱଂସ କରି ଏକ ଭିକ୍ଷୁକ ଦେଶରେ ପରିଣତ କରିଦେଲା ।୧୯୬୬ ରେ ନଅଙ୍କ ଦୁର୍ଭିକ୍ଷ, ୧୮୬୬, ୧୮୭୨, ୧୮୭୪ ଏବଂ ୧୮୯୨ର ଭୟଙ୍କର ବାତ୍ୟା ଦ୍ୱାରା ଓଡ଼ିଶାର ସାଧାରଣ-ଜୀବନ ଦୁର୍ବିସହ ହୋଇଗଲା । ୧୮୬୫ ଖ୍ରୀଷ୍ଟାବ୍ଦରେ ହଠାତ୍ ବର୍ଷା ନ ହେବା ଫଳରେ ସମଗ୍ର ବଙ୍ଗଳା ପ୍ରେସିଡେନ୍‌ସୀରେ ଦୁର୍ଭିକ୍ଷର ଆଶଙ୍କା ଥିଲା । ଯେଉଁ ସମୟରେ ଅଧିକ ବର୍ଷାର ଆବଶ୍ୟକତା ସମସ୍ତେ ଅନୁଭବ କରୁଥିଲେ ( ଅର୍ଥାତ କ୍ଷେତରେ ବୀଜବପନ ସମୟରେ ) ସେତେବେଳେ ବର୍ଷା ନ ହେବାରୁ ଖାଦ୍ୟ ଶସ୍ୟର ପ୍ରଚଣ୍ଡ ଅଭାବ ଘଟିଲା । ପୂର୍ବ ବର୍ଷମାନଙ୍କରେ ଖାଦ୍ୟଶସ୍ୟ ବିଶେଷ ଉତ୍ପନ୍ନ ହୋଇଥିଲେ ମଧ୍ୟ ବାହାରକୁ ପ୍ରେରଣ ହେବା ଯୋଗୁଁ ସ୍ୱଳ୍ପତା ବିଶେଷ ଉପଲବ୍ଧ କରାଯାଉଥିଲା । ଏହାର ପରିଣତିରେ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ହେଲା । ଦ୍ରବ୍ୟର ମୂଲ୍ୟ

ବୃଦ୍ଧି ହେଲେ ମଧ୍ୟ ମଜୁରି ବୃଦ୍ଧି ନହେବା ଦ୍ୱାରା ଶ୍ରମିକ, କର୍ମଚାରୀ ମାନଙ୍କର ଅଶାନ୍ତି ବଢ଼ି ବଢ଼ି ଚାଲିଲା । ଖାଦ୍ୟ ଦ୍ରବ୍ୟ ଯଥେଷ୍ଟ ନଥିବା ସଙ୍ଗେ ସଙ୍ଗେ ପ୍ରଚଣ୍ଡ ବେକାରୀ ସମସ୍ୟା (ବିଶେଷତଃ ଲବଣ ଉତ୍ପାଦକ ମାନଙ୍କ ମଧ୍ୟରେ ) ଦେଖାଦେଲା । ଯେଉଁ ମାନେ ଲବଣ ଉତ୍ପାଦନ କରୁଥିଲେ ସେମାନେ ସେଥିରୁ ବଞ୍ଚିତ ହେବାଦ୍ୱାରା କୃଷି ଆଡ଼କୁ ଚାଲିଗଲେ । ଫଳରେ ଅଧିକ ସଂଖ୍ୟକ ଶ୍ରମିକ (Surplus labour) ମୁଣ୍ଡ ଟେକି ଉଠିଲେ । ଖାଦ୍ୟଦ୍ରବ୍ୟର ମୂଲ୍ୟ ଆହୁରି ବଢ଼ି ବଢ଼ି ଚାଲିଲା । କ୍ରେତା ମାନେ କ୍ରୟଶକ୍ତି ହରାଇ ବସିଲେ । ଠିକ ସେହି ସମୟକୁ ପୂର୍ବରୁ ଥିବା ବନ୍ଦୋବସ୍ତ ଶେଷ ହୋଇ ଆସୁଥିଲା ଏବଂ ନୂଆ ବନ୍ଦୋବସ୍ତ ନହେବା ଦ୍ୱାରା ଓଡ଼ିଶାର ବିଭିନ୍ନ ସାମାଜିକ ଶ୍ରେଣୀ ମହଲରେ ନାନା ଆଶଙ୍କା ଦେଖାଦେଲା । ଦୁର୍ଭିକ୍ଷ ପୂର୍ବରୁ ଲୋକ ମାନଙ୍କର ଦାରିଦ୍ର୍ୟ ସମସ୍ତ ଚିହ୍ନିତ ସୀମାରେଖା ଟପି ଯାଇଥିଲା । ଜମିଦାର ମାନେ ଦରିଦ୍ର ହୋଇ ଯାଇଥିଲେ ଏବଂ ପ୍ରଜା/ରୟତ ମାନଙ୍କ ଉପରେ ଅଧିକରୁ ଅଧିକ ରାଜସ୍ୱ ଲଦି ଦିଆ ଯାଉଥିବାରୁ ସେମାନେ ନିଃସ୍ୱ ହୋଇଯାଉଥିଲେ । କୃଷିକାର୍ଯ୍ୟ ବ୍ୟତୀତ ବ୍ୟବସାୟୀ/କ୍ଷୁଦ୍ର ଶିଳ୍ପ ପରିଚାଳକ ସଂପ୍ରଦାୟ ପ୍ରାୟତଃ ସେତେବେଳକୁ ଆଉ ନଥିଲେ । ପୁଣି ଯାନବାହନ ଚଳାଚଳର ସାମାନ୍ୟ ସୁଯୋଗ ନଥିବାରୁ ଧନର ଯିବା ଆସିବା ବନ୍ଦ ହୋଇଥିଲା । ସମସ୍ତ ସଞ୍ଚିତ ଧନ ଶେଷ ହୋଇ ଯାଇଥିଲା । ବାହାରୁ ଖାଦ୍ୟ ଆସିବା ମଧ୍ୟ ସମ୍ଭବ ନଥିଲା । ଏଣୁ ପ୍ରଦେଶଟି ସବୁ ଦିଗରୁ ବାହାରୁ ବିଚ୍ଛିନ୍ନ ହୋଇ ପଡ଼ିଥିଲା । ବ୍ରିଟିଶ୍ କମ୍ପାନୀ ଏ ସମସ୍ତ ଅସୁବିଧା ଉପଲବ୍ଧି ନ କରିବାରୁ ଦୁର୍ଭିକ୍ଷ ପାଇଁ ପ୍ରାୟ ସମସ୍ତ ବାଟ ପରିଷ୍କାର ହୋଇ ଯାଇଥିଲା ।

ଦୁର୍ଭିକ୍ଷର ପ୍ରବଳ ରାଜତ୍ୱ କାଳରେ ବ୍ରିଟିଶ୍ ପ୍ରେସ୍ ଏବଂ ଭାରତୀୟ ଜନସାଧାରଣ ତାହାର କରାଳ ରୂପଟିକୁ ବର୍ଣ୍ଣନା କରିପାରିଥିଲେ । ଇଂଲିସ୍‌ମାନ (The English Man) ସମ୍ବାଦପତ୍ର (ଏପ୍ରିଲ ୨୮, ୧୯୬୬)ରେ ଏହା ନିମ୍ନମତେ ଉପସ୍ଥାପିତ ହୋଇଥିଲା :

There can be no doubt that the suffering, both in Orissa and in some other parts, is very great. Indeed for some months past, the aged and the feeble have been dropped off for want of proper food It is time, I think that measures were taken to collect a general fund for the relief of this general distress.

ଏହି ସମ୍ବାଦ ପତ୍ରର ସଂପାଦକଙ୍କୁ ମେ ଦୁଇ ତାରିଖର ଏକ ପତ୍ରରେ ପୁଣି ପ୍ରକାଶ କରାଗଲା ;

The real necessity is paddy and rice and seed to sow for the next session. Send us some thousands of mounds of

good rice and sell it at proper or rather generous valuation, and all the people through out the land shall lift up their hearts in blessings upon you and your young ones ........ one single shipload, landed at False point, and conveyed through the kindness of our irrigation friends, here to the heart of the province, will comfort for some time the dried up stomachs and patched lips of thousands.

ଦୁର୍ଭିକ୍ଷ ପୂର୍ବରୁ ବ୍ରିଟିଶ୍ କମ୍ପାନୀ ଯେଉଁ ରାଜସ୍ୱ ଆଦାୟ ନୀତି ଗ୍ରହଣ କରିଥିଲେ ତାହା ଜନସାଧାରଣଙ୍କୁ ଆଦୌ ସୁବିଧା ଦେଉନଥିଲା । ସେଥିପାଇଁ ଦୁର୍ଭିକ୍ଷ ପରେ ସରକାରଙ୍କୁ ଏ ଦିଗରେ ଯଥେଷ୍ଟ ସଚେତନ ହେବାକୁ ପଡ଼ିଥିଲା । ୧୮୬୭ ଖ୍ରୀଷ୍ଟାବ୍ଦ ବେଳକୁ ପୂର୍ବର ବନ୍ଦୋବସ୍ତର ମିଆଦ ଶେଷ ହେବାକୁ ବସିଥିଲା । ଦୁର୍ଭିକ୍ଷର କରାଳଚିତ୍ର ଦେଖିବା ପରେ ପୁଣି ୩୦ ବର୍ଷ ପାଇଁ ବନ୍ଦୋବସ୍ତ ହୋଇଗଲା । ଫଳରେ ଦୁର୍ଭିକ୍ଷ ପରେ ପରେ ପୁନର୍ବାର ବନ୍ଦୋବସ୍ତ ସମ୍ପର୍କିତ ଅସୁବିଧାରୁ କୃଷିଜୀବୀମାନେ ରକ୍ଷା ପାଇଗଲେ । ତଥାପି ଏ କାଳରେ ଜନ ସଂଖ୍ୟା ବୃଦ୍ଧି ଯୋଗୁଁ କୃଷି ଉପରେ ଚାପ ପଡ଼ିଯାଇଥିଲା । ତେଣୁ ୩୦ ବର୍ଷ କାଳ ସରକାର ଉତ୍ପନ୍ନ ଦ୍ରବ୍ୟ ଉପରେ ସ୍ଥିର କରିଥିବା ଦେୟକୁ ଆଉ ନ ବଢ଼ାଇବା ଦ୍ୱାରା ଦୁର୍ଭିକ୍ଷାକ୍ରାନ୍ତ କୃଷିଜୀବୀମାନେ ସାମାନ୍ୟ ଶାନ୍ତିରେ ନିଃଶ୍ୱାସ ମାରିଥିଲେ । ତେବେ ଏହି ବନ୍ଦୋବସ୍ତ ସହିତ ଜଡ଼ିତ ଥିବା ଅର୍ଥନୈତିକ ବ୍ୟବସ୍ଥାକୁ କେନ୍ଦ୍ର କରି ଓଡ଼ିଶା ଗଡ଼ଜାତ ରାଜ୍ୟରେ ଅଶାନ୍ତ ପରିବେଶ ଏପରିକି ତଥାକଥିତ ଅନାର୍ଯ୍ୟ ମୁଲକ ମାନଙ୍କରେ ବିଦ୍ରୋହ ଅଗ୍ନି ପ୍ରଜ୍ୱଳିତ ହୋଇଥିଲା ।

ଊନବିଂଶ ଶତକରେ ବ୍ରିଟିଶ୍ ଅର୍ଥନୀତି ଓଡ଼ିଶାର ଜନଜୀବନରେ ସୁଖ ଆଣିପାରି ନଥିଲା । ୧୮୬୬ର ଦୁର୍ଭିକ୍ଷ, ୧୮୭୪ର ଭୟଙ୍କର ବାତ୍ୟାର ପ୍ରବଳ ରାଜତ୍ୱରେ ଏହି ମାନଦଣ୍ଡ ଦୋହଲିଯିବା ଦ୍ୱାରା ଶାସକୀୟ ଉଦାସୀନତା ଏପରିକି ଅପାରଗତା ଆହୁରି ସ୍ପଷ୍ଟ ହୋଇଉଠିଲା । ପ୍ରଜାର ମେରୁଦଣ୍ଡ ଦୋହଲିଯିବା ଦ୍ୱାରା କୃଷିର ଅଗ୍ରଗତି ଅସମ୍ଭବ ଥିଲା । ଦୁର୍ଭିକ୍ଷ ପରେ ପ୍ରଜା/ରୟତ୍ ମାନଙ୍କର ଦୁରବସ୍ଥା ବଢ଼ି ବଢ଼ି ଚାଲିଲା । ତେବେ ମଧ୍ୟ ଜମିଦାରୀ ଶୋଷଣ ବଢ଼ି ବଢ଼ି ଚାଲିଲା । ଯଦିବା ସରକାର ଏ ଦିଗରେ ସଚେତନ ଥିଲେ, ତଥାପି ପ୍ରଜାର ଚାଷ କରୁଥିବା ଜମି ଉପରେ ଅଧିକାର ପ୍ରତିଷ୍ଠା ହୋଇ-ନଥିବାରୁ ଏ ଶୋଷଣ/ଅତ୍ୟାଚାରର ସମାପ୍ତି ଘଟିନଥିଲା ।

ବ୍ରିଟିଶ୍ ଅର୍ଥନୈତିକ ବ୍ୟବସ୍ଥା ଦ୍ୱାରା ଓଡ଼ିଶା ନାନା ଭାବରେ ଆକ୍ରାନ୍ତ ହୋଇଥିବା ସତ୍ତ୍ୱେ ଦୁର୍ଭିକ୍ଷ ପରେ ଓଡ଼ିଶାରେ ଏକ ମଧ୍ୟବିତ୍ତ ବୁର୍ଜୁଆ ଗୋଷ୍ଠୀ ମୁଣ୍ଡ ଟେକି ଉଠିଥିଲେ । ଶିକ୍ଷା ଓ ଗମନାଗମନର ପ୍ରସାରଣ ହେବା ସହିତ ଏହି ସମ୍ପ୍ରଦାୟର ଉନ୍ମେଷ ଏବଂ ପରବର୍ତ୍ତୀ ସାମାଜିକ ରାଜନୈତିକ ଆନ୍ଦୋଳନର ଆରମ୍ଭ ଜଡ଼ିତ ।

# ଚାରି

ଊନବିଂଶ ଶତାବ୍ଦୀର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଓଡ଼ିଶାର ସାମାଜିକ ଜୀବନରେ ନାନା ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା । ରାଜନୈତିକ ପୃଷ୍ଠପଟ୍ଟର ହଠାତ୍ ପରିବର୍ତ୍ତନ ଏହି ବିବର୍ତ୍ତନରେ କିଛିଟା ଉଲ୍ଲେଖନୀୟ ଅବଦାନ ବୋଲି ଏକ ସୁଚିନ୍ତିତ ମତ ଦିଆଯାଇଛି । ଏ ପରିବର୍ତ୍ତନ ଏଥିପାଇଁ ଦାୟୀ କିମ୍ବା ଏହା ଏକ ସ୍ୱତନ୍ତ୍ର ଧାରା; ସେ ବିଷୟ ଭିନ୍ନ ପ୍ରସଙ୍ଗ ଦାବୀ କରେ । ତେବେ ଏ ପରିବର୍ତ୍ତନ ଥିଲେ ଅନିବାର୍ଯ୍ୟ । ପ୍ରଚଳିତ ପରମ୍ପରା, ଅନ୍ଧବିଶ୍ୱାସ, ମଧ୍ୟଯୁଗୀୟ ଧର୍ମଧାରା, ସଙ୍କୀର୍ଣ୍ଣ ଦୃଷ୍ଟିକୋଣ ଦ୍ୱାରା ଭାରତର ବିଭିନ୍ନ ଅଞ୍ଚଳର ସାମାଜିକ ଜୀବନ ସଙ୍କୁଚିତ ହୋଇ ଯାଇଥିଲା । ଓଡ଼ିଶା ସେଥିରୁ ବାଦ ପଡ଼ନ୍ତା କିପରି ? ଏକ ପରମ୍ପରାବଦ୍ଧ ସମାଜ ହଠାତ୍ ଜାଗି ଉଠିଲା ନାହିଁ; ପରିବର୍ତ୍ତନକୁ ଭିତରୁ ଗ୍ରହଣ କରିବାକୁ ଲାଗିଲା । ବ୍ରିଟିଶ୍ ଶିକ୍ଷା ବିସ୍ତାର, ବ୍ରିଟିଶ୍ କର୍ମଚାରୀମାନଙ୍କର ସକ୍ରିୟ ସହଯୋଗ, ଏକ ବଳିଷ୍ଠ ସାମାଜିକ ଗୋଷ୍ଠୀର ଆବିର୍ଭାବ, ମିସନାରୀମାନଙ୍କର କ୍ରିୟାକଳାପ, ଓଡ଼ିଆ ପ୍ରେସ୍ ପ୍ରତିଷ୍ଠା ସମ୍ବାଦପତ୍ର ଗୁଡ଼ିକରେ ନାନା ଯାତନା, ଦୁର୍ଦ୍ଦଶା, କୁସଂସ୍କାରର ବ୍ୟାପକ ଚର୍ଚ୍ଚା - ସାମାଜିକ ପରିବର୍ତ୍ତନରେ ମୁଖ୍ୟ ଭୂମିକା ନେଇ ଥିଲା ।

ବ୍ରିଟିଶ୍ ଓଡ଼ିଶା ଅଧିକାର କରିବା ପରେ ପରେ ୧୮୨୨ ଖ୍ରୀଷ୍ଟାବ୍ଦରେ ବେମ୍ପଟନ୍ ଏବଂ ଜେମସ୍ ପେଗସ୍ଙ୍କ ପରିଚାଳିତ ଖ୍ରୀଷ୍ଟିଆନ୍ ମିସନାରୀମାନେ ଓଡ଼ିଶାରେ ପାଦ ଦେଲେ । ବେମ୍ପଟନ୍ କଟକରେ ପ୍ରଥମେ ଓ ପରେ ପୁରୀରେ ପ୍ରଚାରକାର୍ଯ୍ୟ ଆରମ୍ଭ କରିଥିଲେ । ଲେସୀ ଏବଂ ସଟନ ପରେ ପରେ ଏହି କାର୍ଯ୍ୟରେ ଯୋଗଦାନ କଲେ । ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ସେମାନେ ଖ୍ରୀଷ୍ଟଧର୍ମ ପ୍ରଚାରରେ ଲାଗିପଡ଼ିଥିଲେ । ମିସନାରୀମାନଙ୍କର ପ୍ରାରମ୍ଭିକ ଉଦ୍ୟମ ନାନା କାରଣରୁ ବିଫଳ ହୋଇଥିଲେ ମଧ୍ୟ ପରେ ପରେ ଓଡ଼ିଶାର ସାମାଜିକ-ସାଂସ୍କୃତିକ ଜୀବନରେ ଏହା ଏକ ନୂତନ ଶକ୍ତି ହିସାବରେ ମୁଣ୍ଡଟେକି ଉଠିଥିଲା । ୧୮୨୮ ମାର୍ଚ୍ଚ ୨୩ ତାରିଖରେ ଗଙ୍ଗାଧର ଷଡ଼ଙ୍ଗୀ ନାମରେ ଜଣେ ଓଡ଼ିଆ ବ୍ରାହ୍ମଣଙ୍କ୍ର ଖ୍ରୀଷ୍ଟିଆନ୍ କରାଯିବା ଫଳରେ ଆମ ସାମାଜିକ ଜୀବନର ଏକ ଚମତ୍କାର ପର୍ଯ୍ୟାୟ ଆରମ୍ଭ ହୋଇଥିଲା । ପ୍ରଥମେ ଏହି ଧର୍ମାନ୍ତର ବା ଖ୍ରୀଷ୍ଟିଆନ୍ ଦୀକ୍ଷା ଗ୍ରହଣ ସାମାଜିକ ଜୀବନରେ ନାନା ସମସ୍ୟାର ସୃଷ୍ଟି ଏପରିକି ସାମାଜିକ ସମ୍ପର୍କ ଛିନ୍ନ କରିଥିଲା ଏବଂ ସମାଜରେ ଦୀକ୍ଷା ନେଇଥିବା ବ୍ୟକ୍ତିମାନେ ଅପମାନିତ ହୋଇଥିଲେ । ତଥାପି ଖ୍ରୀଷ୍ଟଧର୍ମ ପ୍ରସାରିତ ହେବାକୁ ଲାଗିଲା । ଏହି ସମୟରେ ଯେଉଁମାନେ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ ହେଲେ ସେମାନଙ୍କ ମଧ୍ୟରେ ଥିଲେ ଗଙ୍ଗାଧର, ଦୈତାରି, ଦୀନବନ୍ଧୁ, ରାମଚନ୍ଦ୍ର, ସେବୁ ସାହୁ, ସେବୁ ନାୟକ, ବାମଦେବ, ଦାମୋଦର ଏବଂ ଭିକାରି । କିନ୍ତୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ ନହୋଇ ଏହାର ପ୍ରଚାରରେ ଯେଉଁମାନେ ସହାୟତା କରିଥିଲେ ସେମାନେ ହେଲେ ସୋମନାଥ, ବଳରାମ, ଜଗନ୍ନାଥ, ବନମାଳୀ ଏବଂ ଘନଶ୍ୟାମ । ହିନ୍ଦୁ ସମାଜର ନାନା କୁସଂସ୍କାର ପ୍ରତି ଯେଉଁମାନେ ଶର ନିକ୍ଷେପ କଲେ ଓଡ଼ିଶାରେ ସେମାନଙ୍କ ମଧ୍ୟରେ ଥିଲେ ସନାତନ, ଭବାନୀ ବିହାରୀ ଏବଂ

ଜେନାଇକ୍ । ଗଙ୍ଗାଧର ସରକାରଙ୍କ ନିକଟକୁ ଏକ ପେଟିସନ ଦେଇ ଜଗନ୍ନାଥ ସ୍ୱାତନ୍ତ୍ର ଧ୍ୱଂସ ପାଇଁ ପ୍ରସ୍ତୁତ ଥିଲେ । (The Calcutta Missionary Herald, vol. I, No. 6, June 1846, p-87).

ଓଡ଼ିଶାର ସାମାଜିକ ଜୀବନରେ ନାନା ଧରଣର କୁସଂସ୍କାର ସହିତ ଓଡ଼ିଶାର ଘନ ଅରଣ୍ୟରେ ବାସ କରୁଥିବା ଆଦିବାସୀମାନଙ୍କ ମଧ୍ୟରେ ବିଭିନ୍ନ କୁସଂସ୍କାର ରହିଥିଲା । ନାନା କୁତ୍ସିତ ପରମ୍ପରା, କୁହୁକ ବିଦ୍ୟା, ନରବଳୀ ପ୍ରଭୃତି ଦ୍ୱାରା ସାମାଜିକ ଜୀବନ ଆକ୍ରାନ୍ତ ହୋଇଯାଇଥିଲା । ମିସନାରୀମାନେ ହେତୁବାଦୀ ଦୃଷ୍ଟିକୋଣ ନେଇ ଏସବୁର ମୂଳୋତ୍ପାଟନ କରିବାକୁ ସରକାରଙ୍କୁ ଅନୁପ୍ରାଣିତ କରିଥିଲେ । ଊନବିଂଶ ଶତକର ଓଡ଼ିଶାରେ ଶିକ୍ଷାର ପ୍ରସାର ଦିଗରେ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ରହିଛି । ୧୮୩୦ ଖ୍ରୀଷ୍ଟାବ୍ଦ ସୁଦ୍ଧା ଓଡ଼ିଶାରେ ଗୋଟିଏ ମାତ୍ର ସରକାରୀ ସ୍କୁଲ ନଥିଲା । କିନ୍ତୁ ମିସନାରୀମାନେ ଓଡ଼ିଶାରେ ବିଭିନ୍ନ ଶିକ୍ଷାନୁଷ୍ଠାନ ସ୍ଥାପନ କରି ଶିକ୍ଷାର ପ୍ରସାର କରାଇଲେ । ୧୮୨୨ରେ ସେମାନଙ୍କ ଦ୍ୱାରା ୧୫ଟି ବିଦ୍ୟାଳୟ ସ୍ଥାପନ କରାଯାଇଥିଲା; ଯଦିବା ଖ୍ରୀଷ୍ଟିଆନ ଧର୍ମ ପ୍ରଚାର ପାଇଁ ଏହା ମୂଳତଃ ଉଦ୍ଦିଷ୍ଟ ଥିଲା । ପାଠଶାଳାଠାରୁ ଏହା ଶିକ୍ଷା ଦିଗରେ ଯଥେଷ୍ଟ ଉର୍ଦ୍ଧ୍ୱରେ ଥିଲା । ମିସନାରୀମାନେ ନାରୀ ଶିକ୍ଷା ପାଇଁ ଯେଉଁ ଉଦ୍ୟମ ଆରମ୍ଭ କରିଥିଲେ ତାହା ପରେ ପରେ ବିଶେଷ ଆଦର ଲାଭ କରିଥିଲା । ୧୮୬୦ ଖ୍ରୀଷ୍ଟାବ୍ଦରୁ ଏହି ଉଦ୍ୟମର ସଫଳରୂପ ଦେଖିବାକୁ ମିଳିଲା । ସେତେବେଳେ ଓଡ଼ିଶା ଇତିହାସ, ସଂସ୍କୃତି ଏବଂ ବ୍ୟାକରଣକୁ ଗୁରୁତ୍ୱ ଦେଇ ପୁସ୍ତକ ରଚନାରେ ମିସନାରୀମାନେ ସଫଳ ହୋଇଥିଲେ । ସଟନ୍ କେତୋଟି ସ୍ମରଣୀୟ ଗ୍ରନ୍ଥ ଏହି କାଳରେ ରଚନା କରିଥିଲେ :

୧) History of Orissa (1839)
୨) Oriya Geography (1839)
୩) Oriya Primer and Padartha Vidyasar (1845)
୪) ଓଡ଼ିଆ ଇଂରାଜୀ ଅଭିଧାନ (୧୮୩୧)
୫) ଓଡ଼ିଆ ଅଭିଧାନ (୧୮୪୧-୪୩)

E C. B Hallan ମଧ୍ୟ ଓଡ଼ିଆ ବ୍ୟାକରଣ ଏବଂ ଅଭିଧାନ ପ୍ରସ୍ତୁତ କରିଥିଲେ । ବିଭିନ୍ନ ଦିଗରୁ ବିଚାର କଲେ ଊନବିଂଶ ଶତକର ଓଡ଼ିଶାର ସାମାଜିକ ଜୀବନରେ ପରିବର୍ତ୍ତନ ପାଇଁ ମିସନାରୀମାନଙ୍କର ଉଦ୍ୟମ ଚିରସ୍ମରଣୀୟ । ଏହାକୁ ବାଦଦେଇ ଏ ଶତାବ୍ଦୀର ଓଡ଼ିଶାକୁ ଅନୁଧ୍ୟାନ କରିହେବ ନାହିଁ ।

ଓଡ଼ିଶାକୁ ମିସନାରୀମାନେ ଧର୍ମ ପ୍ରଚାର ଉଦ୍ଦେଶ୍ୟରେ ଆସିଥିଲେ ମଧ୍ୟ ସେମାନଙ୍କର ଧାରାବାହିକ ଉଦ୍ୟମ ବଳରେ ସାମାଜିକ ଜୀବନର ନାନା କୁତ୍ସିତ ପରଂପରା । ବ୍ୟାଧିକୁ ସରକାରଙ୍କ ଦୃଷ୍ଟିକୁ ଅଣାଯାଇଥିଲା । ଏହାପରେ ଓଡ଼ିଶାରେ ନାନା ସମସ୍ୟାର ସମାଧାନ ପାଇଁ ପ୍ରାରମ୍ଭିକ ଉଦ୍ୟମ କରାଯାଇଥିଲା । ଧର୍ମ, ପରଂପରା, ଅନାବଶ୍ୟକ ଉତ୍ସବ, ବାହ୍ୟ ଆଡମ୍ବର, ଅସ୍ପୃଶ୍ୟତା, ନରବଳୀ ପରି ବିଭିନ୍ନ ବ୍ୟାଧିରେ ବିକଳାଙ୍ଗ

ସାମାଜିକ ଜୀବନରେ ପରିବର୍ତ୍ତନ/ପରିବର୍ଦ୍ଧନର ସୁଅ ଆରମ୍ଭ ହେଲା । ମିଶନାରୀ ମାନଙ୍କର ଉଦ୍ୟମ ସହିତ ବ୍ରିଟିଶ୍ ସରକାରଙ୍କର ଶିକ୍ଷାବିସ୍ତାର, ଓଡ଼ିଆ ଭାଷାରେ ଛାପାଖାନା ପ୍ରତିଷ୍ଠା ଏବଂ ସମ୍ବାଦପତ୍ରର ପ୍ରଚଳନ ସର୍ବୋପରି ଏକ ବୁଦ୍ଧିଜୀବୀ ଶିକ୍ଷିତ ସମ୍ପ୍ରଦାୟର ଆବିର୍ଭାବ ପରିବର୍ତ୍ତନର ସୁଅକୁ ଦ୍ରୁତ କରିପାରିଥିଲା । ବିଭିନ୍ନ ଧାର୍ମିକ-ସାମାଜିକ ସଂସ୍କାର ଗୋଷ୍ଠୀ ସେତେବେଳେ ଭାରତରେ ଜନମାନସକୁ ଶୃଙ୍ଖଳିତ କରିବା ପାଇଁ ଉଦ୍ୟମ କରିଥିଲେ । ସେ ସବୁ ମଧ୍ୟରେ ବ୍ରାହ୍ମ ସମାଜ ଆର୍ଯ୍ୟ ସମାଜ, ପ୍ରାର୍ଥନା ସମାଜ, ରାମ କୃଷ୍ଣ ମିସନ୍ ଏବଂ ଥିଅସଫିକାଲ ସୋସାଇଟି ଅନ୍ୟତମ । ଏମାନେ ପାରଂପାରିକ ସାମାଜିକ-ସାଂସ୍କୃତିକ ଜୀବନରେ ସଂସ୍କାର ଆଣିଥିଲେ । ଓଡ଼ିଶା ସେଥିରୁ ବାଦ ପଡ଼ିନଥିଲା । ୧୮୫୯ରେ ପ୍ରଥମେ କଟକରେ ମ୍ୟୁଚୁଅଲ୍ ଇମ୍ପ୍ରୁଭମେଣ୍ଟ ସୋସାଇଟି ପ୍ରତିଷ୍ଠା କରାଯାଇଥିଲା । ଏଥିରେ ଓଡ଼ିଶାର ସାମାଜିକ-ସାଂସ୍କୃତିକ ଜୀବନର ବହୁବିଧ ସମସ୍ୟାର ଆଲୋଚନା କରାଯାଇଥିଲା । କିନ୍ତୁ ୧୮୬୬-୬୭ର ଦୁର୍ଭିକ୍ଷ ପରେ ଏହିପରି ଅନେକ ସଂସ୍ଥା ମୁଣ୍ଡଟେକି ଉଠିଲେ । ବ୍ରାହ୍ମ ସମାଜ ମଧ୍ୟ ଓଡ଼ିଶାରେ ୧୮୫୦ ସୁଦ୍ଧା ପହଞ୍ଚିପାରିଥିଲା । କାରଣ ମହର୍ଷି ଦେବେନ୍ଦ୍ରନାଥ ଠାକୁର ଓଡ଼ିଶାକୁ ଆସି ଏହାର କାର୍ଯ୍ୟାବଳୀ ସ୍ଥିର କରିଥିଲେ । ଏହାକୁ କଟକ ସମାଜ କୁହାଯାଉଥିଲା । ପରେ ପରେ ଏହା ଆଦି ବ୍ରାହ୍ମ୍ୟ ସମାଜ ପଦ୍ଧତିକୁ ଅନୁସରଣ କଲା ମାତ୍ର । ୧୮୬୯ ଜୁଲାଇ ୧ରେ କେତେକ ଯୁବକ ଉତ୍କଳ ବ୍ରାହ୍ମ୍ୟ ସମାଜ ପ୍ରତିଷ୍ଠା କଲେ । ୧୮୭୧ ଠାରୁ ହରନାଥ ଭଟ୍ଟାଚାର୍ଯ୍ୟ ଏହି ସମାଜର ଅଗ୍ରଗତି ପାଇଁ ଉଦ୍ୟମ କରିଥିଲେ । ମଧୁସୂଦନ ରାଓ ମଧ୍ୟ ଏଥିରେ ସକ୍ରିୟ ଭୂମିକା ନେଇଥିଲେ । ଭୂଷଣଚନ୍ଦ୍ର ଭଟ୍ଟାଚାର୍ଯ୍ୟ, ରାମନାରାୟଣ ଦତ୍ତ, ଗିରିଶ ଚନ୍ଦ୍ର ମିତ୍ର, ବିଶ୍ୱନାଥ ବାନାର୍ଜୀ ମଧ୍ୟ ଏଥିରେ ପ୍ରମୁଖ ଭୂମିକା ନେଇଥିଲେ । ୧୮୬୯ରେ ସମାଜ ତରଫରୁ ଉତ୍କଳ ଶୁଭକାରୀ ଏବଂ ୧୮୭୪ରେ ଧର୍ମବୋଧିନୀ ନାମକ ଦୁଇଟି ପତ୍ରିକା ଓଡ଼ିଶାରେ ପ୍ରକାଶ ପାଇଥିଲା । ଊନବିଂଶ ଶତକର ଶେଷ ଭାଗରେ ପ୍ୟାରୀମୋହନ ଆଚାର୍ଯ୍ୟ, ସାଧୁଚରଣ ରାଓ, ବିଶ୍ୱନାଥ କର ପ୍ରଭୃତି ବ୍ରାହ୍ମ ସମାଜରେ ଯୋଗ ଦେଇ କଟକ ଓ ବାଲେଶ୍ୱରରେ ବ୍ରାହ୍ମ ଚିନ୍ତାର ପ୍ରସାର ଘଟାଇଥିଲେ । ପରେ ଏହାର ଅଗ୍ରଗତି ପାଇଁ ଭଗବାନ ଚନ୍ଦ୍ର ଦାଶ ଏବଂ ନନ୍ଦଲାଲ ବାନାର୍ଜୀ ବିଶେଷ ଉଦ୍ୟମ କରିଥିଲେ । ଆର୍ଯ୍ୟ ସମାଜ ମଧ୍ୟ ଓଡ଼ିଶାରେ ଆଦୃତ ହୋଇଥିଲା । ଏହି କାଳରେ ଗଞ୍ଜାମରେ ଶ୍ରୀ ବସନ୍ତ ପଣ୍ଡା ସାମାଜିକ ସଂସ୍କାର ପାଇଁ ଉଦ୍ୟମ କରିଥିଲେ ଓ ତାତ୍ତ୍ୱିକ ଏବଂ ଯୁକ୍ତିବାଦୀ ଦୃଷ୍ଟିକୋଣକୁ ଗ୍ରହଣ କରିଥିଲେ । ଊନବିଂଶ ଶତକରେ ପ୍ରସିଦ୍ଧ ହୋଇଥିବା ଅନ୍ୟତମ ସାମାଜିକ ସାଂସ୍କୃତିକ ଆନ୍ଦୋଳନର ପୁରୋଧା ଥିଲେ ମହିମା ସମ୍ପ୍ରଦାୟ । ଏହା ଉତ୍କଳୀୟ ପାରଂପାରିକ ଧର୍ମଧାରାର ସଂସ୍କାର ପାଇଁ ଉଦ୍ୟମ ଅବ୍ୟାହତ ରଖିଥିଲା । ଏକ ପକ୍ଷରେ ଖ୍ରୀଷ୍ଟିଆନ୍ ମିସନାରୀ ମାନଙ୍କର ଅଯଥା ପ୍ରବୃତ୍ତିକୁ ଖର୍ବ କରି ଚିନ୍ତା ଓ ଚେତନାରେ ନୂତନ ଧାରା ପ୍ରବାହ କରାଇଥିଲେ ମହିମା ସମ୍ପ୍ରଦାୟ । ୧୮୨୬ ମସିହାରେ ମହିମା ଗୋସ୍ୱାମୀଙ୍କର ଅବିର୍ଭାବ । ପରବର୍ତ୍ତୀ କେତୋଟି ଦଶନ୍ଧିରେ ଓଡ଼ିଶାର କୋଣେ କୋଣେ ଏହି ଧର୍ମ ଧାରା ଏକ ଆନ୍ଦୋଳନାତ୍ମକ କାର୍ଯ୍ୟରେ ଲାଗି ପଡ଼ିଥିଲା । ଊନବିଂଶ ଶତକର ମଧ୍ୟ ଭାଗରେ ମହିମାତତ୍ତ୍ୱ ଖ୍ରୀଷ୍ଟିଆନ ମିସନାରୀ

ମାନଙ୍କର କାର୍ଯ୍ୟକଳାପକୁ ପ୍ରସାର କରିବା ସଙ୍ଗେ ସଙ୍ଗେ ପାଶ୍ଚାତ୍ୟବାଦୀ ବ୍ରାହ୍ମ ଗୋଷ୍ଠୀର ସକଳ ଅଭିଯୋଗକୁ ଖଣ୍ଡନ କରିବାକୁ ଉଦ୍ୟମ କରିଥିଲେ । ଏଥିରେ ବାହ୍ୟ ଲୋକାଚାର, ଅନାବଶ୍ୟକ ଉତ୍ସବ ନଥିଲା । ଜାତି, ଧର୍ମ, ବର୍ଣ୍ଣ ପ୍ରଭୃତି ଭେଦାଭେଦ ସଙ୍କୀର୍ଣ୍ଣ ଦୃଷ୍ଟିକୋଣ ଠାରୁ ଦୂରରେ ରହି ମହିମା ଧର୍ମ ମଣିଷ ଅନ୍ତରକୁ ଛୁଇଁବା ପାଇଁ ଉଦ୍ୟମୀ ହେଲା । ଏକ ଜାତି-ବର୍ଣ୍ଣବହୁଳ ଊନବିଂଶ ଶତକର ସମାଜରେ ଏହା ଏକ ବୈପ୍ଳବିକ ଚିନ୍ତା ହିସାବରେ ଓଡ଼ିଶାରେ ମୁଣ୍ଡ ଟେକି ଉଠିଲା ।

ଏହା ବ୍ୟତୀତ ଓଡ଼ିଶାରେ ସାମାଜିକ ସଂସ୍କାର ଓ ପରିବର୍ତ୍ତନ/ଜାଗରଣରେ ଯେଉଁ ଅନୁଷ୍ଠାନ ଗୁଡ଼ିକ ସୃଷ୍ଟି ହୋଇଥିଲେ, ସେଥିରେ ଥିଲା :

୧- କଟକ କ୍ରିକେଟିଂ କ୍ଲବ (୧୮୬୯)
୨- କଟକ ଫିଲାସିଫି ସଭା (୧୮୬୯)
୩- କଟକ ୟଙ୍ଗ ମେନ୍ସ ଆସୋସିଏସନ୍ (୧୮୬୯)
୪- ପୁରୀ ସୋସାଇଟି (୧୮୭୦)
୫- ଗଞ୍ଜାମ ଉତ୍କଳ ହିତବାଦିନୀ ସଭା (୧୮୭୨)
୬- ଉତ୍କଳ ଭାଷା ଉଦ୍ଦିପନୀ ସଭା (୧୮୭୩)
୭- ଭଦ୍ରକ ଦେଶ ହିତୈଷିଣୀ ସଭା (୧୮୭୪)
୮- ଗଞ୍ଜାମ ନିଶା ନିଶାଧିନୀ ସଭା (୧୮୭୧)
୯- ଓଡ଼ିଶା ଇସଲାମ ଆସୋସିଏସନ୍ (୧୮୭୧)
୧୦- ବାଲେଶ୍ୱର ନେସନାଲ ସୋସାଇଟି (୧୮୭୮)
୧୧- ମାଦକ ସେବନ ନିବାରଣୀ ସଭା (୧୮୭୯)
୧୨- ଉତ୍କଳ ସଭା (୧୮୮୨)
୧୩- ଓଡ଼ିଶା ପିପୁଲ୍ସ ଆସୋସିଏସନ୍ (୧୮୮୨)
୧୪- ଆଣ୍ଟି କଉ ପ୍ରସନ୍ ଏବଂ ପ୍ରୋଟେକସନ୍ ସଭା (୧୮୮୪)
୧୫- ଓଡ଼ିଶା ଗ୍ରାଜୁଏଟ ଆସୋସିଏସନ୍ (୧୮୮୮)
୧୬- ଓଡ଼ିଶା ଖ୍ରୀଷ୍ଟିଆନ୍ ଆସୋସିଏସନ୍ (୧୮୯୬)
୧୭- ଉତ୍କଳ ହିତୈଷିଣୀ ସଭା ।

ଊନବିଂଶ ଶତକରେ ସାମାଜିକ-ରାଜନୈତିକ, ଅର୍ଥନୈତିକ, ସ୍ୱାସ୍ଥ୍ୟ ଶିକ୍ଷାଧାରା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବା ପାଇଁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଅଳ୍ପ-ବହୁତ ଉଦ୍ୟମ କରାଯାଇଥିଲା । ଏଥିରେ ପତ୍ର ପତ୍ରିକା ମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ଏହି ମାଟିରେ ଊନବିଂଶ ଶତକର ସର୍ବପ୍ରଥମ ସମ୍ବାଦ ପତ୍ର ଥିଲା କୁଜିବର ପତ୍ର । ଏହାର ପ୍ରବର୍ତ୍ତକ ଥିଲେ ସାଧୁ ସୁନ୍ଦର ଦାସ । ତାଙ୍କର ମଠ ଥିଲା ଚୌଦ୍ୱାରର କୁଜବର ମଠ । ୧୮୨୨ ଖ୍ରୀଷ୍ଟାବ୍ଦ ପୂର୍ବରୁ ଏହି ପତ୍ରିକା ହାତରେ ଲେଖାଯାଇ ପ୍ରକାଶ କରାଯାଇଥିଲା । ୧୮୩୮ ମସିହା ବେଳକୁ ଏହା ବନ୍ଦ ହୋଇ-

ଯାଇଥିଲା । ସେତେବେଳେ କଟକରେ ପତ୍ରପୁରଙ୍କୁ ମିଳୁଥିବା ହସ୍ତତାଳ କାଗଜରେ ଲିଥୋଗ୍ରାଫ ଲେଖା ସମ୍ବାଦ ପତ୍ର ବାର୍ତ୍ତାବହ କିର୍ଣ୍ଣ, ହାର୍ଟ, ମେଲା ଓ ଖ୍ରୀଷ୍ଟୀୟ ସମ୍ବନ୍ଧ ଆଦିରେ ପ୍ରକାଶ କରାଯାଇଥିଲା । ଏହିଠାରେ ଦେଶୀ ବିଷୟରେ ନାନା କଥା ରହୁଥିଲା । ଏଥିରେ ଅନେକ ଦେଶୀ ପତ୍ରେ ମିଶନାରୀମାନେ ଓଡ଼ିଶାରେ ଛାପାଖାନା ଏବଂ ପ୍ରକାଶ ଆରମ୍ଭ କରିଥିଲେ । ଏହାପରେ ଉତ୍କଳ ଦୀପିକା ୧୮୬୬ ଅଗଷ୍ଟ ୪ ତାରିଖରୁ ପ୍ରକାଶ ପାଇଥିଲା । ଓଡ଼ିଶାର ଜନଜୀବନକୁ ପୀଡ଼ିତ କରୁଥିବା ହିନ୍ଦୁବଧ ପ୍ରଥାକୁ ଆକ୍ଷେପ କରି ଅନେକ ଉତ୍କଳ ଦୀପିକା । ଏହା ବ୍ୟତୀତ ଅନ୍ୟ କେତୋଟି ସମ୍ବାଦ ପତ୍ର ଚାଲିଥିଲେ —

୧) ପ୍ରବୋଧଚନ୍ଦ୍ରିକା (ବାଲେଶ୍ୱର) ୧୮୬୮)
୨) ଉତ୍କଳ ଶୁଭକରୀ ପତ୍ରିକା (୧୮୬୯)
୩) ବାଲେଶ୍ୱର ସମ୍ବାଦ ବାହିକା (୧୮୬୮)
୪) ଉତ୍କଳ ହିତୈଷିଣୀ (୧୮୬୯),
୫) ଉତ୍କଳ ଦର୍ପଣ (୧୮୭୩)
୬) ଉତ୍କଳ ପୁତ୍ର (୧୮୭୩)
୭) ଭକ୍ତ ପ୍ରଚାରିଣୀ (୧୮୭୩)
୮) ସ୍ୱଦେଶୀ (୧୮୭୩)
୯) ଶିକ୍ଷକ ଓ ଧର୍ମବୋଧିନୀ (୧୮୭୩)
୧୦) ପୁରୁଷୋତ୍ତମ ଚନ୍ଦ୍ରିକା (୧୮୭୪)
୧୧) ପୁରୁଷୋତ୍ତମ ପତ୍ରିକା (୧୮୮୦)
୧୨) ପୁରୁଷୋତ୍ତମ ପତ୍ରିକା (୧୮୮୨)
୧୩) ପ୍ରଜାବନ୍ଧୁ (ବାଲେଶ୍ୱର) (୧୮୮୨)
୧୪) ସେବକ (କଟକ) ୧୮୮୩
୧୫) ସମ୍ବାଦିକ (କଟକ) ୧୮୮୩
୧୬) ଭାରତୀ (ବାଲେଶ୍ୱର) ୧୮୮୫
୧୭) ସ୍ୱଦେଶୀ (ବ୍ରହ୍ମପୁର) ୧୮୭୬
୧୮) ବାର୍ତ୍ତାଲହରୀ (ବ୍ରହ୍ମପୁର) ୧୮୭୭
୧୯) ଉତ୍କଳ ମଧୁପ (କଟକ) ୧୮୭୮
୨୦) ଓଡ଼ିଆ ଗେଜେଟ (କଟକ) ୧୮୭୯
୨୧) ମୟୂରଭଞ୍ଜ (ବାରିପଦା) ୧୮୭୯
୨୨) କୋହିନୁର (କଟକ) ୧୮୮୦
୨୩) ଧର୍ମକେତୁ (ବାଲେଶ୍ୱର) ୧୮୮୩
୨୪) ଶିକ୍ଷାବନ୍ଧୁ (କଟକ) ୧୮୮୫
୨୫) ବ୍ୟବସାୟୀ (ବାରିପଦା) ୧୮୮୬
୨୬) ନବସମ୍ବାଦ (କଟକ) ୧୮୮୬

୨୭) ଓଡ଼ିଶା ଷ୍ଟୁଡେଣ୍ଟସ୍ (କେନ୍ଦ୍ରାପଡ଼ା) ୧୮୮୬
୨୮) ଜଗନ୍ନାଥ ପତ୍ରିକା ୧୮୮୭
୨୯) ସାମ୍ୟବାଦୀ (କଟକ) ୧୮୮୮
୩୦) ଓଡ଼ିଆ ପେଟ୍ରିୟଟ୍ (କଟକ) ୧୮୮୮
୩୧) ଆଶା (କଟକ) ୧୮୮୮
୩୨) ସାହିତ୍ୟ ସମ୍ମିଳନୀ (କଟକ) ୧୮୮୯
୩୩) ଦୀପକ (କଟକ) ୧୮୮୯
୩୪) ସମ୍ବଲପୁର ହିତୈଷିଣୀ (ବାମଣ୍ଡା) ୧୮୮୯
୩୫) ଉତ୍କଳ ପ୍ରଭା (ମୟୂରଭଞ୍ଜ) ୧୮୯୧
୩୬) ଇନ୍ଦ୍ରଧନୁ (କଟକ) ୧୮୯୩
୩୭) ବିଜୁଳି (ବାମଣ୍ଡା) ୧୮୯୩
୩୮) ବ୍ରାହ୍ମ (କଟକ) ୧୮୯୨
୩୯) ଉତ୍କଳ ଚିକିତ୍ସକ (କଟକ) ୧୮୯୪
୪୦) ଉତ୍କଳ ବନ୍ଧୁ (ତାଳଚେର) ୧୮୯୬
୪୧) ପ୍ରଜ୍ଞପ୍ତି ତାର (କଟକ) ୧୮୯୬
୪୨) ଗଞ୍ଜାମ ନ୍ୟୁଜ୍ (ବ୍ରହ୍ମପୁର) ୧୮୯୬
୪୩) ଗଞ୍ଜାମ ଓଡ଼ିଆ ହିତବାଦିନୀ (ବ୍ରହ୍ମପୁର) ୧୮୯୯
୪୪) ଉତ୍କଳ ସାହିତ୍ୟ (କଟକ) ୧୮୯୭

ଏହିପରି ସଂଖ୍ୟାଧିକ ପତ୍ରପତ୍ରିକା ଊନବିଂଶ ଶତକର ଓଡ଼ିଶାକୁ ନାନା ଦିଗରୁ ଉଦ୍ଭ-ଫଳିତ କରିବାକୁ ଉଦ୍ୟମ କରିଥିଲେ । ସମସ୍ୟା-ପୀଡ଼ିତ ଓଡ଼ିଶାକୁ ବିବେଚନା କରି ଶତ ଶତ ଶତାବ୍ଦୀ ଧରି ଅବହେଳିତ ଜନଜୀବନରେ ଆଶା, ଉନ୍ମାଦନା ଆଣେଇ ଦିବାର ପ୍ରେରଣା ଆଣିଥିଲେ ପତ୍ରପତ୍ରିକା ।

## ॥ ପାଞ୍ଚ ॥

ଓଡ଼ିଶାରେ ଊନବିଂଶ ଶତକର ବୈଶିଷ୍ଟ୍ୟ ଜାତୀୟତାବାଦୀ ଚେତନାର ଉନ୍ମେଷ । ଗଙ୍ଗ-ଗଜପତି ରାଜତ୍ୱ କାଳରେ ଦୃଢ଼ ରୂପ ନେଇ ଠିଆ ହୋଇଥିବା ଓଡ଼ିଶା ରାଜ୍ୟର ୧୫୬୮ ଖ୍ରୀଷ୍ଟାବ୍ଦ ପର ଠାରୁ ପତନ ହୋଇଯାଇଥିଲା । ଏହାପରେ ବିଭିନ୍ନ କାରଣରୁ ୨୫୦ ବର୍ଷ କାଳ ଏ ଧାରଣାକୁ ପରିପୋଷଣ କରିବାକୁ କାହା ମଧ୍ୟରେ ଆଗ୍ରହ ଜନ୍ମି ନଥିଲା । ଫଳରେ ବିଖଣ୍ଡିତ ହୋଇଥିଲା ବୃହତ୍ ଓଡ଼ିଆ ରାଜ୍ୟ— ଚିନ୍ତାରେ, ଭୌଗୋଳିକ ପରିବେଶରେ ଏବଂ ଶାସନ ପଦ୍ଧତିରେ । କିନ୍ତୁ ବ୍ରିଟିଶ ରାଜତ୍ୱ କାଳରେ ଏହି ଚିନ୍ତାଧାରାର ପୁନରଭ୍ୟୁଦୟ ଏ ଶତାବ୍ଦୀର ଏକ ବିଶିଷ୍ଟ ଘଟଣା ବୋଲି ଏ ଲେଖକ ଚିନ୍ତାକରେ । ଊନବିଂଶ ଶତାବ୍ଦୀର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଦୁଇଟି ପରସ୍ପର ବିରୋଧୀ ଚିନ୍ତାଧାରା ଓଡ଼ିଶାରେ ଦେଖିବାକୁ ମିଳିଥିଲା ।

୧) ଏକ ପକ୍ଷରେ ଓଡ଼ିଶାକୁ ଭାଷା ଦୃଷ୍ଟିରୁ, ଶାସନ ଦୃଷ୍ଟିରୁ, ଭୂଗୋଳ ଦୃଷ୍ଟିରୁ

ବିଖଣ୍ଡିତ/ ବିକୃତ ଏପରିକି ପଂଗୁ କରିବାର ଅବ୍ୟାହତ ଉଦ୍ୟମ ଚାଲିଥିଲା ।

୨) ଅନ୍ୟ ପକ୍ଷରେ ଜାତୀୟତାବାଦର ଉଦ୍ରେକ କାଳରେ ଭାଷା ଦୃଷ୍ଟିରୁ, ଶାସନ ଦୃଷ୍ଟିରୁ, ଭୂଗୋଳ ଦୃଷ୍ଟିରୁ, ପରମ୍ପରା ଦୃଷ୍ଟିରୁ ଏହାକୁ ଏକତ୍ରିତ କରି ଅଖଣ୍ଡ ଓଡ଼ିଶା ରାଜ୍ୟ ଗଠନ ପାଇଁ ଅବ୍ୟାହତ ଉଦ୍ୟମ ଆରମ୍ଭ ହୋଇଥିଲା ।

ଭୌଗୋଳିକ ଓ ପ୍ରଶାସନ ଦୃଷ୍ଟିରୁ ଊନବିଂଶ ଶତକରେ ଓଡ଼ିଶା ରାଜ୍ୟର ସ୍ଥିତିକୁ ସ୍ୱୀକାର କରିବାକୁ କୁଣ୍ଠିତ ହେବାକୁ ପଡ଼େ । ବ୍ରିଟିଶମାନେ ୧୮୦୩ରେ ଓଡ଼ିଶା ଅଧିକାର ପରେ ଓଡ଼ିଶାର ବିଭିନ୍ନ ଅଂଶକୁ ଓଡ଼ିଶା ପ୍ରଦେଶ କରି ଶାସନ କରିଥିଲେ । ପ୍ରଶାସନ ଦୃଷ୍ଟିରୁ ବିଖଣ୍ଡିତ ଓଡ଼ିଶା ରାଜ୍ୟ ମଧ୍ୟରେ ତଥାପି ଐକ୍ୟ ଭାଷା ଦୃଷ୍ଟିରୁ ରହିଥିଲା । କିନ୍ତୁ ଊନବିଂଶ ଶତକରେ ଓଡ଼ିଶାର ଶିକ୍ଷାୟତନ ଗୁଡ଼ିକରୁ ଓଡ଼ିଆ ଭାଷାକୁ ଉଚ୍ଛେଦ କରି ତା ପରିବର୍ତ୍ତେ ବଙ୍ଗଭାଷା କେତେ ଅଞ୍ଚଳର ଶିକ୍ଷାନୁଷ୍ଠାନ ମାନଙ୍କରେ ପ୍ରଚଳନ ପାଇଁ ପ୍ରଶାସକ ଓ ଶିକ୍ଷା ବିଭାଗୀୟ କର୍ମଚାରୀ ବିଭିନ୍ନ ସମୟରେ ପ୍ରସ୍ତାବମାନ ଦେଇଥିଲେ । ୧୮୬୮ ଠାରୁ ୧୮୭୦ ମଧ୍ୟରେ ଏ ଦିଗରେ ବିଧିବଦ୍ଧ ଉଦ୍ୟମ ହୋଇଥିଲା । ବାସ୍ତବିକ ଏହି ପର୍ଯ୍ୟାୟ ଓଡ଼ିଆ ଭାଷା ଇତିହାସର ଏକ ସଙ୍କଟମୟ କାଳ ବୋଲି ଚିନ୍ତା କରାଯାଇପାରେ । କେବଳ ବଙ୍ଗ ଭାଷା ନୁହେଁ, ହିନ୍ଦୁସ୍ଥାନୀ ଅନ୍ୟ ଭାଷା ମଧ୍ୟ ଓଡ଼ିଶାର କେତେକ ଅଞ୍ଚଳର ଶିକ୍ଷାନୁଷ୍ଠାନରେ ପ୍ରଚଳନ ପାଇଁ ଉଦ୍ୟମ କରାଯାଇ ପାରିଥିଲା । ଓଡ଼ିଆ ଭାଷା ପ୍ରଚଳନକୁ କେନ୍ଦ୍ର କରି ଊନବିଂଶ ଶତକରେ ଯେଉଁ ଭାଷା ବିବାଦ ମୁଣ୍ଡଟେକି ଉଠିଲା ତାହା ଓଡ଼ିଆ ଜାତୀୟତାବାଦ ଇତିହାସର ଏକ ଆକର୍ଷଣୀୟ ଅଧ୍ୟାୟ । ଗୋଟିଏ ପକ୍ଷରେ ଓଡ଼ିଆ ଭାଷା ଉଚ୍ଛେଦ, ଅନ୍ୟପକ୍ଷରେ ଓଡ଼ିଆ ଭାଷା ସୁରକ୍ଷା ପାଇଁ ଯେଉଁ ଆନ୍ଦୋଳନ ଚାଲିଥିଲା, ତାହାହିଁ ପରବର୍ତ୍ତୀ କାଳରେ ଓଡ଼ିଶା ରାଜ୍ୟ ଗଠନର ଏକ ଭିତ୍ତିଭୂମି ସ୍ୱରୂପ କାର୍ଯ୍ୟ କରିଥିଲା । ୧୮୬୮ ଆରମ୍ଭରୁ ୧୮୭୦ର ମଧ୍ୟଭାଗ ପର୍ଯ୍ୟନ୍ତ ଓଡ଼ିଶାର ବିଦ୍ୟାଳୟ ମାନଙ୍କରେ ଓଡ଼ିଆ ଭାଷାର ସ୍ଥିତିକୁ ସୁରକ୍ଷିତ, ପ୍ରସାରିତ ଓ ଦୃଢ଼ୀଭୂତ କରିବା ପାଇଁ ହୋଇଥିବା ସଂଘବଦ୍ଧ ପ୍ରଚେଷ୍ଟାକୁ ଆମ ସମୟର ସ୍ମରଣୀୟ ପ୍ରାବନ୍ଧିକ ଡକ୍ଟର ଗଗନେନ୍ଦ୍ର ନାଥ ଦାଶ ତାଙ୍କର ବିସ୍ତାରିତ ଆଲୋଚନା ମାଳାରେ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ ନାମରେ ନାମିତ କରିଛନ୍ତି । ୧୮୪୧ରୁ ଆରମ୍ଭ କରି ୧୮୭୦ର ମଧ୍ୟ କାଳରେ ଓଡ଼ିଶାର ବିଦ୍ୟାଳୟ ମାନଙ୍କରେ ଓଡ଼ିଆ ଭାଷାର ନିର୍ବାସନ ବା ପ୍ରଚଳନ ସମ୍ପର୍କିତ ଉଦ୍ୟମ ଓଡ଼ିଆ ଜାତୀୟତାବାଦ ଆନ୍ଦୋଳନ ଇତିହାସର ମୂଳ ଅଙ୍ଗ ବୋଲି ଗ୍ରହଣ କରାଯାଇପାରେ ।

କେବଳ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଆନ୍ଦୋଳନ ଊନବିଂଶ ଶତକ ଓଡ଼ିଶାରେ ଏକ ବିଶିଷ୍ଟ ଘଟଣା ହୋଇରହିନଥିଲା । ଏଥି ସହିତ ଓଡ଼ିଶା ରାଜ୍ୟକୁ ସ୍ୱତନ୍ତ୍ର କରି ଗଢ଼ିବାର ସ୍ୱପ୍ନ ଏହି ଶତାବ୍ଦୀର ଅନ୍ୟତମ ଘଟଣା ଥିଲା । ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ ପୂର୍ବରୁ ଏହାର ସୂତ୍ରପାତ ହୋଇଥିଲେ ମଧ୍ୟ ଓଡ଼ିଆ ଭାଷା ସୁରକ୍ଷା ପରେହିଁ ଏହା ଏକ ବିଧିବଦ୍ଧ ଯୋଜନାର ରୂପ ନେଇଥିଲା ।

ସ୍ୱତନ୍ତ୍ର ଓଡ଼ିଆ ରାଜ୍ୟ ଗଠନର ପ୍ରାରମ୍ଭିକ ପର୍ଯ୍ୟାୟ ଥିଲା ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧ । ଭାରତ ପାଇଁ ଥିବା ସେକ୍ରେଟାରୀ ଅଫ୍ ଷ୍ଟେଟ୍ ଷ୍ଟାଫୋର୍ଡ ନର୍ଥକୋଟ୍ ପ୍ରଥମେ ୧୮୬୭ ଜୁଲାଇ ୨୫ରେ ଗଭର୍ଣ୍ଣର ଜେନେରାଲ ଇନ କାଉନସିଲ୍‌କୁ ଦେଇଥିବା ଏକ ପତ୍ରରେ ବଙ୍ଗଳା ପ୍ରଦେଶକୁ ପ୍ରଶାସନ ଦୃଷ୍ଟିରୁ ବିଭକ୍ତ କରିବା ଉଚିତ 'ବୋଲି ଜଣାଇଥିଲେ । ଏହି ସବୁ ମଧ୍ୟ ସେପଟେମ୍ବରର ଅନ୍ୟ ଏକ ପତ୍ରରେ ରହିଥିଲା । ଜନ ଲରେନ୍ସ କିନ୍ତୁ ଏହି ପ୍ରସ୍ତାବକୁ ଅଗ୍ରାହ୍ୟ କରିଥିଲେ । ଯଦିବା ନର୍ଥକୋଟଙ୍କ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାରେ ଖର୍ଚ୍ଚକୁ ଚିନ୍ତା କରାଯାଇଥିଲା । ଉତ୍କଳ ଦୀପିକା (୧୩ ମାର୍ଚ୍ଚ ୧୮୭୧) ରେ ଓଡ଼ିଶା ରାଜ୍ୟ ବିଖଣ୍ଡିକରଣ ଦ୍ୱାରା ଯେଉଁ କ୍ଷତି ଏ ଜାତି ପ୍ରତି ଆସିଥିଲା ତା ପ୍ରତି ଦୃଷ୍ଟି ନେଇ ମତ ପ୍ରକାଶ କରିଥିଲା । ଏହି ପତ୍ରିକା ମଧ୍ୟ ୧୮୭୦ (ଅକ୍ଟୋବର ୨୨)ରେ ଓଡ଼ିଶା ରାଜ୍ୟର ଖଣ୍ଡ ଖଣ୍ଡ ଅଂଶକୁ ଏକତ୍ରୀକରଣ କରିବା ପାଇଁ ଗଞ୍ଜାମ ବାସୀ ମାନଙ୍କର ରସୁଲକୋଣ୍ଡାରେ ହୋଇଥିବା ଏକ ସଭାର ନିବେଦନକୁ ପ୍ରକାଶ କରିଥିଲେ । ଏଣୁ ଓଡ଼ିଶା ପ୍ରଦେଶ ଗଠନର ଆଦ୍ୟ ପର୍ଯ୍ୟାୟ ଏହି ଶତାବ୍ଦୀର ମଧ୍ୟ ଭାଗରୁ ଆରମ୍ଭ ହୋଇଥିଲା ।

ଓଡ଼ିଆ ଜାତୀୟତାବାଦୀ ଆନ୍ଦୋଳନର ଏହି ଆଦ୍ୟ ପର୍ଯ୍ୟାୟରେ ଯେତେବେଳେ ଓଡ଼ିଆ ଭାଷାକୁ ଓଡ଼ିଶାର ଶିକ୍ଷାନୁଷ୍ଠାନମାନଙ୍କରେ ପ୍ରଚଳନ କରି ଏହାର ସୁରକ୍ଷା ପାଇଁ ଅବ୍ୟାହତ ଉଦ୍ୟମ ଚାଲିଥିଲା ସେତେବେଳେ ଓଡ଼ିଶା ରାଜ୍ୟ ଗଠନର ସ୍ୱପ୍ନ ଆରମ୍ଭ ହୋଇଯାଇଥିଲା । ଊନବିଂଶ ଶତକ ଓଡ଼ିଶାର ହସ, କାନ୍ଦ, ମାନ, ଅଭିମାନ, ଗର୍ବ ଦମ୍ଭକୁ ଯେଉଁ ଦୁଇଜଣ ବ୍ୟକ୍ତି ଉପସ୍ଥାପନ କରିଛନ୍ତି ବିଭିନ୍ନ ଭାବରେ ସେମାନେ ହେଲେ ଗୌରୀଶଙ୍କର ରାୟ ଏବଂ ମଧୁସୂଦନ ଦାସ । କର୍ମବୀର ଗୌରୀଶଙ୍କରଙ୍କର କାର୍ଯ୍ୟ ନଅଙ୍କ ଦୁର୍ଭିକ୍ଷ ପରେ ବିଶେଷ ଭାବରେ ପରିଲକ୍ଷିତ ହୋଇଥିଲା ବେଳେ ମଧୁସୂଦନ ଶତାବ୍ଦୀର ଶେଷ ଦଶନ୍ଧି ଦୁଇଟିରେ ଉଦୀୟମାନ ସୂର୍ଯ୍ୟରୂପେ ମୁଣ୍ଡଟେକି ଉଠିଥିଲେ । ଊନବିଂଶ ଶତାବ୍ଦୀର ଓଡ଼ିଶା ଇତିହାସ ସହିତ ପ୍ରାୟତଃ ଅନେକାଂଶରେ ଏହି ଦୁଇଜଣ ବରପୁତ୍ରଙ୍କର ଜୀବନୀ ଓ କାର୍ଯ୍ୟାବଳୀ ଜଡ଼ିତ ।

## ❋ ତଥ୍ୟ ସୂତ୍ର ❋


୧) ସାମନ୍ତରାୟ ନଟବର, ଓଡ଼ିଆ ସାହିତ୍ୟର ଇତିହାସ, ଭୁବନେଶ୍ୱର ୧୯୮୩ ।

୨) ପଟ୍ଟନାୟକ, ସୁଧାକର, ସମ୍ବାଦ ପତ୍ରରୁ ଓଡ଼ିଶାର କଥା, ଗ୍ରନ୍ଥମନ୍ଦିର, କଟକ, ୧୯୭୨ ।

୩) ଜେନା, କୃଷ୍ଣଚନ୍ଦ୍ର, Land Revenue Administration in Orissa, S. Chand & Co, Delhi. 1968

୪) ପାତ୍ର କିଶୋରୀ ମୋହନ, Orissa under the East India Company, Munshiram Manoharlal, Delhi, 1971.

୫) ପାଣ୍ଡେ କଶୋରୀ ମୋହନ ଏବଂ ଦେବୀ ବନ୍ଦିତା, An Advanced History of Orissa, Modern period, Kalyani Publishers, New Delhi, 1983.

୬) ପଟ୍ଟନାୟକ, ଶୋଭବନ୍ଧ; The Famine and Some Aspects of the British Economic Policy in Orissa, 1866—1905, Vidyapuri, Cuttack, 1980.

୭) ମହାନ୍ତି, ସୁରେନ୍ଦ୍ର; ଶତାବ୍ଦୀର ସୂର୍ଯ୍ୟ, ଲର୍କ ବୁକ୍ସ, କଟକ, ୧୯୭୭ ।

୮) ମିଶ୍ର, ପ୍ରସନ୍ନ କୁମାର, "Political Unrest in Orissa in the 19th Century", Punthi Pustak, Calcutta, 1983.

୯) ମହାନ୍ତି ନିବେଦିତା, Oriya Nationalism : Quest for a United Orissa, Manohar, New Delhi, 1982.

୧୦) ଏସ୍ମାନ, ଏ କୁଲ୍କେ ହରମାନ୍ ଏବଂ ତ୍ରିପାଠୀ, ଗୟାଚରଣ (ସମ୍ପାଦିତ) The Cult of Jagannath and the Regional Tradition of Orissa, 1978, Manohar Publishers, New Delhi.

୧୧) ଦାଶ, ଗଗନେନ୍ଦ୍ର ନାଥ

କ) ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ : ଏକ ସିଂହାବଲୋକନ, ଝଙ୍କାର, ନଭେମ୍ବର, ଡିସେମ୍ବର, ୧୯୮୮ ।

ଖ) ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ : ଏକ ଦୃଷ୍ଟିପାତ, ମୂଲ୍ୟାୟନ-୨୨, ନଭେମ୍ବର ୧୯୮୭—ଜୁନ ୮୮ ।

ଗ) ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ : ପୁନର୍ସିଂହାବଲୋକନ, ଝଙ୍କାର, ଅଗଷ୍ଟ, ସେପ୍ଟେମ୍ବର, ଅକ୍ଟୋବର, ନଭେମ୍ବର, ଡିସେମ୍ବର, ଜାନୁଆରୀ, ଫେବୃଆରୀ, ମାର୍ଚ୍ଚ, ମେ, ୧୯୮୯-୯୦ ।

୧୨) ବେହେରା, କରୁଣା ସାଗର ଏବଂ ଭଞ୍ଜ. ବି.ବି:
"Devastating Cyclone in Balasore district in 1874", Orissa Historical Research Journal, vol. XXX IV, No. 3 and 4.

୧୩) ପଟ୍ଟନାୟକ, କହ୍ଲାର ରଞ୍ଜନ; Studies in superstitious beliefs, Myths, Magic witchcrafts, sorcery and sacrifice of the 19th century Orissa, OHRJ, vol XXX III, No. 3 and 4.

୧୪) ସୁଆର, ଦାଶରଥି, "The Christian Missionary activities in Orissa and their impact on 19th century", OHRJ, vol. XXXIV. No. 1 and 2.

୧୫) ପ୍ରଧାନ, ଅତୁଲ୍ ଚନ୍ଦ୍ର, "Educational uplift of women in the 19th century Orissa". The Journal of Orissan History, Orissa History Congress, June 1988.

୧୬) ପଟ୍ଟନାୟକ, ଜହାର ରଞ୍ଜନ, i) Missionaries and its social impact on 19th century Orissa". OHRJ, vol XXXV, No. 1 and 2.

(ii) "Growth of education and its social impact on 19th century Orissa". The Journal of Orissan History, June 1989.

ଅଧ୍ୟାପକ, ଇତିହାସ ବିଭାଗ
ସରକାରୀ ସାନ୍ଧ୍ୟ ମହାବିଦ୍ୟାଳୟ,
ରାଉରକେଲା - ୨

# ॥ ଗଳ୍ପ ନୁହେଁ ସମାଲୋଚନା ॥

**ଡକ୍ଟର ନଟବର ସାମନ୍ତରାୟ**

---

୧୮୬୯ ସାଲ ଅଗଷ୍ଟ ମାସ ୪ ତାରିଖ ବୁଧବାର— ଓଡ଼ିଆ ଜାତି ପକ୍ଷରେ ଏକ ପବିତ୍ର ସ୍ମରଣୀୟ ଦିବସ । କଟକର ଏକ୍‌ଟିଂ ଜଏଣ୍ଟ୍ ମାଜିଷ୍ଟ୍ରେଟ୍ ଟି.ଏମ୍. କକ୍‌ବୁର୍ଡ଼ ସାହେବଙ୍କ ଇଜଲାସ ଆଜି ଲୋକାରଣ୍ୟ । ଏକ ସଙ୍ଗୀନ ମକଦ୍ଦମା । ସ୍ଥିର ନେତ୍ରରେ ଉଦ୍‌ବେଳିତ ଜନତା ଚାହିଁ ରହିଛି ମାଜିଷ୍ଟ୍ରେଟ୍ ସାହେବଙ୍କ ଶେଷ ଆଦେଶକୁ । ମକଦ୍ଦମା ବେଳେ ଜିତାପଟ ହେବା କିମ୍ବା ଚିତାପଟ ମାରିବା ତ ସାଧାରଣ କଥା । କିନ୍ତୁ ଆଜିର ବ୍ୟାପାରଟା ଅତି ଅସାଧାରଣ । କାରଣ ଏଇ ମକଦ୍ଦମାରେ ଗୋଟିଏ ଜାତିର ମାନମହତ୍ତ୍ୱ ହେଉଛି ପରୀକ୍ଷିତ ତଥା ମୀମାଂସିତ ।

କଟକ କଲେଜ ଶ୍ରେଣୀର ଆଇନ ଅଧ୍ୟାପକ ରାଜକୃଷ୍ଣ ମୁଖୋପାଧ୍ୟାୟ ଏମ୍.ଏ., ବି.ଏଲ୍., ମହାଶୟ କଲିକତା ବିଶ୍ୱବିଦ୍ୟାଳୟରୁ ଉଚ୍ଚତମ ଉପାଧି ଲାଭ କରି ଏଇ ବର୍ଷ ଜାନୁଆରୀ ମାସରେ ଆଇନ ବିଦ୍ୟା ଅଧ୍ୟାପନା କରିବା ପାଇଁ ଆସିଥାନ୍ତି କଟକ । ସେଇ ସମୟରେ ତାଙ୍କ ନାମରେ କୌଣସି ବ୍ୟଙ୍ଗୋକ୍ତି ଅପମାନ ସୂଚକ ଲେଖା ଉତ୍କଳଦୀପିକାରେ ପ୍ରକାଶ ପାଇଥାଏ । ଦଣ୍ଡବିଧି ଆଇନର ୫୦୧ ଦଫାରେ ଅଧ୍ୟାପକ ମହାଶୟ ପତ୍ରିକା ସମ୍ପାଦକ ଗୌରୀଶଙ୍କର ରାୟଙ୍କ ବିରୁଦ୍ଧରେ ମକଦ୍ଦମା ଠିଆ କରାଇଥାନ୍ତି । ଏକ ପକ୍ଷରେ ଗୌରୀଶଙ୍କର,— ଓଡ଼ିଆ ଜାତିର ସାର୍ଥକ ପ୍ରତିନିଧି; ଅପରପକ୍ଷରେ ଅଧ୍ୟାପକ ମୁଖୋପାଧ୍ୟାୟ,— ଓଡ଼ିଆ-ବିଦ୍ୱେଷୀ ବଙ୍ଗାଳୀମାନଙ୍କର ଶିରୋଭୂଷଣ । କକ୍‌ବୁର୍ଡ଼ ସାହେବ ଦୀପିକା ଲେଖାର ଦୋଷ ଦୁର୍ବଳତା ଅନ୍ତରରୁ ସହି ଅନୁଭବ କରୁଥାନ୍ତି । ନ୍ୟାୟ ଓ ବିଚାରର ସୁପରିଚାଳନା ପାଇଁ ସେ ଏତେବଡ଼ ଆସନ ଅଧିକାର କରି ବସିଛନ୍ତି । ଏ ଆସନର ମହତ୍ତ୍ୱ ପ୍ରତିଷ୍ଠା ସେ କରିବେ କିପରି ? ତାଙ୍କ କଲମ ଥରି ଉଠୁଛି । ଆଜି ହିଁ ତାଙ୍କୁ ମୀମାଂସା କରିବାକୁ ପଡ଼ିବ । ଲୋକେ ଚାହିଁ ରହିଛନ୍ତି ତାଙ୍କର ଶେଷ ଆଦେଶକୁ । ଜନତାର ପଲକହୀନ ଦୃଷ୍ଟିକୁ ସେ କଦାପି ହତାଶ କରି ପାରିବେନାହିଁ ।

କକ୍‌ବୁର୍ଡ଼ ସାହେବଙ୍କ ମନରେ ଏ ଦ୍ୱନ୍ଦ୍ୱ କାହିଁକି ? ଜୀବନରେ କେତେ ବିଚାର ସେ ବା ନ କରିଛନ୍ତି ? ତାଙ୍କ ଚିନ୍ତାର ଅସଲ ବିଷୟ ହେଉଛି ଏ ମକଦ୍ଦମାର ବିଚିତ୍ର ପ୍ରକୃତି । ଏହା ବ୍ୟକ୍ତିକୈନ୍ଦ୍ରିକ ନୁହେଁ । ତାଙ୍କ ବିଚାର ନିର୍ଣ୍ଣୟ କରିବ ଗୋଟିଏ ଜାତିର ଭାଗ୍ୟ । ତାଙ୍କ ଜୀବନରେ ସେ କେଉଁଠି ଏତେବଡ଼ ବିରାଟ ଓ ବିଚିତ୍ର ସମସ୍ୟାର ସମ୍ମୁଖୀନ ହୋଇ ନଥିଲେ ।

ଏ ଘଟଣାର ଠିକ ୨୧ ଦିନ ପୂର୍ବରୁ ଅର୍ଥାତ୍ ଜୁଲାଇ ମାସ ୧୪ ତାରିଖରେ ଦୀପିକା ସ୍ତମ୍ଭରେ ନିମ୍ନଲିଖିତ କବିତାଟି ଆମ୍ଭ ପ୍ରକାଶ କରିଥିଲ ।

"ଚନ୍ଦନନଗର
ଉତ୍କଳ ଅକ୍ଷର ।
ଉତ୍କଳ ହୋଇଣ ବୋଲଇ ବଚନ ବହୁ ଦୁଃଖ ଦୁର୍ନିବାର । ପଦ
କଙ୍ଗାଳ ବଙ୍ଗାଳ ବାନ୍ଧିବା ଫଖାଳ ବାନ୍ଧି ଆସି ଏ ଦେଶର,
ଦେଖିଲେ କ ଦୋଷ ହୋଇଲେଟି ମେଷ ନାଶ ମନାସନ୍ତି ମୋର ।
ଦର୍ଶନେ ଭୂଗୋଳ ଚନ୍ଦ୍ର, ସୂର୍ଯ୍ୟ ଗୋଲ ଗଗନେ ଗ୍ରହନକର,
ଅନୁମାନ ମୋର ବହୁ ମଣିବାର ଗୋଲ ସବୁଟା ସୁନ୍ଦର ।
ଗୋଲନଶ ନାଶ ହୋଏ ମନୋହାଣ ଶୋଭ ସବୁ ଗୋଲକାର,
ଅନୁସର ଏହୁ ହେଲ ଗୋଲ ମୁହିଁ ଗୋଲ କରନ୍ତୁ ଉଚ୍ଛାର ।
ଯେବେ ମଣି ବଙ୍ଗ ସୁନ୍ଦର ଏଭଙ୍ଗ ଦଶୁଛୁ ରୂପ ମୋହର,
ଏ ବସ୍ତୁ ମାନଙ୍କୁ ସତେ ଚେଇଁକାକୁ ସତ ବଳିବ କ ତା'ର ।
ଯେନ ଏ ପ୍ରସ୍ତାବ ଡ଼ିବେଟିଂ କ୍ଲବ କଲବଲ ଯେ ବୃଥାର,
ଭଣଇ ମୋହନ ବ୍ୟସ୍ତ କ କାରଣ ଏ କଳ୍ପନା ବାଉଳର ।"

ଏଇ ଜୁଲାଇ ମାସର ପ୍ରଥମ ସପ୍ତାହରେ 'କଟକ ଷ୍ଟାର' ନାମକ ଗୋଟିଏ ଇଂରାଜୀ କାଗଜରେ ବାବୁ ଉମାଚରଣ ହାଲଦାର ଓଡ଼ିଆ ଭାଷାକୁ ବଙ୍ଗଳା ଅକ୍ଷରରେ ଲେଖିବା ପାଇଁ ଯେଉଁ ପ୍ରସ୍ତାବ ଦେଇଥିଲେ, ସେଇ ଅବାଞ୍ଛନୀୟ ପ୍ରସ୍ତାବକୁ କେନ୍ଦ୍ର କରି ଓଡ଼ିଆ ଅକ୍ଷର ମୁଖରେ ଉପରୋକ୍ତ ଚନ୍ଦନମୁଖର କବିତାଟି ପ୍ରକାଶ ପାଇଥିଲା । ସେଇ ମାସ ୧୪ ତାରିଖରେ କଟକ ଡ଼ିବେଟିଂ କ୍ଲବରେ ହାଲଦାର ମହାଶୟଙ୍କ ଉକ୍ତ ପ୍ରସ୍ତାବକୁ ଯେଉଁ ହାର୍ଦ୍ଦିକ ସମ୍ବର୍ଦ୍ଧନା ଦିଆଯାଇଥିଲା ତା'ର ନେତୃତ୍ୱ ନେଇଥିଲେ ଆଇନ ଅଧ୍ୟାପକ ମୁଖୋପାଧ୍ୟାୟ । ମୁଖୋପାଧ୍ୟାୟ ମହାଶୟଙ୍କ ଉକ୍ତ ବ୍ୟବହାରକୁ ଲକ୍ଷ୍ୟ ରଖି 'ଦୀପିକା' ଯେଉଁ ଲେଖାଟି ପ୍ରକାଶ କରିଥିଲେ, କର୍ଣ୍ଣେଲ ସାହେବଙ୍କ ବଗ୍ଲରରେ ତାହାହିଁ ଥିଲା ପ୍ରଧାନ ଉପାଦାନ ।

ତନ୍ମଧ୍ୟରେ କର୍ଣ୍ଣେଲ ସାହେବ ପାଖରେ ବସିଥିବା ଓଡ଼ିଆ ପଣ୍ଡିତଙ୍କୁ ପ୍ରଶ୍ନ କଲେ, "ମୁଖୋପାଧ୍ୟାୟ ମହାଶୟଙ୍କ ଓକିଲ ଯାହା କହିଲେ ମୁଁ ତା' ବୁଝିଲି । କିନ୍ତୁ ଲେଖାଟି ଭିତରୁ 'ମେଷ' ଶବ୍ଦଟି ଆସିଲା କେମିତି ?" ପଣ୍ଡିତେ ଉତ୍ତର ଦେଲେ, "ଆମେ ଶୁଣୁଛୁ ବାବୁ ମହାଶୟ ବିଶ୍ୱବିଦ୍ୟାଳୟର ଉଚ୍ଚତମ ଶିକ୍ଷା ଲାଭ କରିଅଛନ୍ତି; ତାଙ୍କୁ ଇଂରାଜୀ ଭାଷାରେ କେଉଁଠି କହନ୍ତି 'ଏମେ' । ଏ ଉପାଧିରେ 'ଷ' ଥିଲେ ବାବୁ ହୋଇଥାନ୍ତେ 'ଏ ମେଷ' ।"

"ଆଚ୍ଛା, କହନ୍ତୁ ଭଲା କଥାଟା ସିଧା ନ କହି ଏମିତି କଟାକଟି ଯୋଡ଼ାଯୋଡ଼ି କରି କହିବା କ'ଣ ଏ ଦେଶ ଲୋକଙ୍କର ପ୍ରକୃତି ?" ପଣ୍ଡିତେ ଉତ୍ତରରେ କହିଲେ, "ଏହା ଏ ଦେଶ ଲୋକଙ୍କର କେବଳ ବୈଶିଷ୍ଟ୍ୟ ନୁହେଁ, ଏହା ମଣିଷ ଜାତିର ବୈଶିଷ୍ଟ୍ୟ । ତେବେ ଏପରି କଟାକଟି ଯୋଡ଼ାଯୋଡ଼ି ବ୍ୟାପାରଟା ଏ ଦେଶ କାବ୍ୟ ସାହିତ୍ୟର ଏକ ଅମର କାବ୍ୟସମ୍ପଦ ।" କର୍ଣ୍ଣେଲ ସାହେବ ବିସ୍ମୟାଭିଭୂତ ହୋଇ କହି ଉଠିଲେ,

"ଓଡ଼ିଆଙ୍କର କ'ଣ ଗୋଟାଏ ସାହିତ୍ୟ ଅଛି ? ଯାହାର ଭାଷା ସ୍ୱତନ୍ତ୍ର ନୁହେଁ ବୋଲି ଗତ ୨୦ ବର୍ଷ ଧରି ସରକାରୀ କାଗଜପତ୍ରରେ ଲେଖା ହୋଇ ଆସୁଛି, ତାର ପୁଣି ଗୋଟିଏ ସାହିତ୍ୟ ଅଛି କେମିତ ?" ଏତେ ବଡ଼ ଅପମାନଟାକୁ ହଜମ କରିବା କ୍ଷଣକୋପୀ ପଣ୍ଡିତଙ୍କ ପକ୍ଷରେ ଏକାନ୍ତ ଅସମ୍ଭବ । ଏ ଅପମାନ ଜାତି ତଥା ଦେଶର ଅପମାନ । କିନ୍ତୁ ପଣ୍ଡିତଜୀ ବର୍ତ୍ତମାନ ଅବସ୍ଥାର ଦାସ । ମାଜିଷ୍ଟ୍ରେଟ ସାହେବଙ୍କ ସମ୍ମୁଖରେ ଅପ୍ରକୃତିସ୍ଥ ହେବା ଅବାଞ୍ଛନୀୟ । ଅନ୍ତରର କ୍ରୋଧ ସମ୍ଭାଳି ନେଇ ରୁଦ୍ଧ କଣ୍ଠରେ ପଣ୍ଡିତଜୀ କହିବାକୁ ଲାଗିଲେ, "ମାଫ୍ କରିବେ ମାଜିଷ୍ଟ୍ରେଟ ସାହେବ ! ସରକାରୀ କାଗଜଟା ଠିକ୍ ଥିଲେ ସରକାରୀ କର୍ମଚାରୀମାନଙ୍କର ଥାଳଟା ଅନ୍ନରେ ପୂର୍ଣ୍ଣ ଥାଏ । ଲୋକଙ୍କ ଅନ୍ତରର ପୂର୍ଣ୍ଣଚନ୍ଦ୍ର ଦେବା ଏମାନଙ୍କର କର୍ମମୟ ଜୀବନର ତ ଲକ୍ଷ୍ୟ ନୁହେଁ ।" "ପଣ୍ଡିତ ମହାଶୟ, ମୋତେ ଓଡ଼ିଆ ଭାଷା ଭଲ ଆସେ ନାହିଁ ବୋଲି ଆପଣଙ୍କର ସାହାଯ୍ୟ ଲୋଡ଼ିଥିଲି । ସେଇ ସୁବିଧା ନେଇ ସରକାରଙ୍କୁ ସମାଲୋଚନା କରିବା ଆପଣଙ୍କ ପକ୍ଷରେ ସମୀଚୀନ ନୁହେଁ ।" "ମୋର ଦୋଷ ମାଫ କରିବେ ବୋଲି ମୁଁ ଆପଣଙ୍କୁ ଅନୁରୋଧ କରୁଅଛି । ମୋର ଆସନ ଓ କଥନର ଗୁରୁତ୍ୱ ମୁଁ ଭଲ ଭାବରେ ଜାଣେ । ଏ ମୋର ଔଦ୍ଧତ୍ୟ ନୁହେଁ, ଅନ୍ତରର ବାଣୀ ମାତ୍ର । ମୁଁ ସରକାରଙ୍କୁ ସମାଲୋଚନା କରିନାହିଁ, କରିଛି ସରକାରୀ କଳରେ ଥିବା କର୍ମଚାରୀ ବୃନ୍ଦଙ୍କୁ, ଯେଉଁମାନେ ଏତେ ବଡ଼ ଜାତିର ଅନ୍ତର କଥା ଏ ପର୍ଯ୍ୟନ୍ତ ବି ଜାଣି ପାରି ନାହାନ୍ତି ।"

ନିସ୍ତବ୍ଧ ଜନତା ଭିତରେ ଖେଳିଗଲା ଏକ ମୃଦୁମନ୍ଦ ଗୁଞ୍ଜରଣ । କଲ୍‌ଟର ସାହେବ ପଣ୍ଡିତଙ୍କ ଠାରୁ ଜନତା ଆଡ଼କୁ ଦୃଷ୍ଟି ନିକ୍ଷେପ କଲେ । ଗୋଟିଏ ପାଖରେ ଦେଖିଲେ ହର୍ଷୋତ୍‌ଫୁଲ୍ଲ ଜନତାର ଆନନ୍ଦ କଳରବ, ଏମାନେ କିନ୍ତୁ ସଂଖ୍ୟାରେ କମ ଅପର ପାର୍ଶ୍ୱରେ ଏକ ବିରାଟ ଜନତାର କାଳିମାମୟ ମୁଖଚ୍ଛବି । ସମସ୍ତଙ୍କର ଆଖି ଲଖି ରହିଛି ସାହେବଙ୍କଠି ।

"କର୍ମଚାରୀମାନେ ଭୁଲ କଲେ କେଉଁଠି ଓ କେମିତି ?" ଦୃଢ଼ ସ୍ୱରରେ ସାହେବ କହିସାରି ଉତ୍ତର ଅପେକ୍ଷାରେ ବସି ରହିଲେ । ଭକ୍ତି ବିନମ୍ର ସ୍ୱରରେ ପଣ୍ଡିତଜୀ କହିବାକୁ ଲାଗିଲେ, "ଭୁଲ ଦେଖାଇବା ମୋର ଉଦ୍ଦେଶ୍ୟ ନୁହେଁ, କର୍ତ୍ତବ୍ୟ ମଧ୍ୟ ନୁହେଁ । ଏ ଭୁଲ ଏମାନେ ଦିନେ ନା ଦିନେ ବୁଝି ପାରିବେ । ଶାସକ ଶ୍ରେଣୀର ସଂଖ୍ୟା ଏ ଦେଶର ଜନତା ତୁଳନାରେ ଅତି ନଗଣ୍ୟ । ଜନତାର ଜୀବନ ସ୍ରୋତ ସହିତ ଏମାନେ କୌଣସି ଯୋଗସୂତ୍ର ସ୍ଥାପନ କରି ନାହାନ୍ତି । କମ୍ପାନୀ ସରକାର ଏ ଦେଶକୁ ନିଜଶାସନାଧୀନ କଲାଦିନଠାରୁ କୌଣସି ଉଚ୍ଚତମ ଶାସକ ମଧ୍ୟ ଏ ଦେଶ ଲୋକଙ୍କ ଭାଷା ଅଧ୍ୟୟନ କରିବାକୁ ଇଚ୍ଛା କରିଛନ୍ତି କି ?" ହଠାତ୍ ସାହେବ କହି ଉଠିଲେ, "କାମତ ଚଳୁଛି ଅଟକି ଯାଉନାହିଁ ?" "କାମ ସିନା ଅଟକୁନାହିଁ, କିନ୍ତୁ ସେ ଭାଷାକୁ ଉପେକ୍ଷା କରିବାର ବିଷମ ପରିଣତି ଆପଣ ଆଜି ଦେଖୁଛନ୍ତି ।" ବକ୍ରନେତ୍ରରେ ସାହେବ କହିଲେ, "ତା' କେମିତ ?" ଉତ୍ତର ଆସିଲା, "ଏ ମକଦ୍ଦମା ତ କୌଣସି

ବ୍ୟକ୍ତିକୁ କେନ୍ଦ୍ର କରି ଠିଆ ହୋଇନାହିଁ । ଗୋଟିଏ ଜାତିର ମାନ ମହତ୍ତ୍ୱ ଏହାର ଉପରେ ନିର୍ଭର କରୁଛି । ଗୌରୀଶଙ୍କର-ରାଜକୃଷ୍ଣ କିନ୍ତୁ ତା'ର ଉପଲକ୍ଷ୍ୟ ମାତ୍ର ।" ମୁଖ ଗମ୍ଭୀର କରି ସାହେବ କହି ଉଠିଲେ, "ମକଦ୍ଦମାର ବିଚାରର ଭାର ମୋ ଉପରେ; ଏ ବିଷୟରେ ଅଧିକ ଅଗ୍ରସର ହେବା ଆପଣଙ୍କ ପକ୍ଷରେ ସମୀଚୀନ ନୁହେଁ, ଶୋଭନୀୟ ନୁହେଁ ମଧ୍ୟ । ତେବେ ଏ ବିଷୟରେ ମୋର ଗୋଟିଏ ସନ୍ଦେହ ଅଛି । ଯାଚିକା ଲେଖାରେ ଏ ଯେଉଁ କଟାକଟି ଯୋଡ଼ାଯୋଡ଼ି ବିଷୟଟା ଅଛି ତା' ଓଡ଼ିଆ ସାହିତ୍ୟରେ ଅଛି ବୋଲି ଆପଣ କହୁଛନ୍ତି । ଗୋଟାଏ ଉଦାହରଣ ଦେଇ ବୁଝାଇ ଦେବେ କି ?"

ପଣ୍ଡିତଙ୍କଙ୍କ ମନରେ ଅପୂର୍ବ ସାହସ ଖେଳିଗଲା । ହର୍ଷ ବଦନରେ ଗାଇ ଉଠିଲେ ଚନ୍ଦ୍ରାଦେଶାକ୍ଷ ରାଗରେ, "ଅସାର ସଘନ କାଳ ହୋଇ ଉଭୟ । ଅଶୀତ ପରବଳରୁ ଦାରଣମୟ ।" ଏହାର ଭିତରୁ ସେ ବର୍ଷା କାଳର ଅର୍ଥ ବାହାର କଲେ । ଏ ଉଭୟ ପାଦର ପ୍ରଥମ ଅକ୍ଷରମାନ ଅର୍ଥାତ 'ଅ' ଓ 'ଅ' କାଟି ଦେଇ ଯାହା ରହିଲା ତାକୁ ବୋଲିଲେ କାଫି କାମୋଦୀ ରାଗରେ । ସେଥିରୁ ସେ ବାହାର କଲେ ଶୀତ କାଳର ଅର୍ଥ । ତା' ପରେ ସେଇ ପାଦମାନଙ୍କରୁ ଆଉ ଗୋଟିଏ ଗୋଟିଏ ଅକ୍ଷର ଅର୍ଥାତ 'ସା' ଓ 'ଶୀ' କାଟି ଦେଇ ଯାହା ରହିଲା ତାକୁ ସେ ବୋଲିଲେ ମାଳବଗଡ଼ି ରାଗରେ ଓ ସେଥିରୁ ବାହାର କଲେ ଗ୍ରୀଷ୍ମ କାଳର ଅର୍ଥ ।

ବିସ୍ମୟ ବିମୁଗ୍ଧ ଚିତ୍ତରେ ଶୁଣିଥିଲେ ରହିଛନ୍ତି କର୍ଣ୍ଣେଲ ସାହେବ । ସେ ଭାବିବାକୁ ଲାଗିଲେ, "ଏ ଅକ୍ଷର କଟାରେ ପୁଣି ଏତେ କାରସାଦ !!! ଗୋଟିଏ ପଦର ଗୋଟିଏ ରାଗିଣୀ ଓ ଗୋଟିଏ ଅର୍ଥ । ସେଥିରୁ ଅକ୍ଷରଟି ଏ କଟିଗଲେ ଅନ୍ୟ ଏକ ରାଗିଣୀ ଓ ଅନ୍ୟ ଏକ ଅର୍ଥ । ପୁଣି ଗୋଟିଏ ଅକ୍ଷର କଟିଗଲେ ଆଉ ଏକ ଭିନ୍ନ ରାଗିଣୀ ଓ ଭିନ୍ନ ଅର୍ଥ । ସେ ତିନୋଟି ଅର୍ଥ ପୁଣି ତିନୋଟି ଋତୁକୁ ହିଁ ବୁଝାଉଛି । ସାହିତ୍ୟର ଶବ୍ଦବିନ୍ୟାସ କୌଶଳ ଅତି ଉଚ୍ଚସ୍ତରକୁ ନ ଗଲେ ଲେଖାରେ ଏମିତି ବିଚିତ୍ର ଶବ୍ଦ ଜାଗରଣ ଏକାନ୍ତ ଅସମ୍ଭବ ।" କୌତୂହଳପୂର୍ଣ୍ଣ ନୟନରେ ପ୍ରଶ୍ନ କଲେ, "ଓଡ଼ିଆରେ ଏମିତି ଶବ୍ଦବିନ୍ୟାସ କୌଶଳ କେତେ ଅଛି ?" ଭକ୍ତି-ବିନମ୍ର-ସ୍ୱରରେ ପଣ୍ଡିତଜୀ କହିଉଠିଲେ, 'ଏ କୌଶଳ ଗୋଟିଏ ପ୍ରକାରର ନୁହିଁ, ତାହା ବହୁ ପ୍ରକାର ଓ ତା'ର ପରିମାଣ ମଧ୍ୟ ପ୍ରଚୁର । "କୌତୂହଳ ସହକାରେ ସାହେବ ପଚାରିଲେ, "ତେବେ ସରକାରୀ କର୍ମଚାରୀ ମାନଙ୍କର କିପରି ଧାରଣା ହେଲା ଯେ ଓଡ଼ିଆରେ ସାହିତ୍ୟ ନାହିଁ ଓ ତାହା ବଙ୍ଗଳାର ଅପଭ୍ରଂଶ ମାତ୍ର ।" ମନରେ ଦମ୍ଭ ଧରି ପଣ୍ଡିତଜୀ କହିଲେ, "ସେଇଟା ଓଡ଼ିଆ ଜାତିର ଦୁର୍ଭାଗ୍ୟ । ଏ ଜାତିର ଭାଗ୍ୟ ନିୟନ୍ତା ହୋଇ ଆସିଛନ୍ତି ଅଣଓଡ଼ିଆଏ, ଯେଉଁମାନଙ୍କ ଭିତରୁ ଅଧିକାଂଶ ଓଡ଼ିଆ ଜାଣନ୍ତି ନାହିଁ । ଏଇମାନେ, କିନ୍ତୁ, ଏ ଜାତି ଉପରେ ଯେଉଁ ଧାରଣା କରିଗଲେ, ତାହାହିଁ ହେଲା ଅଭ୍ରାନ୍ତ ଓ ବେଦବାକ୍ୟ ପରି ସତ୍ୟ । ଗୋଟିଏ ଅର୍ଥରେ ଓଡ଼ିଆ ସାହିତ୍ୟ ନାହିଁ ବୋଲି ମୁଁ ସ୍ୱୀକାର କରୁଛି । ସେ ସାହିତ୍ୟ ହେଉଛି ଆଧୁନିକ ସାହିତ୍ୟ । ଆଧୁନିକ ଜଗତରେ ବଙ୍ଗଳାରେ ଏପରି ସାହିତ୍ୟ ବିକାଶ ଲାଭ କରି

ସାରିଲାଣି । ଓଡ଼ିଆରେ ତା'ର ଉଦ୍‌ଭବ ଏ ପର୍ଯ୍ୟନ୍ତ ହୋଇନାହିଁ । କିନ୍ତୁ ଓଡ଼ିଆରେ ଯେଉଁ ସାହିତ୍ୟ ଅଛି, ସେପରି ସାହିତ୍ୟ ବଙ୍ଗଳା କାହିଁକି ଅନ୍ୟାନ୍ୟ ଭାରତୀୟ ସାହିତ୍ୟରେ ଅଛି କି ନା ସନ୍ଦେହ । ଏ ସାହିତ୍ୟର ଅଧିକ ଅଂଶ କେବଳ ଗ୍ରାମ ମାନଙ୍କରେ ଅଛି । ତାଳପତ୍ର ପୋଥିରେ ସେ ସବୁ ଲିପିବଦ୍ଧ । ସଭ୍ୟତାର ପରିବର୍ତ୍ତନ ସଙ୍ଗେ ଜ୍ଞାନର ଆଶ୍ରୟସ୍ଥଳୀ ମଧ୍ୟ ପରିବର୍ତ୍ତିତ ହୋଇଯାଇଛି । ଛାପାଖାନା-ଯୁଗରେ ଆଜି ଜ୍ଞାନ କାଗଜ-ପୁସ୍ତକରେ ଲିପିବଦ୍ଧ ହୋଇ ରହୁଛି । ଏହାର ଲୀଳାସ୍ଥଳୀ ହେଉଛି ସହର । ପୋଥିବଦ୍ଧ ଓଡ଼ିଆ ସାହିତ୍ୟ ସହର ଠାରୁ ବହୁ ଦୂରରେ ରହିଯାଇଛି । ସହରବାସୀ ତାକୁ ଦେଖିଥିଲେ ସିନା ଜାଣନ୍ତେ । ଯାହା ତା' ଆଖିରେ ନ ପଡ଼ିଲା ତା' କଥା ସେ ଜାଣିବ କିପରି ? ସହରନିବାସୀ ଅଣଓଡ଼ିଆ ସରକାରୀ କର୍ମଚାରୀମାନେ ଜନଜୀବନ ଠାରୁ ଦୂରରେ ରହିଯାଇଥିବାରୁ ଓଡ଼ିଆ ଭାଷା ଓ ତା'ର ସାହିତ୍ୟ ନ ଥିବା ସିଦ୍ଧାନ୍ତ କରିବା ଓଡ଼ିଆ ଜାତିର ପରମ ଦୁର୍ଭାଗ୍ୟ ବ୍ୟତୀତ ଆଉ କ'ଣ ହୋଇପାରେ ?"

କର୍ଣ୍ଣଲ ସାହେବଙ୍କ ମୁଣ୍ଡ ଘୂରିଗଲା । ଗୋଟିଏ ହାତରେ ନ୍ୟାୟ ଦଣ୍ଡ, ଅପର ହସ୍ତରେ ପରିସ୍ଥିତିର ପ୍ରକୃତ ଚିତ୍ର । ଦୁଇକୁ ତଉଲି ଦେଖୁଛନ୍ତି ସେ । ଭାବିବାକୁ ଆରମ୍ଭ କଲେ, "ଏ ଜାତି କ'ଣ ଥିଲା, କ'ଣ ବା ଆଜି ହୋଇଛି ? ପରାଧୀନତାର ନିଷ୍ପେଷଣ ହିଁ ଏ ଦୁର୍ଗତି ପାଇଁ ଦାୟୀ । ବ୍ରିଟିଶ ଶାସନର ୬୦ଟା ବର୍ଷ ଭିତରେ ସେ ଅଧୋଗତି ଆହୁରି ଅଧିକ ବଢ଼ିଯାଇଛି । କହିବାକୁ ତୁଣ୍ଡରେ ଅଛି ଓଡ଼ିଆ ଭାଷା; କିନ୍ତୁ ସେ ଭାଷା ବୁଝନ୍ତି କେତେଜଣ ? ଏମାନଙ୍କର ପ୍ରତିନିଧିତ୍ୱ କରିବାକୁ କେହି ଜଣେ ସମର୍ଥ ଲୋକ ନାହାନ୍ତି । ସରକାରରେ ଏମାନଙ୍କର ତ ସ୍ଥାନ ନାହିଁ; କାରଣ ଆଧୁନିକ ଶିକ୍ଷାରେ ଏମାନେ ଶିକ୍ଷିତ ନୁହନ୍ତି । ତେବେ ଏଇଟା କ'ଣ ଓଡ଼ିଆଙ୍କର କେବଳ ଭୁଲ ? ନାମକୁ ମାତ୍ର ୩ଟି ହାଇସ୍କୁଲ, ବର୍ଷେ ହେଲା ଖୋଲିଛି ଏଫ. ଏ. ଶ୍ରେଣୀ । ଉଚ୍ଚ ଶିକ୍ଷିତ ଲୋକେ ଆସିବେ କେଉଁଠୁ ? ତେଣୁ ଏଇ ଦୁର୍ଯୋଗ ଉପରେ ଫାଇଦା ଉଠାଉଛନ୍ତି ଏ ଦେଶର ଅଣଓଡ଼ିଆ କର୍ମଚାରୀବୃନ୍ଦ ।" କର୍ଣ୍ଣଲ ସାହେବଙ୍କ ଧ୍ୟାନନିମଗ୍ନମନ ବାହାରେ ଥିବା ଲୋକଙ୍କ ପାଟି ଶବ୍ଦରେ ବିଚଳିତ ହୋଇ ପଡ଼ିଲା । ଚିନ୍ତାସ୍ରୋତଟି ବନ୍ଦ ହୋଇଗଲା । ପୁଣି ଭାବି ବସିଲେ କି ବିଚାର ଦେବେ । ଚିନ୍ତା ସ୍ରୋତ ଅନ୍ୟ ଦିଗରେ ଗତି କଲା । ଭାବି ବସିଲେ "ବିଚାରାସନରେ ମୁଁ ଅଧିରୂଢ଼ । ମୋ ହାତରେ ଥିବା କାଗଜ ପତ୍ର ହିଁ ମୋ ବିଚାରର ଉପାଦାନ । ସେଥିରୁ ବାହାରକୁ ଯିବା ମୋ କ୍ଷମତାର ବହିର୍ଭୂତ ।" ଅପେକ୍ଷାମାଣ ଜନତାର ଚିତ୍ତର ଅଶାନ୍ତି ଭିତରେ ଚିନ୍ତାନିମଗ୍ନ ସାହେବ କାହିଁକି ଅଧିକ ଅଶାନ୍ତି ଅନୁଭବ କରିବାକୁ ଲାଗିଲେ ।

କଲମକୁ ଜୋରରେ ଚିପିଧରି ଜନତା ଆଡ଼କୁ ଦୃଷ୍ଟି ନିକ୍ଷେପ କଲେ ବିଚାରପତି କର୍ଣ୍ଣଲ ସାହେବ । ସମ୍ମୁଖରେ ଗୌରୀଶଙ୍କର ଓ ଅଧ୍ୟାପକ ମୁଖୋପାଧ୍ୟାୟ । ସାହେବ ଆରମ୍ଭ କଲେ, "ଗୌରୀଶଙ୍କର ବାବୁ, ଦୀପିକାରେ ପ୍ରକାଶିତ ଆପଣଙ୍କ ଲେଖାଟି ଅତିଶୟ ଆପତ୍ତିଜନକ । ଓଡ଼ିଶାର ସର୍ବଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ଆଇନ ଶ୍ରେଣୀର ଅଧ୍ୟାପକଙ୍କ ପ୍ରତି ଏପରି ଅପମାନ-ସୂଚକ ବାକ୍ୟ ପ୍ରୟୋଗ ଶିଷ୍ଟତାର ଦ୍ୟୋତକ ନୁହେଁ ।

ଆପଣଙ୍କର ଏ ସମ୍ପର୍କରେ କିଛି କହିବାର ଥିଲେ କହି ପାରନ୍ତି ।" ଧୀରଗମ୍ଭୀର ସ୍ୱରରେ ଗୌରୀଶଙ୍କର କହିବାକୁ ଲାଗିଲେ, "କହିବାର ତ ବହୁତ ଅଛି, କିନ୍ତୁ ଶୁଣିବା ପାଇଁ ଏଠି ଲୋକ କାହାନ୍ତି ? ଯେଉଁମାନେ ଶୁଣି ପାରିବେ ବୋଲି ଆମ୍ଭମାନଙ୍କର ବିଶ୍ୱାସ ସେମାନଙ୍କର କାନ ଅଛି କି ? କହିବି କ'ଣ, ବା କାହାକୁ ?" "ମୋର ଶେଷ ରାୟ ଦେବା ପୂର୍ବରୁ ଆପଣଙ୍କ ମନର କଥା ଶୁଣିବା ପାଇଁ ମୋର ଅଭିଳାଷ ଅଛି । ଆପତ୍ତି ନଥିଲେ ତାହା ନିଃସଙ୍କୋଚରେ କହିବାକୁ ମୁଁ ସୁଯୋଗ ଦେଉଛି ।" ସାହେବଙ୍କ ଏ ଆଶ୍ୱାସନା ବାଣୀରେ ଗୌରୀଶଙ୍କର କହିବାକୁ ଲାଗିଲେ "ମୁଁ ଜାତିରେ ବଙ୍ଗାଳୀ; କିନ୍ତୁ ଏ ଦେଶରେ ମୋର ଜନ୍ମ । ଯେଉଁ ଦେଶର ମାଟି, ପାଣି, ପବନରେ ମୋର ଶରୀର ପରିପୁଷ୍ଟ, ସେ ଦେଶକୁ, ସେ ଦେଶର ଭାଷା ଓ ସାହିତ୍ୟକୁ ଅସ୍ୱୀକାର କରିବା ମୋ ମତରେ ଅମନୁଷ୍ୟତାର ଚରମ ନିଦର୍ଶନ ମାତ୍ର । ମୁଁ ବଙ୍ଗାଳୀ ହେଲେହେଁ ଓଡ଼ିଶା ମୋର ଦେଶ, ଓଡ଼ିଆ ଭାଷା ମୋର ମାତୃଭାଷା, ଓଡ଼ିଆ ସାହିତ୍ୟ ମୋର ଜାତୀୟ ଗୌରବ । ଯେଉଁ ବଙ୍ଗାଳୀମାନେ ଓଡ଼ିଆ ଭାଷାକୁ ଅସ୍ୱୀକାର କରି ତା' ସ୍ଥାନରେ ବଙ୍ଗଳା ପ୍ରଚଳନର ପକ୍ଷପାତୀ ହୋଇ ଉଠିଛନ୍ତି, ସେମାନଙ୍କର ଏ ଦେଶ ମାଟି ସହିତ କୌଣସି ସମ୍ପର୍କ ନାହିଁ । ଏ ଦେଶର ଜାତୀୟ ସ୍ୱାର୍ଥ ସହିତ ସେମାନେ ଜଡ଼ିତ ନୁହଁନ୍ତି । ଯେଉଁ ଜନତାର ମୁଁ ଆଜି ପ୍ରତିନିଧି, ସେ ଜନତା ମୋର ଚିରନମସ୍ୟ । ସେଇ ଜନତାର ନୈତିକଶକ୍ତି ବଳରେ ମୁଁ ଜଣେ ବ୍ୟକ୍ତିକୁ ଅପମାନ ଦେଇଛି ଗୋଟିଏ ବିରାଟ ଜାତୀୟ-ସମ୍ମାନର ସଂରକ୍ଷଣ ପାଇଁ । ଏ ଦେଶର ପାଣି-ପବନ, ଭାଷା- ସାହିତ୍ୟ ବିଷୟରେ ଯେ ସମ୍ପୂର୍ଣ୍ଣ ଅଜ୍ଞ, ତା'ର ଅଜ୍ଞତାକୁ କି ପ୍ରକାର ଉତ୍ତର ଦିଆଯାଇ ପାରିଥାନ୍ତା ସାହେବ ମହାଶୟ ? ଚାଳଦାର ମହାଶୟ ହେଉଛନ୍ତି ସ୍କୁଲ ଡେପୁଟୀ ଇନ୍‌ସ୍ପେକ୍ଟର । ସେ ଲେଖିଦେଲେ ଓଡ଼ିଆ ଭାଷାକୁ ବଙ୍ଗଳାରେ ଲେଖିଦିଅ । ଆମ ଅଧ୍ୟାପକ ମହାଶୟ ଏତେ ପାଠ ପଢ଼ି କିଛି ନ ବୁଝି ସେଇ କଥାରେ ଭାସିଗଲେ । ଲୋକଙ୍କର ଏମିତି ଭାସିଯିବା ପ୍ରକୃତିକୁ ସଂସ୍କୃତରେ କହନ୍ତି 'ଗଡ୍‌ଡାଳିକା ପ୍ରବାହ' । ମୁଁ ତ ସେଇ ସଂସ୍କୃତ ଭାଷାରେ କହିଥିଲି 'ମେଷ' ମାତ୍ର ।"

ଦିନ ଗୋଟାଏ ବାଜି ଗଲାଣି । ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ବସିଥିବା ଜନତାର ବିରକ୍ତ ମୁଖମଣ୍ଡଳରେ ଖେଳି ଯାଉଛି । ସାହେବ କାଗଜ ଉପରେ ଦୁଇଧାଡ଼ି ଲେଖିଦେଇ ମୁଣ୍ଡ ଉପରକୁ ଉଠାଇ କହିବାକୁ ଲାଗିଲେ, "ଗୌରୀଶଙ୍କର ବାବୁ ! ଆପଣ ଯଥାର୍ଥତଃ କର୍ମବୀର । ଏ ଜାତିର ପ୍ରତିନିଧିତ୍ୱ ଆପଣଙ୍କ ଠାରେ ହିଁ ଶୋଭାପାଏ । ନବଉତ୍କଳ ସଙ୍ଗଠନରେ ଆପଣ ହିଁ ହେବେ ସାର୍ଥକ ଅଗ୍ରଦୂତ । ଏହା ହିଁ ମୋର ଶେଷ ଆଶୀର୍ବାଦ । ଆପଣ ନିର୍ଦ୍ଦୋଷ । ଦଳୀୟ ନେତୃବର୍ଗଙ୍କର ଏକ ଗଠନାତ୍ମକମୂଳକ ସଙ୍ଗଠନ ଏ ମକଦ୍ଦମାର ପୃଷ୍ଠପୋଷକ ।"

ହର୍ଷମୁଖର ଓଡ଼ିଆ ଜନତା'ର ହସ୍ତ ଏକ ସଙ୍ଗରେ ପ୍ରଣାମ କଲା କର୍କୁଣ୍ଡ ସାହେବଙ୍କ ତୀକ୍ଷ୍ଣ ବିଚାରବୁଦ୍ଧିକୁ । ବିଜୟୋତ୍‌ଫୁଲ୍ଲ, ପୁଷ୍ପଚନ୍ଦନ-ବିଭୂଷିତ ଗୌରୀଶଙ୍କର ସଦର୍ପରେ ଫେରି ଆସିଲେ କଟକ ପ୍ରିଣ୍ଟିଂ କମ୍ପାନୀ ଅଫିସକୁ ।

× × × × × ×

ପାଖ ୫୫ ବର୍ଷ ପରେ କର୍ମବୀର ଗୌରୀଶଙ୍କରଙ୍କର ଜୀବନୀ ଉଦ୍ଧାର କାର୍ଯ୍ୟରେ ଲାଗିପଡ଼ିଛନ୍ତି ପଣ୍ଡିତ ମୃତ୍ୟୁଞ୍ଜୟ ରଥ । ଦୀପିକାର ଜୀର୍ଣ୍ଣ ପୃଷ୍ଠାରୁ ଏଇ ମକଦ୍ଦମା ସମ୍ପର୍କୀୟ ଲେଖାଟି ସେ ଉଦ୍ଧାର କରିଛନ୍ତି ଏମିତି—"ବାବୁ ମହାଶୟ ଅନେକ ବିଦ୍ୟାରେ ପରିପୂର୍ଣ୍ଣ ହୋଇ ପ୍ରଶଂସାପତ୍ରମାନ ଲାଭ କରି କ୍ରମେ ଉପାଧିପ୍ରାପ୍ତ ହୋଇ ଅଛନ୍ତି । ସ୍ୱଦେଶ ପ୍ରତି ବିରକ୍ତ ହୋଇ ଉତ୍କଳର ଉନ୍ନତି ନିମିତ୍ତ କୃତସଂକଳ୍ପ ହୋଇ ଆମ୍ଭମାନଙ୍କର ସୌଭାଗ୍ୟକ୍ରମେ ଏ ଦେଶରେ ଅବତୀର୍ଣ୍ଣ ହୋଇ ଅଛନ୍ତି । ଉତ୍କଳ ସୌଭାଗ୍ୟ ଲାଭ କରିବ ।

ବଡ଼ ଦୁଃଖର ବିଷୟ, ବାବୁ ଯେ ପ୍ରକାର ବିଦ୍ୱାନ, ତାହାଙ୍କ ଜଠରରେ କେତେ-ଗୋଟି ଉତ୍କଳ ଅକ୍ଷର ରହିବାକୁ ଯେବେ ସ୍ଥାନ ପାଆନ୍ତା, ତେବେ ଆଉ ପଶ୍ଚାନ୍ତର ନଥିଲା । ବାବୁ ଏ ପ୍ରକାର ଚତୁରତାର କର୍ମ କରି ଉପାଧିରୁ 'ଷ' ଲୋପ କରି ଅଛନ୍ତି ।" ତାହିଁ, ଏ ଲେଖାଟି ଭିତରେ ଅଧ୍ୟାପକ ମୁଖୋପାଧ୍ୟାୟଙ୍କୁ ଅପମାନ ଦେଲାପରି କୌଣସି ବିଷୟ ତ ଲେଖା ଯାଇନାହିଁ ? ଏଇ ଲେଖା ଭିତରେ ତାଙ୍କୁ 'ମେଷ' ଆଖ୍ୟା ଦିଆଗଲା ବା କିପରି ? ବିସ୍ମିତ ହେବାକୁ ପଡ଼େ, ଯେଉଁ ଲେଖାଯୋଗୁଁ ଦିନେ ଓଡ଼ିଶାରେ ଏଡ଼େ ବଡ଼ ଚହଳ ପଡ଼ିଯାଇଥିଲା, ପଣ୍ଡିତ ମୃତ୍ୟୁଞ୍ଜୟ ରଥ ତାକୁ ସଠିକ ଭାବେ ଉଦ୍ଧାର କରିପାରି ନାହାନ୍ତି । ଯୁକ୍ତିଛଳରେ ଯଦି କୁହାଯାଏ ଯେ ଏ ଲେଖା ପ୍ରମାଦ ରହିତ, ତା ହେଲେ ଏତେ ମାଲିମକଦ୍ଦମାର ଆବଶ୍ୟକତା ଥିଲା କେଉଁଠି ? ଏ ପ୍ରଶ୍ନର ସମାଧାନ "କର୍ମବୀର ଗୌରୀଶଙ୍କର" (୧୯୬୫) ପୁସ୍ତକ ପ୍ରକାଶ ଦିନଠାରୁ ଆଜି ପର୍ଯ୍ୟନ୍ତ କିଏ କେଉଁଠି କରିଛନ୍ତି ବୋଲି ମନେହୁଏ ନାହିଁ । ତଥାପି, ଦରକାର ପଡ଼ିଲେ ସ୍ୱୀକୃତ ପ୍ରକାଶ ନ କରି ମୃତ୍ୟୁଞ୍ଜୟଙ୍କ ସେଇ ଲେଖାକୁ ଏ ଦେଶର ସମାଲୋଚକମାନେ ଲୋକଙ୍କ ଆଗରେ ଥୋଇଦେଇ ତାକୁ ନିଜ ନିଜର ଗଭୀର ଗବେଷଣାର ଫଳବୋଲି ବାହାସ୍ଫୋଟ ମାରୁଛନ୍ତି ।

ପ୍ରିଣ୍ଟିଂ କୋମ୍ପାନୀର ଓଡ଼ିଆ ଅକ୍ଷର ଯୋଗାଉଥିଲେ ମିସ୍‌ନାରୀମାନେ । ଏମାନେ ଓଡ଼ିଆ ଅକ୍ଷର ଖୋଦନ କଲାବେଳେ 'ଏ' ଓ 'କ୍ର' ଭିତରେ ବହୁତ ସାମ୍ୟ ରଖିଥିଲେ । 'କ୍ର' ପାଇଁ କେବଳ 'ଏ' ଅକ୍ଷର ଉପରେ ଗୋଟିଏ ଛୋଟିଆ ଅର୍ଦ୍ଧବୃତ୍ତାକାର ଚିହ୍ନ ଦେଉଥିଲେ । ଫଳରେ ତରତରରେ ପଢ଼ିଲେ ଏ ଦୁଇ ଅକ୍ଷରକୁ ଭୁଲ କରିଦେବା ଅଧିକ ସମ୍ଭବପର । ସେଇ ହେତୁରୁ ଦୀପିକାରେ ଥିବା 'ଏମେ'କୁ ପଣ୍ଡିତ ମୃତ୍ୟୁଞ୍ଜୟ ପଢ଼ିଥିଲେ 'କ୍ରମେ' ।

ମାତ୍ର ଗୋଟିଏ ଅକ୍ଷର 'ଏ' । ସେଇଟି ଭୁଲ ହୋଇ ଯେଉଁ ଭୀଷଣ ବିଭ୍ରାଟ ଏ ଦେଶର ସମାଲୋଚନା ସାହିତ୍ୟରେ ସୃଷ୍ଟି କରି ଆସୁଅଛି ତା'ର ପଶ୍ଚାନ୍ତର ଆଉ କେଉଁଠି ଅଛି ?

ବାଣୀଭବନ
ସାମନ୍ତରାପୁର
ଭୁବନେଶ୍ୱର-୭୫୧୦୦୨ ।

# ॥ ଗୌରୀଶଙ୍କର ଓ 'ଉତ୍କଳ ଦୀପିକା' ॥

## ● ଡକ୍ଟର ବୈଷ୍ଣବ ଚରଣ ସାମଲ

'ଉତ୍କଳ ଦୀପିକା' —ଦୀର୍ଘ ଅର୍ଦ୍ଧ ଶତାବ୍ଦୀ ବ୍ୟାପୀ (୧୮୬୬-୧୯୧୫)ଓଡ଼ିଶାର ସାଂସ୍କୃତିକ, ସାମାଜିକ, ସାହିତ୍ୟିକ, ଧାର୍ମିକ ତଥା ଜାତୀୟ ଜୀବନଧାରାର ମାର୍ମିକ ଆଲେଖ୍ୟ । ମନେହୁଏ ଉତ୍କଳଦୀପିକା ହିଁ ଓଡ଼ିଶାର ଅର୍ଦ୍ଧ-ଶତାବ୍ଦୀର ଇତିହାସ । ଏଇ ଇତିହାସ ସେ କାଳର ପ୍ରତ୍ୟେକଟି ସମ୍ବାଦକୁ ପ୍ରକାଶ କରି ଜାତୀୟ ଜୀବନରେ ନୂତନ ଜାଗରଣରେ ଆଦ୍ୟ ଓଁକାର ସୃଷ୍ଟି କରିଥିଲା । ତେଣୁ ଏ ପତ୍ରିକା ଜାତୀୟ ଜୀବନରେ ଜାଗରଣର ଗାୟତ୍ରୀ– ଓଡ଼ିଆ ଭାଷା, ଶିକ୍ଷା ଓ ସାହିତ୍ୟର ପ୍ରତିଷ୍ଠାରେ ପାଞ୍ଚଜନ୍ୟ । ଏହା ଏକ ସାପ୍ତାହିକ ସମ୍ବାଦପତ୍ର ରୂପେ ଆତ୍ମପ୍ରକାଶ କରିଥିଲେ ହେଁ ଯେପରି ଓଡ଼ିଶାର ସ୍ୱାର୍ଥକୁ ରକ୍ଷା କରିବା ପାଇଁ ସଂଗ୍ରାମୀ ଭୂମିକା ନେଇଥିଲା, ବାସ୍ତବିକ ତାହା ବିସ୍ମୟକର । କର୍ମଯୋଗୀ ଗୌରୀଶଙ୍କର ସ୍ୱୟଂ ଏହି ପତ୍ରିକା ସମ୍ପାଦନ କରି ଯେଉଁ ନିର୍ଭୀକତା ଓ ଜାତୀୟ ମମତାର ପରିଚୟ ଦେଇ ଯାଇଛନ୍ତି ତାହା ବାସ୍ତବିକ ବିସ୍ମୟୋଦ୍ଦୀପକ ।

## 'ଉତ୍କଳ ଦୀପିକା'ର ଜନ୍ମଜାତକ :

ନ' ଅଙ୍କ ଦୁର୍ଭିକ୍ଷର ଠିକ୍ ପର ମୁହୂର୍ତ୍ତରୁ 'ଉତ୍କଳ ଦୀପିକା'ର ଜନ୍ମ । ଇତି ପୂର୍ବରୁ ସାଧୁ ସୁନ୍ଦର ଦାସଙ୍କର ହାତ ଲେଖା ପତ୍ରିକା 'କୁଜିବର' (୧୮୩୮), ରେଭେରେଣ୍ଡ ସି ଲେସିଙ୍କ 'ଜ୍ଞାନରୁଣ' (୧୮୪୯), ଉଇଲସନ ଲେସିଙ୍କ 'ପ୍ରବୋଧ ଚନ୍ଦ୍ରିକା', (୧୮୫୬) ଖ୍ରୀଷ୍ଟାନ୍ ଭର୍ଣ୍ଣାକୁଲାର ଲିଟରେଚର ସୋସାଇଟିର 'ଅରୁଣୋଦୟ' ୧୮୬୧) ଆଦି କେତୋଟି ପତ୍ରପତ୍ରିକା ପ୍ରକାଶ ପାଇଥିଲେ ହେଁ ଏଗୁଡ଼ିକ ଓଡ଼ିଶାର ଜାତୀୟ ଜୀବନର ଆଶା ଆକାଂକ୍ଷାକୁ ପ୍ରକାଶ କରିବାକୁ ସମର୍ଥ ନଥିଲା । ଯଦିଓ 'ପ୍ରବୋଧ ଚନ୍ଦ୍ରିକା' ଥିଲା ଏକ ମାସିକ ସାହିତ୍ୟ ପତ୍ରିକା ଓ ସଂକୀର୍ଣ୍ଣ ଧର୍ମ ପ୍ରଚାର ଏହାର ଲକ୍ଷ୍ୟ ନଥିଲା ତଥାପି ଏହି ପତ୍ରିକା ବେଶୀ ଦିନ ତିଷ୍ଠି ପାରିଲା ନାହିଁ । ମାତ୍ର ତିନି ବର୍ଷ ମଧ୍ୟରେ ଏହାର ତିରୋଧାନ ଘଟିଲା । ଇଂରେଜମାନଙ୍କର ଶୋଷଣ ଓ ପୀଡ଼ନ, ମିଶନାରୀମାନଙ୍କର ଧର୍ମ ପ୍ରଚାର ଓ ଜଗନ୍ନାଥ ତଥା ସନାତନ ହିନ୍ଦୁ ଧର୍ମ ଉପରେ ଆକ୍ରମଣ, ଓଡ଼ିଶାର ଅର୍ଥନୀତି ପ୍ରତି ଇଂରେଜ ଶାସନର ଆଘାତ, ଓଡ଼ିଆ ଭାଷା ପ୍ରତି ଅନୁଦାରତା ବଙ୍ଗୀୟ ଶିକ୍ଷିତ ବ୍ୟକ୍ତିଙ୍କର ଓଡ଼ିଶାରେ ପ୍ରଭାବ ବିସ୍ତାର ଓ ବଙ୍ଗ ଭାଷାର ପ୍ରଚଳନ ପାଇଁ ମସୁଧା, ନ'ଅଙ୍କ ଦୁର୍ଭିକ୍ଷର ଭୀଷଣତା ଆଦି କାରଣରୁ ୧୮୬୬ ମସିହାରେ 'ଉତ୍କଳ ଦୀପିକା'ର ନବଜନ୍ମ ହେଲା ।

ପ୍ରାଚୀନ ସାହିତ୍ୟର ପ୍ରଚାର ନିମନ୍ତେ ଗୌରୀଶଙ୍କର କଟକ ପ୍ରିଣ୍ଟିଂ କମ୍ପାନୀ ପ୍ରତିଷ୍ଠା କଲେ ଏବଂ ଏହି କମ୍ପାନୀ ପ୍ରତିଷ୍ଠା ପାଇଁ ସେ ବହୁ ବ୍ୟକ୍ତିଙ୍କର ସହଯୋଗ ଲାଭ କଲେ ।

"ଛଅଖଣ୍ଡ ଅଂଶ ବା ସାତ ହଜାର ପାଞ୍ଚଶ ଟଙ୍କା ମୂଳଧନରେ ଏହି ପ୍ରିଣ୍ଟିଂ କମ୍ପାନୀ ଗଠିତ ହୋଇଥିଲା ଏବଂ ଏହି କାର୍ଯ୍ୟ ପରିଚାଳନା ଲାଗି କର୍ମୀ ଗୌରୀଶଙ୍କରଙ୍କୁ କର୍ଣ୍ଣଧାର କରାଯାଇଥିଲା ।" (୧) ପ୍ରଥମେ ଏହି କମ୍ପାନୀର କାର୍ଯ୍ୟ ୧୮୬୫ ମସିହା ଜୁଲାଇ ମାସ ପହିଲାରୁ ଜଗମୋହନ ରାୟଙ୍କ ବୈଠକ ଖାନାରେ ଆରମ୍ଭ ହୋଇଥିଲା । ଭଗୀରଥୀ ସାଠିଆଙ୍କ ଅକ୍ଷର ଖୋଦେଇ ଦ୍ୱାରା ପଥରପଟା ଉପରେ ଛାପାକାର୍ଯ୍ୟ ପ୍ରଥମେ କରାଯାଇ ପରେ ଛାପାକଳ ଦ୍ୱାରା ଏହିକାର୍ଯ୍ୟ ସମ୍ପାଦନା ହୋଇଥିଲା । କଟକ ପ୍ରିଣ୍ଟିଂ କମ୍ପାନୀର ଉଦ୍ୟୋଗୀମାନେ ଦେଶର ସମସ୍ତ ଦୁଃଖ ଗୁହାରି ଶୁଣାଇବା ପାଇଁ ଖଣ୍ଡିଏ ସାପ୍ତାହିକ ପତ୍ରିକା ପ୍ରକାଶ କରିବା ଲାଗି ମନସ୍ଥ କଲେ । ହଠାତ 'ନଅଙ୍କ'ର ଘୋର ଦୁର୍ଭିକ୍ଷ କରାଳ ମୁଖ ବ୍ୟାଦାନ କରିବାରୁ ଦେଶର ସେହି ଦୁର୍ଦ୍ଦିନମୟ ଅନ୍ଧକାର ମଧ୍ୟରେ ସେମାନଙ୍କ ଉଦ୍ୟୋଗରେ 'ନବଯୁଗର ଉଷାପ୍ରଭା' ପ୍ରାୟ 'ଦୀପିକା' ଦେଖା ଦେଲା । ଛାପାଖାନା ବସିବାର ପ୍ରାୟ ମାସେକ ପରେ ଅଥବା ୧୮୬୬ ଖ୍ରୀଷ୍ଟାବ୍ଦର ଅଗଷ୍ଟ ମାସରେ ଉତ୍କଳ ଦୀପିକାର ପ୍ରଥମ ସଂଖ୍ୟା ପ୍ରକାଶିତ ହୋଇଥିଲା ଏବଂ ବର୍ଷ ଶେଷରେ ପୁଣି ୧୮୬୭ ଅବ୍ଦର ଜାନୁୟାରୀ ମାସ ପହିଲା ଠାରୁ ତାହାର ଦ୍ୱିତୀୟ ବର୍ଷର ଗଣନା ଆରମ୍ଭ ହୋଇଥିଲା । ପରିଚାଳକଗଣଙ୍କ କର୍ତ୍ତୃକ କର୍ମୀ ଗୌରୀଶଙ୍କରହିଁ ଏହି ପତ୍ରିକାର ଯୋଗ୍ୟ ସମ୍ପାଦକ ନିର୍ବାଚିତ ହୋଇଥିଲେ । ରାଜସେବାର ଆକଟ ମଧ୍ୟରେ ଥାଇ ଏପରି ଏକ ସଙ୍କଟ ସଂକୁଳ ଦେଶସେବାର ଗୁରୁଭାର ବହନ କରିବାକୁ ସମ୍ମତ ହେବା ଦ୍ୱାରା ଗୌରୀଶଙ୍କର ଯଥାର୍ଥ ଦେଶ ହିତୈଷିତାର ପରିଚୟ ଦେଇଅଛନ୍ତି ।

ଗୌରୀଶଙ୍କରଙ୍କର ସମ୍ପାଦକତ୍ୱର ବିଶେଷତ୍ୱ ହେଉଛି ଯେ ଆପଣାର ମତକୁ ଧୀର ବିଚାର ବୁଦ୍ଧି ଦ୍ୱାରା ପ୍ରକାଶ କରି ସରକାରଙ୍କ ନିକଟରେ ଦାବୀ ଜଣାଉଥିଲେ । ସରକାର ଓ ଜନସାଧାରଣ, ରାଜା ଓ ପ୍ରଜାଙ୍କ ମଧ୍ୟରେ ତାଙ୍କର ପତ୍ରିକା ଥିଲା ଯଥାର୍ଥରେ ଏକ ମଧ୍ୟସ୍ଥି । ଏହି କାରଣରୁ "ଉତ୍କଳରେ ପରେ ଅନେକ ପତ୍ରିକା ଦେଖା ଦେଇ ତେଜସ୍ୱୀତା ପ୍ରକାଶ କରିଥିଲେହେଁ, ଦୀପିକା ଉତ୍କଳର ମୁଖପତ୍ର ରୂପେ ରାଜଦ୍ୱାରରେ ଗୃହୀତ ହୋଇଥିଲା ।" (୨) ଡକ୍ଟର ବଂଶୀଧର ମହାନ୍ତି ମଧ୍ୟ କହନ୍ତି—'୧୮୬୬ ଦୁର୍ଭିକ୍ଷ ବେଳେ ଜନତାର ମୁଖପତ୍ର ଉତ୍କଳ ଦୀପିକା ଯଦି ପ୍ରକାଶ ପାଇ ନ ଥାନ୍ତା ତେବେ ଆହୁରି ଯେ କେତେ ଲୋକ ମୃତ୍ୟୁବରଣ କରିଥାନ୍ତେ ତାହା କହି ହୋଇ ନଥାନ୍ତା । '(୩) ବାସ୍ତବିକ ଓଡ଼ିଶାର ପ୍ରଥମ ସମ୍ବାଦପତ୍ର ଥିଲା ଓଡ଼ିଶାର ଯଥାର୍ଥ ମୁଖପତ୍ର । ନଅଙ୍କ ଦୁର୍ଭିକ୍ଷର କରାଳ ଅବସ୍ଥାର ଠିକ ଅବ୍ୟବହିତ ପରେ ପରେ ଏହାର ଜନ୍ମ ଏବଂ ଓଡ଼ିଶାର ଦୁର୍ଗତି ନିବାରଣ ପାଇଁ ଏହାର ସଂଗ୍ରାମ ଓ ସାଧନା । ତେଣୁ ଏହି ପତ୍ରିକା ଥିଲା ଅର୍ଦ୍ଧ ଶତାବ୍ଦୀ ବ୍ୟାପୀ ଓଡ଼ିଶାର ଭାଗ୍ୟଲିପି- ସଂଗ୍ରାମୀ ସାଧନାର ମର୍ମବାଣୀ

---

୧) ମୃତ୍ୟୁଞ୍ଜୟ ରଚନାବଳୀ - ପୃ ୩୫୭ ।

୨) ମୃତ୍ୟୁଞ୍ଜୟ ରଚନାବଳୀ—କର୍ମଯୋଗୀ ଗୌରୀଶଙ୍କର—ପୃ-୩୬୧ ।

୩) ଡକ୍ଟର ବଂଶୀଧର ମହାନ୍ତି—୧୮୬୬ ଉତ୍କଳ ଦୀପିକା -- ମୁଖବନ୍ଧ-ପୃ-୧୧ ।

## ନଅଙ୍କ ଦୁର୍ଭିକ୍ଷ ଓ 'ଉତ୍କଳ ଦୀପିକା' :

୧୮୬୬ ମସିହାରେ ନଅଙ୍କ ଦୁର୍ଭିକ୍ଷର ଠିକ୍ ପରବର୍ତ୍ତୀ କାଳରେ 'ଉତ୍କଳ ଦୀପିକା'-ର ଜନ୍ମ । ଏହି ପତ୍ରିକା ପ୍ରକାଶ ପାଇବା ସଙ୍ଗେ ସଙ୍ଗେ ନଅଙ୍କ ଦୁର୍ଭିକ୍ଷର କରାଳ ଚିତ୍ର ଦେଶବାସୀଙ୍କ ସମ୍ମୁଖରେ ପ୍ରକାଶ କଲା ଓ ସରକାରଙ୍କ ଦୃଷ୍ଟି ଦୁର୍ଭିକ୍ଷ ନିବାରଣ ପାଇଁ ଆକର୍ଷଣ କରିବାକୁ ସମର୍ଥ ହେଲା । ଏକ ପ୍ରାଚୀନ ଐତିହ୍ୟ ସମ୍ପନ୍ନ ଜାତି କିପରି ଦୁର୍ଭିକ୍ଷ କବଳରେ ପଡ଼ି ମ୍ରିୟମାଣ ହୋଇ ପଡ଼ିଲା ସେ ବିଷୟରେ ଦୀପିକା ପ୍ରାଞ୍ଜଳ ଭାବରେ ବିବରଣୀମାନ ପ୍ରକାଶ କଲା । ଗୋଟିଏ ସଂଖ୍ୟାରେ ଦୀପିକ ଲେଖିଛି :— ଏଥି ମଧ୍ୟରେ ଫସଲ କଟା ହେବାରୁ ପ୍ରାୟ ଦୁଇମାସ ପର୍ଯ୍ୟନ୍ତ ଚାଉଳ ସୁସାର ରୂପେ ମିଳିଲା ଟଙ୍କାକୁ ସେ ୭ ର ଓ କେବେ କେବେ ସେ ୮ ର ପ୍ରାପ୍ତ ହେଲା । ମାତ୍ର ଉକ୍ତ ଫସଲ ଅତ୍ୟଳ୍ପ ଥିବାରୁ ଶୀଘ୍ର ତାହା ଶେଷ ହେଲା । କେତେକ ସତର୍କ ଭୂମ୍ୟାଧିକାରୀ ଓ କୃଷିକାରୀ ବ୍ୟତିରେକେ ଅନ୍ୟ କାହାରି ହସ୍ତରେ ଶସ୍ୟ ରହିଲା ନାହିଁ । ବେପାରି-ମାନେ ନାନା ସ୍ଥାନରୁ ଚାଉଳ ଖୋଜି ଆଣିଲେ ଓ କୌଣସି ସ୍ଥାନରେ କୃଷି ଉତ୍ତମ ରୂପେ ହୋଇ ନ ଥିବାରୁ ଅଳ୍ପ କାଳରେ ସର୍ବତ୍ର ସମାନପର ହୋଇଗଲା । ଓ କ୍ରମେ କ୍ରମେ ଦେଶର ଶସ୍ୟ ଯେ ରୂପ ଶେଷ ହେବାକୁ ଆରମ୍ଭ ହେଲା ଦୁଃଖ ବୃଦ୍ଧି ହେଲା ଓ ସେହି ପରିମାଣରେ ଲୋକମାନେ ଅର୍ଥହୀନ ହୋଇ ପରର ସାହାଯ୍ୟ ଅନ୍ୱେଷଣ କରିବା କାରଣ କେହିବା ଘର ପରିବାରାଦି ତ୍ୟାଗ କରି ସ୍ଥାନାନ୍ତର ହେଲେ କେହିବା ସର୍ବ-ତୋଭାବେ ନିରୁପାୟ ହୋଇ ସପରିବାର ମୃତ୍ୟୁ ଦ୍ୱାରା ଦୁଃସହ ଯନ୍ତ୍ରଣାରୁ ମୁକ୍ତିଲାଭ କଲେ ଏବଂ କେହି କାରାଗାରକୁ ଦୁଃଖର ଶାନ୍ତି ନିକେତନ ଜ୍ଞାନକରି ସ୍ୱଭାବତ ସଚ୍ଚରିତ୍ର ଥିଲେ ସୁଦ୍ଧା କେବଳ ସେଠାରେ ବାସ କରିବାର ଉପଯୁକ୍ତ ହେବା ଲାଗି ବଳାତ୍କାରେ ଦଣ୍ଡନୀୟ ଅପରାଧ କଲେ ।

ଏହି ରୂପ ଦିନ ଦିନ ଲୋକଙ୍କ ଯନ୍ତ୍ରଣା ବୃଦ୍ଧି ହେଲା ଅନ୍ନାଭାବରେ ଲୋକମାନେ କ୍ଷୁଧା ନିବାରଣ ନିମନ୍ତେ ନାନା ଅଖାଦ୍ୟ ପଦାର୍ଥ ଖାଇବାରୁ ଓ ରୌଦ୍ରର ପ୍ରଚଣ୍ଡ ଉତ୍ତାପ ହେବାରୁ ଓଲିଉଠା ରୋଗର ପ୍ରାଦୁର୍ଭାବ ହେଲା । ଅସଂଖ୍ୟ ପ୍ରାଣୀ ନାଶହେଲେ ଓ ଦୁର୍ଭିକ୍ଷର ସମସ୍ତ ଲକ୍ଷଣ ସ୍ପଷ୍ଟ ଦର୍ଶନ ହେଲେ ସୁଦ୍ଧା ଆମ୍ଭର ରକ୍ଷକ ହାକିମ ମାନେ ସେଥିରେ ଭ୍ରୂକ୍ଷେପ ମାତ୍ର କଲେ ନାହିଁ ତଥାଚ ତାହାଙ୍କର ଜ୍ଞାନଥିଲା ଯେ ଦେଶରେ ଶସ୍ୟ ଅଛି । କେବଳ ମହାଜନମାନେ ଲୋଭରୁ ତାହା ଦେଉ ନାହାନ୍ତି । ହାଏ, ଯଦ୍ୟପି ହାକିମମାନେ ଅମ୍ଭମାନଙ୍କର ପ୍ରକୃତ ଅବସ୍ଥା ଜାଣିବାକୁ ଚେଷ୍ଟା କରିଥାନ୍ତେ ତେବେ ସେମାନେ କଦାଚ ଏରୂପ ଭ୍ରମରେ ପଡ଼ନ୍ତେ ନାହିଁ । ଏ ଦେଶର ଲୋକଙ୍କ ମଧ୍ୟରୁ ତିନିଭାଗ କୃଷି ଅଟନ୍ତି ବ୍ୟବସାୟୀ କେବଳ ଏକଭାଗ ହୋଇ ପାରନ୍ତି । ଅତଏବ ତିନିଭାଗ ଲୋକ ଯେଉଁଠାରେ ଅନ୍ନାଭାବରେ ଦୁଃଖପାନ୍ତି ସେଠାରେ ଶସ୍ୟ ଅଛି ବୋଲି କେଉଁ ଜ୍ଞାନୀ ମନୁଷ୍ୟ ବୋଧ କରିବ ? ବିଶେଷରେ ଯେ ଦେଶରେ କୃଷି ଅଧିକାଂଶ ଲୋକଙ୍କର ଜୀବିକା ଏବଂ କ୍ଷେତ୍ରୋତ୍ପନ୍ନ ପଦାର୍ଥ ବିକ୍ରୟ ଦ୍ୱାରା ଅନ୍ୟ ଆବଶ୍ୟକ ବ୍ୟୟମାନ ଚଳେ ସେଠାରେ କି ଶସ୍ୟର ବଡ଼ ମହାଜନ ରହିପାରେ ଓ ଏପରି

ଦେଶରେ ଦୁର୍ଭିକ୍ଷ ପଡ଼ିଲେ ତାହାକି ସହଜରେ ସ୍ଥାନୀୟ ଉପାୟ ଦ୍ୱାରା ନିବାରଣ ହୋଇପାରେ କେହି କେବେ ମଫସଲରେ ଧାନ କାହାରିକୁ ବିକ୍ରି କରିବା ନିକାଶେ ଦୋକାନ ଘେନି ବସିବାର ଦେଖି ଅଛ.? ଏଥିରୁ କେବଳ ଜଣାଯାଏ ଯେ ମଫସଲରେ ଧାନର ଖରିଦଦାର ଅତି ଅଳ୍ପ ଅର୍ଥାତ ଅଧିକାଂଶ ଲୋକଙ୍କ ଘରେ ଧାନ ଥାଏ । ଯଦ୍ୟପି କେତେକ ଜମିଦାର ଧାନ ରଖିଥା'ନ୍ତି ତାହା କେବଳ ଆସନ୍ନ କୃଷିର ଉଦ୍ୟମ କରିବା ନିମନ୍ତେ ପ୍ରଜାମାନଙ୍କୁ ଦେଡ଼ି ଦେଇ ସେମାନଙ୍କର ସୁଯୋଗ କରିଦେବା ନିମନ୍ତେ ସଞ୍ଚୟ କରିଥା'ନ୍ତି । ସେମାନେ ବ୍ୟବସାୟୀ ନୁହନ୍ତି ଏବଂ ଭବିଷ୍ୟତ ଫସଲର ଆଗମନ ଦେଖିଲେ ସହସା ଶସ୍ୟ ଛାଡ଼ିଦେବାକୁ ସମ୍ମତ ହୁଅନ୍ତି ନାହିଁ ଯଦ୍ୟପି ଏ ସମସ୍ତ କଥା ଅଫିସ୍ଥ ହାକିମମାନେ ପୂର୍ବରୁ ବିବେଚନା କରିଥା'ନ୍ତେ ତାହାହେଲେ ଅବଶ୍ୟ ଜାଣି ପାରନ୍ତେ ଯେ ବିଦେଶରୁ ଶସ୍ୟ ଆନୟନ ବିନା ଲୋକଙ୍କର ରକ୍ଷାର ଉପାୟାନ୍ତର ନଥିଲା । ସତ୍ୟ କହିବାର ମୁଖ ରହେ ନାହିଁ । ପରିଶେଷରେ ସେହି କଥା ତାହାଙ୍କର ମନୋନୀତ ହେଲା ଓ ସେହି ଉପାୟ ଅବଲମ୍ବନ ଦ୍ୱାରା ପ୍ରାଣୀଙ୍କ ଦୁଃଖ ବିମୋଚନାର୍ଥ ଯତ୍ନ ପରିପୂର୍ଣ୍ଣ ହେଲେ ମାତ୍ର କେତେ କେତେ ମନୁଷ୍ୟ ଜୀବିତ ହେବା ଉହିରୁ ଏ ଜ୍ଞାନର ଉଦୟ ହେଲା ?" (୪) ଏହି ବିବରଣୀରୁ ଓଡ଼ିଶାରେ ଦୁର୍ଭିକ୍ଷର କରାଳଚିତ୍ର ଦେଖିବାକୁ ମିଳେ । କେବଳ ଏହି ସଂଖ୍ୟା ନୁହେଁ, ଅନ୍ୟାନ୍ୟ ସଂଖ୍ୟା ମାନଙ୍କରୁ ଦୁର୍ଭିକ୍ଷ ସମ୍ପର୍କରେ ନାନା ଲୋମହର୍ଷଣକାରୀ ବିବରଣୀ ସହିତ ଦୁର୍ଭିକ୍ଷ ନିବାରଣ ପାଇଁ ସରକାରଙ୍କ ଉଦ୍ୟମ, ବିଭିନ୍ନ ବଦାନ୍ୟ ଅନୁଷ୍ଠାନ ମାନଙ୍କର ସାହାଯ୍ୟ, ଦୁର୍ଭିକ୍ଷ ସାହାଯ୍ୟ କମିଟି ଆଦି ନାନା ବିଷୟରେ ବିବରଣୀ ମିଳିଥାଏ । ଯେତେବେଳେ ଦୁର୍ଭିକ୍ଷ ସାହାଯ୍ୟ ପାଇଁ ଇଂରେଜ ହାକିମମାନେ ତତ୍ପରତା ପ୍ରକାଶ କରି ଅଛନ୍ତି ସେତେବେଳେ ମଧ୍ୟ ଯେଉଁ ତ୍ରୁଟି ପରିଲକ୍ଷିତ ହୋଇଅଛି ଦୀପିକା ତାକୁ ସମାଲୋଚନା କରିଅଛି । " × × × ମାତ୍ର ଦୁଃଖର ବିଷୟ ଯେ ସାହାଯ୍ୟ କର୍ମ ଦ୍ରୁତ ରୂପ ନିର୍ବାହ ହେଉନାହିଁ । ଅସହାୟ ବାଳକ ବାଳିକାଙ୍କ ରକ୍ଷା ପ୍ରସଙ୍ଗ ପ୍ରାଏ ତିନିମାସ ହେଲା ସାହାଯ୍ୟ କମେଟୀଙ୍କ ମନେ ପଡ଼ିଥିଲା ତଥାପି ସେମାନଙ୍କ ଦୁରବସ୍ଥା ଯେ ଏ ପର୍ଯ୍ୟନ୍ତ ମୋଚନ ନ ହେଲା ଏଥିର ଦୋଷ କାହା ଉପରେ ଦିଆଯାଇ ପାରେ । ସାହାଯ୍ୟ କମେଟି ସୁବିଚାର ପୂର୍ବକ ପ୍ରଥମରୁ ଉଦଯୋଗୀ ହୋଇଥିଲେ ବର୍ତ୍ତମାନ ପିଲାମାନଙ୍କ ପକ୍ଷରେ କୌଣସି ବିଧାନ କରିବାର ଆବଶ୍ୟକ ହୁଅନ୍ତା ନାହିଁ । ସାହାଯ୍ୟ କମେଟୀର ମେମ୍ବରମାନେ ଏକଜଣ ହିନ୍ଦୁ ଛଡ଼ା ସମସ୍ତେ ଇଂରାଜୀ ଲୋକ ଅଟନ୍ତି । ସେମାନେ ଦେଶର ଅବସ୍ଥା ବିବେଚନା ନ କରି ଆପଣା ଆପଣା ଉତ୍କୃଷ୍ଟ ଗୁଣର ଅଭିମାନରେ ଜଣେ ପାଦ୍ରୀ ସାହେବଙ୍କୁ ପିଲଙ୍କର ଭରଣ ପୋଷଣ କର୍ମରେ ନିଯୁକ୍ତ କରିବାରୁ ଲୋକଙ୍କମନେ ଏହି ଭୟ ହେଲା ଯେ ଯୀଶୁଖ୍ରୀଷ୍ଟଙ୍କ ଦଳ ବୃଦ୍ଧି ନିମନ୍ତେ ଏ ରୂପ ଉପାୟ ହୋଇଅଛି । ଏହି ହେତୁରୁ ଦୁଃଖୀମାନେ ବହୁ କଷ୍ଟ ପାଇଲେ ସୁଦ୍ଧା ଆପଣା ଆପଣା ଅସ୍ଥି ଚର୍ମାବଶିଷ୍ଟ ସନ୍ତାନମାନଙ୍କୁ ପାଦ୍ରୀ ସାହେବଙ୍କ ନିକଟକୁ ପଠାଇଲେ ନାହିଁ । ଯଦ୍ୟପି କୌଣସି ହିନ୍ଦୁ ହସ୍ତରେ ଉକ୍ତଭାର ଅର୍ପଣ ହୋଇଥାନ୍ତା ତେବେ ବର୍ତ୍ତମାନ ସମୟରେ ଏକ ଜଣ ସୁଦ୍ଧା ଅସହାୟ

---

୪) ଉତ୍କଳ ଦୀପିକା – ପ୍ରଥମଭାଗ/ତୃତୀୟ ସଂଖ୍ୟା, ତା-୧୮-୮ ୧୮୬୬ ।

ବାଳକ ନଗରରେ ଭ୍ରମଣ କରିବାର ଦେଖାଯାନ୍ତା ନାହିଁ ଏବଂ ଅନେକ ଦୁଃଖୀଲୋକ ଆପଣା ସନ୍ତାନମାନଙ୍କୁ କେବଳ କାଳଗ୍ରାସରୁ ମୁକ୍ତ କରିବା ସକାଶେ ନାମମାତ୍ର ଧନ ଲୋଭରେ କମ୍ବା ବିନା ମୂଲ୍ୟରେ ବେଶ୍ୟାଙ୍କ ହସ୍ତରେ ବିକ୍ରି କରନ୍ତେ ନାହିଁ । ହା, ସାହାଯ୍ୟ କମିଟିର ଅମନଯୋଗ ହେତୁରୁ କେତେ ନିର୍ଦ୍ଦୋଷୀ ପ୍ରାଣୀ ଭବିଷ୍ୟତରେ ଅତ୍ୟନ୍ତ ଦୂଷିତ କର୍ମଦ୍ୱାରା ଜୀବନ ନିର୍ବାହ କରିବାକୁ ବାଧ୍ୟ ହେଲେ ।" (୫) ୧୮୬୭ ମସିହାର ବିଭିନ୍ନ ସଂଖ୍ୟା ମାନଙ୍କରେ ଦୁର୍ଭିକ୍ଷର କାରଣ ଓ ଦୁର୍ଭିକ୍ଷ ସାହାଯ୍ୟ କମିଟିର କାର୍ଯ୍ୟ କଳାପ ସମ୍ପର୍କରେ ଦୀପିକା ନିର୍ଭୀକ ଭାବରେ ନାନା ବିବରଣୀ ସଂଗ୍ରହ କରିଥିଲା ।

ଉତ୍କଳ ଦୀପିକାର ବିଭିନ୍ନ ସଂଖ୍ୟାରେ ନଅଙ୍କ ଦୁର୍ଭିକ୍ଷର କରାଳ ଚିତ୍ରକୁ ମର୍ମସ୍ପର୍ଶୀ ଭାବରେ ପ୍ରକାଶ କରାଯାଇ ତାର ପ୍ରତିକାର ପାଇଁ ମଧ୍ୟ ସୁଚିନ୍ତିତ ପରାମର୍ଶ ପ୍ରଦାନ କରାଯାଇ ଅଛି । କେଉଁ କାରଣରୁ ଦୁର୍ଭିକ୍ଷ ହେଲା ଓ ଏହାଦ୍ୱାରା କିପରି ଅଗଣିତ ଜନସାଧାରଣ ଖାଦ୍ୟ ଅଭାବରୁ ମୃତ୍ୟୁବରଣ କଲେ ତାର ବାସ୍ତବ ଚିତ୍ର ଉତ୍କଳ ଦୀପିକା-ରୁହିଁ ଦେଖିବାକୁ ମିଳେ । ସରକାରଙ୍କ ଦୋଷ ତ୍ରୁଟିକୁ ମଧ୍ୟ ଦୀପିକା ଯଥାର୍ଥ ଭାବରେ ଦେଖାଇ ଦେଇଅଛି । ଦୁର୍ଭିକ୍ଷ ଫଳରେ ଓଡ଼ିଶାର ଅର୍ଥନୀତି କିପରି ଦୋହଲିଗଲା ଓ ଓଡ଼ିଶାର ସାମାଜିକ ଜୀବନରେ ମିଶନାରୀମାନେ କିପରି ଧର୍ମ ପ୍ରଚାର କରିବାର ସୁଯୋଗ ଲାଭ କଲେ ତାର ଚିତ୍ର ମଧ୍ୟ ଦୀପିକା ପୃଷ୍ଠାରୁ ଦେଖିବାକୁ ମିଳେ । ଖ୍ରୀଷ୍ଟିଆନ୍ ପାଦ୍ରି ମାନଙ୍କର ଦୁର୍ଭିକ୍ଷ ସାହାଯ୍ୟକୁ ସେତେବେଳେ ଲୋକମାନେ କିପରି ଦେଖୁଥିଲେ ତା'ର ଚିତ୍ର ମଧ୍ଯ ଉତ୍କଳ ଦୀପିକାରେ ଅଛି । " ପାଦ୍ରି ସମ୍ପ୍ରଦାୟ ଏମାନଙ୍କର ରକ୍ଷଣାବେକ୍ଷଣରେ ଉପଯୁକ୍ତ ପାତ୍ର ନୁହନ୍ତି କାରଣ ସେ ଯେତେ ଯତ୍ନ ଓ ସତତା ସହିତ ଏ ଗୁରୁତର ଭାର ନିର୍ବାହ କରନ୍ତୁ ଅନେକ ଲୋକମାନେ ମନେ କରନ୍ତି ଯେ କେବଳ ଖ୍ରୀଷ୍ଟିଆନ ଦଳବୃଦ୍ଧି କରିବା ଲାଗି ସେମାନେ ଏ ଭାର ଗ୍ରହଣ କରିଅଛନ୍ତି ଓ ସରକାର ମଧ୍ୟ ଉକ୍ତ ଧର୍ମ ପ୍ରତି ପକ୍ଷପାତ ଦର୍ଶାଇ ତାହାଙ୍କ ଠାରେ ପିଲାମାନଙ୍କୁ ଅର୍ପଣ କରିଅଛନ୍ତି । ଯେଉଁ ପିଲାମାନେ ନିତାନ୍ତ ଶିଶୁ ସେମାନଙ୍କ କଥା ବିଚାରିବା ଅନାବଶ୍ୟକ ମାତ୍ର ଯେଉଁମାନଙ୍କଠାରେ କିଞ୍ଚିତ ଜ୍ଞାନ ହୋଇ ଅଛି ସେମାନେ ସ୍ୱୟଂ ପାଦ୍ରି ସାହେବଙ୍କ ଦ୍ୱାରା ପ୍ରତିପାଳିତ ହେବାକୁ ଆନିଚ୍ଛା ପ୍ରକାଶ କରି ଅଛନ୍ତି ।" (୬) ଅତଏବ ଦୁର୍ଭିକ୍ଷର ଚିତ୍ର ପ୍ରଦାନ କରିବା ସଙ୍ଗେ ସଙ୍ଗେ ଏହା କିପରି ଓଡ଼ିଶାର ସାମାଜିକ ଜୀବନକୁ ଦୋହଲାଇ ଦେଇଥିଲା ତାର ବାସ୍ତବ ଚିତ୍ର ଉତ୍କଳ ଦୀପିକାରୁ ମିଳିଥାଏ । ବାରମ୍ବାର ଦୁର୍ଭିକ୍ଷ ସଂପର୍କରେ ସମ୍ବାଦ ପ୍ରକାଶ, ସରକାରଙ୍କ ଦୋଷ ଦୁର୍ବଳତା ସମ୍ବନ୍ଧରେ ବିଚାର, ଖ୍ରୀଷ୍ଟିଆନ ପାଦ୍ରିମାନଙ୍କର ସାହାଯ୍ୟ ଅନ୍ତରାଳରେ ଥିବା ପ୍ରଚ୍ଛନ୍ନ ଉଦ୍ଦେଶ୍ୟ, ଦୁର୍ଭିକ୍ଷ ଫଳରେ ସାମାଜିକ ବ୍ୟଭିଚାର, ନୂତନ ପତିତ ସମାଜର ସୃଷ୍ଟି ଆଦି ନାନା କଥାକୁ ଉତ୍କଳ ଦୀପିକା ନିର୍ଭୀକ ଭାବରେ ପ୍ରକାଶ କରି ସ୍ଥାୟୀ ପ୍ରତିକାର ପାଇଁ ସରକାରଙ୍କ ଉପରେ ନୈତିକ ଚାପ ପକାଇବାକୁ ସମର୍ଥ ହୋଇ ପାରିଥିଲା । ଏହି କାରଣରୁ କୁହାଯାଇଥାଏ ଯେ ଦୁର୍ଭିକ୍ଷ ପୂର୍ବରୁ ବା

୫) ଉତ୍କଳ ଦୀପିକା—ପ୍ରଥମ ଭାଗ/ଦ୍ୱିତୀୟ ସଂଖ୍ୟା ତା ୧୧-୮-୧୮୬୬ ।

୬) ଉ. ଦୀ. ୨୪/୨ ସ ୧୨-୧-୧୮୬୭

ଦୁର୍ଭିକ୍ଷ ସମୟରେ ଯଦି ଉତ୍କଳ ଦୀପିକା ପ୍ରକାଶ ପାଇଥା'ନ୍ତା ତେବେ ଓଡ଼ିଶାରେ ଦୁର୍ଭି ଜନିତ କରୁଣ ପରିସ୍ଥିତି ସୃଷ୍ଟି ହୋଇ ନ ଥାନ୍ତା ।

## ଧର୍ମ, ସମାଜ ଓ ଉତ୍କଳ ଦୀପିକା :

ଊନବିଂଶ ଶତାବ୍ଦୀରେ ଇଂରେଜମାନଙ୍କର ଶାସନ ବିସ୍ତାର, ଖ୍ରୀଷ୍ଟିଆନ ପାଦ୍ରୀ ମାନଙ୍କର ଧର୍ମ ପ୍ରଚାର, ବ୍ରାହ୍ମ ଧର୍ମର ସୃଷ୍ଟି ଓ ବିକାଶ, ମହିମା ଧର୍ମର ଉତ୍‌ଥାନ, ହିନ୍ଦୁ ଧର୍ମର ପୁନର୍ଜାଗରଣ, ଜଗନ୍ନାଥ ଧର୍ମପ୍ରତି ମିଶିନାରୀ ମାନଙ୍କର ଆକ୍ରମଣ ଓ ଇଂରେ ସରକାରଙ୍କ ଅନାସ୍ଥା, ପୁରୀର ରାଜା ଦିବ୍ୟସିଂହ ଦେବଙ୍କ ପ୍ରତି ଦଣ୍ଡାଦେଶ ଆଦି ବିଭିନ ଘଟଣା ତତ୍‌କାଳୀନ ଜୀବନକୁ ବହୁଭାବରେ ପ୍ରଭାବିତ କରିଥିଲା । ଏହି ସମସ୍ତ ଘଟଣ ପ୍ରତି ଉତ୍କଳ ଦୀପିକା ସଚେତନ ଥାଇ ବିଭିନ୍ନ ସମ୍ବାଦକୁ ପ୍ରକାଶ କରୁଥିଲା । ଦୀପିକ ଥିଲା ରକ୍ଷଣଶୀଳ ହିନ୍ଦୁ ଧର୍ମର ପକ୍ଷପାତୀ । ଯେତେ ଅନ୍ୟାନ୍ୟ ଧର୍ମଧାରା ଏ ସମୟରେ ପ୍ରଭାବ ବିସ୍ତାର କରିଥିଲେ ହେଁ ଦୀପିକା ସେ ସବୁକୁ ସ୍ୱାଗତ କରିନାହିଁ । ବରଂ ସେ ସଂକ୍ରାନ୍ତୀୟ ସମ୍ବାଦମାନ ପ୍ରକାଶ କରି ସେଥିପ୍ରତି ଜନସାଧାରଣଙ୍କ ଦୃଷ୍ଟି ଆକର୍ଷ କରିଥିଲା । ଦୁର୍ଭିକ୍ଷ କବଳରେ ପଡ଼ି ବହୁ ବ୍ୟକ୍ତି ଜୀବନ ବଞ୍ଚାଇବା ପାଇଁ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ । ବହୁ ଅନାଥ ବାଳକ ବାଳିକା ମଧ୍ୟ ପାଦ୍ରୀମାନଙ୍କ ଦ୍ୱାରା ଏହି ଧର୍ମ ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲେ । ଗୌରୀଶଙ୍କର ଏହି ଘଟଣାକୁ ଅନୁମୋଦ କରି ନାହାନ୍ତି । ସେ ଖ୍ରୀଷ୍ଟ ଧର୍ମକୁ ନିନ୍ଦା କରି ନାହାନ୍ତି ମାତ୍ର କୌଣସି ହିନ୍ଦୁ ଏହି ଧର୍ମ ପ୍ରତି ଆକୃଷ୍ଟ ହୋଇ ଗ୍ରହଣ କଲେ ନିନ୍ଦା କରି ଅଛନ୍ତି । ଅପର ପକ୍ଷରେ ସେ ଖ୍ରୀଷ୍ଟିଆନ ପାଦ୍ରୀମାନଙ୍କ ଲୋକସେବା ମୂଳକ କାର୍ଯ୍ୟକୁ ମଧ୍ୟ ସତତ ପ୍ରଶଂସା କରି ଅଛନ୍ତି ।

ଊନବିଂଶ ଶତାବ୍ଦୀର ଓଡ଼ିଶାର ମଧ୍ୟ ବ୍ରାହ୍ମଧର୍ମ ଓ ମହିମା ଧର୍ମର ବିକାଶ ଓ ପ୍ରଚାର ହୋଇଥିଲା । ମହିମାଧର୍ମକୁ ଦୀପିକା 'ନୂତନ ଧର୍ମ ପ୍ରଚାର' ରୂପେ ଆଖ୍ୟାତ କରି ଅଛନ୍ତି । ଏ ସମ୍ପର୍କରେ ଦୀପିକା ଲେଖିଛନ୍ତି—"କଟକର ନିକଟସ୍ଥ କେତେକ ଗଡ଼ଜାତ ମାନଙ୍କର ଏକ ନୂତନ ଧର୍ମ ପ୍ରଚାର ହେବାର ଉପକ୍ରମ ହୋଇଅଛି । ଏ ଧର୍ମର ନାମ ମହିମା । ଢେଙ୍କାନାଳର ଅନ୍ତଃଗାମୀ କପିଳାସ ପର୍ବତରେ ଏକ ଫଳାହାରୀ ସନ୍ୟାସୀ ଥିଲେ । ସେ ପ୍ରଥମେ କିଛି ଦିନ ଫଳାହାର କଲେ ତହିଁ ଉତ୍ତାରେ ଦୁଗ୍ଧ ପାନ କଲେ ଓ ଶେଷରେ କେବଳ ଜଳପାନ ଦ୍ୱାରା ଜୀବନ ଧାରଣ କରି ଶିବପୂଜା କରିଥିଲେ । ଏକ ଦିନ ସେ ଆକାଶବାଣୀ ଶ୍ରବଣ କରି ତଦନୁସାରେ ଜଟା ମୁଣ୍ଡନ କରି ସନ୍ୟାସ ଧର୍ମ ତ୍ୟାଗ କଲେ । ବର୍ତ୍ତମାନ ସେ ବକ୍କଳ ପରିଧାନ କରି ନୂତନ ଏକ ଧର୍ମ ପ୍ରଚାର କରିବାରେ ପ୍ରବୃତ୍ତ ହୋଇ ଅଛନ୍ତି । ଏ ଧର୍ମରେ ଜାତି ବିଚାର ନାହିଁ, ଶ୍ରାଦ୍ଧାଦି କ୍ରିୟା ଓ ପିତୁଳା ପୂଜା ନିଷେଧ, କେବଳ ଏକମାତ୍ର ଈଶ୍ୱର ଏ ଧର୍ମାବଲମ୍ବୀ ମାନଙ୍କର ସେବ୍ୟ ଅଟନ୍ତି । ଉକ୍ତ ଧର୍ମ ପ୍ରଚାରକ ଅତି ନିର୍ଲୋଭ ଏବଂ ଲୋକମାନଙ୍କୁ ଖୋଇଦେବା ବିଷୟରେ ବିଶେଷ ତତ୍ପର ଅଟନ୍ତି । ସେ ଏବଂ ତାହାଙ୍କ ଶିଷ୍ୟମାନେ ଗୃହ ମଧ୍ୟରେ ତାମ୍ବା କଂସା ପିତ୍ତଳାଦି କୌଣସି ପାତ୍ରରେ ଭୋଜନ କରନ୍ତି ନାହିଁ ।

ଦାଣ୍ଡ ମଧ୍ୟରେ ଭଙ୍ଗା ଖପରରେ ଯେ କୌଣସି ଜାତି ଯାହାକିଛି ଖାଇବାକୁ ଦେଲେ ଆହାର କରନ୍ତି । ଏକ ଏକ ସ୍ଥାନରେ ଉତ୍ତମ ବଡ଼ ବଡ଼ ଗୃହ ନିର୍ମାଣ କରି ଚାଳିଶ ପଚାଶ ସହସ୍ର ଲୋକଙ୍କୁ ଭୋଜନ ଦିଅନ୍ତି ଓ କେବେକେବେ ଇଚ୍ଛା ହେଲେ ଗୃହକୁ ଭସ୍ମୀଭୂତ କରି ସ୍ଥାନ ତ୍ୟାଗ କରିଯା'ନ୍ତି । ପ୍ରାୟ ୨୦ ରୁ ୩୦ ସହସ୍ର ଲୋକ ଏ ଧର୍ମ ଅବଲମ୍ବନ କରିଥିବା ଶୁଣାଯାଏ । ଉକ୍ତ ସନ୍ୟାସୀ ଯେତେ ସ୍ଥଳକୁ ଯାଇ ଅଛନ୍ତି ସେଠାରେ ଲୋକମାନେ ତାହାଙ୍କର ଏପରି ଆଜ୍ଞାଧୀନ ହୋଇ ଅଛନ୍ତି ଯେ ସେ ଯାହା କହନ୍ତି ସେଥିରେ ଅନ୍ୟଥା କରିବାକୁ କେହି ସାହସୀ ହୁଅନ୍ତି ନାହିଁ ଏବଂ ସେ ଯାହାକୁ ମାଗୁଅଛନ୍ତି ସେ ତାହା ଦେଉଅଛନ୍ତି ।" (୭) ଏହି ନୂତନ ଧର୍ମ ସମ୍ପର୍କରେ ଦୀପିକା ସର୍ବ ପ୍ରଥମେ ସମ୍ବାଦ ପରିବେଷଣ କରି ଓଡ଼ିଶାର ଜନ ସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିଅଛି । ଏହି ଧର୍ମ ଲୋକ ଧର୍ମ । ଏହା ମିଶନାରୀମାନଙ୍କ ଧର୍ମ ପ୍ରଚାର ବା ବ୍ରାହ୍ମଣମାନଙ୍କ ଧର୍ମ ପ୍ରଚାର ପରି ନୁହେଁ । ଏହି ଧର୍ମ ସେତେବେଳେ ଓଡ଼ିଶାର ପୁରପଲ୍ଲୀରେ ଦ୍ରୁତ ଗତିରେ ପ୍ରସାର ଲାଭ କରିବାକୁ ଲାଗିଲା । ବ୍ରାହ୍ମଣମାନେ ଏ ଧର୍ମ ପ୍ରତି ବିଦ୍ୱେଷ ପ୍ରକାଶ କଲେ । ସମାଜର ଉଚ୍ଚ ବଂଶଜମାନେ ମଧ୍ୟ ଏହି ଧର୍ମ ପ୍ରତି ଶ୍ରଦ୍ଧା ପ୍ରକାଶ କଲେ ନାହିଁ । ତତ୍‌କାଳୀନ ପ୍ରଶାସନିକ ସଂସ୍ଥାର ମଧ୍ୟ ଏହି ଧର୍ମ ପ୍ରତି ଶ୍ରଦ୍ଧା ନଥିଲା । ତଥାପି ଏହି ଧର୍ମ ପ୍ରସାର ଲାଭ କରିବାକୁ ଲାଗିଲା । ସନ ୧୮୭୩ ମସିହା ବେଳକୁ ଦୀପିକା ପୁଣି ଲେଖିଥିଲେ—"ଆମ୍ଭମାନଙ୍କ ଯାଜପୁରସ୍ଥ ସମ୍ବାଦଦାତା ଲେଖି ଅଛନ୍ତି ଯେ ଢେଙ୍କାନାଳ ସୁଦ୍ଧା କେଉଁଝରଗଡ଼ ପ୍ରଭୃତି ଗଡ଼ଜାତରେ କୁମ୍ଭିପଟ ନାମଧେୟରେ ପ୍ରାୟ ଚାରିପାଞ୍ଚଶତ ଲୋକ ଏକ ସମ୍ପ୍ରଦାୟ ବାନ୍ଧି ଅଛନ୍ତି । ଏହାଙ୍କ ଅପର ନାମ ମହିମା ବାବାଜୀ । ଏହି ସମ୍ପ୍ରଦାୟ ମଧ୍ୟରୁ ଦୁଇ ଚାରିଜଣ ମଧୁପୁରରେ ପ୍ରବେଶ ହୋଇ ଲୋକଙ୍କ ଜାତି ଧ୍ୱଂସର ଚେଷ୍ଟା କରିବାରେ ରାଜା ତାହାଙ୍କୁ ହିନ୍ଦୁ ଧର୍ମର ବିରୋଧି ଜ୍ଞାନ କରି ଆପଣା ରାଜ୍ୟରୁ ବାହାର କରିଦେଲେ । ସେହି ବୈରାଗୀଙ୍କ ମଧ୍ୟରୁ ଦୁଇଜଣ ଆଜକୁ ମାସ ୨ ହେବ ଯାଜପୁରକୁ ଆସି ବ୍ରାହ୍ମଣ କରଣ ଖଟୀ ପ୍ରଭୃତି ନାନା ଜାତି ମଧ୍ୟରୁ କେତେ ଗୁଡ଼ିଏ ଶିଷ୍ୟ କରି ତାହାଙ୍କୁ ସଙ୍ଗେ ନେଇ ବୁଲୁ ଅଛନ୍ତି । ରାଜା ଓ ବ୍ରାହ୍ମଣ, ଭଣ୍ଡାରି, ଧୋବା, ମାଳୀ ଓ ଦାସୀ ଏହି ପାଞ୍ଚଜାତିକୁ ଛାଡ଼ି ଆଉ ସମସ୍ତଙ୍କ ଘରେ ଭୋଜନ କରନ୍ତି । ଖ୍ରୀଷ୍ଟିଆନଙ୍କୁ ସୁଦ୍ଧା ବାରଣ ନାହିଁ । ଏ ସମସ୍ତଙ୍କ ଘରୁ ଭାତ ମାଗି ନେଇ ହାଣ୍ଡିରେ ରଖି ଦାଣ୍ଡରେ ଗୁରୁ ଶିଷ୍ୟ ସମସ୍ତେ ଏକାଠେ ଭୋଜନ କରି ହାଣ୍ଡିକୁ ଭାଙ୍ଗି ପକାଇ ଦିଅନ୍ତି । ଲୋକେ ଏହାଙ୍କୁ ବଡ଼ ମାନନ୍ତି ଓ କେତେକ ଲୋକ ଏହାଙ୍କ ଠାରେ ଦୁଃଖ ଜଣାଇ ଆଜ୍ଞା ଘେନି ଅତି ଭକ୍ତି ସହିତ ପ୍ରତି ପାଳନ କରି ଅଛନ୍ତି । ପୁତ୍ର କାମନା ସଫଳ କରିବାର ଶୁଣିଯାଏ । ଯାହା ହେଉ ଏହାଙ୍କ ଦ୍ୱାରା ଜାତି ବିନାଶର ପ୍ରବଳ ଉପାୟ ହେବାର ଦେଖି ଯାଜପୁରର ବ୍ରାହ୍ମଣମାନେ ସଭାକରି ସ୍ଥିର କରି ଅଛନ୍ତି ମହିମା ବାବାଙ୍କ ଦ୍ୱାରା ଯାହାଙ୍କର ଜାତି ନାଶ ହୁଅଇ ସେମାନେ ପତିତ ହେବେ ଓ ବିଧିମତେ ପ୍ରାୟଶ୍ଚିତ୍ତ ନ କଲେ କେହି ତାହାଙ୍କର ସଂସର୍ଗୀ ହେବେ

୭) ଉତ୍କଳ ଦୀପିକା — ଦ୍ୱିତୀୟ ଭାଗ/୨୨ ସଂଖ୍ୟା- ତା ୧-୬-୧୮୬୭ ।

ନାହିଁ । ଏପରି ବାଧ୍ୟ ହେବାରୁ ଶିଷ୍ୟଙ୍କ ସଂଖ୍ୟା ଊଣା ହେଉଅଛି ଓ ଯେଉଁମାନେ ଶିଷ୍ୟ ହୋଇ ଅଛନ୍ତି ତାହାଙ୍କ ମଧ୍ୟରୁ ଅନେକ ଲୋକ ଘରକୁ ଫେରି ଆସି ପ୍ରାୟଶ୍ଚିତ୍ତର ଉଦ୍ୟମରେ ଅଛନ୍ତି ।'' (୮)

ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ବେଳକୁ ମହିମା ଧର୍ମ କ୍ରମେ ପ୍ରତିଷ୍ଠା ଅର୍ଜନ କଲା ଓ ୧୮୬୬ ମସିହା ବେଳକୁ ଏହି ଧର୍ମଧାରୀଙ୍କ ସଂଖ୍ୟା ୩୦ ହଜାର ପର୍ଯ୍ୟନ୍ତ ହୋଇଥିଲା ବୋଲି ଉତ୍କଳ ଦୀପିକାରୁ ଜଣା ଯାଇଥାଏ । ସନ ୧୮୭୩ ମସିହା ବେଳକୁ ଏହି ଧର୍ମ ବିରୁଦ୍ଧରେ ବ୍ରାହ୍ମଣମାନେ ସଂଗଠିତ ହେବାକୁ ଲାଗିଲେ । ତଥାପି ଏହି ଧର୍ମ ହ୍ରାସ ପାଇଲା ନାହିଁ । ବରଂ ଏହି ଧର୍ମ କ୍ରମପ୍ରସାରିତ ହେଲା । ଏହି ନୂତନ ଧର୍ମ ସଂପ୍ରଦାୟ ସେତେବେଳେ ସାମାଜିକ ଜୀବନରେ ଗଭୀର ପ୍ରଭାବ ପକାଇଥିଲା । ଏମାନଙ୍କୁ ଯେତେ ମ୍ଳେଚ୍ଛ ଓ ଅଶାଳୀନ କୁହାଗଲେ ମଧ୍ୟ ଏମାନେ ଆପଣାର ଧର୍ମପ୍ରତି ଏକାନ୍ତ ଅନୁରକ୍ତ ଥିଲେ । ଫଳରେ ଏହି ଧର୍ମ ସେତେବେଳେ ଲୋକଧର୍ମରେ ପରିଣତ ହୋଇଯାଇଥିଲା । ଶ୍ରୀ ଜଗନ୍ନାଥଙ୍କ ପ୍ରତି ଆକ୍ରମଣ ଏବଂ ଦାରୁ ବିଗ୍ରହ ଧ୍ୱଂସ କରିବାର ସଂକଳ୍ପ ଯୋଗୁ ଏହି ଧର୍ମ ସେତେବେଳେ ସମଗ୍ର ଦେଶର ଦୃଷ୍ଟି ଆକର୍ଷଣ କରିଥିଲା । 'ଉତ୍କଳଦୀପିକା' ଏହି ନୂତନ ଧର୍ମର ଗତି ବିଧିକୁ ସ୍ପଷ୍ଟ ଲକ୍ଷ୍ୟ କରି ବିଭିନ୍ନ ସଂଖ୍ୟାରେ ପ୍ରକାଶ କରିଥିଲା ଓ ଏ ଧର୍ମ ସଂପର୍କରେ ଜନସାଧାରଣଙ୍କୁ ସଚେତନ କରାଇଥିଲା ।

ଊନବିଂଶ ଶତାବ୍ଦୀର ପରିବର୍ତ୍ତିତ ସାମାଜିକ ମୂଲ୍ୟବୋଧ ଓ ଧର୍ମଧାରାକୁ ଗୌରୀଶଙ୍କର ସ୍ପଷ୍ଟ ଭାବରେ ଉପଲବ୍ଧି କରିଥିଲେ । ତେଣୁ ଉତ୍କଳ ଦୀପିକାର ବିଭିନ୍ନ ସଂଖ୍ୟାରେ ସେ କାଳର ବିଭିନ୍ନ ଧର୍ମଧାରାକୁ ପ୍ରକାଶ କରି ଓଡ଼ିଶାର ଜନ ସାଧାରଣଙ୍କୁ ଅବହିତ କରାଇଥିଲେ । ସେ ନିଜେ ବ୍ରାହ୍ମଧର୍ମାବଲମ୍ବୀ ଥିଲେ ମଧ୍ୟ ହିନ୍ଦୁ ଧର୍ମ ପ୍ରତି ତାଙ୍କର ଥିଲା ଗଭୀର ଶ୍ରଦ୍ଧା ଓ ଅନୁରକ୍ତି । ପଣ୍ଡିତ ମୃତ୍ୟୁଞ୍ଜୟ ତାଙ୍କ ସମ୍ପର୍କରେ ଲେଖିଛନ୍ତି —'' ଗୌରୀଶଙ୍କର ବ୍ରାହ୍ମସମାଜର ରକ୍ଷଣଶୀଳ ବିଭାଗର ଅନ୍ତର୍ଭୁକ୍ତ ଥିଲେ । ସୁତରାଂ ହିନ୍ଦୁ ସମାଜ ସହିତ ତାଙ୍କର ବିଚ୍ଛେଦ କେବେ ଘଟି ନଥିଲା । ବସ୍ତୁତଃ ସେ ବ୍ରାହ୍ମଧର୍ମ ଓ ବ୍ରହ୍ମୋପାସନାକୁ ହିନ୍ଦୁ ଧର୍ମର ସାର ଓ ଶ୍ରେଷ୍ଠ ଅଙ୍ଗ ବୋଲି ମନେ କରୁଥିଲେ । ସଂସ୍କାର ଦ୍ୱାରା ନାନା ଅସାର ଅଂଶ ଓ ଆବର୍ଜନା ଦୂର କରି ସରଳ ଶୁ. ବ୍ରାହ୍ମଧର୍ମ ଗ୍ରହଣ କରିବା ଓ ଜୀବନରେ ବ୍ରହ୍ମୋପାସନାକୁ ସାର ବୋଲି ଅବଲମ୍ବନ କରିବା ହିନ୍ଦୁର କର୍ତ୍ତବ୍ୟ ବୋଲି ସେ ମନେ କରୁଥିଲେ, କିନ୍ତୁ ଉଗ୍ର ସଂସ୍କାର ପଟ କୌଣସି କାଳେ ସେ ପସନ୍ଦ କରୁ ନଥିଲେ ହେଁ ସବୁ ପ୍ରକାର ସଂସ୍କାର କାର୍ଯ୍ୟ ତାଙ୍କର ସହାନୁଭୂତି ଚିରଦିନ ଅକ୍ଷୁଣ୍ଣ ଥିଲା । ''(୯) ଅତଏବ ଗୌରୀଶଙ୍କର ବ୍ରା ଧର୍ମାବଲମ୍ବୀ ହେଲେହେଁ ହିନ୍ଦୁ ଧର୍ମକୁ ଘୃଣା କରି ନାହାନ୍ତି । ବରଂ ହିନ୍ଦୁ ଧର୍ମ ସାରତତ୍ତ୍ୱକୁ ସେ ସମ୍ମାନ ଦେଇ ଅଛନ୍ତି । ତତ୍ ସହିତ ଶ୍ରୀଜଗନ୍ନାଥ ଧର୍ମ ଦର୍ଶନ

---

୮) ଉତ୍କଳ ଦୀପିକା ଅଷ୍ଟମ ଭାଗ/୩୬ ସଂଖ୍ୟା ତା ୬-୯-୧୮୭୩ ।

୯) ପଣ୍ଡିତ ମୃତ୍ୟୁଞ୍ଜୟ ଗ୍ରନ୍ଥାବଳୀ- ପୃ ୩୯୫-୩୯୬ ।

ତାଙ୍କର ଗଭୀର ଶ୍ରଦ୍ଧା ସୃଷ୍ଟି ହୋଇଅଛି । ମହିମା ଧର୍ମ ପ୍ରତି ମଧ୍ୟ ତାଙ୍କର ଉଦାର ଧର୍ମୀୟ ଦୃଷ୍ଟିକୋଣ ପ୍ରକଟିତ ହୋଇଅଛି । ଖ୍ରୀଷ୍ଟଧର୍ମ ପ୍ରତି ତାଙ୍କର ବିଦ୍ୱେଷ ନଥିଲେ ହେଁ ଯେଉଁଠି ସରଳ ହିନ୍ଦୁମାନଙ୍କୁ ଧର୍ମାନ୍ତରଣ କରିବାର ଉଦ୍ୟମ ହୋଇଛି ସେଠି ସେ ଦୀପିକା ମାଧ୍ୟମରେ ସ୍ୱର ଉତ୍ତୋଳନ କରିଛନ୍ତି ।

## ଉତ୍କଳ ସାହିତ୍ୟ ଓ 'ଉତ୍କଳ ଦୀପିକା'

'ଉତ୍କଳ ଦୀପିକା' ଓଡ଼ିଆ ଭାଷା ଓ ସାହିତ୍ୟର ସଙ୍କଟ ମୁହୂର୍ତ୍ତରେ ଆତ୍ମ ପ୍ରକାଶ କରିଥିଲା । ଯେଉଁ ସମୟରେ ବଂଗୀୟ ଭଦ୍ରବ୍ୟକ୍ତିମାନେ ଓଡ଼ିଆ ସାହିତ୍ୟର ଅସାରତା ପ୍ରତିପାଦନ କରୁଥିଲେ ସେହି ସମୟରେ ଉତ୍କଳ ଦୀପିକା ସେମାନଙ୍କ ଯୁକ୍ତିକୁ ଅମୂଳକ କରି ପ୍ରାଚୀନ ଓଡ଼ିଆ ସାହିତ୍ୟର ଗୌରବକୁ ପ୍ରଚାର କଲା । ୧୯୧୬ ମସିହାରେ ଉତ୍କଳ ସାହିତ୍ୟ ସମାଜର ଦ୍ୱାଦଶ ବାର୍ଷିକ ଅଧିବେଶନରେ ଅଭିଭାଷଣ ଦେଇ ଗୌରୀଶଙ୍କର ଓଡ଼ିଆ ସାହିତ୍ୟ ପ୍ରତି ଆପଣାର ଶ୍ରଦ୍ଧା ଓ ଅନୁରକ୍ତି ପ୍ରକାଶ କରିଥିଲେ । ସେ ଅଭିଭାଷଣରୁ ଗୌରୀଶଙ୍କରଙ୍କର ପ୍ରାଚୀନ ଓଡ଼ିଆ ସାହିତ୍ୟ ପ୍ରତି କିପରି ଗଭୀର ମମତା ଥିଲା ତାର ଯଥାର୍ଥ ସୂଚନା ମିଳିଥାଏ । 'ଉତ୍କଳ ପୁତ୍ର' ଠାରୁ ଭଞ୍ଜ ସାହିତ୍ୟ ତଥା ରୀତି ସାହିତ୍ୟ ବିରୋଧୀ ଯେଉଁ ଆଲୋଚନା ଆରମ୍ଭ ହୋଇ 'ଉତ୍କଳ ପ୍ରଭା'ରେ ତୀବ୍ର ଆକାର ଧାରଣ କରି ଏବଂ 'ବିଜୁଳି'ରେ ତାର ପୂର୍ଣ୍ଣାହୁତି ଘଟିଥିଲା ସେହି ସବୁ ଆଲୋଚନାକୁ ଗୌରୀଶଙ୍କର ଲକ୍ଷ୍ୟ କରିଥିଲେ । ତେଣୁ ଦୀପିକାରେ ସେ ଭଞ୍ଜୀୟ କାବ୍ୟ ସପକ୍ଷରେ ନାନା ଯୁକ୍ତି ଉପସ୍ଥାପନ କରି ପ୍ରତିପକ୍ଷମାନଙ୍କର ବକ୍ତବ୍ୟକୁ ଖଣ୍ଡନ କରିଥିଲେ ।

ଦୀପିକା ପ୍ରାଚୀନ ସାହିତ୍ୟର ଗୁଣାତ୍ମକ ବିଶ୍ଳେଷଣ କରି ସେଥିରୁ ଓଡ଼ିଶାର ଐତିହ୍ୟ ଓ ସଂସ୍କୃତିକୁ ବିସ୍ତାର କରିଛି । "ଓଡ଼ିଆମାନେ ସ୍ୱଭାବତଃ ନିର୍ବୋଧ" ପ୍ରତିପକ୍ଷ-ମାନଙ୍କର ଏହି ଉକ୍ତିକୁ ବିରୋଧ କରିବାକୁ ଯାଇ ଦୀପିକା ଲେଖିଥିଲେ— "ବିଦ୍ୟାସୁନ୍ଦର ରଚନାର ଅନେକ ବର୍ଷ ପୂର୍ବରୁ ଦୀନକୃଷ୍ଣ ଦାସ ଯେ ରସକଲ୍ଲୋଳ ନାମକ ପୁସ୍ତକ ରଚନା କରିଅଛନ୍ତି ତାହାର ସହିତ ତୁଳନା କରି ଦେଖିଲେ ବିଦ୍ୟାସୁନ୍ଦର ଅତି ଅପକୃଷ୍ଟ ବୋଧହୁଏ । କି ରଚନା ଚାତୁର୍ଯ୍ୟ କି ସ୍ୱଭାବ ବର୍ଣ୍ଣନା କି ଶ୍ଳେଷ ଓ ଯମକ ରଚନା ସମସ୍ତ ବିଷୟରେ ଦୀନକୃଷ୍ଣ ଭାରତଚନ୍ଦ୍ରଙ୍କ ଠାରୁ ଅଧିକ ପରାକାଷ୍ଠା ଲାଭ କରି ଅଛନ୍ତି । ତଥାପି ଦେଖ ବିଦ୍ୟାସୁନ୍ଦର ଆଜି କି ପର୍ଯ୍ୟନ୍ତ ବିଦ୍ୱାନ ମଣ୍ଡଳୀରେ ସମାଦୃତ ହେଉଛନ୍ତି । ମାତ୍ର ରସକଲ୍ଲୋଳ ପ୍ରତି କେହି ଦୃଷ୍ଟିପାତ କରିବାକୁ ନାହିଁ । ରସକଲ୍ଲୋଳ ଆଦିରସ ଘଟିତ କୁତ୍ସିତ ଶବ୍ଦାଶ୍ରିତ ବୋଲି ଯେ ଯାହା କହନ୍ତୁ ସେଥିରେ ଆମ୍ଭର ବକ୍ତବ୍ୟ ନାହିଁ । ମାତ୍ର ରସକଲ୍ଲୋଳ ଯେ ସର୍ବବିଷୟରେ ବିଦ୍ୟାସୁନ୍ଦର ଠାରୁ ଉତ୍କୃଷ୍ଟ ଗ୍ରନ୍ଥ ତାହାର ସନ୍ଦେହାଭାବ । ଏହି ବାକ୍ୟର ଦୃଢ଼ତା କାରଣ ପ୍ରମାଣ ଦର୍ଶାଇବା ବାହୁଲ୍ୟମାତ୍ର । ଯେ ସହୃଦୟ ବ୍ୟକ୍ତି ଏହି ଗ୍ରନ୍ଥ ଦ୍ୱୟ ପାଠ କରି ଅଛନ୍ତି ସେ ଏହି ଗ୍ରନ୍ଥ ଦ୍ୱୟର ଉତ୍କର୍ଷାପକର୍ଷ ବିଷୟ ହୃଦୟଙ୍ଗମ କରିଅଛନ୍ତି । ଦୀନକୃଷ୍ଣଙ୍କ ପ୍ରଭୃତି ଆହୁରିମଧ୍ୟ ଅନେକ କବି ଅନେକ ବିଷୟରେ ଅନେକ ଗ୍ରନ୍ଥ ରଚନା କରି ଅଛନ୍ତି ।

ମୁଦ୍ରାଯନ୍ତ୍ର ଅଭାବରେ ଅନେକ ଗ୍ରନ୍ଥ ଲୋପ ହୋଇଅଛି । ଓଡ଼ିଶାର କବିକୁଳକେଶରୀ ଉପେନ୍ଦ୍ର ଭଞ୍ଜ ୫୨ ଖଣ୍ଡ ଗ୍ରନ୍ଥ ରଚନା କରି ଅଛନ୍ତି ମାତ୍ର ଇଦାନୀଂ ପ୍ରଶଂସିତ କବି ରଚିତ ୨୦/୨୫ ଖଣ୍ଡ ଗ୍ରନ୍ଥରୁ ଅଧିକ ମିଳୁନାହିଁ ।" (୧୦) ଏହିପରି ଓଡ଼ିଆ ସାହିତ୍ୟର ବିଭିନ୍ନ ଦିଗ ସମ୍ପର୍କରେ ଦୀପିକା ବିଭିନ୍ନ ସମୟରେ ସ୍ୱତନ୍ତ୍ର ମତ ପ୍ରଦାନ କରିଅଛି । ପ୍ରାଚୀନ ସାହିତ୍ୟକୁ ଦୀପିକା ନିନ୍ଦା କରିନାହିଁ ବରଂ ଓଡ଼ିଆ ଜାତୀୟତାର ମୂଳ ପିଣ୍ଡ ରୂପେ ପ୍ରାଚୀନ ସାହିତ୍ୟକୁ ଗ୍ରହଣ କରିଅଛି । ପ୍ରାଚୀନ ସାହିତ୍ୟର ପ୍ରଶଂସା କଲେହେଁ ନୂତନ ସାହିତ୍ୟକୁ ନିନ୍ଦା କରିନାହିଁ । ବରଂ ନୂତନ ଓଡ଼ିଆ ସାହିତ୍ୟର ବିକାଶ ପାଇଁ ଦୀପିକା ଦେଇଛି ପ୍ରେରଣା । ଯେଉଁଠି ଅଯଥାରେ ପ୍ରାଚୀନ ସାହିତ୍ୟର ଅପନିନ୍ଦା କରାଯାଇଛି ସେଇଠି ଦୀପିକା ତାର ବିରୋଧ କରିଛି ।

## ବାର୍ତ୍ତାମୁଖୀ ସମାଲୋଚନା ଓ 'ଉତ୍କଳ ଦୀପିକା'

ଓଡ଼ିଆ ସାହିତ୍ୟରେ ସମାଲୋଚନାର ବିଧିବଦ୍ଧ ବିକାଶ ପୂର୍ବରୁ ସର୍ବପ୍ରଥମେ ଉତ୍କଳ ଦୀପିକାରେ ବାର୍ତ୍ତାମୁଖୀ ସମାଲୋଚନାର ଧାରା ଆରମ୍ଭ ହୋଇଥିଲା । ଏହି ଧାରା ପରବର୍ତ୍ତୀ କାଳରେ ବାଲେଶ୍ୱର ସମ୍ବାଦ ବାହିକା, ଉତ୍କଳ ପୁତ୍ର, ଓଡ଼ିଆ ଓ ନବ ସମ୍ବାଦ ପତ୍ର ପତ୍ରିକାରେ ପ୍ରଚଳିତ ହୋଇଥିଲା । ପ୍ରାଚୀନ ସାହିତ୍ୟ ସମ୍ପର୍କରେ ଯେପରି ଏ ସବୁ ପତ୍ରିକାମାନ ସଂକ୍ଷିପ୍ତ ସମାଲୋଚନା ସମ୍ବାଦିକ ଶୈଳୀରେ ପ୍ରକାଶ କରୁଥିଲେ ସେହିପରି ମଧ୍ୟ ସମସାମୟିକ ସାହିତ୍ୟ ସୃଷ୍ଟି ସମ୍ପର୍କରେ ନାନା ମନ୍ତବ୍ୟ ପ୍ରଦାନ କରୁଥିଲେ । ଏ ଦିଗରେ 'ଉତ୍କଳ ଦୀପିକା' ଥିଲା ଅଗ୍ର ସାରଥୀ । ବ୍ୟାସକବି ଫକୀରମୋହନ ସେନାପତିଙ୍କ ପ୍ରାଥମିକ ସୃଷ୍ଟି ସମ୍ପର୍କରେ ସର୍ବପ୍ରଥମେ 'ଭସ୍ୟ ବିଗ୍ରହକସ୍ୟ'ଙ୍କ ପତ୍ର ମାଧ୍ୟମରେ ଦୀପିକାରେ ସମାଲୋଚନା ପ୍ରକାଶ ପାଇଥିଲା । ୧୮୬୭ ମସିହା ଫେବୃଆରୀ ୨୪ ତାରିଖ ସଂଖ୍ୟାରେ ଫକୀରମୋହନଙ୍କ 'ଜୀବନ ଚରିତ' ଗ୍ରନ୍ଥର ଭାଷା ପ୍ରୟୋଗ ବିଧି, ବାକ୍ୟ ଗଠନ ଶୈଳୀ ଇତ୍ୟାଦି ବିଷୟରେ ସମାଲୋଚନା କରାଯାଇଅଛି । ତାଙ୍କର ଭାଷା ଓ ବାକ୍ୟ ଗଠନରେ ବଙ୍ଗଳା ଭାଷାର ବହୁଳ ପ୍ରଭାବ ସମାଲୋଚକ ଦେଖାଇ ଅଛନ୍ତି । ଏହି ସମୟରୁହିଁ ଓଡ଼ିଆ ସମାଲୋଚନାର ଆରମ୍ଭ ହୋଇଅଛି । ପରେ ଫକୀରମୋହନ ନିଜର ଭାଷା ପ୍ରୟୋଗ ସମ୍ପର୍କରେ ସତର୍କ ହେଲେ ଏବଂ ତାଙ୍କର ସାହିତ୍ୟ ହେଲା ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରଧାନ ପ୍ରେରଣା ।

'ଉତ୍କଳ ଦୀପିକା' ଏହି ବାର୍ତ୍ତାମୁଖୀ ସମାଲୋଚନା ମାଧ୍ୟମରେ ପରବର୍ତ୍ତୀ କାଳର ବିଭିନ୍ନ ସାହିତ୍ୟିକ କୃତି ସମ୍ପର୍କରେ ପ୍ରକାଶ କରିଥିବା ଦେଖାଯାଏ । ପ୍ରାଚୀନ ସାହିତ୍ୟ ସମ୍ପର୍କରେ ଯେପରି ଏହା ମନ୍ତବ୍ୟ ପ୍ରକାଶ କରିଅଛି ସେହିପରି ମଧ୍ୟ ଆଧୁନିକ ଯୁଗରେ ରଚିତ ବିଭିନ୍ନ ଗ୍ରନ୍ଥମାନଙ୍କ ବିଷୟରେ ସ୍ୱତନ୍ତ୍ର ମନ୍ତବ୍ୟ ପ୍ରକାଶ କରିଅଛି । 'ଉତ୍କଳ ଦୀପିକା'ର ମନ୍ତବ୍ୟ ଥିଲା ସେ କାଳର ନୂତନ ସୃଷ୍ଟ ସାହିତ୍ୟ ପ୍ରତି ଏକ ଯଥାର୍ଥ ଦିଗ୍‌ଦର୍ଶିକା ।

---

୧୦) ଉତ୍କଳ ଦୀପିକା ପ୍ରଥମ ଭାଗ/୧୨ଶ ସଂଖ୍ୟା ତା ୨୦-୧୦-୧୮୬୭ ।

ଓଡ଼ିଆ ଯାତ୍ରା, ଓ ନାଟକ ସଂପର୍କରେ ଉତ୍କଳ ଦୀପିକା ମଧ୍ୟ ବିଭିନ୍ନ ସମୟରେ ନାନା ମନ୍ତବ୍ୟ ପ୍ରକାଶ କରିଅଛି । ଓଡ଼ିଆ ଯାତ୍ରା ସଂପର୍କରେ ଦୀପିକା ଲେଖିଥିଲେ—"ସଂପ୍ରତି ଓଡ଼ିଶାରେ ଯାହା ଯାତ୍ରା ନାମରେ ଖ୍ୟାତ ହୋଇଅଛି ଓ ଯାହାକୁ ନିରୁପାୟ ହୋଇ ଭଦ୍ରଲୋକମାନେ ପର୍ବ ବିଶେଷରେ ଦେଖିବାକୁ ବାଧ୍ୟ ହେଉଛନ୍ତି ତାହା ଅତ୍ୟନ୍ତ ଘୃଣିତ ଓ ତଦ୍ଦ୍ୱାରେ ଓଡ଼ିଶାର ରୁଚିର ନିତାନ୍ତ କୁତ୍ସିତ ପରିଚୟ ପ୍ରାପ୍ତ ହୁଅଇ । ବଙ୍ଗଭାଷାରେ ହେଉ ପଛକେ ବାଲେଶ୍ୱରର ଓଡ଼ିଆମାନେ ଯେ ଏ ବ୍ୟବସାୟରେ ପ୍ରବୃତ୍ତ ହୋଇ ଅଛନ୍ତି ଏହାକୁ ଆମ୍ଭେମାନେ ଗୋଟିଏ ଶୁଭ ଲକ୍ଷଣ ବୋଲି ଅତ୍ୟନ୍ତ ଆଦର କରୁଅଛୁ । ଆମ୍ଭେମାନେ ଭରସା କରୁଁ ଯେ ଓଡ଼ିଆବାସୀମାନେ ଏହାକୁ ପ୍ରଚୁର ପରିମାଣରେ ଉତ୍ସାହିତ ଓ ସ୍ୱଦେଶାନୁରାଗୀ ମହାଶୟମାନେ ଏହାକୁ ଭଲ ପରାମର୍ଶ ଦେଇ ଓଡ଼ିଆ ଯାତ୍ରା କରିବାକୁ ପ୍ରବୃତ୍ତ କରାଇବେ । ଶିକ୍ଷିତ ଓ ହିତୈଷି ଲୋକଙ୍କ ସାହାଯ୍ୟ ବିନା ଏସବୁ ବ୍ୟାପାର ସାଧନ ହୋଇ ନ ପାରେ ।"(୧୧) ଏହି ସମାଲୋଚନା ସାମ୍ବାଦିକା । ତଥାପି ଏଥିରୁ ଓଡ଼ିଆ ଯାତ୍ରାର ସଂସ୍କାର ସଂପର୍କରେ ପ୍ରେରଣା ମିଳିଥାଏ । ପୁନଶ୍ଚ ଦୀପିକା ଯାତ୍ରା ସଂପର୍କରେ ଲେଖିଥିଲେ—"ବର୍ତ୍ତମାନ ଓଡ଼ିଶାରେ ଯାହାକୁ ଯାତ୍ରା ବୋଲିଯାଏ ତାହା ରାମଲୀଳା, କୃଷ୍ଣଲୀଳା, ସୁଭଦ୍ରାହରଣ ପ୍ରଭୃତି ଅଟଇ । ପ୍ରଥମ ଦୁଇଟି ବହୁତ ସ୍ଥଳରେ ଦେଖାଯାଏ, ଏମନ୍ତକି କଟକ ଜିଲ୍ଲାର ପ୍ରତି ବଡ ବଡ ଗ୍ରାମରେ ଏଥିର ଏକ ଏକ ଆଖଡ଼ା ଅଛି । ସୁଭଦ୍ରା ହରଣ କେବଳ ଭଦରଖିଆମାନେ କରନ୍ତି ମାତ୍ର ଆମ୍ଭେମାନେ ଯେତେଦୂର ଦେଖିଅଛୁଁ କୌଣସି ଯାତ୍ରାରେ ସଙ୍ଗୀତର ବାସନା ସୁଦ୍ଧା ପାଇନାହୁଁ ଏବଂ ଆମ୍ଭମାନଙ୍କ ବିଶ୍ୱାସ ଏହି ଯେ ସଙ୍ଗୀତ କାହାକୁ ବୋଲିଯାଏ ଯାତ୍ରାବାଲାମାନେ ଜାଣନ୍ତି ନାହିଁ କେବଳ ସଜବେଶ ହୋଇ ଗୁଡାଏ ପୋଥି ବୋଲନ୍ତି ବା କଥାବାର୍ତ୍ତା କରନ୍ତି ଓ ନାନା ପ୍ରକାର କଦର୍ଯ୍ୟ ଓ ଭଣ୍ଡରୂପ ଦେଖାଇ ଓ ଅଶ୍ଳୀଳ ବାକ୍ୟ ଉଚ୍ଚାରଣ କରି ଦର୍ଶକମାନଙ୍କୁ ସନ୍ତୁଷ୍ଟ କରନ୍ତି । ସଙ୍ଗୀତ ସହକାରେ ଯାତ୍ରା କରିବା ଆଦୌ ଏଠାରେ ଲୋକେ ଜାଣନ୍ତି ନାହିଁ ।" (୧୨) ଓଡ଼ିଆ ଯାତ୍ରା, ଲୀଳା ଓ ଗୀତିନାଟକ ସମ୍ପର୍କରେ ଦୀପିକା ଅନେକ ସମୟରେ ବିଭିନ୍ନ ମନ୍ତବ୍ୟମାନ ପ୍ରଦାନ କରିଅଛି । ରଘୁନାଥ ପରିଛାଙ୍କ ଗୀତି ନାଟକ 'ଗୋପୀନାଥ ବଲ୍ଲଭ' ସମ୍ପର୍କରେ ମଧ୍ୟ ଆଦ୍ୟ ସମାଲୋଚନା ଦୀପିକାରୁ ଦେଖିବାକୁ ମିଳିଥାଏ ।

'ବାବାଜି' ନାଟକ ତଥା 'କାଞ୍ଚି କାବେରୀ' ନାଟକ ସମ୍ପର୍କରେ 'ଦୀପିକା' ସୁଚିନ୍ତିତ ମନ୍ତବ୍ୟ ପ୍ରକାଶ କରିଅଛି । ବାବୁ ଜଗମୋହନ ଲାଲଙ୍କ ରଚିତ ଓ କଟକ ପ୍ରିଣ୍ଟିଂ କମ୍ପାନୀ ଦ୍ୱାରା ମୁଦ୍ରିତ ବାବାଜି ନାଟକ ସମ୍ପର୍କରେ ଦୀପିକା କହନ୍ତି—'ଆମ୍ଭେମାନେ ଏ ପୁସ୍ତକ ଖଣ୍ଡି ଅତ୍ୟନ୍ତ ସମାଦର ସହିତ ଗ୍ରହଣ କରିଅଛୁଁ । ଓଡ଼ିୟା ଭାଷାରେ ଏ ପର୍ଯ୍ୟନ୍ତ ନାଟକ ରଚନା ହୋଇ ନଥିଲା । ଏହି ପୁସ୍ତକ ତହିଁର ପ୍ରଥମ ଉଦ୍ୟମ ଅଟଇ

---

(୧୧) ଉତ୍କଳ ଦୀପିକା—ତା ୨୦-୧୧-୧୮୭୫ ।

(୧୨) ଉତ୍କଳ ଦୀପିକା—ତା ୨୮-୧୦-୧୮୭୬ ।

ବାବୁ ଜଗମୋହନ ଲାଲ ଓଡ଼ିଆ ସାହିତ୍ୟ ସଂସାରରେ ନିତାନ୍ତ ଅପରିଚିତ ନୁହନ୍ତି । ସମାଲୋଚିତ ଗ୍ରନ୍ଥ ରଚନାରେ ସେ ଅଧିକ କୃତକାର୍ଯ୍ୟ ହୋଇ ଅଛନ୍ତି । ଇଂରାଜୀ ଓ ସଂସ୍କୃତ ନାଟକର ଲକ୍ଷଣାନୁସାରେ ଏହାକୁ ପ୍ରକୃତ ନାଟକ ବୋଲିବାକୁ ମନ ବଳୁନାହିଁ ସତ୍ୟ ମାତ୍ର ବଙ୍ଗଳା ଭାଷାରେ ନାଟକ ନାମରେ ଯେତେପ୍ରକାର ରଚନା ବାହାରିଅଛି ତହିଁ ସଙ୍ଗେ ତୁଳନା କଲେ ଏହାର ନାମ ନାଟକ ହେବା ବଡ଼ ଦୂଷଣୀୟ ନୁହଁଇ । ନିତାନ୍ତ ପକ୍ଷରେ ନାଟକର ଭାଷା ଓ ରଚନାର ଛଟା କି ପ୍ରକାର ହେବ ଏ ସବୁ ଅତି ଚମତ୍କାର ରୂପେ ଗ୍ରନ୍ଥକର୍ତ୍ତା ଦର୍ଶାଇ ଅଛନ୍ତି ଓ ଅନେକ ଲୋକ ଏହାକୁ ଆଗ୍ରହ ପୂର୍ବକ ପଢ଼ିବାର ଦେଖା ଯିବାରୁ ଅନାୟାସରେ ବୋଲଯାଇ ପାରେ ଯେ ବର୍ତ୍ତମାନର ରୁଚିକୁ ଏହା ବଡ଼ ସୁନ୍ଦର ଯୋଗିଅଛି । ଭଣ୍ଡ ମଠଧାରୀଙ୍କ ଦୋଷ ପ୍ରକାଶ କରିବା ଏବଂ ଭୂତ ଡାଆଣୀ ଝଡ଼ା ମନ୍ତ୍ର ଇତ୍ୟାଦି ବିଷୟରେ ଲୋକଙ୍କର ଭ୍ରମ ଓ କୁସଂସ୍କାର ଛେଦନ କରିବା ଏ ଗ୍ରନ୍ଥର ମୋକ୍ଷ ଉଦ୍ଦେଶ୍ୟ ଜଣାଯାଏ ଓ ତହିଁରେ ଗ୍ରନ୍ଥକର୍ତ୍ତା ଆଶାତିରିକ୍ତ କୃତକାର୍ଯ୍ୟ ହୋଇ ଅଛନ୍ତି । ସଂକ୍ଷେପରେ ଆମ୍ଭମାନଙ୍କର ମନ୍ତବ୍ୟ ଏହି ଯେ ପୁସ୍ତକ ଖଣ୍ଡିକ ଉତ୍ତମ ହୋଇଅଛି । ଏହା ଦ୍ୱାରା ନାଟକର ବାଟ ଫିଟିଲା ଏଥର ଅନ୍ୟାନ୍ୟ କୃତବିଦ୍ୟମାନେ ଏ ପକ୍ଷରେ ମନ ଦେଲେ ଅଚିରେ ପ୍ରକୃତ ନାଟକ ଓଡ଼ିଆ ଭାଷାରେ ବାହାରିପାରେ ।"(୧୩)

'ଦୀପିକା' ପରବର୍ତ୍ତୀ କାଳରେ ପ୍ରକାଶିତ ସମ୍ବାଦ ବାହିକା, ବୋଧଦାୟିନୀ, ଉତ୍କଳ ହିତୈଷିଣୀ, ଉତ୍କଳ ଦର୍ପଣ, ଉତ୍କଳ ପୁତ୍ର, ଉତ୍କଳ ମଧୁପ, ଓଡ଼ିଆ ଓ ନବ ସମ୍ବାଦ, ସମ୍ବଲପୁର ହିତୈଷିଣୀ, ଉତ୍କଳ ପ୍ରଭା, ଇନ୍ଦ୍ରଧନୁ ଓ ବିଜୁଳି ଆଦି ବିଭିନ୍ନ ପତ୍ର ପତ୍ରିକା ସମ୍ପର୍କରେ ନାନା ଦୃଷ୍ଟିକୋଣରୁ ମନ୍ତବ୍ୟ ପ୍ରକାଶ କରିଅଛି । ଏହି ମନ୍ତବ୍ୟ ଗଠନମୂଳକ । ପୁନଶ୍ଚ ପ୍ରାଚୀନ ସାହିତ୍ୟ ସମ୍ପର୍କରେ ସୁଚିନ୍ତିତ ମନ୍ତବ୍ୟ ପ୍ରକାଶ କରିବା ସଙ୍ଗେ ସଙ୍ଗେ ସମକାଳୀନ ପ୍ରକାଶିତ ବିଭିନ୍ନ ଗ୍ରନ୍ଥମାନଙ୍କ ସମ୍ପର୍କରେ ମଧ୍ୟ ସୁଚିନ୍ତିତ ଟୀକା ଟିପ୍ପଣୀ ପ୍ରକାଶ କରିଅଛି । ପ୍ୟାରୀମୋହନଙ୍କ 'ଓଡ଼ିଶାର ଇତିହାସ' ସମ୍ପର୍କରେ ଭୂୟସୀ ପ୍ରଶଂସା କରି ଲେଖିଛନ୍ତି—'ଓଡ଼ିଆ ଭାଷାରେ ଓଡ଼ିଶାର ଇତିହାସ ଆଦୌ ନଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ କାରଣ ସଟନ ସାହେବଙ୍କ ସଙ୍କଳିତ ପୁସ୍ତକ କେବଳ ନାମମାତ୍ର ଇତିହାସ ଅଟଇ । ଓଡ଼ିଶା ଶିକ୍ଷା ବିଭାଗର କର୍ମଚାରୀମାନେ ଏ ଗୁରୁତର ଅଭାବ ମୋଚନ କରିବା ଉଦ୍ଦେଶ୍ୟରେ ସନ ୧୮୭୫ ସାଲରେ ଖଣ୍ଡିଏ ଉତ୍ତମ ଓଡ଼ିଶାର ଇତିହାସ ସକାଶେ ଟ୨୦୦/- (ପାରିତୋଷିକ ଦେବା ବିଷୟରେ ବିଜ୍ଞାପନ ଦେବାରୁ ତହିଁର ଫଳ ସ୍ୱରୂପ ଏ ପୁସ୍ତକ ଖଣ୍ଡି ବାହାରିଅଛି । ଆମ୍ଭେମାନେ ଏହାର ଅନେକାଂଶ ପାଠ କରି ଅତ୍ୟନ୍ତ ଆନନ୍ଦ ଲାଭ କରିଅଛୁ ଏବଂ ବିବେଚନା କରୁଁ ଯେ ଗଭର୍ଣ୍ଣମେଣ୍ଟଙ୍କର ପ୍ରଦତ୍ତ ଟଙ୍କା ସତ୍ପାତ୍ରରେ ପତିତ ହୋଇ ସୁନ୍ଦର ଫଳ ଜାତ କରିଅଛି । ଓଡ଼ିଶାର ଇତିହାସ ଓ ପ୍ରାଚୀନ ଗୌରବ ଓ ଆଧୁନିକ ଅବସ୍ଥା ସମ୍ବନ୍ଧରେ ଷ୍ଟର୍ଲିଂ ହଣ୍ଟର ଟଏନବି ସାହେବମାନେ ଏବଂ ରାଜେନ୍ଦ୍ର ଲାଲ ମିତ୍ର ଯେ ସମସ୍ତ ଗ୍ରନ୍ଥମାନ

---

(୧୩) ଉତ୍କଳ ଦୀପିକା—୧୨ଶ ଭାଗ/୪୩ ସଂଖ୍ୟା ତା ୩-୧୧-୧୮୭୭ ।

ଲେଖିଅଛନ୍ତି ଏବଂ ବାବୁ ରଙ୍ଗଲାଲ ବନ୍ଦ୍ୟୋପାଧ୍ୟାୟଙ୍କ ପରିଶ୍ରମରେ ତାମ୍ରପତ୍ର ସନନ୍ଦ ଏବଂ ଅନ୍ୟାନ୍ୟ ସୂତ୍ରରୁ ଯେ ସମସ୍ତ ଐତିହାସିକ ଓ ଅନ୍ୟ ବିବରଣୀମାନ ଜଣାଯାଇଅଛି ଗ୍ରନ୍ଥକାର ସେ ସମସ୍ତର ସାରମର୍ମ ସଙ୍କଳନ କରିବାରେ ଯଥାସାଧ୍ୟ ଅଧ୍ୟବସାୟ ଦେଖାଇ ଅଛନ୍ତି ଏବଂ ଅନ୍ୟାନ୍ୟ ସୂତ୍ରରୁ ମଧ୍ୟ ଉପକରଣ ସଂଗ୍ରହ କରିବାରେ ତ୍ରୁଟି କରିନାହାନ୍ତି । ଆମ୍ଭେମାନେ ସେଥିପାଇଁ ତାଙ୍କୁ ଧନ୍ୟବାଦ ଦେଉଅଛୁ । ଏ ପୁସ୍ତକ ରଚନା ପ୍ରଣାଳୀ ଅତ୍ୟନ୍ତ ସୁନ୍ଦର ଏବଂ ଏହା ସର୍ବାଂଶରେ ସୁପାଠ୍ୟ ଅଟଇ ।" (୧୪) କାଳୀପଦ ବନ୍ଦ୍ୟୋପାଧ୍ୟାୟ, ଯେପରି ଭାବରେ ପ୍ୟାରୀମୋହନଙ୍କ 'ଓଡ଼ିଶାର ଇତିହାସ'କୁ ନିନ୍ଦା କରିଅଛନ୍ତି 'ଦୀପିକା' ତାର ଘୋର ବିରୋଧ କରିଛି । ଦୀପିକାର ବାଣ୍ଡିମୁଣୀ ସମାଲୋଚନାର ଶୈଳୀ ସ୍ୱତନ୍ତ୍ର ଏବଂ ଏହା କୌଣସି ପୁସ୍ତକର ଗୁଣାତ୍ମକ ମୂଲ୍ୟ ନିର୍ଣ୍ଣୟରେ ସଚେଷ୍ଟ । ତେଣୁ ଦୀପିକାର ମତାମତ ସେତେବେଳେ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ଥିଲା ।

ଜଗନ୍ମୋହନ ଲାଲଙ୍କର 'ଭ୍ରମ ଭଞ୍ଜନ' କାବ୍ୟ ସମ୍ପର୍କରେ ଦୀପିକା ମନ୍ତବ୍ୟ ପ୍ରକାଶ କରିବାକୁ ଯାଇ ଲେଖିଛନ୍ତି –'ଆମ୍ଭେମାନେ ଏ ଗ୍ରନ୍ଥକୁ ଅତି ସମାଦର ସହିତ ଗ୍ରହଣ କରିଅଛୁଁ । ସଂପ୍ରତି ଉତ୍କଳ ଦେଶର ହିତ କାଂକ୍ଷୀମାନେ ସାଧାରଣ ବିଦ୍ୟାଳୟ ଓ ବାଳକମାନଙ୍କର ଶିକ୍ଷା ନିମିତ୍ତ ଅନେକ ପୁସ୍ତକ ରଚନା କରି ଅଛନ୍ତି ମାତ୍ର ଦୁଃଖର ବିଷୟ ଯେ ଦୁଇ ଏକ ଖଣ୍ଡ ପୁସ୍ତକ ଭିନ୍ନ ଆଉ ସମସ୍ତ ବଙ୍ଗ ପୁସ୍ତକର ଅବିକଳ ଅନୁବାଦ ଅଟଇ । ବଙ୍ଗଳା ସଙ୍ଗେ ଉତ୍କଳର ପ୍ରାକାଶ୍ୟ ବିଭିନ୍ନତା ଅଲକ୍ଷ ଜଣାଯିବାରୁ ଅନୁବାଦ କର୍ତ୍ତାମାନେ ଏହିରୂପ ପୁସ୍ତକ ରଚନାର ଉପାୟ ସହଜ ଜ୍ଞାନ କରି ସେଥିରେ ପ୍ରବୃତ୍ତ ହେଉଅଛନ୍ତି ଏବଂ ବସ୍ତୁତଃ ଅବିକଳ ଅନୁବାଦ ଯେ କେଡ଼େ କଠିନ ତାହା ସେମାନେ ଜ୍ଞାନ କରନ୍ତି ନାହିଁ । ଏଥିର ଏହି ଫଳ ହୋଇଅଛି ଯେ ପ୍ରତିଦିନ ଉତ୍କଳ ଭାଷା ବଙ୍ଗଳାର ଭାବ ଭଙ୍ଗୀକୁ ପ୍ରାପ୍ତ ହୋଇ ଏକ ପ୍ରକାର ନୂତନ ଭାଷା ସୃଜନା ହେଉଅଛି । ଗ୍ରନ୍ଥକର୍ତ୍ତାମାନେ ବଙ୍ଗଳା ଭାଷାରେ ଶିକ୍ଷାପ୍ରାପ୍ତ ହୋଇ ବଙ୍ଗଳା ଭାଷାଗ୍ରନ୍ଥ ଅନୁବାଦ କରିବା ସମୟରେ ଅନେକ ବଙ୍ଗଳା ଶବ୍ଦ ଓ ଭାବ ପ୍ରକାଶର ନିୟମକୁ ଉତ୍କଳ ମନେକରି ସେ ସମସ୍ତର ପ୍ରତିଶବ୍ଦ ଲେଖନ୍ତି ନାହିଁ ସୁତରାଂ ତଦ୍ଦ୍ୱାରା ଉତ୍କଳ ଭାଷାର ଅନେକ କ୍ଷତି ହେଉଅଛି ।" (୧୫) ଭ୍ରମ ଭଞ୍ଜନର ଗୁଣାତ୍ମକ ଆଲୋଚନା କରିବା ସଙ୍ଗେ ସଙ୍ଗେ ଏହାର ଅନୁବାଦରେ ଲେଖକ କିପରି ସ୍ୱାଭାବିକତା ପ୍ରଦର୍ଶନ କରିଅଛନ୍ତି ସେ ବିଷୟରେ ଦୀପିକା ମନ୍ତବ୍ୟ ପ୍ରକାଶ କରିଅଛି । ଏତଦ୍‌ବ୍ୟତୀତ କୃଷ୍ଣ ସିଂହ ମହାଭାରତ ଓ ହରିବଂଶ ସମ୍ପର୍କରେ ମଧ୍ୟ ଦୀପିକା ବାଣ୍ଡିମୁଣୀ ସମାଲୋଚନା ଶୈଳୀରେ ସୁଚିନ୍ତିତ ମନ୍ତବ୍ୟ ଦେଇଅଛି । ପ୍ରସଙ୍ଗକ୍ରମେ କୃଷ୍ଣ ସିଂହ ମହାଭାରତ ଅନୁବାଦରେ ଚମତ୍କାରିତା ଓ ସାରଳା ଦାସଙ୍କ ମହାଭାରତ ସହିତ ଏହାର ବିଷୟଗତ ବୈଷମ୍ୟକୁ ଦୀପିକା ସଂକ୍ଷେପରେ ଦର୍ଶାଇ ଅଛି । (୧୬)

---

୧୪) ଉତ୍କଳ ଦୀପିକା — ୧୪ଶ ଭାଗ/୩୮ ସଂଖ୍ୟା ତା ୨୦-୯-୧୮୭୯ ।

୧୫) ଉତ୍କଳ ଦୀପିକା ୪ର୍ଥ ଭା'/୭ମ ସଂ-ତା ୧୩ ୨ ୧୮୬୯ ।

୧୬) ଉତ୍କଳ ଦୀପିକା ୩ୟ ଭା/୭ମ ସଂ ତା ୧୫-୨-୧୮୬୮ ।

'ଉତ୍କଳ ଦୀପିକା' ଆରମ୍ଭରୁ ଦୀର୍ଘ ୭୭ ବର୍ଷ ବ୍ୟାପୀ ସମସ୍ତ ସୀମା ମଧ୍ୟରେ ବହୁ ବାଣ୍ଡିାମୁଖୀ ସମାଲୋଚନା ପ୍ରକାଶ କରିଅଛି । ସେହି ସମାଲୋଚନା ଗୁଡ଼ିକ ଆଧୁନିକ ସମାଲୋଚନାର ଗତି-ନିର୍ଦ୍ଦେଶକ । ଉତ୍କଳ ଦୀପିକାର ସମାଲୋଚନା ଭଙ୍ଗୀକୁ ପରେ ବାଲେଶ୍ୱର ସମ୍ବାଦ ବାହିକା, ଉତ୍କଳ ପୁତ୍ର, ଓଡ଼ିଆ ଓ ନବ ସମ୍ବାଦ ଆଦି ପତ୍ରିକା ଗ୍ରହଣ କରିଥିଲେ । ଓଡ଼ିଆ ସାହିତ୍ୟର ବିକାଶ ପାଇଁ ଏବଂ ଓଡ଼ିଆ ଜାତୀୟତାର ପ୍ରତିଷ୍ଠା ପାଇଁ ଏହି ସବୁ ପତ୍ରିକା ବାଣ୍ଡିାମୁଖୀ ସମାଲୋଚନା ମାଧ୍ୟମରେ ଯୁଗୋପଯୋଗୀ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଦୀପିକା ଯେଉଁ ପୁସ୍ତକ ବା ଯେଉଁ ସାହିତ୍ୟିକ ବିଷୟ ଉପରେ ସୁଚିନ୍ତିତ ମନ୍ତବ୍ୟମାନ ପ୍ରକାଶ କରିଥିଲା ତାହା ପରବର୍ତ୍ତୀ କାଳରେ ଅକାଟ୍ୟ ଯୁକ୍ତି ରୂପେ ବିବେଚିତ ହୋଇଅଛି ।

## ଓଡ଼ିଆ ଭାଷାର ନବୋତ୍ଥାନ ଓ 'ଉତ୍କଳ ଦୀପିକା' :

ଊନବିଂଶ ଶତାବ୍ଦୀର ମଧ୍ୟଭାଗ ବେଳକୁ ଯେପରି ଓଡ଼ିଶାର ସଂସ୍କୃତି ଓ ଧର୍ମ ଧାରଣା ଉପରେ କ୍ରମାନ୍ୱିତ ଭାବରେ ଆକ୍ରମଣ ହୋଇ ଆସିଥିଲା ସେହିପରି ମଧ୍ୟ ତାର ଭାଷା, ସାହିତ୍ୟ ଓ ଜାତୀୟତା ଉପରେ ପ୍ରତିବେଶୀମାନଙ୍କ ତରଫରୁ ଆକ୍ରମଣ ଆରମ୍ଭ ହେବାକୁ ଲାଗିଲା । ୧୮୬୬ ମସିହାର ନଅଙ୍କ ଦୁର୍ଭିକ୍ଷ ଫଳରେ ଯେତେବେଳେ ଓଡ଼ିଆ ଜାତି ମ୍ରିୟମାଣ ହୋଇଗଲା ସେତିକବେଳେ ତାର ସୁଯୋଗ ନେଇ ଏ ଦେଶରେ ପ୍ରଶାସନିକ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ତଥା ଓଡ଼ିଶାର ଅର୍ଥନୀତିକୁ ନିୟନ୍ତ୍ରଣ କରୁଥିବା ବଙ୍ଗୀୟମାନେ ଓଡ଼ିଆ ଭାଷା ଉଠାଇ ବଙ୍ଗଳା ଭାଷା ପ୍ରଚଳନ କରିବାକୁ ଉଦ୍ୟମ କଲେ । ଅବଶ୍ୟ ଏହି ଉଦ୍ୟମ ଇତି ପୂର୍ବରୁ ଧୀରେ ଧୀରେ ଆରମ୍ଭ ହୋଇ ଆସିଥିଲା । ନଅଙ୍କ ଦୁର୍ଭିକ୍ଷ ପରେ ଏହାର ଉତ୍କଟ ରୂପ ପ୍ରକାଶ ପାଇଲା । ଏହିପରି ଏକ ସଙ୍କଟ ମୁହୂର୍ତ୍ତରେ 'ଉତ୍କଳ ଦୀପିକା' ସଂଗ୍ରାମୀ ଭୂମିକା ନେଇ ପ୍ରତିପକ୍ଷ ମାନଙ୍କର ସମସ୍ତ ଅପକୌଶଳକୁ ପଦାରେ ପକାଇ ଦେଇଥିଲା ଓ ଓଡ଼ିଆ ଭାଷାର ପ୍ରାଚୀନତା ଏବଂ ମୌଳିକତା ପ୍ରତିପାଦନ କରିବାକୁ ସମର୍ଥ ହୋଇ ପାରିଥିଲା । ଓଡ଼ିଆ ଭାଷାର ସଂରକ୍ଷଣ ସମ୍ପର୍କରେ ଦୀପିକା ଯେପରି ଜନମତ ସୃଷ୍ଟି କରିପାରିଥିଲା ବାସ୍ତବିକ ତାହା ଅବିସ୍ମରଣୀୟ ।

ଓଡ଼ିଶାରେ ବିଦ୍ୟାଳୟମାନଙ୍କରୁ ଓଡ଼ିଆ ଭାଷା ଉଠାଇ ଦେଇ ବଙ୍ଗଳା ଭାଷା ଚଳାଇବାକୁ ଯେତେବେଳେ ଉଦ୍ୟମ ହେଲା ସେତେବେଳେ 'ଦୀପିକା' ତାର ପ୍ରତିବାଦ କରିଥିଲା—''ବ୍ରିଟିଶ ଅଧିକାର ଏଠାରେ ସ୍ଥାପନ ହେଲାଦିନୁ ସେମାନଙ୍କର ସୁଶାସନ ପ୍ରଣାଳୀରୁ ଲୋକମାନେ ନାନା ପ୍ରକାର ବିଦ୍ୟା ଓ ଜ୍ଞାନ ଶିକ୍ଷା କଲେ ଓ ଯେ ଯେ ସ୍ଥାନରେ ଏକମାତ୍ର ଲୋକ ଲେଖା ପଢ଼ା ଜାଣୁ ନଥିଲେ ସେ ସମସ୍ତ ସ୍ଥାନରେ ସୁଦ୍ଧା ବିଦ୍ୟାଳୟ ସ୍ଥାପନ ଓ ସ୍ଥାନୀୟ ଭାଷାର ପୁସ୍ତକାଦି ରଚନା ଓ ଲିଖନ ପଠନ ହେଉଅଛି । ସେହି ଗଭର୍ଣ୍ଣମେଣ୍ଟ ଓଡ଼ିଶା ଦେଶର ଉପକାରାର୍ଥେ ବିଦ୍ୟାଳୟ ସ୍ଥାପନ କରି ଆପଣା ପ୍ରଜାଙ୍କୁ ଶିକ୍ଷିତ କରିବା କାରଣ ବହୁତର ଅର୍ଥ ବ୍ୟୟ କରୁ ଅଛନ୍ତି, କିନ୍ତୁ ଯାହାଙ୍କର ଉପରେ ଶିକ୍ଷାର ଭାର ଅଛି ସେମାନେ ଦେଶର ଭାଷା ଉଠାଇ ଦେବାକୁ ଯତ୍ନ କରୁଅଛନ୍ତି, ଏହା କି ସାମାନ୍ୟ ଦୁଃଖର ବିଷୟ । ଶିକ୍ଷା ଦେବା ନିମିତ୍ତ ନିଯୁକ୍ତ ଥିବା ବଙ୍ଗୀମାନେ ବିପରୀତ ଆଚରଣ

କରି କି ରୂପେ ବେତନ ଗ୍ରହଣ କରୁଅଛନ୍ତି ଆମ୍ଭମାନଙ୍କୁ ଏହିମାତ୍ର ଚମତ୍କାର ବୋଧ ହେଉଅଛି । ବଙ୍ଗ ଦେଶରେ ଯେତେବେଳେ ପ୍ରଥମ ବିଦ୍ୟା ଶିକ୍ଷାର ଆରମ୍ଭ ହେଲା ଓ ଗବର୍ଣ୍ଣମେଣ୍ଟ ବିଦ୍ୟାଳୟମାନ ସ୍ଥାପନ କଲେ ସେତେବେଳେ କି ପାଠୋପଯୋଗୀ ପୁସ୍ତକମାନ ସେ ଦେଶରେ ଥିଲା ? ସେଠାରେ ତ ଅନ୍ୟ ଭାଷା ଶିକ୍ଷା ଦେବାର କେହି ପ୍ରସ୍ତାବ କଲେ ନାହିଁ । ତେବେ ଏଠାରେ ଏ ରୂପ ହେବାର କାରଣ କି ?’ (୧୭) ଓଡ଼ି ଭାଷା ଉଠାଇ ଦେବାକୁ ଯେତେବେଳେ ଚକ୍ରାନ୍ତ ହେଲା ସେତେବେଳେ ଦୀପିକାରେ ପ୍ରକାଶ ପାଇଲା—“ଆମ୍ଭମାନଙ୍କର ସ୍କୁଲ୍ ଡାଇରେକ୍ଟର ଓ ଇନସ୍ପେକ୍ଟର ମହାତ୍ମାମାନେ କହନ୍ତି ଯେ ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ । ଯେ ଦେଶ ବଙ୍ଗଦେଶ ଠାରୁ ବେଶ ଓ ସରକାର ରାଜ୍ୟ ପର୍ଯ୍ୟନ୍ତ ବଙ୍ଗ ସାଗର ଉପକୂଳରେ ବହୁଦୂର ବିସ୍ତାରିତ ହୋଇଅଛି ଯହିଁରେ କୋଟି କୋଟି ଲୋକ ବାସ କରନ୍ତି ଓ ଯେ ଦେଶର ଉନ୍ନତ ପୁରାତନ କାଳ ଇତିହାସାଦି ଗ୍ରନ୍ଥମାନଙ୍କରେ ଉଲ୍ଲିଖିତ ହୋଇ ଅଛି ସେହି ଦେଶର ଯେ ଭାଷ ପ୍ରଚଳିତ ଅର୍ଥାତ ଓଡ଼ିଆ ଭାଷା ସେ କି ଭାଷା ନୁହେଁ ? ତେବେ ଏହି ଭାଷାରେ ସାହିତ ଅଙ୍କ, ଜ୍ୟୋତିଷାଦି ବିଦ୍ୟାର ଭୂରି ଭୂରି ପୁସ୍ତକ କେଉଁଆଡ଼ୁ ଆଇଲା ? ଯେ ଭାଷା କାବ କାନନର ବନଦେବୀ ସ୍ୱରୂପ ସଂସ୍କୃତ ଭାଷାର କନ୍ୟା, ସେ କି ଭାଷା ନୁହେଁ ଯେ ଭାଷାର କୁସୁମ ସୁକୁମାର ବପୁ ଦୀନକୃଷ୍ଣ, ଉପେନ୍ଦ୍ର ଭଞ୍ଜ ପ୍ରଭୃତି କବିମାନେ ବିବିଧ ଅଳଙ୍କାରରେ ଭୂଷିତ କରି ଅଛନ୍ତି, ଯାହାର କମନୀୟ ରୂପ ମାଧୁ ଦେଖି କାବ୍ୟ ରସାମୋଦୀ ବ୍ୟକ୍ତିମାନଙ୍କର ଚିତ୍ତକ୍ଷେତ୍ର ଆନନ୍ଦ ରସରେ ପ୍ଲାବିତ ହୋଇଯାଏ, ସେ କି ଏକ ସ୍ୱତନ୍ତ୍ର ଭାଷା ନୁହେଁ ? ତେବେ ସାନ୍ତାଳୀ ଭାଷା ତାହାର ଉନ୍ନତି କରାଯିବ ତହିଁରେ ଟେଲିଗ୍ରାଫର ଅକ୍ଷର ପରି ନୂଆ ଅକ୍ଷର ଆବିଷ୍କ୍ରିୟ କରିବାକୁ ହେବ, ମାତ୍ର ଉତ୍କଳ ଭାଷାର ଅବନତି ଚେଷ୍ଟା କରାଯିବ କାରଣ ତହିଁରେ ନାନା ପ୍ରକାର ପୋଥି ଅଛି, ଶାସ୍ତ୍ର ଅଛି ଏବଂ ତାହା ପ୍ରଶସ୍ତ ରୂପେ ପ୍ରଚଳିତ ହେଉଅଛି ଅନ୍ଧ ଆଗରେ ଆଲୁଅ ଅନ୍ଧାର ସମାନ ।” (୧୮) ଯେଉଁମାନେ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟକୁ ସ୍ୱୀକାର ନକରି ତାକୁ ବଙ୍ଗଳା ଭାଷାର ଏକ ଉପଭାଷା ରୂପେ ସ୍ୱୀକା କରୁଥିଲେ ସେମାନଙ୍କ ପ୍ରତି ଏହା ଥିଲା ଏକ ଯଥାର୍ଥ ଉତ୍ତର । ଓଡ଼ିଆ ଭାଷାରେ ପାଠ ପୁସ୍ତକ ନ ଥିବାରୁ ବଙ୍ଗଳା ପାଠ୍ୟ ପୁସ୍ତକ ଚଳାଇବା ସପକ୍ଷରେ ଯେଉଁମାନେ ଯୁ କରୁଥିଲେ ସେମାନଙ୍କୁ ମଧ୍ୟ ‘ଦୀପିକା’ ସମାଲୋଚନା କରିଅଛି । ଓଡ଼ିଆ ଭାଷାର ଉନ୍ନ କଲ୍ପେ ଦୀପିକା କେତେକ ପ୍ରସ୍ତାବ ଦେଇଥିଲା । ଏଥିରେ ଉଲ୍ଲେଖ ଅଛି—“ପ୍ରଥ ପ୍ରସ୍ତାବରେ ଆମ୍ଭମାନଙ୍କର ଉପକାର ଅଛି ଯେ ବଙ୍ଗଭାଷା ଉଠିଗଲେ ଶିକ୍ଷା ବିଭାଗ କର୍ମଚାରୀମାନେ ଉତ୍କଳ ଭାଷାର ଉନ୍ନତି କରିବାକୁ ବାଧ୍ୟ ହେବେ । ବର୍ତ୍ତମାନ କର୍ମଚାରୀମାନେ ବଙ୍ଗ ଦେଶରୁ ଆସୁଥିବାରୁ ଏ ଦେଶୀୟ ଭାଷା ଜାଣନ୍ତି ନାହିଁ ଏ ବିଦ୍ୟାଳୟରେ ବଙ୍ଗଳା ଭାଷା ପଠନ ହେଉଥିବାରୁ ଉତ୍କଳ ପକ୍ଷରେ ଆସ୍ଥା ଦିଅ

---

୧୭) ଉତ୍କଳ ଦୀପିକା—୩ୟ ଭାଗ/୧ମ ସଂଖ୍ୟା ତା ୩ ୧-୧୮୬୮ ।

୧୮) ଉତ୍କଳ ଦୀପିକା—୩ୟ ଭାଗ/୪ର୍ଥ ସଂଖ୍ୟା ତା ୨୫-୧-୧୮୬୮ ।

ନାହିଁ । କେବଳ ଉତ୍କଳ ଭାଷା ପଠନ ହେଲେ ସେମାନେ ଅବଶ୍ୟ ଉତ୍କଳ ବିଦ୍ୟା ଶିକ୍ଷା କରିବେ ନତୁବା କର୍ମ ତ୍ୟାଗ କରିବେ । ସୁତରାଂ ଓଡ଼ିଆ ଭାଷାର ଆଦର ବଢ଼ିବ । କେହି କେହି କହନ୍ତି ଯେ ଉତ୍କଳ ଭାଷାରେ ଯଥେଷ୍ଟ ପୁସ୍ତକ ନାହିଁ ଅତଏବ ଏ ସମୟରେ ବଙ୍ଗଳା ଭାଷା ଉଠାଇ ଦେଲେ ବିଦ୍ୟାଳୟ ସବୁ ବନ୍ଦ କରିବାକୁ ପଡ଼ିବ ମାତ୍ର ବିବେଚନା କରି ଦେଖିଲେ ଏ ପ୍ରଦେଶର ଭାଷା ବିଦ୍ୟାଳୟ ନିମିତ୍ତ ଯଥେଷ୍ଟ ପୁସ୍ତକ ଅଛି ଅର୍ଥାତ ବଙ୍ଗଳାରେ ଯେ ପ୍ରକାର ପୁସ୍ତକମାନ ପଠିତ ହୁଅଇ ଓଡ଼ିଶା ଭାଷାରେ ସେ ପ୍ରକାର ପୁସ୍ତକ ପ୍ରାପ୍ତ ହୁଅଇ ଏବଂ କ୍ରମଶଃ ଉତ୍କଳ ପୁସ୍ତକର ଏ ପ୍ରକାର ବୃଦ୍ଧି ହେଉଅଛି ଯେ ଅଳ୍ପ କାଳରେ ପ୍ରାୟ ଶିକ୍ଷାର ଉପଯୋଗୀ ସମସ୍ତ ପୁସ୍ତକ ପ୍ରାପ୍ତ ହେବ ।"(୧୯)

ରେଭେନ୍‌ସା ସାହେବ ଓଡ଼ିଆ ଭାଷାର ବୈଚିତ୍ର୍ୟ ଓ ପ୍ରାଚୀନତ୍ୱକୁ ସ୍ୱୀକାର କରି ଓଡ଼ିଶାର ବିଦ୍ୟାଳୟମାନଙ୍କରେ ଓଡ଼ିଆ ଭାଷା ଶିକ୍ଷା ଦେବା ଓ ଓଡ଼ିଶାରେ ଓଡ଼ିଆ ଭାଷାର ବିକାଶ ପାଇଁ ଉଦ୍ୟମ ହେବା ଉପରେ ଗୁରୁତ୍ୱ ଦେଇଥିଲେ ହେଁ ୧୮୭୦ ମସିହା ବେଳକୁ ପୁନର୍ବାର ବଙ୍ଗୀୟ ଭଦ୍ରବ୍ୟକ୍ତିମାନେ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ଲୋପକରି ବଙ୍ଗଳା ଭାଷା ଚଳାଇବାକୁ ଉଦ୍ୟମ କଲେ । ବାଲେଶ୍ୱର ବିଦ୍ୟାଳୟର ଶିକ୍ଷକ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ 'ଓଡ଼ିୟା ସ୍ୱତନ୍ତ୍ର ଭାଷା ନୁହେଁ' ନାମକ ଏକ ପୁସ୍ତକ ରଚନା କରି ସେଥିରେ ଉତ୍କଳ ଓ ବଙ୍ଗଳା ଭାଷାର ଏକତ୍ୱ ପ୍ରମାଣ କରିବାକୁ ଉଦ୍ୟମ କଲେ । ସେହି ପୁସ୍ତକ ସମ୍ପର୍କରେ 'ଦୀପିକା' ଲେଖିଛନ୍ତି—"ଗ୍ରନ୍ଥକର୍ତ୍ତା ପୁସ୍ତକର ଆରମ୍ଭରେ ଲେଖନ୍ତି ଯେ ଭାଷାତତ୍ତ୍ୱବିତ ପଣ୍ଡିତଙ୍କର ମତାନୁସାରେ ଓଡ଼ିୟା, ବଙ୍ଗଳା, ହିନ୍ଦି ପ୍ରଭୃତି ଦଶଭାଷା ଏକ ମୂଳରୁ ଉତ୍ପନ୍ନ ଅର୍ଥାତ ଓଡ଼ିୟା, ବଙ୍ଗଳା ଇତ୍ୟାଦି କେହି ସ୍ୱତନ୍ତ୍ର ଭାଷା ନୁହଁଇ କିନ୍ତୁ ତଦୁତ୍ତାରୁ ଅର୍ଥାତ ଓଡ଼ିୟାକୁ ବଙ୍ଗଳା ବୋଲି ସିଦ୍ଧାନ୍ତ କରିଅଛନ୍ତି । ଏଥିକୁ ତାହାଙ୍କର କେଉଁ କଥା ସତ୍ୟ ବୁଝିବାର କଠିନବୋଧ ହୁଅଇ ଭାଷାବିତ୍ ପଣ୍ଡିତଙ୍କ କଥା ମିଥ୍ୟା ହୋଇ ନଥିବ କାରଣ ସେଉଁ ଉତ୍କଳ ଭାଷାର କଥା ଗ୍ରନ୍ଥକର୍ତ୍ତା ଲେଖନ୍ତି ତାହାଛଡ଼ା ଆଉ କିଛି ସ୍ୱତନ୍ତ୍ର ଓଡ଼ିୟା ଭାଷା ଥିବ । ସେ ଯାହା ହେଉ ଆମ୍ଭେମାନେ ଓଡ଼ିୟା ଭାଷାକୁ କେବେହେଁ ସ୍ୱତନ୍ତ୍ର ଭାଷା ବୋଲୁ ନାହୁଁ । ଏହାକୁ ସଂସ୍କୃତର ଅଧୀନ ବୋଲି ଜାଣୁ । ଗ୍ରନ୍ଥକର୍ତ୍ତାଙ୍କ ମତରେ କି ବଙ୍ଗଳା ସ୍ୱତନ୍ତ୍ର ଭାଷା ଯେ ଓଡ଼ିଆ ତାହା ସଙ୍ଗେ କିୟଦଂଶରେ ମିଶିବାରୁ ସେ ସ୍ୱତନ୍ତ୍ର ଭାଷା ହେଲା ନାହିଁ ? କେବଳ କେତେକ ସାଦୃଶ୍ୟ ହେତୁରୁ ଯେବେ ଦୁଇ ବା ଅଧିକ ଭାଷାକୁ ଏକ ବୋଲିଯାଇପାରେ ତେବେ କେହି ଓଡ଼ିଆରୁ ହିନ୍ଦି ଓ ବଙ୍ଗଳା ବାହାରିଥିବାର କହିଲେ ଦୋଷ ହେବ ନାହିଁ । ମାତ୍ର ଓଡ଼ିଆମାନେ ତୁଚ୍ଛାକୁ ଏତେ ଅହଙ୍କାର କରନ୍ତି ନାହିଁ ଅଥଚ ବିଚାର କଲେ ଏହାଙ୍କର ଅହଙ୍କାର କରିବାର ଅନେକ କାରଣ ଅଛି । ଓଡ଼ିଶାର କୀର୍ତ୍ତି କଳାପ ବଙ୍ଗଳାର ନାହିଁ । ଓଡ଼ିଶାର ରାଜା ଏକ ସମୟରେ ବଙ୍ଗଳାର ତ୍ରିବେଣୀ ପର୍ଯ୍ୟନ୍ତ ଅଧିକାର କରିଥିଲେ । ବଙ୍ଗଳାର କୌଣସି ରାଜା କେବେ ଓଡ଼ିଶାକୁ ଜୟ କରିବାର ଶୁଣା ନାହିଁ ଅତଏବ ବଳବୀର୍ଯ୍ୟ ଓ ଶିଳ୍ପ କୌଶଳରେ ଓଡ଼ିଶାର ପୂର୍ବ

---

୧୯) ଉତ୍କଳ ଦୀପିକା—୩ୟ ଭାଗ/୧୪ଶ ସଂଖ୍ୟା ତା ୪-୪-୧୮୬୮ ।

କାଳୀୟ ଲୋକ ବଙ୍ଗଳାରୁ ଶ୍ରେଷ୍ଠଥିବା ପ୍ରତ୍ୟକ୍ଷେ ଭାଷା କମିକ ଅନ୍ୟଠାରେ ଋଣୀ ହୋଇଥିଲେ କଦାଚ ସମ୍ଭବ ନୁହଇ ବରଂ ଓଡ଼ିଶାର ଭାଷା କେତେକ ବଙ୍ଗଳାରେ ଚଳିବାର ଅନୁମାନ ସିଦ୍ଧ ଅଟଇ × × × × ସୁତରାଂ ଏ ଦୁଇ ଭାଷାକୁ ପୃଥକ ବୋଲିବାକୁ ହେବ ଓ କାନ୍ତିବାବୁ କେତେ ପୁସ୍ତକ ରଚନା କରନ୍ତୁ ଦୁଇ ଭାଷା କଦାଚ ଏକ ହୋଇ ନ ପାରିବ ।"(୨୦)

କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ଓଡ଼ିଆ ଭାଷାକୁ ସ୍ୱତନ୍ତ୍ର ଭାଷା ରୂପେ ସ୍ୱୀକାର ନକରି ବଙ୍ଗଳା ଭାଷାର ଅଂଶ ବୋଲି ମତ ଦେଇଥିଲେ ମଧ୍ୟ ତାହା ଓଡ଼ିଶାରେ ଘୋର ପ୍ରତିକ୍ରିୟା ସୃଷ୍ଟି କରିଥିଲା । 'ଉତ୍କଳ ଦୀପିକା' ତାଙ୍କର ଅଭିମତକୁ ତୀବ୍ର ଭାବରେ ଖଣ୍ଡନ କରି ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା କରିଥିଲା । କାନ୍ତିଚନ୍ଦ୍ରଙ୍କ ପୁସ୍ତକର ସୁଯୋଗ ନେଇ 'ଉତ୍କଳ ହିତୈଷିଣୀ' ମଧ୍ୟ ଓଡ଼ିଆ ଭାଷା ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲା । ଓଡ଼ିଶାରେ ବିଭିନ୍ନ ସରକାରୀ କାର୍ଯ୍ୟରେ ନିଯୁକ୍ତ ଥିବା ବଙ୍ଗୀୟମାନେ ତଥା ଓଡ଼ିଶାର ବଙ୍ଗାଳି ଜମିଦାର ଓ ସେମାନଙ୍କ ଅନୁଗତ ବ୍ୟକ୍ତିମାନେ ଓଡ଼ିଆ ଭାଷା ଉଠାଇ ବଙ୍ଗଳା ଭାଷା ଚଳାଇବାକୁ ପୁନର୍ବାର ଉଦ୍ୟମ କଲେ । ଗୋପନରେ ଦରଖାସ୍ତ ଲେଖାଯାଇ ସ୍ୱାକ୍ଷର ସଂଗ୍ରହ କରାଗଲା ଓ ସେଇ ଦରଖାସ୍ତ ଗଭର୍ଣ୍ଣମେଣ୍ଟକୁ ପଠାଗଲା । କାନ୍ତିଚନ୍ଦ୍ରଙ୍କ 'ଉଡ଼ିଆ ସ୍ୱତନ୍ତ୍ର ଭାଷା ନୁହେଁ' ଅଭିମତକୁ 'ଏଡୁକେଶନ ଗେଜେଟ' ମଧ୍ୟ ବିରୋଧ କରିଥିଲା । ସେଥିରେ ବଙ୍ଗଦେଶ ନିବାସୀ ଶିକ୍ଷା ବିଭାଗର ପ୍ରଧାନ କର୍ମଚାରୀ ଓ ସ୍କୁଲ ବିଭାଗର ଇନସ୍ପେକ୍ଟର ଯେଉଁ ଅଭିମତ ପ୍ରଦାନ କରିଥିଲେ 'ଦୀପିକା' ତାକୁ ଉଦ୍ଧୃତ କରିଛି—"ସେ ଯେଉଁ ସ୍ଥଳେ ଓଡ଼ିଆ ବଙ୍ଗଳାର ମେଳ ଦେଖି ଅଛନ୍ତି ସେ ସ୍ଥଳେ ଦୁହିଁକି ବଙ୍ଗଳା ବୋଲି ଅଛନ୍ତି । ଯେଉଁ ସ୍ଥଳେ ଭିନ୍ନ ରୂପ ଦେଖି ଅଛନ୍ତି ସେ ସ୍ଥଳେ ଓଡ଼ିଆକୁ ଅଶୁଦ୍ଧ ବଙ୍ଗଳାର ଅପଭ୍ରଂଶ ବୋଲି ଅଛନ୍ତି । ଏହିକି ବିଚାରର ରୀତି ? ଯେଉଁ ସ୍ଥଳରେ ଦୁହିଁଙ୍କର ମେଳ ସେ ସ୍ଥଳରେ ବଙ୍ଗଳା କାହିଁକି ଓଡ଼ିଆ ହେଲା ନାହିଁ ଯେଉଁ ସ୍ଥଳରେ ମେଳ ନ ହେଲା ସେ ସ୍ଥଳେ ବଙ୍ଗଳା କାହିଁକି ଅଶୁଦ୍ଧ ଓଡ଼ିଆର ଅପଭ୍ରଂଶ ନ ହେଲା ? × × × × ବସ୍ତୁତଃ ଓଡ଼ିଆ ବଙ୍ଗଳାର ଅପଭ୍ରଂଶ ନୁହେଁ ଏବଂ ବଙ୍ଗଳା ମଧ୍ୟ ଓଡ଼ିଆର ଅପଭ୍ରଂଶ ନୁହେଁ । ବଙ୍ଗଳା, ଓଡ଼ିଆ ଓ ଆସାମୀ ଏକ ମୂଳରୁ ସମୁତ୍ପନ୍ନ ଏକ ବୃକ୍ଷର ଭିନ୍ନ ଭିନ୍ନ ଶାଖା ସ୍ୱରୂପ । ଏକ ପ୍ରସ୍ରବଣର ଭିନ୍ନ ଭିନ୍ନ ସ୍ରୋତ ମାତ୍ର । ମୂଳ ବୃକ୍ଷ କାଳ ସହକାରରେ ଲୋପ ପାଇଅଛି । ଶାଖାଗଣ ଆପଣା ଆପଣା ଅନ୍ତର୍ନିହିତ ଶକ୍ତି ପ୍ରଭାବରେ ପରସ୍ପରର ନିରପେକ୍ଷ ହୋଇ ପ୍ରାଣ ଧାରଣ କରୁଅଛନ୍ତି । ଏମାନଙ୍କୁ ବଳପୂର୍ବକ ଏକ ଶରୀରରେ ପରିଣତ କରିବାକୁ ଚେଷ୍ଟା କଲେ ବୃଥା ପ୍ରଯତ୍ନ ହେବେ ।"(୨୧) କଲିକତା ରିଭ୍ୟୁର ଜୁଲାଇ ୧୮୭୦ ସଂଖ୍ୟାରେ ମଧ୍ୟ କାନ୍ତିଚନ୍ଦ୍ରଙ୍କ 'ଉଡ଼ିଆ ସ୍ୱତନ୍ତ୍ର ଭାଷା ନହେ" ପୁସ୍ତକର

---

୨୦) ଉତ୍କଳ ଦୀପିକା – ୫ମ ଭାଗ/୨ୟ ସଂଖ୍ୟା ତା ୨୭-୨-୧୮୭୦ ।

୨୧) ଉତ୍କଳ ଦୀପିକା—୫ମ ଭାଗ/୮ମ ସଂଖ୍ୟା ତା ୩୦-୪-୧୮୭୦ ।

ସମାଲୋଚନା ହୋଇଥିଲା । ଉତ୍କଳ ଦୀପିକା ଯେପରି ବିଜ୍ଞତା ସହକାରେ ଉକ୍ତ ପୁସ୍ତକର ଅସାରତା ଦର୍ଶାଇଥିଲା ତାହା ଅନ୍ୟାନ୍ୟ ପତ୍ର ପତ୍ରିକାରେ ମଧ୍ୟ ପ୍ରକାଶିତ ହୋଇଥିଲା ।

୧୮୭୦ ମସିହା ପରେ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ସ୍ୱୀକୃତ ହେଲା ଏବଂ ଓଡ଼ିଶାର ବିଦ୍ୟାଳୟ ମାନଙ୍କରେ ଓଡ଼ିଆ ଭାଷା ପ୍ରଚଳିତ ହେଲା । ତଥାପି ମଧ୍ୟେ ମଧ୍ୟେ ବଙ୍ଗୀୟ-ମାନେ ଓଡ଼ିଆ ଭାଷା ବିରୋଧରେ ନାନା ଆନ୍ଦୋଳନ କରୁଥାନ୍ତି । ଓଡ଼ିଶାରେ କିନ୍ତୁ ଓଡ଼ିଆ ଭାଷା ପ୍ରତି ଆଦର ବୃଦ୍ଧି ହେଉ ନଥାଏ । ଦୀପିକା ଏଥି ପାଇଁ ଦୁଃଖ ପ୍ରକାଶ କରିଛି, — "ଓଡ଼ିଆ ବାସୀମାନେ ଯେ ଆପଣା ମାତୃଭାଷା ପ୍ରତି କିଛିମାତ୍ର ମନଯୋଗୀ ହେଉ ନାହାନ୍ତି ବଡ଼ ଶୋଚନୀୟ ବିଷୟ ଅଟଇ । ଏଥିରେ ଏମାନେ ସଭ୍ୟ ଦେଶର ଲୋକଙ୍କ ଠାରେ କେବଳ ନିନ୍ଦାର ଭାଜନ ହେଉଛନ୍ତି ।" (୨୨) ଉତ୍କଳଦୀପିକା ଯେପରି ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ରକ୍ଷା କରିବାକୁ ନିରବଚ୍ଛିନ୍ନ ସଂଗ୍ରାମ କରିଥିଲା ତାହା ବାସ୍ତବିକ ଅଭିନନ୍ଦନୀୟ । ବଙ୍ଗୀୟ ମାନଙ୍କର ଓଡ଼ିଆ ବିଦ୍ୱେଷ ନୀତିକୁ ସେ ସ୍ପଷ୍ଟ ଭାବରେ ପଦାରେ ପକାଇ ଦେଇଥିଲା । ଦୀପିକାର ସଂଗ୍ରାମ ଯୋଗୁଁହିଁ ଓଡ଼ିଶାରେ ଓଡ଼ିଆ ଭାଷା ତିଷ୍ଠି ରହି ପାରିଲା । ତଥାପି ୧୮୭୪ ମସିହା ବେଳକୁ ପୁନର୍ବାର ଓଡ଼ିଆ ଭାଷା ଉଚ୍ଛେଦ ପାଇଁ ଉଦ୍ୟମ ହୋଇଥିଲା । ସେତେବେଳେ ମଧ୍ୟ ଉତ୍କଳ ଦୀପିକା ଜାଗ୍ରତ ପ୍ରହରୀ ରୂପେ ପ୍ରତିପକ୍ଷମାନଙ୍କର ସକଳ ଚକ୍ରାନ୍ତ ଓ ଅପକୌଶଳ ବ୍ୟର୍ଥ କରି ଦେଇଥିଲା । ଓଡ଼ିଶାରେ ଓଡ଼ିଆ ଭାଷା ବଞ୍ଚାଇ ଓ ଓଡ଼ିଶାର ବିଦ୍ୟାଳୟ ତଥା ସରକାରୀ କାର୍ଯ୍ୟାଳୟମାନଙ୍କରେ ଓଡ଼ିଆ ଭାଷା ଚଳାଇ ୧୮୭୦ ମସିହା ପରଠାରୁ ଆଧୁନିକ ଓଡ଼ିଆ ସାହିତ୍ୟ ସୃଷ୍ଟି ପାଇଁ 'ଉତ୍କଳଦୀପିକା' ହିଁ ଯଥାର୍ଥରେ ଐତିହାସିକ ଭୂମିକା ନେଇଥିଲା ।

## ଉପସଂହାର :

ଊନବିଂଶ ଶତାବ୍ଦୀର ଆତ୍ମ ବିସ୍ମୃତିର ଗଭୀର ଅନ୍ଧକାର ମଧ୍ୟରୁ ଆତ୍ମ ଜାଗରଣର ନବୀନ ବାର୍ତ୍ତା ନେଇ 'ଉତ୍କଳ ଦୀପିକା'ର ହେଲା ନବଜନ୍ମ । ଜାତୀୟ ସଙ୍କଟରୁ ଏହାର ଆରମ୍ଭ, ଜାତୀୟ ଜାଗରଣରେ ଏହାର ଗତି, ଜାତୀୟତାର ସ୍ୱାଭିମାନ ପ୍ରତିଷ୍ଠାରେ ଏହାର ସିଦ୍ଧି । ତେଣୁ 'ଉତ୍କଳ ଦୀପିକା' ହିଁ ଓଡ଼ିଆଭୂଇଁର ଜୈତ୍ର ଯାତ୍ରା—ଜାତୀୟତାର ଇସ୍ତାହାର—ସଂସ୍କୃତିର ଚେତାବନୀ—ନବଯୁଗର ବାଣୀ—ଆତ୍ମ ବିସ୍ମୃତ ନିରନ୍ନ ଅନ୍ୟାୟ ଅବିଚାର ବିଦଳିତ ଓଡ଼ିଆ ଜାତିର ମୁଖପତ୍ର । ନଅଙ୍କ ଦୁର୍ଭିକ୍ଷର ଲୋମହର୍ଷଣକାରୀ ସମ୍ବାଦ, ଦୁର୍ଭିକ୍ଷର କାରଣ ଅନୁସନ୍ଧାନ, ଦୁର୍ଭିକ୍ଷ ନିବାରଣ ପାଇଁ ଆହ୍ୱାନ, ଓଡ଼ିଆ ଭାଷାର ପ୍ରତିଷ୍ଠା, ବଙ୍ଗୀୟମାନଙ୍କର ସକଳ ଚକ୍ରାନ୍ତର ମୁଖା ଉନ୍ମୋଚନ, ଓଡ଼ିଆ ଶିକ୍ଷା ପ୍ରଚଳନ ପାଇଁ ଜାତୀୟ ସଚେତନତା ସୃଷ୍ଟି, ବିଦ୍ୟାଳୟ ପ୍ରତିଷ୍ଠା, ପ୍ରବେଶିକା ପରୀକ୍ଷାରେ ଓଡ଼ିଆ ଛାତ୍ରଙ୍କ କୃତିତ୍ୱ, ଉଚ୍ଚପଦରେ ଓଡ଼ିଆମାନଙ୍କର ଅଧିଷ୍ଠାନ, କଲେଜ ପ୍ରତିଷ୍ଠା ଓ ଉଚ୍ଚ ଶିକ୍ଷା ପ୍ରସାର ପାଇଁ ସରକାରଙ୍କ ଉପରେ ନୈତିକ ଚାପ,

---

୨୨) ଉତ୍କଳ ଦୀପିକା – ୭ମ ଭାଗ/୨୫ଶ ସଂଖ୍ୟା ତା ୨୧-୬-୧୮୭୨ ।

ସାମାଜିକ ଅବସ୍ଥାର ସମ୍ବାଦ ପରିବେଷଣ, ବିଭିନ୍ନ ଧର୍ମଧାରାର ଗତି ଓ ପ୍ରକୃତି, ଜଗ-
ନ୍ନାଥ ଧର୍ମର ମହତ୍ତ୍ୱ, ରଥଯାତ୍ରା ସଂକ୍ରାନ୍ତୀୟ ନାନା ବିବରଣୀ, ରାଜା ଓ ଜମିଦାରଙ୍କ
କାର୍ଯ୍ୟକଳାପ, ପ୍ରାଚୀନ ସାହିତ୍ୟର ପୁନରୁଦ୍ଧାର ଓ ନୂତନ ସାହିତ୍ୟ ସୃଷ୍ଟି ପାଇଁ
ଆହ୍ୱାନ, ପ୍ରକାଶିତ ସାହିତ୍ୟ ଗ୍ରନ୍ଥମାନଙ୍କର ସମାଲୋଚନା ବିଭିନ୍ନ ପତ୍ର ପତ୍ରିକା ଗୁଡ଼ିକର
ବିବରଣୀ, ଭଞ୍ଜ ସାହିତ୍ୟ ତଥା ରୀତି ସାହିତ୍ୟ ପ୍ରତି ସମର୍ଥନ ଓ ପ୍ରତିପକ୍ଷମାନଙ୍କର
ବିରୋଧୀ ସମାଲୋଚନାର ସୁଚିନ୍ତିତ ଖଣ୍ଡନ, ଯାତ୍ରା-ଲୀଳା-ନାଟକ-ରଙ୍ଗମଞ୍ଚ ସମ୍ପର୍କୀୟ
ତଥ୍ୟ ଓ ମନ୍ତବ୍ୟ, ଦେଶର ଅର୍ଥନୀତିକ ବିକାଶ ପାଇଁ ସଙ୍କେତ, ରାସ୍ତା କେନାଲ-ଡାକ
ବ୍ୟବସ୍ଥା—ବନ୍ଦୋବସ୍ତ ଆଦିର ସମ୍ବାଦ ପ୍ରଭୃତି 'ଉତ୍କଳ ଦୀପିକା'ର ପୃଷ୍ଠା ଖଣ୍ଡନ କରି
ନିସ୍ତରଙ୍ଗ ଜାତୀୟ ଜୀବନରେ ନୂତନ ଭାବ ତରଙ୍ଗ ସୃଷ୍ଟି କରିଥିଲା । ଉତ୍କଳମଣି
ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିଷ୍ଠିତ 'ସମାଜ' ପର୍ଯ୍ୟନ୍ତ 'ଦୀପିକା' ଥିଲା ଓଡ଼ିଆ ଜାତୀୟ
ଜୀବନର ଯଥାର୍ଥ ଗାୟତ୍ରୀ । ଏହାର ଦୀପ୍ତ ଦୃଷ୍ଟି ଥିଲା ଆଦିଗନ୍ତ ସମ୍ପ୍ରସାରିତ ।
ସଞ୍ଜୟର ଦୃଷ୍ଟି ନେଇ ଏହା ଯେପରି ବର୍ତ୍ତମାନର ସୁଦୂରକୁ ଦେଖୁଥିଲା, ଅର୍ଜୁନର ଦୃଷ୍ଟି
ନେଇ ଅତୀତ ବର୍ତ୍ତମାନ ଓ ଭବିଷ୍ୟତକୁ ଦେଖି ସମସ୍ୟାର ସମାଧାନ ପାଇଁ ସ୍ଥିତପ୍ରଜ୍ଞ
ବିଚାରବୋଧ ପ୍ରକାଶ କରିବାକୁ ସମର୍ଥ ହୋଇପାରିଥିଲା । ଆଧୁନିକ ଓଡ଼ିଆ ଗଦ୍ୟର
କ୍ରମ ବିକାଶରେ ଏହାର ଅବଦାନ ଯେପରି ତାତ୍ପର୍ଯ୍ୟପୂର୍ଣ୍ଣ ସେହିପରି ସୁସ୍ଥ ସାମ୍ବାଦିକତାର
ଅଗ୍ର ସାରଥି ରୂପେ ଏହାର ଅକ୍ଷୟ ନିଶାଣ ତଥାପି ଦେଦୀପ୍ୟମାନ । 'ଉତ୍କଳ ଦୀପିକା'
ହୁଏତ ବନ୍ଦ ହୋଇଗଲା ସବୁଦିନ ପାଇଁ, ଗୌରୀଶଙ୍କରଙ୍କର ମର ଶରୀର ବିଲୀନ
ହୋଇଗଲା; କିନ୍ତୁ ଦୀପିକା ହୋଇଗଲା ଅର୍ଦ୍ଧ ଶତାବ୍ଦୀ ଓଡ଼ିଶାର ଏକ ଇତିହାସ ।
ଗୌରୀଶଙ୍କର ହେଲେ ସେହି ଇତିହାସର ଶ୍ରେଷ୍ଠ ଚରିତ୍ର । ନବୋତ୍କଳ ନିର୍ମାଣରେ
ଏହି ଇତିହାସର ଭୂମିକା ବାସ୍ତବିକ ଅତୀବ ଗୁରୁତ୍ୱପୂର୍ଣ୍ଣ ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର,
ଭୁବନେଶ୍ୱର-୭୫୧୦୦୪ ।

# ଗୌରୀଶଙ୍କର ଓ ଓଡ଼ିଆ ସାହିତ୍ୟ-ଚର୍ଚ୍ଚା

● ଦେବବ୍ରତ

## ॥ ଏକ ॥

"ବାସ୍ତବରେ ରାଜନୀତି ଓ ସାମାଜିକ ନିୟମମାନଙ୍କର ମୂଳ ଉଦ୍ଦେଶ୍ୟ ଧର୍ମରକ୍ଷା ଏବଂ ସେ ସମସ୍ତର ଉନ୍ନତି ସଙ୍ଗେ ଧର୍ମର ଉନ୍ନତି ଜଡ଼ିତ ଅଛି । ଏକ ସାହିତ୍ୟ-ଚର୍ଚ୍ଚାରେ ଧର୍ମ ଉନ୍ନତି ସମ୍ଭବ ଅନ୍ୟ କାହିଁରେ ନାହିଁ ଏ କଥା ଆମ୍ଭମାନଙ୍କ ମନକୁ ଆସୁ ନାହିଁ । ଅତଏବ ଯେମନ୍ତ ସାହିତ୍ୟ-ଚର୍ଚ୍ଚାରେ ତେମନ୍ତ ରାଜନୀତି ଓ ସାମାଜିକ ଚର୍ଚ୍ଚାରେ ଲୋକମାନଙ୍କର ମନୋଯୋଗୀ ହେବା ଉଚିତ ।" (୧)

୧୮୯୭ ମସିହା ଜୁନ ମାସରେ କୃଷ୍ଣ ପ୍ରସାଦ ଚୌଧୁରୀ ଓଡ଼ିଆ ସାହିତ୍ୟର ଇତିହାସ ସଙ୍କଳନର ପ୍ରସ୍ତାବ ଦେଇ ଯେଉଁ ପତ୍ର ଲେଖିଥିଲେ, ଉପରୋକ୍ତ ଉକ୍ତି ଥିଲା ସେହି ପତ୍ରର ପ୍ରତିକ୍ରିୟା । କୃଷ୍ଣ ପ୍ରସାଦ ଲେଖିଥିଲେ . "ସାହିତ୍ୟାଲୋଚନାହିଁ ସଭ୍ୟ ଜାତିର ସଭ୍ୟତା ବୃଦ୍ଧିର ସର୍ବୋତ୍କୃଷ୍ଟ ଉପାୟ । ଏହି ସାହିତ୍ୟାଲୋଚନ ନାନା ପ୍ରକାରରେ ସାଧିତ ହୋଇଥାଏ । × × ସାହିତ୍ୟର ଇତିହାସ (History of Literature) ଆମ୍ଭମାନଙ୍କ ଦେଶରେ ନାହିଁ । ପୃଥିବୀର ଅନ୍ୟାନ୍ୟ ସଭ୍ୟ ଦେଶରେ ତାହା ଅଛି ଏବଂ ତଦ୍ଦ୍ୱାରୁ ସେହି ୨ ଦେଶ କ୍ରମଶଃ ସଭ୍ୟତାର ଉଚ୍ଚତର ସୋପାନରେ ଆରୂଢ଼ ହେଉଅଛି । × ଏଥିଦ୍ୱାରା ଦେଶ ଓ ସମାଜର ଯେ କେତେ ଉପକାର ସାଧିତ ହୁଏ ତାହା କାହାରିକୁ ବୁଝାଇ ଦେବାକୁ ହେବନାହିଁ ।" (୨) କୃଷ୍ଣ ପ୍ରସାଦ ସାହିତ୍ୟ-ଚର୍ଚ୍ଚା ଉପରେ ଅତ୍ୟଧିକ ଗୁରୁତ୍ୱ ଦେଇ ପରୋକ୍ଷରେ ଅନ୍ୟାନ୍ୟ ବିଦ୍ୟା ଓ ବିଷୟର ଭୂମିକାକୁ ଗୌଣ କରି ଦେଇଛନ୍ତି । ଗୌରୀଶଙ୍କର ରାଜନୀତି ଓ ସାମାଜିକ ନୀତି-ନିୟମକୁ ସମାଜ ବା ସଭ୍ୟତା-ବିକାଶ ସହ ସମ୍ପୃକ୍ତ ନ କରି ଧର୍ମ-ବିକାଶ ସହିତ ସମ୍ପୃକ୍ତ କରିଛନ୍ତି । ସାମାଜିକ ନୀତି-ନିୟମ, ରାଜନୀତିଠାରୁ ସାହିତ୍ୟ-ଚର୍ଚ୍ଚାର ଭୂମିକାକୁ ସେ ଉଚ୍ଚତର ଆସନ ଦେଇପାରି ନାହାନ୍ତି । କାରଣ ସମାଜ ବିକାଶରେ ଧର୍ମ, ରାଜନୀତି ଓ ସାମାଜିକ ନୀତି ନିୟମ ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ, ସାହିତ୍ୟ ତାହା କରେ ନାହିଁ । ସାହିତ୍ୟ ହେଉଛି ବିକଶିତ ସମାଜର ଉଦ୍‌ବୃତ୍ତ ଫଳ । ରାଧାନାଥ ଓ ମଧୁସୂଦନ ପ୍ରମୁଖ କବି ଓ ଶିକ୍ଷା ପ୍ରଶାସକଙ୍କ ଦୃଷ୍ଟିକୋଣ ଦ୍ୱାରା ଆକ୍ରାନ୍ତ ହୋଇ ଓ ସମାଜ-ଜୀବନରେ ସେମାନଙ୍କର ଭୂମିକାକୁ ସର୍ବଶ୍ରେଷ୍ଠର ଗୌରବ ଦେବାକୁ ଯାଇ ତାଙ୍କର ଅନୁଗତମାନଙ୍କ ଦ୍ୱାରା ଯେଉଁ ଅପଚେଷ୍ଟା ସବୁ କରାହୋଇଥିଲା, ଗୌରୀଶଙ୍କର କୃଷ୍ଣପ୍ରସାଦଙ୍କ ପତ୍ରକୁ ଉପଲକ୍ଷ୍ୟ କରି ସେହି ଅପଚେଷ୍ଟା ବିରୁଦ୍ଧରେ ଆପଣାର ସ୍ୱାଭାବିକ ପ୍ରତିକ୍ରିୟା ବ୍ୟକ୍ତ କରିଛନ୍ତି । ଉପରୋକ୍ତ ମନ୍ତବ୍ୟରେ ଗୌରୀଶଙ୍କର ପ୍ରାଚୀନ ମତାଦର୍ଶକୁ ଅନୁସରଣ କରି ଧର୍ମକୁ ବ୍ୟକ୍ତି ଓ ସମାଜର କେନ୍ଦ୍ରୀକ

ପରିପୂରକ-ଶକ୍ତି ରୂପେ ବିବେଚନା କରନ୍ତି । ଆଧୁନିକ ଜୀବନର ମୁଖ୍ୟଭୂମି ରାଜନୀତି, ସମାଜନୀତି; ସାହିତ୍ୟ-ଚର୍ଚ୍ଚା ତା'ର ସହଯୋଗୀ । ଏଗୁଡ଼ିକ ମଧ୍ୟରେ ସାହିତ୍ୟ ଚର୍ଚ୍ଚାର ସ୍ଥାନ ଗୌଣ । ଗୌରୀଶଙ୍କର ଜ୍ଞାନ-ବିଶ୍ୱରେ ସାହିତ୍ୟ-ଚର୍ଚ୍ଚା କିଭଳି ଆସନ ପାଇଥିଲା ଉପରୋକ୍ତ ମତାମତ ତା'ର ଦୃଷ୍ଟାନ୍ତ । ପ୍ରଥମ ପଚିଶ ବର୍ଷର 'ଉତ୍କଳ-ଦୀପିକା' ଗୌରୀଶଙ୍କରଙ୍କ ମତାମତକୁ ସ୍ପଷ୍ଟ କରେ । ସେ ନିଜ ଚିନ୍ତାରେ ସାହିତ୍ୟ-ଚର୍ଚ୍ଚାକୁ ଯେଉଁଭଳି କେନ୍ଦ୍ରସ୍ଥାନ ଦେଇନାହାନ୍ତି, ଠିକ୍ ସେହିଭଳି ତାଙ୍କ ସମ୍ପାଦିତ ଦୀପିକାରେ ସାହିତ୍ୟ ଚର୍ଚ୍ଚା ମଧ୍ୟ କେନ୍ଦ୍ରସ୍ଥାନ ପାଇନାହିଁ ।

ଗୌରୀଶଙ୍କର ନିଜେ ସାହିତ୍ୟିକ ନ ଥିଲେ ବା ସାହିତ୍ୟ ଚର୍ଚ୍ଚା ସଚେତନ ଭାବରେ ତାଙ୍କ ଆଲୋଚନାର କୈନ୍ଦ୍ରିକ ବିଷୟ ନଥିଲା । କିନ୍ତୁ ପରିସ୍ଥିତିର ଚାପରେ, ସାମାଜିକ ଦାୟିତ୍ୱବୋଧର ଆହ୍ୱାନରେ ଓ ଓଡ଼ିଶାର ନବଜାଗରଣର ପ୍ରମୁଖ ପୁରୁଷ ହିସାବରେ କେବଳ ତାଙ୍କୁ ସେଥିରେ ଅଂଶ ଗ୍ରହଣ କରିବାକୁ ପଡ଼ି ନ ଥିଲା— ସମସାମୟିକ କାଳ ସାହିତ୍ୟ-ଚର୍ଚ୍ଚାରେ ତାଙ୍କୁ ମଙ୍ଗୁଆଳର ଭୂମିକା ନେବାକୁ ବାଧ୍ୟ କରିଥିଲା । ପ୍ରଥମ ପ୍ରତିଷ୍ଠିତ-ସମ୍ବାଦ ପତ୍ରର ସମ୍ପାଦକ ଭାବରେ, ପ୍ରଥମ ସମାଜ-ସଚେତନ ଲେଖକ ହିସାବରେ ତଥା ଓଡ଼ିଆ ଜାତୀୟ ଚେତନାର ଅଗ୍ରଦୂତ ଭାବରେ ଓଡ଼ିଆ ସାହିତ୍ୟର ଆଲୋଚନା ତାଙ୍କୁ କରିବାକୁ ହୋଇଥିଲା । ଫଳରେ ଗୌରୀଶଙ୍କରଙ୍କ ହାତରେ ଓଡ଼ିଆ ସାହିତ୍ୟରେ 'ସମାଲୋଚନା'ର ଉଦ୍ଭବ ହୋଇଥିଲା ତଥା ଓଡ଼ିଆ ସାହିତ୍ୟର ପରିଚର୍ଚ୍ଚାରେ ମୂଲ୍ୟମାନର ପ୍ରୟୋଗ କରିବା ଦ୍ୱାରା ସେ ସାହିତ୍ୟ-ଆଲୋଚନାର ଜଗତକୁ ସାଂପ୍ରତିକତା ଭିତରେ ସୀମାବଦ୍ଧ ନ କରି ଐତିହାସିକ ପ୍ରେକ୍ଷାପଟକୁ ସମ୍ପ୍ରସାରିତ କରି ପାରିଥିଲେ ।

## ॥ ଦୁଇ ॥

ଓଡ଼ିଆ ସାହିତ୍ୟ ସହ ସମ୍ପର୍କର ସ୍ମୃତିଚାରଣ କରି ଉତ୍କଳ ସାହିତ୍ୟ ସମାଜର ଦ୍ୱାଦଶ ଅଧିବେଶନର ସଭାପତି ଅଭିଭାଷଣରେ ଗୌରୀଶଙ୍କର କହିଥିଲେ : "ମୋର ସାହିତ୍ୟ ଆଲୋଚନା ଏତେ ଅଳ୍ପ ଯେ, ସେଥିରେ ପୁଷ୍ଟି ଓ ଅଗ୍ରଗତି ସମ୍ବନ୍ଧରେ ସୁପରାମର୍ଶ ଦେବାକୁ ସାହସ ହେଉ ନାହିଁ । × ମୁଁ ଜଣେ ସୁବକ୍ତା ବା ଲେଖକ ନ ହେଲେ ହେଁ ଉତ୍କଳ ସାହିତ୍ୟ ପ୍ରତି ମୋର ଆନ୍ତରିକ ଅନୁରାଗ ଅଛି ଏବଂ ଏହାର ରକ୍ଷଣ ଓ ସମ୍ପ୍ରସାରଣରେ ସେତୁବନ୍ଧ ନିର୍ମାଣରେ ଗୁଣ୍ଡୁଚି ମୂଷାପରି ଯୋଗ ଦେବାକୁ ତ୍ରୁଟି କରି ନାହିଁ । ×

ମୁଁ କହୁଅଛି ଯେ, ଉତ୍କଳ-ସାହିତ୍ୟ ମୋତେ ଅତି ଅଳ୍ପ ଜଣା । ଶିଶୁ ଅବସ୍ଥାରେ ଚାଟଶାଳୀରେ ରାସ, ଗୋପୀଭାଷାଦି ଯାହା ପଢ଼ିଥିଲି ତାହା କେବଳ ଅକ୍ଷର ଚିହ୍ନିବା ନିମନ୍ତେ । ଅର୍ଥ ବୁଝିବା କ୍ଷମତା ଅଥବା ବୁଝାଇବା ଲୋକ ସେତେବେଳେ ନଥିଲା, ପରେ ଇଂରାଜୀ ସ୍କୁଲରେ ମୋର ଓଡ଼ିଆ ଶିକ୍ଷା ମିସନ ଛାପାଖାନାର ମୁଦ୍ରିତ ନୀତିକଥା, ହିତୋପଦେଶ ପ୍ରଭୃତି ସୀମାକୁ ଡେଇଁ ନ ଥିଲା । ସୁତରାଂ ଉତ୍କଳ ସାହିତ୍ୟର ପରିଚୟ

ଆଦୌ ପାଇ ନ ଥିଲି ବୋଲିବା ଅତ୍ୟୁକ୍ତି ନୁହେଁ । ସ୍କୁଲ ଗୃହ ସରକାରୀ କାର୍ଯ୍ୟ ପାଇ କେତେଜଣ କବିତେଶ ବନ୍ଧୁଙ୍କ ଠାରୁ ବୈଦେହୀଶ ବିଳାସ ପ୍ରଭୃତି ଦୁଇ ଏକ ପଦ ଅର୍ଥ ସହିତ ଶୁଣି ସେ ଆଡ଼କୁ ମନ ଧାଇଁଲା ଏବଂ କେତେଜଣ ଅତି ପ୍ରିୟ ବନ୍ଧୁ ଯଥା— ସ୍ୱର୍ଗୀୟ ବନମାଳୀ ସିଂହ ରାଧାମୋହନ ପଟ୍ଟନାୟକ, ଜଗମୋହନ ଲାଲ, ପ୍ୟାରୀ-ମୋହନ ସେନ ଆଦି ମିଶି ନିତ୍ୟ ସନ୍ଧ୍ୟାବେଳେ ଅନ୍ତତଃ ଏକଘଣ୍ଟା ପ୍ରେମ ସୁଧାନିଧି, ଲାବଣ୍ୟବତୀ ପ୍ରଭୃତି ପାଠ କରି ଉତ୍କଳ-ସାହିତ୍ୟର ସ୍ୱାଦ ପାଇଲି ...... ।"(୩)

ଏହି ସ୍ମୃତିଗ୍ରନ୍ଥରେ ଗୌରୀଶଙ୍କର ପ୍ରାଚୀନ ସାହିତ୍ୟ ସହ ତାଙ୍କର ସମ୍ପର୍କ ପ୍ରସଙ୍ଗ ହିଁ ଉପସ୍ଥାପନ କରିଛନ୍ତି । ଗୌରୀଶଙ୍କରଙ୍କ ଜୀବନର ମଧ୍ୟ ପର୍ଯ୍ୟାୟରେ ଆଧୁନିକ ଓଡ଼ିଆ ସାହିତ୍ୟର ସୃଷ୍ଟି । ସାହିତ୍ୟକୁ ଉପଭୋଗ କରିବାର ପ୍ରବୃତ୍ତି ତେଣୁ ସେ ଆହରଣ କରିଥିଲେ ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟରୁ । ଆଧୁନିକ ବଙ୍ଗଳା ସାହିତ୍ୟ ତାଙ୍କର ସମକାଳରେ ବିକଶିତ ହୋଇଥିଲା ଓ ଇଂରାଜୀ ସାହିତ୍ୟ ସହ ତାଙ୍କର ଘନିଷ୍ଠ ପରିଚୟ ନ ଥିଲା । ଫଳରେ ସାହିତ୍ୟ ସମ୍ପର୍କରେ ତାଙ୍କର ଧାରଣା ଭଞ୍ଜ ପ୍ରମୁଖଙ୍କ ମଧ୍ୟଯୁଗୀୟ ଓଡ଼ିଆ କାବ୍ୟକୃତି-ଆଶ୍ରିତ । ସମୟ କ୍ରମେ ଏହି ଧାରଣାର ସମ୍ପ୍ରସାରଣ ଘଟିଛି, ଖଣ୍ଡନ ମଣ୍ଡନ ମଧ୍ୟ ହୋଇଛି କିନ୍ତୁ ତାଙ୍କର ମୌଳ-ପ୍ରତ୍ୟୟରେ ପରିବର୍ତ୍ତନ ଘଟିନାହିଁ । ଏହି ଅଭିମୁଖ୍ୟ ଭଙ୍ଗିରେ 'ଉତ୍କଳ ଦୀପିକା'ରେ ସେ ପ୍ରାଚୀନ ଓ ସମକାଳୀନ ଓଡ଼ିଶା ସାହିତ୍ୟର ଆଲୋଚନା କରିଯାଇଛନ୍ତି । ସାହିତ୍ୟ-ଚର୍ଚ୍ଚା ସମ୍ପର୍କରେ ଗୌରୀଶଙ୍କରଙ୍କ ସ୍ୱୀକାରୋକ୍ତି ସାହିତ୍ୟ-ପାଠକ ହିସାବରେ ତାଙ୍କର ସୀମାବଦ୍ଧତାକୁ ଯେଉଁ ପରିମାଣରେ ସୂଚିତ ନ କରେ ତା' ଅପେକ୍ଷା ତାଙ୍କ ମନୋଭୂମିର ପ୍ରାଥମିକ ପରିଚୟ ହିଁ ଅଧିକ ଭାବରେ ପ୍ରଦାନ କରେ । ତାଙ୍କର ସମ-କାଳରେ ସୃଷ୍ଟି ହୋଇଥିବା ଓଡ଼ିଆ ସାହିତ୍ୟକୁ ତା' ବୋଲି ସେ ପ୍ରତ୍ୟାଖ୍ୟାନ କରି ନାହାନ୍ତି କିନ୍ତୁ ତାହାକୁ ସର୍ବଶ୍ରେଷ୍ଠ ବୋଲି ମଧ୍ୟ ଗ୍ରହଣ କରିନାହାନ୍ତି । ଏଭଳିକି ଉପନ୍ୟାସ ଓ ନାଟକ ଭଳି ଆଧୁନିକ ସାହିତ୍ୟ-ରୂପ ଗୌରୀଶଙ୍କରଙ୍କ ଦ୍ୱାରା ପ୍ରଶଂସିତ ଓ ଆଲୋଚିତ ହୋଇଛି ।

ଗୌରୀଶଙ୍କରଙ୍କ ସାହିତ୍ୟ ପ୍ରତ୍ୟୟ ଥିଲା ମଧ୍ୟଯୁଗୀୟ ଓଡ଼ିଶା ସାହିତ୍ୟ-କେନ୍ଦ୍ରିକ । ସମକାଳରେ ସାହିତ୍ୟ-ସମାଲୋଚନାର ଭୂମିକାକୁ ସେ ଅସ୍ୱୀକାର କରିପାରି ନ ଥିଲେ । ଉଭୟ ମଧ୍ୟରେ ଥିବା ଭାବ-ଦ୍ୱନ୍ଦ୍ୱକୁ ବି ସେ ସ୍ପଷ୍ଟତଃ ଅନୁଭବ କରି ପାରି ନ ଥିଲେ । ସାହିତ୍ୟକୁ ଯେବେ ଆହ୍ଲାଦ-ପ୍ରଧାନ ବୋଲି ଗ୍ରହଣ କରାଯାଏ ତେବେ ସାହିତ୍ୟ କୃତିର ଭଲ ଓ ମନ୍ଦର ବିଚାର ସେତେବେଳେ ଅନାବଶ୍ୟକ । ଆଉ ଭଲ ଓ ମନ୍ଦର ବିଚାର କଲାବେଳେ କେବଳ ଆନନ୍ଦାନୁଭୂତି ନୁହେଁ, କୌଣସି ସାହିତ୍ୟ-କୃତିର ସାମାଜିକ ଆବଶ୍ୟକତା ଅସଚେତନ ଭାବରେ ବିଚାର-ଦୃଷ୍ଟିକୁ ଆଚ୍ଛନ୍ନ କରେ । 'ବାକ୍ୟଂ ରସାତ୍ମକଂ କାବ୍ୟମ୍' - ବିଶ୍ୱନାଥ କବିରାଜଙ୍କ ଏହି ଅତି ପରିଚିତ କାବ୍ୟ ସଜ୍ଞାକୁ ସେ ଗ୍ରହଣ କରି ନେଇଛନ୍ତି । ଶୃଙ୍ଗାର ରସ ବା ଆଦିରସ ଅଳଙ୍କାର ଶାସ୍ତ୍ରରେ ରସରାଜ ଭାବରେ ଅନେକ ସମୟରେ ଗୃହୀତ ହୋଇଥିବାରୁ ଆଦିରସ ପ୍ରଧାନ କାବ୍ୟକୁ ସେ

ଶ୍ରେଷ୍ଠ କାବ୍ୟର ଗୌରବ ଦେଇଛନ୍ତି । ତେଣୁ ଭଞ୍ଜ କାବ୍ୟକୁ ଯେଉଁମାନେ ବିରୋଧ କରନ୍ତି ସେମାନଙ୍କର ସାହିତ୍ୟ ଜ୍ଞାନ ହୁଏତ କଞ୍ଚା, ନ ହେଲେ ବୈଷୟିକ ଆବଶ୍ୟକତାରୁ ସେହି ବିରୋଧ-ଭାବ ଉଦ୍‌ଭୂତ – ଏହିଭଳି ଏକ ସିଦ୍ଧାନ୍ତରେ ସେ ପହଞ୍ଚିଛନ୍ତି । ଏ ପ୍ରସଙ୍ଗରେ ସେ ଲେଖିଛନ୍ତି : ''ରସାତ୍ମକ ବାକ୍ୟର ନାମ କାବ୍ୟ ଓ ଆଦିରସ ଗୋଟିଏ ରସ ଅଟଇ । ସୁତରାଂ ଆଦିରସ ଘଟିତ କାବ୍ୟକୁ କାବ୍ୟ ବୋଲିବା ଅନ୍ୟାଯ୍ୟ ନୁହଇ ବୋଲି ସହଜ-ଜ୍ଞାନରେ ପ୍ରତୀତ ହେଉଅଛି ।'' (୪) ଯେଉଁମାନେ ଗୌରୀଶଙ୍କରଙ୍କ ସାହିତ୍ୟ ଧାରଣାକୁ ପ୍ରତ୍ୟାଖ୍ୟାନ କରୁଥିଲେ, ସେମାନଙ୍କ ଦୃଷ୍ଟିରେ ମଧ୍ୟ ବିଶ୍ୱନାଥଙ୍କ ଉକ୍ତି ଥିଲା ସ୍ୱୀକୃତ-ସତ୍ୟ; ଏକ ମାତ୍ର କାବ୍ୟ ସଂଜ୍ଞା । ସମଗ୍ର ଊନବିଂଶ ଶତକର ସାହିତ୍ୟ-ଚର୍ଚ୍ଚା ବିଶ୍ୱନାଥଙ୍କ କାବ୍ୟ ସଂଜ୍ଞାର ବୃତ୍ତାକାର କକ୍ଷ ପଥରେ ଘୂରିବା ପାଇଁ ବାଧ୍ୟ ହୋଇଥିଲା ।

'ରସ' ସହିତ ସାହିତ୍ୟର ଅନ୍ୟାନ୍ୟ ବିଭବ ଭାବରେ ସେ ନୀତି-ଉପଦେଶ ଓ ଅଲଂକାର-ସଂଯୋଜନାକୁ ଗ୍ରହଣ କରିଅଛନ୍ତି । ଭଞ୍ଜଙ୍କ ମହତ୍ତ୍ୱ ପ୍ରତିପାଦନ ପ୍ରସଙ୍ଗରେ ସେ ଲେଖିଅଛନ୍ତି : ''ତାହାଙ୍କର ରଚନା ଗୁଡ଼ାକ କ'ଣ ଖାଲି ଆଦିରସରେ ଲଟପଟ ଏମନ୍ତ ନୋହେ । ତହିଁରେ ସ୍ଥାନେ ସ୍ଥାନେ ଭଲ କଥା ଅଛି, ଭଲ ଭାବ ଅଛି । ଦେଶଗୀତ ଅନୁସାରେ ଦେହ ସାକରେ ଅଳଂକାର ଟଣ୍ ଟଣ୍ ହେଉଥିଲେ ହେଁ ସୌନ୍ଦର୍ଯ୍ୟରେ ଊଣା ହୋଇ ନାହିଁ ବରଂ ଅଧିକ ହୋଇଛି ।'' (୫) ଏଠାରେ ଭାବ, ନୀତି ଉପଦେଶ ଓ ସୌନ୍ଦର୍ଯ୍ୟ ପ୍ରକାଶ ସାହିତ୍ୟର ଲକ୍ଷ୍ୟ ଭାବରେ ଗୃହୀତ । କିନ୍ତୁ ନୀତି-ଉପଦେଶ କିଭଳି ହୋଇଥିବ, ଭାବ ଓ ସୌନ୍ଦର୍ଯ୍ୟ କହିଲେ କ'ଣ ବୁଝାଯାଏ ତାହା ସେ ଆଦୌ ସ୍ପଷ୍ଟ କରି ନାହାନ୍ତି । ଫଳରେ ରସ, ଭାବ, ସୌନ୍ଦର୍ଯ୍ୟ ଆଦି ପ୍ରତ୍ୟୟ-ସୂଚକ ଶବ୍ଦାବଳୀ ଗୌରୀଶଙ୍କର ଅବିଶୃଙ୍ଖଳିତ ଭାବେ ତାଙ୍କ ଆଲୋଚନା ଗୁଡ଼ିକରେ ବ୍ୟବହାର କରିଛନ୍ତି ।

'ସମାଲୋଚନା' ଶବ୍ଦଟି ସାହିତ୍ୟ ଆଲୋଚନା ଅର୍ଥରେ ପ୍ରଥମେ ଗୌରୀଶଙ୍କରଙ୍କ ଦ୍ୱାରା ବ୍ୟବହୃତ । 'ବୋଧୋଦାୟିନୀ' ପତ୍ରିକାରେ 'ଭ୍ରମରଞ୍ଜନ'ର ଯେଉଁ ବିରୋଧୀ ଓ ନିନ୍ଦାମୂଳକ ଆଲୋଚନା ପ୍ରକାଶିତ ହୋଇଥିଲା, ତାହାର ଉତ୍ତର ଦେବାକୁ ଯାଇ ସେ ଲେଖିଥିଲେ : ''··· ପୁସ୍ତକର ସମାଲୋଚନା କରିବା ଅତି ଗୁରୁତର କାର୍ଯ୍ୟ ଅଟେ ତହିଁର ଦୋଷ ଗୁଣ ଉତ୍ତମ ରୂପେ ବିବେଚନା କରି ଉଭୟର ସମୁଚିତ ବର୍ଣ୍ଣନା ପୂର୍ବକ ପୁସ୍ତକ ସଡ଼ ମତ ପ୍ରକାଶ କରିବାକୁ ହୁଏ କେବଳ ଦୋଷ ଦେଖାଇବାର ସମାଲୋଚନାର ମର୍ମ ନୁହେଁ ।'' (୬) ସମ୍ୟକ ବା ସାମଗ୍ରିକ ଆଲୋଚନାକୁ ସେ 'ସମାଲୋଚନା' ଅର୍ଥରେ ଗ୍ରହଣ କରିଛନ୍ତି ଓ ସେଥିପାଇଁ ସମାଲୋଚକଙ୍କର କାର୍ଯ୍ୟକୁ ଗୁରୁତର ଓ କଠିନ ବୋଲି ସେ ଗ୍ରହଣ କରିଛନ୍ତି । ଏହାର ଅଭାବରେ ସମାଲୋଚକ ସ୍ୱଧର୍ମରୁ ଭ୍ରଷ୍ଟ ହୁଅନ୍ତି : ''ସମାଲୋଚକର କାର୍ଯ୍ୟ ବଡ କଠିନ ଅଟଇ । ସମସ୍ତ ଦିଗ ବିବେଚନା ନ କରି ଏକାବେଳେକେ ଅପ୍ରକୃତ ବୋଲି ପରିତ୍ୟାଗ କରିବା ଉଚିତ ନୁହଇ ।'' (୭) ସମାଲୋଚନା ଆଲୋଚକଙ୍କ ପାଣ୍ଡିତ୍ୟର ଇସ୍ତାହାର ନୁହେଁ ବା

ଆତ୍ମପ୍ରକାଶର ମାଧ୍ୟମ ମାତ୍ର ନୁହେଁ । ସାହିତ୍ୟ ଭଳି ଏହାର ସମାଜ-ଗଠନାତ୍ମକ ଭୂମିକା ରହିଛି । ସମାଲୋଚକ ଲେଖକ ଓ ପାଠକଙ୍କର ଉପକାର କରେ—ଜଣଙ୍କୁ ସଂଶୋଧନ କରେ ଓ ଅନ୍ୟ ଜଣଙ୍କୁ ଗଠନ ମୂଳକ ଆଲୋଚନା ମାଧ୍ୟମରେ ଭବିଷ୍ୟତ ପାଇଁ ପଥ-ନିର୍ଦ୍ଦେଶ କରେ । ସେଥିପାଇଁ ସମାଲୋଚକଙ୍କର ପ୍ରଥମ ଆବଶ୍ୟକତା ସମାଲୋଚ୍ୟ ବିଷୟର ସ୍ପଷ୍ଟ ପ୍ରତ୍ୟୟ ଓ ଅଧ୍ୟୟନ : " ସମାଲୋଚନା ଦୂଷଣୀୟ ନୁହେଁ କିନ୍ତୁ ଜ୍ଞାନିଲୋକଙ୍କ ଦ୍ୱାରା ନ ହେଲେ ତାହା ବାତୁଳତା ବୋଲି ପରିଗଣିତ ହୁଏ । ଯେଉଁ ସମାଲୋଚନା ଦ୍ୱାରା ଲେଖକ, ପାଠକ ବା ସମାଲୋଚକ କାହାରି ଉପକାର ସମ୍ଭବ ନୁହେଁ, ସେ ରୂପ ସମାଲୋଚନା ଦ୍ୱାରା ସାଧାରଣ ହିତବ୍ରତୀ ସମ୍ବାଦ ପତ୍ରର କଳେବରର ଏକ ଅଂଶ ହରଣ କରିବା ଅନୁମୋଦନୀୟ ନୁହଇ ।" (୮)

ସାହିତ୍ୟର ସ୍ୱରୂପ ସମ୍ପର୍କରେ ଗୌରୀଶଙ୍କରଙ୍କର ସାଧାରଣ ଧାରଣା ମାତ୍ର ଥିଲା—ତତ୍ତ୍ୱଗତ ସ୍ପଷ୍ଟତା ନ ଥିଲା । କିନ୍ତୁ ସାହିତ୍ୟ ସମାଲୋଚନାର ଭୂମିକା ସମ୍ପର୍କରେ ତାଙ୍କର ଧାରଣା ଥିଲା ଅନେକାଂଶରେ ସ୍ୱଚ୍ଛ ଓ ସନ୍ତୁଳିତ । ଜଣେ ସମାଲୋଚକଙ୍କର କର୍ତ୍ତବ୍ୟ କ'ଣ ହେବା ଉଚିତ—ଆପଣା ସମୟର ଆବଶ୍ୟକତାରୁ ତାହା ସେ ଶିକ୍ଷାଲାଭ କରିଥିଲେ । ଓଡ଼ିଆ ସାହିତ୍ୟ-ସମ୍ପର୍କିତ ତାଙ୍କର ଆଲୋଚନାରେ ତାଙ୍କର ଏହି କର୍ତ୍ତବ୍ୟ ବୋଧ ହିଁ ପ୍ରକାଶିତ ।

## ॥ ତିନି ॥

'ଉତ୍କଳ ଦୀପିକା'ର ପ୍ରକାଶ ବେଳକୁ ଓଡ଼ିଆ ସାହିତ୍ୟ ଆଲୋଚନାର ପରଂପରା ସୃଷ୍ଟି ହୋଇ ନ ଥିଲା । ରେଭରେଣ୍ଡ ଜେମ୍ସ ଲଙ୍ଗ ଦଶଦିନ ପାଇଁ ଓଡ଼ିଆ ବୁଲିଆସି, ନିଜର ପରିଦର୍ଶନର ଯେଉଁ ବିବରଣୀ ଦେଇଥିଲେ ତଥା ରଙ୍ଗଲାଲ ଦୀନକୃଷ୍ଣ ଓ ଉପେନ୍ଦ୍ର ଭଞ୍ଜଙ୍କ ସମ୍ପର୍କରେ ଯେଉଁ ପରିଚୟାତ୍ମକ ପ୍ରବନ୍ଧ ଦୁଇଟି 'ରହସ୍ୟ ସନ୍ଦର୍ଭ' ପତ୍ରିକାରେ ଲେଖିଥିଲେ—ତାହା ଥିଲା ଓଡ଼ିଆ ସାହିତ୍ୟ ସମ୍ପର୍କରେ ପ୍ରାଥମିକ ଉଲ୍ଲେଖ ଓ ଆଲୋଚନା । (୯) ବଙ୍ଗଳା ସାହିତ୍ୟରେ ବି ସାହିତ୍ୟ ଚର୍ଚ୍ଚାର ତାହା ଥିଲା ପ୍ରାରମ୍ଭିକ ପର୍ବ । ଈଶ୍ୱର ଗୁପ୍ତ, ରାଜେନ୍ଦ୍ର ଲାଲ ମିତ୍ର, ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ଓ ରଙ୍ଗଲାଲ ସାହିତ୍ୟ ଆଲୋଚନାରେ ନେତୃତ୍ୱ ନେଇଥିଲେ । ପୁଣି ଏମାନଙ୍କ ମଧ୍ୟରୁ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କୁ ଛାଡ଼ିଦେଲେ ଅନ୍ୟ କାହାରି ପ୍ରସାରିତ ଦୃଷ୍ଟିକୋଣ ମଧ୍ୟ ନ ଥିଲା । ବସ୍ତୁତଃ ମାଇକେଲ ମଧୁସୂଦନଙ୍କ ଆବିର୍ଭାବ ପର୍ଯ୍ୟନ୍ତ ଆଧୁନିକ ଦୃଷ୍ଟି ବଙ୍ଗଳା ସାହିତ୍ୟ-ଚର୍ଚ୍ଚାରେ ପରିସ୍ଫୁଟ ହୋଇ ନ ଥିଲା । (୧୦) ସାହିତ୍ୟ ତତ୍ତ୍ୱ ସମ୍ପର୍କରେ ପରିଚ୍ଛନ୍ନ ଅବବୋଧର ଅଭାବ ଓ ସାହିତ୍ୟର ମୂଲ୍ୟଗତ ଅବଧାରଣାରେ ଅସମର୍ଥ ଥିଲେ ବି ସେ ସମୟର ବଙ୍ଗଳା ସମ୍ବାଦ ପତ୍ର ଗୁଡ଼ିକ ସାହିତ୍ୟ ଓ ଅସାହିତ୍ୟ ନିର୍ବିଶେଷରେ ସମସ୍ତ ପ୍ରକାଶିତ ପୁସ୍ତକର ସ୍ଥୂଳ ବିବରଣୀ ଦେବାରେ ଅବହେଳା କରୁ ନ ଥିଲେ । ପୁଣି ପୁସ୍ତକର ଭାଷା ତଥା ବଙ୍ଗଳା ବନାମ ଇଂରାଜୀ ଓ ସଂସ୍କୃତ ଭାଷା ସମ୍ପର୍କିତ ବିବାଦ ୧୮୩୫ ମସିହା ପରବର୍ତ୍ତୀ ଅଧିକାଂଶ ବଙ୍ଗୀୟ ସମ୍ବାଦ ପତ୍ରକୁ ଆକ୍ରାନ୍ତ କରିଥିଲା ।

ବଙ୍ଗଳାର ପ୍ରତିଷ୍ଠିତ ସମ୍ବାଦ ପତ୍ର ସମ୍ବାଦ ପ୍ରଭାକର, ସମାଚାର ଦର୍ପଣ, ସମାଚାର ଚନ୍ଦ୍ରିକା ପ୍ରମୁଖଙ୍କୁ ଅନୁସରଣ କରି ନୂତନ ପୁସ୍ତକର ବିଜ୍ଞାପନ ଓ ପ୍ରାପ୍ତ ପୁସ୍ତକର ଆଲୋଚନା 'ଉତ୍କଳ ଦୀପିକା'ର ପରିଚିତ ସ୍ତମ୍ଭରେ ପରିଣତ ହୋଇଥିଲା । ସମ୍ବାଦ ପତ୍ର ପୃଷ୍ଠାରେ ହେଉଥିବା ଅନୁରୂପ ସାହିତ୍ୟ-ସମାଲୋଚନାକୁ ଡକ୍ଟର ନଟବର ସାମନ୍ତରାୟ କହିଛନ୍ତି 'ବାର୍ତ୍ତାମୁଖୀ ସମାଲୋଚନା ସାହିତ୍ୟ' (୧୧) "ଭାଷା ଓ ସାହିତ୍ୟ ସମ୍ପର୍କୀୟ ଲେ ବ୍ୟତୀତ ଅନ୍ୟାନ୍ୟ ସ୍ଥଳରେ କେବଳ ବାର୍ତ୍ତା ପରିବେଷଣ କରିବା ଏମାନଙ୍କର ମୁଖ୍ୟଲକ୍ଷ୍ୟ ଥିଲା" (୧୨) । ତାଙ୍କ ମତରେ ଏହି ବାର୍ତ୍ତାମୁଖୀ ସମାଲୋଚନାର ମୂଳ ଭିତ୍ତି ଉପରେ ଆଧୁନିକ ସାହିତ୍ୟର ଯଥାର୍ଥ ସମାଲୋଚନା ଛିଡ଼ା ହୋଇଛି । ଗୌରୀଶଙ୍କରଙ୍କ ପୁସ୍ତକ-ସମାଲୋଚନା ପ୍ରାଥମିକ ସନ୍ଧିଗ୍ଧତା ଓ ଆଲୋଚନାର-ଅସ୍ପଷ୍ଟତାକୁ ଅତିକ୍ରମ କରି ଶେଷରେ ସାହିତ୍ୟ ସମାଲୋଚନାର କୋଠିକୁ ଉନ୍ନୀତ ହୋଇପାରିଥିଲା । ଏହି ପୁସ୍ତକ-ସମାଲୋଚନା ସ୍ତମ୍ଭରେ ଗୌରୀଶଙ୍କର ଓଡ଼ିଆ ସାହିତ୍ୟ-ଚର୍ଚ୍ଚାକୁ ଭାଷା ଓ ବହିରଙ୍ଗ ଆଲୋଚନାରୁ ମୂଲ୍ୟ ବିଚାର ଆଡ଼କୁ ଟାଣିନେଇଥିଲେ । ସାହିତ୍ୟ ଚର୍ଚ୍ଚା ଯେତେବେଳେ ମୂଲ୍ୟ ବିଚାରକୁ ଆପଣାର କରିପାରେ ଓ ଆଲୋଚକ ନିର୍ଦ୍ଦିଷ୍ଟ ମେଦନୀ-ଦୃଷ୍ଟିକୁ ଅଭିବ୍ୟକ୍ତ ଦେବାରେ ସାମର୍ଥ୍ୟ ହାସଲ କରନ୍ତି, ସେତେବେଳେ ସେହି ସାହିତ୍ୟ-ଚର୍ଚ୍ଚା ଯଥାର୍ଥ ସାହିତ୍ୟ ସମାଲୋଚନା ସ୍ତରକୁ ଉତ୍ତୀର୍ଣ୍ଣ ହୁଏ । ଗୌରୀଶଙ୍କରଙ୍କ ପୁସ୍ତକ ସମାଲୋଚନା ୧୮୯୦ର ପରବର୍ତ୍ତୀ କାଳରେ ତୁଚ୍ଛା ସମାଲୋଚ୍ୟ ବିଷୟର ଚର୍ବିତ ଚର୍ବଣ ନ ଥିଲା ବା କୌଣସି ବହିର ବିଷୟବସ୍ତୁର ଫେନାୟିତ ବର୍ଣ୍ଣନା ମାତ୍ର ନ ଥିଲା । ତାହା ଥିଲା ଗୌରୀଶଙ୍କରଙ୍କର ମୌଳିକ ଦୃଷ୍ଟିକୋଣର ଅଭିବ୍ୟକ୍ତି ।

ଗୌରୀଶଙ୍କରଙ୍କର ପ୍ରଥମ ପୁସ୍ତକ-ସମାଲୋଚନା ପ୍ରକାଶିତ ହୋଇଥିଲା ଦୀପିକାର ଦ୍ୱିତୀୟ ବର୍ଷରେ, 'କସ୍ୟଚିତ ବିଚାରକସ୍ୟ' ଛଦ୍ମନାମରେ । ଫକୀର ମୋହନଙ୍କ ଦ୍ୱାରା ଅନୂଦିତ ବିଦ୍ୟାସାଗରଙ୍କ ଜୀବନ ଚରିତ ପୁସ୍ତକର ଆଲୋଚନା କରିବାକୁ ଯାଇ ଏଥିରେ ମୁଖ୍ୟତଃ ତା'ର ଭାଷା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ଫକୀର ମୋହନ ଭାଷା ଉପରେ ବଙ୍ଗଳାର ଅପପ୍ରଭାବ ଏଥିରେ ବିଶେଷ ଭାବେ ସମାଲୋଚିତ "ଉପରି ନିର୍ଦ୍ଦିଷ୍ଟ କତିପୟ ଅଶୁଦ୍ଧ ଛଡ଼ା ଗ୍ରନ୍ଥର ଆମୂଳାଗ୍ର ବହୁପ୍ରକାର ବିଭକ୍ତି ଦୋଷ ଥିବାରୁ ସୁତରାଂ ଶ୍ରୁତିକଟବୋଧ ହେଉଅଛି । ଏଥିରୁ ଉତ୍ତମରୂପେ ଜଣାଯାଉଅଛି ଯେ ଅଳ୍ପ ବୟସ୍କ ଭଦ୍ରସନ୍ତାନମାନଙ୍କୁ ଏ ପ୍ରକାର ଗ୍ରନ୍ଥ ପଢ଼ାଇ ଭାଷାରେ ବିଜାତୀୟ ଜ୍ଞାନ କରାଇ ଦେବାରୁ ତାଙ୍କୁ ନ ପଢ଼ାଇବା ଶ୍ରେୟସ୍କର ।" (୧୩) ବଙ୍ଗଳା ଭାଷାରୁ ଅନୁବାଦ କରିବାକୁ ଯାଇ ଓଡ଼ିଆ ଲେଖକମାନେ ବଙ୍ଗଳାର ବ୍ୟାକରଣଗତ ପ୍ରୟୋଗକୁ ଲଦି ଦେଇଛନ୍ତି, ଉପରୋକ୍ତ ଆଲୋଚନାରେ ଏହା ପ୍ରଦର୍ଶିତ । ଜୀବନ ଚରିତ ଏକ ପାଠ୍ୟ ପୁସ୍ତକ ଓ ଏହି ଆଲୋଚନାକୁ ଖୁବ୍ ବେଶିରେ ସାହିତ୍ୟ ପୁସ୍ତକର ଭାଷା-ଚର୍ଚ୍ଚା ବା ସାହିତ୍ୟ ଚର୍ଚ୍ଚା କୁହାଯାଇ ପାରେ କିନ୍ତୁ ସାହିତ୍ୟ-ସମାଲୋଚନା ନୁହେଁ । ଡକ୍ଟର ବଂଶୀଧର ମହାନ୍ତି ଓଡ଼ିଆ ସମାଲୋଚନାର ଆଦିରୂପ ଭାବରେ ଏହି ଆଲୋଚନାକୁ ଗ୍ରହଣ କରିଛନ୍ତି । (୧୪)

'ଭ୍ରମ ଭଞ୍ଜନ' ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରଥମ ପ୍ରକାଶିତ କାବ୍ୟ । ଜଗନ୍ମୋହନ ଲାଲ ପ୍ରାଚୀନ କାବ୍ୟରୀତି ସହ ସମନ୍ୱୟ ରକ୍ଷା କରି ପାର୍ଣ୍ଣେଲଙ୍କ ହରମିଟ

ଖଣ୍ଡକାବ୍ୟର ଓଡ଼ିଆ ଭାଷାରେ ମୁକ୍ତ ଅନୁବାଦ କରି ତା'ନାଁ ଦେଇଛନ୍ତି 'ଭ୍ରମ ଭଞ୍ଜନ' । 'ଭ୍ରମ ଭଞ୍ଜନ'ର ଆଲୋଚନା, ଗୌରୀଶଙ୍କରଙ୍କର ଯଥାର୍ଥ ସାହିତ୍ୟ ପୁସ୍ତକର ପ୍ରଥମ ସମାଲୋଚନା ଭାବରେ ଗ୍ରହଣ କରାଯାଇପାରେ । 'ନୂତନ ପୁସ୍ତକର ସମାଲୋଚନା' ଶୀର୍ଷକରେ ସେ ଲେଖିଛନ୍ତି : "ଏହି ନାମର ଏକଖଣ୍ଡି ଉତ୍କଳ ପୁସ୍ତକ ଆମ୍ଭେମାନେ ପ୍ରାପ୍ତ ହୋଇଅଛୁଁ ଗ୍ରନ୍ଥ ରଚକର ନାମ ବାବୁ ଜଗନ୍ମୋହନ ଲାଲ କଟକ ପ୍ରିଣ୍ଟିଂ କମ୍ପାନୀର ଯନ୍ତ୍ରାଳୟରେ ମୁଦ୍ରିତ ଏବଂ ସୁବିଖ୍ୟାତ ଇଂରାଜୀ କବି ପାର୍ଣେଲ ସାହେବଙ୍କ ସନ୍ନାସି ନାମକ କବିତାରୁ ଏଥିର ବିଷୟ ଗ୍ରହଣ ହୋଇ ଉତ୍କଳ ଦେଶ ପ୍ରଚଳିତ ନାନା ପ୍ରକାର ଛନ୍ଦଗୀତରେ ରଚନା ହୋଇଅଛି ।

ଆମ୍ଭେମାନେ ଏ ଗ୍ରନ୍ଥକୁ ଅତି ସମାଦାର ସହିତ ଗ୍ରହଣ କରିଅଛୁଁ । ସମ୍ପ୍ରତି ଉତ୍କଳ ଦେଶର ହିତାକାଂକ୍ଷିମାନେ ସାଧାରଣ ବିଦ୍ୟାଲାଭ ଓ ବାଳକଙ୍କ ଶିକ୍ଷାନିମିତ୍ତ ଅନେକ ପୁସ୍ତକ ରଚନା କରୁଅଛନ୍ତି । ମାତ୍ର ଦୁଃଖର ବିଷୟ ଯେ ଦୁଇ ଏକ ଖଣ୍ଡ ପୁସ୍ତକ ଭିନ୍ନ ଆଉ ସମସ୍ତ ବଙ୍ଗ ପୁସ୍ତକର ଅବିକଳ ଅନୁବାଦ ଅଟଇ । ବଙ୍ଗଳା ସଙ୍ଗେ ଉତ୍କଳର ପ୍ରାକାଶ୍ୟ ଭିନ୍ନତା ଅଳ୍ପ ଜଣାଯିବାରୁ ଅନୁବାଦ ପୁସ୍ତକର କର୍ତ୍ତାମାନେ ଏହିରୂପ ପୁସ୍ତକ ରଚନାର ଉପାୟ ସହଜ ଜ୍ଞାନ କରି ସେଥିରେ ପ୍ରବୃତ୍ତ ହେଉଅଛନ୍ତି ଏବଂ ବସ୍ତୁତଃ ଅବିକଳ ଅନୁବାଦ ଯେ କେତେ କଠିନ ତାହା ସେମାନେ ଜ୍ଞାନ କରନ୍ତି ନାହିଁ । ଏଥିରୁ ପ୍ରତିଫଳ ହୋଇଅଛି ଯେ ପ୍ରତିଦିନ ଉତ୍କଳ ଭାଷା ବଙ୍ଗଳାର ଭାବଭଙ୍ଗିକୁ ପ୍ରାପ୍ତ ହୋଇ ଏକ ପ୍ରକାର ନୂତନ ଭାଷା ସୃଜନା ହେଉଅଛି । ଗ୍ରନ୍ଥକର୍ତ୍ତାମାନେ ବଙ୍ଗଳା ଭାଷାରେ ଶିକ୍ଷାପ୍ରାପ୍ତ ହୋଇ ବଙ୍ଗଳା ଭାଷାରୁ ଅନୁବାଦ କରିବା ସମୟରେ ଅନେକ ବଙ୍ଗଳା ଶବ୍ଦ ଓ ଭାବପ୍ରକାଶର ନିୟମକୁ ଉତ୍କଳ ମନେକରି ସେ ସମସ୍ତର ପ୍ରତିଶବ୍ଦ ଲେଖନ୍ତି ନାହିଁ —ସୁତରାଂ ତଦ୍ଦ୍ୱାରା ଉତ୍କଳ ଭାଷାର ଅନେକ କ୍ଷତି ହେଉଅଛି । ଯେବେ ଅନୁବାଦ ନ କରି କେବଳ ବିଷୟଗ୍ରହଣ ପୂର୍ବକ ଅନୁବାଦ କର୍ତ୍ତାମାନେ ପୁସ୍ତକ ରଚନାର ପ୍ରବୃତ୍ତିକୁ ତୃପ୍ତ କରନ୍ତେ ତେବେ ବହୁତ ବଙ୍ଗଳା ମିଶ୍ରିତ ଓଡ଼ିଆ ପୁସ୍ତକ ଦେଖାଯାନ୍ତା ନାହିଁ । ଯାହା ହେଉଁ 'ଭ୍ରମଭଞ୍ଜନ' ଏ ଦୋଷରୁ ମୁକ୍ତି ପାଇଅଛି । କେବଳ ବଙ୍ଗ ପୁସ୍ତକର ଅନୁବାଦ ନୁହଇ ବୋଲି ଯେ ଏହା ଭଲ ହେଲା ଏମନ୍ତ ନୁହେଁ ମାତ୍ର ଗ୍ରନ୍ଥକର୍ତ୍ତା ଅବିକଳ ଅନୁବାଦକୁ ଉତ୍ତମ ଜ୍ଞାନ ନ କରି ଜାଣିଶୁଣି ତ୍ୟାଗ କରିବାରୁ ଏ ରୂପ ଗ୍ରନ୍ଥ ହୋଇଅଛି । ଏ ପୁସ୍ତକର ଅନ୍ୟାନ୍ୟ ଯେ କିଛି ଦୋଷଥାଉ ଓ ଦୋଷ ଶୂନ୍ୟ ଅଟଇ ବୋଲି ଆମ୍ଭେମାନେ କହୁନାହୁଁ ଏହାର ଗୋଟିଏ ଗୁଣ ଏହି ଯେ ଉତ୍କଳର ପୂର୍ବାପର କବିତା ରୀତିକୁ ଅନୁସରଣ କରିଅଛି । ଯଦ୍ୟପି କି ଆମ୍ଭମାନଙ୍କ ମତରେ ଉତ୍କଳର ପୂର୍ବ ରଚିତ କବିତା ସମସ୍ତ ରକ୍ଷା କରିବା ନୂତନ କବିତା ଠାରୁ ମହତ୍ତ ଅଟଇ ଏବଂ ନୂତନ କବିତା ଅପେକ୍ଷା ପୁରାତନ କବିତାମାନ ଉଦ୍ଧୃତ କରି ବାଳକଙ୍କୁ ଶିକ୍ଷା ଦେବା ଉତ୍ତମ ଅଟଇ ତଥାପି ଆମ୍ଭେମାନେ ଏ ପୁସ୍ତକକୁ ବିଦ୍ୟାଳୟ ପାଠ୍ୟ ପୁସ୍ତକ କରିବାର ଅନୁରୋଧ କରୁଅଛୁଁ କାରଣ ଏପରି କବିତାମାନ ପାଠକଲେ ବାଳକମାନେ କ୍ରମେ ଉପେନ୍ଦ୍ର ଭଞ୍ଜାଦିଙ୍କର କବିତାର ମର୍ମଗ୍ରହଣ କରିବାକୁ ସକ୍ଷମ ହେବେ ।"(୧୫)

ଏହି ଆଲୋଚନାରେ ଭ୍ରମଭଞ୍ଜନ ମୌଳିକ ନା ଅନୁବାଦ, ଅନୁବାଦର ପ୍ରକୃତି ଓ ପ୍ରାଚୀନ ସାହିତ୍ୟ ସହ ଏହାର ଘନିଷ୍ଠତା ଆଲୋଚିତ । ଭ୍ରମଭଞ୍ଜନ କାବ୍ୟ ହିସାବରେ କେତେ ସଫଳ ଓ କାହିଁକି ସଫଳ, ଏ ପ୍ରସଙ୍ଗ ଆଲୋଚନାଟିରେ ଆଦୌ ଉପସ୍ଥାପିତ ହୋଇନାହିଁ । ବସ୍ତୁତଃ 'ଭ୍ରମଭଞ୍ଜନ' ର ସାହିତ୍ୟ-ମୂଲ୍ୟର ଉଦ୍‌ଘାଟନ-ପ୍ରଚେଷ୍ଟା ଏହି ଆଲୋଚନାରେ ନାହିଁ । ବିଦ୍ୟାଳୟର ପାଠ୍ୟପୁସ୍ତକ ହେବାପାଇଁ ଏହାର ଉପଯୋଗିତା ଏଥିରେ ମୁଖ୍ୟଭାବେ ଅବତାରିତ । ଆଲୋଚନାର ଉପସଂହାର ଅଂଶରେ ପ୍ରାଚୀନ କାବ୍ୟ ପ୍ରତି ତାଙ୍କର ପକ୍ଷପାତ ସ୍ପଷ୍ଟ । ଭ୍ରମଭଞ୍ଜନ ଆଧୁନିକ ଓଡ଼ିଆ କାବ୍ୟଧାରାର ଯେ ଉପୋଦ୍‌ଘାତ କରିଥିଲା, ଗୌରୀଶଙ୍କର ସେଥିନେଇ ସଚେତନ ମଧ୍ୟ ନ ଥିଲେ । ବଙ୍ଗଳା ଅନୁକରଣ ପ୍ରତି ବିଦ୍ୱେଷଭାବ ତାଙ୍କ ଆଲୋଚନାର ବହୁ ଅଂଶ ଅଧିକାର କରିଛି । ପ୍ରାଚୀନ କବିତା ଓ ଆଧୁନିକ କବିତା ମଧ୍ୟରେ ଥିବା ମୌଳିକ ପାର୍ଥକ୍ୟ ସମ୍ପର୍କରେ ସଚେତନତାର ଅଭାବ— ଏହି ଆଲୋଚନାର ଅନ୍ୟ ଏକ ମୌଳିକ ଦୁର୍ବଳତା । ଡକ୍ଟର ସାମନ୍ତରାୟ ଗୌରୀଶଙ୍କରଙ୍କ ଅଭିମତ ଅର୍ଦ୍ଧ-ସତ୍ୟ ଓ ଅସତ୍ୟ ଉପରେ ପ୍ରତିଷ୍ଠିତ ବୋଲି କହିଛନ୍ତି । (୧୬) କିନ୍ତୁ ଏହି ଆଲୋଚନାର ସବୁଠାରୁ ବଡ଼ କୃତିତ୍ୱ ହେଲା ପ୍ରାଚୀନ କାବ୍ୟଧାରା ଠାରୁ ବିଚ୍ଛିନ୍ନ ନ କରି ଏକ ଅଖଣ୍ଡ କାବ୍ୟଧାରା ଭିତ୍ତିରେ ଆଧୁନିକ କାବ୍ୟର ବିଚାର କରିବା ଓ ସମକାଳୀନ କବିଙ୍କ ପାଇଁ କେଉଁ ଆଦର୍ଶ ସର୍ବୋତ୍ତମ, ସେଥିନେଇ ଆପଣାର ମନୋଭାବ ସ୍ପଷ୍ଟ କରିବା । 'ଉତ୍କଳ ଦୀପିକା' ପୁସ୍ତକ ସମାଲୋଚନାର ଯେଉଁ ପରମ୍ପରା ଆରମ୍ଭ କରିଥିଲା ତାହା ଅନ୍ୟାନ୍ୟ ସମ୍ବାଦପତ୍ର ସବୁ ଅନୁସରଣ କରିଥିଲା । ବାଲେଶ୍ୱରରୁ ପ୍ରକାଶିତ 'ବୋଧଦାୟିନୀ'ରେ 'ଭ୍ରମଭଞ୍ଜନ'ର ଆଲୋଚନା ଏହାର ଦୃଷ୍ଟାନ୍ତ ।

ବହୁଦିନ ପର୍ଯ୍ୟନ୍ତ 'ଉତ୍କଳ ଦୀପିକା' ପୃଷ୍ଠାରେ ପାଠ୍ୟପୁସ୍ତକକୁ ଆଦର୍ଶ କରି ପୁସ୍ତକ ସବୁର ଆଲୋଚନା କରାଯାଇଛି । ତେଣୁ କୌଣସି ପୁସ୍ତକର ସାମଗ୍ରିକ ଆଲୋଚନା ଅପେକ୍ଷା ତା'ର ଭାଷାଗତ ଆଲୋଚନା 'ଉତ୍କଳ ଦୀପିକା'ରେ ମୁଖ୍ୟ ହୋଇଉଠିଛି । ୧୮୭୭ ମସିହା ବେଳକୁ ଗୌରୀଶଙ୍କରଙ୍କ ଆଲୋଚନାରେ ଅଭିମୁଖ୍ୟଗତ ପରିବର୍ତ୍ତନ ଆସିଛି । 'ବାବାଜୀ ନାଟକ'ର ସମାଲୋଚନା ଏହାର ଦୃଷ୍ଟାନ୍ତ । (୧୮) ୧୮୯୦ ବେଳକୁ ସାହିତ୍ୟ-ସମାଲୋଚନା କେବଳ ପୁସ୍ତକ ଉପରେ ମନ୍ତବ୍ୟ-ପ୍ରକାଶ ନୁହେଁ — ତା'ର ଭଲ ଓ ମନ୍ଦଗୁଣର ଆଲୋଚନାରେ ପରିଣତ ହୋଇଥିଲା । ଗୌରୀଶଙ୍କରଙ୍କ ପୁସ୍ତକ ସମାଲୋଚନା ୧୮୯୦ ବେଳକୁ କିଭଳି ଉନ୍ନତ ହୋଇ ସାରିଥିଲା, ତାହାର ଉଦାହରଣ ସ୍ୱରୂପ ରାଧାନାଥଙ୍କ 'ପାର୍ବତୀ' କାବ୍ୟର ଦୀର୍ଘ ସମାଲୋଚନାକୁ ଅବତାରଣା କରାଯାଉଛି :

"ଶୀର୍ଷାଙ୍କିତ ପୁସ୍ତକ ଖଣ୍ଡିଏ ଆମ୍ଭେମାନେ ବାମଣ୍ଡାର ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ନିକଟରୁ ସମାଲୋଚନାର୍ଥ ପ୍ରାପ୍ତ ହୋଇଅଛୁଁ । ଏହା ଆଧୁନିକ ଉତ୍କଳୀୟ କବି ରାଧାନାଥଙ୍କ ରସମୟୀ ଲେଖନୀରୁ ବିନିଃସୃତ । ଗ୍ରନ୍ଥ ଖଣ୍ଡି ଡାରପେଜି ପୃ୧୦୬ଷ୍ଠା ଅଧିକାର କରିଥିଲେ ହେଁ ଅସମ୍ପୂର୍ଣ୍ଣ ଭାବରେ ରହିଅଛି ଏମନ୍ତ କି ସର୍ବଶେଷରେ

ସେମିକୋଲନ ଭିନ୍ନ ପୂର୍ଣ୍ଣଚ୍ଛେଦର ଅବସ୍ଥାନ ହୋଇନାହିଁ ଏବଂ ରତ୍ନପୁର ରାଜକେମା ଅନ୍ନପୂର୍ଣ୍ଣାଙ୍କ ଭକ୍ତ ହେଉଁ ୨ ବନ୍ଦ ରହିଅଛୁ । ଏପରି ଅବସ୍ଥାରେ ପୁସ୍ତକ-ସମାଲୋଚନା କରିବା ବିଡ଼ମ୍ବନା ମାତ୍ର । ଭୂମିକାରୁ ଜଣାଯାଏ ରାଧାନାଥ ବାବୁ ଯେତିକ ରଚନା କରିଥିଲେ ତେତିକ ପ୍ରକାଶିତ ହୋଇଅଛି । ପୁତ୍ରର ଅସୁସ୍ଥତା ହେତୁ ସେ ନିତାନ୍ତ ଦୁଃଖିତ ଥିବାରୁ ଅବଶିଷ୍ଟାଂଶ ଶୀଘ୍ର ରଚିତ ହେବାର ଆଶା ନାହିଁ । ଯେତିକ ରଚିତ ହୋଇଅଛି ତହିଁରେ "କବିଙ୍କର କାରିଗିରିର ଯଥେଷ୍ଟ ପରିଚୟ ମିଳୁଥିବାରୁ ଆପାତତଃ ଅସମ୍ପୂର୍ଣ୍ଣ ଭାବରେ" ପୁସ୍ତକ ଖଣ୍ଡି ପ୍ରକାଶିତ କରିଥିବାର ପଣ୍ଡିତ ମହାଶୟ ବ୍ୟକ୍ତ କରି ଏଥିରୁ ବୋଧହୁଏ କାରିଗିରି କିପରି ହୋଇଅଛି କେବଳ ସେହି ସମ୍ବନ୍ଧରେ ଆମ୍ଭମାନଙ୍କର ମତାମତ ଜାଣିବା ପଣ୍ଡିତ ମହାଶୟଙ୍କ ଅଭିପ୍ରାୟ କିନ୍ତୁ କାରିଗିରି ମଧ୍ୟରେ ବିଷୟ ଓ ରଚନା ଉଭୟ ଆସିଥିବାରୁ ସମୁଦାୟ ଆଲୋଚନା କରିବା ଆବଶ୍ୟକ ହେଲ ।

ବିଷୟ ।—ଉତ୍କଳର ସୁବିଖ୍ୟାତ ସମରପ୍ରିୟ ପରାକ୍ରମଶାଳୀ ନୃପତି ଗଙ୍ଗେଶ୍ୱର ଦେବ ସ୍ୱୀୟ କନ୍ୟା ସହବାସ ଜନିତ ଯେଉଁ ମହାପାପରେ ଲିପ୍ତ ହୋଇଥିଲେ ସେହି ବିଷୟ ଯେନ ଏ ବିଷୟ ଲିଖିତ ହୋଇଅଛି । ଗଙ୍ଗାବଂଶୀୟ ରାଜାଙ୍କ ପକ୍ଷେ ଏହା ଗୌରବର ବିଷୟ ନୁହଇ କିମ୍ବା ସେହିଭଳି ବିଷୟ ଚିରସ୍ମରଣୀୟ ହୋଇ ରହିବାର ଉପଯୁକ୍ତ ନୁହଇ । ରାଧାନାଥ ବାବୁ କେଉଁ ଉଦ୍ଦେଶ୍ୟ ସାଧନାର୍ଥ ବୀରପ୍ରସୂ ଓଡ଼ିଶାର ବିସ୍ତୀର୍ଣ୍ଣ ଇତିହାସରୁ ଏହି ଜଘନ୍ୟ ପାପମୟ ବିଷୟ ଉଦ୍ଧାର କରି କବିତାମୟୀ ପୁସ୍ତିକାରେ ଲିପିବଦ୍ଧ କରିବାକୁ ପ୍ରୟାସ ପାଇଅଛନ୍ତି ତାହା ଆମ୍ଭେମାନେ ଅନୁମାନ ସୁଦ୍ଧା କରି ପାରୁନାହିଁ, ଆମ୍ଭେମାନେ କେବଳ ଏତିକି କହିବୁଁ ଯେ ଏଭଳି ବିଷୟ ଲିପିବଦ୍ଧ କରିବାକୁ ଯାଇ ତାଙ୍କର ସୁନ୍ଦର ଲେଖନୀ କଳଙ୍କିତ ହୋଇଅଛି ।

ରଚନା ।—ରାଧାନାଥ ବାବୁଙ୍କର ରଚନା ଶକ୍ତିର ପରିଚୟ ଆମ୍ଭେମାନେ ତାଙ୍କ ପ୍ରଣୀତ ପୂର୍ବ ୨ କବିତାମୟୀ ପୁସ୍ତିକାରୁ ପାଇଅଛୁଁ ଏବଂ ପାର୍ବତୀରୁ ତାହା କେବଳ ଦୃଢ଼ୀଭୂତ ହୋଇଅଛି । ପାର୍ବତୀର ରଚନା ବଡ଼ ସୁନ୍ଦର ହୋଇଅଛି । ପୁଣି ସ୍ଥାନେ ୨ କବିତା ଏତେ ସୁକୋମଳ ଏବଂ ରମଣୀୟ ହୋଇଅଛି ଯେ ବାସ୍ତବରେ ପାଠକେ ତହିଁରେ ବିମୋହିତ ହୋଇଯିବେ । ଏଭଳି ରଚନାକୁ ବିଷୟଟି ବଡ଼ ନିକୃଷ୍ଟ ଥିବାର ଦେଖି ବାସ୍ତବରେ ଆମ୍ଭମାନଙ୍କର ଦୁଃଖ ହୋଇଅଛି । ଉପମା ଗୁଡ଼ିକ ଯଥ ଯୋଗ୍ୟ ଏବଂ ସ୍ଥାନେ ୨ ଅତୀବ ଉପଯୁକ୍ତ ହୋଇ ମନୋହରଣ କରୁଅଛି । ଗୁଣସେତ ଏଥିରେ ଏତେ ଅଧିକ ଯେ ଦୋଷଗୁଡ଼ିକ ଧର୍ତ୍ତବ୍ୟ ନୁହଇ । କେବଳ ସୁନ୍ଦର ଶୁକ୍ଳ ବସ୍ତ୍ରରେ ଠାବେ ୨ ଇଷତ୍ ମଳି ଦାଗ ସୁଦ୍ଧା ବାରି ହୋଇ ଉଜ୍ଜଳ ପରି ଜଣା ଯାଉଥିବାରୁ ତହିଁ ମଧ୍ୟରୁ କେତେକ ଗୁଡ଼ିକର ଆମ୍ଭେମାନେ ଉଲ୍ଲେଖ କଲୁଁ, ଯଥା; "କେଭେ ପୂର୍ବେ କେଭେ ପଶ୍ଚେ" ଏ ସ୍ଥାନରେ "କେଭେ" ସ୍ଥାନରେ 'କେବେ' ହେବା ଉଚିତ । "ଆନ କଥା ଥାଉ ଯତି ଜନମନ ହୋଇଅଛି ଅଯ ଅଥୟ, ଦେଖୁଥିଲେ ଯେହ୍ନେ ବ୍ରହ୍ମମୟ ବିଶ୍ୱ ଦେଖନ୍ତି ସେ ନାରୀମୟ"—କବିମାନେ ସୁନ୍ଦରୀଙ୍କ ଦେଖି ଯତିମନ ଟଳିବାର ବର୍ଣ୍ଣନା

କରିଅଛନ୍ତି ମାତ୍ର ଏତେ ସରଳ ସିଦ୍ଧାନ୍ତ ଅନ୍ୟାୟ । "ମଦନ ଟେଡ଼ଗ୍ନୀ ଦ୍ୱିଜସୀମନ୍ତିନୀ" ପଢ଼ି ଭଞ୍ଜକାବ୍ୟ ମନେ ପଡ଼ିଗଲା । ଏହା ସୁରୁଚି ସଙ୍ଗତ କିମ୍ବା ସରଳ ପାଠ୍ୟ ହୋଇନାହିଁ । "ପ୍ରବଳେ ରସିନୀ ନୀତି ଆଚରଣ ଦାଣନୀ ନୀତି ଦୁଙ୍ଗଲେ ।" 'ରସନୀ' ଓ 'ଦାଣନୀ' ଶବ୍ଦ ବ୍ୟାକରଣ ସଙ୍ଗତ ବୋଲି ଆମ୍ଭମାନଙ୍କୁ ସନ୍ଦେହ ହେଉଅଛି । 'ମାରିବ ଚଳି' ନିତାନ୍ତ ଗ୍ରାମ୍ୟଭାଷା । ଏଭଳି ଗ୍ରାମ୍ୟ ପ୍ରୟୋଗ ଏ ପୁସ୍ତକର ଅନେକ ସ୍ଥଳରେ ଦେଖାଯାଏ । ସ୍ଥାନେ ୨ ଭାବମାନ ଟିକିଏ ଜଟିଳ ହୋଇଯାଇଅଛି ଏବଂ ଏକ ୨ ସ୍ଥାନରେ ଭାବ ଗ୍ରହଣ କରିବା କଠିନ ହୋଇଅଛି । ଏସବୁ ଦୋଷ ଛାଡ଼ି ଦେଲେ ବାକ୍ୟ ବିନ୍ୟାସ କରିବାରେ ରାଧାନାଥ ବାବୁ ଏ ଗ୍ରନ୍ଥରେ କାରିଗରି ଉତ୍ତମ ପରିଚୟ ପ୍ରଦାନ କରି ଅଛନ୍ତି । ଗ୍ରନ୍ଥ ଖଣ୍ଡିକ ଶେଷ ନ ହେଲେ ବିଷୟ ବିକାଶରେ କାରିଗିରି କେତେଦୂର ହୋଇଅଛି ବୋଲିଯାଇ ନ ପାରେ । କୌଶଲ୍ୟାର ପ୍ରେତଆତ୍ମା ଛାୟାମୟ ରୂପ ଧାରଣ କରି ପାର୍ବତୀଙ୍କ ସମ୍ମୁଖେ ଉପସ୍ଥିତ ହୋଇ ନିଜ କାହାଣୀ ବ୍ୟକ୍ତ କରିବା ନିହାତି ଅସ୍ୱାଭାବିକ ଓ ଅସମ୍ଭବ ହୋଇଅଛି । ଯେବେ ପାର୍ବତୀ ଆଗରୁ ରାଜାଙ୍କର ଏତାଦୃଶ ପାପକଥା ଜାଣିଥାନ୍ତେ ତାହାହେଲେ ଏହା ନିତାନ୍ତ ସ୍ୱାଭାବିକ ଓ ସମ୍ଭବଯୋଗ୍ୟ ହୋଇଥାନ୍ତା । ଏଭଳି ବର୍ଣ୍ଣନା ପଢ଼ି ସେକ୍ସପିୟରଙ୍କ 'ହାମଲେଟ' ମନେ ପଡ଼ିଗଲା । 'ହାମଲେଟ'ର ମୃତ ପିତା ଭୂତ ରୂପେ ହାମଲେଟ ସମକ୍ଷରେ ଆବିର୍ଭୂତ ହୋଇ ହାମଲେଟ୍ ଯେ ବିଷୟରେ ଚିନ୍ତାନ୍ୱିତ ଓ ଚେଷ୍ଟିତ ସେହି ବିଷୟରେ କଥା କହିବା ଅତୀବ ସ୍ୱାଭାବିକ ଓ ସମ୍ଭବଯୋଗ୍ୟ ହୋଇଅଛି ମାତ୍ର ପାର୍ବତୀରେ ତଦ୍ୱିପରୀତ । ତେବେ ଜଗନ୍ନାଥଙ୍କ ମାୟାରେ ସବୁ ହୋଇପାରେ । ତଥାପି ଏଭଳି ଅସମ୍ଭବ ଓ ଅସ୍ୱାଭାବିକ ଘଟନା ଘଟାଇବାରେ ଜଗନ୍ନାଥଙ୍କର ବିଶେଷ କୌଣସି ଉଦ୍ଦେଶ୍ୟ ସଫଳ ହେଉ ନ ଥିବାରୁ ତାହା ସଙ୍ଗତ ବୋଲି ବୋଲିଯାଇ ନ ପାରେ । ପାର୍ବତୀ ଏ ବିଷୟ ଆଗରୁ ଜାଣିଥିଲେ ଜଗନ୍ନାଥଙ୍କ ଆଜ୍ଞା ଓ ଏ ରୂପ ବର୍ଣ୍ଣନା ଅତୀବ ସ୍ୱାଭାବିକ ଓ ରମଣୀୟ ହୋଇଥାନ୍ତା । ପାର୍ବତୀର ପ୍ରଧାନ ବିଷୟ ରାଜାଙ୍କ ନିଜ ଦୁହିତା ସହିତ ସହବାସ । ମାତ୍ର କବି ପାର୍ବତୀର ଏହି ଅଂଶ କୌଶଲ୍ୟାର କଥାରେ ଭଲ ରୂପେ ଚିତ୍ରିତ କରିପାରି ନାହାନ୍ତି । ଏମନ୍ତ କି ରାଜା ପ୍ରଥମେ ଆସି କୌଶଲ୍ୟାଙ୍କୁ ପ୍ରଶ୍ନ କରିବା ଠାରୁ "ପାପ ପରିପାକ" ଯାଏ ଘଟନାବଳୀ ପରସ୍ପର ନିତାନ୍ତେ ବିରୋଧୀ ହୋଇ ପଡ଼ିଅଛି । କବିତାର ପ୍ରଧାନ ବିଷୟ ଏପରି ଦୋଷରେ ଦୂଷିତ ହେବା ମହତ୍ ଦୋଷ । ଏହି ଦୁଇ ବିଷୟରେ କବିଙ୍କର "କାରିଗିରି" ଆମ୍ଭମାନଙ୍କୁ ଭଲ ଲାଗିନାହିଁ । ଏ ଛଡ଼ା ପ୍ରାକୃତିକ ବର୍ଣ୍ଣନା ଇତ୍ୟାଦିରେ କବିଙ୍କର କାରିଗିରି ଉତ୍ତମ ହୋଇଅଛି ।

ଆମ୍ଭେମାନେ ଉପରେ ଯେଉଁ ଦୋଷସବୁ ଦେଖାଇଲୁଁ ତାହା କେବଳ ଉତ୍କଳ ଶିକ୍ଷା ବିଭାଗର ଶୀର୍ଷ ସ୍ଥାନୀୟ କବିଙ୍କ ଉଚିତ ନୁହେଁ ବୋଲି ବ୍ୟକ୍ତ କଲୁଁ । ଏହାଙ୍କ ଲେଖା ଯେପରି ବିଶଦ ଓ ରସମୟ ତହିଁରେ ଉପରୋକ୍ତ ଦୋଷମାନେ ନଥିଲେ 'ପାର୍ବତୀ' ଉତ୍କଳ ସାହିତ୍ୟର ଗୋଟିଏ ଅତି ଉତ୍କୃଷ୍ଟ ଗ୍ରନ୍ଥ ହୋଇଥାନ୍ତା ସନ୍ଦେହ ନାହିଁ ।" (୧୯)

'ଭ୍ରମଭଞ୍ଜନ'ର ସମାଲୋଚନା ଠାରୁ 'ପାର୍ବତୀ'ର ସମାଲୋଚନା ପର୍ଯ୍ୟନ୍ତ ସାହିତ୍ୟ ସମୀକ୍ଷକ ଗୌରୀଶଙ୍କରଙ୍କ ପାଇଁ ଏକ ଦୀର୍ଘ ଯାତ୍ରାପଥ । ଏହି ରାସ୍ତାକୁ ସେ ନିଜେ ତିଆରି କରିଛନ୍ତି ଓ ଭବିଷ୍ୟତ ପାଇଁ ପରିଷ୍କାର ମଧ୍ୟ ରଖି ଯାଇଛନ୍ତି । ଗ୍ରନ୍ଥ, ଚହିଦଶୀ ଭିତର ଦେଇ ଆପଣା ସାହିତ୍ୟ-ପ୍ରତ୍ୟୟର ଭୂମି ତିଆରି କରିଥିବା ଗୌରୀଶଙ୍କର ଆଧୁନିକ ସାହିତ୍ୟର କାରିଗରୀ ସମ୍ପର୍କରେ କେତେ ସଚେତନ ହୋଇ ପାରିଥିଲେ, ତାହିର ନିଦର୍ଶନ ସ୍ୱରୂପ ଏହି ଦୀର୍ଘ ଆଲୋଚନା ସମ୍ପୂର୍ଣ୍ଣ ଓ ଅବିକଳ ଭାବେ ଉଦ୍ଧୃତ । ଅସମ୍ପୂର୍ଣ୍ଣ କାବ୍ୟ-ଆଲୋଚନାରେ ତା'ର ପ୍ରକାଶଭଙ୍ଗୀହିଁ ମୁଖ୍ୟ ଆଲୋଚ୍ୟ । ପୁଣି କୌଣସି କାବ୍ୟର ପ୍ରକାଶଭଙ୍ଗୀ (କାରିଗରୀ) ଆଲୋଚନା ଭିତରେ, ତାହାର ବିଷୟ ଓ ରଚନା ଶୈଳୀ, ଉଭୟ ଅନ୍ତର୍ଭୁକ୍ତ । ଗୌରୀଶଙ୍କରଙ୍କର ଏଭଳି ସଚେତନତା କାଳ ଦୃଷ୍ଟିରୁ ଦେଖିଲେ ନୂତନ । ଅବଶ୍ୟ ଜାତୀୟ-ପ୍ରୀତିକୁ ସେ ସାହିତ୍ୟ-ସମାଲୋଚନ ଠାରୁ ବିଚ୍ଛିନ୍ନ କରି ପାରିନାହାନ୍ତି ତଥାପି ଆଲୋଚନାର ଶେଷକୁ ବିଷୟ ସଯୋଜନାରେ ରାଧାନାଥଙ୍କ ଦୁର୍ବଳତା ସେ ଦେଖାଇବାକୁ ଚେଷ୍ଟା କରିଛନ୍ତି । 'ହ୍ୟାମଲେଟ' ନାଟକର ପ୍ରେତ ଓ ପାର୍ବତୀର ପ୍ରେତ ଚରିତ୍ର ମଧ୍ୟରେ ଥିବା ପାର୍ଥକ୍ୟ ତାଙ୍କ ଆଲୋଚନାରେ ସ୍ପଷ୍ଟତଃ ପ୍ରଦର୍ଶିତ । 'ହ୍ୟାମଲେଟ'ର ପ୍ରେତ ଚରିତ୍ରର ସ୍ୱାଭାବିକତା କିଭଳି ପାର୍ବତୀରେ ଥିବା ପ୍ରେତ ଚରିତ୍ରରେ ନାହିଁ, ତୁଳନାତ୍ମକ ଭାବରେ ତାହା ଗୌରୀଶଙ୍କର ଦେଖାଇବାକୁ ଚେଷ୍ଟା କରିଛନ୍ତି । 'ଭ୍ରମଭଞ୍ଜନ'ର ଆଲୋଚନା, ଅନୁବାଦର ଆଦର୍ଶ ଓ ଭାଷାର ଯଥାଯଥ ପ୍ରୟୋଗ ମଧ୍ୟରେ ସୀମାବଦ୍ଧ ଥିଲା ବେଳେ ପାର୍ବତୀର ଆଲୋଚନା 'ପାର୍ବତୀ' କାବ୍ୟର ବିଭିନ୍ନ ଦିଗନ୍ତକୁ କେବଳ ସ୍ପର୍ଶ କରିବାକୁ ଯାଇନାହିଁ କାବ୍ୟ ସମ୍ପର୍କରେ କେତେକ ମୌଳିକ ପ୍ରଶ୍ନର ସମ୍ମୁଖୀନ ହୋଇଛି ।

ଏଗୁଡ଼ିକ ପୁସ୍ତକ ସମାଲୋଚନା ବା ବୁକ୍-ରିଭ୍ୟୁ । ସାହିତ୍ୟ ସମୀକ୍ଷା ହେଉରେ ବୁକ୍ ରିଭ୍ୟୁ ଭିଷତ ନିନ୍ଦା ଅର୍ଥରେ ପ୍ରାୟତଃ ବ୍ୟବହୃତ । ପୁସ୍ତକ ସମାଲୋଚନାର ଏକ ଭିତାଙ୍ଗ ରୂପ ରହିଛି ଓ ସାହିତ୍ୟ-ସମାଲୋଚନାର ଏକ ରୂପଭେଦ ଆକାରରେ ତାହା ମଧ୍ୟ କେତେକ ତତ୍ତ୍ୱବିଦ୍‌ମାନଙ୍କ ଦ୍ୱାରା ସ୍ୱୀକୃତ । (୨୦) ରୁଢ଼ାର୍ଥରେ ବୁକ୍-ରିଭ୍ୟୁ, ସମାଲୋଚ୍ୟ ପୁସ୍ତକସ୍ଥ ବିଷୟ ବସ୍ତୁର ସଂକ୍ଷିପ୍ତ ବା ତରଳୀକୃତ ବର୍ଣ୍ଣନା- ନିଚ୍ଛକ ପାରାଫ୍ରେଜ । କଥାବସ୍ତୁର ସରଳୀକରଣ ଓ କାହାଣୀର ପୁନରାବୃତ୍ତି ଏହାର ଏକମାତ୍ର ଲକ୍ଷ୍ୟ । ବର୍ଣ୍ଣନା-ପ୍ରଧାନ ପୁସ୍ତକ-ସମାଲୋଚନାକୁ ଯଥାର୍ଥ ସାହିତ୍ୟ-ସମାଲୋଚନା କୁହାଯାଇ ପାରିବ ନାହିଁ – ସାହିତ୍ୟ ଚର୍ଚ୍ଚାର ଅସ୍ପଷ୍ଟ ବଳୟର ତାହା ଅନ୍ତର୍ଭୁକ୍ତ । ଗୌରୀଶଙ୍କରଙ୍କ ପ୍ରାଥମିକ ଅବସ୍ଥାର ବୁକ-ରିଭ୍ୟୁ ଏହି ସାହିତ୍ୟ-ଚର୍ଚ୍ଚାର ଅନ୍ତର୍ଭୁକ୍ତ । 'ପାର୍ବତୀ' ଭଳି ଆଲୋଚନାରେ ସାମ୍ପ୍ରତିକ ଗୌରୀଶଙ୍କର ସାହିତ୍ୟ-ସମୀକ୍ଷକ ହେବାର ଉଦ୍ୟମ କରିଛନ୍ତି । ଏହି ଉଦ୍ୟମ ଓଡ଼ିଆ ସାହିତ୍ୟ-ଚର୍ଚ୍ଚାର ଦିଗ୍‌ବଳୟକୁ ସମ୍ପ୍ରସାରିତ କରିଛି ।

## || ଗ୍ରୀଷ୍ମ ||

ଊନବିଂଶ ଶତକର ଦ୍ୱିତୀୟାର୍ଦ୍ଧରେ ଶାସକ ଇଂରେଜମାନଙ୍କର ଜୀବନଯାତ୍ରା

ସଂପର୍କରେ ଆସି ଆମ ଭିତରେ ଗ୍ଲାନି ଓ ଆତ୍ମ-ହୀନମନ୍ୟ ଭାବ ସୃଷ୍ଟି ହୋଇଥିଲା । ଆମର ଭଲ ଲାଗିବା ନ ଲାଗିବା ଠାରୁ ଆଧ୍ୟାତ୍ମ-ଦୃଷ୍ଟି ପର୍ଯ୍ୟନ୍ତ – ସବୁ କିଛିକୁ ପୁଣି ଥରେ ପରୀକ୍ଷା କରିଥିଲୁ, ଶାସକମାନଙ୍କ ମାନଦଣ୍ଡରେ ତଉଲିଥିଲୁ । 'ରୁଚି' ସଂପର୍କିତ ଆଲୋଚନା ସେହି ଆତ୍ମ-ସଚେତନତାର ଫଳ । ଔପନିବେଶିକ ଶାସନରେ ରହି ଆମେ ନିଜର କଳା, ସଂସ୍କୃତି ଓ ନୀତିବୋଧକୁ କପଟ ଘୃଣା କରିବାକୁ ଆରମ୍ଭ କରିଥିଲୁ —'ରୁଚି' ସଂପର୍କିତ ନାନା ଆଲୋଚନା ତାହାର ସଂକେତ ବହନ କରିଥାଏ । 'ଉତ୍କଳ ଦୀପିକା' ପୃଷ୍ଠାରେ ପ୍ରକାଶିତ କେତେକ ଆଲୋଚନା ଓ ପ୍ରାଥମିକ ମନ୍ତବ୍ୟରୁ ଗୌରୀଶଙ୍କରଙ୍କ ଦୃଷ୍ଟିକୋଣର ପରିଚୟ ମିଳିଥାଏ ।

୧୮୭୯ ମସିହା ଏପ୍ରିଲ ଚଉଦ ତାରିଖରେ 'ଚମତ୍କାର ଉତ୍କଳ କବିତା' ଶୀର୍ଷକରେ ଗୌରୀଶଙ୍କର ଅନ୍ୟତ୍ର ପ୍ରକାଶିତ ଏକ ପ୍ରକୃତି ବର୍ଣ୍ଣନାତ୍ମକ କବିତାରୁ ଚବିଶଟି ପାଦ ଉଦ୍ଧାର କରି, ସେହି ପତ୍ରିକାର ସମ୍ପାଦକ ଭଞ୍ଜଙ୍କୁ ଯେଉଁଭଳି ନିନ୍ଦା କରିଥିଲେ, ତା'ର ପ୍ରତ୍ୟୁତ୍ତର ଦେଇଛନ୍ତି । ମେ ମାସ ପନ୍ଦର ତାରିଖ ସାପ୍ତାହିକ ସମ୍ବାଦରେ ପୁନର୍ବାର ଏଇ ପ୍ରସଙ୍ଗ ଅବତାରଣା କରି ସେ ମନ୍ତବ୍ୟ ଦେଇଛନ୍ତି : 'ସମସ୍ତ ଲୋକର ରୁଚି ଏକପ୍ରକାର ନୁହଇ ।'' (୨୧) ଭଞ୍ଜ କବିତାକୁ ଅନ୍ୟମାନେ ଆଦର ନ କରିବାର କାରଣ ସେମାନଙ୍କର ରୁଚି-ଭିନ୍ନତା । ଗୌରୀଶଙ୍କର ରୁଚିକୁ ଦେଶ-କାଳ ସାପେକ୍ଷ ବୋଲି ଗ୍ରହଣ କରିଛନ୍ତି । ଯେଉଁମାନେ ଓଡ଼ିଶାର ପାଣି-ପବନରେ ବଢ଼ି ନାହାନ୍ତି ବା ଭଞ୍ଜ ସାହିତ୍ୟ ସହ ଏକାତ୍ମ ହୋଇ ପାରିନାହାନ୍ତି, ସେମାନେ ଯେ ଭଞ୍ଜ-ସାହିତ୍ୟର କାବ୍ୟ ସୌନ୍ଦର୍ଯ୍ୟ ଗ୍ରହଣରେ ଅସମର୍ଥ ହେବେ, ତାଙ୍କ ଦୃଷ୍ଟିରେ ଏଥିରେ କୌଣସି ବୈଚିତ୍ର୍ୟ ନାହିଁ ।

ରୁଚିକୁ ବ୍ୟକ୍ତି, ସମାଜ ଓ କାଳ ସାପେକ୍ଷ ବୋଲି ଗ୍ରହଣ କଲେ ବି ଏଥିରେ ସେ ମାର୍ଜିତ ଅମାର୍ଜିତ, ଉଚ୍ଚ-ନୀଚ ଭେଦ ସ୍ୱୀକାର କରିଛନ୍ତି । ସାମାଜିକ ବର୍ଗ ଅନୁସାରେ ଏହାର ଭେଦଭାବ । ସାମାଜିକ ସ୍ତରଭେଦରେ ଉଚ୍ଚତମ ପାହାଚରେ ଥିବା ଲୋକମାନଙ୍କ ରୁଚି ସବୁଠାରୁ ମାର୍ଜିତ ଏହିଭଳି ଏକ ଅନ୍ତର୍ନିହିତ ଧାରଣାରୁ ଗୌରୀଶଙ୍କର ମୁକ୍ତ ନ ଥିଲେ । ୧୮୭୮ ମସିହା ମାର୍ଚ୍ଚ ମାସ ନଅ ତାରିଖରେ ଏକ ଦେଶୀୟ ମଜଲିସ୍‌ରେ ବର୍ଣ୍ଣନା ପ୍ରସଙ୍ଗରୁ ତାଙ୍କର ଏଭଳି ଧାରଣା ସ୍ପଷ୍ଟ । ଇଂରେଜମାନେ ଥିଲେ ଶାସକ । ତେଣୁ ସେମାନଙ୍କ ରୁଚି ସବୁଠାରୁ ମାର୍ଜିତ— ଏହିଭଳି ଏକ ଧାରଣା ତାଙ୍କ ମନ୍ତବ୍ୟରୁ ସ୍ପଷ୍ଟ ହୁଏ : ''ଅଭିନୟ ଶେଷରେ ସାହେବ ମହୋଦୟ ଓ ଅନ୍ୟାନ୍ୟ ସାହେବ ମେମ୍‌ମାନେ ଜଳପାନାଦି କରି ଅଭିନୟ ଇତ୍ୟାଦିରେ ଅତି ସନ୍ତୁଷ୍ଟ ହୋଇଥିବାର କହି ପ୍ରସ୍ଥାନ କଲେ । ଦୁଇ ଏକ ବଙ୍ଗଦେଶୀୟ ଦର୍ଶକ ଅଭିନୟକୁ ତୁଚ୍ଛ କରି ନିନ୍ଦା କଲେ ମାତ୍ର ସେମାନେ ବୃଥା ଅହଙ୍କାରୀ ଓ ଅନ୍ୟର କାର୍ଯ୍ୟକୁ ନିନ୍ଦା କରିବାର ସେମାନଙ୍କର ସ୍ୱଭାବ ବୋଲିବାକୁ ହେବ କାରଣ ଅନ୍ୟ ବଙ୍ଗାଳିଙ୍କ ମୁଖରୁ ପ୍ରଶଂସା ଶୁଣିଅଛୁଁ । ଯେଉଁ ମହାପୁରୁଷଙ୍କ ପାଇଁ ଏତେ କାଣ୍ଡ ହୋଇଥିଲା ସେ ଯେବେ ଆନ୍ତରିକ ସନ୍ତୋଷ ପ୍ରକାଶ କଲେ ତେବେ ସେପରି ନିନ୍ଦକ ଲୋକଙ୍କୁ କିଏ

ପତ୍ରରେ ।" (୧୨) ରୁଚି ସ୍ତରରେ ଉଚ୍ଚ ନୀଚ ଓ ମାର୍ଜିତ-ଅମାର୍ଜିତ ଭେଦକୁ ସ୍ୱୀକାର କରିନେବା ଦ୍ୱାରା ରୁଚି କିଭଳି ମାର୍ଜିତ ହୋଇପାରେ ସେ ପ୍ରସଙ୍ଗ ମଧ୍ୟ 'ଉତ୍କଳ ଦୀପିକା' ପୃଷ୍ଠାରେ ବାରମ୍ବାର ଅବତାରଣା କରାଯାଇଛି । ରୁଚି ବ୍ୟକ୍ତିର ସହଜାତ ମଧ୍ୟ ନୁହେଁ । ଅଭ୍ୟାସ ଓ ଅନୁଶୀଳନ ଫଳରେ ତାହାର ଉଦ୍ଭବ— ହୃଦ-କର୍ଷଣରୁ ଏହାର ସୃଷ୍ଟି । ସାହିତ୍ୟ ସହ ରୁଚିର ସଂପର୍କ ଘନିଷ୍ଠ । ସାହିତ୍ୟ-ସୃଷ୍ଟି ଠାରୁ ଉପଭୋଗ ପର୍ଯ୍ୟନ୍ତ ସବୁଠି ସାହିତ୍ୟ ସହ ରୁଚିର ସଂପର୍କ ଅଚ୍ଛେଦ୍ୟ । ସାହିତ୍ୟ ପୁସ୍ତକ ତଥା ସାହିତ୍ୟପତ୍ର ରୁଚିର ସୃଷ୍ଟି ଓ ରୁଚିକୁ ସୁମାର୍ଜିତ କରିପାରେ । 'ଉତ୍କଳ ଦର୍ପଣ'ର ଆଲୋଚନା ପ୍ରସଙ୍ଗରେ ଏଭଳି ମତାମତ ପ୍ରଦତ୍ତ : "ଯେବେ ଏହି ସବୁ ପତ୍ରିକା ସମସ୍ତେ ଏକାବାଟରେ ନ ଯାଇ ସାହିତ୍ୟର ଉତ୍କର୍ଷପ୍ରତି କେହି ୨ ଦୃଷ୍ଟି ରଖନ୍ତେ ତେବେ ଅନୁମାନ ହୁଅଇ ମାସିକ ପତ୍ରିକାଠାରୁ ଏସବୁ ପତ୍ରିକା ଦ୍ୱାରା ଅଧିକ ଉପକାର ହେବ । କାରଣ ତହିଁରେ ଉଭୟ ପ୍ରକାର ରୁଚି ଜାତ ଓ କ୍ରମଶଃ ସୁମାର୍ଜ୍ଜିତ ହେବାର ସମ୍ଭାବନା ।" (୧୩) ୧୮୭୫ ମସିହା ଜାନୁଆରୀ ମାସ ଚଉଠି ତାରିଖରେ 'ଓଡ଼ିଆଙ୍କ ରୁଚି' ଶିରୋନାମାରେ ଓଡ଼ିଆମାନଙ୍କ ରୁଚିର ସ୍ଥୂଳତା ସଂପର୍କରେ ସେ ଆଲୋକପାତ କରିଛନ୍ତି । ତାଙ୍କ ମତରେ ଓଡ଼ିଶାର ଭବିଷ୍ୟତ ବିକାଶ ସହ ରୁଚି ସଂସ୍କାରର ଘନିଷ୍ଠ ସଂପର୍କ ରହିଛି : "ଆପଣା ୨ ରୁଚିକୁ ଯେତେଦିନ ଏଠାଲୋକେ ଉନ୍ନତ କରିବାକୁ ଚେଷ୍ଟା କରି ନାହାନ୍ତି ତେତେ ଦିନ ଯାଏ ଏଠାଲୋକଙ୍କ ଦୁରବସ୍ଥା ମୋଚନ ହେବାର ଆଶା ବିଫଳ ଅଟଇ । ଅତଏବ ଆମ୍ଭେମାନେ ଏଠାରେ ଭଦ୍ରମଣ୍ଡଳୀଙ୍କୁ ଅନୁରୋଧ କରୁଅଛୁଁ ଯେ ରୁଚି ପରିବର୍ତ୍ତନ ପକ୍ଷରେ ଯତ୍ନବାନ ହେଉନ୍ତୁ ।"(୧୪) ଓଡ଼ିଆମାନେ ସଭ୍ୟ ଓ ଶିକ୍ଷିତ ହୋଇ ନ ଥିବାରୁ ହିଁ ସେମାନଙ୍କର ରୁଚି ଅମାର୍ଜିତ । ପରେ ମଧୁସୂଦନଙ୍କ ଠାରୁ ଆରମ୍ଭ କରି ବହୁ କବି ଓ ପ୍ରାବନ୍ଧିକ ଓଡ଼ିଆମାନଙ୍କର 'ରୁଚି' ଆଲୋଚନା ପ୍ରସଙ୍ଗରେ ତା'ର ମାର୍ଜନା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ବସ୍ତୁତଃ ଗୌରୀଶଙ୍କରଙ୍କ ରୁଚି-ପ୍ରତ୍ୟୟ ତତ୍କାଳୀନ ରୁଚି ସମ୍ପର୍କିତ ଧାରଣା ଠାରୁ ଦୂରବର୍ତ୍ତୀ ନ ଥିଲା । କାରଣ ବ୍ୟକ୍ତି, ଜାତି ଓ କାଳ ଅନୁସାରେ ରୁଚି ଭିନ୍ନ ହେଲେ ବି ଏଗୁଡ଼ିକ ଭିତରେ ଗୁଣଗତ ତାରତମ୍ୟ ଓ ମାର୍ଜିତ ଅମାର୍ଜିତ ଭେଦ କଳ୍ପନାକୁ ସେ ଗ୍ରହଣ କରିଛନ୍ତି ଓ ଏହା ସହଜାତ ନୁହେଁ ବୋଲି ସ୍ପଷ୍ଟ ସ୍ୱୀକାର କରିଛନ୍ତି । ସାମାଜିକ ସ୍ତର ଅନୁସାରେ 'ରୁଚି'ର ସ୍ତର ରହିଛି । ତେଣୁ ଉଚ୍ଚବର୍ଗର ଅନୁସରଣରେ ନିମ୍ନ ବର୍ଗର ରୁଚି ପରିବର୍ତ୍ତନକୁ ସେ ସ୍ୱାଗତ କରିଛନ୍ତି । ରୁଚି ସାମାଜିକ ଓ ସାଂସ୍କୃତିକ କର୍ତ୍ତୃତ୍ୱର (hegemony) ଅଭିବ୍ୟକ୍ତି । ଗୌରୀଶଙ୍କର ଉଚ୍ଚବର୍ଗର ସାମାଜିକ ଓ ସାଂସ୍କୃତିକ କର୍ତ୍ତୃତ୍ୱକୁ ସାଧାରଣ ଓ ଅତ୍ୟାବଶ୍ୟକ ରୂପେ ସ୍ୱୀକାର କରୁଥିବାରୁ ସେମାନଙ୍କର 'ରୁଚି'କୁ ସଂସ୍କୃତିର ପ୍ରତୀକ ରୂପରେ ଗ୍ରହଣ କରିଛନ୍ତି ।

'ରୁଚି'ର ଆବଶ୍ୟକତାକୁ ସ୍ୱୀକାର କରିନେଲା ପରେ ବି ସାହିତ୍ୟ ଭଳି ଭିନ୍ନ ସାଂସ୍କୃତିକ-ପ୍ରକାଶ କ୍ଷେତ୍ରକୁ 'ରୁଚି' ଦୃଷ୍ଟିରୁ ଆଲୋଚନା କଲାବେଳେ ସେ ଅନ୍ତର୍ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇଛନ୍ତି । 'ଯାତ୍ରା' ଭଳି ଜନସାଧାରଣ ଉପଭୋଗ୍ୟ ସାଂସ୍କୃତିକ-ପ୍ରକାଶ ଉପରେ ଆଲୋଚନା କଲାବେଳେ ସେ ଲେଖିଛନ୍ତି: "ସମ୍ପ୍ରତି ଓଡ଼ିଶାରେ ଯାହା 'ଯାତ୍ରା'

ନାମରେ ଖ୍ୟାତ ହୋଇଅଛି ଓ ଯାହାକୁ ନିରୁପାୟ ହୋଇ ଭଦ୍ରଲୋକମାନେ ପର୍ବ-ବିଶେଷରେ ଦେଖିବାକୁ ବାଧ୍ୟ ହୁଅନ୍ତି ତାହା ଅତ୍ୟନ୍ତ ଘୃଣିତ ଓ ତଦ୍ଦ୍ୱାରେ ଓଡ଼ିଶାର ରୁଚିର ନିତାନ୍ତ କୁତ୍ସିତ ପରିଚୟ ପ୍ରାପ୍ତ ହୁଅଇ । ବଙ୍ଗ ଭାଷାରେ ହେଉ ପଛକେ ବାଲେଶ୍ୱରର ଓଡ଼ିଆମାନେ ଯେ ଏ ବ୍ୟବସାୟରେ ପ୍ରବୃତ୍ତ ହୋଇ ଅଛନ୍ତି ଏହାକୁ ଆମ୍ଭେମାନେ ଗୋଟିଏ ଶୁଭ ଲକ୍ଷଣ ବୋଲି ଅତ୍ୟନ୍ତ ଆଦର କରୁଅଛୁଁ । ଆମ୍ଭେମାନେ ଭରସା କରୁଁ ଯେ ଓଡ଼ିଶା ବାସୀମାନେ ଏହାକୁ ପ୍ରଚୁର ପରିମାଣରେ ଉତ୍ସାହିତ କରିବେ ଓ ସ୍ୱଦେଶାନୁରାଗୀ ମହାଶୟମାନେ ଏହାକୁ ସତ୍ ପରାମର୍ଶ ଦେଇ ଓଡ଼ିଆ ଯାତ୍ରା କରିବାକୁ ପ୍ରବୃତ୍ତ କରାଇବେ । ଶିକ୍ଷିତ ଓ ହିତୈଷି ଲୋକଙ୍କ ସାହାଯ୍ୟ ବିନା ଏ ସବୁ ବ୍ୟାପାର ସାଧନ ହୋଇ ନ ପାରେ ।"(୧୫) ଏହି ସମ୍ବାଦରେ କେତେଗୁଡ଼ିଏ ଶବ୍ଦ, ଶବ୍ଦଗୁଚ୍ଛ ଓ ବାକ୍ୟାଂଶ ସମ୍ପର୍କରେ ସଚେତନ ହେଲେ ଟୌରିଶଙ୍କରଙ୍କ ଶ୍ରେଣୀ-କର୍ତ୍ତୃତ୍ୱ-ଭିତ୍ତିକ ସାଂସ୍କୃତିକ-ପ୍ରତ୍ୟୟ ଗୁଡ଼ିକ ବିଷୟରେ ସ୍ପଷ୍ଟ ପ୍ରତୀତି ଆସେ । 'ଯାହା ଯାତ୍ରା ନାମରେ ଖ୍ୟାତ ହୋଇଅଛି', 'ନିରୁପାୟ ହୋଇ ଭଦ୍ରଲୋକମାନେ ପର୍ବ-ବିଶେଷରେ ଦେଖିବାକୁ ବାଧ୍ୟ ହୁଅନ୍ତି', 'ତାହା ଅତ୍ୟନ୍ତ ଘୃଣିତ', 'ଓଡ଼ିଶାର ରୁଚି', 'କୁତ୍ସିତ ପରିଚୟ ଇତ୍ୟାଦି ପ୍ରୟୋଗ ଭିତର ଦେଇ ନିମ୍ନ ବର୍ଗର ଲୋକମାନଙ୍କର ଶବ୍ଦ-ବ୍ୟବହାର, ଉଚ୍ଚବର୍ଗର ସାଂସ୍କୃତିକ ସତ୍ତ୍ୱ ନଷ୍ଟ ତଥା ନିମ୍ନବର୍ଗର ସାଂସ୍କୃତିକ-ପ୍ରକାଶ ସମ୍ପର୍କରେ ତାଙ୍କର ହେୟ ଓ ତାଚ୍ଛଲ୍ୟ ମନୋଭାବ ଅଭିବ୍ୟକ୍ତ । ସାଧାରଣ ଲୋକଙ୍କ ରୁଚି ଓ ସଂସ୍କୃତି ଓଡ଼ିଶାର ରୁଚି ଓ ସଂସ୍କୃତି ରୂପରେ ପରିଚିତ ହେଲେ କିଭଳି 'ଓଡ଼ିଆ ରୁଚି'ର ଏକ 'କୁତ୍ସିତ ପରିଚୟ' ମିଳିବ, ସେଥିନେଇ ସେ ଆମକୁ ସତର୍କ କରିଦେଇଛନ୍ତି । ତାଙ୍କ ମତରେ ଓଡ଼ିଆମାନଙ୍କ ରୁଚିର ଏକ ସୁନ୍ଦର ପରିଚୟ ଦେବାକୁ ହେଲେ ଶିକ୍ଷିତ ଓ ଉଚ୍ଚବର୍ଗର ରୁଚିକୁ ଓଡ଼ିଆମାନଙ୍କର ଏକମାତ୍ର ରୁଚି ରୂପେ ପ୍ରତିଷ୍ଠିତ ଓ ପରିଚିତ କରେଇବାକୁ ହେବ । ସାଧାରଣ ଲୋକମାନଙ୍କ ଠାରେ ସଙ୍ଗୀତ ଓ ଅନ୍ୟାନ୍ୟ ଚାରୁକଳାର ଅଭାବ । ସ୍ଥୂଳତା ଓ ଗ୍ରାମ୍ୟ ସେମାନଙ୍କ ସଂସ୍କୃତିର ସବୁଠାରୁ ବଡ଼ ପରିଚୟ । ସେମାନଙ୍କ ଯାତ୍ରା ମଧ୍ୟ ସଙ୍ଗୀତରୁ ବଞ୍ଚିତ ଓ ଗ୍ରାମ୍ୟ ଦୋଷରେ ଦୁଷ୍ଟ : "ଆମ୍ଭେମାନେ ଯେତେଦୂର ଦେଖିଅଛୁଁ କୌଣସି ଯାତ୍ରାରେ ସଙ୍ଗୀତର ବାସନା ମଧ୍ୟ ପାଇନାହୁଁ ଏବଂ ଆମ୍ଭମାନଙ୍କ ବିଶ୍ୱାସ ଏହି ଯେ ସଙ୍ଗୀତ କାହାକୁ ବୋଲଯାଏ ଯାତ୍ରାବାଲମାନେ ଜାଣନ୍ତି ନାହିଁ । କେବଳ ସଜବେଶ ହୋଇ ଗୁଡାଏ ପୋଥି ବୋଲନ୍ତି ଓ ଅଶ୍ଳୀଳ ବାକ୍ୟ ଉଚ୍ଚାରଣ କରି ଦର୍ଶକମାନଙ୍କୁ ସନ୍ତୁଷ୍ଟ କରନ୍ତି ।" (୧୬) ଯାତ୍ରା ଜନସାଧାରଣଙ୍କ ଓ ନିମ୍ନ ବର୍ଗର ସଂସ୍କୃତି । ତେଣୁ ତାହାର ଆଲୋଚନା କଲାବେଳେ 'ଅଶ୍ଳୀଳ' କହି ଉପେକ୍ଷା ମନୋଭାବ ପ୍ରଦର୍ଶନ କରାଯାଇଛି ।

ରୁଚି ଓ ଅଶ୍ଳୀଳତା, ଗତ ଶତାବ୍ଦୀର ସାହିତ୍ୟ-ଆଲୋଚନାରେ ଏହି ଦୁଇଟି କେନ୍ଦ୍ରିକ-ପ୍ରତ୍ୟୟ ଥିଲା । ଏହି ଉଭୟ ଉପରେ ଅତ୍ୟଧିକ ଗୁରୁତ୍ୱ ଆରୋପ କରି ଦୁଇଗୋଷ୍ଠୀର ଶିକ୍ଷିତ ଓଡ଼ିଆ ମଧ୍ୟବିତ୍ତ ଆପଣାର ଗୋଷ୍ଠୀସ୍ୱାର୍ଥର ଦ୍ୱନ୍ଦ୍ୱକୁ କିଭଳି

ସାହିତ୍ୟିକ-ଜୀବନରେ ପରିଣତ କରିଥିଲେ, ତାହା ଅତି ଜଣାଶୁଣା ପ୍ରସଙ୍ଗ । କିନ୍ତୁ ସବୁଠାରୁ ମଜାର ବିଷୟ ହେଉଛି ଉଭୟ ଗୋଷ୍ଠୀ ଚିନ୍ତା ଚେତନାରେ ପରସ୍ପର ଠାରୁ ବିଶେଷ ଦୂରବର୍ତ୍ତୀ ନ ଥିଲେ । ଉଭୟ ଗୋଷ୍ଠୀ ସାଧାରଣ ଜନତାର ଭାଷା, ସାହିତ୍ୟ ଓ ସାଂସ୍କୃତିକ-ପ୍ରକାଶକୁ ହେୟ ଦୃଷ୍ଟିରେ ଦେଖୁଥିଲେ । ଅତୀତର ସାଂସ୍କୃତିକ-ପ୍ରକାଶର ମୂଲ୍ୟାୟନରୁ ହିଁ ଏହି ଦ୍ୱନ୍ଦ୍ୱର ସୃଷ୍ଟି । ଫଳେ ଇଂରେଜମାନଙ୍କ ଅନୁସରଣ କରି ଶିଳ୍ପ, ସ୍ଥାପତ୍ୟ, ଭାସ୍କର୍ଯ୍ୟ ଓ ସଂସ୍କୃତ ସାହିତ୍ୟକୁ ଦେଶର ଗୌରବ କହି ସାମୟିକ 'ରୁଚି' ଠାରୁ ସେଗୁଡ଼ିକୁ ଅସଂପୃକ୍ତ କରିଦେଲେ ପ୍ରାଚୀନ ଓଡ଼ିଆ ସାହିତ୍ୟକୁ ବର୍ତ୍ତମାନ 'ରୁଚି'ର ମାନଦଣ୍ଡରେ ମାପିଛନ୍ତି । ସ୍ଥାପତ୍ୟ, ଭାସ୍କର୍ଯ୍ୟ ଓ ସଂସ୍କୃତ ସାହିତ୍ୟ ଭଳି ଅତୀତର ଓଡ଼ିଆ କାବ୍ୟ ସାହିତ୍ୟ ମଧ୍ୟ ଥିଲା ସାମନ୍ତ-ସମାଜ ଓ ଉଚ୍ଚବର୍ଗର ସୃଷ୍ଟି । ସମକାଳର ରାଜନୈତିକ-ଚେତନା ଓ ଆବଶ୍ୟକତା ଦ୍ୱାରା ପ୍ରଲୁବ୍ଧ ହୋଇ ପ୍ୟାରୀ-ମୋହନ ଆଚାର୍ଯ୍ୟ, ମଧୁସୂଦନ ରାଓ ପ୍ରମୁଖ ମଧ୍ୟଯୁଗୀୟ ଓଡ଼ିଆ କାବ୍ୟ ସାହିତ୍ୟକୁ ଏକ ସଭ୍ୟ ଓ ସଂସ୍କୃତ ସମାଜର ସୃଷ୍ଟି ବୋଲି ସ୍ୱୀକାର କରୁ ନ ଥିଲେ । ଗୌରୀଶଙ୍କରଙ୍କର ମାନସିକ ସ୍ତରରେ ଅତୀତର ସାମନ୍ତ ସମାଜ ଓ ସାହିତ୍ୟ ସହ ସାଯୁଜ୍ୟ ଥିଲା । ତେଣୁ ପ୍ରାଚୀନ ସାହିତ୍ୟ, ବିଶେଷତଃ ଭଞ୍ଜ ସାହିତ୍ୟକୁ, ବର୍ତ୍ତମାନର ରୁଚିରେ ତଉଲିବାକୁ ସେ ଚାହୁଁ ନଥିଲେ । ୧୮୭୮ ମସିହା ଜାନୁଆରୀ ଛବିଶ ତାରିଖରେ 'ଉତ୍କଳ ସଭା'ର ବିବରଣୀ ଯେଉଁଭଳି ଭାବେ ସେ ଉପସ୍ଥାପନ କରିଛନ୍ତି, ସେଥିରୁ ତାଙ୍କ ବିଚାରଧାରା ସ୍ପଷ୍ଟ । ଭଞ୍ଜ ସାହିତ୍ୟର ନିନ୍ଦୁକମାନଙ୍କ ସହ ତାଙ୍କ ପାର୍ଥକ୍ୟ କାହିଁକି ଓ କେଉଁଠି-- ଏହି ବିବରଣୀରେ ତାହା ସେ ଲେଖିଛନ୍ତି : "ବକ୍ତା (ପ୍ୟାରୀମୋହନ ଆଚାର୍ଯ୍ୟ) ପ୍ରଥମେ କହିଲେଯେ ପ୍ରାଚୀନ ଶିଳ୍ପ କାର୍ଯ୍ୟ ଓ ଭାଷା ପ୍ରକାଶେ ଓଡ଼ିଶାର ଗୌରବ ରହିଅଛି ଶିଳ୍ପକାର୍ଯ୍ୟର ପରିଚୟ ଭୁବନେଶ୍ୱର ପୁରୀର ମନ୍ଦିରମାନ ଓ ଭାଷାର ପରିଚୟ ପ୍ରାଚୀନ ଗ୍ରନ୍ଥମାନ । ମନ୍ଦିରମାନଙ୍କ ଅଶ୍ଳୀଳ ମୂର୍ତ୍ତିର କଥା ବିସ୍ମୃତ ହେବାରେ ସେ ସମସ୍ତର ଗୌରବ ରହିଗଲା ନୋହିଲେ ମନ୍ଦିରମାନଙ୍କର କି ପର୍ଯ୍ୟନ୍ତ ହଟହଟା ହୋଇଥାନ୍ତା ଆମ୍ଭେମାନେ କହି ନ ପାରୁଁ । କିନ୍ତୁ ସେହି ଅଶ୍ଳୀଳତାର ଅପରାଧରେ ପ୍ରାଚୀନ ସାହିତ୍ୟର ଏତେ ନିନ୍ଦା ହେଲା ଯେ ବୁଝିବା ଲୋକ ନିଶ୍ଚୟ ମନରେ କରିଥିବେ ଯେ ସେସବୁ ଯଥାର୍ଥରେ ଆମ୍ଭମାନଙ୍କର କଳଙ୍କ ଅଟଇ । ସବୁ ଗ୍ରନ୍ଥକାର ଅପେକ୍ଷା ଉପେନ୍ଦ୍ର-ଭଞ୍ଜ ଓ ସବୁଗ୍ରନ୍ଥ ଅପେକ୍ଷା ଲାବଣ୍ୟବତୀ ଅଧିକ ଗାଳି ଖାଇଲେ । × × × ଆମ୍ଭେମାନେ ସଭ୍ୟ ଓ ଶିକ୍ଷିତ ସମ୍ପ୍ରଦାୟଙ୍କୁ ଅନୁରୋଧ କରୁଅଛୁଁ ଯେ ସେମାନେ ଶ୍ରମ ସ୍ୱୀକାର ପୂର୍ବକ ପ୍ରାଚୀନ କାବ୍ୟମାନ ପାଠ କରି ତହିଁର ଦୋଷଭାଗ ପରିତ୍ୟାଗ ପୂର୍ବକ ଗୁଣଭାଗକୁ ଗ୍ରହଣ କରନ୍ତୁ ।"(୨୭) ଗୌରୀଶଙ୍କର ପ୍ୟାରୀମୋହନଙ୍କ ବକ୍ତବ୍ୟରେ ଥିବା ସ୍ୱବିରୋଧକୁ ଉଦ୍‌ଘାଟିତ କଲେ ବି ତାଙ୍କର ଅଶ୍ଳୀଳତା-ଧାରଣାକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖାନ କରିନାହାନ୍ତି । ପ୍ରୟୋଗ ଓ ତତ୍ତ୍ୱ ବିଚାର କ୍ଷେତ୍ରରେ ହିଁ ଉଭୟଙ୍କ ମଧ୍ୟରେ ବିରୋଧ । ଭଞ୍ଜ ସାହିତ୍ୟ ଯେ ଅଶ୍ଳୀଳ ଓ କେତେକାଂଶରେ ବର୍ତ୍ତମାନ ରୁଚିକୁ ଅଯୋଗ୍ୟ ଏ କଥା ଅନ୍ୟତ୍ର ଗୌରୀଶଙ୍କର ମଧ୍ୟ ସ୍ୱୀକାର କରିଛନ୍ତି : "ଆମ୍ଭେମାନେ ସ୍ୱୀକାର କରୁଁ କି ଯେ ସମୟରେ ଉକ୍ତ ପୁସ୍ତକମାନ ରଚିତ ହୋଇଥିଲା

ସେ କାଳର ରୁଚିଠାରୁ ବର୍ତ୍ତମାନ ରୁଚି ଅନେକ ଉନ୍ନତ ହୋଇଅଛି ଅତଏବ ସେସବୁ ପୁସ୍ତକର ଅନେକାଂଶ ପକ୍ଷରେ ଅଶ୍ଳୀଳତାର ଆପତ୍ତି ଯଥାର୍ଥ ଅଟଇ ।" (୨୮) ତେଣୁ ଗୌରୀଶଙ୍କରଙ୍କର ମତଭିନ୍ନତା ରୁଚି ଓ ଅଶ୍ଳୀଳତାର ପ୍ରତ୍ୟସ୍ତ ସମ୍ପର୍କରେ ନୁହେଁ, କୌଣସି କଳାକୁ ତାହାର ମାନଦଣ୍ଡରେ ଗ୍ରହଣ ଓ ପ୍ରତ୍ୟାଖ୍ୟାନକୁ ନେଇ । ପ୍ୟାରୀମୋହନ ପ୍ରମୁଖ 'ରୁଚି'କୁ ମାନଦଣ୍ଡ କରି ପ୍ରାଚୀନ ସାହିତ୍ୟ, ଯାତ୍ରା ଓ ସଙ୍ଗୀତକୁ ପରିତ୍ୟାଗ କଲାବେଳେ ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ସମ୍ପର୍କରେ ନୀରବ ରହିଛନ୍ତି । ଆଉ ଗୌରୀଶଙ୍କର ଯାତ୍ରା ଓ ଆଧୁନିକ ସାହିତ୍ୟକୁ ନିନ୍ଦା କଲାବେଳେ ସ୍ଥାପତ୍ୟ, ଭାସ୍କର୍ଯ୍ୟ, ପ୍ରାଚୀନ କାବ୍ୟ ଓ ସଙ୍ଗୀତକୁ ଗ୍ରହଣ କରିଛନ୍ତି । ପ୍ୟାରୀମୋହନ ଓ ମଧୁସୂଦନ ପ୍ରମୁଖ ସୁରୁଚି ସହ ସୁନୀତକୁ ଏକତ୍ର ବିଚାର କଲାବେଳେ ଗୌରୀଶଙ୍କର ସ୍ଥଳ ବିଶେଷରେ ଉଭୟଙ୍କୁ ପରସ୍ପରଠାରୁ ସ୍ୱତନ୍ତ୍ର କରିଛନ୍ତି । 'ସୁରୁଚି ଓ ସୁନୀତ' ଶୀର୍ଷ କରେ ବାଲେଶ୍ୱର ସମ୍ବାଦ ବାହିକାରେ ପ୍ରକାଶିତ ଏକ ବେନାମି ପତ୍ରର ସମାଲୋଚନା କରି ଓ ବାଇନାଚର ଗ୍ରହଣ ଯୋଗ୍ୟତା ସପକ୍ଷରେ ଯାଇ ସେ ଲେଖିଥିଲେ "ବାଇନାଚ ଆମ୍ଭମାନଙ୍କର ଚିରନ୍ତ ପ୍ରଚଳିତ ପ୍ରଥା ଏବଂ ସେ ପ୍ରଥା ଚିରକାଳ ବିଦ୍ୟମାନ ଥାଇ ସୁଦ୍ଧା ଅମ୍ଭମାନଙ୍କ ଦେଶରେ ସୁନୀତ ପରିପୂର୍ଣ୍ଣ ଲୋକଙ୍କର ଆଦୌ ଅଭାବ ନାହିଁ ଏବଂ ଧର୍ମ୍ମଶାସ୍ତ୍ରର ଆଲୋଚନା ବା ଧର୍ମଚର୍ଚ୍ଚା ସେଥି ସକାଶେ ଊଣା ହୋଇନାହିଁ । ଆଜି କାଲିର ଅଳ୍ପ ଶିକ୍ଷିତ ଅପରିଣାମଦର୍ଶୀ ସୁନୀତ ଓ ସୁରୁଚିର ଅନ୍ତସ୍ତତ୍ତ୍ୱକର ଧ୍ୱଜାଧାରୀ ନୀତ ଓ ରୁଚିର ଅର୍ଥ ବୁଝି ନ ପାରି ନାନା କଥା କହି ପାରନ୍ତି ··· × × ଯେଉଁ ଲୋକର ମନ ନିତାନ୍ତ ଦୁର୍ବଳ ସେ କେବଳ ମନ୍ଦ ଦଶା ଆଶା କରଇ ।" (୨୯) ସାହିତ୍ୟ ଆଲୋଚନାରେ ସମସାମୟିକ କାଳରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥିବା ରୁଚିକୁ ଗୌରୀଶଙ୍କର ସ୍ୱୀକାର କରିଥିଲେ ବି ସମୟ ଓ ସାମାଜିକ-ବର୍ଗ ଭେଦରେ ତାହାର ପ୍ରୟୋଗ ଭିନ୍ନ କରିଛନ୍ତି ।

## ॥ ପାଞ୍ଚ ॥

'ଅଶ୍ଳୀଳ ପୁସ୍ତକ' ଶିରୋନାମରେ ଗୌରୀଶଙ୍କର, ବଙ୍ଗଳା 'ବଙ୍ଗବାସୀ' ପତ୍ରିକାରେ ପ୍ରକାଶିତ ଈଶ୍ୱରଚନ୍ଦ୍ରଙ୍କ ବିଦ୍ୟାସୁନ୍ଦର ଆଲୋଚନାର ସାରମର୍ମ ଉପସ୍ଥାପନ କରି ସାରିଲା ପରେ, ଲେଖିଛନ୍ତି : "ଦେଶର ସାହିତ୍ୟ ସମଗ୍ର ସମାଜର ସମ୍ପତ୍ତି, ବର୍ତ୍ତମାନ ସମାଜର ଓ ଭବିଷ୍ୟତ ସମାଜର । ଲୋକ ବିଶେଷର ସମ୍ପତ୍ତି ନୁହଇ । ସୁତରାଂ ସେ ପ୍ରକାର ପୁସ୍ତକ କଟିଆ କରିବା ତୁମ୍ଭ ଅମ୍ଭର ଅଧିକାର ନୁହଇ । ଯେଉଁ କବି ଯେ ରୂପେ ପ୍ରକାଶ ହୋଇ ଅଛନ୍ତି ତାହାଙ୍କୁ ସେହିରୂପେ ରଖିବା ହିଁ ଉଚିତ । ଇଚ୍ଛାମତେ ତାହାଙ୍କୁ ଛିନ୍ନ କରି ସୁଆଙ୍ଗ ସଜାଇବା ଉଚିତ ନୁହେଁ ।" (୩୦) ଗୌରୀଶଙ୍କର କୌଣସି ପ୍ରାଚୀନ ସାହିତ୍ୟ-କୃତିକୁ ଦେଶ ଓ କାଳ ଭିତରେ ସୀମିତ କରି ରଖିବା ଚାହାନ୍ତି ନାହିଁ । କୌଣସି ରଚନା 'ସାହିତ୍ୟ' ବୋଲି ସ୍ୱୀକୃତ ହେଲା ପରେ ତାହା ଆଉ କୌଣସି ବ୍ୟକ୍ତି ବିଶେଷର ସମ୍ପତ୍ତି ହୋଇ ରହେ ନାହିଁ ବା ବ୍ୟକ୍ତିଗତ ରୁଚି ଓ ନୀତିର ମାନଦଣ୍ଡରେ ତାହା ମପାଯାଇ ପାରିବ ନାହିଁ । ତାହା ଏକ ଜାତୀୟ

ସମ୍ପତ୍ତି ରୂପେ ପରିଗଣିତ ହୁଏ । ଅନୁଷ୍ଠାନ ବିଶେଷର ମହତ୍ତ୍ୱ, ପ୍ରତିଷ୍ଠା ଓ ସାର୍ବଜନୀନତା ତାହା ଦାବୀ କରେ ଓ ପବିତ୍ର ବସ୍ତୁ ରୂପେ ବିବେଚିତ ହୁଏ । ପ୍ରାଚୀନ ସାହିତ୍ୟ, ବିଶେଷତଃ ଭକ୍ତି ସାହିତ୍ୟକୁ ସାଂପ୍ରତିକ ମୂଲ୍ୟମାନର ନିକିତିରେ ତଉଲିବାର ପ୍ରଚେଷ୍ଟାକୁ ସେ ଆଦୌ ଅନୁମୋଦନ କରିପାରି ନାହାନ୍ତି । ସନ୍ତାନମାନଙ୍କର ସର୍ବୋର୍ଦ୍ଧ ବିଶ୍ୱସ୍ତତା ଓ ଭକ୍ତି ପିତାଙ୍କର ଯେଉଁଭଳି ପ୍ରାପ୍ୟ, ସେହିଭଳି କୌଣସି ଦେଶର ଅଧିବାସୀଙ୍କ ଠାରୁ ନିଃସର୍ତ୍ତ ସମ୍ମାନ ସେ ଦେଶ ସାହିତ୍ୟର ପ୍ରାପ୍ୟ । ସାହିତ୍ୟ ଜାତୀୟ ସମ୍ପତ୍ତି ହୋଇ ଥିବାରୁ ତାହାର ଉପଯୁକ୍ତ ସଂରକ୍ଷଣ ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ "ପୈତୃକ ସମ୍ପତ୍ତିର ସଂରକ୍ଷଣ ଏବଂ ପରିବର୍ଦ୍ଧନ ଏବଂ ତଦ୍ୱାରା ସାଧାରଣ ହିତ ସାଧନ ସତ୍ ପୁତ୍ରର ଲକ୍ଷଣ । ପୂର୍ବ ପୁରୁଷଙ୍କ ଠାରୁ ଉତ୍ତରାଧିକାର ସୂତ୍ରରେ ପ୍ରାପ୍ତ ଅମୂଲ୍ୟ ସାହିତ୍ୟ ଧନର ବ୍ୟବହାର ନ କଲେ ଆମ୍ଭେମାନେ ସୁପୁତ୍ର ଆଖ୍ୟାର ଯୋଗ୍ୟ ହେବୁ ନାହିଁ ।" (୩୧) ଗୌରୀଶଙ୍କରଙ୍କ ସମଗ୍ର ଜୀବନର ସାହିତ୍ୟ ଚର୍ଚ୍ଚା ଏହି ସୁପୁତ୍ର ଆଖ୍ୟା ପାଇବା ଆକାଂକ୍ଷାର ପରିଣାମ । ଫଳରେ ସାହିତ୍ୟର ମୂଲ୍ୟ ବିଚାର କଲାବେଳେ ଗୌରୀଶଙ୍କର ଜାତୀୟତାବାଦ ଦ୍ୱାରା ଆକ୍ରାନ୍ତ । ବସ୍ତୁତଃ ତାଙ୍କର ଓଡ଼ିଆ ସାହିତ୍ୟ ଆଲୋଚନା ଓଡ଼ିଆ ଜାତୀୟତାର ପରିଚର୍ଯ୍ୟା ।

ବେନେଡିକ୍ଟ ଆଣ୍ଡରସନ ତାଙ୍କର Imagined Communities : On the Origin and Spread of Nationalism ପୁସ୍ତକରେ ଦେଖାଇଛନ୍ତି, ଜାତି ବା ଦେଶ ନାମରେ କୌଣସି ଅପୌରୁଷେୟ ଓ ସ୍ୱାଭାବିକ ସତ୍ତା ନାହିଁ । ପ୍ରତ୍ୟେକ ଦେଶ ବା ଜାତି ମାନବିକ କଳ୍ପନା ଦ୍ୱାରା ସଂଗଠିତ ଓ ନିର୍ମିତ ସତ୍ତା । ଜାତୀୟତାବାଦ ଜାତିର ଆତ୍ମ-ସଚେତନତାର ଜାଗରଣ ନୁହେଁ; ଏହା ଅସ୍ତିତ୍ୱହୀନ ଜାତି ସତ୍ତାକୁ ଉଦ୍ଭାବନ ଓ କଳ୍ପନା କରେ । (୩୨) ରାଜନୈତିକ ଉଦ୍ଦେଶ୍ୟରେ ଅତୀତର ସାଂସ୍କୃତିକ ଭୂମି ଜାତିର ଭିତ୍ତି ରୂପେ ଗୃହୀତ ହୋଇଥାଏ । ଏହି ଗ୍ରହଣ, ଉଦ୍ଭାବନ ଓ କଳ୍ପନାରେ ସଂପୃକ୍ତ ଭୂମିଖଣ୍ଡର ବା ସାମାଜିକ-ଗୋଷ୍ଠୀର ବୁଦ୍ଧିଜୀବୀମାନେ ହିଁ ପ୍ରମୁଖ ଭୂମିକା ନେଇଥାନ୍ତି । ଊନବିଂଶ ଶତାବ୍ଦୀର ଷଷ୍ଠ ଦଶକରେ ଏହିଭଳି ଏକ ବୁଦ୍ଧିଜୀବୀ ସମ୍ପ୍ରଦାୟର ଅଭ୍ୟୁଦୟ ହୋଇଥିଲା—ଯେଉଁମାନେ ଓଡ଼ିଆ ଜାତୀୟତାବାଦର ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ । ବିଚିତ୍ରାନନ୍ଦ ଦାସ, ଗୌରୀଶଙ୍କର, ଦାମୋଦର ପ୍ରସାଦ ଦାସ, ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ ଓ ଫକୀର ମୋହନ ସେନାପତି ଥିଲେ ଏହି ବୁଦ୍ଧିଜୀବୀ ମାନଙ୍କ ମଧ୍ୟରେ ଅଗ୍ରଣୀ । ଏମାନଙ୍କ ଭିତରେ ଗୌରୀଶଙ୍କର ହିଁ 'ଉତ୍କଳ ଦୀପିକା' ମାଧ୍ୟମରେ ଓଡ଼ିଆ-ଜାତି ଗଠନରେ ବିଶିଷ୍ଟତମ ଭୂମିକା ନେଇଥିଲେ । ଜାତୀୟତାବାଦର ବିକାଶରେ ରାଜନୈତିକ ଉଦ୍ଦେଶ୍ୟ-ପ୍ରଣୋଦିତ ସାଂସ୍କୃତିକ ପୁନଃନିର୍ମାଣ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବାରୁ ଓଡ଼ିଆମାନଙ୍କୁ ଏକ ଜାତୀୟ ରୂପେ ସଙ୍ଗଠିତ କରିବା ପାଇଁ ଗୌରୀଶଙ୍କର ସଚେତନ ଭାବରେ ଓଡ଼ିଆ ଭାଷା ଓ ସାହିତ୍ୟକୁ ଭିତ୍ତି ରୂପେ ଗ୍ରହଣ କରିଛନ୍ତି । ୧୮୬୬ ମସିହାକୁ ସେ ଓଡ଼ିଆ ଜାତୀୟ-ଚେତନାର ଅଭ୍ୟୁଦୟ-ସମ୍ବତ୍ସର ଭାବରେ ଗ୍ରହଣ କରିଛନ୍ତି । ବିଶିଷ୍ଟ ଚିନ୍ତାନାୟକ ଆଣ୍ଟୋନିଓ ଗ୍ରାମଚି ଅନ୍ୟ ଏକ ପ୍ରସଙ୍ଗରେ ତାଙ୍କର Prison

Notebooksରେ ଲେଖିଛନ୍ତି : ସମାଜର ସାଧାରଣ ମଣିଷ ନିଜ ଜୀବନ ଓ ସଂସ୍କୃତିକୁ ଅନୁଭବ କରିପାରନ୍ତି କିନ୍ତୁ ବୁଝି ବା ଜାଣି ପାରନ୍ତି ନାହିଁ, ଅଥଚ ବୁଦ୍ଧିଜୀବୀ ମାନେ ତାହାକୁ ଜାଣନ୍ତି କିନ୍ତୁ ପ୍ରାୟତଃ ବୁଝନ୍ତି ନାହିଁ ଓ କେବେ ବି ଅନୁଭବ କରି ପାରନ୍ତି ନାହିଁ ।"(୩୩) ଫଳରେ ଜାତୀୟ ସଂସ୍କୃତି କହି ଜନସାଧାରଣଙ୍କ ଉପରେ କୌଣସି ଅର୍ଦ୍ଧ-କଳ୍ପିତ ସଂସ୍କୃତି ଲଦିଦେଲେ ସେମାନେ ବୁଝି ବା ଜାଣି ପାରନ୍ତି ନାହିଁ ଆଉ ନିଜେ ଅନୁଭବ କରୁ ନଥିବାରୁ ଲଦୁଥିବା ବୁଦ୍ଧିଜୀବୀ ମାନେ ପ୍ରଚଳିତ ସଂସ୍କୃତିର ତିରୋଧାନରେ ଦୁଃଖ ପ୍ରକାଶ କରନ୍ତି ନାହିଁ । ବଙ୍ଗଳା ଓ ଓଡ଼ିଶାରେ ଜାତିକ ଧର ଉନ୍ମେଷ ଉଭୟ ଅଂଶରେ ଜନସାଧାରଣଙ୍କ ମନରେ ବିଦ୍ୱେଷ ଭାବ ସୃଷ୍ଟି କରିଥିଲେ ହେଁ ବୁଦ୍ଧି-ଜୀବୀମାନଙ୍କ ଭିତରେ ପାରସ୍ପରିକ ବିଦ୍ୱେଷ ନଥିଲା, ହୁଏତ ସ୍ୱାର୍ଥ-ଦ୍ୱନ୍ଦ୍ୱ ଥିଲା । ଜାତୀୟତାବାଦର ଉନ୍ମେଷ ପାଇଁ ସେମାନେ ଯେତେବେଳେ ସଂସ୍କୃତିକୁ ଏକ ମାଧ୍ୟମ ଭାବରେ ଗ୍ରହଣ କରନ୍ତି, ସେତେବେଳେ ସେହି ସଂସ୍କୃତିର ପ୍ରାଣସ୍ପନ୍ଦନକୁ ଅନୁଭବ ନ କରି ତା'ର ପ୍ରଚାର ଓ ପ୍ରସାର ପାଇଁ ଲାଗି ପଡ଼ିଥାନ୍ତି । ସଂସ୍କୃତିର ବାହ୍ୟ ରୂପଟି ହିଁ ସେମାନଙ୍କ ଜ୍ଞାନ-ଦୃଷ୍ଟିରେ ଧରା ପଡ଼ିଛି । ଗୌରୀଶଙ୍କର ସେଥିପାଇଁ ଓଡ଼ିଆ ସଂସ୍କୃତିକୁ ଅନୁଭବ କରି ନ ଥିବାରୁ ଓ ବୁଝିବାକୁ ଚେଷ୍ଟା କରି ନ ଥିବାରୁ ଉଚ୍ଚବର୍ଗର ସାଂସ୍କୃତିକ-ପ୍ରକାଶକୁ—ଓଡ଼ିଆ କାବ୍ୟ ସାହିତ୍ୟକୁ—ଓଡ଼ିଆ ସଂସ୍କୃତିର ପରିମାପକ ଓ ପ୍ରାଣଶକ୍ତି ରୂପେ ଗ୍ରହଣ କରିଛନ୍ତି । ଉତ୍କଳ ଦୀପିକାର ପ୍ରଥମ ବର୍ଷରୁ ହିଁ ଓଡ଼ିଆ ସ୍ୱାଭିମାନ ଓ ବୁଦ୍ଧିମତ୍ତାର ପ୍ରତୀକ ହିସାବରେ ଉପେନ୍ଦ୍ର ଭଞ୍ଜଙ୍କ ପ୍ରସଙ୍ଗ ଆସିଛି । 'ଓଡ଼ିଆମାନେ ସ୍ୱଭାବତଃ ନିର୍ବୋଧ' ଏଭଳି ଅଭିଯୋଗର ଉତ୍ତର ଦେବାକୁ ଯାଇ ଓଡ଼ିଆ ଜାତୀୟତାବାଦକୁ କେବଳ ଏକ ଇଡିଓଲଜିକାଲ ideological) ଗଢ଼ଣ ଦିଆଯାଇ ନାହିଁ, ସେହି ଗଢ଼ଣ ଭିତରେ ଓଡ଼ିଆ ସାହିତ୍ୟକୁ, ବିଶେଷତଃ ଭଞ୍ଜ ପ୍ରମୁଖଙ୍କ କାବ୍ୟଧାରାକୁ, ମୁଖ୍ୟ ସ୍ଥାନ ଦିଆ ଯାଇଛି । ଓଡ଼ିଆ ଜାତି ଅତୀତରେ ଉନ୍ନତ ଥିଲା, ତାହାର ପ୍ରମାଣ ଓଡ଼ିଆର କାବ୍ୟକୀର୍ତ୍ତି । ସାଂପ୍ରତିକ କାଳରେ ରାଜ ପୃଷ୍ଠପୋଷକତାର ଅଭାବ ଓ ଅନ୍ୟାନ୍ୟ ସହଯୋଗୀ କାରଣ ପାଇଁ ଓଡ଼ିଆ ଜାତିର ଅସ୍ତିତ୍ୱ ବିପନ୍ନ ହୋଇଛି । ଏଠାରେ ଓଡ଼ିଆ ଜାତୀୟତାର ଉଦ୍ଭାବନ ପାଇଁ ତାହାର କଳ୍ପିତ ଦୋଷ ସବୁକୁ ଅନ୍ୟ ମୁଣ୍ଡରେ ଲଦି ଦିଆହୋଇଛି ଓ ଅତୀତ, ମଧୁର ସ୍ୱପ୍ନକୁ ଆଧାର କରି ପୁନଃ-ନିର୍ମିତ ହୋଇଛି । ବଙ୍ଗଳା ଜାତୀୟତାର ପ୍ରତିପକ୍ଷରେ ଓ ତା' ସହ ପ୍ରତିଦ୍ୱନ୍ଦ୍ୱିତା କରି ଓଡ଼ିଆ ଜାତୀୟତାର ବିକାଶ । ଏହି ପ୍ରତିଦ୍ୱନ୍ଦ୍ୱିତା ଏକ ଐତିହାସିକ ଆବଶ୍ୟକତା ହୋଇଥିବାରୁ ଓଡ଼ିଆ ସାହିତ୍ୟ ସହ ବଙ୍ଗଳା ସାହିତ୍ୟର ଏକ ତୁଳନାତ୍ମକ ବିଶ୍ଳେଷଣ ଓ ବିଚାର ସଂପୃକ୍ତ ଉଦ୍ଧୃତିରେ ଉପସ୍ଥାପିତ : "... ଏହି ବଙ୍ଗାଳି ଭାଷାର ଉନ୍ନତି କାରଣ କି ପର୍ଯ୍ୟନ୍ତ ନା ଯତ୍ନ କରାଯାଉଅଛି । ତଥାପି ଉତ୍କଳୀୟ କବିମାନେ ଯେ ସକଳ କାବ୍ୟଗ୍ରନ୍ଥ ରଚନା କରି ଯାଇଅଛନ୍ତି ତାହାର ସହିତ ତୁଳନା ଦେବାପାଇଁ ଆଜି ପର୍ଯ୍ୟନ୍ତେ ଖଣ୍ଡେ ମଧ୍ୟ କାବ୍ୟ ବଙ୍ଗଳା ଭାଷାରେ ପ୍ରକାଶ ହୋଇନାହିଁ । ଏକଥା ଯଥାର୍ଥ ଅଟେ ଯେ କି ସାହିତ୍ୟ କି ଗଣିତ କି ଭୂଗୋଳ କି ପ୍ରାକୃତିକ ବିଦ୍ୟା ସକଳ ବିଷୟରେ ବଙ୍ଗଳାରେ ଭୂରି ଭୂରି ଗ୍ରନ୍ଥ ପ୍ରକାଶ ହୋଇଅଛି ମାତ୍ର ଏହି ସକଳ ପୁସ୍ତକ

ଅନୁବାଦିତ ଅପହୃତ, ସ୍ୱାଧୀନ ପୁସ୍ତକ କେତେ ଖଣ୍ଡ ଅଛି ? ସ୍ୱାଧୀନ ଗ୍ରନ୍ଥ ମଧ୍ୟରୁ ବଙ୍ଗାଳୀମାନେ ବିଦ୍ୟାସୁନ୍ଦରକୁ ସୁପ୍ରସିଦ୍ଧ ପୁସ୍ତକ ବୋଲି ଗଣନ୍ତି ଓ ଏହି ଗ୍ରନ୍ଥ ରଚନା କରି ৺ ଭାରତ ଚନ୍ଦ୍ର ରାୟ ବଙ୍ଗଳା ଦେଶରେ ବିଖ୍ୟାତ ହୋଇଅଛନ୍ତି ।

ବିଦ୍ୟାସୁନ୍ଦର ରଚନାର ଅନେକ ବର୍ଷ ପୂର୍ବରେ ଦୀନକୃଷ୍ଣ ଦାସ ଯେ ରସକଲ୍ଲୋଳ ନାମକ ପୁସ୍ତକ ରଚନା କରିଅଛନ୍ତି ତାହାର ସହିତ ତୁଳନା କରି ଦେଖିଲେ ବିଦ୍ୟା-ସୁନ୍ଦର ଅତି ଅପକୃଷ୍ଟ ବୋଧହୁଏ । କି ରଚନା ଚାତୁର୍ଯ୍ୟ କି ସ୍ୱଭାବ ବର୍ଣ୍ଣନା କି ଶ୍ଳେଷ ଓ ଯମକ ରଚନା ସମସ୍ତ ବିଷୟରେ ଦୀନକୃଷ୍ଣ ଭାରତ ଚନ୍ଦ୍ରଙ୍କ ଠାରୁ ଅଧିକ ପରାକାଷ୍ଠା ଲାଭ କରିଅଛନ୍ତି । ତଥାପି ଦେଖ ବିଦ୍ୟାସୁନ୍ଦର ଆଜି କି ପର୍ଯ୍ୟନ୍ତ ବିଦ୍ୱାନମଣ୍ଡଳୀରେ ସମାଦୃତ ହେଉଅଛି । ମାତ୍ର ରସକଲ୍ଲୋଳ ପ୍ରତି କେହି ଦୃଷ୍ଟିପାତ କରିବାକୁ ନାହିଁ । ରସକଲ୍ଲୋଳ ଆଦିରସ ଘଟିତ କୁତ୍ସିତ ଭାବାଶ୍ରିତ ବୋଲି ଯେ ଯାହା କହନ୍ତୁ ସେଥିରେ ଆମ୍ଭର ବକ୍ତବ୍ୟ ନାହିଁ । ମାତ୍ର ରସକଲ୍ଲୋଳ ଯେ ସର୍ବ ବିଷୟରେ ବିଦ୍ୟାସୁନ୍ଦର ଠାରୁ ଉତ୍କୃଷ୍ଟ ଗ୍ରନ୍ଥ ତାହାର ସନ୍ଦେହାଭାବ ।

ଏହି ବାକ୍ୟର ଦୃଢତା କାରଣ ପ୍ରମାଣ ଦର୍ଶାଇବା ବାହୁଲ୍ୟ ମାତ୍ର । ଯେ ସୁହୃଦୟ ବ୍ୟକ୍ତି ଏହି ଗ୍ରନ୍ଥଦ୍ୱୟ ପାଠ କରିଅଛନ୍ତି ସେହି ଏହି ଗ୍ରନ୍ଥଦ୍ୱୟର ଉତ୍କର୍ଷାପ-କର୍ଷ ବିଷୟ ହୃଦୟଙ୍ଗମ କରିଅଛନ୍ତି । ଦୀନକୃଷ୍ଣଙ୍କ ଭିନ୍ନ ଆହୁରି ମଧ୍ୟ ଅନେକ କବି ଅନେକ ବିଷୟରେ ଅନେକ ଗ୍ରନ୍ଥ ରଚନା କରିଅଛନ୍ତି । ମୁଦ୍ରାଯନ୍ତ୍ର ଅଭାବରେ ଅନେକ ଗ୍ରନ୍ଥ ଲୋପ ହୋଇଅଛି । ଓଡ଼ିଶାର କବି କୁଳ କେଶରୀ ଉପେନ୍ଦ୍ର ଭଞ୍ଜ ୫୨ ଖଣ୍ଡ ଗ୍ରନ୍ଥ ରଚନା କରନ୍ତି ମାତ୍ର ଇଦାନୀଂ ପ୍ରଶଂସିତ କବି ରଚିତ ୧୦/୧୫ ଖଣ୍ଡ ଗ୍ରନ୍ଥରୁ ଅଧିକ ମିଳୁନାହିଁ ।

କି ଆଦିରସ କି ବୀରରସ କି ଭକ୍ତିରସ କି କରୁଣରସ ସକଳ ବିଷୟ ରଚନାରେ ଉପେନ୍ଦ୍ର ଭଞ୍ଜ ଅଦ୍ୱିତୀୟ କବିତ୍ୱ ଶକ୍ତି ପ୍ରକାଶ କରିଯାଇ ଅଛନ୍ତି ବିଶେଷରେ ଯମକ ଓ ଶ୍ଳେଷ ପଦ ରଚନାରେ ଯେପରି ନିପୁଣତା ଦେଖାଇ ଅଛନ୍ତି । ଆମ୍ଭେ ସାହାସ କରି କହିପାରୁଁ ଯେ ସଂସ୍କୃତ ଭିନ୍ନ ଭାରତ ବର୍ଷୀୟ ଏମନ୍ତ ଭାଷାର କାବ୍ୟକାର ନାହାନ୍ତି ଯେ ତାହାଙ୍କ ସହିତ ତୁଳଣା ଦିଆଯାଇ ପାରେ, ଉପେନ୍ଦ୍ର ଭଞ୍ଜ କୃତ ବୈଦେହୀଶ ବିଳାସରେ ରାମ ରାବଣର ଯୁଦ୍ଧ ଅରଣ୍ୟରେ ରାମ ଦ୍ୱାରୁ ସୀତାର ପ୍ରବୋଧ ଋଷିଙ୍କର ଆଶ୍ରମ ବର୍ଣ୍ଣନ ଅନ୍ୟତର ପୁସ୍ତକରେ ଲାବଣ୍ୟବତୀର ସଖିମାନଙ୍କ ସହିତ କ୍ରୀଡ଼ା ଏହି ସକଳ ସ୍ଥାନ ପାଠ ସମୟରେ ରଚୟିତାଙ୍କୁ ପ୍ରକୃତ ମନୁଷ୍ୟ ବୋଲି ସ୍ୱୀକାର କରିବାକୁ ସଂକୋଚ ବୋଧହୁଏ ।

ହାୟ ! ଏହି ସକଳ ଗ୍ରନ୍ଥର ଏପରି ଅନାଦର ଦେଖି ହୃଦୟ ଏକାବେଳକେ ବିଦୀର୍ଣ୍ଣ ହୋଇଯାଏ । ହାୟ ଏମନ୍ତ କି ସମୟ ଆମ୍ଭେମାନେ ଦେଖିବାକୁ ପାଇବୁ ଯେ ଏହି ସକଳ ଗ୍ରନ୍ଥର ଯଥାର୍ଥ ମର୍ଯ୍ୟାଦା ରକ୍ଷା ହୋଇଅଛି ।

ସଭ୍ୟତା ଗ୍ରୀସ୍ ଓ ରୋମ ରାଜ୍ୟର ପତନ ଇଂଲଣ୍ଡର ଉନ୍ନତି ଓ ଭାରତର

ଅଧୋଗତି ଦେଖିଲେ ପ୍ରତୀୟମାନ ହୁଏ ଯେ ଅବନୀ ମଣ୍ଡଳରେ କିଛିହିଁ ସ୍ଥାୟୀ ନୁହଇ । କାଳରେ ସକଳ ପରିବର୍ତ୍ତିତ ହୋଇଅଛି । ଆହୁରି ଦେଖ ଯେ କଲିକତା ନଗର କିଛିଦିନ ପୂର୍ବରେ କଣ୍ଟକମୟୀ ଅରଣ୍ୟ ତହିଁରେ ଆବୃତ ଓ ଶଶକ ଶୃଗାଳାଦିର କେଳି ଭୂମି ରୂପେ ପରିଣତ ଥିଲା ସେହି କଲିକତା ନଗର ସମସ୍ତ ଭାରତର ରାଜଧାନୀ ହୋଇ ସଜ୍ଜୀକୃତ ସେନା ଶ୍ରେଣୀ ରାଜପୁରୁଷ ଅସଂଖ୍ୟ ବିଦ୍ୱାନ ମଣ୍ଡଳୀ ଗଗନସ୍ପର୍ଶୀ ସୌଧମାଳା-ରେ ପରିବୃତ୍ତ ହୋଇଅଛି ଏହିପରି କେତେ ଜନପୂର୍ଣ୍ଣ ବୃଦ୍ଧିଶୀଳ ନଗର ଭୂମିସାତ ଓ କେତେ ଜନଶୂନ୍ୟ ଅରଣ୍ୟ ସମୃଦ୍ଧିଶାଳୀ ନଗର ହେଉଅଛି । ଏହିପରି ମନୁଷ୍ୟ ଜାତିର ଅବସ୍ଥା ମଧ୍ୟ ପରିବର୍ତ୍ତନଶୀଳ । ଦେଖ ଯେ ଇଂରେଜ ଜାତି ପୂର୍ବରେ ଅସଭ୍ୟ ଅରଣ୍ୟ ବାସୀ ଥିଲେ ସେହି ଇଂରେଜ ଜାତି ବର୍ତ୍ତମାନ ଧରାତଳ ବ୍ୟାପୀ ହୋଇ ଅସଂଖ୍ୟ ଦେଶରେ ଆପଣାମାନଙ୍କର ବାହୁବଳ ଓ ଜ୍ଞାନ ବଳରେ ପ୍ରମାଣ ସ୍ୱରୂପ କୀର୍ତ୍ତି ପତାକା ଉଡ଼ାଇ ଅଛନ୍ତି । ଫଳେ ପୃଥିବୀ ମଧ୍ୟରେ ଏମନ୍ତ ନଦୀ ସାଗର ଉପସାଗର ଅପ୍ରସିଦ୍ଧ ନାହିଁରେ ଇଂଲଣ୍ଡୀୟ ବଣିକ ତରଣୀ ଗମନାଗମନ ନ ହେଉଅଛି ତେବେ 'ଯେ ଉତ୍କଳୀୟମାନେ ଏକଦା ସ୍ୱକୀୟ ବାହୁବଳରେ ଉତ୍ତରେ ହୁଗୁଳି ନଦୀ ଦକ୍ଷିଣେ କୁମାରିକା ଅନ୍ତରୀପ ପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କରିଥିଲେ । ସେମାନେ ସମ୍ପ୍ରତି ଦୁର୍ବଳ, ଅଳସ ଓ ଯେ ଉତ୍କଳୀୟମାନଙ୍କ ମଧ୍ୟରେ ଉପେନ୍ଦ୍ର ଭଞ୍ଜ ଓ ଜଗନ୍ନାଥ ଦାସ ପ୍ରଭୃତି ମହା ମହା କବି ଆବିର୍ଭୂତ ଥିଲେ ସେହି ଓଡ଼ିଆମାନେ ସମ୍ପ୍ରତି ଅଜ୍ଞ ଓ ବର୍ବର ବୋଲି ଅପରିଣାମ ଦର୍ଶୀ ବିଦେଶୀୟଙ୍କ ଦ୍ୱାରା ଅଭିହିତ ହେବେ ଆଶ୍ଚର୍ଯ୍ୟ କି । ମାତ୍ର "ଓଡ଼ିଆ-ମାନେ ସ୍ୱଭାବତଃ ନିର୍ବୋଧ" ଏକଥା ଯେମାନେ କହନ୍ତି ସେମାନଙ୍କୁ ନିତାନ୍ତ ଅଜ୍ଞ ଓ ଅଦୂରଦର୍ଶୀ ଭିନ୍ନ ଆଉ କି କୁହାଯାଇପାରେ କେବଳ ଓଡ଼ିଆମାନେ ପୃଥିବୀରେ ଏମନ୍ତ ଜାତି ନାହାନ୍ତି ଯେ ସେ ସେମାନଙ୍କୁ ସ୍ୱଭାବତଃ ଅଜ୍ଞାନୀ ବୋଲି କୁହାଯାଇ ପାରେ ।" (୩୪) ପରବର୍ତ୍ତୀ ଅନେକ ବର୍ଷରେ ବିଭିନ୍ନ ପ୍ରସଙ୍ଗରେ 'ଦୀପିକା ପୃଷ୍ଠାରେ ଏହି ମତାମତକୁ ପ୍ରତିଧ୍ୱନିତ କରାଯାଉଛି କେବଳ । ଓଡ଼ିଆମାନେ ଯେ ଏକ ଜାତି, ଜଗନ୍ନାଥ ଦାସ ଓ ଉପେନ୍ଦ୍ର ପ୍ରମୁଖ ତାଙ୍କର ସାଂସ୍କୃତିକ ବିକାଶର ପରିଚୟ, ଉଗବାନଙ୍କ ତା'ର ଐତିହ୍ୟ ଆମର ଜାତୀୟତାବାଦୀ ପରିଚର୍ଚ୍ଚାରେ ଏଭଳି ବକ୍ତବ୍ୟକୁ ଏପର୍ଯ୍ୟନ୍ତ ମଧ୍ୟ ଦୋହରେଇ ଆସିଛୁ । କିନ୍ତୁ ଉଗବାନଙ୍କୁ କରିଥିବା ଲୋକମାନେ ସେ ସବୁବେଳେ ଓଡ଼ିଆ ନଥିଲେ ଓ ଏକ ଜାତିର ମୁଖପାତ୍ର ଭାବରେ ଜଗନ୍ନାଥ ଦାସ ବା ଉପେନ୍ଦ୍ର ଭଞ୍ଜ ସାହିତ୍ୟ ସୃଷ୍ଟି କରିନଥିଲେ, ଆମେ ସଚେତନ ଭାବରେ ଏହା ଅନୁଭବ କରିନାହୁଁ, ବୁଝିବାକୁ ଚେଷ୍ଟା ମଧ୍ୟ କରିନାହୁଁ । ଗୌରୀଶଙ୍କର ଦୀପିକା ମାଧ୍ୟମରେ ଓଡ଼ିଆ ଜାତୀୟତାର ମିଥ ସବୁ ସୃଷ୍ଟି କରିବାରେ ସମର୍ଥ ହୋଇଥିଲେ । ପ୍ରଥମ ବର୍ଷର ଦୀପିକା ଓ କଟକ ପ୍ରିଣ୍ଟିଂ କମ୍ପାନୀର କୃତିତ୍ୱ ବିଷୟ ଉଲ୍ଲେଖ କରି ଉତ୍କଳ ଦୀପିକାର ଦ୍ୱିତୀୟ ବର୍ଷ ଦ୍ୱିତୀୟ ସଂଖ୍ୟାରେ କୁହାଯାଇଛି : "ଉତ୍କଳ ଦେଶସ୍ଥ ପୁରାତନ କବିମାନଙ୍କର ଚିରସ୍ମରଣୀୟ ନାମ ଆମ୍ଭମାନଙ୍କ ଅଯୋଗ୍ୟତା'ରୁ ଏତାବତ୍‌କାଳ ଦେଶାନ୍ତରରେ ପ୍ରଚାର ହେବା ଦୁସ୍ତର ଥିଲା । ଏ ବର୍ଷ ତାହା ଗ୍ରନ୍ଥନାମାରେ କେତେକ ଲୋକ ଯତ୍ନବାନ ହୋଇ ଅଛନ୍ତି ଓ ଯେ ରୂପ ସୃଷ୍ଟି ପୂର୍ବରେ କେବଳ 'ଜଳମୟ ଥିଲା ଓ ତହିଁର ସମସ୍ତ

ବସ୍ତୁର ଉଦ୍ଭବ ହେଲା ସେହିପରି ଉତ୍କଳ ସାହିତ୍ୟର ପୁନଃ ସୃଷ୍ଟି ନିମିତ୍ତ ପ୍ରଥମେ ପ୍ରେମ-ସୁଧାନିଧିର ସଞ୍ଚାର ହୋଇଅଛି ।" (୩୫)

ଓଡ଼ିଆ ଭାଷାଭାଷୀ ଜନସାଧାରଣଙ୍କୁ ଏକ ରାଜନୈତିକ-ଜନଗୋଷ୍ଠୀ ବା ଜାତିରେ ପରିଣତ କରିବାର ଆକାଙ୍କ୍ଷା ଗୌରୀଶଙ୍କରଙ୍କ ବୁର୍ଜ୍ଜୁଆ ପ୍ରାଣରେ ଔପନିବେଶିକ ଶାସନ ଫଳରେ ସମ୍ଭବ ଥିଲା । ବିଭିନ୍ନ ଉପଗୋଷ୍ଠୀରେ ବିଭକ୍ତ ଆମର ମଧ୍ୟବିତ୍ତବର୍ଗ ଆପଣାର ରାଜନୈତିକ ମତବାଦକୁ ମୁକ୍ତ ଭାବରେ ପ୍ରକାଶ କରିବାକୁ ଅସମର୍ଥ ଥିଲେ । ତା'ସହିତ ଆପଣା ବ୍ୟକ୍ତିସ୍ୱାର୍ଥ ଓ ଦୃଷ୍ଟିକୋଣ ହେତୁ ସେମାନେ ବହୁ ବିରୋଧୀ ଉପଗୋଷ୍ଠୀରେ ବିଭକ୍ତ ଥିଲେ । ନବ କଳ୍ପିତ ଓ ଜାଗ୍ରତ ଓଡ଼ିଆ ଜାତୀୟତାବାଦ ସେମାନଙ୍କ ଅଧ୍ୟାସ ଦୃଷ୍ଟିର ଫଳଶ୍ରୁତି ହୋଇଥିବାରୁ ବିଭକ୍ତ ରୂପ ନେଇଥିଲା । ଗୌରୀଶଙ୍କରଙ୍କ ପରି ଅନେକ ଭାଷା ଓ ସାହିତ୍ୟକୁ ଜାତି-ଗଠନ ଓ ଜାତିର କଳ୍ପିତ-ଅତୀତର ସର୍ବଶ୍ରେଷ୍ଠ ସ୍ମାରକୀ ବୋଲି ପ୍ରତିଷ୍ଠା କରିବାକୁ ଚାହୁଁଥିଲା ବେଳେ ପ୍ୟାରୀମୋହନ, ମଧୁସୂଦନ ରାଓ, ବୈକୁଣ୍ଠ ନାଥ ଦେ ଓ ବ୍ରହ୍ମାନନ୍ଦ ଦାସ ପ୍ରମୁଖ ଓଡ଼ିଆ କାବ୍ୟ-ସାହିତ୍ୟକୁ ଓଡ଼ିଆ-ଜାତିର ସାଂସ୍କୃତିକ-ପ୍ରତୀକ ଭାବରେ ଗ୍ରହଣ କରିବାକୁ ପରାଙ୍ମୁଖ ଥିଲେ । ଏବେତ ଏହି ସଂସ୍କୃତି ସହିତ ମାନସିକ ସ୍ତରରେ ସେମାନଙ୍କର ସାଯୁଜ୍ୟ ନ ଥିଲା । ତା' ସହିତ, ଅନୁଭବ, ଅବବୋଧ ଓ ଜ୍ଞାନ, ପ୍ରାଚୀନ ସାହିତ୍ୟ ସମ୍ପର୍କରେ ସେମାନଙ୍କର କୌଣସିଟି ନ ଥିଲା । ସାମନ୍ତ-ପରିବେଶ ଓ ମଧ୍ୟଯୁଗର ବିଦ୍ୱତ-ସମାଜର ସୃଷ୍ଟି ହେଲେ ବି ଦୀନକୃଷ୍ଣ ଓ ଭଞ୍ଜ ପ୍ରମୁଖଙ୍କ କାବ୍ୟର ଆବେଦନ ରାଜସଭା ଓ ବିଦ୍ୱତ-ସମାଜ ମଧ୍ୟରେ ଆବଦ୍ଧ ନ ଥିଲା । ଛାନ୍ଦ, ସଙ୍ଗୀତ ଓ ଗୋଟିପୋ ନାଚ ମଧ୍ୟ ଦେଇ ଜନସାଧାରଣଙ୍କୁ ତାହା ସ୍ପର୍ଶ କରିଥିଲା । ଜନସାଧାରଣଙ୍କ ସାହିତ୍ୟ ଓ ସାଂସ୍କୃତିକ-ପ୍ରକାଶ ପ୍ରତି ଆମର ଦଳେ ନୂତନ ବୁର୍ଜ୍ଜୁଆ, ଔପନିବେଶିକ ପ୍ରଭୁଙ୍କ ପ୍ରଭାବରେ, ବୀତସ୍ପୃହ ଥିଲେ । ଲୋକମାନଙ୍କର ଚିତ୍ତ ବିନୋଦନର ମାଧ୍ୟମ ଗୁଡ଼ିକୁ ଅଶ୍ଳୀଳ, କୁତ୍ସିତ ଓ ଘୃଣିତ କହି ସରକାରୀ ନିୟମ କାନୁନ୍ ଦ୍ୱାରା ଚପେଇ ଦେବାର ଚେଷ୍ଟା ଊନବିଂଶ ଶତକର ସାଂସ୍କୃତିକ ଜୀବନକୁ ଦ୍ୱିଧା ବିଭକ୍ତ କରିଥିଲା । (୩୬) ଉପେନ୍ଦ୍ର ଭଞ୍ଜଙ୍କର 'ବା ଚଉତିଶା' ଓ ବିଶ୍ୱନାଥଙ୍କର 'ବିଚିତ୍ର ରାମାୟଣ'କୁ ଅଶ୍ଳୀଳ ପୁସ୍ତକ କହି ସ୍କୁଲମାନଙ୍କରୁ ନିର୍ବାସନ ଦେବା ପାଇଁ ରାଧାନାଥଙ୍କ ଘନିଷ୍ଠ ବନ୍ଧୁ ରାଜା ବୈକୁଣ୍ଠନାଥ ଦେ ଛୋଟଲାଟଙ୍କ ଆଦେଶ କରାଇ ପାରିଥିଲେ । (୩୭) ଆମର ନୂତନ ମଧ୍ୟବିତ୍ତଗଣ ଭଞ୍ଜ ଓ ଦୀନକୃଷ୍ଣଙ୍କର ଗଣ-ଆବେଦନ ହେତୁ ତାଙ୍କୁ ପରିତ୍ୟାଗ କରିବାକୁ ଚାହିଁଥିଲେ । ଦ୍ୱିତୀୟତଃ ସୋମନାଥ ସିଂହ ଜଗଦ୍ଦେବ (ଅନୁଗୁଳର ରାଜା) ଓ ଗୋପାଳ କୃଷ୍ଣଙ୍କ ଭଳି ଓଡ଼ିଆ କବିମାନେ ଥିଲେ ଇଂରେଜ ବିରୋଧୀ । ପୁଣି ରସୁଲକୁଣ୍ଡାର ଭଞ୍ଜ ରାଜବଂଶ ଚକ୍ରା ବିଶୋଇ ବିଦ୍ରୋହ ସହିତ ସଂଶ୍ଳିଷ୍ଟ ଥିଲା । ସେହି ବଂଶର ଉପେନ୍ଦ୍ର ଭଞ୍ଜଙ୍କୁ ଓଡ଼ିଆ ଜାତୀୟତାର ପବିତ୍ର ପ୍ରତୀକ ହିସାବରେ ଗ୍ରହଣ କରିବାକୁ ସେମାନେ ଚାହିଁ ନ ଥିଲେ । ଫଳସ୍ୱରୂପ, କବିସୃଷ୍ଟ ସାହିତ୍ୟକୁ ଏମାନେ ଅଭ୍ୟୁତ୍ଥିତ ଜାତୀୟ ଚେତନାର ପ୍ରତୀକ ଭାବରେ ପ୍ରତିଷ୍ଠା

ଦେବାକୁ ଚାହିଁଥିଲେ । ଏହି ଭୁଇଁଫୋଡ଼ ମଧ୍ୟବର୍ତ୍ତୀ ଗୋଷ୍ଠୀର ମତକୁ ଖଣ୍ଡନ ଓ ଉଦ୍ୟମକୁ ପ୍ରତିହତ କରିବା ପାଇଁ ଗୌରୀଶଙ୍କରଙ୍କୁ ଦୀର୍ଘଦିନ ଧରି ସଂଗ୍ରାମ କରିବାକୁ ହୋଇଛି । ଇନ୍ଦ୍ରଧନୁ-ବିଜୁଳିରେ ଏହି ବିବାଦ ଚରମ ରୂପ ଧାରଣ କରି ଶେଷରେ ଭଞ୍ଜ ଓ ପ୍ରାଚୀନ ସାହିତ୍ୟ ସପକ୍ଷରେ ପରିସମାପ୍ତି ଲାଭ କରିବା ପର୍ଯ୍ୟନ୍ତ ଗୌରୀଶଙ୍କରଙ୍କୁ ବାରମ୍ବାର ସାମ୍ବାଦିକର ନୈର୍ବ୍ୟକ୍ତିକ ଭୂମିକା ପରିତ୍ୟାଗ କରି ସାହିତ୍ୟ-ଚର୍ଚ୍ଚା କ୍ଷେତ୍ରରେ ଅବତୀର୍ଣ୍ଣ ହୋଇ ପକ୍ଷଭୁକ୍ତ ହେବାକୁ ପଡ଼ିଛି । ଏହା ପଶ୍ଚାତରେ ବ୍ୟକ୍ତିଗତ ବ୍ୟବସାୟିକ ତାଡ଼ନା ଯେ ନାହିଁ, ତାହା ମଧ୍ୟ ନୁହେଁ । ମାସିକ ସାହିତ୍ୟ ପତ୍ର 'ପ୍ରଦୀପ'ର ପ୍ରଥମ ବର୍ଷ ଦ୍ୱିତୀୟ ସଂଖ୍ୟାରେ ପ୍ରକାଶିତ 'ଜାତୀୟ ସାହିତ୍ୟ' ପ୍ରବନ୍ଧର ଆଲୋଚନା କରି ବିରୋଧୀମାନଙ୍କ ଯୁକ୍ତିର ସ୍ୱବିରୋଧୀତା ଓ ଅସାରତା ଦେଖାଇବାକୁ ସେ ଚେଷ୍ଟା କରିଛନ୍ତି : "ଅନ୍ୟ ସ୍ଥାନରେ ଲେଖା ଅଛି 'ଅସ୍ମମାନଙ୍କ ଜାତୀୟ ସାହିତ୍ୟ ନିତାନ୍ତ ଅନୁନ୍ନତ' ଏବଂ ତହିଁ ପରେ ୨ ବୋଲାଯାଇଅଛି 'ଅସ୍ମମାନଙ୍କ ମଧ୍ୟରେ ଜାତୀୟତା ନାହିଁ ଅତଏବ ଜାତୀୟ ସାହିତ୍ୟ ନାହିଁ ।' ପରିଶେଷରେ 'ନୂତନ ଭାବ ପ୍ରବର୍ତ୍ତିତ ଓ ପ୍ରଚ୍ଛରିତ କରିବା ଜାତୀୟ ସାହିତ୍ୟର ଗୌରବ ଲକ୍ଷଣ ଭିତରେ ନିର୍ଦ୍ଦେଶ କରି ଅଛନ୍ତି । ଯେ ସ୍ଥଳେ ପ୍ରାଚୀନ ସାହିତ୍ୟରେ ଶୋଭନୀୟଭାବକତା ଓ ଭକ୍ତି-ପରାୟଣତା ପ୍ରଦର୍ଶିତ ହୋଇଅଛି ସେ ସ୍ଥଳେ ତାହାକୁ ଜାତୀୟ ସାହିତ୍ୟ ବୋଲି ନ ଦିବ କାହିଁକି ଆଉ ଯେବେ ଜାତୀୟ ସାହିତ୍ୟ ଆଦୌ ନାହିଁ ତେବେ ତହିଁର ଅନୁନ୍ନତ ଅବସ୍ଥା କି ରୂପେ ସମ୍ଭବ ହୋଇ-ପାରେ । ପ୍ରଥମେ ଜାତୀୟତା ଓ ଜାତୀୟ ସାହିତ୍ୟର ଲକ୍ଷଣ ଦେଖାଇ ଦେଇଥିଲେ ବୋଧହୁଅଇ ତାହାଙ୍କ ମତ ବୁଝିବାରେ କଷ୍ଟ ହୁଅନ୍ତା ନାହିଁ । ଆମ୍ଭେମାନେ ଦେଖୁଅଛୁଁ ଯେ ଏକ ସମୟରେ ଓଡ଼ିଶାରେ ସାହିତ୍ୟର ଚର୍ଚ୍ଚା ବିଲକ୍ଷଣ ଥିଲା ଓ ନାନା ବିଷୟରେ ଲୋକେ ଗ୍ରନ୍ଥ ରଚନା କରିଯାଇ ଅଛନ୍ତି । ସେ ସମସ୍ତ ଆଦୌ ଜାତୀୟ ସାହିତ୍ୟ ମଧ୍ୟରେ ପରିଗଣିତ ହୋଇ ନ ପାରେ ଏଥିର ଯୁକ୍ତି ଆମ୍ଭେମାନେ ଘଟାଇ ପାରୁ-ନାହୁଁ ।"(୩୮) କେବଳ ପ୍ରାଚୀନ ସାହିତ୍ୟକୁ ନୁହେଁ, ଆଧୁନିକ ସାହିତ୍ୟକୁ ମଧ୍ୟ ସେ ଜାତୀୟ ସାହିତ୍ୟର ସଂପ୍ରସାରକ ଭାବରେ ଗ୍ରହଣ କରିଛନ୍ତି । ତେଣୁ ପ୍ରତ୍ୟେକ ସୁଲିଖିତ କାବ୍ୟ ଓ ନୂତନ ସାହିତ୍ୟ-ରୂପର ପୁସ୍ତକକୁ ସେ ସାଦରେ ଅଭିନନ୍ଦନ ଜଣାଇଛନ୍ତି । ଗୌରୀଶଙ୍କର ଓଡ଼ିଆ ସାହିତ୍ୟର ଆଲୋଚନା, ପ୍ରତ୍ୟାଲୋଚନା ମଧ୍ୟଦେଇ ଓଡ଼ିଆ ଜାତୀୟତା ବାଦର ପ୍ରତିଷ୍ଠା ଓ ପ୍ରଚାର କରିଛନ୍ତି ।

## ॥ ଛଅ ॥

ଗୌରୀଶଙ୍କର ଥିଲେ, ଆଧୁନିକ କାଳରେ, ଓଡ଼ିଆ ଭାଷାରେ, ଓଡ଼ିଆ ସାହିତ୍ୟର ଆଦ୍ୟ ସମୀକ୍ଷକ । ଜାତୀୟ ଚେତନା ଥିଲା ତାଙ୍କ ସାହିତ୍ୟ-ବିଚାର ପ୍ରେରଣା ଭୂମି । ଓଡ଼ିଆ ଭାଷା, ପ୍ରାଚୀନ ସାହିତ୍ୟ ଓ ଓଡ଼ିଶାର ଇତିହାସ ପ୍ରତି ଐକାନ୍ତିକ ଅନୁରାଗରେ ତାଙ୍କର ସମୀକ୍ଷକ ଦୃଷ୍ଟି ଥିଲା ଆଚ୍ଛନ୍ନ । ସମକାଳୀନ ସାହିତ୍ୟର ସେ ଚର୍ଚ୍ଚା କରିଥିଲେ ସାମ୍ବାଦିକର କର୍ତ୍ତବ୍ୟ ବୋଧରୁ, ରୁଚି ଓ ନୀତିର ଆଦର୍ଶକୁ ଭିତ୍ତି କରି । ସାହିତ୍ୟ ଓ

ସାହିତ୍ୟଙ୍କୁ ପରିଚୟ କରେଇବା ତାଙ୍କ ଉତ୍କଳ-ଦୀପିକାର ଅନ୍ୟ ଏକ ବିଭାଗ ଥିଲା । ରଘୁ-ନାଥ ପରିଚ୍ଛା ଆଦି ସମକାଳୀନ ନାଟ୍ୟକାରଙ୍କ ପରିଚୟ ପ୍ରଦାନ (୩୯), ଏହି କର୍ତ୍ତବ୍ୟ-ବୋଧରୁ ହିଁ ସେ କରିଥିଲେ । ତାଙ୍କ ସାହିତ୍ୟ-ବିଚାରରେ ସାହିତ୍ୟର ବିଶୁଦ୍ଧ ନାନ୍ଦନିକ-ମୂଲ୍ୟ କେବେ ବି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରି ନ ଥିଲା । କେଉଁ ପ୍ରାଚୀନ ରଚନା ଗୁଡ଼ିକ ସାହିତ୍ୟ ଓ ଅନ୍ୟ କେଉଁ ଗୁଡ଼ିକ ସାହିତ୍ୟେତର, ତାଙ୍କର ଆଲୋଚନାରୁ ଏ ସବୁ କେବେ ବି ସ୍ପଷ୍ଟ ହୁଏ ନାହିଁ । ପୁଣି ସାହିତ୍ୟ-ପୁସ୍ତକ ଗୁଡ଼ିକର ଆଲୋଚନା କଲାବେଳେ ସେ ନିର୍ଦ୍ଦିଷ୍ଟ ପଦ୍ଧତି ମଧ୍ୟ ଅନୁସରଣ କରିନାହାନ୍ତି । ତାଙ୍କ ଜ୍ଞାନ-ବିଶ୍ୱରେ ସାହିତ୍ୟର ଗୌଣ ଆସନ ଏହାର କାରଣ ହୋଇପାରେ । ପ୍ରଥମଶ୍ରେଣୀ ବଙ୍ଗଳା ସାହିତ୍ୟରେ ଈଶ୍ୱର ଚନ୍ଦ୍ର ଗୁପ୍ତ, ରାଜେନ୍ଦ୍ରଲାଲ ମିତ୍ର ଓ ରଙ୍ଗଲାଲ ବନ୍ଦ୍ୟୋପାଧ୍ୟାୟ ପ୍ରମୁଖ ସାହିତ୍ୟ-ଆଲୋଚନାର ଯେଉଁ ପରଂପରା ସୃଷ୍ଟି କରିଥିଲେ ଓ ସମକାଳୀନ ବଙ୍ଗଳା ସାମୟିକ ପତ୍ର ପୃଷ୍ଠାରେ ସାହିତ୍ୟ-ଚର୍ଚ୍ଚାର ଯେଉଁଭଳି ବିବର୍ତ୍ତନ ହୋଇଥିଲା, ତାଙ୍କର ସମକାଳୀନ ଅନ୍ୟ ଓଡ଼ିଆ ବୁଦ୍ଧିଜୀବୀ ଓ ପତ୍ରିକା-ସଂପାଦକଙ୍କ ଭଳି ସେ ସବୁ ସଂପର୍କରେ ଗୌରୀଶଙ୍କର ମଧ୍ୟ ଆସିଥିଲେ । କିନ୍ତୁ ସମସାମୟିକ ଓଡ଼ିଆ ପତ୍ରିକାର ସଂପାଦକଙ୍କ ତୁଳନାରେ ତାଙ୍କ ପୁସ୍ତକ ସମୀକ୍ଷା ଗୁଡ଼ିକ ଯେ ଅଧିକ ସନ୍ତୁଳିତ ଓ ତାଙ୍କର ସାହିତ୍ୟ-ଦୃଷ୍ଟି ଅଧିକ ସ୍ୱଚ୍ଛ ଥିଲା — ଏହା ତୁଳନାତ୍ମକ ଦୃଷ୍ଟି ନେଇ ଆଲୋଚନା କଲେ ସ୍ପଷ୍ଟ ହୁଏ । (୪୦) ସାହିତ୍ୟ ତତ୍ତ୍ୱ ସମ୍ପର୍କରେ ଅଳ୍ପର ଜ୍ଞାନ, ଆପଣା ଜ୍ଞାନ-ବିଶ୍ୱରେ ସାହିତ୍ୟ ଚର୍ଚ୍ଚା ପାଇଁ ସ୍ୱଳ୍ପ ସ୍ଥାନ ଥିବା ସତ୍ତ୍ୱେ ଗୌରୀଶଙ୍କର ଓଡ଼ିଆ ସାହିତ୍ୟ-ଚର୍ଚ୍ଚାର ଭିତ୍ତି କେବଳ ସ୍ଥାପନ କରିଯାଇ ନାହାନ୍ତି, ଗତ ଶତାବ୍ଦୀର ଶେଷ ଚାଳିଶ ବର୍ଷରେ ଓଡ଼ିଆ ସାହିତ୍ୟ ସମୀକ୍ଷାର ନେତୃତ୍ୱ ମଧ୍ୟ ନେଇଛନ୍ତି । ସମୟର ପ୍ରଭାବରେ ସେଇ ନେତୃତ୍ୱର ଦୀପ୍ତି ମଳିନ ପଡ଼ିନାହିଁ ।

## ପ୍ରାନ୍ତଟୀକା :—

୧) ଉତ୍କଳ ଦୀପିକା, ୩୧।୪୩ (୨୪-୧୦-୧୮୯୬) ପୃ ୩୩୯

୨) ଏକ୍ସ ୩୧।୨୬ (୨୭-୭-୧୮୯୬) ପୃ ୨୦୭ ।

୩) ଅଭିଭାଷଣ (ସଂ ପ୍ରଫେସର ବଂଶୀଧର ମହାନ୍ତି) ପୃଷ୍ଠା-୧୦, କଟକ ଷ୍ଟୁଡେଣ୍ଟସ ଷ୍ଟୋର କଟକ, ୧୯୭୮ ଦ୍ୱିତୀୟ ସଂସ୍କରଣ , ପ୍ରଗତଃ ମହାନ୍ତି ଗୌରୀଶଙ୍କରଙ୍କ ଭାଷଣର ସମୟ ଦେଇଛନ୍ତି '୧୯-୧୨-୧୯୧୭' (ପୃ ୧୫) । ମୃତ୍ୟୁଞ୍ଜୟ ରଥ କିନ୍ତୁ ଭାଷଣର ସମୟ ଦେଇଛନ୍ତି ୧୬-୧୨-୧୯୧୬ (ମୃତ୍ୟୁଞ୍ଜୟ ଗ୍ରନ୍ଥାବଳୀ, ପୃ ୩୫୪) । ଏହି ଉଭୟ ଭିତରୁ ମୃତ୍ୟୁଞ୍ଜୟଙ୍କ ପ୍ରଦତ୍ତ ସମୟ ହିଁ ଠିକ । (ଦ୍ରଷ୍ଟବ୍ୟ, ସାମନ୍ତରାୟ, ନଟବର — ଓଡ଼ିଆ ସାହିତ୍ୟରେ ସମୀକ୍ଷା ଓ ସନ୍ଦର୍ଭ, ପୃ ୨୮୦, ଭୁବନେଶ୍ୱର, ୧୯୭୭) ।

୪) ଉତ୍କଳ ଦୀପିକା ୧୪।୨୬ (୨୮-୬-୧୮୭୯) ପୃ ୧୦୧ ।

୫) ଏକ୍ସ ୧୩।୪ (୨୭-୧-୧୮୭୮) ପୃ ୧୬ ।

୬) ଏକ୍ସ ୪।୧୫ (୧୦-୪-୧୮୬୯) ଅଠରକୁ ! ପ୍ରେରିତ ପତ୍ର ବିଭାଗରେ ପ୍ରକାଶିତ ହୋଇଥିବାରୁ ଏହା ଗୌରୀଶଙ୍କରଙ୍କର ନିଜସ୍ୱ

ମତାମତ ନୁହେଁ ବୋଲି ଯୁକ୍ତି କରାଯାଇପାରେ । ଗୌରୀଶଙ୍କର ଜଣେ ଛଦ୍ମନାମରେ 'ପ୍ରାପ୍ତ' ଶିରୋନାମାରେ ଲେଖିଥିବା ଦୃଷ୍ଟାନ୍ତ ରହିଛି ଓ ସେଥିପାଇଁ ସ୍ୱେ ବସ୍ତୁ-ଗ୍ରାହର ସମ୍ମୁଖୀନ ହୋଇଥିବା ଜଣାଶୁଣା କଥା । ଭାଷା ଓ ବକ୍ତବ୍ୟଧାରାର ସମଧର୍ମିତା ହେତୁ ଏହାକୁ ଗୌରୀଶଙ୍କରଙ୍କର ମତାମତ ବୋଲି ଗ୍ରହଣ କରାଯାଇପାରେ ।


୭) ଏକ୍ସ ୧୪।୩୭ (୧୩-୯-୧୮୭୯) ପୃ ୧୪୭ ।

୮) ଏକ୍ସ ୨୭।୨ (୯-୧-୧୮୯୨) ପୃ ୧୪ । ଏହା ଅବଶ୍ୟ 'ପ୍ରେରିତ ପତ୍ର' ଶିରୋନାମାରେ ଜଣେ ପାଠକର ମତାମତ ରୂପେ ପ୍ରକାଶିତ ।

୯) (i) Long, Rev. J.—Notes and Querries Suggested by a visit to Orissa in January, 1859—Journal of Asiatic Society of Bengal, vol. xxviii, No -3

(ii) ରଙ୍ଗଲାଲ ଗ୍ରନ୍ଥାବଳୀ- ପୃ-୧୦୪-୧୧, ଦତ୍ତ ଚୌଧୁରୀ ଆଣ୍ଡ ସନ୍ସ, କଲିକତା, ୧୯୭୪ ।

୧୦) ସେନଗୁପ୍ତ, ସୁବୋଧଚନ୍ଦ୍ର- ବାଂଲା ସମାଲୋଚନା ପରିଚୟ, ପୃ ୫୦-୭୫, ଏ. ମୁଖାର୍ଜି ଆଣ୍ଡ କୋମ୍ପାନି ପ୍ରାଇଭେଟ ଲିମିଟେଡ, କଲିକତା, ୧୯୭୦

୧୧) ସାମନ୍ତରାୟ, ନଟବର—ଓଡ଼ିଆ ସାହିତ୍ୟର ଇତିହାସ (୧୮୦୩-୧୯୨୦), ପୃ ୪୮୮, ଭୁବନେଶ୍ୱର, ୧୯୮୩ ।

୧୨) ଏକ୍ସ, ପୃ ୪୮୯ ।

୧୩) ଉତ୍କଳ ଦୀପିକା, ୨।୯ (୨-୩-୧୮୬୭) ପୃ ୩୫ ।

୧୪) ମହାନ୍ତି, ବଂଶୀଧର—ଆଦ ସମାଲୋଚନା ଓ ସମୀକ୍ଷକ; ସାହିତ୍ୟପତ୍ର (୧୯୮୦) ପୃ ୭, ଓଡ଼ିଆ ସାହିତ୍ୟ ବିଭାଗ, ରେଭେନ୍ସା କଲେଜ, କଟକ,

୧୫) ଉତ୍କଳ ଦୀପିକା ୪।୭ (୧୩-୨-୧୮୬୯) ପୃ-୨୮ ।

୧୬) ସାମନ୍ତରାୟ, ନଟବର—ପୂର୍ବୋକ୍ତ, ପୃ ୫୭୫-୭୭ ।

୧୭) ଉତ୍କଳ ଦୀପିକା ୪।୧୫ (୧୦-୪-୧୮୬୯) ଅତିରିକ୍ତ । ପ୍ରେରିତ ପତ୍ର ଆକାରରେ ଲିଖିତ ।

୧୮) ଏକ୍ସ ୧୨।୪୩ (୩-୧୧-୧୮୭୭) ପୃ—୧୭୧ ।

୧୯) ଏକ୍ସ ୨୭।୪୦ (୩-୧୦-୧୮୯୧) ପୃ—୩୧୬-୧୭ ।

୨୦) Said, E.W.—The World, The Text and the Critic p. 1-2, faber & faber, London, 1984.

୨୧) ଉତ୍କଳ ଦୀପିକା ୪।୨୦ (୧୫-୫-୧୮୬୯) ପୃ ୭୯ ।

୨୨) ଏକ୍ସ ୧୩।୧୦ (୯-୩-୧୮୭୮) ପୃ ୩୮ ।

୨୩) ଏକ୍ସ ୧୦।୪ (୨୩-୧-୧୮୭୫) ପୃ ୧୩ ।

୨୪) ଏକ୍ସ ୧୦।୫ (୩୦-୧-୧୮୭୫) ପୃ ୧୯ ।

୨୫) ଏକ୍ସ ୧୦।୪୭ (୨୮-୧୧-୧୮୭୫) ପୃ ୧୮୩ ।

୨୬) ଏକ୍ନ ୧୧|୪୩ (୨୮-୧୦-୧୮୭୭) ପୃ ୧୬୯ ।

୨୭) ଏକ୍ନ ୧୩|୪ (୨୬-୧-୧୮୭୮) ପୃ ୧୪-୧୫ ।

୨୮) ଏକ୍ନ ୧୨|୩୯ (୨୯-୯-୧୮୭୭) ପୃ ୧୫୫ ।

୨୯) ଏକ୍ନ ୩୦|୪ (୨୬-୧-୧୮୯୫) ପୃ ୨୭-୨୮ ।

୩୦) ଏକ୍ନ ୨୧|୧୦ (୬-୩-୧୮୮୬) ପୃ ୭୬ ।

୩୧) ଅଭିଭାଷଣ—ପୃ ୧୨ ।

୩୨) Anderson, Benedict - Imagined Communities : Reflections on the Origin and Spread of Nationalism, P. 15, Verso, London, 1983.

୩୩) Gramsci, Antonio—Selections from Prison Note-books (edited & translated by Q. Hoare and G. N. Smith) P. 418, Lawrence and Wishart, London, 1971

୩୪) ଉତ୍କଳ ଦୀପିକା ୧|୫ (୧-୯ ୧୮୬୬) ପୃ ୧୯ ଓ ୧|୧୨ (୨୦-୧୦-୧୮୬୬) ପୃ ୪୬-୪୭ ।

୩୫) ଏକ୍ନ ୨|୨ (୧୨-୧-୧୮୭୭) ଅତିରିକ୍ତ ।

୩୬) Banerjee, S.—Bogey of the Bawdy—Economic and Political Weekly, vol. XXII No. 29 p. 1204 5, July 18, 1987.

୩୭) ଉତ୍କଳ ଦୀପିକା ୨୦|୩୦ (୨୫-୭-୧୮୮୫) ପୃ ୨୩୪ ।

୩୮) ଏକ୍ନ ୨୦|୯ (୧-୩-୧୮୮୫) ପୃ ୬୬ ।

୩୯) ଏକ୍ନ ୬|୩ (୨୧-୧-୧୮୭୧) ପୃ ୧୦-୧୧ ।

୪୦) ଦେବବ୍ରତ – ପଦ୍ମମାଳୀ : ସମକାଳୀନ ଚନ୍ଦ୍ରାବୃତ୍ତ: ପ୍ରଥମ ଓଡ଼ିଆ ଉପନ୍ୟାସ ଓ ଔପନ୍ୟାସିକ (ସ ଶ୍ରୀଚରଣ ମହାନ୍ତି) ପୃ ୧-୧୦; ପ୍ରଗତି ଉତ୍କଳ ସଂଘ, ରାଉରକେଲା, ୧୯୮୯ ।

# ଊନବିଂଶ ଶତକର ପୁସ୍ତକ ପ୍ରକାଶନ ଓ ଗୌରୀଶଙ୍କର

ଡ. ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ)

ମୁଦ୍ରଣ ଯନ୍ତ୍ରର ପ୍ରତିଷ୍ଠା ସହ ଓଡ଼ିଶାରେ ପୁନର୍ଜାଗରଣର ଧାରା ଘନିଷ୍ଠ ଭାବେ ଜଡ଼ିତ । ଏହା ପୁନର୍ଜାଗରଣ ପ୍ରବାହକୁ କ୍ଷିପ୍ରତର କରିଥିଲା । ମୁଦ୍ରଣ ଯନ୍ତ୍ର ପ୍ରତିଷ୍ଠା ଫଳରେ ଜନସାଧାରଣଙ୍କ ପକ୍ଷେ ସ୍ୱଦେଶର ଅତୀତ ଓ ବର୍ତ୍ତମାନକୁ ତଥା ବହିର୍ଜଗତକୁ ଜାଣିବା ସମ୍ଭବ ହୋଇଥିଲା । ଓଡ଼ିଶାରେ ଶିକ୍ଷା ପ୍ରସାର ତଥା ଖ୍ରୀଷ୍ଟ ଧର୍ମର ପ୍ରଚାର ଲାଗି ଖ୍ରୀଷ୍ଟୀୟ ମିସନାରୀମାନେ ସର୍ବାଦୌ ଉଦ୍ୟମ କରିଥିଲେ । କଲିକତା ନିକଟବର୍ତ୍ତୀ ଶ୍ରୀରାମପୁର ଥିଲା ପୂର୍ବାଞ୍ଚଳୀୟ ଖ୍ରୀଷ୍ଟଧର୍ମ ପ୍ରଚାରର ପ୍ରଧାନ କେନ୍ଦ୍ର । ଏହି ମିସନାରୀମାନଙ୍କ ଉଦ୍ୟମରେ ହିଁ ଓଡ଼ିଆରେ ସର୍ବାଦୌ (୧୮୦୭) ପୁସ୍ତକ ପ୍ରକାଶ ପାଇଥିଲା ଶ୍ରୀରାମପୁରରୁ ।

୧୮୩୬-୩୭ ମସିହାରେ ମିସନାରୀମାନଙ୍କ ଉଦ୍ୟମ ଫଳରେ ଓଡ଼ିଶାର ପ୍ରଥମ ମୁଦ୍ରଣ ଯନ୍ତ୍ର 'ମିସନ ପ୍ରେସ୍' କଟକରେ ସ୍ଥାପିତ ହୋଇଥିଲା । ଏଠାରୁ ମଧ୍ୟ ସେମାନେ ଖ୍ରୀଷ୍ଟଧର୍ମ ସମ୍ବନ୍ଧୀୟ ପୁସ୍ତକ ଓ ପତ୍ରିକା ପ୍ରକାଶନରେ ବ୍ରତୀ ହୋଇଥିଲେ । ତଥାପି କେତେକ ପାଠ୍ୟ ପୁସ୍ତକ ଓ ଓଡ଼ିଆରେ ଅଭିଧାନ ଓ ଓଡ଼ିଆ ବ୍ୟାକରଣ ପ୍ରଣୟନ କ୍ଷେତ୍ରରେ ମଧ୍ୟ ସେମାନେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ବସ୍ତୁତଃ ବିଗତ ଶତାବ୍ଦୀର ପ୍ରଥମାର୍ଦ୍ଧ ଓଡ଼ିଶାବାସୀଙ୍କ ପକ୍ଷେ ଥିଲା ଏକ ଉଦ୍ୟମହୀନ, ଅବସାଦ ଗ୍ରସ୍ତ ନିଶ୍ଚେଷ୍ଟ ସମୟ ।

ମିସନ୍ ପ୍ରେସ୍ ପ୍ରତିଷ୍ଠାର ପ୍ରାୟ ତିରିଶ ବର୍ଷ ପରେ (୧୮୬୪) ଉତ୍କଳୀୟମାନଙ୍କ ଉଦ୍ୟମରେ ପ୍ରେସ ପ୍ରତିଷ୍ଠା, ପୁସ୍ତକ ଓ ପତ୍ରିକା ପ୍ରକାଶନର ସୂତ୍ରପାତ ହୋଇଥିଲା । ଗଠିତ ହୋଇଥିଲା କଟକ ପ୍ରିଣ୍ଟିଂ କମ୍ପାନୀ । ଏହି କ୍ଷେତ୍ରରେ ଗୌରୀଶଙ୍କରଙ୍କ ସାଧନା ଓ ସିଦ୍ଧି ଅବିସ୍ମରଣୀୟ । ଗୌରୀଶଙ୍କର ଥିଲେ ପ୍ରାଚୀନ ଓଡ଼ିଆ ସାହିତ୍ୟ ବିଶେଷତଃ କାବ୍ୟ ସଙ୍ଗୀତର ଅନୁରାଗୀ । ଏଣୁ ଓଡ଼ିଆ ସାହିତ୍ୟର ମହତ୍ତ୍ୱ ପ୍ରଦର୍ଶନ ଅଭିପ୍ରାୟରେ ସେ ଓଡ଼ିଆ ସାହିତ୍ୟର ମହାନ କାବ୍ୟ କୃତି ଗୁଡ଼ିକୁ ପୋଥିରୁ ଉଦ୍ଧାର କରି ତାହାକୁ ମୁଦ୍ରଣ କରିବାରେ ମନୋନିବେଶ କରିଥିଲେ । ଏହି କାର୍ଯ୍ୟରେ ତାଙ୍କର ସହାୟକ ଥିଲେ ବନମାଳୀ ସିଂହ ଓ କପିଳେଶ୍ୱର ବିଦ୍ୟାଭୂଷଣ । ସେତେବେଳେ ଗୌରୀଶଙ୍କରଙ୍କ ମୁଦ୍ରଣ ପ୍ରତିଷ୍ଠାନ କଟକ ପ୍ରିଣ୍ଟିଂ କମ୍ପାନୀ ଥିଲା ଏକ ଅପ୍ରତିଦ୍ୱନ୍ଦ୍ୱୀ ଅନୁଷ୍ଠାନ । 'ଉତ୍କଳ ଦୀପିକା' ସାପ୍ତାହିକ ପତ୍ରିକା ପ୍ରକାଶନ ବ୍ୟତୀତ ଏହି ମୁଦ୍ରଣାଳୟରେ ଅନ୍ୟ ଲେଖକଙ୍କ ରଚିତ ଅଥବା ସଂକଳିତ ପୁସ୍ତକ ମଧ୍ୟ ମୁଦ୍ରିତ ହେଉଥିଲା ।

କଟକ ପ୍ରିଣ୍ଟିଂ କମ୍ପାନୀର ପୁସ୍ତକ ମୁଦ୍ରଣ କାର୍ଯ୍ୟ ୧୮୬୬ ମସିହାରୁ ଆରମ୍ଭ ହୋଇଥିବା ଜଣାଯାଏ । ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ, ଜଗନ୍ନାଥ ଦାସଙ୍କ ଭାଗବତ, ସାମନ୍ତ ଚନ୍ଦ୍ରଶେଖରଙ୍କ ପାଞ୍ଜି ପ୍ରଭୃତି ମୁଦ୍ରିତ ହେବାରୁ ଜନସାଧାରଣଙ୍କ ପକ୍ଷେ ପୋଥି ଅପେକ୍ଷା ଏହି ଗ୍ରନ୍ଥ ସମୂହ ସହଜଲଭ୍ୟ ହୋଇ ପାରିଥିଲା । କଟକ ପ୍ରିଣ୍ଟିଂ କମ୍ପାନୀ ମଧ୍ୟ ବେଶ୍ ଲାଭବାନ ହୋଇ ପାରିଥିଲା । ଏହି ଯୌଥ କମ୍ପାନୀର ସଫଳତାରେ ଅନୁପ୍ରାଣିତ ହୋଇ କଟକ, ବାଲେଶ୍ୱର, ପୁରୀ, ମୟୂରଭଞ୍ଜ, ବାମଣ୍ଡା ପ୍ରଭୃତି ସ୍ଥାନରେ ମଧ୍ୟ ମୁଦ୍ରଣ ଯନ୍ତ୍ର ପ୍ରତିଷ୍ଠା ହୋଇଥିଲା । ବିଗତ ଶତାବ୍ଦୀର ଶେଷ ତ୍ରିଦଶକ ମଧ୍ୟରେ ଏହିପରି ଯେଉଁ ସବୁ ମୁଦ୍ରଣ ଅନୁଷ୍ଠାନ ଓଡ଼ିଶାର ବିଭିନ୍ନାଞ୍ଚଳରେ ସ୍ଥାପିତ ହୋଇଥିଲା ସେମାନଙ୍କ ମଧ୍ୟରୁ ଫକୀର ମୋହନଙ୍କ ଦ୍ୱାରା ବାଲେଶ୍ୱରରେ ପ୍ରତିଷ୍ଠିତ ଉତ୍କଳ ପ୍ରିଣ୍ଟିଂ କମ୍ପାନୀ (୧୮୬୮), ବୈକୁଣ୍ଠ ନାଥ ଦେଙ୍କ ପ୍ରତିଷ୍ଠିତ ଉତ୍କଳ ପ୍ରିଣ୍ଟିଂ ପ୍ରେସ୍, (୧୮୭୩) କଟକର ପେଟ୍ରିଅଟ ପ୍ରେସ (୧୮୭୩), ମୟୂରଭଞ୍ଜ ପ୍ରେସ (୧୮୭୯), ବାଲେଶ୍ୱରର ଦାସ ପ୍ରେସ, (୧୮୮୨), ବାମଣ୍ଡାର ଜଗନ୍ନାଥ ବଲ୍ଲଭ ପ୍ରେସ (୧୮୮୫), କଟକର ଭିକ୍ଟୋରିଆ ପ୍ରେସ (୧୮୮୫), ବାମଣ୍ଡାର ସୁଚଳ ପ୍ରେସ (୧୮୮୭), କଟକର ଅରୁଣୋଦୟ ପ୍ରେସ (୧୮୯୩), ସ୍ୱୟ ପ୍ରେସ (୧୮୯୪), ଦର୍ପଣରାଜ ପ୍ରେସ (୧୮୯୬) ଓ ଉତ୍କଳ ସାହିତ୍ୟ ପ୍ରେସ (୧୮୯୭)ର ନାମ ଉଲ୍ଲେଖଯୋଗ୍ୟ । ଏହି ସବୁ ମୁଦ୍ରଣାଳୟରୁ କେତେକ ପୁସ୍ତକ ପ୍ରକାଶିତ ହୋଇଥିଲେ ହେଁ ଏହି ଅନୁଷ୍ଠାନ ମଧ୍ୟରୁ କୌଣସିଟି ଦୀର୍ଘସ୍ଥାୟୀ ହୋଇ ପାରି ନ ଥିଲେ ଅଥବା କଟକ ପ୍ରିଣ୍ଟିଂ କମ୍ପାନୀ ସହ ପ୍ରତିଦ୍ୱନ୍ଦ୍ୱୀ ହୋଇପାରି ନ ଥିଲେ ।

ଗୌରୀଶଙ୍କର କମ୍ପାନୀର ପୁସ୍ତକ ମୁଦ୍ରଣ କାର୍ଯ୍ୟ ୧୯୧୫ ପର୍ଯ୍ୟନ୍ତ ଅବ୍ୟାହତ ରଖିଥିବା ଜଣାଯାଏ । କ୍ରମେ ଏଇ କ୍ଷେତ୍ରରେ ଶିଥିଳତା ଦେଖା ଦେଇଥିଲା ଓ ନାନା କାରଣରୁ ଏହା ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଥିଲା । ମାତ୍ର ଏହା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ ପ୍ରାଚୀନ ଓଡ଼ିଆ ସାହିତ୍ୟର ପ୍ରଚାରର ସୁବିଧା ନିମନ୍ତେ ହିଁ ପ୍ରିଣ୍ଟିଂ କମ୍ପାନୀ ମୁଖ୍ୟତଃ ପ୍ରତିଷ୍ଠା କରାଯାଇଥିଲା । ଏ ସମ୍ପର୍କରେ ଗୌରୀଶଙ୍କର ସ୍ୱୀକାରୋକ୍ତି ପ୍ରଣିଧାନ ଯୋଗ୍ୟ (୧) । "କେତେଜଣ କଟେରିଆ ବନ୍ଧୁଙ୍କ ଠାରୁ ବୈଦେହୀଶ ବିଳାସ ପ୍ରଭୃତିର ଦୁଇ ଏକ ପଦ ଅର୍ଥ ସହିତ ଶୁଣି ସେ ଦିଗକୁ ମନ ଧାଇଁଲା ଏବଂ କେତେ ଜଣ ଅତି ପ୍ରିୟବନ୍ଧୁ ଯଥା ସ୍ୱର୍ଗୀୟ ବନମାଳୀ ସିଂହ, ରାଧାମୋହନ ପଟ୍ଟନାୟକ, ଜଗମୋହନ ଲାଲ, ପ୍ୟାରୀମୋହନ ସେନ ଆଦି ମିଶି ନିତ୍ୟ ସନ୍ଧ୍ୟାବେଳେ ଅନ୍ତତଃ ଏକ ଘଣ୍ଟା ପ୍ରେମ ସୁଧାନିଧି, ଲାବଣ୍ୟବତୀ ପ୍ରଭୃତି ପାଠ କରି ଉତ୍କଳ ସାହିତ୍ୟର ସ୍ୱାଦ ପାଇଲୁ ଏବଂ ସେ ସବୁ ପ୍ରଚାରର ସୁବିଧା ନିମନ୍ତେ ଛାପାଖାନାର ଅଭାବ ବିଶେଷ ରୂପେ ଅନୁଭୂତ ହେଲା । ଅଳ୍ପ ଦିନ ପରେ ଈଶ୍ୱରଙ୍କ ଅପାର ମଙ୍ଗଳ ବିଧାନରେ କଟକ ପ୍ରିଣ୍ଟିଂ କୋମ୍ପାନୀ ମୁଦ୍ରାଯନ୍ତ୍ରାଳୟ ଏ ନଗରରେ ପ୍ରତିଷ୍ଠିତ ହେଲା । ସେହିଦିନୁ ଉତ୍କଳ ସାହିତ୍ୟଜ୍ଞ ବ୍ୟକ୍ତିଗଣଙ୍କ ପରିଶ୍ରମ ଓ ଯତ୍ନ ଦ୍ୱାରା ପ୍ରାଚୀନ ଉତ୍କଳ ପୁସ୍ତକମାନ କ୍ରମେ ଯେପରି

---

୧) ଉତ୍କଳ ସାହିତ୍ୟ ସମାଜର ୧୨ଶ ବାର୍ଷିକ ଉତ୍ସବ ଉପଲକ୍ଷେ (୧୯୧୬) ପ୍ରଦତ୍ତ ।

ପ୍ରକାଶିତ ହେଉଅଛି, ତାହା ଅନେକଙ୍କୁ ଜଣାଅଛି । × × × ଆଜିକାଲି ଧରଣର ପ୍ରକାଶିତ ପୁସ୍ତକ ଅପେକ୍ଷା ସେ ସମସ୍ତର (ପ୍ରାଚୀନ ସାହିତ୍ୟର) ଅଧିକ ବିକ୍ରୟ ତାହା ପ୍ରତ୍ୟକ୍ଷ ଦେଖାଇ ଦେଉଅଛି ।"

ଗୌରୀଶଙ୍କରଙ୍କ ଜୀବନୀକାର ପ୍ରିଣ୍ଟିଂ କମ୍ପାନୀ ସଲଗ୍ନ ପୁସ୍ତକ ଦୋକାନ ସମ୍ପର୍କରେ ଏହି ଅଭିମତ ଦେଇ ଲେଖିଥିଲେ—"ଏହି ସମୟରେ ଛାପାଖାନାର ମୁଦ୍ରିତ ପୁସ୍ତକ ସଂଖ୍ୟା ବୃଦ୍ଧି ଲାଭ କରିବାରୁ କାରବାରର ସୁବିଧା ନିମନ୍ତେ ଏଥି ସଲଗ୍ନ ଗୋଟିଏ ପୁସ୍ତକ ଦୋକାନ ଫିଟିଲା । ଦୋକାନ ଫିଟାଇବା କୋମ୍ପାନୀଙ୍କ ଉଦ୍ଦେଶ୍ୟ ନ ଥିଲେ ହେଁ ଗୌରୀଶଙ୍କରଙ୍କ ନିରନ୍ତର ଯତ୍ନ ଫଳରେ ସେହି ଦୋକାନ ଦ୍ୱାରା କମ୍ପାନୀ ଯଥେଷ୍ଟ ଲାଭବାନ ହୋଇଥିଲେ । × × × ଖ୍ରୀ:୧୯୧୫ରେ ତାଙ୍କର ଏହି ଛାପାଖାନା ସମ୍ପର୍କ ପରିତ୍ୟାଗ କରିବା ପର୍ଯ୍ୟନ୍ତ କଟକର ସମସ୍ତ ପୁସ୍ତକ ଦୋକାନ ମଧ୍ୟରେ ଏହି ଦୋକାନ ବିକ୍ରୟରେ ଅଗ୍ରସ୍ଥାନ ଲାଭ କରିଥିଲା (୨) ।

ଗୌରୀଶଙ୍କରଙ୍କ ପ୍ରାଚୀନ ସାହିତ୍ୟର ମୁଦ୍ରଣ ସମ୍ପର୍କରେ ମତ ବ୍ୟକ୍ତ କରି ଲାଲ୍‌ନଗେନ୍ଦ୍ର କୁମାର ଲେଖିଛନ୍ତି : "ସଙ୍ଗୀତ ଓ ପ୍ରାଚୀନ ଗ୍ରନ୍ଥ ଆଦି ପ୍ରତି ଅତ୍ୟଧିକ ଆଗ୍ରହ ଯୋଗୁଁ ସେ ପରେ ପୁରୁଣା ଓଡ଼ିଆ ପୋଥିମାନ ସଂଗ୍ରହ କରି ପଣ୍ଡିତମାନଙ୍କୁ ଲଗାଇ ତହିଁର ବିଶୁଦ୍ଧ ସଂସ୍କରଣମାନ ପ୍ରଚାର କରିବାକୁ ପୁରାଣ ପ୍ରକାଶିକା କମ୍ପାନୀ ଗୋଟିଏ ମଧ୍ୟ ଗଢ଼ିଥିଲେ" (୩) । କହିବା ଅନାବଶ୍ୟକ, ଗୌରୀଶଙ୍କରଙ୍କ ପ୍ରତିଷ୍ଠିତ 'ଉତ୍କଳ ଦୀପୋଦ୍ଦୀପନୀ' ସଭା ପ୍ରଚେଷ୍ଟାରେ ପୁରାଣ ପ୍ରକାଶିକା କମ୍ପାନୀ ଓଡ଼ିଆ ଭାଗବତ, ରାମାୟଣ, ଓ ମହାଭାରତ ପ୍ରଭୃତି ମୁଦ୍ରଣ କରି ଯଥେଷ୍ଟ ଲାଭବାନ ହୋଇ ପାରିଥିଲେ ।

ଓଡ଼ିଆ ସାମ୍ବାଦିକତାର ଅଗ୍ରଦୂତ, ଯୋଗଜନ୍ମା ଗୌରୀଶଙ୍କରଙ୍କ ନିଷ୍ଠାପର ଉଦ୍ୟମ ଫଳରେ ପ୍ରାଚୀନ ଓଡ଼ିଆ ସାହିତ୍ୟର ବହୁ ଅମୂଲ୍ୟ ସାରସ୍ୱତ କୃତି ଲୋକ ଲୋଚନକୁ ଆସିପାରି ଥିବାରୁ ତାହାଙ୍କ ନିକଟରେ ଓଡ଼ିଶା ଚିରକୃତଜ୍ଞ । ଶତାଧିକ ବର୍ଷପରେ ଏଣୁ ଆମେ ତାଙ୍କୁ ପରମ ଶ୍ରଦ୍ଧା ଓ କୃତଜ୍ଞତାର ସହିତ ସ୍ମରଣ କରୁଛୁ । ବିଗତ ଶତାବ୍ଦୀରେ କଟକ ପ୍ରିଣ୍ଟିଂ କମ୍ପାନୀ ପକ୍ଷରୁ ପ୍ରକାଶିତ ପୁସ୍ତକ ମାନଙ୍କର ଏକ କାଳାନୁକ୍ରମିକ ବିବରଣୀ ଏହା ସହ ପ୍ରଦତ୍ତ ହେଲା । ଏହି ବିବରଣୀ ସର୍ବତୋଭାବେ ପୂର୍ଣ୍ଣାଙ୍ଗ ହୋଇ ପାରିନାହିଁ । ନମ୍ରତା ସହିତ ଏହା ସ୍ୱୀକାର କରିବା ସଙ୍ଗେ ସଙ୍ଗେ ପରବର୍ତ୍ତୀ ଆଲୋଚକଙ୍କ ଦ୍ୱାରା ଏହା ପୂର୍ଣ୍ଣାଙ୍ଗ ହେବାର ଆଶା କରୁଛୁ ।

୧୮୭୨—ପ୍ରେମ ସୁଧାନିଧି—ଉପେନ୍ଦ୍ର ଭଞ୍ଜ

୧୮୭୨—ରସପଞ୍ଚକ; ସଂପାଦନା—ବନମାଳୀ ସିଂହଙ୍କ ସହ

---

୨) କର୍ମଯୋଗୀ ଗୌରୀଶଙ୍କର - ମୃତ୍ୟୁଞ୍ଜୟ ରଥ ପୃ-୨୭ ।

୩) କର୍ମୀ ଗୌରୀଶଙ୍କର-ପୃ ୧୭ ।

ସାମନ୍ତ ପାଞ୍ଜି—ଚନ୍ଦ୍ରଶେଖର ସିଂହ

୧୮୬୮—ଗୋପୀନାଥ ବଲ୍ଲଭ ନାଟକ—ରଘୁନାଥ ପଣ୍ଡା

ଅନନ୍ତ ବ୍ରତ—କପିଳେଶ୍ୱର ବିଦ୍ୟାଭୂଷଣ

ଭ୍ରମ ଭଞ୍ଜନ (କାବ୍ୟ) ଜଗନ୍ମୋହନ ଲାଲ

କୃଷ୍ଣସିଂହ ମହାଭାରତ

୧୮୭୦—ଲାବଣ୍ୟବତୀ—ଭଞ୍ଜ; ସମ୍ପାଦନା ବନମାଳୀ ସିଂହଙ୍କ ସହ । (ଶବ୍ଦ ସୂଚୀ ସହିତ)

ପ୍ରେମ ସୁଧାନିଧି ,, ,, ,,

ଭୂଗୋଳତତ୍ତ୍ୱ ବା ପ୍ରାକୃତ ଭୂଗୋଳ—୧ମ—ଗୌରୀଶଙ୍କର ରାୟ

୧୮୭୨—ଅସ୍ଥି ଧ୍ୱଂସନ—ଭାଗୀରଥି ପାଠିଆ

ସତ୍ୟେଶ୍ୱର—ଗୋବିନ୍ଦ ରଥ

୧୮୭୩—କପଟ ପାଶା—ଭାଗବତ ଦାସ

ବର୍ଣ୍ଣଶିକ୍ଷା—କପିଳେଶ୍ୱର ବିଦ୍ୟାଭୂଷଣ

ଶ୍ଳୋକ ରତ୍ନାବଳୀ

ଶ୍ରୀମଦ୍ଭାଗବତ—ଜଗନ୍ନାଥ ଦାସ

ଉଦ୍ଧବ ଚଉତିଶା—ପ୍ରଭାକର ଚୂଡ଼ାମଣି

୧୮୭୫—ବିଦଗ୍ଧ ଚିନ୍ତାମଣି—ସଂପାଦକ—ଗୌରୀଶଙ୍କର ଓ ହରିଶଙ୍କର ରାୟ

୧୮୭୬—ଅସ୍ଥି ଧ୍ୱଂସନ—ନିତ୍ୟାନନ୍ଦ ଦାସ

ବୈଦେହୀଶ ବିଳାସ—୧ମ ଖଣ୍ଡ

କଳଶୋଭା ଚମ୍ପୂ—ଅଭିନ୍ନ ନାୟକ

ହନୁମନ୍ତ ଚୌତିଶା—ମଧୁସୂଦନ ଦତ୍ତ

ଉଦ୍ଧବ ଚଉତିଶା—ଅଭିନ୍ନ ନାୟକ

ପଦ୍ୟ ମଞ୍ଜରୀ—ଗୋବିନ୍ଦ ରଥ

ବାବାଜୀ—ଜଗନ୍ମୋହନ ଲାଲ

ଓଡ଼ିଶା ବିଜୟ—(ଅନୁବାଦ) ଜଗନ୍ମୋହନ ଲାଲ

ପ୍ରେମ ଚିନ୍ତାମଣି ଓ ବଉଳ ଚୌତିଶା—ବୈଦ୍ୟନାଥ ସାହୁ

ଅଳଙ୍କାର ବୋଧ—ଯୋଗେନ୍ଦ୍ର ବକ୍ସି

୧୮୭୭—ଚଉପଦୀଚନ୍ଦ୍ର—ଭଞ୍ଜ

ବିଷ୍ଣୁ ସହସ୍ରନାମ—

କୋଳାହଳ ଚଉତିଶା—ବଳରାମ ଦାସ

କୌଶଲ୍ୟା ରୋଦନ ଚଉତିଶା

କମଳାକାନ୍ତ ବୋଲି—ରତ୍ନାକର

ନାବକେଳି ଦୀନକୃଷ୍ଣ

୧୮୭୯—ବିପଦଭଞ୍ଜନ ଚଉତିଶା—ଗଙ୍ଗାରାମ ସିହ୍ଲା

୧୮୮୦—ରତ୍ନାକର ଚମ୍ପୂ—କବିସୂର୍ଯ୍ୟ ବଳଦେବ
ସଙ୍ଗୀତ ସୁଧାବ୍ଧି—ଗୋବିନ୍ଦ ରଥ
ମଥୁରା ବିଜେ—ଯୋଗେନ୍ଦ୍ର ବକ୍ସି
ବୈଦେହୀ ଚଉତିଶା — ,,

୧୮୮୧—ଛଅପୋଇ—
ବା ଚଉତିଶା ଓ ନଅପୋଇ ଗୀତ
ଗୀତ ମଞ୍ଜରୀ—୨ୟ ସଂ—ଗୋବିନ୍ଦ ରଥ

୧୮୮୨—ଗୌରହରି ଜଣାଣ—ଗଙ୍ଗାପ୍ରସାଦ ଚୌଧୁରୀ
ମଧୁପ ଚଉତିଶା
ଜାନକୀ ବିଚ୍ଛେଦ ଚଉତିଶା
ସଙ୍କୀର୍ତ୍ତନ ପଦ୍ଧତି—ସଂଗ୍ରା—କାଳିପଦ ବାନାର୍ଜୀ

୧୮୮୩—ବ୍ରଜବନ୍ଧୁ ବିଳାସ (କାବ୍ୟ)—ବ୍ରଜରାଜ ସିଂହ
କଳିକାଳ – ରାମଶଙ୍କର ରାୟ
କାମଦୁଘା ଚଉତିଶା
ଦ୍ରୌପଦୀ ଭୂଷଣ– ସଂଗ୍ରା —ଭାଗବତ ଦାସ
କବିତା କଳାପ—ଗୋବିନ୍ଦ ରଥ

୧୮୮୪—ରସ କଦମ୍ବ ଚଉତିଶା
କୁସୁମ କଳିକା—ଗୋବିନ୍ଦ ରଥ
ବକୁଳ ଚଉତିଶା – ବ୍ରଜରାଜ ସିଂହ
ମାନଭଞ୍ଜନ ଚଉତିଶା
କ୍ଷମାନିଧି ଚଉତିଶା—ବ୍ରଜରାଜ ସିଂହ
ବଳାତ୍କ ଚଉତିଶା— ,,
ସରଳ ବ୍ୟାକରଣ— ଜଗନ୍ନାଥ ରାଓ
ବାଲୁଙ୍କେଶ୍ୱର ଜଣାଣ—ସଂଗ୍ରା-ମୋହନ ନାୟକ

୧୮୮୫—ପ୍ରଭାତ ଅବକାଶ
ରାଧାକୃଷ୍ଣ ଚଉତିଶା—ଭଗୀରଥି ପାଠିଆ
ରୂପମଞ୍ଜରୀ—ବ୍ରଜରାଜ ସିଂହ
ଶୋଭା ବଲ୍ଲରୀ — ,,

୧୮୮୬—କଂସ ମାରଣ ବୋଲି
ବଡ଼ଓଷା କଥା
ଭୁଧେଇ ସୁଧେଇ ଓଷା

ମାଢସାର—ଭୁବନେଶ୍ୱର ବଡପଣ୍ଡା
ମଥୁରା ବିଜେ—ଶ୍ରୀଧର ରାୟ
ବ୍ରହ୍ମ ଭଜନ—ଜଗନ୍ମୋହନ ଲାଲ
୧୮୮୭—ଲକ୍ଷ୍ମୀ ସହସ୍ରନାମ—ଦୟାନିଧି ମିଶ୍ର
ଖୁଦୁରୁକୁଣୀ ଓଷା ବା ତଅପୋଇ ଚରିତ—ଗୋବିନ୍ଦ ରଥ
ପ୍ରବନ୍ଧ ଛନ୍ଦକାବ୍ୟ—ବ୍ରଜରାଜ ସିଂହ
ଅଲଙ୍କାର ବୋଲି - ସଂଗ୍ରା—ଶ୍ରୀଧର ରାୟ
୧୮୮୮—ନନ୍ଦନନ୍ଦନ ଓ କଳାକର ଚଉତିଶା—ଭାଗବତ ଦାସ
ମନ୍ଦୋଦରୀ ଚଉତିଶା—ମଧୁସୂଦନ ଦତ୍ତ
ଜୀବନ ଚମ୍ପୂ—ଦାମୋଦର ପଟ୍ଟନାୟକ
ଲେଖା ଚଉତିଶା - ମଦନମୋହନ ପଟ୍ଟନାୟକ
୧୮୮୯—ଅକ୍ଷୟ ଚଉତିଶା—ଭଗବାନଚନ୍ଦ୍ର ଦାସ
ସଂଗୀତ ସାଗର—୧ମ—ଦାମୋଦର ପଟ୍ଟନାୟକ
୧୮୯୦—ସଖୀ ଗୁରୁସ୍ତ ଚୌତିଶା—
ହଂସ ଦୂତ ଚୌତିଶା—ଶିଶୁ ଯଦୁ ଦାସ
ଥିଏଟର ସଂଗୀତ—ସଂ—ଅକ୍ଷୟ କୁମାର ଘୋଷ
ମହିମା ସ୍ତବ—ସଦାଶିବ ଦାସ
ଆଇତ ଧ୍ୱଂସନ—ଦୀନକୃଷ୍ଣ ଦାସ
ଛଙ୍କବ ଚଉତିଶା
୧୮୯୧—ଗୁପ୍ତ ଭାଗବତ—୨ୟ ସଂ
ଥିଏଟର ସଂଗୀତ ବା ନାଟକ ଗୀତ—ସଂପାଦନା—ଗୌରୀଶଙ୍କର ରାୟ
ବ୍ରଜବିହାର—କୃପାସିନ୍ଧୁ ଦାସ
୧୮୯୨—ଶିବରାତ୍ରି ବ୍ରତ କଥା - ସଂ—ଗଣେଶ୍ୱର ମିଶ୍ର
ଲକ୍ଷ୍ମୀ ହୃଦୟ ଓ ନାରାୟଣ ହୃଦୟ
ଶୁଦ୍ଧି ଚନ୍ଦ୍ରିକା ଅନୁ କପିଳେଶ୍ୱର ବିଦ୍ୟାଭୂଷଣ
ସାରଟଣି ଗୋବିନ୍ଦ ରଥ
ଦଧିବାମନ ସ୍ତବ—ହରବନ୍ଧୁ ଦାସ
ସଂଗୀତକୁସୁମ—ସଦାଶିବ ମିଶ୍ର
ସଙ୍ଗୀତାର୍ଣ୍ଣବ - ସଂ—ପଶୁରାମ ସୁଆର ଓ ଅନ୍ୟାନ୍ୟ
୧୧୯୩—ଢଗମାଳିକା—ବାମନ ଦ୍ୱିବେଦୀ
କପିଳେଶ୍ୱର ଜଣାଣ ଚଉତିଶା—କୃତ୍ତିବାସ
ଶ୍ରୀ ଗଣେଶ ସହସ୍ରନାମ
ସଙ୍ଗୀତ ସାଗର ୩ୟ, ୪ର୍ଥ—ଦାମୋଦର ପଟ୍ଟନାୟକ
ଦଶ ବୋଲି—ନୃସିଂହ ଭ୍ରମରବର

ସୋମନାଥ ବ୍ରତକଥା—ସଂ—ଶ୍ରୀଧର ରାୟ
ସୀତା ମାଇ କ ଅଣ୍ଡିରା (ରହସ୍ୟ) କ୍ଷେତ୍ରମୋହନ ରାୟ
ରବି ନାରାୟଣ ବ୍ରତକଥା—କପିଳେଶ୍ୱର ବିଦ୍ୟାଭୂଷଣ
ଆଦିତ୍ୟ ହୃଦୟ—ସଂ—　　　　　"
ଅନନ୍ତ ବ୍ରତ କଥା—　　　　　"
୧୮୯୪—ପୁଷ୍ପମାଳା—ଫକୀରମୋହନ ସେନାପତି
ସୋମେଶ୍ୱର ଜଣାଣ ଚଉତିଶା
୧୮୯୫—ସାଧୁ ତୋଷିଣୀ—ବଳଦେବ ଦାସ
କବିତା ମଞ୍ଜରୀ—ଗୋପାଳ ବଲ୍ଲଭ ଦାସ
ଚଉପଦୀ ଚନ୍ଦ୍ରୋଦୟ—ସଂ—ଗୋବିନ୍ଦ ରଥ
ଲୋକନାଥ ଜଣାଣ ଚଉତିଶା—ଚିନ୍ତାମଣି ପ୍ରହରାଜ
୧୮୯୬—ସପ୍ତପୋଇ—ସୁଦର୍ଶନ ଗୁରୁ
ପ୍ରେମ ସାଗର ଚମ୍ପୂ—ଯଦୁନାଥ ସିଂହ
ହରଆ ତନ୍ତ୍ର—ଗୋବିନ୍ଦ ରଥ
ପାରିଜାତ ମାଳା—ସୁଲକ୍ଷଣା ଦେବୀ
କୁସୁମଲତା—ବ୍ରଜରାଜ ସିଂହ
ସଙ୍ଗୀତମାଳା—ମଧୁସୂଦନ ରାଓ
ପାଣ୍ଡବଗୀତା—ଅନୁ—ଦାମୋଦର ସାମନ୍ତରାୟ
ପ୍ରସ୍ତାବସିନ୍ଧୁ—୨ୟ ସଂ—ଦୀନକୃଷ୍ଣ
୧୮୯୭—କଟପାୟୀ—୨ୟ ସଂ
ଦୁଃଖୀ ଜଣାଣ—ବଳଦେବ ଦାସ
ସଙ୍ଗୀତ ରାଧାମାଧବ ନାଟକ—ବିକ୍ରମ ଦେବ ବର୍ମା
୧୮୯୯—ସନ୍ଧ୍ୟା ପଦ୍ଧତି—ବଇରାଗୀ ଲାଲ ପଣ୍ଡିତ
ଲବଙ୍ଗଲତା ଦାୟିକା—ନିଳୋଚନ ରାୟଗୁରୁ
ବିଷମୋଦକ ନାଟକ—ରାମଶଙ୍କର ରାୟ
୧୯୦୦—ରାମଚଣ୍ଡୀ ଜଣାଣ—ରାମଚନ୍ଦ୍ର ନନ୍ଦ
ସଙ୍ଗୀତ ସାଗର ୫ମ—ଦାମୋଦର
ଭକ୍ତି ସୁଲଣା ବା ରତ୍ନ କୁସୁମ—ଭଗବାନ ଚରଣ ଦାସ

ଗୀତିକା,
ଜୟଦେବ ନଗର, ଭୁବନେଶ୍ୱର-୯

# ଗୌରୀଶଙ୍କର : ଓଡ଼ିଆ ଜାତୀୟତାବାଦର ଭଗୀରଥ

* ଡଃ ଶରତ ଚନ୍ଦ୍ର ନାୟକ

-୧-

ଊନବିଂଶ ଶତକର ଚତୁର୍ଥ ଦଶକରେ ଗୌରୀଶଙ୍କରଙ୍କର ଆବିର୍ଭାବ (୧୮୩୮-୧୯୧୭) ଓଡ଼ିଶା ପାଇଁ ଏକ ବିଶେଷ ଉଲ୍ଲେଖଯୋଗ୍ୟ ଘଟଣା । ରାଜନୈତିକ, ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଅଭ୍ୟୁଦୟ ଦିଗରୁ ଏହା ଥିଲା ଓଡ଼ିଶା ପାଇଁ ଘଡ଼ିସନ୍ଧିକାଳ, ବିବର୍ତ୍ତନ ଓ ବିକାଶ-ପ୍ରକ୍ରିୟାର ବ୍ରାହ୍ମମୁହୂର୍ତ୍ତ । ଗୌରୀଶଙ୍କର ଥିଲେ ଓଡ଼ିଶାର ନବଯୁଗ ନିର୍ମାଣ ଯଜ୍ଞଶାଳାର ଅନନ୍ୟ ଋତ୍ୱିକ ।

ଊନବିଂଶ ଶତକର ଦ୍ୱିତୀୟାର୍ଦ୍ଧ ଓ ବିଂଶ ଶତକର ପ୍ରଥମ ପର୍ଯ୍ୟାୟରେ ଗୌରୀଶଙ୍କରଙ୍କ ପରି ବଳିଷ୍ଠ ଓ ବର୍ଣ୍ଣାଢ୍ୟ ଯୁଗନ୍ଧର ବ୍ୟକ୍ତିତ୍ୱ ପ୍ରଥମେ ହିଁ ସହଜରେ ଦୃଷ୍ଟି ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇ ଉଠନ୍ତି । ବିଚିତ୍ରାନନ୍ଦ, ଫକୀରମୋହନ, ରାଧାନାଥ, ମଧୁସୂଦନ ରାଓ, ଜଗମୋହନ ରାୟ, ଜଗନ୍ମୋହନ ଲାଲ, ପ୍ୟାରୀମୋହନ, ବିଚ୍ଛନ୍ଦ-ପଟ୍ଟନାୟକ, ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ, ନନ୍ଦ କିଶୋର ଦାସ ପ୍ରମୁଖ ସେ ସମୟର ଜଣେ ଜଣେ ଆପଣା ପରିସରରେ ପ୍ରତିଷ୍ଠିତ ପ୍ରଖ୍ୟାତ ପୁରୁଷ । ପୁଣି ଓଡ଼ିଶାର ଅଗ୍ରଗତିରେ ବିଭିନ୍ନ କ୍ଷେତ୍ରରେ ଏମାନଙ୍କ ଅବଦାନ ମଧ୍ୟ ଅନୁପେକ୍ଷଣୀୟ । ତେବେ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ଓଡ଼ିଆ ଓ ଓଡ଼ିଶାର ସାର୍ବିକ ବିକାଶ ସଂଗ୍ରାମରେ ନିରବଚ୍ଛିନ୍ନ ଅର୍ଦ୍ଧଶତାବ୍ଦୀ ଧରି ପିତାମହ ଭୀଷ୍ମ ପରି ଗୌରୀଶଙ୍କର ଯେପରି ଅଟଳ ନିଷ୍ଠା ଓ ତାପସସୁଲଭ ଏକାଗ୍ରତା ବଳରେ ନେତୃତ୍ୱ ଦେଇ ଆସିଥିଲେ, ସେଥିପାଇଁ ଏହି ଯୁଗପୁରୁଷ ଓଡ଼ିଆ ଜାତିର ଚିରକାଳ ସସମ୍ମାନ ସାଲ୍ୟୁଟ ଭାଜନ । ତାଙ୍କର ନିରନ୍ତର କର୍ମତତ୍ପର ଜୀବନର ଦିଗ୍‌ବଳୟ ଯେପରି ବିଚିତ୍ର ବର୍ଣ୍ଣବିଭାରେ ଉଦ୍‌ଭାସିତ ହୋଇ ଉଠିଥିଲା, ତା' ଅନ୍ୟମାନଙ୍କ କ୍ଷେତ୍ରରେ କ୍ୱଚିତ୍ ପରିଦୃଷ୍ଟ । ପୁଣି ଗୌରୀଶଙ୍କରଙ୍କ ପରି ନିଛକ ନିଃସ୍ୱାର୍ଥପର ଓଡ଼ିଆପ୍ରାଣ ଓ ଓଡ଼ିଆ ଶୁଭାକାଂକ୍ଷୀ ଉଦାର ସ୍ଫଟିକ ସ୍ୱଚ୍ଛ ହୃଦୟଟିଏ ସେକାଳ ଓଡ଼ିଶାରେ ଦ୍ୱିତୀୟ ମିଳିବା ଅସମ୍ଭବ ।

-୨-

ମଧ୍ୟଯୁଗର ଆଦି ପର୍ଯ୍ୟାୟରେ, ଅର୍ଥାତ୍ ଗଙ୍ଗ ଓ ସୂର୍ଯ୍ୟବଂଶର ସମ୍ରାଟମାନଙ୍କ କାଳରେ, ଉତ୍କଳୀୟ ଜାତୀୟତାବୋଧର ଏକ ସଠିକ ବିବରଣୀ ଦେବା ସହଜ ବ୍ୟାପାର ନୁହେଁ । ତେବେ ଏକଥା ସ୍ପଷ୍ଟ ଯେ, ସେ କାଳରେ ଭାଷା ଭିତ୍ତିକ ଉତ୍କଳୀୟ ଜାତୀୟତା

ଓଡ଼ିଶା ସାମ୍ରାଜ୍ୟର ମୂଳଭିତ୍ତି ହୋଇନଥିଲା । ସେ କାଳର ସୁବିସ୍ତୃତ ଓଡ଼ିଶା ସାମ୍ରାଜ୍ୟରେ ମୁଖ୍ୟତଃ ଓଡ଼ିଆ ଓ ତେଲୁଗୁ ଭାଷାରେ ରାଜ୍ୟ-ଶାସନ କାର୍ଯ୍ୟ ସମ୍ପାଦିତ ହେଉଥିଲା । ସଂସ୍କୃତ ଭାଷା ରାଜ ପୃଷ୍ଠପୋଷକତା ଲାଭ କରିଥିଲା । ସେତେବେଳେ ଓଡ଼ିଶା ମୂଳକରେ ଓଡ଼ିଆ ଜାତୀୟତାବୋଧର ସେପରି ଅତ୍ୟାବଶ୍ୟକୀୟ ଭୂମିକା ପ୍ରତିଦୃଷ୍ଟ ହୁଏନା ।

ସମ୍ରାଟମାନଙ୍କ ପ୍ରଭାବ, ପ୍ରତିପତ୍ତି, ପ୍ରଭୁତ୍ୱ ଓ ସେମାନଙ୍କ ବଂଶପ୍ରତି ଆନୁଗତ୍ୟ ବିଭିନ୍ନ ଭାଷାଭାଷୀ ପ୍ରଜା ଓ ବିଭିନ୍ନ ସୁଦୂର ଇଲାକା ଗୁଡ଼ିକୁ ଗୋଟିଏ ବନ୍ଧନରେ ଆବଦ୍ଧ କରି ଓଡ଼ିଶା ସାମ୍ରାଜ୍ୟ ଗଠନରେ ବିଶେଷ ସହାୟକ ହୋଇ ଉଠିଥିଲା । ଡଃ ଗଗନେନ୍ଦ୍ର ନାଥ ଦାଶଙ୍କ ମତରେ ଭାଷାକୈନ୍ଦ୍ରିକ ଉତ୍କଳୀୟ ଜାତୀୟତାର ସୁଷ୍ଠୁ ବିକାଶ ପାଇଁ ସେତେବେଳେ ପରିବେଶ ଅନୁକୂଳ ନ ଥିଲା । ତେବେ ସମସ୍ତ ଓଡ଼ିଆମାନେ ଗୋଟିଏ ପ୍ରଶାସନରେ ରହିବା ଫଳରେ ଏବଂ ଖୋରାକ ଯୋଗାଉଥିବା ସଂସ୍କୃତ ଭାଷାର ବଶମ୍ବଦ ଓଡ଼ିଶାବାସୀ ବ୍ରାହ୍ମଣଗଣଙ୍କ ଓଡ଼ିଆଭାଷା ପ୍ରତି ଅନାଦର/ଅବଜ୍ଞା ଏ କାଳରେ ଭାଷାଭିତ୍ତିକ ଓଡ଼ିଆ ଜାତୀୟତାର ବୀଜବପନ କରିଥିବାର ସମ୍ଭାବନାକୁ ଶ୍ରୀ ଦାଶ ଏକାବେଳେକେ ଅସ୍ୱୀକାର କରିନାହାନ୍ତି । ସେତେବେଳକୁ ଜଗନ୍ନାଥ ବୈଷ୍ଣବ ଧର୍ମୋପରି ହିନ୍ଦୁଙ୍କ ଏକାନ୍ତ ଉପାସ୍ୟ ଦେବତାରେ ପରିଣତ ହୋଇଥିଲେ । ଗଙ୍ଗ ସମ୍ରାଟଗଣ ଓଡ଼ିଶା ମୂଳକକୁ ଜଗନ୍ନାଥଙ୍କ ନାମରେ ସମର୍ପଣ କରି ତାଙ୍କ ପ୍ରତିନିଧି ରୂପେ ରାଜ୍ୟଶାସନ ପୂର୍ବକ ଜଗନ୍ନାଥଙ୍କୁ ରାଷ୍ଟ୍ର-ଦେବତାର ରୂପ ଦେଇ ବସିଲେ । ଭବିଷ୍ୟତରେ ରାଜାଧିପତ୍ୟ ବା ରାଜବଂଶ ପ୍ରତି ଆନୁଗତ୍ୟ ହ୍ରାସ ପାଇଲେ ମଧ୍ୟ ଜଗନ୍ନାଥ ଭକ୍ତିଗତ ଭାବ ବନ୍ଧନ ବିଭିନ୍ନ ଅଞ୍ଚଳ ଗୁଡ଼ିକୁ ଅବିଚ୍ଛିନ୍ନ ରଖିବାର ସମ୍ଭାବନା ହୁଏତ ଏହି ପ୍ରକ୍ରିୟାର ମୁଖ୍ୟ ଅଭିପ୍ରାୟ ହୋଇ ପାରିଥାଏ ।

ମଧ୍ୟଯୁଗର ମଧ୍ୟକାଳରେ ମୁକୁନ୍ଦ ଦେବଙ୍କ ପତନ (୧୫୬୮ ଖ୍ରୀ) ସାଙ୍ଗକୁ ସମୁଦ୍ଧ ଓଡ଼ିଶା ସାମ୍ରାଜ୍ୟର ପତନ ଘଟିଲା । ବହୁକାଳ ଧରି ଏକ ଶାସନାଧୀନ ରହିବା ପରେ ବିସ୍ତୀର୍ଣ୍ଣ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଗୁଡିକ କାଳକ୍ରମେ ବିଭିନ୍ନ ରାଜନୈତିକ ଓ ପ୍ରଶାସନିକ ଖଣ୍ଡ/ରାଜ୍ୟରେ ବିଭାଜିତ ହେଲା । ଏତିକବେଳେ ରାଜନୈତିକ, ପ୍ରଶାସନିକ ଓ ଧର୍ମାନ୍ତରଗତ ଅନୁବନ୍ଧନ ସତ୍ତ୍ୱେ ଏକ ଇଲାକା/ଖଣ୍ଡ/ରାଜ୍ୟର ଓଡ଼ିଆ ଭାଷାଭାଷୀ ନିକଟବର୍ତ୍ତୀ ଅନ୍ୟଭାଷାଭାଷୀଙ୍କ ତୁଳନାରେ ଅପର ଇଲାକାର ଓଡ଼ିଆ ଭାଷାଭାଷୀଙ୍କୁ ନିଜର ଅଧିକ ନିବିଡ଼ ଓ ନିକଟତର ମନେ କରିବା ଆରମ୍ଭ କଲେ । ଓଡ଼ିଆ ଭାଷାଭାଷୀଙ୍କ ମଧ୍ୟରେ ଏ ପ୍ରକାର ଏକତ୍ୱବୋଧ (feeling oneness)କୁ ଡକ୍ଟର ଦାଶ "ଊନବିଂଶ ଶତକର ଦ୍ୱିତୀୟାର୍ଦ୍ଧରେ ସୃଷ୍ଟି ହୋଇଥିବା ଓଡ଼ିଆ ଜାତୀୟତାର ପ୍ରଥମ ଅସ୍ପଷ୍ଟ ପଦଧ୍ୱନି" ରୂପେ ଗ୍ରହଣ କରିଛନ୍ତି । (୧) ଏହି ଏକତ୍ୱବୋଧ ସପକ୍ଷରେ ଯୁକ୍ତିବାଢି ସେ ଦର୍ଶାନ୍ତି, ଯଦିଓ ଓଡ଼ିଆ ଭାଷାଭାଷୀ ବିସ୍ତୀର୍ଣ୍ଣ ଅଞ୍ଚଳ ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦୀରେ ମୋଗଲ, ଗୋଲକୁଣ୍ଡାର ସୁଲତାନ ଓ ଅର୍ଦ୍ଧ ସ୍ୱାଧୀନ ଖୋର୍ଦ୍ଧା ରାଜାଙ୍କ ଦ୍ୱାରା ଶାସିତ

ହେଉଥିଲା, ଏ କାଳରେ ସମଗ୍ର ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଅର୍ଥରେ ହିଁ ମାଦଳାପାଞ୍ଜିକାର ଠାରୁ ଆରମ୍ଭ କରି ବିଭିନ୍ନ କାବ୍ୟଗ୍ରନ୍ଥରେ ଓଡ଼ିଆ କାବ୍ୟକାରଗଣ 'ଓଡ଼ିଶା' ବା 'ଓଡ୍ରଦେଶ' ଶବ୍ଦର ପ୍ରୟୋଗ କରିଯାଇଛନ୍ତି । ଏପରିକି ବିଭିନ୍ନ ରାଜଂଶ ଅଧୀନରେ ଥିଲେ ମଧ୍ୟ ସମସ୍ତ ଓଡ଼ିଆ ଭାଷାଭାଷୀ ନରନାରୀ ସନ୍ମାନର ଜାତକରେ ତଥା ଅଭିଲେଖ ଆଦିରେ ଖୋର୍ଦ୍ଧା ରାଜାଙ୍କ ପ୍ରଚଳିତ ଅଙ୍କକୁ ହିଁ ମାନ୍ୟତା ଦେଇ ଗ୍ରହଣ କରି ନେଉଥିଲେ ।

ସପ୍ତଦଶ ଶତକରେ ଓଡ଼ିଆରେ ରଚିତ ଦିବାକର ଦାସଙ୍କ "ଜଗନ୍ନାଥ ଚରିତାମୃତ"ରେ ଉତ୍କଳୀୟ ବୈଷ୍ଣବ ଓ ଗୌଡ଼ୀୟ ବୈଷ୍ଣବ ସମ୍ପ୍ରଦାୟଙ୍କ ଆଲୋଚନା ପ୍ରସଙ୍ଗରେ ଉତ୍କଳୀୟ ଚେତନାବୋଧର ପରିଚୟ ମିଳିଥାଏ । ଉତ୍କଳୀୟ ବୈଷ୍ଣବଗଣଙ୍କ ଜଗନ୍ନାଥଙ୍କୁ ଆପଣା ଇଷ୍ଟ ଦେବତା ଓ ଲୀଳାମୟ ଅବତାରୀ ଭାବେ ଆଖ୍ୟାୟିତ କରିବାରେ ସେଇ ଉତ୍କଳୀୟ ଚେତନାର ମାନସିକତା ହିଁ ପ୍ରକଟିତ ।

କ୍ରମଶଃ ମଧ୍ୟଯୁଗରେ ସମଗ୍ର ଓଡ଼ିଆ ଭାଷାଭାଷୀ ଅଞ୍ଚଳର କବିଗଣ ମଧ୍ୟ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଓଡ଼ିଆରେ ଭଜନ, ଜଣାଣ ରଚନା ସାଙ୍ଗକୁ କାବ୍ୟାରମ୍ଭର ମଙ୍ଗଳାଚରଣରେ ଜଗନ୍ନାଥ ବନ୍ଦନା ଓ ରଥଯାତ୍ରା ପ୍ରସଙ୍ଗ ବର୍ଣ୍ଣନା କରିବା ଆରମ୍ଭ କରିଦେଇଥିଲେ । ଖୋର୍ଦ୍ଧା ରାଜା ମଧ୍ୟ ସମଗ୍ର ଓଡ଼ିଆ ଭାଷାଭାଷୀ ଅଞ୍ଚଳର କବିଗଣଙ୍କୁ ଉପାଧି ପ୍ରଦାନ କରିବାର ଏକ ବିଧି ପ୍ରଚଳନ କରିଥିଲେ । ଜଗନ୍ନାଥଙ୍କ ରଥଯାତ୍ରାରେ ଛେରା ପହଁରା ବିଧିର ପ୍ରଚଳନ ଓ ଜନମାନସରେ ତାର ଗୁରୁତ୍ୱର ଅଭିବୃଦ୍ଧି ଫଳରେ ସମଗ୍ର ଓଡ଼ିଆ ଭାଷାଭାଷୀ ଅଞ୍ଚଳରେ ଖୋର୍ଦ୍ଧା ରାଜାଙ୍କ ନାମରେ ଅଙ୍କ ପ୍ରଚଳନ ଆରମ୍ଭ ହେଲା । ଓଡ଼ିଆ ଭାଷା ସାଙ୍ଗକୁ ଧୀରେ ଧୀରେ ଜଗନ୍ନାଥ ମଧ୍ୟ ଓଡ଼ିଆ ଜାତୀୟତାର ସୂତ୍ରରେ ଛନ୍ଦାୟିତ ହୋଇ ପଡ଼ୁଥିଲେ । ମଧ୍ୟଯୁଗର ପ୍ରଥମ ପର୍ଯ୍ୟାୟ ଶେଷରେ ଓ ଉତ୍ତରାର୍ଦ୍ଧରେ ଯଥାକ୍ରମେ କଳାପାହାଡ଼ ଓ ମୁସଲମାନମାନଙ୍କ ଜଗନ୍ନାଥ ମନ୍ଦିର ଉପରେ ଆକ୍ରମଣ, ବିକାଶୋନ୍ମୁଖୀ ଏଇ ଜଗନ୍ନାଥ କୈନ୍ଦ୍ରିକ ଉତ୍କଳୀୟ ଜାତୀୟତାବୋଧକୁ ଅଧିକ ବଳ ଯୋଗାଇ ଥିଲା । (୨)

୧୮୦୩ ଖ୍ରୀ ରେ ଇଷ୍ଟ ଇଣ୍ଡିଆ କମ୍ପାନୀର ଦେଶ-ଓଡ଼ିଶା ଦଖଲ, ଅପଶାସନ ଫଳରେ ଓଡ଼ିଆ ଜନଜୀବନର ବିପର୍ଯ୍ୟସ୍ତତା, ଓଡ଼ିଶାରେ ବଙ୍ଗଳା ରାଜସ୍ୱ ଆଇନ ପ୍ରଚଳନ ତଥା ବଙ୍ଗାଗତ ଅମଲା ଓ ସିରସ୍ତାଦାରଙ୍କ କୂଟଚକ୍ରାନ୍ତ ଓ ଦୌରାତ୍ମ୍ୟ ଫଳରେ ସହସ୍ରାଧିକ ଜମିଦାରୀ ଓଡ଼ିଆଙ୍କ ହାତଛଡ଼ା, କର ସଚେତନ ନବାଗତ ଅଣ-ଓଡ଼ିଆ ଜମିଦାରଙ୍କ ଓଡ଼ିଆ ପ୍ରଜାଙ୍କ ହିତାହିତ ପ୍ରତି ଅବଜ୍ଞା, କରଭାରରେ ଓଡ଼ିଆ ପ୍ରଜାକୁଳର ହନ୍ତସନ୍ତ ଓ ନସ୍ତାନ୍ତ ହୋଇ ଉଠିବା – ଏସବୁ କ୍ରମଶଃ ପୁଞ୍ଜୀଭୂତ ହୋଇ ଓଡ଼ିଆଙ୍କ ମଧ୍ୟରେ ଏକତ୍ୱବୋଧ ଓ ସ୍ୱାଧୀନ ହୋଇ ଖୋର୍ଦ୍ଧା ରାଜାଙ୍କ ଅଧୀନସ୍ଥ ହେବାର ପ୍ରବଣତାକୁ ଜାଗରୂକ କରିଥିଲା । ଏଇ ପ୍ରବଣତା ଓ ଅଭୀପ୍ସାର ପରିଣତି ହେଲା ୧୮୧୭ ଖ୍ରୀ.ର ପାଇକ ବିଦ୍ରୋହ । (ଯଦିଓ ଏହା ଥିଲା ଅସମୟୋଚିତ, ଅବ୍ୟବସ୍ଥିତ ଓ ଅସଫଳ ।) ବିଦ୍ରୋହୀ ନେତା ବକ୍ସି ଜଗବନ୍ଧୁଙ୍କ ପୁରୀ ଯାଇ ବିଦ୍ରୋହରେ

ନେତୃତ୍ୱ ପାଇଁ ଖୋର୍ଦ୍ଧା ରାଜା ମୁକୁନ୍ଦଦେବଙ୍କୁ ପ୍ରସ୍ତାବିତ କରିବା ଏବଂ ପୁରୀ ପଣ୍ଡାଙ୍କ ଜରିଆରେ ଜଗନ୍ନାଥଙ୍କ ଆଜ୍ଞାପ୍ରାପ୍ତି—ଏସବୁ ଓଡ଼ିଆ ଜାତୀୟତା ବୋଧର ପ୍ରକାଶ ଲଗ୍ନରେ ଜଗନ୍ନାଥଙ୍କ ଯୋଗସୂତ୍ରଟିକୁ ଅଧିକ ସ୍ପଷ୍ଟ କରିଥାଏ । (୩)

ଏଇ ଦୁଃସାହସିକ ସାମରିକ ଅଭିଯାନ ପାଇଁ ଓଡ଼ିଆ ଜାତିକୁ କିନ୍ତୁ ବହୁ ମୂଲ୍ୟ ଦେବାକୁ ପଡ଼ିଥିଲା । କମ୍ପାନୀ ଶାସକଙ୍କ ଅବିଶ୍ୱାସ ଓ ଅବହେଳା ଯୋଗୁଁ କମ୍ପାନୀ ପ୍ରଶାସନରେ ଏ ଜାତିର ସ୍ୱାଭାବିକ ଅଗ୍ରଗତି ବିଘ୍ନିତ ହୋଇଥିଲା । ଆଧୁନିକ ଶିକ୍ଷା ଓ ସଭ୍ୟତାଠାରୁ ଉଦ୍ଦେଶ୍ୟ ମୂଳକ ଭାବେ ଦୂରେଇ ରଖି ଓଡ଼ିଶାବାସୀଙ୍କୁ କମ୍ପାନୀ ସରକାର ସମାଜର ସର୍ବନିମ୍ନ ସୋପାନର ଊର୍ଦ୍ଧ୍ୱକୁ ଉଠିବାର ଦ୍ୱାର ରୁଦ୍ଧ କରି ବସିଥିଲେ ।

ସିପାହୀ ବିଦ୍ରୋହ (୧୮୫୭ ଖ୍ରୀ) ପର ବର୍ଷ ହିଁ କମ୍ପାନୀ ବଦଳରେ ବ୍ରିଟିଶ ରାଜତନ୍ତ୍ର ଦ୍ୱାରା ଭାରତ ଶାସିତ ହେଲା । ୧୮୬୬ ଖ୍ରୀ.ର କରାଳ ନଅଙ୍କ ଦୁର୍ଭିକ୍ଷ ଓଡ଼ିଆ ଜାତିର ଅନ୍ତରାତ୍ମାକୁ ଦୋହଲାଇ ଦେଇଥିଲା । ଧୀରେ ଧୀରେ ମୁକୁଳିତ ହୋଇ ଆସୁଥିବା ଓଡ଼ିଆ ଜାତୀୟ ଚେତନା ପାଇକ ବିଦ୍ରୋହର ବିଫଳତାରେ ସାମୟିକ ମ୍ଳାନ ମୁଖୀ ହୋଇ ପଡ଼ିଥିଲା । ନଅଙ୍କ ଦୁର୍ଭିକ୍ଷ କେବଳ ଓଡ଼ିଆ ଜାତିର ଅନ୍ତରାତ୍ମାକୁ ଦୋହଲାଇ ଦେଇ ନ ଥିଲା, ଓଡ଼ିଆ ଜାତିର ଅନ୍ତଚକ୍ଷୁ ଖୋଲି ଦେଇଥିଲା । ଏତିକି ବେଳେ ଓଡ଼ିଆ ପ୍ରାଣରେ ଓଡ଼ିଆ ଜାତୀୟତାବୋଧ ତୀବ୍ରତର ହେବାରେ ଲାଗିଲା ଏବଂ ଏହାର ଅବିସମ୍ବାଦିତ ଭଗୀରଥ ଥିଲେ ଗୌରୀଶଙ୍କର ରାୟ ।

ଊନବିଂଶ ଶତକର ଉତ୍ତରାର୍ଦ୍ଧରେ ଓଡ଼ିଆ ଜାତୀୟତାବାଦର ବିଶେଷ ପ୍ରତିଷ୍ଠାରେ ନିମ୍ନ କେତୋଟି ଘଟଣା / ପରିବେଶ / ଉପାଦାନ ମୁଖ୍ୟ ଭୂମିକା ଗ୍ରହଣ କରି ବସିଥିଲା—

୧) ନଅଙ୍କ ଦୁର୍ଭିକ୍ଷ

୨) କଟକ ପ୍ରିଣ୍ଟିଂ କମ୍ପାନୀ ପ୍ରତିଷ୍ଠା ଓ ଉତ୍କଳ ଦୀପିକାର ପ୍ରକାଶନ

୩) ଇଂରାଜୀ ଶିକ୍ଷାର ପ୍ରସାର ପ୍ରଚେଷ୍ଟା

୪) କ) ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ
   ଖ) ଓଡ଼ିଆ ପାଠ୍ୟ ପୁସ୍ତକ ରଚନା ଓ ପ୍ରକାଶନ
   ଗ) ଓଡ଼ିଆ କାବ୍ୟ, ପୁରାଣ, ପାଞ୍ଜି ସଂଗ୍ରହ ସମ୍ପାଦନା ଓ ପ୍ରକାଶନ
   ଘ) ଓଡ଼ିଶୀ ସଙ୍ଗୀତ ଚର୍ଚ୍ଚା ତଥା ଓଡ଼ିଆ ନାଟକ ଓ ମଞ୍ଚର ବିକାଶ ପ୍ରଚେଷ୍ଟା

୫) ମଧୁବାବୁଙ୍କୁ ଉତ୍କଳର ଅବିସମ୍ବାଦିତ ନେତା ଭାବେ ଗଢ଼ିତୋଳିବାର ଧାରାବାହିକ ପ୍ରଚେଷ୍ଟା ।

୬) ଶ୍ରୀ ଜଗନ୍ନାଥଙ୍କ ଯଥାଯଥ ସେବାବିଧି ସାଙ୍ଗକୁ ଶ୍ରୀ ମନ୍ଦିରର ସୁଷ୍ଠୁ ପରିଚାଳନା ପ୍ରତି ତତ୍ପରତା ।

୭) ଉତ୍କଳ ସମ୍ମିଳନୀର ପ୍ରଚାର ଓ ପ୍ରସାର ।

୮) ପ୍ରତିଟି ପରିସ୍ଥିତିରେ ଐତିହ୍ୟ ସପନ୍ନ ଓଡ଼ିଆ ଜାତିର ସ୍ୱାଭିମାନ ବଜାୟ ରଖିବା ପାଇଁ ଅପୂରନ୍ତ ଅଭିନିବେଶ ।

ଏ ସମସ୍ତ ଘଟଣା ପ୍ରବାହରେ ନିଜକୁ ସକ୍ରିୟ ଭାବେ ନିମଗ୍ନ କରି ଦେଇ ଗୌରୀଶଙ୍କର ଉତ୍କଳ ଜାତୀୟତାବୋଧକୁ ସ୍ପଷ୍ଟ ଓ ବଳିଷ୍ଠ କରିବା ସଙ୍ଗେ ସଙ୍ଗେ ଓଡ଼ିଆ ସାହିତ୍ୟର ଉନ୍ନତର ମାର୍ଗ ଓ ଓଡ଼ିଶା ପ୍ରଦେଶ ଗଠନର ପଥକୁ ଅଧିକ ନିଷ୍କଣ୍ଟକ ତଥା ପ୍ରଶସ୍ତ କରି ତୋଳି ଥିଲେ । ଗୌରୀଶଙ୍କରଙ୍କ ବ୍ୟକ୍ତିତ୍ୱ ବହୁମୁଖୀ । ଆଲୋଚ୍ୟ ପ୍ରବନ୍ଧରେ ତାଙ୍କ ବ୍ୟକ୍ତିତ୍ୱର ଏହି ଉତ୍କଳୀୟ ପ୍ରବଣତା ଦିଗର ଅବବୋଧ ପାଇଁ ପ୍ରୟାସ କରାଯିବ । ଏହା ହିଁ ଗୌରୀଶଙ୍କରଙ୍କ ବ୍ୟକ୍ତିତ୍ୱର ସବୁଠାରୁ ବଳିଷ୍ଠ, ସ୍ପଷ୍ଟ ଅଥଚ ସ୍ପର୍ଶକାତର ଦିଗ । ସୁବିଧା ଦେଖି ପ୍ରସଙ୍ଗାନୁରୋଧରେ ଗୌରୀଶଙ୍କରଙ୍କ ବହୁମୁଖୀ ବର୍ଣ୍ଣାଢ୍ୟ ବ୍ୟକ୍ତିତ୍ୱର ବ୍ୟାପ୍ତି ଓ ଗାମ୍ଭୀର୍ଯ୍ୟର ଆକଳନ ଓ ମୂଲ୍ୟାୟନ ପାଇଁ ମଧ୍ୟ ଯତ୍‌କିଞ୍ଚିତ ଚେଷ୍ଟା କରାଯିବ ।

– ୩ –

୧୮୯୦ ଖ୍ରୀରେ ମହାମନା ଅଗ୍ରଣୀ ଓଡ଼ିଆ ବିଚକ୍ଷଣାନନ୍ଦ ଦାସ ସ୍ୱକର୍ମ ନିଷ୍ଠା ଓ ନିପୁଣତା ବଳରେ ଇନାମ୍ କମିଶନର ତଥା ଗଡ଼ଜାତ ସୁପରିଣ୍ଟେଣ୍ଡେଣ୍ଟ ଟ୍ରେବର ସାହେବଙ୍କ ସିରସ୍ତାଦାର ପଦକୁ ଉନ୍ନୀତ ହୋଇପାରିଥିଲେ । ସେତେବେଳେ ଜଣେ ଓଡ଼ିଆ ପକ୍ଷରେ ଏହା ବାସ୍ତବରେ ଥିଲା ଗର୍ବ କରିବା ପରି ଏକ ଅଭାବିତ ସୌଭାଗ୍ୟ । ସେ ନିଜେ ମେଟ୍ରିକ ପାଶ କରିନଥିଲେ କିନ୍ତୁ ବିଶିଷ୍ଟ ଗୋରା ସାହେବମାନଙ୍କ ନିକଟ-ତମ ସମ୍ପର୍କରେ ଆସି ବୁଦ୍ଧିମାନ ବିଚକ୍ଷଣାନନ୍ଦ ଇଂରାଜୀ ଶିକ୍ଷାର ମହତ୍ତ୍ୱ ମର୍ମେ ମର୍ମେ ଅନୁଭବ କରିଥିଲେ । ଏହି ଉଚ୍ଚାଭିଳାଷୀ ମନୀଷୀ ଜଣଙ୍କ ସ୍ୱପ୍ନ ଦେଖିଥିଲେ, କେବେ ଶୀଘ୍ର ଓଡ଼ିଆ ଯୁବ ସମ୍ପ୍ରଦାୟ ଇଂରାଜୀ ଶିକ୍ଷାଲାଭ କରି ଗୋରା ସାହେବଙ୍କ ଅନୁପମ ସମ୍ମାନଜନକ ପଦପଦବୀ ଅଲଙ୍କୃତ କରିବେ ! ହୁଗୁଳି କଲେଜରୁ ଅଧ୍ୟୟନ ଅସମାପ୍ତ ରଖି ଯୁବକ ଗୌରୀଶଙ୍କର କଟକ ଫେରିଆସି (୧୮୫୯) କିରାଣୀ ପଦରେ ନିଯୁକ୍ତ ହୋଇଥିଲେ । ଜୀବିକାର୍ଜନ ପାଇଁ କିରାଣୀ ଭାବରେ କର୍ମଜୀବନର ବାଧ୍ୟବାଧକ ଅଯୁଂ ଆରମ୍ଭ କରିଥିଲେ ମଧ୍ୟ ଗୌରୀଶଙ୍କରଙ୍କ ଜୀବନର ଚରମ ବ୍ରତ ଥିଲା ମାତୃଭୂମି ଓଡ଼ିଶାର ନିଷ୍ଠାପର ସେବା । ସେଥିପାଇଁ ସେ ଦିନର କିରାଣୀ ଗୌରୀଶଙ୍କର ପରେ ଭାଗ୍ୟ ବିଡ଼-ମ୍ବିତ ଓଡ଼ିଆ ଜାତିର ଯଥାର୍ଥ ଭାଗ୍ୟ ନିର୍ଦ୍ଧାରକ ହୋଇ ଉଠିଥିଲେ ।

କଟକ ସ୍କୁଲରୁ ୧୮୫୫-୫୬ ଖ୍ରୀରେ ଗୌରୀଶଙ୍କର, ୧୮୫୯ ଖ୍ରୀରେ ବନମାଳୀ-ସିଂହ, ୧୮୬୦ ଖ୍ରୀରେ ଜଗନ୍ମୋହନ ଲାଲ, ନନ୍ଦ କିଶୋର ଦାସ, ବିଚ୍ଛନ୍ଦ ପଟ୍ଟନାୟକ ପ୍ରମୁଖ ଏଣ୍ଟ୍ରାନ୍ସ ପାଶ୍ କରିଥିଲେ । ୧୬ ବର୍ଷ ବୟସରେ ଏହି କଟକ ସ୍କୁଲରୁ ୧୮୬୪ ଖ୍ରୀରେ ମଧୁସୂଦନ ଦାସ ଏଣ୍ଟ୍ରାନ୍ସ ପାଶ୍ କରିଥିଲେ । ତରୁଣ ମଧୁସୂଦନଙ୍କୁ ଉଚ୍ଚଶିକ୍ଷା ଲାଭରେ ଉଦ୍ଦାମ ବେଗରେ ମାଡ଼ିଯିବା ପାଇଁ ଏଇ ବିଚକ୍ଷଣାନନ୍ଦ ହିଁ ଅନୁପ୍ରେରିତ କରି ତୋଳିଥିଲେ ।

କମିଶନରର ଅଫିସର ସିରସ୍ତାଦାର ବାବୁ ବିଚିତ୍ରାନନ୍ଦ ଦାସ ହିଁ ଥିଲେ ଓଡ଼ିଶାର ନବ ଜାଗରଣର ଆଦି ଚିନ୍ତକ ପୁରୁଷ । ସେ ନବ୍ୟ ଶିକ୍ଷିତ ସମ୍ପ୍ରଦାୟର ବ୍ୟକ୍ତି ନଥିଲେ । କିନ୍ତୁ ନବଯୁଗର ଆହ୍ୱାନକୁ ଓଡ଼ିଶାରେ ସେ ଆବାହନ କରିବାକୁ ଆଗେଇ ଆସିଥିଲେ । ଏହି ଉଦ୍ଦାମ, ପ୍ରାଣୋଚ୍ଛଳ ଓ ଏକାନ୍ତ ଓଡ଼ିଆ ପ୍ରବଣ ବିଚିତ୍ରାନନ୍ଦ ହିଁ କଟକ ପ୍ରିଣ୍ଟିଂ କମ୍ପାନୀ ପ୍ରତିଷ୍ଠା ଓ ଉତ୍କଳ ଦୀପିକା ପତ୍ରିକା ପ୍ରକାଶନର ଥିଲେ ପ୍ରଧାନ ଉଦ୍ୟୋକ୍ତା ।

ଲକ୍ଷ ଲକ୍ଷ ଓଡ଼ିଆ ଜନସାଧାରଣଙ୍କ ଅଭାବ-ଅନଟନ, ଅଭିଯୋଗ, ଅଭିପ୍ରାୟ, ଆଶା-ଆଶଙ୍କା, ସମ୍ଭାବନା ଓ ସଂକଟ ସାଙ୍ଗକୁ ନବ୍ୟ ଶିକ୍ଷିତ ଓଡ଼ିଆଙ୍କ ମାନସିକ ଉଦ୍‌ବେଳନ ପାଇଁ ଓଡ଼ିଶାରେ ମୁଦ୍ରାଯନ୍ତ୍ର ପ୍ରତିଷ୍ଠା ଓ ଓଡ଼ିଆ ଭାଷାରେ ସମ୍ବାଦ ପତ୍ରର ପ୍ରକାଶ ଅତ୍ୟାବଶ୍ୟକୀୟ ହୋଇ ପଡ଼ିଥିଲା । ବିଚିତ୍ରାନନ୍ଦ ଏବଂ ତାଙ୍କ ସହ କାନ୍ଧ ଲଗାଇ ଉତ୍ସାହୀ ଯୁବକ ଗୌରୀଶଙ୍କର ଓ ଜଗମୋହନ ରାୟ ଅଣ୍ଟାଭିଡ଼ି ବାହାରି ପଡ଼ିଥିଲେ ଓଡ଼ିଶାରେ ମୁଦ୍ରାଯନ୍ତ୍ର ସ୍ଥାପନ ପାଇଁ । ଏ ମହାନ୍ ଜାତୀୟ କାର୍ଯ୍ୟରେ ବିଚିତ୍ରାନନ୍ଦଙ୍କ ପ୍ରରୋଚନାରେ ଓଡ଼ିଶା ଗଡ଼ଜାତର ରାଜା ମହାରାଜା ଏବଂ ମୋଗଲବନ୍ଦୀର ଜମିଦାରଗଣ ସାହାଯ୍ୟର ହାତ ବଢ଼ାଇ ଦେଇଥିଲେ । ତିରିଶଜଣ ଅଂଶୀଦାରଙ୍କ ସାତ ହଜାର ପାଞ୍ଚଶହ ଟଙ୍କା ମୂଳଧନରେ କଟକ ସହରର ଦରଘା ବଜାରରେ ୧୮୬୪ ଖ୍ରୀ.ରେ 'କଟକ ପ୍ରିଣ୍ଟିଂ କମ୍ପାନୀ ଲିମିଟେଡ୍' ସ୍ଥାପିତ ହୋଇଥିଲା । ବିଚିତ୍ରା-ନନ୍ଦ ଦାସ, ଗୌରୀଶଙ୍କର ରାୟ, ଜଗମୋହନ ରାୟ, ବନମାଳୀ ସିଂହ ପ୍ରମୁଖ ସାତଜଣ ଡ଼ାଇରେକ୍ଟରଙ୍କୁ ନେଇ ଏହି କମ୍ପାନୀ ରେଜେଷ୍ଟ୍ରୀ ହୋଇଥିଲା । ଗୌରୀଶଙ୍କର ପୁଣି ଥିଲେ ଏହି କମ୍ପାନୀର ଆଜୀବନ ସେକ୍ରେଟାରୀ । ତତ୍‌ପରେ କଟକ ପ୍ରିଣ୍ଟିଂ କମ୍ପାନୀର ପରିଚାଳନାର ଦୁର୍ବହ ଦାୟିତ୍ୱ ନ୍ୟସ୍ତ ହୋଇଥିଲା ଗୌରୀଶଙ୍କରଙ୍କ ଉପରେ । ଯୁବକ ଗୌରୀଶଂକରଂକର ପୂର୍ବରୁ ପ୍ରିଣ୍ଟିଂ ପ୍ରେସ ସମ୍ପର୍କରେ ସାମାନ୍ୟତମ ଧାରଣା ନ ଥିଲା । ପ୍ରାଣର ଆକୁଳ ଆବେଗରେ ପ୍ରିଣ୍ଟିଂ ପ୍ରେସ ସହ ନିଜକୁ ସେ ସଂଜଡ଼ିତ କରି ତୋଳି-ଥିଲେ । ପ୍ରିଣ୍ଟିଂ କମ୍ପାନୀର ସୁଷ୍ଠୁ ପରିଚାଳନା ଗୌରୀଶଂକରଂକ ପ୍ରତି ଥିଲା ଏକ ଦୁରନ୍ତ ଆହ୍ୱାନ । କାରଣ ବ୍ୟବସାୟିକ / ଆର୍ଥିକ ଲାଭର ଆଶାରେ ଏହି ମୁଦ୍ରାଳୟ ସ୍ଥାପିତ ହୋଇ ନ ଥିଲା । ଏହି ମୁଦ୍ରାଯନ୍ତ୍ର ସ୍ଥାପନର ମୂଳ ଅଭିପ୍ରାୟ ଥିଲା, "ଓଡ଼ିଶାର ଦୁର୍ଗତି ନାଶନ ଓ ଉନ୍ନତି ସାଧନ ।" (୪) ଏହି ଛାପାଖାନାରେ ଛପା କାମର ଶୁଭାରମ୍ଭ ହୋଇଥିଲା ୧୮୬୫ ମସିହା ଜୁଲାଇ ମାସ ୧ ତାରିଖରେ । ଓଡ଼ିଆ ଜାତୀୟ ଜୀବନରେ ଏହି ଦିନଟି ବାସ୍ତବରେ ଏକ ଐତିହାସିକ ଦିନ ।

ପ୍ରଥମେ କ୍ଷୁଦ୍ର ପଥର ଛାପା କଳରେ ମୁଦ୍ରଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଭଗୀରଥ ସାଠିଆ ମାସିକ ପାଞ୍ଚ ଟଂକା ଦରମାରେ ଲେଖନକାର (ପରେ ମୁଖ୍ୟ ଲିପିକାର) ରୂପେ ନିଯୁକ୍ତ ହୋଇ ପ୍ରେସର ଏକ ଅଭିନ୍ନ ଅଙ୍ଗରେ ପରିଣତ ହୋଇ-ଥିଲେ । ପ୍ରେସ୍ ପ୍ରତିଷ୍ଠାର ଦେଢ଼ ବର୍ଷ ନ ପୂରୁଣୁ ଗୌରୀଶଂକରଂକ ତତ୍‌ପରତାରେ

ଉପେନ୍ଦ୍ର ଭଞ୍ଜଙ୍କ 'ପ୍ରେମ ସୁଧାନିଧି' କାବ୍ୟକୁ ତାଳପତ୍ର ପୋଥିରୁ ସଂଗ୍ରହ, ସଂପାଦନ ପୂର୍ବକ କଠିନ ଶବ୍ଦାର୍ଥସହ ଷାଠିଆଙ୍କ ପ୍ରଯତ୍ନରେ ମୁଦ୍ରିତ ରୂପ ଦେବା ସମ୍ଭବପର ହୋଇଥିଲା । (୫) ସର୍ବସାଧାରଣଙ୍କ ସୁବିଧା ପାଇଁ ସେ କାଳର କେତେକ ସରକାରୀ ଜଟିଳ ଆଇନର ମଧ୍ୟ ସରଳ ଓଡ଼ିଆ ଅନୁବାଦ ଏଟେଃବଲକୁ ପ୍ରକାଶ କରିଯାଇଥିଲା । ତା ୪-୮-୧୮୬୬ ଠାରୁ କଟକ ପ୍ରିଣ୍ଟିଂ କମ୍ପାନୀରେ ବିଧିବଦ୍ଧ ଭାବେ ସୀସା ଓଡ଼ିଆ ଟାଇପରେ ଛପା କାର୍ଯ୍ୟ ଆରମ୍ଭ କରାଗଲା । କମ୍ପାନୀ କାଳିପଦ ବନ୍ଦୋପାଧ୍ୟାୟଙ୍କ ପ୍ରଯତ୍ନ ଓ ପଣ୍ଡିତ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ଅନୁଗ୍ରହରୁ 'ଉତ୍କଳାକ୍ଷର' ପ୍ରାପ୍ତ ହୋଇଥିଲା । (୪) ୧୮୬୬ ମସିହାରେ ବୋର୍ଡ ଅଫ୍ ଡ଼ାଇରେକ୍ଟରସ୍ ନିଷ୍ପତ୍ତି ନେଲେ ଯେ ଦରଘା ବଜାରରେ କମ୍ପାନୀ ଛାପାଖାନା ପାଇଁ ଜାଗା କିଣାଯାଇ କୋଠା ତିଆରି ହେବ । କାରଣ କମ୍ପାନୀ ପ୍ରଥମେ ଜଗମୋହନ ରାୟଙ୍କ ବୈଠକ ଖାନାରେ ଛପା-କାର୍ଯ୍ୟ ଆରମ୍ଭ କରିଥିଲେ । ୧୮୬୯ ମସିହାରେ ଜାନୁଆରୀ ତା ୧୮ରିଖରେ ଚୌଧୁରୀ ବଜାରରେ କମ୍ପାନୀ ଦ୍ୱାରା ନିର୍ମିତ ପ୍ରଶସ୍ତ ଓ ସୁଦୃଶ୍ୟ ଦ୍ୱିତଳ ପ୍ରାସାଦକୁ ମୁଦ୍ରାଯନ୍ତ୍ର ଉଠି ଆସିଲା । ଦରଘା ବଜାରର ଏହି କୋଠାଘରକୁ ସେତେବେଳେ କଟକ ବାସୀ 'ଅତି ଶୋଭନୀୟ ଅଟ୍ଟାଳିକା' ବୋଲି ପ୍ରଶଂସା କରୁଥିଲେ । ସୀସା ଟାଇପ ଓଡ଼ିଆ ଅକ୍ଷର ଓ ପ୍ରଶସ୍ତ ଗୃହ ପାଇ କଟକ ପ୍ରିଣ୍ଟିଂ କମ୍ପାନୀ ସେହି ବର୍ଷଠାରୁ (୧୯୬୯) ଅତ୍ୟନ୍ତ ସକ୍ରିୟ ହୋଇଉଠିଥିବା ଲକ୍ଷ୍ୟ କରାଯାଏ । 'ଉତ୍କଳ ଦୀପିକା' ଗତାନୁଗତିକ ପ୍ରକାଶ ବ୍ୟତୀତ ସେହିବର୍ଷ ଭ୍ରମ ଭଞ୍ଜନ, ଭାରତ ବର୍ଷର ଇତିହାସ, ଶିଶୁପାଠ ନାମକ ତିନୋଟି ପାଠ୍ୟପୁସ୍ତକ ଓ ପଞ୍ଜିକା (୧୮୬୯-୭୦) ମହାଭାରତ ଆଦିପର୍ବ (କୃଷ୍ଣସିଂହ ରଚିତ), କରିମା ନାମକ ପାର୍ସୀ ଗ୍ରନ୍ଥର ଅନୁବାଦ, ଦୁର୍ଭିକ୍ଷ ଚରିତ୍ର ଓ ବଚିତ୍ର ରାମାୟଣ ନାମକ ପାଞ୍ଚୋଟି ସାଧାରଣ ପୁସ୍ତକ ପ୍ରକାଶ କରିବାକୁ ସକ୍ଷମ ହୋଇଥିଲା । ଏକ ଭୂଲୁଣ୍ଠିତ ଓ ଭାଗ୍ୟ ବିଡ଼ମ୍ବିତ ଜାତିର ଭାଷା, ସାହିତ୍ୟ ଓ ସଂସ୍କୃତିକୁ ପୁନଃ ଜାଗରିତ କରି ତାର ନିଥର ନିଶ୍ଚେଷ୍ଟ ଜୀବନ ଧାରାକୁ ତଡ଼ିତ ପ୍ରବାହ ବେଗରେ ଗତିମୁଖର କରି ତୋଳିବାର ବଜ୍ର କଠୋର ଶପଥ ନେଇ କଟକ ପ୍ରିଣ୍ଟିଂ କମ୍ପାନୀ ସହଜରେ ସକ୍ରିୟ ହୋଇ ଉଠିଥିଲା । ସେ ଦୃଷ୍ଟିରୁ କଟକ ପ୍ରିଣ୍ଟିଂ କମ୍ପାନୀ ଓଡ଼ିଆ ଜାତିର ହୋଇ ଉଠିଥିଲା ଏକ ଐତିହାସିକ ମୁଦ୍ରାଳୟ । ପୁଣି ଗୌରୀଶଙ୍କରଙ୍କ ପରି ନିଃସ୍ୱାର୍ଥପର ଐତିହାସିକ ପୁରୁଷଙ୍କ ନିରନ୍ତର ନିଷ୍ଠାପର ପ୍ରଚେଷ୍ଟା ଏହି ପ୍ରିଣ୍ଟିଂ କମ୍ପାନୀଟିକୁ ଭାରତର ଏକ ଲାଭ-ପ୍ରଦ ଯୌଥ କାରବାର ଭିତ୍ତିକ ମଡେଲ ପ୍ରିଣ୍ଟିଂ କମ୍ପାନୀରେ ପରିଣତ କରି ତୋଳିଥିଲା ।

କଟକ ପ୍ରିଣ୍ଟିଂ କମ୍ପାନୀର ପ୍ରୟୋଜନୀୟ ବିକାଶ ସାଧିତ ହେବାପରେ ଅନଗ୍ରସର ଓଡ଼ିଶାର ବାସ୍ତବ ଚିତ୍ର ସରକାରଙ୍କ ସମ୍ମୁଖରେ ତୋଳିଧରିବା ପାଇଁ ବିଚିତ୍ରାନନ୍ଦ, ଗୌରୀଶଙ୍କର, ଜଗମୋହନ ପ୍ରମୁଖ ସାପ୍ତାହିକ ଓଡ଼ିଆ ପତ୍ରିକାଟିଏ ପ୍ରକାଶ କରିବା ପାଇଁ ମାନସିକ ଭାବେ ପ୍ରସ୍ତୁତ ହେଉଥିଲେ । ହଠାତ୍ ନଅଙ୍କର ଘୋର ଦୁର୍ଭିକ୍ଷ ପରିସ୍ଥିତି ପରି ମାଡି ଆସିବାରୁ ସେହି ଦୁର୍ଦ୍ଦିନର ଘନ ତମିସ୍ରା ମଧ୍ୟରେ ସେହିମାନଙ୍କ ଉଦ୍ୟୋଗରେ 'ନବଯୁଗର ଊଷା ପ୍ରଭା' ପ୍ରାୟ 'ଉତ୍କଳ ଦୀପିକା'ର ତା ୪-୮-୧୮୬୬ରେ

ଆବିର୍ଭାବ ଘଟିଲା । ଛାପାଖାନା ପରିଚାଳନା ସାଙ୍ଗକୁ ପତ୍ରିକା ସମ୍ପାଦନାର ଗୁରୁଦାୟିତ୍ୱ ମଧ୍ୟ ଡାଇରେକ୍ଟରଙ୍କ ସର୍ବସମ୍ମତ କ୍ରମେ ଗୌରୀଶଙ୍କରଙ୍କ ଉପରେ ହିଁ ସମର୍ପିତ ହୋଇଥିଲା । ତା ପରେ ଆରମ୍ଭ ହୋଇଥିଲା ନିରବଚ୍ଛିନ୍ନ ଓ ନିର୍ଭୀକ ଭାବେ ଓଡ଼ିଆ ଜାତିର ଜାଗୃତିର ଯାତ୍ରା ...... ଓଡ଼ିଆ ଜାତିର ନବ ଜାଗରଣର ମହାମନ୍ତ୍ରରେ ଅଭିମନ୍ତ୍ରିତ ହୋଇ ଉଠିଥିଲେ ଯେପରି ଗୌରୀଶଙ୍କର । ଓଡ଼ିଆ ଜାତିର ନବ ଜାଗରଣର ଏହି ମହାଯଜ୍ଞରେ ଗୌରୀଶଙ୍କର, କଟକ ପ୍ରିଣ୍ଟିଂ କମ୍ପାନୀ ଓ ଉତ୍କଳ ଦୀପିକା ଯେପରି ଏକ ଓ ଅଭିନ୍ନ ହୋଇ ଉଠିଥିଲେ । ବସ୍ତୁତଃ ଊନବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧରେ କଟକ ପ୍ରିଣ୍ଟିଂ କମ୍ପାନୀର ଦ୍ୱିତଳ କୋଠାଟି ଓଡ଼ିଆ ଜାତୀୟତାବାଦ, ଓଡ଼ିଶାର ସାଂସ୍କୃତିକ ଓ ରାଜନୈତିକ ତତ୍ପରତାର ଏନ୍ତୁଶାଳ ହୋଇ ଉଠିଥିଲା ଏବଂ 'ଉତ୍କଳ ଦୀପିକା' ଥିଲା ଘନ ତମିସ୍ରାଚ୍ଛନ୍ନ ଓଡ଼ିଶାରେ ନବଜାଗରଣର ଏକମାତ୍ର ନିର୍ଭରଯୋଗ୍ୟ ଦୀପଶିଖା । ଓଡ଼ିଶାର ଏହି ନବଜାଗରଣରେ ଆଦ୍ୟ ପର୍ଯ୍ୟାୟର ଅବିସମ୍ବାଦିତ ଉଦ୍‌ଗାତା ଥିଲେ ଗୌରୀଶଙ୍କର । ୧୮୬୬ ସାଲରୁ ଆରମ୍ଭ ହୋଇ ପ୍ରଥମେ ସାପ୍ତାହିକ ଓ ପରେ ଦୈନିକ ସମ୍ବାଦପତ୍ର ଭାବେ ଦୀର୍ଘ ୬୬ ବର୍ଷକାଳ କ୍ରମାଗତ ପ୍ରକାଶ ପାଇ 'ଉତ୍କଳ ଦୀପିକା' ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ସାମ୍ବାଦିକତା ଓ ଜନ ଜୀବନ ଉପରେ ଗଭୀର ରେଖାପାତ କରିଥିଲା ।

୧୮୬୬ ସାଲର ନଅଙ୍କ ଦୁର୍ଭିକ୍ଷ ଓଡ଼ିଆ ଜାତିର ମେରୁଦଣ୍ଡକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥିଲା । ହା' ଅନ୍ନର ବିକଳ ଚିତ୍କାରରେ ଓଡ଼ିଶାର ଆକାଶ ବତାସ କାରୁଣ୍ୟମୁଖର ହୋଇ ଉଠିଥିଲା । ଏହି ନଅଙ୍କରେ ସରକାରୀ ହିସାବନୁସାରେ ପ୍ରାୟ କୋଡ଼ିଏ ଲକ୍ଷ ଓଡ଼ିଆ ଜୀବନ ହରାଇଥିଲେ । ପ୍ରକୃତ ମୃତ୍ୟୁସଂଖ୍ୟା ଥିଲା କିନ୍ତୁ ଆହୁରି ଅନେକ । ଅନାହାରର ତାଡ଼ନାରେ ଗାଁଗଣ୍ଡା ଘରଦ୍ୱାର ପରିତ୍ୟାଗ କରି ଲକ୍ଷ ଲକ୍ଷ କାଙ୍ଗାଳୀ ସହରର ପଥ ପ୍ରାନ୍ତରରେ ଭିଡ଼ ଜମାଇଥିଲେ । ବୁଭୁକ୍ଷାର ଲୋମହର୍ଷଣ ଚିତ୍ର ସେ କାଳର ଦୀପିକାରେ ପ୍ରକାଶିତ ଗୋଟିଏ କବିତାରୁ ଲକ୍ଷ୍ୟ କରାଯାଇପାରେ—

"ସାଗ ସିଝିନା ହେଲା ଓଜନ,
ଭାତ ଖାଇଁ କେ ଲୋଡ଼େ ତିଅଣ ।
କେତେ କହିବା ତା ପୁନଃ ପୁନଃ ।॥ ୨ ॥

ଦିନକୁ ଦିନ ସେ ହୋଇଲା କଠିନ ଅରକ୍ଷ ହେଲେତ ଲୋକ
ଛାଡ଼ି ଘରଦ୍ୱାର ଯେଝଣ ଖପରା ଧରିଗଲେ ଜାତ ଭେକ, ହେ ଦେଖ ।
ଦୁଃଖ କରିବୁ କେମନ୍ତ ଟେକ,
ନ ରଖିଲା ତାହାର ବିବେକ । ପ୍ରାଣେ ମାରିଲା ଅନେକ ॥ ୩ ॥

ଛଡାଏ କୁପତି ସ୍ୱାମୀ ଭାର୍ଯ୍ୟା ପ୍ରୀତି ଆହୁରି ଅପତ୍ୟ ସ୍ନେହ
ପେଟର ବେଦନା ସହିତ ନୁହଁଏନା ପାପକୁ ଦେଲେ ସେ ଦେହ । ସେ ଘୋର
କଲେ ଡ଼ିକାଇତ ଘରପୋଡ଼ି
ଏକ ଜହଲ ଯିବାକୁ ଲୋଡ଼ି, କାଲ କଟାନ୍ତି ସେଠାରେ ପଡ଼ି ॥ ୪ ॥ (୭)

ଓଡ଼ିଆ ଜାତିର ଏଇ ଚରମ ସଙ୍କଟ କାଳପାଇଁ ଅଦୂରଦର୍ଶୀ ବଙ୍ଗୀୟ ଅମଲାଙ୍କ ଦ୍ୱାରା ସମ୍ପୂର୍ଣ୍ଣ ଭାବେ ପରିଚାଳିତ ଇଂରେଜ ପ୍ରଶାସକଙ୍କ ଅବିବେକିତା, ଅପାରଗତା, ଅସାବଧାନତା ଓ ଅବହେଳା କାରଣରୁ ଘଟି ଯାଇଥିଲା । ଏହା ବାସ୍ତବରେ ଥିଲା ମନୁଷ୍ୟ ସୃଷ୍ଟ ନରମେଧ ଯଜ୍ଞ । ଓଡ଼ିଶାରେ ପ୍ରଚୁର ଚାଉଳ ସଞ୍ଚିତ ହୋଇଥିବାର ଭୁଲତଥ୍ୟ ନବାଗତ ବଙ୍ଗୀୟ ଅମଲାଗଣ ଇଂରେଜ ସରକାରଙ୍କୁ ଦେଇ ଏ ସଙ୍କଟ ରଚନାର ନେପଥ୍ୟ ନାୟକ ହୋଇ ଉଠିଥିଲେ । 'ଓଡ଼ିଶା ବିଳାପ' କବିତାରେ ଦୀପିକା ଦୁର୍ଭିକ୍ଷର ନଗ୍ନ କରୁଣ ଚିତ୍ର ସାଙ୍ଗକୁ ପ୍ରଶାସନର ଅପାରଗତା ପାଇଁ ସରକାରଙ୍କ ଉପରେ ଉଲଙ୍ଗ ଆକ୍ରମଣ କରିଛି—

"କରଇ ରୋଦନ ଓଡ଼ିଶା ବସିଣ ବକ୍ଷୁ ସନ୍ତାନ ହରାଇ
ଦୁର୍ଭିକ୍ଷ ବିପଦ ଘୋର ପରମାଦ ଘୋଟିଲା ମତେ କମ୍ପାଇ ।

× × ×

ଗତ ପାଞ୍ଚ ମାସ ଯାଏଁ ହେଲା ଶେଷ କିଛୁ ନାହିଁ ଖାଇବାକୁ ।
କ୍ରମେ ଅଣ ଆହାରେ, ଗୋଟି ଗୋଟି ଗଲେ ଯମପୁରେ ।
ଏହିପରି କେତେ ଗଲେ ସ୍ୱର୍ଗପଥେ କେତେ ସ୍ଥାନାନ୍ତର ହେଲେ
ଦାରାପୁତ୍ର ଛାଡ଼ି ଏକା ଅନ୍ନ ଲୋଭେ କେଉଁଆଡ଼େ ପଳାଇଲେ ।
ସେମାନଙ୍କର କଷ୍ଟ ଶସ୍ୟ ନ ଥିବା ଚିହ୍ନ ଯଥେଷ୍ଟ
କଣ କି ବିଚାର ବୋଲେ କମିସ୍ନର ଧାନ ମୁହିଁ ଲୁଚାଇଛୁ ।
ଲୋଭରେ ପଡ଼ିଣ ଶସ୍ୟାଦି ରଖିଣ ସନ୍ତାନଗଣେ ମାରୁଛୁ ।
ପୋଡ଼ିତା ବୁଝାମଣା, ତାର ବିବେକତା ଗଲା ଜଣା ।
ଏକେ ପରମାଦ ତହିଁ ଅପବାଦ ଅକାରଣେ ମୋ ଉପରେ
ନାହିଁ କିଛି ଫଳ ହିନସ୍ତା କେବଳ ଦୁଃଖ ଦୁଇଗୁଣ କଲେ
ଏହା କେ ସହିପାରେ, ଦିଏ ଲବଣ କଟା ଘାଆରେ ।

× × ×

ଯଦି କମିସ୍ନର ହୋଇଣ ତତ୍ପର କରିଥାନ୍ତା ଅନ୍ୱେଷଣ
ପ୍ରକୃତ ଅବସ୍ଥା ଜାଣି ପାରିଥାନ୍ତା ନ ହୁଅନ୍ତା ଏ ମରଣ
ବଡ଼ ଆଳସ୍ୟ କଲା, ପର କଥାରେ ଭୁଲି ରହିଲା ।" (୮)

ସମ୍ଭବତଃ ଏ ସବୁ କବିତାର କବି ଥିଲେ ଖୋଦ୍ ଗୌରୀଶଙ୍କର । ଶୁଣାଯାଏ ଏପରି ସିଧା ସଳଖ ବ୍ୟକ୍ତିଗତ ଆକ୍ଷେପ ଯୋଗୁଁ କମିଶନର ରେଭେନ୍ସା ଦୀପିକା ସମ୍ପାଦକ ଗୌରୀଶଙ୍କରଙ୍କ ଉପରେ ରୁଷ୍ଟ ହୋଇ ଉଠିଥିଲେ । ପରେ ଗୌରୀଶଙ୍କରଙ୍କ ସେବାପରାୟଣତା ଓ ମହତ୍ ଆକାଙ୍କ୍ଷାର ପ୍ରମାଣ ପାଇ ତାଙ୍କ ଉପରେ ସର୍ତ୍ତାର୍ଥର ସ୍ନେହ ଅଜାଡ଼ି ଦେଇଥିଲେ ।

୧୮୬୬ ଖ୍ରୀ ରୁ ୧୮୬୯ ଖ୍ରୀ ପର୍ଯ୍ୟନ୍ତ ତିନିବର୍ଷ କାଳ ଉତ୍କଳ ଦୀପିକା ଉତ୍କଳର ପୁରପଲ୍ଲୀର ନଅଙ୍କର କରୁଣ ଚିତ୍ର ନିପୁଣ ଭାବେ ତୋଳିଧରି ସରକାରଙ୍କ କଳଙ୍କ

ସତର୍କ ଓ ସନ୍ଦିଗ୍ଧ କରି ତୋଳିଲା । କାଙ୍ଗାଳଙ୍କ ପାଇଁ ଦାନ ଭିତ୍ତିକ ଓ କର୍ମ ଭିତ୍ତିକ ସରକାରୀ ତଥା ବେସରକାରୀ ଅନ୍ନଛତ୍ର ଖୋଲିବାର ସୂଚନା ଓ ବିବରଣୀ, ସରକାରୀ ଅନ୍ନଛତ୍ରରେ ରିଲିଫ୍ ଯୋଗାଣରେ ଅବ୍ୟବସ୍ଥା ଦୂର କରିବା, କାଙ୍ଗାଳଙ୍କୁ କର୍ମ ଯୋଗାଣ, ଅରକ୍ଷ ବାଳକ ବାଳିକାଙ୍କ ଅଭିଥାନ ଓ ଶିକ୍ଷା ବ୍ୟବସ୍ଥା, ଓଲାଉଠା (ହଇଜା) ରୋଗର ପ୍ରାଦୁର୍ଭାବ ଓ ପ୍ରତିକାର, ଖାଦ୍ୟ ଜଳ ସଙ୍କଟ ମୋଚନ ପାଇଁ କେନାଲ ଖନନ, ଦୁର୍ଭିକ୍ଷ ଅନୁସନ୍ଧାନ କମିଶନରଙ୍କ ଗସ୍ତ ଦୁର୍ଭିକ୍ଷ ନିବାରଣକାରୀ କମିଟି ଗଠନ, ସାହାଯ୍ୟକାରୀଙ୍କ ପ୍ରତି କୃତଜ୍ଞତା ଅର୍ପଣ ଆଦି ବ୍ୟାପକ ପରାମର୍ଶ ଓ ବିବରଣୀ ପ୍ରକାଶ କରି 'ଉତ୍କଳ ଦୀପିକା' ଦୁର୍ଭିକ୍ଷ କାଳରେ ଓଡ଼ିଶାର ଜନତା ଜନାର୍ଦ୍ଦନଙ୍କ ମୁଖପତ୍ର ହୋଇ ଉଠିଥିଲା । ଏଥିଙ୍କ ଯୋଗୁଁ ସରକାର ଦୀପିକାରେ ଗୌରିଶଙ୍କରଙ୍କ ପରାମର୍ଶ ଗ୍ରହଣ କରି ଓଡ଼ିଶାରେ ହେବାକୁ ଥିବା ବନ୍ଦୋବସ୍ତ ରହିତ କରି ପୂର୍ବ ବନ୍ଦୋବସ୍ତର ମିଆଦ ଆହୁରି ତିରିଶ ବର୍ଷ ବଢ଼ାଇ ଦେଇଥିଲେ । ଏ ମଧ୍ୟା ମଡ଼କରୁ ଓଡ଼ିଆଙ୍କୁ ବଞ୍ଚାଇବା ପାଇଁ ମହାମନା ବିଚିତ୍ରାନନ୍ଦ ଖାଲି ରିଲିଫ ବଣ୍ଟନରେ ତତ୍ପର ହୋଇ ସନ୍ତୁଷ୍ଟ ନଥିଲେ । ପରେ ହଜାର ହଜାର ହିନ୍ଦୁ ଧର୍ମଚ୍ୟୁତ କାଙ୍ଗାଳଙ୍କୁ ହିନ୍ଦୁ ସମାଜରେ ପୁନଃ ସଂସ୍ଥାପନ ପାଇଁ ଦୁଃସାହସିକ ଉଦ୍ୟମ କରି ସଫଳତା ଅର୍ଜନ କରିଥିଲେ । (୯) ବାସ୍ତବିକ "ଉତ୍କଳ ଦୀପିକା" ଏଇ ସଙ୍କଟ କାଳରେ ପ୍ରକାଶ ପାଇ ନ ଥିଲେ ଆଉ କେତେ ଲକ୍ଷ ଅଧିକ ଓଡ଼ିଆ ଯେ ଦୁର୍ଭିକ୍ଷ ଦାଉରେ ବଳି ପଡ଼ିଥାନ୍ତେ ତାର ହିସାବ କରି ହୁଅନ୍ତା ନାହିଁ । ଦୁର୍ଭିକ୍ଷ ପରେ ଏକ ସୁପରିକଳ୍ପିତ ମରଣଯନ୍ତ୍ରା ତଥା ନିଶ୍ଚିତ ଅପମୃତ୍ୟୁରୁ ନିଶ୍ଚିହ୍ନ ହେଉ ହେଉ ଓଡ଼ିଆ ଜାତି କୌଣସି ପ୍ରକାରେ ବଞ୍ଚି ଗଲା ବୋଲି ଆଶ୍ୱସ୍ତ ହେଲା । ଏତିକବେଳେ ଓଡ଼ିଆର ଓଡ଼ିଆ ପ୍ରତି ସମ୍ବେଦନାର ସ୍ୱର କେବଳ ତୀବ୍ର ହୋଇନି ସମସ୍ତ ଓଡ଼ିଆ ଭାଷାଭାଷୀ ଅଧିକ ନିକଟତର ତଥା ଐକ୍ୟବଦ୍ଧ ହୋଇ ବିପଦର ମୁକାବିଲା କରିବାର ସଚେତନତା ଅଧିକ ସାନ୍ଦ୍ର ହୋଇ ଉଠିଛି ।

ଇଂରେଜ ପ୍ରଶାସନ ଓଡ଼ିଶା ପ୍ରତି ଅତୀତରୁ କରିଥିବା କ୍ରମାଗତ ତ୍ରୁଟି ବିଚ୍ୟୁତି/ ଅବହେଳାକୁ ସଂଶୋଧନ କରି ତାର ସୁଧମୂଳ ସହ ପରିଶୋଧ କରିବା ପାଇଁ ବହୁ ରଚନାତ୍ମକ ଯୋଜନା ଆଣି ଓଡ଼ିଆଙ୍କ ମନର କ୍ଷୋଭ ପ୍ରଶମନ କରି ପାରିଥିଲେ । ଆତଙ୍କିତ ତଥା କ୍ଷତବିକ୍ଷତ ଓଡ଼ିଆର ଆକ୍ରୋଶର ତୁଣ୍ଡ ଜମାଟ ବାନ୍ଧିଥିଲା ବଙ୍ଗୀୟ ଅମଲାଙ୍କ ଉପରେ, ବଙ୍ଗୀୟ ଜମିଦାରଙ୍କ ଉପରେ ସର୍ବୋପରି ନବାଗତ ବଙ୍ଗୀୟଙ୍କ ଉପରେ । ବଙ୍ଗୀୟମାନେ "ଓଡ଼ିଆ ସୁଦ୍ଧୁ ବୋକା" ବୋଲି ଏକ ଅମୂଳକ ଧାରଣା ପୋଷଣ କରି ଆସୁଥିଲେ । ତେଣୁ କେବଳ ଜୀବନ ରକ୍ଷା ନୁହେଁ, ଓଡ଼ିଆ ଜାତିର ସ୍ୱାଭିମାନ ରକ୍ଷା ପାଇଁ ମଧ୍ୟ ଉତ୍କଳ ଦୀପିକା ପ୍ରକାଶନର ପ୍ରଥମ ବର୍ଷରୁ ହିଁ ପ୍ରଚେଷ୍ଟା ଆରମ୍ଭ କରି ଦେଇଥିଲା । 'ଓଡ଼ିଆମାନେ ସ୍ୱଭାବତଃ ନିର୍ବୋଧ' ଏହି ପ୍ରଚଳିତ ପ୍ରବାଦକୁ ଖଣ୍ଡନ କରି ଦୀପିକା ଅକାଟ୍ୟ ଯୁକ୍ତି ବାଢ଼ିଥିଲା—"ବିଦେଶୀୟ ଲୋକେ କହନ୍ତି ଓଡ଼ିଆ-ମାନଙ୍କର ଜ୍ଞାନ ଏପରି ସ୍ଥୂଳ ଯେ ନାନା ପ୍ରକାର ଚେଷ୍ଟା କଲେ ମଧ୍ୟ ସେମାନେ କୌଣସି ପ୍ରକାରରେ କୌଣସି ବିଷୟରେ ସୁଶିକ୍ଷିତ ହୋଇ ପାରନ୍ତି ନାହିଁ । ମାତ୍ର

ଅନୁଧ୍ୟାନ ପୂର୍ବକ ବିବେଚନା କରି ଦେଖିଲେ ସେମାନଙ୍କର ଏହି ସଂସ୍କାର ଏକାନ୍ତ ଅଦୂରଦର୍ଶିତା ମୂଳକ । ସକଳ ବିଦ୍ୟାରେ ଓଡ଼ିୟାମାନେ ସ୍ୱଭାବରେ ପାରଦର୍ଶୀ ।

କେବଳ କେହି ଉତ୍ସାହଦାତା ନ ଥିବାରୁ ଏବଂ ରାଜଦ୍ରୋହ ତଥା ଅନ୍ୟାନ୍ୟ ବାଧା ଜନ୍ମିବାରୁ ଉତ୍କଳୀୟ ମାନଙ୍କର ସ୍ୱକୀୟ ମହୀୟସୀ ଧୀଶକ୍ତି କ୍ରମଶଃ ହ୍ରାସ ହୋଇ ପଡ଼ିଅଛି । ଏହି ଆମ୍ଭମାନଙ୍କର ପ୍ରତିବାସୀ ବଙ୍ଗାଳିମାନଙ୍କର ଅବସ୍ଥା ଯେ ଏତେ ଉତ୍କୃଷ୍ଟ ହୋଇଅଛି ତାହାର କାରଣ କି ? କେବଳ ଅନ୍ୟର ଯତ୍ନ କି ଏହି ଉନ୍ନତ ଅବସ୍ଥାର ମୂଳୀଭୂତ କାରଣ ନୁହେଁ ? ଦେଖ କି ଗଭର୍ଣ୍ଣମେଣ୍ଟ ଓ ଦେଶହିତୈଷୀ ଉଦାଶୟ ଡେବିଡ ହେୟାର ଓ ଡଫଟନ ପ୍ରଭୃତିର ବଙ୍ଗଳାର ଉନ୍ନତି କାରଣ କି ପର୍ଯ୍ୟନ୍ତ ଅର୍ଥବ୍ୟୟ ଓ ଆୟାସ ସ୍ୱୀକାର କରି ନାହାନ୍ତି ? ଦୁର୍ଭାଗ୍ୟ ଉତ୍କଳ ଦେଶରେ ଯଦି ସେପରି ଚେଷ୍ଟା କରାଯାଇଥାନ୍ତା ତେବେ ଆଜି କି ଉତ୍କଳର ଏପରି ଦୁରବସ୍ଥା ଥାଆନ୍ତା । × × ×

ପୁନଶ୍ଚ ଦେଖ ଏହି ବଙ୍ଗାଳୀ ଭାଷାର ଉନ୍ନତି କାରଣ କି ପର୍ଯ୍ୟନ୍ତ ନା ଯତ୍ନ କରା-ଯାଉଛି । ତଥାପି ଉତ୍କଳୀୟ କବିମାନେ ଯେ ସକଳ କାବ୍ୟଗ୍ରନ୍ଥ ରଚନା କରି ଯାଇଛନ୍ତି ତାହାର ତୁଳନା ଦେବା ପାଇଁ ଆଜି ପର୍ଯ୍ୟନ୍ତ ଖଣ୍ଡେ ମଧ୍ୟ କାବ୍ୟ ବଙ୍ଗଳା ଭାଷାରେ ପ୍ରକାଶ ହୋଇନାହିଁ । ସାହିତ୍ୟ କି କାବ୍ୟ କି ଗଣିତ କି ଭୂଗୋଳ କି ପ୍ରାକୃତିକ ବିଦ୍ୟା ସକଳ ବିଷୟରେ ବଙ୍ଗଳାରେ ଭୂରି ଭୂରି ଗ୍ରନ୍ଥ ପ୍ରକାଶ ହୋଇଅଛି ମାତ୍ର ଏହି ସକଳ ପୁସ୍ତକ ଅନୁବାଦିତ ବା ଅପହୃତ । ସ୍ୱାଧୀନ ପୁସ୍ତକ କେତେ ଖଣ୍ଡ ଅଛି ? ସ୍ୱାଧୀନ ଗ୍ରନ୍ଥ ମଧ୍ୟରୁ ବଙ୍ଗାଳିମାନେ ବିଦ୍ୟାସୁନ୍ଦରକୁ ସୁପ୍ରସିଦ୍ଧ ପୁସ୍ତକ ବୋଲି ମଣନ୍ତି । ଏବଂ ଏହି ଗ୍ରନ୍ଥ ରଚନା କରି ୬ ଭାରତ ଚନ୍ଦ୍ର ରାୟ ବଙ୍ଗଳା ଦେଶରେ ବିଖ୍ୟାତ ହୋଇଅଛନ୍ତି । 'ବିଦ୍ୟା ସୁନ୍ଦର' ରଚନା ଅନେକ ପୂର୍ବରୁ ଦୀନକୃଷ୍ଣ ଦାସ ଯେ ରସକଲ୍ଲୋଳ ନାମକ ପୁସ୍ତକ ରଚନା କରନ୍ତି, ତାହାର ସହିତ ତୁଳନା କରି ଦେଖିଲେ ବିଦ୍ୟାସୁନ୍ଦର ଅତି ଅପକୃଷ୍ଟ ବୋଧହୁଏ । କି ରଚନା ଚାତୁର୍ଯ୍ୟ, କି ସ୍ୱଭାବ ବର୍ଣ୍ଣନା, ବିଶ୍ଳେଷ ଓ ଯମକ ରଚନା ସମସ୍ତ ବିଷୟରେ ଦୀନକୃଷ୍ଣ ଭାରତ ଚନ୍ଦ୍ରଙ୍କଠାରୁ ଅଧିକ ପରାକାଷ୍ଠା ଲାଭ କରିଅଛନ୍ତି ।" (୧୦)

୧୮୬୭ ମସିହାରେ ଗୋପାଳ ଚନ୍ଦ୍ର ହାଲଦାର 'କଟକ ଦୁର୍ଭିକ୍ଷ' ଉପରେ ଏକ ପୁସ୍ତକ ଇଂରାଜୀରେ ରଚନା କରିଥିଲେ । ପୁସ୍ତକଟିରେ ଦୁର୍ଭିକ୍ଷ ପରିପ୍ରେକ୍ଷୀରେ ଇଂରେଜ ହାକିମ ପରୋକ୍ଷରେ ବଙ୍ଗୀୟ ଅମଲାଙ୍କ କ୍ରିୟାକଳାପକୁ ସମର୍ଥନ କରି ଓଡ଼ିଆଙ୍କୁ ଅବମାନନା କରାଯାଇଥିଲା । ଦୀପିକା ଏହାର ତୀବ୍ର ପ୍ରତିବାଦ କରି ଲେଖି-ଥିଲା -"ସମୁଦାୟ ପୁସ୍ତକ ପାଠ କରିବାରେ ଗ୍ରନ୍ଥ କର୍ତ୍ତାଙ୍କର କେତେକ ବିଷୟରେ ଭ୍ରମ ଦେଖାଯାଏ । ପ୍ରଥମତଃ ଓଡ଼ିୟାମାନଙ୍କୁ ସେ ସମ୍ଭବତ ଅବୋଧ ସ୍ୱରୂପେ ବର୍ଣ୍ଣନା କରନ୍ତି । ଏ ପ୍ରବାଦ ଯେ ନିତାନ୍ତ ଅମୂଳକ ଓ ଅଯଥାର୍ଥ ତାହା ଏ ପ୍ରକାରେ ପୂର୍ବେ ବାହୁଲ୍ୟ ରୂପେ ଲେଖାଯାଇଛି । ଗ୍ରନ୍ଥକର୍ତ୍ତାଙ୍କର କାରଣ ଏହି ଯେ ଓଡ଼ିୟା-

ମାନେ ବର୍ତ୍ତମାନ କାଳର ପ୍ରୟୋଜନୀୟ ପଦାର୍ଥମାନ ପାଇଲେ, ଭବିଷ୍ୟତ କାଳ ପ୍ରତି ଦୃଷ୍ଟି ରଖନ୍ତି ନାହିଁ । ସୁତରାଂ ଦୁର୍ଭିକ୍ଷରେ ଏତାଦୃଶ୍ୟ ଦୁରବସ୍ଥାରେ ପତିତ ହେଲେ । × × × ଏ ଦେଶରେ ଶସ୍ୟ ନଥିବାର ବିଷୟ ଗବର୍ଣ୍ଣମେଣ୍ଟରେ ଜଣାଇବାର ଗ୍ରନ୍ଥକର୍ତ୍ତା ସର୍ବସାଧାରଣଙ୍କ ପ୍ରତି ଦୋଷ ଅର୍ପଣ କରନ୍ତି । × × × ଦେଶର ପ୍ରକୃତାବସ୍ଥା ଅନ୍ୱେଷଣ କରିବାର ସ୍ଥାନୀୟ ହାକିମମାନଙ୍କର କର୍ତ୍ତବ୍ୟ । ତାହା ନକରି ଶସ୍ୟ ଥିବାର ଜନରବ କଲେ । ଅତଏବ ଯଥାର୍ଥ ଦୋଷୀ ହାକିମମାନେ ଅଟନ୍ତି ।

ଗ୍ରନ୍ଥକର୍ତ୍ତା ଲେଖନ୍ତି ଯେ ଏଠାରେ ଅଲ୍ପ ବଙ୍ଗାଳି ଜମିଦାର ଅଛନ୍ତି । ସେମାନଙ୍କ ଆୟ ଅତ୍ୟଳ୍ପ ଥିଲେ ମଧ୍ୟ ଆପଣା ଆୟାନୁସାରେ ଦୁର୍ଭିକ୍ଷ ନିବାରଣରେ ସାହାଯ୍ୟ କରି ଅଛନ୍ତି । ଏ ମତ ଭ୍ରମ — ବାବୁ ରାମନାଥ ରାଏ ଚୌଧୁରୀ, ବାବୁ ଲକ୍ଷ୍ମୀନାରାୟଣ ଚଉଧୁରୀ, ବାବୁ ଦେବେନ୍ଦ୍ର ନାଥ ଠାକୁର ଓ ଅସୁରେଶ୍ୱର ଓ ପଞ୍ଚାମୃତ୍ୟେର ଜମିଦାର ମାନଙ୍କର ଅତ୍ୟଳ୍ପ ଆୟର ? ଏମାନଙ୍କ ମଧ୍ୟରେ କେହି କେହି ଲକ୍ଷପତି ଅଟନ୍ତି ଓ ଏମାନେ ଆପଣା ଆପଣା ଶକ୍ତି ଅନୁସାରେ କଦାପି ସାହାଯ୍ୟ କରି ନାହାନ୍ତି ।

ଗ୍ରନ୍ଥକର୍ତ୍ତା ଜଣେ ଓଡ଼ିଆ ଜମିଦାରଙ୍କ ଅତିଶୟ ନିନ୍ଦା କରିଅଛନ୍ତି । ସେ ଯାହାଙ୍କୁ ଉଲ୍ଲେଖ କରି ଲେଖିଅଛନ୍ତି ତାହା ତାଙ୍କ ଲେଖାରୁ ଜଣାଯାଏ ମାତ୍ର ସେ ଏତାଦୃଶ ନିନ୍ଦା ଓ ଅପବାଦର ଉପଯୁକ୍ତ ନୁହନ୍ତି ।" (୧୧)

ଗୌରୀଶଙ୍କର ଲକ୍ଷ ଲକ୍ଷ ଓଡ଼ିଆ ଭାଷାଭାଷୀ ପ୍ରାଣରେ ଉତ୍କଳ ଦୀପିକା ମାଧ୍ୟମରେ ପ୍ରାରମ୍ଭରୁ ହିଁ ଉତ୍କଳୀୟ ଜାତୀୟତାବୋଧର ବୀଜ ବପନ କରିବା ଆରମ୍ଭ କରିଦେଇଥିଲେ ।

ଏହି ନଅଙ୍କ ଦୁର୍ଭିକ୍ଷ ଓଡ଼ିଆ ଜାତିର ଦୀର୍ଘକାଳର ଜଡ଼ତା ଓ ସୁଷୁପ୍ତି ମଳରେ ଆଘାତ ହାଣିଲା । ଓଡ଼ିଆ ମନ ଓ ପ୍ରାଣ ନୂତନ ଯୁଗାଲୋକରେ ଅବଗାହନ କରି ଆଧୁନିକ ହେବାକୁ ଚାହିଁଲା । ବସ୍ତୁତଃ ଜାତୀୟତାବୋଧ ହୋଇ ଉଠିଥିଲା ଆଧୁନିକ ଯୁଗର ଏକ ଆବେଗାତ୍ମକ ବିସ୍ଫୋରଣମୁଖୀ ଭାବ ସ୍ପନ୍ଦନ । (୧୨) ନଅଙ୍କ ଦୁର୍ଭିକ୍ଷ ଓଡ଼ିଶା ପ୍ରତି ନିଷ୍ଠୁର ଅଭିଶାପ ହୋଇଥିଲେ ମଧ୍ୟ, ପରୋକ୍ଷ ରୂପରେ ଏହା ହିଁ ହୋଇ ଉଠିଲା ଉତ୍କଳୀୟ ଜାତୀୟତାବାଦ ତଥା ନବଜାଗରଣର ଦୈର୍ଗନ୍ଧ । ଓଡ଼ିଆ ପ୍ରାଣରେ ଏହା ନୂତନ ସାଂସ୍କୃତିକ ବିପ୍ଳବର ଭିତ୍ତିଭୂମି ରଚନା କରିଥିଲା । ଦୁର୍ଭିକ୍ଷ ଫଳରେ ଯେଉଁ ବ୍ୟାପକ ଓଡ଼ିଆ ଜନକ୍ଷୟ ହେଲା, ତାହା ମୁମୂର୍ଷୁଭୂତ ରେଭେନସାଙ୍କୁ କେବଳ 'ଉତ୍କଳ ବତ୍ସଳ'ରେ ନୁହେଁ, ମ୍ରିୟମାଣ ଇଂରେଜ ପ୍ରଶାସନରେ ମଧ୍ୟ ଓଡ଼ିଶା ପ୍ରତି ଦୃଷ୍ଟିଭଙ୍ଗୀରେ ଆମୂଳ ପରିବର୍ତ୍ତନ ଆଣିଦେଲା । ପୁଣି କେବଳ ଇଂରେଜ ପ୍ରଶାସନିକ ଦୃଷ୍ଟିକୋଣରେ ନୁହେଁ ଓଡ଼ିଶାର ମଧ୍ୟବିତ୍ତ ସମାଜରେ ମଧ୍ୟ ଇଂରାଜୀ ଶିକ୍ଷା ଓ ସଭ୍ୟତା ପ୍ରତି ଆକର୍ଷଣ ଆଗ୍ରହ / ଆଦର ବୃଦ୍ଧି ପାଇଲା । ଐତିହ୍ୟମୟ ଓଡ଼ିଆ ଜାତି ପକ୍ଷରେ 'ଅନ୍ନ ସଙ୍କଟ' ତୁଳନାରେ 'ମାନସିକ ସଙ୍କଟ' ଅଧିକ ଗ୍ଳାନିକର ତଥା ପୀଡ଼ାପ୍ରଦ ହୋଇ

ଉଠିଥିଲା । 'ଉତ୍କଳ ଦୀପିକା' ପୃଷ୍ଠାରେ ଗୌରୀଶଙ୍କରଙ୍କ ଲେଖନୀରେ ସେଇ ପୀଡ଼ିତ ଆତ୍ମାର ବେଦନା ମର୍ମଗତ ହୋଇ ଉଠିଛି—"ବଙ୍ଗଳାରେ ବହୁତ କଲେଜ ଅଛି, କିନ୍ତୁ ଓଡ଼ିଶା କି ଦୋଷ କରିଅଛି ଯେ ଗୋଟିଏ ସୁଦ୍ଧା କଲେଜ ପାଇବ ନାହିଁ । × × ଯାହା ଅବା କପା ଦୁର୍ଭିକ୍ଷର ଭୟ ଥିଲା, ତାହା ନିବାରଣ ପକ୍ଷରେ ସରକାର ନାଲି ଖୋଲି ଆପଣା କର୍ତ୍ତବ୍ୟ ସାଧନ କରି ଅଛନ୍ତି । ଏଥର ମାନସିକ ଦୁର୍ଭିକ୍ଷ କଲେବରର ରୂପେ ପଡ଼ିଲା ।" (୧୩) 'ମାନସିକ ଦୁର୍ଭିକ୍ଷ' ପ୍ରତି ଏଇ ସଚେତନତା ସଦ୍ୟ ସଜାଗ ଜାତି ପକ୍ଷରେ ନିଶ୍ଚିତ ଭାବେ ଏକ ଇଙ୍ଗିତାତ୍ମକ ଶୁଭବାଚକ ଦିଗ ।

୧୮୬୮ ଖ୍ରୀରେ କଟକରେ ହାଇସ୍କୁଲ ପ୍ରତିଷ୍ଠା ସହ ଉଚ୍ଚ ଶିକ୍ଷାର ଅନ୍ୟାନ୍ୟ ଆନୁସାଙ୍ଗିକ ପ୍ରସ୍ତୁତି ଆରମ୍ଭ ହୋଇ ଯାଇଥିଲା । କଲେଜ ପାଠ୍ୟକ୍ରମର ଶୁଭାରମ୍ଭ ଘଟି ୧୮୭୬ ଖ୍ରୀରେ ଏହା ପରିପୂର୍ଣ୍ଣ କଲେଜର ରୂପନିଏ । ୧୮୭୧ ସାଲ ବେଳକୁ ବନମାଳୀ ସିଂହ ଓ ନନ୍ଦ କିଶୋର ଦାସ ଦୁଇଜଣ ଓଡ଼ିଆ ଡେପୁଟି କଲେକ୍ଟର ପଦରେ ନିଯୁକ୍ତି ପାଇଥିଲେ । ୧୮୭୩ ସାଲରେ ଚିକିତ୍ସା ଶାସ୍ତ୍ର ଅଧ୍ୟୟନ ପାଇଁ ଓଡ଼ିଶାର ଗୁରିଜଣ ଯୁବକ କଲିକତା ଯାତ୍ରା କରିଥିଲେ । ମଧୁବାବୁ ୧୮୭୩ ସାଲରେ ଏମ୍.ଏ ଓ ୧୮୭୮ ଖ୍ରୀ.ରେ ବି.ଏଲ ପାଶ୍ କରି ଆଲିପୁର କୋର୍ଟରେ ଓକିଲାତି ଆରମ୍ଭ କରି ଦେଇଥିଲେ । ୧୮୭୮ ଖ୍ରୀରେ ରାମଶଙ୍କର କଟକ କଲେଜରୁ ଏଫ୍.ଏ ପାଶ୍ କରିଥିଲେ ।

ବସ୍ତୁତଃ, ୧୮୭୦/୭୫ ଖ୍ରୀ. ବେଳକୁ ଓଡ଼ିଶାରେ ଦଳେ ଶିକ୍ଷିତ ମଧ୍ୟବିତ୍ତ ସୃଷ୍ଟି ହୋଇ ସାରିଥିଲେ । ଯୁଗଧର୍ମ ପ୍ରତି ଅନ୍ତରଙ୍ଗ ଆକର୍ଷଣ ଥିଲା ଏମାନଙ୍କ ଚରିତ୍ରର ଅନ୍ୟତମ ସ୍ୱାଭାବିକ ଦିଗ । ଊନବିଂଶ ଶତକର ଦ୍ୱିତୀୟାର୍ଦ୍ଧ ହେଉଛି ଓଡ଼ିଶାର ନବ ଜାଗରଣର ଯୁଗ, ଓଡ଼ିଆ ଜାତିର ଜାଗୃତିର ଯୁଗ । ଗୌରୀଶଙ୍କର ହେଉଛନ୍ତି ଏଇ ନବ ଯୁଗର ଯୁଗ ପୁରୁଷ, ଯୁଗ ନାୟକ ।

ସେତେବେଳେ ଓଡ଼ିଶାର ସବଜଜ ଏପରିକି ପ୍ରତ୍ୟେକ ମହକୁମାର ପ୍ରଧାନ କର୍ମ-କର୍ତ୍ତା ଜଣକ ମଧ୍ୟ ବଙ୍ଗାଳୀ । ଓଡ଼ିଶା ଶିକ୍ଷା ବିଭାଗର କର୍ମକର୍ତ୍ତା ଏପରିକି ସ୍କୁଲର ପ୍ରଧାନ ଶିକ୍ଷକ ଓ ଶିକ୍ଷକବର୍ଗ ମଧ୍ୟ ବଙ୍ଗାଳୀ । ପୁଣି ଓଡ଼ିଶାର ସ୍କୁଲ ଗୁଡ଼ିକରେ ଛାତ୍ରଙ୍କ ମଧ୍ୟରେ ନବ୍ୟ ଶିକ୍ଷା ସଚେତନ ବଙ୍ଗୀୟ କର୍ମଚାରୀଙ୍କ ସନ୍ତାନ ମାନଙ୍କର ହିଁ ଭିଡ଼ । କଚେରୀରେ ଓଡ଼ିଆ ଭାଷା ପ୍ରବର୍ତ୍ତନ ଫଳରେ ନବାଗତ ବଙ୍ଗୀୟ ଅମଲାଦଳ ବିଶେଷ ଅସୁବିଧା ର ସମ୍ମୁଖୀନ ହେଉଥିଲେ । ୧୮୭୪ ୭୫ ସାଲ ବେଳକୁ ଓଡ଼ିଶାର ସ୍କୁଲ ଗୁଡ଼ିକରେ ଓଡ଼ିଆ ଓ ବଙ୍ଗଳା ଉଭୟ ଭାଷାରେ ଶିକ୍ଷା ପ୍ରଦାନ କରା ଯାଉଥିଲା । ବଙ୍ଗୀୟ ଶିକ୍ଷକଗଣଙ୍କୁ ଓଡ଼ିଆ ଭାଷାରେ ପଢାଇବା ବେଳେ ଉପହସିତ ହେବାକୁ ପଡ଼ୁଥିଲା । ଓଡ଼ିଆ ଭାଷାରେ ବ୍ୟାକରଣ ଓ ଅନ୍ୟାନ୍ୟ କେତେକ ଏକାନ୍ତ ପ୍ରୟୋଜନୀୟ ପାଠ୍ୟ ପୁସ୍ତକାଭାବର ଆଳ ଦର୍ଶାଯାଇ ଓଡ଼ିଆ ସ୍କୁଲରେ ବଙ୍ଗଳା ଭାଷାରେ ଅଧ୍ୟୟନ କାର୍ଯ୍ୟ ଅଗତ୍ୟା ଆରମ୍ଭ କରାଯାଇଥିଲା । ଏପରି ଏକ ସଂଗୀନ ସୁଯୋଗକୁ ବହୁଦିନରୁ

ଅପେକ୍ଷା କରି ରହିଥିଲେ ଉମାଚରଣ ହାଲଦାରଙ୍କ ପରି ଓଡ଼ିଶା ଶିକ୍ଷା ବିଭାଗର ବହୁ ଓଡ଼ିଆ ବିଦ୍ୱେଷୀ କର୍ମକର୍ତ୍ତା । ସେମାନଙ୍କ ସୁପାରିଶରେ ଓଡ଼ିଶାର ସ୍କୁଲମାନଙ୍କରେ ଶିକ୍ଷା ଉପଯୋଗୀ ଓଡ଼ିଆ ପୁସ୍ତକ ନଥିବା ଦର୍ଶାଇ ଇଂରେଜ ସରକାର ୧୮୬୮ ଖ୍ରୀ.ରେ ଓଡ଼ିଶାର ସମସ୍ତ ସ୍କୁଲରେ ବଙ୍ଗଳା ଭାଷାରେ ଅଧ୍ୟୟନ ବାଧ୍ୟତା ମୂଳକ କରିବା ପାଇଁ ପ୍ରସ୍ତାବ/ନିର୍ଦ୍ଦେଶ ପଠାଇ ଦେଇଥିଲେ ।

ଏହାର ତୀବ୍ର ବିରୋଧ କରି ଗୌରୀଶଙ୍କର ଉତ୍କଳ ଦୀପିକାରେ ଲେଖିଥିଲେ—
"ଏ ପ୍ରସ୍ତାବ ଓଡ଼ିଶାର ଭାବୀ ମଙ୍ଗଳ ଆଶାର ମୂଳୋତ୍ପାଟନ କରିବାର ଉପକ୍ରମ କରିଅଛି ଏବଂ ଶୀଘ୍ର ଏଥିର ଅନ୍ୟଥା ନ ହେଲେ ରକ୍ଷା ନାହିଁ । × × × ବଙ୍ଗ ଦେଶରେ ଯେତେବେଳେ ପ୍ରଥମ ବିଦ୍ୟା ଶିକ୍ଷାର ଆରମ୍ଭ ହେଲା ଓ ଗବର୍ଣ୍ମେଣ୍ଟ ବିଦ୍ୟାଳୟମାନ ସ୍ଥାପନ କଲେ ତେତେବେଳେ କି ପାଠୋପଯୋଗୀ ପୁସ୍ତକମାନ ସେ ଦେଶରେ ଥିଲା ? ସେଠାରେ ତ ଅନ୍ୟ ଭାଷା ଶିକ୍ଷା ଦେବାର କେହି ପ୍ରସ୍ତାବ କଲେ ନାହିଁ । ତେବେ ଏଠାରେ ଏ ରୂପ ଦେବାର କାରଣ କି ?" (୧୪)

ଗୌରୀଶଙ୍କର ଉତ୍କଳ ଦୀପିକାରେ ଓଲଟି ଶିକ୍ଷା ବିଭାଗର ଦାୟିତ୍ୱବାନ କର୍ମକର୍ତ୍ତାଙ୍କୁ ସେମାନଙ୍କ ଦାୟିତ୍ୱହୀନତା ଓ ଅପାରଗତା ପାଇଁ ଆକ୍ଷେପ କରି ଲେଖିଥିଲେ—
"ଏତେଦିନ ଏଠାରେ ବିଦ୍ୟାଳୟ ସ୍ଥାପନ ହେଲା ଓ ଉତ୍କଳ ପୁସ୍ତକର ଅଭାବ ବିଷୟ ପୁନଃପୁନଃ ଡେପୁଟି ଇନସ୍‌ପେକ୍ଟରମାନେ ଇନସ୍‌ପେକ୍ଟର ଓ ଡାଇରେକ୍ଟରଙ୍କୁ ଜଣାଇଲେ କିନ୍ତୁ ଅବଧି ସେମାନେ ଭାଷା ପୁସ୍ତକ ରଚନା ବିଷୟରେ କିଛିମାତ୍ର ଉପାୟ କରି ନାହାନ୍ତି ଏବଂ ଯଦ୍ୟପି ମିଶନାରୀମାନେ ଏ ନଗରକୁ ଆସିନଥାନ୍ତେ ତେବେ ପ୍ରାୟ ଏକଖଣ୍ଡ ପୁସ୍ତକ ଉତ୍କଳ ଭାଷାରେ ଥାନ୍ତାନାହିଁ, କୌଣସି ବିଷୟ ସାଧନ ପକ୍ଷରେ ଉପାୟ ନକରି ପରିତ୍ୟାଗ କରିବା କାପୁରୁଷର କର୍ମ ଅଟଇ । ମାତ୍ର ଦୁଃଖର ବିଷୟ ଯେ, ଜ୍ଞାନବାନ କର୍ମଗୃସ୍ଥମାନେ ପାଠଘ୍ରେର ପିଲାର ଆଚରଣ ଧରି ଅଛନ୍ତି ଅର୍ଥାତ୍ ସେମାନେ ଯେଉଁରୂପେ ଖଡ଼ି ନଥିବା ବାହାନାରେ ଚଟଶାଳୀକୁ ଯିବା ପାଇଁ ଅସ୍ୱୀକାର କରନ୍ତି, ଏ କର୍ମଗୃସ୍ଥମାନେ ମଧ୍ୟ ସେହିରୂପ ଉପଯୁକ୍ତ ପୁସ୍ତକ ନଥିବା ବାହାନା କରୁ-ଅଛନ୍ତି ।"

ଓଡ଼ିଆ ଭାଷା ବିରୋଧରେ ବିଧିବଦ୍ଧ ଚକ୍ରାନ୍ତର ବିବରଣୀ ଉତ୍କଳ ଦୀପିକା ପୃଷ୍ଠାରେ ପ୍ରକାଶ ପାଇବା ମାତ୍ରେ ଓଡ଼ିଶାରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଥିଲା । ଓଡ଼ିଆ ଭାଷାଭାଷୀମାନେ ସେତେବେଳେ ଏ ଘଟଣାରେ କିପରି ଅତର୍କିତ, ବିବ୍ରତ, ବିକ୍ଷୁବ୍ଧ ଓ ଉତ୍‌କ୍ଷିପ୍ତ ହୋଇ ଉଠିଥିଲେ ଜନୈକ ବାଲେଶ୍ୱରବାସୀଙ୍କ ଏକ ପତ୍ରରୁ ଓଡ଼ିଆ ଜାତିର ମାନସିକ ଉଦ୍‌ବେଳନର ଚିତ୍ର ସ୍ପଷ୍ଟ ହୋଇଉଠେ··· ·····"ଏହି ପ୍ରସ୍ତାବ ପାଠ କରି ଆମ୍ଭେମାନେ ଯତ୍‌ପରୋନାସ୍ତି ଦୁଃଖିତ ହେଲୁ । ଏମନ୍ତ କି ଆମ୍ଭର ମାତୃଭାଷା ପ୍ରତି ଏ ରୂପ ଦୌରାତ୍ମ୍ୟ ଦେଖି ଘୃଣା ଓ କ୍ରୋଧର ସହିତ ରକ୍ତ ଉଷ୍ଣ ହୋଇ ଉଠିଲା; ନହେବ ବା କିପାଇଁ ? ମାତାର ବନ୍ଧନାବସ୍ଥା ଦେଖି ପ୍ରତିକାରର କ୍ଷମତା ନଥିଲେ ସୁଦ୍ଧା

ପୁନଶ୍ଚ ନୀରବ ହୋଇପାରେ ? ଅସ୍ମମାନଙ୍କ ଗୁଣଜ୍ଞ ଡାଇରେକ୍ଟର ଓ ଇନସ୍‌ପେକ୍ଟର ମହାତ୍ମାମାନେ କହନ୍ତିଯେ, ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେ । × × × ଯେ ଭାଷା କାବ୍ୟ କାନନର ବନଦେବୀ ସ୍ୱରୂପ ସଂସ୍କୃତ ଭାଷାର କନ୍ୟା, ସେ କି ଭାଷା ନୁହେ ? ଯେ ଭାଷାର କୁସୁମ ସୁକୁମାର ବପୁ ଦୀନକୃଷ୍ଣ, ଉପେନ୍ଦ୍ର ଭଞ୍ଜ ପ୍ରଭୃତି କବିମାନେ ବିବିଧ ଅଲଙ୍କାରରେ ଭୂଷିତ କରିଅଛନ୍ତି, ଯାହାର କମନୀୟ ରୂପ ମାଧୁରୀ ଦେଖି କାବ୍ୟରସାମୋଦୀ ବ୍ୟକ୍ତିମାନଙ୍କର ଚିତ୍ତକ୍ଷେତ୍ର ଆନନ୍ଦ ରସରେ ପ୍ଲାବିତ ହୋଇଯାଏ, ସେ କି ଏକ ସ୍ୱତନ୍ତ୍ର ଭାଷା ନୁହେ ?" (୧୫) ❋

ଓଡ଼ିଆ ଭାଷାର ଅସ୍ତିତ୍ୱର ପ୍ରଶ୍ନସହ ଓଡ଼ିଆ ଜାତିର ଜୀବନ ମରଣର ପ୍ରଶ୍ନ ଜଡ଼ିତ ରହିଥିଲା । ଜାତିର ଏ ଗୁରୁତର ସଙ୍କଟମୟ ମୁହୂର୍ତ୍ତରେ ଗୌରୀଶଙ୍କର ଉତ୍କଳ ଦୀପିକା-ରେ ଆପୋଷହୀନ ମସୀ ସଂଗ୍ରାମ ଅବ୍ୟାହତ ରଖିଥିଲେ । ତାଙ୍କ ଯୁକ୍ତିନିଷ୍ଠ, ବୁଦ୍ଧିଦୀପ୍ତ ଓ ତଥ୍ୟନିର୍ଭର ଆଲୋଚନା ଓଡ଼ିଶା ସରକାର ଓ ଜନତାଙ୍କ ଉପରେ ଗଭୀର ରେଖାପାତ କରୁଥିଲା ।

ଓଡ଼ିଆ ଭାଷାର ଉନ୍ନତି ନିମନ୍ତେ ଗୌରୀଶଙ୍କର ସେତେବେଳେ ଦୁଇଟି ମୁଖ୍ୟ ବିଷୟ ଉପରେ ଗୁରୁତ୍ୱ ଆରୋପ କରିଥିଲେ—

୧- ସରକାରୀ ଅଥବା ଜନତା ଦ୍ୱାରା ପରିଚାଳିତ ବେସରକାରୀ ସମସ୍ତ ବିଦ୍ୟାଳୟରୁ ବଙ୍ଗଭାଷା ଏକାବେଳକେ ଉଠାଇଦେବା ।

୨- ଓଡ଼ିଆ ଭାଷାରେ ପୁସ୍ତକାଦି ରଚନା କରିବାକୁ ଇଚ୍ଛୁକ ଥିବା ବ୍ୟକ୍ତିଙ୍କୁ ସରକାରୀ ଅର୍ଥ ପ୍ରୋତ୍ସାହନ ।

ଏ ପ୍ରସଙ୍ଗ ଉପରେ ବିତର୍କ ଆରମ୍ଭ କରି ସରକାରଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ ଗୌରୀଶଙ୍କର 'ଉତ୍କଳ ଦୀପିକା'ରେ ଲେଖିଥିଲେ—"ବଙ୍ଗଭାଷା ଉଠିଗଲେ ଶିକ୍ଷା ବିଭାଗର କର୍ମଚାରୀମାନେ ଉତ୍କଳ ଭାଷାର ଉନ୍ନତି ଚେଷ୍ଟା କରିବାକୁ ବାଧ୍ୟହେବେ । ବର୍ତ୍ତମାନ ଏ କର୍ମଚାରୀମାନେ ବଙ୍ଗଦେଶରୁ ଆସୁଥିବାରୁ ଏ ଦେଶୀୟ ଭାଷା ଜାଣନ୍ତିନାହିଁ ଏବଂ ବିଦ୍ୟାଳୟରେ ବଙ୍ଗଳା ପଠନ ହେଉଥିବାରୁ ଉତ୍କଳ ପକ୍ଷରେ ଅସ୍ଥା ଦିଅନ୍ତି ନାହିଁ । କେବଳ ଉତ୍କଳ ଭାଷା ପଠନ ହେଲେ ସେମାନେ ଅବଶ୍ୟ ଉତ୍କଳ ବିଦ୍ୟା-ଶିକ୍ଷା କରିବେ ନତୁବା କର୍ମ ତ୍ୟାଗ କରିବେ । ସୁତରାଂ ଓଡ଼ିଆ ଭାଷାର ଆଦର ବଢ଼ିବ । କେହି କେହି କହନ୍ତି ଯେ, ଉତ୍କଳ ଭାଷାରେ ଯଥେଷ୍ଟ ପୁସ୍ତକ ନାହିଁ ଅତଏବ ଏ ସମୟରେ ବଙ୍ଗଳା ଭାଷା ଉଠାଇଦେଲେ ବିଦ୍ୟାଳୟ ସବୁ ବନ୍ଦ କରିବାକୁ ପଡ଼ିବ । ମାତ୍ର ବିବେଚନା କରି ଦେଖିଲେ ଏ ପ୍ରଦେଶର ଭାଷା ବିଦ୍ୟାଳୟ ନିମିତ୍ତ ଯଥେଷ୍ଟ ପୁସ୍ତକ ଅଛି × × × × ଏବଂ କ୍ରମଶଃ ଉତ୍କଳ ପୁସ୍ତକରେ ଏ ପ୍ରକାର ବୃଦ୍ଧି ହେଉଅଛିଯେ ଅଳ୍ପକାଳରେ ପ୍ରାୟ ଶିକ୍ଷାର ଉପଯୋଗୀ ସମସ୍ତ ପୁସ୍ତକ ପ୍ରାପ୍ତ

❋ 'ବାଲେଶ୍ୱରବାସୀ' ଛଦ୍ମନାମରେ ଏ ପତ୍ରଟିର ଲେଖକ ସ୍ୱୟଂ ଗୌରୀଶଙ୍କର ହୋଇଥିବାର ସମ୍ଭାବନାକୁ ମଧ୍ୟ ଉପେକ୍ଷା କରିଯାଇ ନପାରେ ।

ହେବ । ଯେଉଁମାନେ ଓଡ଼ିଶାର ଏ ଅବସ୍ଥା ଜାଣିପାରୁ ନାହାନ୍ତି ଓ ନୟନ ମୁଦ୍ରିତ କରି କହନ୍ତି ଯେ ଉତ୍କଳ ଲୋକମାନେ ଆପଣା ଭାଷାର ଉନ୍ନତି ନିମିତ୍ତ କିଛି କରୁନାହାନ୍ତି ସେମାନଙ୍କୁ ଆମ୍ଭେମାନେ ଏତିକି କହୁଅଛୁଁ ଯେ ଥରେ କଟକ ପ୍ରିଣ୍ଟିଂ କମ୍ପାନୀର କାର୍ଯ୍ୟ ଏବଂ ବାଲେଶ୍ୱର ଛାପାଖାନା ସ୍ଥାପନର ଉଦ୍‌ଯୋଗକୁ ଆଲୋଚନା କରନ୍ତୁ । ତାହା ହେଲେ ସେମାନଙ୍କ ଭ୍ରମ ଦୂର ହେବ । (୧୬)

ଏହାର ଅଳ୍ପଦିନ ପରେ କଟକ ହାଇସ୍କୁଲର ବାର୍ଷିକୋତ୍ସବରେ କମିଶନର ରେଭେନ୍‌ସା ଉତ୍କଳ ଦୀପିକାରେ ଗୌରୀଶଙ୍କରଙ୍କ ମନ୍ତବ୍ୟକୁ ହିଁ ପୁନରୁଚ୍ଚାରିତ କରି ଘୋଷଣା କରିଥିଲେ—"ବଙ୍ଗଭାଷାର କୌଣସି ପ୍ରୟୋଜନ (ଏଠାରେ) ନାହିଁ । ଏହାକୁ ଏକାବେଳକେ ଉଠାଇଦେବାର କର୍ତ୍ତବ୍ୟ । ସମସ୍ତ ଲୋକଙ୍କୁ ସ୍ୱଦେଶୀୟ ଭାଷା ଶିଖିବାର ଉଚିତ ଏବଂ ଯାହାର କୌଣସି ବିଦେଶୀୟ ବିଦ୍ୟା ଅଭ୍ୟାସ କରିବାର ଆବଶ୍ୟକ ହେବ ସେ ଇଂରାଜୀ ସ୍କୁଲକୁ ଆସିବ । ବଙ୍ଗଳାଭାଷା ଶିଖି ଏ ଦେଶୀୟ ଲୋକଙ୍କର କିଛି ଉପକାର ନାହିଁ । ଏତେଦିନ ବଙ୍ଗଳା ଭାଷା ଉଠାଇ ନଦେବାର ଏହି କାରଣ ବ୍ୟକ୍ତ ହୋଇଅଛି ଯେ ଉତ୍କଳ ଭାଷାରେ ଶିକ୍ଷୋପଯୋଗୀ ଅନେକ ଉତ୍ତମ ପୁସ୍ତକ ନାହିଁ କିନ୍ତୁ ବର୍ତ୍ତମାନ ଯେତେ ପୁସ୍ତକ ଉତ୍କଳ ଭାଷାରେ ପ୍ରାପ୍ତ ହୁଅଇ ଏବଂ କଟକ ପ୍ରିଣ୍ଟିଂ କମ୍ପାନୀ ଯେତେ ପୁସ୍ତକ ମୁଦ୍ରିତ କରି ଅଛନ୍ତି କିମ୍ବା ମୁଦ୍ରିତ କରିବେ ବୋଲି ପ୍ରସ୍ତୁତ କରୁ ଅଛନ୍ତି ଏଥିରୁ ବୋଧ ହୁଅଇ ଯେ ଏ ଅଭାବ ଅଧିକ କାଳ ରହିବ ନାହିଁ । × × × ଏ ଅବସ୍ଥାରେ ବଙ୍ଗଭାଷା ରଖିବାର କୌଣସି କାରଣ ନାହିଁ ।"

କମିଶନରଙ୍କ ଘୋଷଣା ପରେ ଭାଷା ବିବାଦର ଝଡ ସ୍ତିମିତ ହୋଇ ଆସିଥିଲା ବେଳେ କଟକ ଡ଼ିବେଟିଂ କ୍ଲବରେ ପ୍ରତ୍ନତାତ୍ତ୍ୱିକ ରାଜେନ୍ଦ୍ର ଲାଲଙ୍କ ବକ୍ତବ୍ୟ ଏ ବିବାଦକୁ ଉଗ୍ର କରି ତୋଳିଲା—"ଉତ୍କଳର ଯଥାର୍ଥ ହିତାକାଂକ୍ଷୀ ଯେ ହେବେ ସେ ସର୍ବାଗ୍ରେ ଉତ୍କଳ ଭାଷା ଉଠାଇ ଦେଇ ବଙ୍ଗଭାଷା ପ୍ରଚଳନ କରିବାର ଚେଷ୍ଟା କରିବେ × × × ଦୁର୍ଭିକ୍ଷ କମିଶନରଙ୍କ ଗଣନାନୁସାରେ ଉତ୍କଳର ଲୋକ ସଂଖ୍ୟା ବର୍ତ୍ତମାନ କୋଡ଼ିଏ ଲକ୍ଷ ଅଟଇ ଓ ଏଥିରୁ ସ୍ତ୍ରୀ ବାଳକ ଇତ୍ୟାଦି ମିହ୍ନାଦେଲେ (ବାଦ) କେବଳ ଦଶବାର ଲକ୍ଷ ଲୋକ ଲେଖାପଢ଼ା ଜାଣିବାର ସମ୍ଭବ । କିନ୍ତୁ ଏତିକି ଲୋକ କି ସ୍ୱତନ୍ତ୍ର ଭାଷା ରଖିପାରନ୍ତି ? ଅଳ୍ପ ଗ୍ରାହକ ଥିବାରୁ ଏଠାରେ କେହି ନୂତନ ପୁସ୍ତକାଦି କରି କୃତ-କାର୍ଯ୍ୟ ହେବାର ଅସମ୍ଭବ । ବଙ୍ଗଦେଶ ବହୁ ବିସ୍ତୃତ ଓ ସେଠାର ଲୋକସଂଖ୍ୟା ଅଧିକ ବୋଲି ସେଠାରେ ଭାଷାର ଏତାଦୃଶ ଉନ୍ନତି ହୋଇଅଛି । × × × ବଙ୍ଗ ଦେଶରେ ଗତ ତିନମାସରେ ପ୍ରାୟ ୩୦୦ ଖଣ୍ଡ ବଙ୍ଗ ପୁସ୍ତକ ମୁଦ୍ରିତ ହେଲା କିନ୍ତୁ ଉତ୍କଳରେ ୩/୪ ଖଣ୍ଡରୁ ଅଧିକ ନହେଲା, ଏଥିରୁ ସ୍ପଷ୍ଟ ପ୍ରମାଣ ଯେ ଉତ୍କଳ ଭାଷା କଦାଚ ଉନ୍ନତ ହୋଇ ନପାରେ ।" (୧୭)

ଏହାର ଦୃଢ଼ ପ୍ରତିବାଦ ଜଣାଇ କଠୋର ଭାଷାରେ ଗୌରୀଶଙ୍କର ଜବାବ ଦେଇଥିଲେ—"ପ୍ରକୃତରେ ଦେଖାଯାଏ ଯେ ଉତ୍କଳ ଭାଷା ପ୍ରଚଳିତ ଥିବା ଭୂମିଖଣ୍ଡର

ଆସୁଅଛନ୍ତି ବଙ୍ଗ ପ୍ରଚଳିତ ଦେଶରୁ ଜଣା ଯାଉଛି । ଅତଏବ ଉତ୍କଳ ଭାଷା ଉନ୍ନତ ହେବାର ସମ୍ପୂର୍ଣ୍ଣ ସମ୍ଭାବନା ଅଛି । ଆଉ ପୁସ୍ତକ ମୁଦ୍ରାଙ୍କନର ବିଷୟ ଯାହା (ଶ୍ରୀମିଶ୍ର) ଉଲ୍ଲେଖ କଲେ ତାହା ଆହୁରି ଭ୍ରମାତ୍ମକ ଅଟଇ । ଆମ୍ଭେମାନେ ପୁନଃ ପୁନଃ କହୁଅଛୁଁ ଯେ ବଙ୍ଗଦେଶ ପ୍ରତି ଗବର୍ଣ୍ଣମେଣ୍ଟଙ୍କର ଯେତେ ଧନ ହେଲା ସୁଦୃଷ୍ଟି ପଡ଼ିଅଛି ଉତ୍କଳ ପ୍ରତି ତାହା ହୋଇନାହିଁ । ସୁତରାଂ ଉତ୍କଳ ପଛକୁ ପଡ଼ି ରହିଅଛି । ଯେବେ ପ୍ରଥମରୁ ଦୁଇ ଦେଶ ପ୍ରତି ସମାନ ଦୃଷ୍ଟି ଥାନ୍ତା ଓ ସେଥିରେ ଉତ୍କଳ ଅବସ୍ଥା ବଙ୍ଗପ୍ରତି ନ୍ୟୂନ ହୁଅନ୍ତା ତେବେ ରାଜେନ୍ଦ୍ର ବାବୁଙ୍କ କଥା ଶୋଭାପାନ୍ତା । × × ବର୍ତ୍ତମାନ ଉତ୍କଳ ଭାଷା 'ତିନ ଠେଣ୍ଟିଆ କାକୁଡ଼ି ବାଡ଼ି' ପ୍ରାୟ ଦୁର୍ଗ୍ରହରୁ କ୍ଷତଗ୍ରସ୍ତ ହେଉଅଛି । ଏହାର ରକ୍ଷକ ତିନି ଗବର୍ଣ୍ଣମେଣ୍ଟ ହୋଇ ଅଛନ୍ତି । ଏକ ଭାଗ ବଙ୍ଗଳା ଗବର୍ଣ୍ଣମେଣ୍ଟ ହସ୍ତେ ଏକ ଭାଗ ମଧ୍ୟ ପ୍ରଦେଶର ଗବର୍ଣ୍ଣମେଣ୍ଟ ହସ୍ତେ ଓ ଅନ୍ୟ ଏକ ଭାଗ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ହସ୍ତେ ପଡ଼ିବାରୁ ଏହାର ସର୍ବାଙ୍ଗ ସମାନ ରୂପେ ଗଠନ ହେଉ ନାହିଁ । ଏକ ଏକ ସ୍ଥାନରେ ଏକ ଏକ ପ୍ରଥା ପ୍ରଚଳିତ ଏବଂ ଏକ ଏକ ପ୍ରକାର ପୁସ୍ତକ ପଠିତ ହୁଅଇ । କେଉଁ ନିୟମ ଭଲ ଅବା ମନ୍ଦ ଜାଣିବାର ଉପାୟ ନାହିଁ । ସୁତରାଂ ଉତ୍କଳ ଭାଷା ଦୁଇ ଘର ଭୁଣିଆ ହୋଇ ଉପବାସ ଶୋଉଅଛି ।" (୧୮)

ବିଚ୍ଛିନ୍ନ ଉତ୍କଳର ଏକତ୍ରୀକରଣର ଚେତନା ଓ ଚିନ୍ତା ପ୍ରଥମେ ଗୌରୀଶଙ୍କରଙ୍କ ଲେଖମାନରେ ହିଁ ମୂର୍ତ୍ତି ହୋଇ ଉଠିଥିବା ଏଠାରେ ଲକ୍ଷ୍ୟ କରିବାର କଥା । ଓଡ଼ିଆ ଭାଷା ଭାଷୀ ଭାଇମାନଙ୍କ ଐକ୍ୟବୋଧ ( feeling of oneness ) ଭାବଭୂମି ସ୍ତରରୁ ଧୀରେ ଧୀରେ ବାସ୍ତବ ଭୂମିକୁ ❋ ସଞ୍ଚରିତ ହୋଇ ଉଠିଥିଲା । ଉତ୍କଳୀୟ ଚେତନା (Patriotism) ଗୌରୀଶଙ୍କରଙ୍କ ନେତୃତ୍ୱରେ କ୍ରମଶଃ ଅଧିକ ସଂହତ, ସଙ୍ଗଠିତ ଓ ସ୍ପଷ୍ଟ ହୋଇ ବ୍ୟାପକ ଭାବେ ଉତ୍କଳୀୟ ଜାତୀୟତା ବୋଧ (Nationalism) ରୂପ ନେବା ପାଇଁ ଦାନା ବାନ୍ଧିଥିଲା । ଉତ୍କଳ ଦୀପିକାର ପୃଷ୍ଠାରେ ଏହାର ସୁଯୋଗ୍ୟ ସମ୍ପାଦକ ଏହି ଭାବଚେତନାକୁ କପରି ଏକ "Mass movement and a major Political Force" ରୂପେ ଲାଳନ ପାଳନ କରି ଆପଣା ଧୁରନ୍ଧର ପଟ୍ଟଶିଷ୍ୟ ମଧୁବାବୁଙ୍କ ହସ୍ତରେ ନିଶ୍ଚିନ୍ତରେ ସମର୍ପଣ କରିଦେଇ ଯାଇଛନ୍ତି ତାହା ଲକ୍ଷ୍ୟ କରିବାର କଥା ।

ବସ୍ତୁତଃ ଏହି ୧୮୬୯ ସାଲରୁ ହିଁ ସରକାରୀ ସ୍ତରରେ ସମ୍ବଲପୁରକୁ ଓଡ଼ିଶା (ବଙ୍ଗ ପ୍ରଦେଶ) ଭୁକ୍ତ କରିବା ପାଇଁ ବିସ୍ତୁତ ବିମର୍ଷ ଆରମ୍ଭ ହୋଇ ଯାଇଥିଲା । (୧୯) ଏ ପ୍ରସଙ୍ଗରେ ଉତ୍କଳ ଦୀପିକା ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ପୁଣି ଲେଖିଥିଲା— "ଯଦ୍ୟପି କୌଣସି କାରଣରୁ ସମ୍ବଲପୁର ଏତେକାଳ ମଧ୍ୟପ୍ରଦେଶର ଅନ୍ତର୍ଗତ ହୋଇ ଅଛି ତଥାପି ସମ୍ବଲପୁରକୁ ବାସ୍ତବରେ ଓଡ଼ିଶାର ଅଂଶ ବୋଲି ଜ୍ଞାନ କରିବାକୁ ହେବ । × × ଯେବେ ଦୁଇ ରାଜ୍ୟ ଏକ ଶାସନ କର୍ତ୍ତା ଅଧୀନରେ ଆସିବ ସର୍ବତୋଭାବେ ମଙ୍ଗଳ ହେବ । × × ଅତଏବ ସମ୍ବଲପୁରକୁ ଓଡ଼ିଶା ସହିତ ଯୋଗ କରିବା ବିଷୟରେ ଆଜ୍ଞା ପ୍ରଚାରିତ ହେଉ ।" (୨୦)

---

❋ ଏକ ଚିହ୍ନିତ ଭୂଖଣ୍ଡ ପ୍ରତି ଭାବାବେଗ ।

ଗଞ୍ଜାମବାସୀମାନେ ଓଡ଼ିଶାରେ ମିଶିବାକୁ ପ୍ରବଳ ଆଗ୍ରହ ପ୍ରକାଶ କରିଥିଲେ । ଏ ସମ୍ପର୍କିତ ଜନୈକ ଗଞ୍ଜାମବାସୀଙ୍କ ପତ୍ରର ପ୍ରତ୍ୟୁତ୍ତରରେ 'ଉତ୍କଳ ପୁତ୍ର'ର ସମ୍ପାଦକ ଲେଖିଥିଲେ—"ଆମ୍ଭମାନଙ୍କ ଗବର୍ଣ୍ଣମେଣ୍ଟ ଏ ଉଭୟଭାଗ ଏକତ୍ର କରିବାକୁ କାହିଁକି ମନୋଯୋଗ କରୁ ନାହାନ୍ତି ? ଏ ରୂପ କଲେ ପ୍ରଜାବର୍ଗଙ୍କର ଯଥେଷ୍ଟ ଭକ୍ତି ଭାଜନ ହେବେ ସନ୍ଦେହ ନାହିଁ । ଦେଶ ହିତୈଷୀମାନେ ଗବର୍ଣ୍ଣମେଣ୍ଟଙ୍କ ସ୍ୱତଃପ୍ରବୃତ୍ତ ପ୍ରସ୍ତାବକୁ ଭରସା କରିଅଛନ୍ତି, କିନ୍ତୁ ଆବେଦନ କାହିଁକି କରୁ ନାହାନ୍ତି ? X X ସୁଯୋଗ୍ୟ ଦୀପିକା ସମ୍ପାଦକ ଏ ବିଷୟ ଅରକକୁ ଅଧିକ ଉତ୍ଥାପନ କରିଥିଲେ ଓ ତାଙ୍କୁ ମଧ୍ୟ ଏଠାରେ ବିଶେଷ ପ୍ରାର୍ଥନା ଯେ ସେ ଏଥିରେ ବିଶେଷ ଉଦ୍‌ଯୋଗୀ ହେଉନ୍ତୁ ।" (୨୧)

ଭାଷାକୁ ନେଇ ବିବାଦ ପୁଣି ସରଗରମ ହୋଇଉଠିଲା । କଟକ ଡ଼ିବେଟିଂ କ୍ଲବରେ ଓଡ଼ିଆ ଭାଷାକୁ ବଙ୍ଗାକ୍ଷରରେ ଲେଖିବା ନେଇ ଏକ ସଭାରେ ପ୍ରସ୍ତାବ ଗୃହୀତ ହୋଇଯାଇଥିଲା । ଉତ୍କଳ ଦୀପିକା ସାଙ୍ଗକୁ 'ଉତ୍କଳୋଲ୍ଲାସିନୀ' ସଭା ଏହାର ପ୍ରତିବାଦ କରିଥିଲା । କଟକ ଡ଼ିବେଟିଂ କ୍ଲବରେ ଏ ପ୍ରସ୍ତାବ ଗୃହୀତ କରାଇବାର ମୂଳରେ ମୁଖ୍ୟ କାରପଟଦାର ଥିଲେ ରାଜକୃଷ୍ଣ ବାବୁ । ତାଙ୍କ ଅପକର୍ମକୁ ଉପହାସ କରି ଗୌରୀଶଙ୍କର 'ଉତ୍କଳ ଦୀପିକା' ପୃଷ୍ଠାରେ 'ଶ୍ରୀରଙ୍ଗ ପଞ୍ଚାନନ' ଛଦ୍ମନାମରେ ଶାବ୍ଦିକ ଗୋଲକ ଧନ୍ଦା ମାଧ୍ୟମରେ ଏମ୍ ଏ. ଡ଼ିଗ୍ରୀଧାରୀ ରାଜକୃଷ୍ଣ ବାବୁଙ୍କୁ 'ମେଷ'ରେ ବ୍ୟଙ୍ଗ-ରୂପାୟିତ କରିଥିଲେ । ଏଥିରେ ଉତ୍‌କ୍ଷିପ୍ତ ହୋଇ ରାଜକୃଷ୍ଣ ବାବୁ 'ଉତ୍କଳ ଦୀପିକା' ସମ୍ପାଦକ ଗୌରୀଶଙ୍କରଙ୍କ ନାମରେ ମାନହାନି ମକଦ୍ଦମା ଦାଏର କରିଥିଲେ । ଓଡ଼ିଆ ଓ ବଙ୍ଗାଳୀଙ୍କ ମନୋମାଳିନ୍ୟରୁ ଏହି ବିବାଦ ଜାତ ହୋଇଥିବା ହୃଦୟଙ୍ଗମ କରି ମାଜିଷ୍ଟ୍ରେଟ ଗୌରୀଶଙ୍କରଙ୍କୁ ନିର୍ଦ୍ଦୋଷରେ ଖଲାସ କରି ଦେଇଥିଲେ । (୨୨) ୧୮୬୯ ସାଲରେ ବଙ୍ଗଳା ସରକାର ସ୍ପଷ୍ଟ ଘୋଷଣା କଲେଯେ, "ନିମ୍ନ ଶ୍ରେଣୀରେ ଉତ୍କଳ ବିଦ୍ୟାଳୟରେ କେବଳ ଉତ୍କଳ ଭାଷାରେ", ମଧ୍ୟ ଶ୍ରେଣୀରେ ଓଡ଼ିଆରେ ଉତ୍ତମ ପୁସ୍ତକ ନହେବ ପର୍ଯ୍ୟନ୍ତ କେବଳ ଭାଷା ଶିଖିବାପାଇଁ ବଙ୍ଗଳା ପଢ଼ାଯିବ ଓ ହାଇସ୍କୁଲରେ ଓଡ଼ିଆ ଅଥବା ବଙ୍ଗଳା ଭାଷାରେ ଅଧ୍ୟୟନ ଛାତ୍ରଙ୍କ ସ୍ୱେଚ୍ଛାଧୀନ ରହିବ । (୨୩)

ଏହାପରେ ଏ ଭାଷା ବିବାଦର ଝଟିକା ବାଲେଶ୍ୱରଠାରେ କେନ୍ଦ୍ରୀଭୂତ ହୋଇଥିଲା । ଏହାର ସୂତ୍ରଧର ଥିଲେ ବାଲେଶ୍ୱର ଜିଲ୍ଲା ସ୍କୁଲର ପଣ୍ଡିତ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ । ସେ 'ଉଡ଼ିଆ ସ୍ୱତନ୍ତ୍ର ଭାଷା ନହେ' (୧୮୭୦) ନାମରେ ଏକ ପୁସ୍ତକ ରଚନା କରି ବସିଥିଲେ । ରାଜେନ୍ଦ୍ର ଲାଲ ମିତ୍ର ଏ ପୁସ୍ତକର ରଚନା ଓ ପ୍ରକାଶନ ପାଇଁ ପ୍ରତ୍ୟକ୍ଷ ପ୍ରୋତ୍ସାହନ ପ୍ରଦାନ କରିଥିଲେ । (୨୪) ଏପରିକି ଏତେବେଳର ଭାଷା ବିବାଦର 'ନାୟକ' ବା 'ଜନକ' ଥିଲେ ଶ୍ରୀମିତ୍ର । ଏହାର ଯୁକ୍ତିକୁ ଖଣ୍ଡନ କରି ଗୌରୀଶଙ୍କର ଉତ୍କଳର ଅତୀତକୁ ମଧ୍ୟ ଉଷ୍ମ ଆବେଗରେ ସାଉଁଟି ବସିଥିଲେ –"କେବଳ କେତେକ ସୁସାଦୃଶ୍ୟ ହେତୁରୁ ଯେବେ ଦୁଇ ବା ଅଧିକ ଭାଷାକୁ ଏକ ବୋଲଯାଇପାରେ ତେବେ କେହି ଓଡ଼ିଆକୁ ହିନ୍ଦି ଓ ବଙ୍ଗଳା ର ହାରିଥିବାର କହିଲେ ଦୋଷ ହେବ ନାହିଁ । ମାତ୍ର ଓଡ଼ିଆମାନେ ଋଚ୍ଛାକୁ ଏତେ ଅହଙ୍କାର କରନ୍ତି ନାହିଁ । ଅଥଚ

ବିଚାର କଲେ ଏମାନଙ୍କର ଅହଙ୍କାର କରିବାର ଅନେକ କାରଣ ଅଛି । ଓଡ଼ିଶାର କୀର୍ତ୍ତିକଲାପ ବଙ୍ଗଳାରେ ନାହିଁ । ଓଡ଼ିଶାର ରାଜା ଏକ ସମୟରେ ବଙ୍ଗଳାର ତ୍ରିବେଣୀ ପର୍ଯ୍ୟନ୍ତ ଅଧିକାର କରିଥିଲେ । ବଙ୍ଗଳାର କୌଣସି ରାଜା କେବେ ଓଡ଼ିଶାକୁ ଜୟ କରିବାକୁ ଶୁଣାନାହିଁ । ଅତଏବ ବଳବୀର୍ଯ୍ୟ ଓ ଶିଳ୍ପ କୌଶଳରେ ଓଡ଼ିଶାର ପୂର୍ବକାଳୀୟ ଲୋକ ବଙ୍ଗଳାରୁ ଶ୍ରେଷ୍ଠଥିବା ପ୍ରତ୍ୟକ୍ଷେ ଭାଷା ନିମିତ୍ତ ଅନ୍ୟଠାରୁ ଋଣୀ ହୋଇଥିଲେ କଦାଚ ସମ୍ଭବ ନୁହଇ । × × × ବିଶେଷରେ ଓଡ଼ିୟାରେ ଯେତେ ପ୍ରାଚୀନ ଭାଷ ଗ୍ରନ୍ଥ ଅଛି ବଙ୍ଗଳାରେ ତେତେ ନାହିଁ ।" (୨୫)

ଏହା ପରେ ଭାଷା ବିବାଦ କପଟାଡ଼ମ୍ବରର ରୂପ ନେଇ ବସିଥିଲା । ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ବଙ୍ଗାକ୍ଷରରେ ବଙ୍ଗ ଭାଷାରେ ଓଡ଼ିଶାର ବିଦ୍ୟାଳୟମାନଙ୍କରେ ବଙ୍ଗଳା ଭାଷା ପ୍ରଚଳନ ପାଇଁ ଦରଖାସ୍ତ ଛପାଇ ଗୋପନରେ ଓଡ଼ିଆଙ୍କ ଦସ୍ତଖତ ସଂଗ୍ରହ ଅଭିଯାନରେ ଲାଗିପଡ଼ିଥିଲେ । ଏଥିପାଇଁ ଓଡ଼ିଶାର ବଙ୍ଗାଳୀ ଜମିଦାରଙ୍କ ଗ୍ରାମାଞ୍ଚଳ ପ୍ରଜା/କୁଲି ଆଦିଙ୍କୁ ଭଣ୍ଡାଇବାର ଚେଷ୍ଟା କରାଯାଉଥିଲା । ଏ ପ୍ରକାର ଧପପାବାଜି ଦେଖି ଉତ୍କ୍ଷିପ୍ତ ହୋଇ ଗୌରୀଶଙ୍କର ଏମାନଙ୍କୁ ଶାନ୍ତି ରଖିବା ପାଇଁ ସରକାରଙ୍କୁ ସତର୍କ କରାଇ ଦେଇଥିଲେ—"ଆଜି ଏକ କଥାରେ ଯେବେ ଆପଣା ମତାନୁସାରେ ଦରଖାସ୍ତ ଲେଖି ଓଡ଼ିଆଙ୍କ ସ୍ୱାକ୍ଷର କରାଇ ଓଡ଼ିଶାର ମତବୋଲି ଗବର୍ଣ୍ଣମେଣ୍ଟକୁ ପ୍ରତାରିତ କରି ପାରନ୍ତି ତେବେ ଦିନେ ଗବର୍ଣ୍ଣମେଣ୍ଟ କିମ୍ବା ଅନ୍ୟ କୌଣସି ହାକିମ ବିରୁଦ୍ଧରେ କିଛି ଲେଖି ଏପରି ଓଡ଼ିଆଙ୍କ ସ୍ୱାକ୍ଷର ସଂଗ୍ରହ କରି ଦରଖାସ୍ତ ପଠାଇ ପାରନ୍ତି । ରାଜ-ବିଦ୍ରୋହିତ ଏରୂପ ହୋଇପାରେ । ଅତଏବ ଯେଉଁମାନେ ଏ ଦରଖାସ୍ତରେ ସ୍ୱାକ୍ଷର ଗୋଟାଇ ବୁଲୁଛନ୍ତି, ତାଙ୍କର ଚରିତ୍ର ଅନୁସନ୍ଧାନ କରିବା ଗବର୍ଣ୍ଣମେଣ୍ଟଙ୍କର କର୍ତ୍ତବ୍ୟ ଅଟଇ ।" (୨୬) ସମ୍ଭବତଃ ଏ ଭାଷା ବିବାଦର ଖଳନାୟକଙ୍କ ଅହଙ୍କାରିତାକୁ ରାଜ ବିଦ୍ରୋହ ସହ ସମ୍ପର୍କାନ୍ୱିତ କରି ଗୌରୀଶଙ୍କର ସେମାନଙ୍କୁ ସମୁଚିତ ଶିକ୍ଷା ଦେବାକୁ ଚାହୁଁଥିଲେ ।

ରାଜେନ୍ଦ୍ର ଲାଲଙ୍କ ଉତ୍ସାହ ଓ ପ୍ରେରଣାରୁ ନୈତିକ ଶକ୍ତି ସଂଗ୍ରହ କରି 'ଉତ୍କଳ-ହିତୈଷିଣୀ' ଓ 'କଟକ ଷ୍ଟାର' ପତ୍ରିକା ପ୍ରକାଶ ପୂର୍ବକ ଓଡ଼ିଆ ବିରୋଧୀଗୋଷ୍ଠୀ ପୁଣି ସକ୍ରିୟ ହୋଇ ଉଠିଥିଲେ । ଗୌରୀଶଙ୍କର ଓ ବିମସଙ୍କ ମସୀଚାଳନା, ଖୋଦ୍ ବଙ୍ଗଳାରେ ଭୂଦେବ ମୁଖୋପାଧ୍ୟାୟ, କୃଷ୍ଣମୋହନ ବାନାର୍ଜୀଙ୍କ ବିରୋଧିତା, କମିଶନର ରେଭେନ୍ସା ପ୍ରଶାସନିକ ପୃଷ୍ଠପୋଷକତା ଫଳରେ ଓଡ଼ିଆ ଭାଷା ଉଚ୍ଛେଦ 'ଅପଉଦ୍ୟମ' ଫସର ଫାଟି ଯାଇଥିଲା ।

ଏଠାରେ ଉଲ୍ଲେଖ କରିବା ନିଷ୍ପ୍ରୟୋଜନ ଯେ, ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋ-ଳନର ଶିବିରଟି ଥିଲା କଟକ ପ୍ରିଣ୍ଟିଂ କମ୍ପାନୀ ହୋଠା । ବିରୋଧୀ ପକ୍ଷର ଆଘାତ ପ୍ରତିହତ କରିବା ସାଙ୍ଗକୁ ତାରି ପିଠିରେ ଆଘାତ ହାଣିବା ପାଇଁ ଉତ୍କଳ ଦୀପିକା ଓଡ଼ିଆ ଜାତିର ବଳିଷ୍ଠ ଆୟୁଧ ସାଙ୍ଗକୁ ଅଭୟ ରକ୍ଷା କବଚର ଭୂମିକା ଗ୍ରହଣ କରିଥିଲା ।

ବିରୋଧୀ ପକ୍ଷକୁ ନୀରବ/ନିରସ୍ତ୍ର କରିବା ପାଇଁ ରଣାଙ୍ଗନ କୌଶଳ ନିର୍ଣ୍ଣୟ କରୁଥିଲେ ଶିବିର ସେନାପତି ଗୌରୀଶଙ୍କର । ତାଙ୍କରି ନେତୃତ୍ୱରେ ଉତ୍କଳ ଦୀପିକା ସାଙ୍ଗକୁ ଅନ୍ୟାନ୍ୟ ଅନୁଷ୍ଠାନ ଗୁଡ଼ିକ ତତ୍ପର ହୋଇ ଏ ଜାତୀୟ ଆହ୍ୱାନର ସମ୍ମୁଖୀନ ହୋଇ ପାରିଥିଲେ । ବାସ୍ତବରେ ଏହି 'ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ' ହିଁ ଥିଲା ଓଡ଼ିଆ ଜାତୀୟତାର ପ୍ରଥମ ବିଧିବଦ୍ଧ ବଳିଷ୍ଠ ଆତ୍ମପ୍ରକାଶ । (୨୭)

ଓଡ଼ିଆ ଭାଷାରେ ଉତ୍ତମ ପାଠ୍ୟପୁସ୍ତକର ଅଭାବ ଦୂର କରିବା ପାଇଁ ଗୋବିନ୍ଦ ରଥ ପ୍ରମୁଖ ଶିକ୍ଷିତ ଓଡ଼ିଆ ଯୁବକଙ୍କୁ ନେଇ ମିଶନାରୀଙ୍କ ଭବସ୍ପନ୍ଦନରେ ଗୌରୀଶଙ୍କର ଅଗ୍ରୀ ଉଡ଼ିଥିଲେ । ଓଡ଼ିଆ ପୁସ୍ତକ ପ୍ରକାଶନ ପ୍ରତି ଉଦାସୀନ କଲିକତା ବୁକ୍ ସୋସାଇଟିକୁ ନିନ୍ଦା କରି ଗୌରୀଶଙ୍କର କଟକରେ ଓଡ଼ିଆ ପୁସ୍ତକ ପ୍ରକାଶ ତଥା ମନୋନୟନ ପାଇଁ କମିଟି ଗଠନର ପ୍ରସ୍ତାବ ଦେଇଥିଲେ । ପ୍ରସ୍ତାବ ମତେ ସରକାର ଗୌରୀଶଙ୍କରଙ୍କୁ ନେଇ କମିଟି ଗଠନ କରିଥିଲେ । ଗୌରୀଶଙ୍କରଙ୍କ ଆହ୍ୱାନ କ୍ରମେ ପ୍ରତିବର୍ଷ ଓଡ଼ିଆ ଭାଷାରେ ରଚିତ ଶ୍ରେଷ୍ଠ ପୁସ୍ତକ ପାଇଁ ଢେଙ୍କାନାଳ ମହାରାଜା ଏକ ସହସ୍ର ଟଙ୍କା ପୁରସ୍କାର ପ୍ରଦାନ କରିବା ସକାଶେ କମିଟି ହସ୍ତରେ ଟଙ୍କା ଅର୍ପଣ କରିଥିଲେ ।

ଗୌରୀଶଙ୍କର ସ୍ୱୟଂ ଏକାଧିକ ଓଡ଼ିଆ ପାଠ୍ୟ ପୁସ୍ତକ ପ୍ରଣୟନ କରିଥିଲେ । ସେ କାଳରେ ଓଡ଼ିଆ ପାଠ୍ୟ ପୁସ୍ତକ ପ୍ରଣୟନ ନାମରେ ବଙ୍ଗଳା ପାଠ୍ୟ-ପୁସ୍ତକର ଅବିକଳ ଅନୁବାଦ ପ୍ରକାଶ ପାଉଥିଲା । ଗୌରୀଶଙ୍କର ଥିଲେ ତାର ବ୍ୟତିକ୍ରମ । ଉତ୍କଳ ଦୀପିକା ପୃଷ୍ଠାରେ ଓଡ଼ିଆ ଭାଷାର ମୌଳିକତା ନେଇ ସଂଗ୍ରାମ ଚଳାଇ ଆସୁଥିବା ଗୌରୀଶଙ୍କର ଓଡ଼ିଆ ପାଠ୍ୟ ପୁସ୍ତକ ଆନ୍ଦୋଳନର ପ୍ରତିନିଧିତ୍ୱ କଲାବେଳେ ଏ ଦିଗ ପ୍ରତି ସତର୍କ ସଜାଗ ରହିଥିଲେ । ଗୌରୀଶଙ୍କରଙ୍କ ନିରୁଡା ଗଦ୍ୟ ଶୈଳୀରୁ ତାଙ୍କ ସ୍ୱାଧୀନ ଚେତା ସଂଗ୍ରାମୀମାନସ ସ୍ପଷ୍ଟ ପ୍ରତିଭାତ ହୋଇଉଠେ । ତାଙ୍କ ପ୍ରଣୀତ 'ଭୂଗୋଳ ତତ୍ତ୍ୱ' ପୁସ୍ତକର ଯେକୌଣସି ଛତ୍ରରୁ ଗୌରୀଶଙ୍କରଙ୍କ ପରିଚ୍ଛନ୍ନ ଗଦ୍ୟଶୈଳୀର ଉଦାହରଣ ସୁଲଭ । ଗୌରୀଶଙ୍କର ଯଥାର୍ଥରେ ଓଡ଼ିଆ ଗଦ୍ୟ ସାହିତ୍ୟର ଆଦିପର୍ବର ଜଣେ ମଡ଼େଲ ଗଦ୍ୟ ଲେଖକ । ଏପରିକି ଗୌରୀଶଙ୍କରଙ୍କ ଓଡ଼ିଆ ଗଦ୍ୟର ପରିଚ୍ଛନ୍ନତା, ଭାବ ପ୍ରାଞ୍ଜଳତା, ସାବଲୀଳତା ଓ ଅର୍ଥ ପରିବହନ ପାରଙ୍ଗମତା ପ୍ରସିଦ୍ଧ ସାହିତ୍ୟିକ/ନାଟ୍ୟକାର ରାମଶଙ୍କରଙ୍କ ଗଦ୍ୟରେ ଦେଖିବାକୁ ମିଳେନା । ଗୌରୀଶଙ୍କର ଯଥାର୍ଥରେ ଥିଲେ ଜଣେ ଆଦର୍ଶ ଓଡ଼ିଆ ଗଦ୍ୟକାର ।

ଗୌରୀଶଙ୍କର ଥିଲେ ପ୍ରାଚୀନ ଓଡ଼ିଆ କାବ୍ୟ କବିତାର ମୁଗ୍ଧ ରସଗ୍ରାହକ । ଅଶ୍ଳୀଳତାର ଅଭିଯୋଗ ଆକ୍ଷେପ କରି ଓଡ଼ିଆରେ ଭଞ୍ଜ କାବ୍ୟ ଉପେକ୍ଷାର ଆନ୍ଦୋଳନରେ ଗୌରୀଶଙ୍କର ଭଞ୍ଜଙ୍କ କାବ୍ୟ ପକ୍ଷନେଇ ଦୀପିକା ପୃଷ୍ଠାରେ ସମରାରମ୍ଭ କରିଥିଲେ । ପରେ ପରେ 'ଇନ୍ଦ୍ରଧନୁ' ମାଧ୍ୟମରେ ସେ ଓଡ଼ିଆ ରୀତିକାବ୍ୟର ବର୍ତ୍ତିବାକୁ ଅଧିକ ଦ୍ୟୁତିବାନ କରିବାକୁ ପ୍ରଚେଷ୍ଟ ଥିଲେ । ପ୍ରିଣ୍ଟିଂ କମ୍ପାନୀ ସ୍ଥାପନର

ଦେଢବର୍ଷ ମଧ୍ୟରେ ଭକ୍ତଙ୍କ 'ପ୍ରେମ ସୁଧାନିଧି' କାବ୍ୟକୁ ସେ ମୁଦ୍ରିତ ରୂପ ଦେଇପାରି-ଥିଲେ । 'ବୈଦେହୀଶ ବିଳାସ' ପରି 'ବୃହତ ଓ ବ୍ୟସ୍ତାଧିକ' କାବ୍ୟକୁ ମୁଦ୍ରିତ ରୂପ ଦେବାପାଇଁ ଆତୁର ହୋଇ ଦୁଇଶହ ଗ୍ରାହକ ସନ୍ଧାନ ଅଯାଚିତ କାବ୍ୟରସିକ ଗୌରୀ-ଶଙ୍କରଙ୍କ ଦୀପିକା ପୃଷ୍ଠାରେ ବିଜ୍ଞାପନ ବା ଆବେଦନ ବାସ୍ତବରେ ଲକ୍ଷ୍ୟ ଦେବାର କଥା । (୨୮) 'ଉତ୍କଳ ପଞ୍ଜିକା' ଗୌରୀଶଙ୍କରଙ୍କ ଉଦ୍ୟମରେ ଏହି ଯନ୍ତ୍ରାଳୟରୁ ପ୍ରକାଶପାଇ ଓଡ଼ିଶାରେ ବଙ୍ଗଳା ପାଞ୍ଜିର ପ୍ରଚଳନ ବନ୍ଦ କରି ଦେଇଥିଲା । (୨୯) କ୍ରମେ ପ୍ରିଣ୍ଟିଂ କମ୍ପାନୀର ମୁଦ୍ରିତ ପୁସ୍ତକ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇବାରୁ ଗୌରୀଶଙ୍କରଙ୍କୁ କମ୍ପାନୀ ଯନ୍ତ୍ରାଳୟ ନିକଟରେ ଅଗତ୍ୟା ପୁସ୍ତକ ଦୋକାନଟିଏ ଖୋଲିବାକୁ ପଡ଼ିଲା । ସୀମିତ ଓଡ଼ିଆ ପାଠକଙ୍କୁ ନେଇ ଏକ ଆଧୁନିକ ଛପା ସାହିତ୍ୟ ବଞ୍ଚାଇ ରଖିବା ଦୁରୂହ ହୋଇଉଠିବ ବୋଲି ରାଜେନ୍ଦ୍ର ଲାଲ ମିତ୍ର ଏକଦା ସତର୍କବାଣୀ ଶୁଣାଇଥିଲେ । ଓଡ଼ିଆ ପ୍ରାଣ ଗୌରୀଶଙ୍କର ତାଙ୍କ କଥାକୁ ଭ୍ରୂକ୍ଷେପ କରିନଥିଲେ । ଇତିହାସ, ଐତିହାସିକ ରାଜେନ୍ଦ୍ର ଲାଲ ମିତ୍ରଙ୍କ ସପକ୍ଷରେ ନୁହେଁ, ଗୌରୀଶଙ୍କରଙ୍କ ସପକ୍ଷରେ ହିଁ ବୃତ୍ତାନ୍ତ ରାୟ ଦେଇଯାଇଥିଲା । (୩୦)

ପ୍ରାଚୀନ ଓଡ଼ିଆ ଛାନ୍ଦ, ଚଉପଦୀ, ଚମ୍ପୂ ଓ ରାଗରାଗିଣୀ ଗୀତର ରସପିପାସୁ ସ୍ରାବକ ଥିଲେ ଗୌରୀଶଙ୍କର । ସେ ସ୍ୱୟଂ ରାଗସଙ୍ଗୀତ ଗାନ କରି ପାରୁଥିଲେ । ପ୍ରିଣ୍ଟିଂ କମ୍ପାନୀ ଦ୍ୱିତଳ ପ୍ରାସାଦରେ ତାଙ୍କରି ପୃଷ୍ଠପୋଷକତାରେ ସଙ୍ଗୀତ ଚର୍ଚ୍ଚାର ଆସର ବସୁଥିଲା । ଓଡ଼ିଶୀ ସଙ୍ଗୀତର ପରିଚର୍ଚ୍ଚା ଓ ପ୍ରସାର ପାଇଁ ସେ ଅକାତରେ ବହୁ ଧନ ବ୍ୟୟ କରି ଯାଇଥିଲେ । ପୁଣି ଓଡ଼ିଶାରେ ରଙ୍ଗମଞ୍ଚର ବିକାଶ ଓ ଓଡ଼ିଆ ନାଟକର ପ୍ରସାର ପାଇଁ ଗୌରୀଶଙ୍କର ଦୀପିକା ପୃଷ୍ଠାରେ ନିରନ୍ତର ଉଦ୍ଦୀପନା/ପ୍ରୋତ୍ସା-ହନର ବାଣୀ ଶୁଣାଉଥିଲେ । ଓଡ଼ିଆ ନାଟ୍ୟକାର ରାମଶଙ୍କରଙ୍କୁ ଗଢିତୋଳିବାରେ ଗୌରୀଶଙ୍କରଙ୍କ ଅବଦାନକୁ ଉପେକ୍ଷା କରି ହେବନାହିଁ ।

ଉତ୍କଳ ପ୍ରାଣ ବାବୁ ବିଚିତ୍ରାନନ୍ଦଙ୍କ ପରି ଅନନ୍ୟ ସାଧାରଣ ତରୁଣ ବଂଶଧରଙ୍କ ଆଶୀର୍ବାଦ ଓ ଆଶ୍ୱାସନା ବଳରେ ଗୌରୀଶଙ୍କର ସମସ୍ତ ପ୍ରକାର ପ୍ରତିକୂଳ ପରିବେଶକୁ ନିର୍ଭୟରେ ମୁକାବିଲା କରି ଓଡ଼ିଶାରେ ନବ ଜାଗରଣର ପଥ ପ୍ରସ୍ତୁତରେ ନିଜକୁ ଉତ୍ସର୍ଗ କରି ଦେଇଥିଲେ । ବିଚିତ୍ରାନନ୍ଦଙ୍କ ଦେହାନ୍ତ (୧୮୭୫) ଫଳରେ ଗୌରୀଶଙ୍କର ତାଙ୍କ Friend Philosopher ଓ Guideଙ୍କୁ ହରାଇ ବସିଥିଲେ । ବିଚିତ୍ରା-ନନ୍ଦଙ୍କ ଶୂନ୍ୟତା ଗୌରୀଶଙ୍କରଙ୍କ ମନରେ ପ୍ରଚଣ୍ଡ ମାନସିକ ଆଘାତ ଆଣିଥିଲା— "ବାବୁ ବିଚିତ୍ରାନନ୍ଦ ଦାସ ନବ୍ୟ ଶିକ୍ଷିତ ସମ୍ପ୍ରଦାୟର ଲୋକ ନଥିଲେ ତଥାପି ତାହାଙ୍କ ଦ୍ୱାରା ଯେତେ ହିତ ସାଧିତ ହୋଇଅଛି ଆଉ କାହାରି ଦ୍ୱାରା ସେପରି ହେବାର ଦେଖିନି ଆଉ ସେ ମାର୍ଗରେ କାହାରିକି ଚିନ୍ତା କରିବାର ସୁଦ୍ଧା ଦେଖାଯାଉ ନାହିଁ । ବର୍ତ୍ତମାନ ଓଡ଼ିଶାରେ ଅନେକ ଗୁଡ଼ିଏ ଓଡ଼ିଆ ଡେପୁଟୀଠାରୁ ସିରସ୍ତାଦାରୀ ପର୍ଯ୍ୟନ୍ତ ଉଚ୍ଚପଦ ମାନଂକରେ ପ୍ରତିଷ୍ଠିତ ହୋଇ ଅଛନ୍ତି । ମାତ୍ର ଏହାଂକ ଦ୍ୱାରା ସମାଜର କି ଲାଭ

ହୋଇଅଛୁ ? ସାମାନ୍ୟ ଗୃହକର୍ତ୍ତାଆଂକ ପରି ବଡ଼ ଗୃହକର୍ତ୍ତାମାନେ ମଧ୍ୟ ଆପଣା କୁଟୁମ୍ବ ପାଳିବା ଭିନ୍ନ ଆଉ କେଉଁ ମହତ୍ କାର୍ଯ୍ୟ କରୁଅଛନ୍ତି ? ବାବୁ ସଚ୍ଚିଦାନନ୍ଦ ଦାସଂକ ମୃତ୍ୟୁ ଉତ୍ତାରୁ ଜଣେ କେହି ଓଡ଼ିଆ ଏପରି କାହାର ନାହିଁ ଯେକି ତାହାଂକର ମାର୍ଗରେ ଗତି କରୁଅଛୁ । ସେ ଏକ କ୍ଷଣଜନ୍ମା ଥିଲେସେ ତାହାଂକ ଯୋଗେ କିଛୁକାଳ ଓଡ଼ିଶାର ମୁଖ ସୁନ୍ଦର ଦିଶୁଥିଲା । ସେ ଆଖି ବୁଜିଲେ ସବୁ ଅନ୍ଧକାର ହୋଇଗଲା ।" (୭୧)

ସଚ୍ଚିଦାନନ୍ଦଂକ ପରେ ତାଂକ ଶୂନ୍ୟସ୍ଥାନ ପରିପୂରଣ ପୂର୍ବକ ଓଡ଼ିଶାର ମୁଖୋଜ୍ଜ୍ୱଳ କରିପାରି ନିର୍ବିକଳ୍ପ ନିର୍ଭିକ ସନ୍ତାନ ତଥା ନିଜ କର୍ମପଥରେ ଜଣେ ସମର୍ଥ ସାରଥି ଗୌରୀଶଂକରଂକ ଦୃଷ୍ଟିରେ କେହି ଓଡ଼ିଶାରେ ବାରି ହେଉନଥିଲେ । ମୁମୂର୍ଷୁ ଓଡ଼ିଆଜାତିର ସେତେବେଳେ ପ୍ରୟୋଜନ ଥିଲା ବଳିଷ୍ଠ ନେତୃତ୍ୱ, ଅଭିନବ ତଥା ଅକୁତୋଭୟ ପଦକ୍ଷେପ । ଏପରି ଏକ ସନ୍ଧିକ୍ଷଣ ସମୟରେ ୧୮୮୧ ମସିହା ସେପ୍ଟେମ୍ବର ମାସରେ ଓଡ଼ିଶାର ପ୍ରଥମ ଆଇନ ଉପାଧିଧାରୀ ମଧୁସୂଦନ ଦାସ ଯେତେବେଳେ ଓକିଲାତି କରିବା ପାଇଁ କଟକ ଫେରିଲେ, ହର୍ଷୋତ୍ଫୁଲ୍ଲ ଗୌରୀଶଂକର ତାଂକୁ ଯୋବ୍ରା ଘାଟରୁ ସମ୍ବର୍ଦ୍ଧନା ଜଣାଇ ପାଛୋଟି ଆଣିଥିଲେ । ଓଡ଼ିଶାର ସର୍ବପ୍ରଥମ ବି. ଏ. ସର୍ବପ୍ରଥମ ଏମ. ଏ. ଓ ସର୍ବପ୍ରଥମ ବି. ଏଲ ଉପାଧିଧାରୀ ମଧୁବାବୁଂକ ଆଗମନ ଓଡ଼ିଶାର ଯୁବ ସମାଜରେ ବିପୁଳ ଆଶା ଓ ଉଦ୍ଦୀପନା ସଞ୍ଚାର କରିଥିଲା । ପ୍ରିଣ୍ଟିଂ କମ୍ପାନୀର ପ୍ରଶସ୍ତ ଦ୍ୱିତଳ ପ୍ରାସାଦରେ ଗୌରୀଶଂକର ଓ ଅନୁଜ ରାମଶଂକରଂକ ଉଦ୍ୟମରେ ମଧୁବାବୁଙ୍କୁ ଏକ ସ୍ୱାଗତ ସମ୍ବର୍ଦ୍ଧନାରେ ସମ୍ବର୍ଦ୍ଧିତ କରାଯାଇଥିଲା । ମଧୁବାବୁ କଲିକତାରୁ କଟକ ପ୍ରତ୍ୟାବର୍ତ୍ତନ ପରେ ଗୌରୀଶଂକର ତାଂକ କର୍ମଜୀବନର ସାଥୀ ଓ ସାରଥି ହୋଇ ଉଠିଥିଲେ । ଓଡ଼ିଶାର ରାଜନୈତିକ ଓ ସାଂସ୍କୃତିକ ଜୀବନ ଗଠନରେ ମୁଖ୍ୟତଃ ଜାତୀୟ ଜୀବନ ଗଠନରେ ତଥା ବିଚ୍ଛିନ୍ନ ଉତ୍କଳ ଏକତ୍ରୀକରଣ ସଂଗ୍ରାମରେ ଗୌରୀଶଂକର ଥିଲେ ମଧୁବାବୁଂକ ବଳିଷ୍ଠ ମନ୍ତ୍ରଦାତା, ସହଯୋଗୀ ଓ ସମର୍ଥକ । ବାଲ୍ୟଗୁରୁ ଗୌରୀଶଂକରଙ୍କୁ ଭକ୍ତିର ଆବେଗରେ ମଧୁବାବୁ 'ମାଷ୍ଟରଦା' ବୋଲି ସମ୍ବୋଧିତ କରୁଥିଲେ । ମଧୁବାବୁଂକ କୃତଜ୍ଞତା ପ୍ରତି ଗୌରୀଶଂକରଙ୍କ ଅନ୍ତରରେ ମଧ୍ୟ ଭରି ରହିଥିଲା ଅସୀମ ଶ୍ରଦ୍ଧା ଓ ଅଖଣ୍ଡ ଆସ୍ଥାବୋଧ । ଉତ୍କଳ ସଭାନୁଷ୍ଠାନ ପ୍ରତିଷ୍ଠା, ଓଡ଼ିଶାରେ ସ୍ୱାୟତ୍ତ ଶାସନ ପ୍ରବର୍ତ୍ତନ, ପୁରୀ ଜଗନ୍ନାଥ ମନ୍ଦିର ମାମଲା ଓ ଗଜପତି ବଂଶର ଟେକ ଅକ୍ଷୁର୍ଣ୍ଣ ରଖିବା ପ୍ରଚେଷ୍ଟା, ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା, ଓଡ଼ିଶା ବିହାରରେ ନ ମିଶି ବଙ୍ଗଳା ଅଧୀନରେ ରହିବା, ଓଡ଼ିଶାରେ ଯୌଥ କାରବାର ପ୍ରସାର, ଉତ୍କଳରେ ଦ୍ରୁତ ଶିଳ୍ପାୟନ ଲକ୍ଷ୍ୟରେ ଉତ୍କଳ ଟ୍ୟାନେରୀ ଗଠନ, ବିଚ୍ଛିନ୍ନ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଏକତ୍ରୀକରଣ ସର୍ବୋପରି ଓଡ଼ିଆଙ୍କ ମନରେ ଉତ୍କଳୀୟ ଜାତୀୟତା ବୋଧର ଭାବୋନ୍ମାଦନା ଦୃଢ଼ କରି ଓଡ଼ିଶାରେ ନବଜାଗରଣର ବଳିଷ୍ଠ ଭିତ୍ତିଭୂମି ରଚନା— ମଧୁ-ମାନସରେ ଏସବୁ ଇଚ୍ଛାକାଙ୍କ୍ଷା ଗୁଡ଼ିକର ଉଦ୍ରେକ କରାଇବା ତଥା ରୂପରେଖ ଦେବାରେ ଗୌରୀଶଙ୍କର ସର୍ବଦା ସକ୍ରିୟ ଓ ସହଯୋଗ

ତତ୍ପର ଥିଲେ । ମଧୁବାବୁଙ୍କ ବ୍ୟାପକ କର୍ମଯୋଜନା ଓ କର୍ମ ତତ୍ପରତାକୁ ଗୌରୀଶଙ୍କର ପ୍ରାଧାନ୍ୟ ଦେଇ ପ୍ରକାଶ କରୁଥିଲେ । 'ଉତ୍କଳ ଦୀପିକା'ରେ ସ୍ୱୟଂ ମଧୁବାବୁ ନିଜ ନାମରେ ଓ ଛଦ୍ମ ନାମରେ ଓଡ଼ିଆରେ, ବିଶେଷ କରି ଇଂରାଜୀରେ, ଅହରହ ବିବରଣୀ ଓ ଦୀର୍ଘ ପତ୍ରମାନ କ୍ରମାଗତ ପ୍ରକାଶ କରୁଥିଲେ । ଜନମତ ସୃଷ୍ଟି ପାଇଁ / ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ / ପ୍ରତିପକ୍ଷଙ୍କ ଆଘାତକୁ ପ୍ରତିହତ କରିବା ପାଇଁ ସେତେବେଳେ ଏସବୁ ଅତ୍ୟନ୍ତ ପ୍ରୟୋଜନୀୟ ହୋଇ ଉଠିଥିଲା । ପୁଣି ସଭା ସମିତିରେ ଓ ଅନ୍ୟାନ୍ୟ ପତ୍ରପତ୍ରିକାରେ ମଧୁବାବୁଙ୍କ ଉପରେ ଆକ୍ରମଣ ହେଲେ ଗୌରୀଶଙ୍କର ସ୍ୱୟଂ ବା ଅନ୍ୟ ନାମରେ ମଧୁବାବୁଙ୍କ ପକ୍ଷ ସମର୍ଥନ କରି ଉତ୍କଳ ଦୀପିକାରେ ତାର ବଳିଷ୍ଠ ତଥା ଶାଣିତ ପ୍ରତ୍ୟୁତ୍ତର ପ୍ରଦାନ କରୁଥିଲେ । ମଧୁବାବୁଙ୍କ ପୃଷ୍ଠପୋଷକତାରେ 'The Star of Utkal ଓ 'The Oriya' ପତ୍ରିକା ପ୍ରକାଶ ପାଇଥିଲେ ମଧ୍ୟ ସେସବୁ ବେଶୀ ଦିନ ତିଷ୍ଠି ପାରିନଥିଲା । ବସ୍ତୁତଃ 'ଉତ୍କଳ ଦୀପିକା' ହିଁ ମଧୁବାବୁଙ୍କ ମୁଖପତ୍ର ହୋଇ ଉଠିଥିଲା । ମଧୁ ବ୍ୟକ୍ତିତ୍ୱକୁ ଉଦ୍ଭାସିତ, ବର୍ଣ୍ଣୋଜ୍ଜ୍ୱଳ ଓ କୁହୁକମୟ ଭାବେ ପ୍ରଭାବଶାଳୀ କରି ତୋଳିବା ପାଇଁ ସଜ୍ଞାନରେ ଗୌରୀଶଙ୍କର 'ଉତ୍କଳ ଦୀପିକା'କୁ "ମଧୁ ବ୍ୟକ୍ତିତ୍ୱ ପ୍ରସ୍ତୁତି ମଞ୍ଚ"ରେ ପରିଣତ କରିଥିଲେ । ଅନ୍ୟ ଭାବରେ କହିଲେ, ନିଜ ପରେ ଉତ୍କଳର ଜଣେ ଅବିସମ୍ବାଦିତ ନେତା ରୂପେ ଗୌରୀଶଙ୍କର ମଧୁବାବୁଙ୍କୁ ଗଢ଼ିବାକୁ ମନପ୍ରାଣରେ / ନିଷ୍ଠାକାର୍ଯ୍ୟରେ ସଜାଗ ହୋଇ ଉଠିଲେ । ଉକାଡ଼ 'ତିନି ଯେଣ୍ଡିଆ କାଙ୍କୁଡ଼ି ବାଡ଼ି' ବିଚ୍ଛିନ୍ନ ଓଡ଼ିଶାକୁ ଏକୀଭୂତ ପୂର୍ବକ ସବୁଜ ଶ୍ରୀମଣ୍ଡିତ/ସମୃଦ୍ଧି ସାଧନର ଗୌରୀଶଙ୍କରଙ୍କ ସୁନେଲି ସ୍ୱପ୍ନ ଭବିଷ୍ୟତରେ ମଧୁବାବୁଙ୍କ ଦ୍ୱାରା ହିଁ ସମ୍ଭବାର୍ଯ୍ୟିତ ହୋଇ ପାରିବ ବୋଲି କର୍ମଯୋଗୀ ଗୌରୀଶଙ୍କର ଧ୍ୟାନମଗ୍ନ ଦୃଷ୍ଟିରେ ନିଶ୍ଚିତ ହୋଇ ସାରିଥିଲେ । ତାଙ୍କ ପରବର୍ତ୍ତୀ ପର୍ଯ୍ୟାୟର ଉତ୍କଳର ଅଭ୍ୟୁଦୟର ଅଦ୍ୱିତୀୟ ନାୟକ ଯେ ମଧୁବାବୁ ଏକଥା ମଧ୍ୟ ଗୌରୀଶଙ୍କରଙ୍କ ହୃଦ୍‌ବୋଧ ହୋଇ ସାରିଥିଲା । ବସ୍ତୁତଃ ସେ କାଳରେ ମଧୁବାବୁଙ୍କ ବିବୃତି ଓ କୀର୍ତ୍ତି କୀର୍ତ୍ତି ହିଁ ହୋଇ ଉଠିଥିଲା ଉତ୍କଳର ନବଜାଗରଣର ତଥା ଉତ୍କଳୀୟ ଜାତୀୟତା-ବୋଧର ନବ ଭିତ୍ତିଭୂମି । ଉତ୍କଳର ନବ ଜାଗୃତିର ଅଗ୍ରଦୂତ ଗୌରୀଶଙ୍କର 'ଉତ୍କଳ ଦୀପିକା'ରେ ଏଇ ନବଜାଗରଣର ବାର୍ତ୍ତା ପରିବେଷଣରେ ଅଗ୍ରାଧିକାର ଦେବାର କିଛି ଅସ୍ୱାଭାବିକତା ନଥିଲା ।

ଓଡ଼ିଆମାନେ/ହିନ୍ଦୁମାନେ ପୁରୀ ଗଜପତିଙ୍କୁ ଠାକୁର ରାଜା ରୂପେ ମାନ୍ୟ କରୁଥିଲେ । ଏହି କାରଣରୁ ପୁରୀର ଐତିହାସିକ ଠାକୁର ରାଜା ବଂଶ ପ୍ରତି ସମସ୍ତଙ୍କ ଗଭୀର ଶ୍ରଦ୍ଧା ଓ ସମ୍ମାନ ରହିଥିଲା । ରକ୍ଷଣଶୀଳ ବ୍ରାହ୍ମ ଗୌରୀଶଙ୍କର ଓ ଖ୍ରୀଷ୍ଟିୟାନ ମଧୁବାବୁ ଜଗନ୍ନାଥ ଓ ପୁରୀ ରାଜବଂଶ ପ୍ରତି ଏକାନ୍ତ ଆସକ୍ତ ହୋଇ ଉଠିଥିଲେ । ଭଗବତ ଭକ୍ତ ପ୍ରଦାୟିନୀ ସ୍ୱଭାବ ସଭ୍ୟ ନୈଷ୍ଠିକ ହିନ୍ଦୁ ରାମଶଙ୍କର ମଧ୍ୟ ପୁରୀ ମନ୍ଦିର ପ୍ରତି ଆବେଗାସକ୍ତ ହୋଇ ପଡ଼ିଥିଲେ । ଶ୍ରୀମନ୍ଦିର ଉପରେ ଅଥବା ପୁରୀ ରାଜବଂଶ ଉପରେ ଯେତେବେଳେ ସାମାନ୍ୟତମ ଅବମାନନା କରାଯାଇଛି, ଗୌରୀଶଙ୍କର,

ମଧୁବାବୁ ଓ ରାମଶଂକର ପ୍ରମୁଖ ମିଳିତଭାବେ ତାର ଦୃଢ଼ ପ୍ରତିବାଦ ଓ ପ୍ରତିରୋଧ କରିଛନ୍ତି । ସଭା ସମିତିରେ ଏ ଦାବୀ ମଧ୍ୟ ସକ୍ରିୟ ହୋଇ ଉଠିଛନ୍ତି । ଉତ୍କଳର ଇଷ୍ଟଦେବତା ଓ ଉତ୍କଳର ମୁକୁଟମଣି—ଏ ଉଭୟଂକ ସମ୍ମାନ ଅତୁଟ ରଖିବାପାଇଁ ଉତ୍କଳ ଦୀପିକା ରେରେକାର ହୁଂକାର କରି ସଜୋରେ ସଜାଗ ହୋଇ ଉଠିଛି ।

୧୮୭୮ଖ୍ରୀ.ରେ ପୁରୀ ରାଜା ଜଣେ ବୈଷ୍ଣବ ବାବାଜୀଙ୍କୁ ହତ୍ୟା କରିବାର ଜଘନ୍ୟ ଅପରାଧରେ ଅଭିଯୁକ୍ତ ହୋଇଥିଲେ । ଗୌରୀଶଙ୍କର ସାମ୍ବାଦିକ ହିସାବରେ କର୍ତ୍ତବ୍ୟାନୁରୋଧ ଓ ଓଡ଼ିଆ ପ୍ରାଣ ତଥା ଗଜପତି ବଂଶ ପ୍ରତି ହିସାବରେ ହୃଦୟାନୁରୋଧର ଆହ୍ୱାନର ଅପୂର୍ବ ସନ୍ତୁଳନ ସ୍ଥାପନ କରିଥିଲେ । ଏ ଅପକର୍ମ ପାଇଁ ଅଭିଯୁକ୍ତ ଆସାମୀଙ୍କୁ ଭର୍ତ୍ସନା କରିବା ସଙ୍ଗେ ସଙ୍ଗେ ଗଜପତିଙ୍କ ସମ୍ମାନ ଯେପରି ଅଧିକ ଭୂଲୁଣ୍ଠିତ ନହୁଏ ସେଥିପ୍ରତି ମଧ୍ୟ ଗୌରୀଶଙ୍କର ଉଦ୍‌ଗ୍ରୀବ ହୋଇ ଉଠିଥିଲେ—"......... ସେ ଓଡ଼ିଶାର ରାଜବଂଶୀୟ ଥିବାରୁ ତାଙ୍କୁ ପ୍ରଧାନ ଓ ମାନନୀୟ ବ୍ୟକ୍ତି ସ୍ୱରୂପ ମାନିବାକୁ ହେବ । ଏପରି ବ୍ୟକ୍ତିର ଏପରି କୁବ୍ୟବହାର ଓ ଦୁର୍ଦ୍ଦଶା ବଡ଼ ଦୁଃଖର ବିଷୟ ସନ୍ଦେହ ନାହିଁ ।" (୩୨) × × × "ମହାରାଜା ଆସିବା ବେଳେ ବହୁତ ଲୋକ ତାହାଙ୍କୁ ବାଟରେ ଦେଖୁଥିଲେ ଓ ଜେଲଖାନା ସମ୍ମୁଖରେ ଏତେ ଲୋକ ଜମା ହୋଇଗଲେ ଯେମନ୍ତ ଯାତ୍ରା ଲାଗିଥିବା ପ୍ରାୟ ଦିଶୁଥିଲା । ଓଡ଼ିଶାର ସର୍ବପ୍ରଧାନ ମାନ୍ୟ ବ୍ୟକ୍ତିର ଏ ପ୍ରକାର ଦୁରବସ୍ଥା ଦେଖି ସମସ୍ତେ ସନ୍ତାପିତ ହେଉଥିଲେ ।" (୩୩) ତେବେ ସମସ୍ତଙ୍କ ଅପେକ୍ଷା ଗୌରୀଶଙ୍କର ଯେ ଅଧିକ ସନ୍ତାପିତ ହେଉଥିଲେ ତାର ପ୍ରମାଣ ହେଉଛି ଉତ୍କଳ ଦୀପିକା ପୃଷ୍ଠାରେ ତାଙ୍କର ଏଇ ମୋକଦ୍ଦମାର ସମ୍ବେଦନା ଜଡ଼ିତ କାରୁଣ୍ୟ କର୍ମିତ ଦୀର୍ଘାୟିତ ବର୍ଣ୍ଣନା । ଏ ବିବରଣୀ ଓ ବର୍ଣ୍ଣନା ଗୌରୀଶଙ୍କରବାବୁଙ୍କ ସାମ୍ବାଦିକ ଶୈଳୀରେ ଏପରି ମାର୍ମିକ ଭାବେ ବିବୃତ ଯେ ପାଠ କଲାବେଳେ ମନେହୁଏ ଯେପରି ଜୀବନ୍ତ ଦୃଶ୍ୟାବଳୀ ଦୂରଦର୍ଶନରେ ସମ୍ପ୍ରସାରିତ ହେଉଛି । ଗଜପତିଙ୍କ ଯାବଜ୍ଜୀବନ କାରାବାସ ଦଣ୍ଡାଦେଶରେ ଓଡ଼ିଶାରେ ଶୋକର ଉଚ୍ଛ୍ୱାସ ଖେଳି ଯାଇଥିଲା । ଲୋକାଲୁର ଗୌରୀଶଙ୍କରଙ୍କ ଭାବାବେଗ ଏ ପ୍ରସଙ୍ଗରେ ଲକ୍ଷ୍ୟ କରିବାର କଥା—"ଏକ ଜଣ ସକାଶେ ଶ୍ରେଷ୍ଠ ବଡ଼ ସମସ୍ତ ଲୋକଙ୍କୁ ଏପରି ଦୁଃଖିତ ହେବାର କେବେ ହେଁ ଦେଖାଯାଉ ନାହିଁ । ବିଦେଶୀୟମାନେ ଲୋକଙ୍କର ଏ ପ୍ରକାର ଭାବ ଦେଖି ଆଶ୍ଚର୍ଯ୍ୟ ହେଉଅଛନ୍ତି କିନ୍ତୁ ଆମ୍ଭମାନଙ୍କ ବିବେଚନାରେ ତହିଁରେ ବିଚିତ୍ର କିଛି ନାହିଁ । ଯେଉଁ ବଂଶର ପ୍ରବଳ ପ୍ରତାପ ଏକ ସମୟରେ ସମୁଦାୟ ଓଡ଼ିଶା ଦାହିଁକି ଗୋଦାବରୀଠାରୁ ତ୍ରିବେଣୀ ପର୍ଯ୍ୟନ୍ତ ଭୂଖଣ୍ଡରେ ବିସ୍ତାର ଥିଲା କେତେ କେତେ ରାଜାଙ୍କର ମୁକୁଟମଣି ହୋଇଗଲେ ଏବଂ ଯେଉଁ ବଂଶର ଅସାଧାରଣ କୀର୍ତ୍ତି ଅଦ୍ୟାପି କେବଳ ପ୍ରତ୍ୟକ୍ଷ ରହିଅଛି ଏମନ୍ତ ନୁହେ ଲକ୍ଷ ଲକ୍ଷ ଲୋକଙ୍କର ପୂଜ୍ୟ ଓ ପ୍ରଶଂସାର ପାତ୍ର ହୋଇଅଛି ସେହି ବଂଶର ବର୍ତ୍ତମାନ ପ୍ରତିନିଧି ଆଜି ସାମାନ୍ୟ ଲୋକପରି ଯାବଜ୍ଜୀବନ କାରାବନ୍ଦୀ ହେଲେ ଏମନ୍ତ କଠିନ ହୃଦୟର ଲୋକ କିଏ ଅଛି ଯେ ଏହା ଦେଖି ତାହାର ମନ ବିଚଳିତ ନହେବ ? ତାହାଙ୍କର ଦୁରବସ୍ଥା ଭାବିଲେ କାହାର

ନୟନରୁ ଅଶ୍ରୁପତନ ନହେବ ? ଆପଣାର ବନ୍ଧୁ କି ସୁହୃଦର ଆଜ୍ଞାନୁସାରେ ଦଣ୍ଡ ହେଲେ ବି ମନରେ ଖେଦ ଜାତ ହୁଅଇ ନାହିଁ ନା ସ୍ୱତ୍ୱାନୁଭୂତ ଗ୍ଲାନି ପଳାଏ ।" (୩୪)

ଭାରତ ବିଖ୍ୟାତ ଶ୍ରୀମନ୍ଦିରରେ ପୁରୀ ଗଜପତିଙ୍କ ପାରମାର୍ଥିକ ପରମ୍ପରାଗତ ସେବା ଅଧିକାର ନେଇ ଇଂରେଜ ସରକାର ଓ ଗଜପତିଙ୍କ ମଧ୍ୟରେ ମତଭେଦ ଦେଖା ଦେଇଥିଲା । ମନ୍ଦିର ସେବା କାର୍ଯ୍ୟରେ ନାନା ଅବ୍ୟବସ୍ଥାର ଅଭିଯୋଗ ଆଣି ସରକାର ପୁରୀ ବଡଦେଉଳ ଭାର ସେଠା ରାଜାଙ୍କ ହାତରୁ କାଢ଼ି ନେବାପାଇଁ କଟକ ଅଦାଲତରେ ମୋକଦ୍ଦମା ଦାଏର (୧୮୮୭) କରିଥିଲେ । ମନ୍ଦିରରେ ରଖାଯାଇଥିବା ଶ୍ରୀଜଗନ୍ନାଥଙ୍କ ବହୁମୂଲ୍ୟ ପଦାର୍ଥମାନ ଏବଂ ମନ୍ଦିରର ଆୟ ପୁରୀ ରାଜବଂଶୀୟ ତତ୍ତ୍ୱାବଧାରକମାନେ ଆତ୍ମସାତ୍ କରିଥିବା ପୁରୀ କଲେକ୍ଟର ଅଭିଯୋଗ କରିଥିଲେ । ସରକାରଙ୍କ ତରଫରୁ ଓକିଲ ହରିବଲ୍ଲଭ ବୋଷ ଓ ଲାଲ ବିହାରୀ ଘୋଷ ଏବଂ ପୁରୀ ରାଜାଙ୍କ ତରଫରୁ ଓକିଲ ମଧୁସୂଦନ ଦାସ ଓ ରାମଶଙ୍କର ରାୟ ଏହି ମର୍ଯ୍ୟାଦା ସମ୍ପନ୍ନ ମକଦ୍ଦମା ଲଢ଼ିଥିଲେ ।

ଏ ମକଦ୍ଦମା ଓଡ଼ିଆ ପ୍ରାଣରେ ଦାରୁଣ ଅଘାତ ହାଣିଥିଲା । ପୁରୀ ରାଜବଂଶ ପ୍ରତି ଏ ଅପମାନ ଓଡ଼ିଆ ଜାତି, ଏପରିକି ସାମଗ୍ରିକ ଭାବେ ହିନ୍ଦୁ ସମାଜ, ପ୍ରତି ଦୁଃସହ ଅପମାନ ଦର୍ଶାଇ ମଧୁବାବୁ, ଗୌରୀଶଙ୍କର ଓ ରାମଶଙ୍କର ଏ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ଉତ୍କଳ ଦୀପିକାରେ ସମ୍ପାଦକ ଗୌରୀଶଙ୍କର ଓ ସହକାରୀ ସମ୍ପାଦକ ରାମଶଙ୍କର ଏ ସରକାରୀ ପଦକ୍ଷେପର ନିନ୍ଦା କରି ଦୀର୍ଘ ବିବୃତିମାନ ପ୍ରକାଶ କରିଚାଲିଥିଲେ । ଏ ତ୍ରୟୀଙ୍କ ମିଳିତ ଉଦ୍ୟମରେ ୧୮୮୭ ଖ୍ରୀ. ଡିସେମ୍ବର ୫ ତାରିଖରେ ପ୍ରିଣ୍ଟିଂ କମ୍ପାନୀର ଗୃହରେ ଉତ୍କଳ ସଭାର ଏକ ସ୍ୱତନ୍ତ୍ର ଅଧିବେଶନ ଅହ୍ୱାନ କରାଯାଇଥିଲା । ଶ୍ରୀମନ୍ଦିର ସେବାବିଧିରେ ସେତେବେଳେ କିଛି ଚିହ୍ନିତ ବିଶୃଙ୍ଖଳା ଘଟିନଥିବା ସତ୍ତ୍ୱେ ଏ ପ୍ରକାର ଅନାକାଙ୍କ୍ଷିତ ଅଯାଚିତ ହସ୍ତକ୍ଷେପର ତୀବ୍ର ନିନ୍ଦାକରି ସର୍ବ ସମ୍ମତି କ୍ରମେ ସଭାରେ ପ୍ରସ୍ତାବ ଗୃହୀତ ହୋଇଯାଇଥିଲା ।

ଉତ୍କଳ ଦୀପିକା ଓ ଉତ୍କଳ ସଭାର ସମସ୍ତ ଆବେଦନ ଓ ପ୍ରତିବାଦ ସତ୍ତ୍ୱେ କୋର୍ଟ ଆଦେଶ ବଳରେ ସରକାର ରିସିଭର ନିଯୁକ୍ତି ପୂର୍ବକ ଶ୍ରୀମନ୍ଦିର ଦ୍ରବ୍ୟ କ୍ରୋକ କରିଥିଲେ । ଚର୍ମ ପାଦୁକା ପିନ୍ଧା କନେଷ୍ଟବଲମାନଙ୍କ ମନ୍ଦିର ଭିତରେ ମୁତୟନ ଓ ଜନୈକ କନେଷ୍ଟବଲର ଶ୍ରୀଜୀଉଙ୍କ ରତ୍ନ ସିଂହାସନକୁ ଆଙ୍ଗୁଳି "ପିଣ୍ଡିକା ଟଙ୍କା କୋରଢ" କହିବା ଫଳରେ ଦେଉଳ ମାଇଲା ହେବା ଆଦି ଘଟଣା ହିନ୍ଦୁ ସମାଜରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଥିଲା । ଉତ୍କଳ ଦୀପିକାରେ ଭାବୋତ୍ତେଜିତ ଗୌରୀଶଙ୍କର ଇଂରେଜ ସରକାରଙ୍କୁ ଚରମ ସତର୍କବାଣୀ ଶୁଣାଇଦେଇ ଲେଖିଥିଲେ— "ଆମ୍ଭେମାନେ ଶ୍ରୀମତୀ ଭାରତେଶ୍ୱରୀଙ୍କ ନାମରେ ପଚାରୁଁ ବ୍ରିଟିଶ ଗବର୍ଣ୍ଣମେଣ୍ଟ କି ଏହି ନ୍ୟାୟରେ ଭାରତ ଶାସନ କରିବାକୁ ଆସିଛନ୍ତି ?" (୩୫)

ପୁରୀ ରାଜାଙ୍କ ତରଫରୁ ତଳକୋର୍ଟର ରାୟ ବିରୁଦ୍ଧରେ କଲିକତା ହାଇକୋର୍ଟରେ ମକଦ୍ଦମା ଦାଏର କରାଯାଇଥିଲା । ପତ୍ରପତ୍ରିକା ଓ ସଭା ସମିତିରେ ଜନମତର ପ୍ରତିକ୍ରିୟା ଆକଳନ ତଥା ଅନୁଧ୍ୟାନ କରି ଇଂରେଜ ସରକାର ଏ ମକଦ୍ଦମାରେ ଆଉ ଜିଦ୍‌ଖୋର ମନୋବୃତ୍ତି ଗ୍ରହଣ କରିନଥିଲେ । କଲିକତା ହାଇକୋର୍ଟ ତଳକୋର୍ଟର ରାୟକୁ ପୂରାପୂରି ଅସିଦ୍ଧ ଘୋଷଣା କରିଦେଇଥିଲେ । ଏ ଘଟଣା ପରେ ଓଡ଼ିଆ ଜାତିର କୃତଜ୍ଞତା ଓ ଶୁଭେଚ୍ଛାରେ ପୋତି ହୋଇପଡ଼ି ଖ୍ୟାତ ହୋଇଛଠିଲେ ମଧୁବାବୁ········ ମଧୁ ବାରିଷ୍ଟର । ଧୀରେ ଧୀରେ ମଧୁବାବୁ ଓଡ଼ିଆ ଭାଷାଭାଷୀ ଜନ ମାନସରେ ଓଡ଼ିଆ ସ୍ୱାଭିମାନର ପ୍ରତୀକରେ ରୂପାନ୍ତରିତ ହୋଇ ଆସୁଥିଲେ । ଏହି ପରିସ୍ଥିତିକୁ ଉତ୍କଳ ଦୀପିକା ବିଶେଷ କରି ତାର ସମ୍ପାଦକ ହୃଦୟଙ୍ଗମ କରି ତୋଳି ଗ୍ରହିଥିଲେ ଏକାନ୍ତ ଅବଚଳିତ ଭାବେ, ସଚେତନ ଭାବେ । ଯୁକ୍ତିକୁ ପ୍ରମାଣସିଦ୍ଧ କରିବାପାଇଁ ଗୋଟିଏ ଉଦାହରଣଟିଏର ଅବତାରଣା ଏଠାରେ ଅପ୍ରାସଙ୍ଗିକ ହେବ ନାହିଁ । ଉତ୍କଳ ଦୀପିକାରେ ମଧୁବାବୁଙ୍କ ଯଶଗାନ ଓଡ଼ିଆ ଓ ନବସମ୍ବାଦକୁ 'ବିଷବତ୍' ଲାଗିଥିବାରୁ ଗୌରୀଶଙ୍କର ତାର ପ୍ରତିକ୍ରିୟାରେ ଲେଖିଥିଲେ—"ଆମ୍ଭେମାନେ ମାନ୍ୟବର ଦାସ ମହାଶୟଙ୍କର ଯେତେବେଳେ ଦୋଷ ଦେଖିଅଛୁଁ ତେତେବେଳେ ଯେମନ୍ତ ତାହା ପ୍ରକାଶ କରିଅଛୁଁ ଗୁଣ ଦେଖିଲେ ତେମନ୍ତ ବ୍ୟକ୍ତ କରିଅଛୁଁ । ତେବେ ଦାସ ମହାଶୟଙ୍କର ଦୋଷଠାରୁ ଗୁଣ ଅତ୍ୟନ୍ତ ଅଧିକ ଥିବାହେତୁ ଯେବେ ଅନେକ ସମୟରେ ଆମ୍ଭେମାନେ ତାଙ୍କର ପ୍ରଶଂସା କରିଅଛୁଁ ତାହା ଆମ୍ଭମାନଙ୍କ ଦୋଷ ନୁହେ । ବରଂ ସେକଥା ଯାହାକୁ ଭଲ ନଲାଗେ ଦୋଷ ତାହାର । ମନୁଷ୍ୟର ସ୍ୱଭାବରେ ଦୋଷଗୁଣ ଉଭୟ ଅଛି ଏବଂ ଯୋଗ୍ୟତା ଦେଖି ଦୋଷର ବିଚାର ହୁଅଇ ।" (୩୬)

ଭାଷାଗତ, ଜାତିଗତ ଓ ସାଂସ୍କୃତିକ ଭିତ୍ତିର ବିସ୍ମରରେ ବଙ୍ଗଭଙ୍ଗ ପ୍ରସ୍ତାବକୁ କଂଗ୍ରେସ ବିରୋଧ କରୁଥିବା ବେଳେ ଅନୁରୂପ କାରଣରୁ ଗଞ୍ଜାମ ଭିଜାଗାପଟ୍ଟମ୍ ଏଜେନ୍‌ସିକୁ ଓଡ଼ିଶାସହ ମିଶାଇ ଦେବାପାଇଁ ଭାରତ ସରକାରଂକ ନିଷ୍ପତ୍ତିକୁ କଂଗ୍ରେସ ଅପର ପକ୍ଷରେ ବିରୋଧ କରୁଥିଲା । ଜାତୀୟ କଂଗ୍ରେସର ଏଇ ଆପାତ ବିରୋଧୀ ନିଷ୍ପତ୍ତି ଫଳରେ ପରସ୍ପରଠାରୁ ବିଚ୍ଛିନ୍ନ ଭାବେ ଅବସ୍ଥିତ ଲକ୍ଷଲକ୍ଷ ଓଡ଼ିଆଙ୍କର ମୂଳ ଓଡ଼ିଆବାସୀଙ୍କ ସହ ଏକତ୍ର ହେବାର ଆଶା ସୁଦୂର ପରାହତ ହୋଇ ଉଠିଥିଲା । ଗୌରୀଶଂକରଂକ ସହ ପରାମର୍ଶ କରି ଓଡ଼ିଆ ଆନ୍ଦୋଳନକୁ ନୂତନ ରୂପରେଖ ଓ ଗତିବେଗ ଦେବାଲାଗି ୧୯୦୩ଖ୍ରୀରେ ମଧୁବାବୁ ପ୍ରତିଷ୍ଠା କରିଥିଲେ 'ଉତ୍କଳ ସମ୍ମିଳନୀ'। ଉତ୍କଳର ପ୍ରଥମ ରାଜନୈତିକ ଅନୁଷ୍ଠାନ 'ଉତ୍କଳ ସଭା' କ୍ରମେ ଏଥିରେ ସାମିଲ ହୋଇ ଯାଇଥିଲା । ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ— ଓଡ଼ିଶାର ଜନଜୀବନରେ ଏକ ଅନନୁଭୂତ ଶିହରଣର ଲଗ୍ନ— ଅଫୁରନ୍ତ ପ୍ରାଣ ସ୍ପନ୍ଦନର ମାହେନ୍ଦ୍ର ଲଗ୍ନ— 'ଭାଇ ଭାଇର'ର ଆହ୍ୱାନ ସମ୍ବୋଧନର କାକଳିରେ ସମ୍ମିଳନୀ ମଣ୍ଡପ ମର୍ମରିତ ହୋଇ ଉଠିଥିଲା । ସମ୍ମିଳନୀର ପ୍ରଥମ ଅଧିବେଶନରେ ଗୃହୀତ ହୋଇଥିବା ଗୋଟିଏ ମୁଖ୍ୟ

ପ୍ରସ୍ତାବ ହେଲା—ପ୍ରାକୃତିକ ଉତ୍କଳର ଏକତା ସ୍ଥାପନ, ଏକ ଶାସନ ସୂତ୍ରରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଗୁଡ଼ିକର ଏକତ୍ରୀକରଣ, ପ୍ରବାସୀ ତଥା ପରିତ୍ୟକ୍ତ ଅଞ୍ଚଳରେ ରହୁଥିବା ଓଡ଼ିଆମାନଙ୍କ ସ୍ୱାର୍ଥ ସୁରକ୍ଷା ଓ ଉତ୍କଳର ସର୍ବାଙ୍ଗୀନ ଉନ୍ନତି ସାଧନ । ବିଚ୍ଛିନ୍ନ ଭାବେ ଅବସ୍ଥିତ ଓଡ଼ିଆ ଭାଷାଭାଷୀଙ୍କ ଭାବଭୂମିରେ ରହି ଆସିଥିବା ଐକ୍ୟବୋଧ ସ୍ପୃହାକୁ (Feeling of Oneness) ଉତ୍କଳ ସମ୍ମିଳନୀ ଶକ୍ତି ଓ ଗତି ଯୋଗାଇଦେଇ ଓଡ଼ିଆ ଆନ୍ଦୋଳନର ମୋଡ଼ ଦେଇ ବସିଥିଲା । ବସ୍ତୁତଃ ଉତ୍କଳ ସମ୍ମିଳନୀହିଁ ବିଚ୍ଛିନ୍ନ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣର ଓ ଓଡ଼ିଶା ପ୍ରଦେଶ ଗଠନର ପ୍ରାୟୋଗିକ ଭିତ୍ତିଭୂମି ରଚନା କରିଥିଲା । ଉତ୍କଳ ସମ୍ମିଳନୀର କ୍ରମାଗତ ବାର୍ଷିକ ଅଧିବେଶନର ଆୟୋଜନ/ଆଡ଼ମ୍ବର ଫଳରେ ଓଡ଼ିଆ ଜାତିର ରାଜନୈତିକ ସଚେତନତା/ସକ୍ରିୟତା ରାଷ୍ଟ୍ରୀୟ ସ୍ୱୀକୃତି ପାଇବାରେ ସକ୍ଷମ ହୋଇଥିଲା ।

ଏହି ଉତ୍କଳ ସମ୍ମିଳନୀର ପ୍ରସ୍ତୁତି ଓ ପରିଚାଳନାରେ ଗୌରିଶଙ୍କର ମଧୁବାବୁଙ୍କୁ ପ୍ରଭୁତ ସାହାଯ୍ୟ ଓ ସହଯୋଗ କରିଥିଲେ । ଉତ୍କଳୀୟ ଜାତୀୟତାବୋଧର ବାର୍ତ୍ତା ବହନ ପୂର୍ବକ ଉତ୍କଳ ଦୀପିକା ଉତ୍କଳ ସମ୍ମିଳନୀର ମୁଖପତ୍ର ଓ ବାର୍ତ୍ତାବହ ହୋଇ ଉଠିଥିଲା ।

ବିପୁଳ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଉତ୍କଳ ସମ୍ମିଳନୀର ଦୁଇ ତିନୋଟି ଅଧିବେଶନ ଜାକଜମକରେ ସଫଳତାର ସହ ଅନୁଷ୍ଠିତ ହୋଇ ଯାଇଥିଲା । ଏହାର ପ୍ରତିଷ୍ଠାପକ ଓ ସମ୍ପାଦକ ନିଜ ହାତରୁ ଅଜସ୍ର ଅର୍ଥବ୍ୟୟ କରି ସାରିଥିଲେ । କ୍ରମଶଃ ପାଣ୍ଠି ଅଭାବରୁ ପ୍ରଚାରକ ନିଯୁକ୍ତି ସମ୍ଭବ ହୋଇ ପାରିଲା ନାହିଁ । ସମ୍ମିଳନୀର ଆଦର୍ଶକୁ ରୂପାୟିତ କରିବା ପାଇଁ ଉତ୍ସର୍ଗୀକୃତ କର୍ମୀଙ୍କ ଘୋର ଅଭାବ ରହିଥିଲା । ଆନ୍ତରିକତାର ସହ ଗଠନାତ୍ମକ କାର୍ଯ୍ୟ କରିଦିବା ଅପେକ୍ଷା ନିନ୍ଦୁକଙ୍କ ସଂଖ୍ୟା ବୃଦ୍ଧି ପାଇ ବସିଥିଲା । 'ପ୍ରଜାବନ୍ଧୁ' ଓ 'ଓଡ଼ିଆ ଓ ନବ ସମ୍ବାଦ' ପତ୍ରିକାରେ ମଧୁବାବୁଙ୍କ ବିରୁଦ୍ଧରେ ବେନାମୀ ପତ୍ର ଜରିଆରେ କୁତ୍ସାମୂଳକ ଅପପ୍ରଚାର ଆରମ୍ଭ ହୋଇଥିଲା । ଏହା ମଧୁବାବୁଙ୍କୁ ବ୍ୟଥିତ ଓ ମର୍ମାହତ କରିଥିଲା । ଉତ୍କଳ ସମ୍ମିଳନୀ ପ୍ରତି ମଧ୍ୟ ଏହାଥିଲା ଦାରୁଣ ଧକ୍କା ।

'ଜଣେ ହିତାଭିଳାଷୀ' ଛଦ୍ମ ନାମରେ ଗୌରିଶଙ୍କର 'ଉତ୍କଳ ଦୀପିକା' (୧୯୦୫) ରେ ମଧୁବାବୁଙ୍କ ସପକ୍ଷରେ ଓକିଲାତି ଆରମ୍ଭ କରି ଦେଇଥିଲେ—''ଆଜି କାଲି ଅନେକ ଲୋକଙ୍କ ମୁହଁରୁ ଶୁଣାଯାଏ "ଯତ ନଷ୍ଟେର ଗୋଡ଼ା ଓଇ ମଧୁଦାସ" । କୌଣସି କୌଣସି ବିଦେଶୀ ବଙ୍ଗାଳୀମାନେ କହୁପାରନ୍ତି ''ମଧୁବାବୁ ଗୋଟାଏ ସମ୍ମିଳନୀ କଲେ କାହିଁକି ? ସେ ଆମ୍ଭମାନଙ୍କ ଶତ୍ରୁ ।'' କୌଣସି କୌଣସି ଓଡ଼ିଆମାନେ କହି ପାରନ୍ତି, ''ଓଡ଼ିଶାବାସୀ ବଙ୍ଗାଳୀମାନେ ଓଡ଼ିଆମାନଙ୍କ ସହିତ ସମାନ ଅଧିକାର ପାଇବା ଉଚିତ ବୋଲି ମଧୁବାବୁ ମତଦେଲେ କାହିଁକି ? ସେ ଆମ୍ଭମାନଙ୍କର ଶତ୍ରୁ ।'' ଅନ୍ୟ ଏକ ସମ୍ପ୍ରଦାୟ କହି ପାରନ୍ତି ''ଓଡ଼ିଶାଟା ମଧ୍ୟପ୍ରଦେଶକୁ ନଯାଇ ବଙ୍ଗଳା ସଙ୍ଗେ

ରହିବା ନିମନ୍ତେ ମଧୁବାବୁ ମତଦେଲେ କାହିଁକି, ସେ ଆମ୍ଭମାନଙ୍କର ଶତ୍ରୁ ।" ସ୍ଥୂଳତଃ ମନେହୁଏ ପ୍ରଥମ ସମ୍ପ୍ରଦାୟର ବିଶ୍ୱାସ ଯେ ମଧୁବାବୁ ନଥିଲେ ସେମାନେ ଓଡ଼ିଶାକୁ ଗନ୍ଧମାର୍ଦ୍ଦନ ପରି ଉତ୍ପାଟନ କରି ନେଇ ପଳାନ୍ତେ, ଓଡ଼ିଆ ଜାତି ଏବଂ ଓଡ଼ିଆ ଭାଷା ଲୋପ ହୁଅନ୍ତା । ୨ୟ ଓ ୩ୟ ସମ୍ପ୍ରଦାୟମାନଙ୍କର ବିଶ୍ୱାସ ଯେ ମଧୁବାବୁ ନଥିଲେ ଓଡ଼ିଆମାନେ ଓଡ଼ିଶାରୁ ବଙ୍ଗାଳୀମାନଙ୍କୁ ବାହାର କରି ଦିଅନ୍ତେ । ମଧୁବାବୁଙ୍କ ଯୋଗେ ସେ ଆଶା ଭରସା ବନ୍ୟା ଜଳରେ ଭାସିଗଲା ।" ସେକାଳର ଓଡ଼ିଶାର ଜାତୀୟ ଆନ୍ଦୋଳନରେ ବିଭିନ୍ନ ଶକ୍ତି ପ୍ରତିଶକ୍ତିର କ୍ରିୟା କଳାପ, ଅଭୀପ୍ସା ଓ ଅଭିପ୍ରାୟର ଚିତ୍ର ଏହି ଆଲୋଚନାରୁ ସ୍ପଷ୍ଟ ହୋଇଉଠେ ।

୧୯୦୩ ଖ୍ରୀ ରେ ଓଡ଼ିଶାକୁ ସରକାର ମଧ୍ୟପ୍ରଦେଶ ସହ ସଂଯୁକ୍ତ କରିବାକୁ ଯାଉଥିବା ପ୍ରସ୍ତାବ ଶୁଣି ଗୌରୀଶଙ୍କର ଯୁକ୍ତି ବାଢ଼ିଥିଲେ "ଗଞ୍ଜାମ ଓ ସମ୍ବଲପୁରର ଉତ୍କଳ ଖଣ୍ଡମାନ ମୂଳ ଓଡ଼ିଶା ସଙ୍ଗେ ମିଶି ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ଶାସନାଧୀନ ହେଲେ ସର୍ବାପେକ୍ଷା ଉତ୍ତମ ।" (୩୨) ମଧୁବାବୁ ଓ ରାମଶଙ୍କର ମଧ୍ୟ ଓଡ଼ିଶାର ବଙ୍ଗଳା ସହ ସଂଯୁକ୍ତ ହେବାର ଦୃଢ଼ ସମର୍ଥକ ଥିଲେ । ଅପର ପକ୍ଷରେ ଓଡ଼ିଶାର ମଧ୍ୟପ୍ରଦେଶ ସହ ମିଶ୍ରଣକୁ ଓକିଲ ଗୋକୁଳା ନନ୍ଦ, ପାଦ୍ରୀ ହାଓ୍ୱେଲ, ଗୋପବନ୍ଧୁ ଏପରିକି ମଧୁବାବୁଙ୍କ ଅନୁଜ ଗୋପାଳ ବଲ୍ଲଭ ମଧ୍ୟ ଦୃଢ଼ ସମର୍ଥନ କରୁଥିଲେ ଏବଂ ଏହା ହିଁ ହେଲା ପରିଣତି ସ୍ୱରୂପ ପରବର୍ତ୍ତୀ କାଳରେ ଓଡ଼ିଶା ପ୍ରଦେଶ ଚିରକାଳ ପାଇଁ ଖଣିଜ ସମ୍ପଦ ଭରା ସିଂହଭୂମ୍, ସରାଇକଳା ଓ ଖରସୁଆଁ ଓଡ଼ିଆ ଅଞ୍ଚଳ ହରାଇ ବସିଲା ।

ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା ମଧୁବାବୁଙ୍କ ବିରୁଦ୍ଧରେ ବିଶ୍ୱନାଥ କର, ଗୋପାଳ ଚନ୍ଦ୍ର ପ୍ରହରାଜ ପ୍ରମୁଖ ବିଷୋଦ୍‌ଗାର କରିବା ଆରମ୍ଭ କରି ଦେଇଥିଲେ— "ସମ୍ମିଳନୀ ଜଣକର ବା ଜଣ କେତେକଙ୍କର ମନଗଢ଼ା ନେଡ଼ । ସେହି ଜଣକେ ବା ଜଣ କେତେ ତାହାର ସୃଷ୍ଟି-ସ୍ଥିତି-ପ୍ରଳୟ କର୍ତ୍ତା । ତୁମେ ଆମେ ସମସ୍ତେ କେବଳ ନାଟୁଆ, ହାଟୁଆ ଓ ବାଟୁଆ ମାତ୍ର । × × × ସମଗ୍ର ଜାତିଟା ଯାହାଙ୍କ 'ହୋ'ରେ ମାତି ଅଛନ୍ତି × × ସମ୍ମିଳନୀଟା କେବଳ ଗୋଟାଏ ତାମସା ..... ।" (୩[illegible])

ଏ ଈର୍ଷା, ଅସୂୟା ଓ ଆକ୍ଷେପୋକ୍ତି ମଧୁବାବୁଙ୍କୁ ଅତିଷ୍ଠ କରି ସାମୟିକ ନିଷ୍ପ୍ରଭ କରି ତୋଳିଥିଲେ ମଧ୍ୟ ଓ ଉତ୍କଳ ସମ୍ମିଳନୀର ପରବର୍ତ୍ତୀ ଅଧିବେଶନ ଗୁଡ଼ିକ ଅନ୍ତଃବିବାଦ ତଥା ଗୋଷ୍ଠୀ କନ୍ଦଳ ଯୋଗୁଁ ଅବ୍ୟବସ୍ଥିତ ହୋଇ ପଡ଼ିଥିଲେ ମଧ୍ୟ ଉତ୍କଳ ସମ୍ମିଳନୀ ଏତେବେଳକୁ ଏକ ବଳିଷ୍ଠ ଜାତୀୟ ତଥା ରାଜନୈତିକ ଶକ୍ତି ରୂପେ ଉଭା ହୋଇ ଉତ୍କଳ ପ୍ରଦେଶ ଗଠନ ପଥ ପ୍ରସ୍ତୁତ କରି ଚାଲିଥିଲା ।

ହାମବଡ଼ା ଭାବ, ଅତ୍ୟଧିକ ଜିଦ୍‌ପଣତା, ଆତ୍ମୋଟ ମନୋଭାବ, ଅର୍ଥ ପ୍ରବଣତା ସାଙ୍ଗକୁ ଦାନଶୀଳତା, ବଙ୍ଗ ଭାଷାରେ କଥୋପକଥନ, ବଙ୍ଗପ୍ରୀତି, ଖ୍ୟାତି ଓ ପଦବୀ ମୋହ ସେକାଳରେ ମଧୁ ବ୍ୟକ୍ତିତ୍ୱକୁ ବିତର୍କିତ ଓ କିଛି ପରିମାଣରେ ଖବାସ୍ଥିତ କରିଥିଲା ।

୧୮୯୮ ଖ୍ରୀ.ରେ ଅବୈଧ-ପ୍ରୀତି-ଦୋଷଦୁଷ୍ଟ, ଦେଢାଙ୍କିଆ ଯୁବ ଗଜପତିଙ୍କୁ ନୀତିଶିକ୍ଷା ଦେବା ପାଇଁ ପୂର୍ବତନ ପରିଶୋଧର ନାଲିସ କରି ଅଦାଲତର କ୍ରୋକ ଆଦେଶ ନେଇ ମଧୁବାବୁ ପୁରୀ ଯାଇ କୁହୁକିନୀ ରାଣୀଙ୍କର ଘର ଖାନତଲାସ କରାଇ ଦଶ ହଜାର ଟଙ୍କା, ମୁକ୍ତାହାର, ରାମେଶ୍ୱରୀ ମୋହରହାର ଉଦ୍ଧାର କରିଥିଲେ । ବିଭିନ୍ନ ସୂତ୍ରରୁ ପ୍ରାପ୍ତ ଅଢ଼େଇ ଲକ୍ଷ ଟଙ୍କା ଋଣଗ୍ରସ୍ତ ପୁରୀ ଯୁବ ଗଜପତିଙ୍କୁ ଏହାରୁ ପରେ ନଫେରାଇବାରୁ ମଧୁବାବୁ ସମାଲୋଚନାର ଶରବ୍ୟ ହୋଇଥିଲେ । ମଧୁବାବୁଙ୍କ ବିରୁଦ୍ଧରେ ବ୍ୟକ୍ତିଗତ କୁତ୍ସାର ମଧ୍ୟ ଅନ୍ତ ନ ଥିଲା । ସେତେବେଳେ ଅତି ନିର୍ଭୁଳ ଭାବେ ଏକ ଗୁପ୍ତ ଗୁଜବର ଗୁଞ୍ଜରଣ ଅବିଶ୍ୱାସ ଓ ସନ୍ଦେହର ଦୂର୍ଣ୍ଣି ଝଡ଼ରେ ଆନ୍ଦୋଳିତ ହୋଇ ଉଠିଥିଲା—ଶୈଳବାଳା ପାଳିତା ନୁହଁ, ମଧୁବାବୁଙ୍କ କୁଅଁଜେ ଥିଲେ ପ୍ରକୃତ କନ୍ୟା !

ମଧୁବାବୁଙ୍କ ପରି ରାମଶଙ୍କରଙ୍କ ବ୍ୟକ୍ତିତ୍ୱ ମଧ୍ୟ ସେକାଳରେ ବାଦ ବିସମ୍ବାଦର ଘେରରେ ଜଡ଼ିତ ହୋଇ ପଡ଼ିଥିଲା । ଓଡ଼ିଆ ସାହିତ୍ୟର ନାଟକ, ଉପନ୍ୟାସ ରଚନାରେ ଓ ଅମିତ୍ରାକ୍ଷର ଛନ୍ଦ ପ୍ରୟୋଗରେ ପ୍ରଥମ ପୁରୁଷ ହେବା ପାଇଁ ଦାବୀ କରୁଥିବା ରାମଶଙ୍କର ଯଥାର୍ଥରେ ସେହି କ୍ଷେତ୍ର ଗୁଡ଼ିକରେ ପ୍ରଥମ ନଥିଲେ । ଉତ୍କଳୀୟ ଜାତୀୟତାବୋଧ ଅପେକ୍ଷା ହିନ୍ଦୁ ଜାତୀୟତାବୋଧ ପ୍ରତି ସେ ଥିଲେ ଅଧିକ ଅନୁରକ୍ତ । ୧୯୦୩ ଖ୍ରୀ ରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ଯୋଗ ନ ଦେଇ ଜାତୀୟ କଂଗ୍ରେସ ଅଧିବେଶନରେ ଯୋଗ ଦେବାକୁ ସେ ମାନ୍ଦ୍ରାଜ ଚାଲିଯାଇଛନ୍ତି । ଉତ୍କଳ ସମ୍ମିଳନୀରେ ଯୋଗଦେବା ପାଇଁ ତାଙ୍କର ସେପରି ଆବେଗ/ଉତ୍ତେଜନା ଥିବା ଅନୁଭବ ହୁଏନା । ପରେ ଦେଖାଯାଏ ଯେ, ଉତ୍କଳ ସମ୍ମିଳନୀର ବାଲେଶ୍ୱର ଅଧିବେଶନରେ ରାମଶଙ୍କର ଯୋଗ ନଦେଇ 'ବଙ୍ଗାଳୀ ସମ୍ମିଳନୀ'ରେ ଯୋଗଦେବା ଅଧିକ ଉଚିତ ମନେ କରିଛନ୍ତି । ପଦବୀ ମୋହ ଓ ବିଷୟାସକ୍ତି ପୁଣି ତାଙ୍କର କମ୍ ନଥିଲା ।

ଗୌରୀଶଙ୍କର ବ୍ୟକ୍ତିତ୍ୱର ସ୍ୱରୂପ ଅଙ୍କନ ଉଦ୍ଦେଶ୍ୟରେ ଏ ଦୁଇଟି ବ୍ୟକ୍ତିତ୍ୱର ଏହା ଏକ ଆଂଶିକ ଚରିତାଙ୍କନ ମାତ୍ର । ଡୋମିସାଇଲଡ୍ ବଙ୍ଗାଳୀମାନଙ୍କୁ ଗୌରୀଶଙ୍କର ଓଡ଼ିଆ ରୂପେ ଗ୍ରହଣ କରୁଥିବାରୁ ତାଙ୍କୁ ମଧ୍ୟ ବହୁ କଟୁ ସମାଲୋଚନାର ଶରବ୍ୟ ହେବାକୁ ପଡ଼ିଛି । ତେବେ ମଧୁବାବୁ ଓ ରାମଶଙ୍କରଙ୍କ ଅନୁରୂପ ସମାଲୋଚନାରେ ବିଚଳିତ/ବିବ୍ରତ ହୋଇ ସେ କଦାପି କର୍ମବିରତି ହୋଇନାହାନ୍ତି । ଓଡ଼ିଆମାନଙ୍କୁ ଦୂରେଇ ଦେଇ ନାହାନ୍ତି ବା ଓଡ଼ିଆଙ୍କଠାରୁ ଦୂରେଇ ରହି ନାହାନ୍ତି । ଗୌରୀଶଙ୍କରଙ୍କ ଓଡ଼ିଆପ୍ରାଣ ବ୍ୟକ୍ତିତ୍ୱ ଥିଲା ସ୍ଫଟିକ ପରି ଶୁଭ୍ର, ସତେଜ, ସ୍ୱଚ୍ଛ ।

କଟକରେ ସର୍ବସାଧାରଣଙ୍କ ସଭା ସମିତି ତଥା ପାଠାଗାର ପାଇଁ କୋଠାଟିଏ ପ୍ରୟୋଜନୀୟତା ସେ ଅନୁଭବ କରିଥିଲେ । ଉତ୍କଳ ସମ୍ମିଳନୀର ଦ୍ୱିତୀୟ ଅଧିବେଶନ ଗୃହଟି ଅବଶ୍ୟ ବିନା ଭଡ଼ାରେ ସେ ଉଦ୍ୟୋକ୍ତାମାନଙ୍କୁ ଦେଇଥିଲେ । କିନ୍ତୁ ସଭା-ସମିତି ପାଇଁ ତାହା ମଧ୍ୟ ଅପ୍ରଶସ୍ତ ଓ କର୍ମୀମାନଙ୍କ ପାଇଁ ଅସୁବିଧା ଜନକ ହୋଇ ଉଠିଥିଲା

ଗୌରୀଶଂକରଙ୍କର ନିଜର ସମସ୍ତ ସଞ୍ଚିତ ଅର୍ଥ (ଟ ୧୦୧୬୨/) ଖର୍ଚ୍ଚ କରି ମ୍ୟୁନିସିପାଲିଟି ହଲ ପ୍ରତିଷ୍ଠା କରିଥିଲେ । ଏହାହିଁ ତାଂକର ଓଡ଼ିଆ ପ୍ରୀତି ଓ ବିଷୟାସକ୍ତି ଶୂନ୍ୟତାର ପ୍ରମାଣ ବହନ କରେ । ସେ ଅତି ସରଳ ନିରାଡମ୍ବର ଜୀବନ ଯାପନ କରୁଥିଲେ । ନିଜର ଘୋଡ଼ାଗାଡ଼ି ଥିଲେ ମଧ୍ୟ କଠୋର ଶିତ, ଛତାଧରି ସେ ଚାଲିଚାଲି ଯିବା ଆସିବା କରୁଥିଲେ । ଚୁଣ୍ଡା ସାତସିଆଁ ଛତାଟି ଥିଲା ତାଂକର ଘନିଷ୍ଠ ବନ୍ଧୁ । ଭୁରି ପୂର୍ଣ୍ଣ ଖାଦ୍ୟପେୟ ବଢାଗଲେ ସେ ବିରକ୍ତ ହୋଇ କହୁଥିଲେ—"ସ୍ୱାମୀ ରାମଶଂକରଙ୍କୁ ଦିଅ........ ...।" ନିଜ ଜମିର ମୋଟା ବଗଡ଼ା ଚାଉଳର ଭାତ ହିଁ ଥିଲା ତାଂକର ପ୍ରିୟ ଖାଦ୍ୟ । ହଜାର ହଜାର ଟଂକା ଦାନ କରିପାରୁଥିବା ଗୌରୀଶଂକର ମୋଟା ଦେଶୀଲୁଗା ଓ ପୁରୁଣା କାଳିଆ ଜାମାଜାମା (ବେଳେବେଳେ ଫଟା) ପ୍ରାୟ ବ୍ୟବହାର କରୁଥିଲେ ।

୧୯୧୭ଖ୍ରୀରେ ଗୌରୀଶଂକରଙ୍କୁ ସରକାର ରାୟ ବାହାଦୂର ଉପାଧିରେ ଭୂଷିତ କରିଥିଲେ । ଏ ବାର୍ତ୍ତା ପାଇବାମାତ୍ରେ ଗୌରୀଶଂକର କାନ୍ଦ ପକାଇ ଭାବବିହ୍ୱଳ ହୋଇ ବାଷ୍ପରୁଦ୍ଧ କଣ୍ଠରେ କହିଥିଲେ—"ଓଡ଼ିଶାର ମାଟି, ପାଣି, ପବନରେ ମୁଁ ବଢ଼ି ମଣିଷ ହୋଇଥିଲି । ଯାହା ପଇସା ଅର୍ଜନ କରିଛି ସବୁ ଓଡ଼ିଶାରୁ । ସେହି ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତିରେ ତାହା ବିନିଯୋଗ କରିଛି ମାତ୍ର । ଓଡ଼ିଶାର ପଇସା ଓଡ଼ିଶାରେ ଖର୍ଚ୍ଚ କରିଛି । ଏଥିରେ ମୋର ବାହାଦୂରି ବା କଣ ? ଏ ବୃଦ୍ଧ ବୟସରେ ଓଡ଼ିଶାର ସେବା କରିବାକୁ ଆଉ ମୋର ଶକ୍ତି ନାହିଁ । ରାୟବାହାଦୂର ଉପାଧି ନେଇ ଓଡ଼ିଆ ଜାତି ନିକଟରେ ଋଣୀ ହୋଇଯିବି ମାତ୍ର ।" (୩୯) ଇଂରେଜ ସରକାର ଗୌରୀଶଂକରଙ୍କୁ ରାୟବାହାଦୂର ପଦବୀ ଅର୍ପଣ କରିବା ପାଇଁ ଯେଉଁଦିନ କଟକରେ ଦରବାରର ଆନୁଷ୍ଠାନିକ ଆୟୋଜନ କରିଥିଲେ, ସେଦିନ ସେଥିରେ ଉପସ୍ଥିତ ନରହି ନରଭିମାନୀ ଗୌରୀଶଂକର ନିଜ ଗ୍ରାମରେ ନିଜ ଅର୍ଥରେ ଖୋଲିଥିବା ଡାକ୍ତରଖାନା ଉଦ୍‌ଘାଟନ ପାଇଁ ଚାଲି ଯାଇଥିଲେ । ୧୯୧୭ଖ୍ରୀରେ ପ୍ରିଣ୍ଟିଂ କମ୍ପାନୀର ପ୍ରେସ୍ ଗୃହରେ ହିଁ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

ଏହି ବ୍ୟକ୍ତିତ୍ୱର ଯଥାଯଥ ମୂଲ୍ୟାୟନ ପାଇଁ ତାଂକର ଦୁଇ କଟୁସମାଲୋଚକ ଗୋପାଳ ଚନ୍ଦ୍ର ପ୍ରହରାଜ ଓ ବିଶ୍ୱନାଥ କର ଏବଂ ମୁଗ୍ଧ ସ୍ତାବକ/ପଞ୍ଚଶିଷ୍ୟ ମଧୁବାବୁଙ୍କ ଟିକୋଟି ଶ୍ରଦ୍ଧାନିବେଦନ ଏଠାରେ ଉଲ୍ଲେଖ କରିଦିଆ ଯାଉଛି । ଗୋପାଳ ଚନ୍ଦ୍ର-ପ୍ରହରାଜଙ୍କ ମନ୍ତବ୍ୟ—"ଗୌରୀଶଂକର ସମ୍ପାଦକ ରୂପେ ଅବତୀର୍ଣ୍ଣ ହେବା ପୂର୍ବେ ଉତ୍କଳରେ ଗୋଟିଏ ସାଧାରଣ ଭାଷା ନଥିଲା । ପୂର୍ବେ ଲିଖିତ ଉପାୟରେ ଉତ୍କଳୀୟ ମାନଂକ ମଧ୍ୟରେ ଭାବର ଆଦାନ ପ୍ରଦାନ ହେଉନଥିବାରୁ ଉତ୍କଳ ଭାଷା ପ୍ରାଦେଶିକତାରେ ପୂର୍ଣ୍ଣଥିଲା ; ଏମନ୍ତକି ଉତ୍କଳ ଭାଷା ଗୋଟିଏ ଅଞ୍ଚଳରେ ବ୍ୟବହୃତ ହେଉଥିବା ଭାଷାକୁ ଅନ୍ୟ ଅଞ୍ଚଳରେ ଲୋକେ ବୁଝିପାରୁ ନଥିଲେ । ଭାଷାରୁ ଏହିସବୁ ପ୍ରାଦେଶିକତା ଦୂର କରି ସମଗ୍ର ଉତ୍କଳରେ ଗୋଟିଏ ସାଧାରଣ ଭାଷା ପ୍ରଚଳାଇବା ବିଷୟରେ ଉତ୍କଳ ଦୀପିକା ଯେଉଁ କାର୍ଯ୍ୟ କରିଅଛି, ତାହାର ମୂଲ୍ୟ ନିରୂପଣ କରିବା ସହଜ

ନୁହେଁ ।"

ଗୌରୀଶଙ୍କରଙ୍କ ବିୟୋଗରେ ବିଶ୍ୱନାଥ କର ଲେଖିଥିଲେ—"ଗୌରୀଶଙ୍କରଙ୍କ ପରି ନୀରବ, କର୍ମଯୋଗୀ, ନିର୍ଲୋଭ ସର୍ବତ୍ୟାଗୀ ବୈରାଗୀ, ନିରପେକ୍ଷ ନିର୍ଭୀକ ସ୍ୱାଧୀନଚେତା ପୁରୁଷ ସିଂହ ଉତ୍କଳରେ ଆଉ କିଏ ରହିଲେ ? କର୍ମ ଜୀବନରୁ ଅବସର ଘେନି ଦିନକ ପାଇଁ ନିଷ୍କର୍ମ ହୋଇ ବସି ନାହାନ୍ତି, ବରଂ ଅହମ୍ମୂର୍ତ୍ତି ଅନୁଷ୍ଠାନର ସୁବ୍ୟବସ୍ଥା କରିବାକୁ ଭୁଲିନାହାନ୍ତି । ଜୀବନରେ କେତେ ବିଷୟରେ ତାଙ୍କ ସଙ୍ଗେ କଳି ମଧ୍ୟ କରିଥିଲୁଁ, ପୁଣି ତାଙ୍କ ଜୀବନରେ ଦୁଇଟା ଗୋଟାଏ ଗୁରୁତର ଦୋଷ ଦେଖି ବ୍ୟଥିତ ହୋଇଅଛୁଁ, କିନ୍ତୁ ସେ ପ୍ରବଳ ମନୁଷ୍ୟତ୍ୱର ସମ୍ମୁଖୀନ ହେବା ମାତ୍ରକେ ମସ୍ତକ ସ୍ୱତଃ ନତ ହୋଇଅଛି, ଦୂରରୁ ନାନା ସମୟରେ ସେ ମହତ୍ତ୍ୱ କଥା ସ୍ମରଣ କରି ଭକ୍ତି-ବିନମ୍ର ଅନ୍ତରରେ ନମସ୍କାର କରିଅଛୁଁ ।" (୪୦)

ଗୌରୀଶଙ୍କରଙ୍କ ପ୍ରୟାଣରେ ଉତ୍କଳ ସମ୍ମିଳନୀର ୧୩ ଅଧିବେଶନରେ ଶୋକ ପ୍ରସ୍ତାବ ଆନୟନ କରି ଆପଣାର ପ୍ରିୟ 'ମାଷ୍ଟରଦା'ଙ୍କ ପ୍ରତି ଭାବ ବିହ୍ୱଳ କଣ୍ଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ମଧୁବାବୁ—"ଗୌରୀଶଙ୍କର ଉତ୍କଳରେ ପ୍ରଥମେ ସମ୍ବାଦ ପତ୍ର ପ୍ରକାଶ କଲେ । 'ଉତ୍କଳ ଦୀପିକା' ଉତ୍କଳର ଦୀପଟିଏ । ଏକ ସମୟରେ ମନୁଷ୍ୟଜାତି ଅସଭ୍ୟ ଅବସ୍ଥାରେ ଥିଲା । ସୃଷ୍ଟିର ପ୍ରଥମ ଦିନ ଯେତେବେଳେ ସୂର୍ଯ୍ୟ ଅସ୍ତ ହେଲେ ଅନ୍ଧକାର ପୃଥିବୀରେ ଘୋଟିଗଲା । ମନୁଷ୍ୟ ସେତେବେଳେ ଆତ୍ମରକ୍ଷା ପାଇଁ ବ୍ୟାକୁଳ ହେଲା । ସେତେବେଳେ ମନୁଷ୍ୟ ନୈଶ୍ୟ ଜୀବନରେ ଜାତିର ସହାୟ ହେବାକୁ ଦୀପର ସୃଷ୍ଟି କଲା । × × × ବର୍ତ୍ତମାନ ଦୀପ ଜାଳିବା ଅତି ସହଜ । କିନ୍ତୁ ପ୍ରଥମେ ଯାହାର ମସ୍ତିଷ୍କ ଦୀପ ଆବିଷ୍କାରରେ ନିୟୋଜିତ ହେଲା ତାହାର କେତେ ଚେଷ୍ଟାର ଫଳ ଏହା । ତେଣୁ ମାନବ ଜାତି ତାହା ନିକଟରେ କୃତଜ୍ଞ ରହିବାକୁ ବାଧ୍ୟ ।"

ଓଡ଼ିଆ ଜାତି 'ଉତ୍କଳ ଦୀପିକା'ର ସମ୍ପାଦକ ଗୌରୀଶଙ୍କରଙ୍କ ନିକଟରେ କେତେ ପରିମାଣରେ କୃତଜ୍ଞ ରହିବା ଉଚିତ, ଏଠାରେ ବ୍ୟଞ୍ଜନାତ୍ମକ ଭାବେ ତାହା ବିବୃତ । ପ୍ରିଣ୍ଟିଂ କମ୍ପାନୀ ସହ ସେ ଏପରି ଜଡ଼ିତ ହୋଇ ପଡ଼ିଥିଲେ ଯେ ଲୋକେ ଗୌରୀଶଙ୍କର ଛାପାଖାନା ବୋଲି ପ୍ରେସ୍‌ଟିକୁ ଚିହ୍ନିତ କରୁଥିଲେ । 'ଉତ୍କଳ ଦୀପିକା' କେବଳ ଏକ ସାମାନ୍ୟ ଖବର କାଗଜ ନଥିଲା, ଏହା ଓଡ଼ିଆ ଆନ୍ଦୋଳନର ମୁଖପତ୍ର ହୋଇଉଠିଥିଲା । ଓଡ଼ିଆର ପ୍ରାଣବାଣୀ ଏଥିରେ ମୂର୍ଚ୍ଛିତ, ମର୍ମରିତ ହୋଇ ଉଠୁଥିଲା । ଓଡ଼ିଆ ଆତ୍ମାର ଅନ୍ତର୍ବାଣୀ ଏଥିରେ ଉଚ୍ଚାରିତ ହେଉଥିଲା । ଉତ୍କଳୀୟ ଜାତୀୟତା-ବୋଧର/ଓଡ଼ିଆ ଜାଗୃତିର ନାଭିକେନ୍ଦ୍ର ହୋଇ ଉଠିଥିଲା କଟକ ପ୍ରିଣ୍ଟିଂ କମ୍ପାନୀ ଓ ଉତ୍କଳ ଦୀପିକା । ଗୌରୀଶଙ୍କର ହୋଇ ଉଠିଥିଲେ ଉତ୍କଳୀୟ ଜାତୀୟତାବୋଧର ପ୍ରାଣବିନ୍ଦୁ, ଭଗୀରଥ ; ଓଡ଼ିଆ ଜାତିର ଦଧୀଚି ।

ଓଡ଼ିଶା ପ୍ରଦେଶ ଗଠନ ରୂପକ କୋଣାର୍କର ସୂତ୍ରଧର ଓ ତତ୍ତ୍ୱାବଧାରକ ଥିଲେ

ଗୌରୀଶଙ୍କର, ଅର୍କକ୍ଷେତ୍ର କମୁଦନ୍ତୀର ପୁରୁଷ ଶିବେଇ ସାନ୍ତରା । ଚୂଡ଼ାନ୍ତ ଓଡ଼ିଶା ପ୍ରଦେଶ ଗଠନ ରୂପକ କୋଣାର୍କର ମୂର୍ତ୍ତି ମାଣଥିଲେ ପାରଳା ରାଜା କୃଷ୍ଣଚନ୍ଦ୍ର-ଗଜପତି, ଏ ଜାତିର ଧରମା । ଆଧୁନିକ ଓଡ଼ିଶା ଇତିହାସ ଆଲୋଚନା ବେଳେ ଏ ଦୁଇଜଣ ରୁଙ୍ଗ ପୁରୁଷଙ୍କୁ ଆମେ ଯଥେଷ୍ଟ ସ୍ୱୀକୃତି ଦେଇ ପାରିବା । କାରଣ ଜଣେ ନିଷ୍କପଟ ଓଡ଼ିଆ ପ୍ରାଣଥିଲେ ମଧ୍ୟ ଡୋମିସାଇଲଡ୍ ବଙ୍ଗାଳୀ ଗୃହରେ ଜନ୍ମ ଗ୍ରହଣ କରିଥିଲେ ଆଉ ଜଣକ ଆସିଥିଲେ ଓଡ଼ିଶାର ଉପାନ୍ତ ଅଞ୍ଚଳର ରାଜ ପରିବାରରୁ । ପାରଳା ଗଜପତିଙ୍କ ଭାଗ୍ୟରେ ଗୋଟିଏ ଦୁଇଟି ଶିକ୍ଷାନୁଷ୍ଠାନର ନାମକରଣ, ଦୁଇ ତିନୋଟି ପ୍ରତିମୂର୍ତ୍ତି, ବିଳମ୍ବରେ ହେଲେ ମଧ୍ୟ ଗୋଟିଏ ଜିଲ୍ଲାର ନାମକରଣର ସୌଭାଗ୍ୟ (!) ଜୁଟିଥିଲେ ମଧ୍ୟ ବିଚରା ଗୌରୀଶଙ୍କରଙ୍କ ଫାଟା କପାଳରେ ନୁଖୁରା/ଅପ୍ରଶସ୍ତ ପାର୍କଟିର ନାମକରଣ ବ୍ୟତୀତ ଓଡ଼ିଆ ଜାତି ତାଙ୍କପ୍ରତି ଆଉ ବିଶେଷ କିଛି ଅନୁଗ୍ରହ କରିବାର ସମୟ ପାଇନି !

ନିରନ୍ତର ଅଫୁରନ୍ତ ଦାନରେ ଦଧୀଚିର ଚରମ ଆତ୍ମତୃପ୍ତି—ସେ ଅପରର ଅନୁଗ୍ରହ/ଆପ୍ୟାୟନର ଅପେକ୍ଷା ରଖେନା । ଗୌରୀଶଙ୍କର, ଓଡ଼ିଆ ଜାତିକୁ କ୍ଷମାକର !

## —ପାଦଟୀକା—

୧) ଗଗନେନ୍ଦ୍ର ନାଥ ଦାଶ—ଜନ୍ମଶ୍ରୁତି କାଞ୍ଚିକାବେରୀ-ପୃ ୬୯
୨) ଏ ସମ୍ପର୍କରେ ବିଶଦ ବିବରଣୀ ପାଇଁ ଦ୍ରଷ୍ଟବ୍ୟ—
   କ) ଗଗନେନ୍ଦ୍ର ନାଥ ଦାଶ—ଜନଶ୍ରୁତି କାଞ୍ଚିକାବେରୀ ପୃ ୬୮-୭୧
   ଖ) Dr. G N. Dash: Jagannath and Oriya Nationalism Chapter-XIX in The Cult of Jagannath and the Regional Tradition of Orissa Page-359-374,
୩) Dr. G N. Dash: The Cult of Jagannath and the Regional Tradition of Orissa Page-364,
୪) ୧୮୭୬ ମସିହା କଟକ ପ୍ରିଣ୍ଟିଂକମ୍ପାନୀର ବାର୍ଷିକ ବିବରଣୀ-ପୃ-୨୮
୫) ଉତ୍କଳ ଦୀପିକା—ତା ୮. ୧୨. ୧୮୬୬
୬) ୧୮୭୬ ମସିହା କଟକ ପ୍ରିଣ୍ଟିଂ କମ୍ପାନୀର ବାର୍ଷିକ ବିବରଣୀ-ପୃ-୨୯
୭) ଉତ୍କଳ ଦୀପିକା—ତା ୨୯. ୯. ୧୮୬୬
୮) ଉତ୍କଳ ଦୀପିକା—ତା ୧୦. ୧୧. ୧୮୬୬
୯) ସୁରେନ୍ଦ୍ର ମହାନ୍ତି-ଶତାବ୍ଦୀର ସୂର୍ଯ୍ୟ (୧୯୭୬) ପୃ-୫୩
୧୦) ପ୍ରାପ୍ତ (ପତ୍ର) ହିସାବରେ ଉତ୍କଳ ଦୀପିକା ତା ୧. ୯. ୧୮୬୬ ଓ ତା ୨୦. ୧୦. ୧୮୬୬ରେ ପ୍ରକାଶିତ ।

୧୧) ଉତ୍କଳ ଦୀପିକା—ତା ୮. ୧୨. ୧୮୬୬
୧୨) Nationalism is a modern emotional fusion and *exaggeration of two phenomena*—Nationalism and Patriotism". says C.J.H, Essays on Nationalism (1926) P-5-29
୧୩) ଉତ୍କଳ ଦୀପିକା—ତା ୧. ୧. ୧୮୭୨
୧୪) ଉତ୍କଳ ଦୀପିକା—ତା ୪. ୧. ୧୮୬୮
୧୫) ଉତ୍କଳ ଦୀପିକା- ତା ୨୫. ୧. ୧୮୬୮
୧୬) ଉତ୍କଳ ଦୀପିକା—ତା ୪. ୪. ୧୮୬୮
୧୭) ଉତ୍କଳ ଦୀପିକା—ତା ୧୩. ୩. ୧୮୬୯
୧୮) ଉତ୍କଳ ଦୀପିକା—ତା ୧୩. ୩. ୧୮୬୯
୧୯) ଉତ୍କଳ ଦୀପିକା—ତା ୨୭. ୧୦. ୧୮୭୨
୨୦) ଉତ୍କଳ ଦୀପିକା—ତା ୧୬. ୧୧. ୧୮୭୨
୨୧) ଉତ୍କଳ ପୁତ୍ର—ତା ୧. ୮. ୧୮୭୩
୨୨) ଉତ୍କଳ ଦୀପିକା—ତା ୨୫. ୯. ୧୮୬୯
୨୩) ଉତ୍କଳ ଦୀପିକା—ତା ୨୭. ୧୧. ୧୮୬୯
୨୪) ଗଗନେନ୍ଦ୍ର ନାଥ ଦାଶ—ଓଡ଼ିଆ ଭାଷା ଚର୍ଚ୍ଚାର ପରମ୍ପରା-ପୃ-୪୯
୨୫) ଉତ୍କଳ ଦୀପିକା—ତା ୨୭. ୨. ୧୮୭୦
୨୬) ଉତ୍କଳ ଦୀପିକା—ତା ୨. ୪. ୧୮୭୦
୨୭) ଦାଶ ଗଗନେନ୍ଦ୍ର ନାଥ—ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ: ଏକ ସିଂହାବଲୋକନ (୨)- ଝଙ୍କାର; ଡିସେମ୍ବର, ୧୯୮୬-ପୃ-୮୫୫
୨୮) ଉତ୍କଳ ଦୀପିକା—ତା ୮. ୬. ୧୮୭୨
୨୯) ଉତ୍କଳ ଦୀପିକା—ତା ୨୮ ୩. ୧୮୬୮
୩୦) ଡ କେ. ଭି. ବୋଲଟନ—ଦେଶ, କାଳ, ପାତ୍ର ଓ ମନୀଷୀ ଫକୀରମୋହନ ପୃ-୭-୯ ଦ୍ରଷ୍ଟବ୍ୟ ।
୩୧) ଉତ୍କଳ ଦୀପିକା—ତା ୧୯. ୨. ୧୮୭୬
୩୨) ଉତ୍କଳ ଦୀପିକା—ତା ୨, ୩. ୧୮୭୮
୩୩) ଉତ୍କଳ ଦୀପିକା—ତା ୨୩, ୩. ୧୮୭୮
୩୪) ଉତ୍କଳ ଦୀପିକା—ତା ୧୩. ୪. ୧୮୭୮
୩୫) ଉତ୍କଳ ଦୀପିକା—ତା ୧. ୧. ୧୮୮୭

୩୬) ଉତ୍କଳ ଦୀପିକା – ତା ୨୧. ୮. ୧୯୦୯

୩୭) ଉତ୍କଳ ଦୀପିକା—ତା ୩୧. ୧. ୧୯୦୩

୩୮) ଗୋପାଳ ଚନ୍ଦ୍ର ପ୍ରହରାଜ—ଆମ ଘରର ହାଲଚାଲ-ଉତ୍କଳ ସାହିତ୍ୟ ୨୨ଶ ଭାଗ, ପ୍ରଥମ ସଂଖ୍ୟା-ପୃ-୨୮-୩୫ ଦ୍ରଷ୍ଟବ୍ୟ ।

୩୯) ହରିଶଙ୍କର ରାୟଙ୍କ ପୁତ୍ରବଧୂ ଶ୍ରୀମତୀ ଶୈଳବାଳା ରାୟଙ୍କ ସହ ସାକ୍ଷାତ୍‌କାର—ତା ୬. ୧୦. ୧୯୭୫ ।

୪୦) ଉତ୍କଳ ସାହିତ୍ୟ—୨୦ଶ ଭାଗ ୧୨ଶ ସଂଖ୍ୟା-ପୃ ୫୯୧-୯୨ ।

ଓଡ଼ିଆ ବିଭାଗ
ମ୍ୟୁନିସିପାଲ୍ କଲେଜ
ରାଉରକେଲା-୧୨

# ଗୌରୀଶଙ୍କର ଓ ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନ

✻ ଡକ୍ଟର ଗଗନେନ୍ଦ୍ର ନାଥ ଦାଶ

## ପ୍ରାଗ୍ଭାଷ :-

ଓଡ଼ିଶାର ବିଦ୍ୟାଳୟ ମାନଙ୍କରେ ଓଡ଼ିଆ ଭାଷାର ସ୍ଥିତିକୁ ସୁରକ୍ଷା, ସୁଦୃଢ଼ ଓ ସଂପ୍ରସାରିତ କରିବା ପାଇଁ ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନ ୧୮୬୮ର ଜାନୁଆରୀ ମାସରେ ଆରମ୍ଭ ହୋଇ ତିନୋଟି ପର୍ଯ୍ୟାୟରେ ୧୮୭୦ର ମଧ୍ୟଭାଗ ପର୍ଯ୍ୟନ୍ତ ଚାଲିଥିଲା । ଏହି ଆନ୍ଦୋଳନ ପ୍ରସଙ୍ଗରେ ଯେଉଁ ଓଡ଼ିଆ ଓ ଅଣ-ଓଡ଼ିଆମାନେ ପ୍ରକାଶ୍ୟରେ ବା ଅନ୍ତରାଳରେ ଥାଇ ବିଭିନ୍ନ ପ୍ରତ୍ୟକ୍ଷ ବା ପରୋକ୍ଷ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ସେ ସମସ୍ତଙ୍କ ନାମ ଓ ଭୂମିକାର ସ୍ୱରୂପ ତଥା ଗୁରୁତ୍ୱ ହୁଏତ ଜଣାନାହିଁ । ଯେଉଁମାନଙ୍କ ନାମ ଓ ଭୂମିକା ସମ୍ପର୍କରେ କିଛି ଜଣା ଯାଇଛି ସେମାନେ ହେଲେ ଗୌରୀଶଙ୍କର ରାୟ, ବିଚିତ୍ରାନନ୍ଦ ଦାସ, ନନ୍ଦକିଶୋର ଦାସ, ଜଗମୋହନ ରାୟ, ଫକୀର ମୋହନ ସେନାପତି, ରଙ୍ଗଲାଲ ବନ୍ଦ୍ୟୋପାଧ୍ୟାୟ, ଭୂଦେବ ମୁଖୋପାଧ୍ୟାୟ, T. E Ravenshaw, John Beames, H. C. B. C. Raban, R. L. Martin । ଏମାନଙ୍କ ମଧ୍ୟରେ ଉତ୍କଳ ଦୀପିକା (ଏହାପରେ କେବଳ ଦୀପିକା ର ତତ୍କାଳୀନ ସମ୍ପାଦକ ଗୌରୀଶଙ୍କର ରାୟଙ୍କ ନାମ ଅଗ୍ରଗଣ୍ୟ ।

ଗୌରୀଶଙ୍କରଙ୍କ ଭୂମିକା ଥିଲା ପ୍ରକାଶ୍ୟ ତଥା ପ୍ରତ୍ୟକ୍ଷ । ପୁଣି ତାଙ୍କର ଭୂମିକା ହିଁ ଏ ଆନ୍ଦୋଳନର ପ୍ରସ୍ତୁତି ପର୍ବଠାରୁ ଆରମ୍ଭ କରି ତିନୋଟିଯାକ ପର୍ଯ୍ୟାୟବ୍ୟାପୀ ଥିଲା । ଆହୁରି ମଧ୍ୟ ତାଙ୍କର ଭୂମିକା ଥିଲା ଅତ୍ୟନ୍ତ ପ୍ରଭାବଶାଳୀ । ଏହା ଏକ ଦିଗରେ ଆନ୍ଦୋଳନର ସୃଷ୍ଟି ପାଇଁ ପ୍ରତ୍ୟକ୍ଷରେ ଦାୟୀଥିଲା; ଆନ୍ଦୋଳନର ପ୍ରତ୍ୟେକ ପର୍ଯ୍ୟାୟରେ ତାର ଗତିଧାରାକୁ ଅବ୍ୟାହତ ରଖିଥିଲା ଓ ଗତିପଥକୁ ନିୟନ୍ତ୍ରଣ କରିଥିଲା । ଆଉ ଅନ୍ୟ ଦିଗରେ ଏହା ସରକାରୀ ସିଦ୍ଧାନ୍ତକୁ ପରୋକ୍ଷରେ ହେଲେ ହେଁ ପ୍ରଭାବିତ କରିବାରେ ସମର୍ଥ ମଧ୍ୟ ହୋଇଥିଲା ଯାହା ଫଳରେ ୧୮୬୯ର ନଭେମ୍ବର ମାସରେ ଓଡ଼ିଶାର ବିଦ୍ୟାଳୟରେ ଓଡ଼ିଆ ଭାଷାର ସ୍ଥିତିକୁ ସୁରକ୍ଷା, ସୁଦୃଢ଼ କରିବା ପାଇଁ ସରକାରୀ ସ୍ତରରେ ପ୍ରଥମ ନୀତିଗତ ସିଦ୍ଧାନ୍ତ ନିଆଗଲା ଓ ୧୮୭୩ରେ ଓଡ଼ିଆ ଭାଷା ଓଡ଼ିଶାର ବିଦ୍ୟାଳୟରେ ଅସପତ୍ନ ଆସନ ଲାଭ କଲା । ଶେଷରେ ତାଙ୍କର ଭୂମିକା ଏହି ଆନ୍ଦୋଳନର ପ୍ରତିକ୍ରିୟା-ଜନିତ ଏକ ପ୍ରତି-ଆନ୍ଦୋଳନ ପ୍ରଚେଷ୍ଟାକୁ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ବ୍ୟର୍ଥ କରିବା ପାଇଁ ସମର୍ଥ ହୋଇ ପାରିଥିଲା । ସେ ପ୍ରସଙ୍ଗରେ ଏ ପ୍ରତି-ଆନ୍ଦୋଳନ ପ୍ରଚେଷ୍ଟାର ଜନକ ଓ ନାୟକ ବିଖ୍ୟାତ ପଣ୍ଡିତ, ଗବେଷକ ଓ ବାଗ୍ମୀପ୍ରବର ରାଜେନ୍ଦ୍ର ଲାଲ ମିତ୍ରଙ୍କ ସ୍ପର୍ଦ୍ଧିତ ଆହ୍ୱାନକୁ ଗ୍ରହଣ ଓ ସଫଳ ଭାବରେ

ମୁକାବିଲା କରିବାରେ ଗୌରୀଶଙ୍କର ଆଦୌ ପଶ୍ଚାଦ୍‌ପଦ ହୋଇନଥିଲେ ବା ମାନହାନୀ ମକଦ୍ଦମାରେ ବିଚାରାଳୟର ସମ୍ମୁଖୀନ ହେବା ପାଇଁ ଭୟଭୀତ ହୋଇ ନଥିଲେ । (ଏହା ଗୌରୀଶଙ୍କରଙ୍କ ପକ୍ଷରେ କମ ଗୌରବାବହ ନୁହେଁ ।) ତେଣୁ ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନରେ ଗୌରୀଶଙ୍କରଙ୍କ ଭୂମିକା ଓ ସେ କ୍ଷେତ୍ରରେ ତାଙ୍କର ଅବଦାନ ଏକାନ୍ତ ଭାବରେ ମହନୀୟ, ବନ୍ଦନୀୟ ଓ ସ୍ମରଣୀୟ ।

ନିମ୍ନରେ ସଂକ୍ଷେପରେ ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନର ପ୍ରସ୍ତୁତି ପର୍ବ ତଥା ତିନୋଟିଯାକ ପର୍ଯ୍ୟାୟରେ ଗୌରୀଶଙ୍କରଙ୍କ ଭୂମିକାର ସ୍ୱରୂପ ଓ ଗୁରୁତ୍ୱ କଳନାର ପ୍ରଚେଷ୍ଟା କରାଯିବ ।

## ଆନ୍ଦୋଳନର ପ୍ରସ୍ତୁତି ପର୍ବ :-

ଊନବିଂଶ ଶତକରେ, ଓଡ଼ିଶା ବ୍ରିଟିଶ ଶାସନାଧୀନ ହେବା ପରେ ମୁଖ୍ୟତଃ ସରକାରୀ ଉଦାସୀନତା, ଓଡ଼ିଆ ପାଠ୍ୟ ପୁସ୍ତକର ଅଭାବ, ଓଡ଼ିଆ ଭାଷାଭାଷୀ ଗୁରୁଙ୍କ ସଂଖ୍ୟାନ୍ୟୂନତା ଓ ଶିକ୍ଷା ବିଭାଗରେ କାମ କରୁଥିବା ବଙ୍ଗାଳୀ ଡେପୁଟି ଇନ୍‌ସ୍ପେକ୍ଟର ଓ ଶିକ୍ଷକମାନଙ୍କ ଓଡ଼ିଆ ପ୍ରତି ପ୍ରତିକୂଳ ତଥା ବଙ୍ଗଭାଷା ପ୍ରତି ଅନୁକୂଳ ମନୋଭାବ ହେତୁ ଓଡ଼ିଶାର ବିଦ୍ୟାଳୟରେ. ବିଶେଷ ଭାବରେ ଉଚ୍ଚ ଶ୍ରେଣୀରେ ଓଡ଼ିଆ ଭାଷା ଅବହେଳିତ ହେଉଥିଲା ଓ ସେଇ ସୁଯୋଗରେ ବଙ୍ଗଭାଷା କ୍ରମଶଃ ଅନୁପ୍ରବେଶ କରିବାରେ ଓ ତାର ସ୍ଥିତି ଦୃଢ଼ କରିବାରେ ଲାଗିଥିଲା । ପୁଣି ଓଡ଼ିଶାର ବିଦ୍ୟାଳୟରୁ ଓଡ଼ିଆକୁ ସମ୍ପୂର୍ଣ୍ଣ ବା ଆଂଶିକ ଭାବରେ ନିର୍ବାସନ କରିବାର ଏକାଧିକ ଉଦ୍ୟମ ଏ ମଧ୍ୟରେ ସରକାରୀ ସ୍ତରରେ ହୋଇଥିଲା ଯଦିଓ ସେଭଳି ସରକାରୀ ସ୍ତରରେ ତାର ସଫଳ ପ୍ରତିରୋଧ ମଧ୍ୟ କରାଯାଇ ପାରିଥିଲା (୧) । ଏସବୁ ପରୋକ୍ଷ ବା ବିପରୀତାତ୍ମକ ଭାବରେ ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନର ପଥ ପରିଷ୍କାର କରିଥିଲା । ୧୮୬୪ ରେ କଟକ ପ୍ରିଣ୍ଟିଂ କମ୍ପାନୀର ସ୍ଥାପନ ଓ ୧୮୬୬ ଅଗଷ୍ଟ ମାସ ଠାରୁ ଗୌରୀଶଙ୍କରଙ୍କ ସମ୍ପାଦନାରେ 'ଦୀପିକା'ର ପ୍ରକାଶନ ମଧ୍ୟ ପ୍ରତ୍ୟକ୍ଷରେ ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନର ପଥ ପରିଷ୍କାର କରିଥିଲା ।

ଏହାପରେ ଆପାତ ସମ୍ପର୍କ ବିହୀନ ଯେଉଁସବୁ ଘଟଣା ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନର ଅନୁକୂଳ ପରିବେଶ ସୃଷ୍ଟିରେ ସହାୟକ ହୋଇଥିଲା ସେ ମଧ୍ୟରେ ମୁଖ୍ୟତଃ ତିନୋଟି ଆଭିମୁଖ୍ୟ ଫୁଟି ଉଠିଥିଲା ବା ପ୍ରତିଫଳିତ ହୋଇଥିଲା । ପ୍ରଥମରେ ଓଡ଼ିଶାର ବିଦ୍ୟାଳୟରେ ଓଡ଼ିଆ ଭାଷା ପ୍ରଚଳନରେ ପ୍ରତ୍ୟକ୍ଷ ବା ପରୋକ୍ଷରେ ବାଧା ସୃଷ୍ଟି କରୁଥିବା ବଙ୍ଗଭାଷାଭାଷୀ ଶିକ୍ଷା ବିଭାଗୀୟ କର୍ମଚାରୀ, ବିଶେଷ ଭାବରେ ଡେପୁଟି-ଇନ୍‌ସ୍ପେକ୍ଟରମାନଙ୍କ ଓଡ଼ିଆ ବିରୋଧୀ କାର୍ଯ୍ୟକଳାପର ତୀବ୍ର ସମାଲୋଚନା । ଏଥିରେ ଦୀପିକାର ସମ୍ପାଦକ ଗୌରୀଶଙ୍କର ଅଗ୍ରଣୀ ଥିଲେ । ଦୀପିକା ପ୍ରକାଶନ ଆରମ୍ଭର ମାତ୍ର ମାସେ ନ ଯାଉଣୁ ୧୮୬୬ ସେପ୍ଟେମ୍ବର ୧ ତାରିଖର ଦୀପିକାରେ "ଓଡ଼ିଶା ସ୍କୁଲ-ମାନଙ୍କରେ ଡେପୁଟୀ ଇନ୍‌ସ୍ପେକ୍ଟରର କର୍ମ" ଶୀର୍ଷକ ଲେଖାରେ ସେ କହିଥିଲେ, "ବଙ୍ଗ

ଦେଶୀ ଲୋକମାନେ ସ୍ୱଭାବତଃ ଉତ୍କଳ ଦେଶ ଉପରେ ବିରକ୍ତଥାନ୍ତି ଏବଂ ଅଦେଶସ୍ଥ ଭାଷା ଓ ରୀତିଗତିରୁ ସର୍ବ ପ୍ରକାରରେ ଅନଭିଜ୍ଞ ବିଶେଷତଃ ତାହାଙ୍କ ଚାକିରିର ଅସ୍ଥାରୁ ସେମାନେ କୌଣସି ସ୍ଥାନରେ ଦୁଇ ତିନି ବର୍ଷରୁ ଅଧିକ ନ ରହିବାରୁ ଉତ୍କଳ ଭାଷା ଶିକ୍ଷା କରିବାକୁ ଇଚ୍ଛା କରନ୍ତି ନାହିଁ ଓ ଯତ୍ନ କଲେ ସୁଦ୍ଧା ଅଳ୍ପକାଳରେ ହେବାର କଷ୍ଟ । ଏ ଯୋଗୁଁ ବଙ୍ଗ ଦେଶରୁ ଅଦ୍ୟାପି ଯେତେ ଡେପୋଟି ଇନ୍‌ସପେକ୍ଟର ଆସି ଅଛନ୍ତି କେହି ଉତ୍କଳ ଭାଷା ଉନ୍ନତି ବିଷୟରେ କିଛି ଚେଷ୍ଟା କରିନାହାନ୍ତି ବରଂ ଉତ୍କଳ ଭାଷା ପ୍ରକାରାନ୍ତରରେ ମୋଫସଲ ସ୍କୁଲମାନଙ୍କରୁ ଉଠାଇ ଦେଇ ବଙ୍ଗଭାଷା ପ୍ରଚଳିତ କରୁଅଛନ୍ତି । ଅଧିକ କି କହିବୁଁ ଏକ ଏକଜଣ ବଙ୍ଗଦେଶୀ ଡେପୋଟୀ ଇନ୍‌ସ୍ପେକ୍ଟର ଉତ୍କଳ ଦେଶକୁ ଏ ପ୍ରକାର ଘୃଣା କରନ୍ତି ଯେ ସରକାରୀ ରିପୋର୍ଟରେ ସୁଦ୍ଧା ତାହା ଜଣାଇବାକୁ ତ୍ରୁଟି କରିନାହାନ୍ତି," (୨) ଇତ୍ୟାଦି । ସେହିପରି ୧୮୬୭ର ଦୀପିକାର ଏକ ସଂଖ୍ୟାରେ ଅନୁରୂପ ଭାବରେ ସେ କହିଥିଲେ, "ଅପିଚ କେତେକ ବଙ୍ଗାଳି ଡେପୁଟି ଇନ୍‌ସ୍ପେକ୍ଟର ଯେଉଁମାନେ କେବଳ ଅର୍ଥାକାଂକ୍ଷାରେ କର୍ମ କରନ୍ତି ଓ ବହୁତ ଟଙ୍କା ପାଇଲେ କର୍ମ ପରିତ୍ୟାଗ କରି ପଳାନ୍ତି ଓ ମନେ ମନେ ଭାବୁଥାନ୍ତି ଓ କେତେବେଳେ ମଧ୍ୟ ପ୍ରକାଶ କରି ପକାନ୍ତି ଯେ, ଇଙ୍ଗରାଜମାନେ ଯେପରି ଭାରତ ଅଧିକାର କରି ତଦେଶସ୍ଥ ଭାଷାସବୁ ଇଂରାଜୀ ଅକ୍ଷରରେ ଲାଟିନାଇଜ କରି ଲେଖିବାକୁ ଭଲ ଜ୍ଞାନ କରନ୍ତି ମଧ୍ୟ ଅନେକ ଅର୍ଥ ବ୍ୟୟ କରି ଖ୍ରୀଷ୍ଟଧର୍ମ ଫନ୍ଦାନ୍ତି ଓ ଅପର କେତେକ ପୁସ୍ତକ ତଦ୍ରୂପ ମୁଦ୍ରିତ କରିଅଛନ୍ତି; ସେହିପରି ସେମାନେ ଉତ୍କଳ ଭାଷାକୁ ଏକା-ବେଳକେ ନୋହିଲେ ନିତ୍ୟାନ୍ତ ସରକାରୀ କଚେରୀରୁ ଉଠାଇ ଦେଇ ଦେଶଯାକ ବଙ୍ଗଳା ଚଳାଇବେ, ଏହିରୂପ ମାନସ କରନ୍ତି ଓ ସ୍ୱୀକାର୍ଯ୍ୟ ଉପର ହାକିମଙ୍କ ଠାରେ ଜଣାନ୍ତି ଯେ ଓଡ଼ିଆ ଅତି କଦର୍ଯ୍ୟ ଭାଷା ।" (୩)

ଏ କ୍ଷେତ୍ରରେ ଫୁଟି ଉଠିଥିବା ଦ୍ୱିତୀୟ ଆଭିମୁଖ୍ୟ ହେଉଛି ଓଡ଼ିଆ ଭାଷାରେ ମୁଦ୍ରିତ ପୁସ୍ତକର, ବିଶେଷ ଭାବରେ ପାଠ୍ୟ ପୁସ୍ତକର, ଅଭାବ ଦୃଷ୍ଟେ ତାହାର ରଚନା, ସଙ୍କଳନ ଓ ପ୍ରକାଶନ ପାଇଁ ଉଦ୍ୟମ । ଏ କ୍ଷେତ୍ରରେ ମଧ୍ୟ ଗୌରୀଶଙ୍କର ଉତ୍ସାହୀ ଓ ସକ୍ରିୟ ଥିଲେ । ୧୮୬୭ର ଜାନୁଆରୀ ମାସରେ କାଳିପଦ ବନ୍ଦ୍ୟୋପାଧ୍ୟାୟଙ୍କ ଯତ୍ନରେ ଯେତେବେଳେ କଟକ ସ୍କୁଲବୁକ୍ କମ୍ପାନୀ ସ୍ଥାପିତ ହୋଇଥିଲା ସେତେବେଳେ ଗୌରୀ-ଶଙ୍କର ଦୀପିକା ପୃଷ୍ଠାରେ ଏ ଉଦ୍ୟମର ଭୂୟସୀ ପ୍ରଶଂସା କରି ପ୍ରୋତ୍ସାହନ ଦେଇଥିଲେ ତଥା କଟକ ପ୍ରିଣ୍ଟିଂ କମ୍ପାନୀ ଏ ଉଦ୍ୟମର ସହାୟକ ହେବା ଉଚିତ ବୋଲି ସୂଚନା ଦେଇଥିଲେ । (୪) ୧୮୬୭ର ମେ ମାସରେ ଯେତେବେଳେ "ଉତ୍କଳ ଭାଷୋଦ୍ଦୀପିନୀ ସଭା" ସ୍ଥାପିତ ହେଲା ସେତେବେଳେ ସେ ଉଦ୍ୟମରେ ଗୌରୀଶଙ୍କର ବିଶେଷ ଆଗ୍ରହ ପ୍ରକାଶ କରିଥିଲେ ଓ ଏହି ସଭା ପକ୍ଷରୁ ପାଠ୍ୟ ପୁସ୍ତକ ତଥା ଅନ୍ୟାନ୍ୟ ପୁସ୍ତକ ସଙ୍କଳନ ଓ ପ୍ରକାଶନ ପାଇଁ ଯେଉଁ କାର୍ଯ୍ୟକ୍ରମମାନ ନିଆଗଲା ସେଥିରେ ମଧ୍ୟ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । (୫)

ଏ ପ୍ରସଙ୍ଗରେ ପ୍ରକାଶ ପାଇଥିବା ତୃତୀୟ ଆଭିମୁଖ୍ୟଟି ହେଉଛି ଓଡ଼ିଆ ଭାଷା

ଉପରେ କ୍ରମାଗତ ପଡୁଥିବା ବଙ୍ଗଭାଷାର ପ୍ରଭାବକୁ ପରିହାର କରି ଓଡ଼ିଆ ଭାଷାର ଶୁଦ୍ଧତାରକ୍ଷା ଉଦ୍ୟମ । ଏହା ଫଳରେ ସେତେବେଳେ ପ୍ରକାଶିତ ହେଉଥିବା ଓଡ଼ିଆ ପୁସ୍ତକର ଭାଷାରେ ପଡ଼ିଥିବା ବଙ୍ଗଭାଷାର ପ୍ରଭାବକୁ ସମାଲୋଚନା କରାଯାଇଥିଲା । ଗୌରୀଶଙ୍କରଙ୍କ ସମ୍ପାଦନାରେ ଦୀପିକା ମଧ୍ୟ ଏ ଦିଗରେ ଅଗ୍ରଗାମୀ ଭୂମିକା ଗ୍ରହଣ କରି ୧୮୬୭ ମାର୍ଚ୍ଚ ତା ୯ ରିଖ ସଂଖ୍ୟାରେ ଫକୀରମୋହନଙ୍କ 'ଚରିତାବଳୀ' (ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ଦ୍ୱାରା ବଙ୍ଗଭାଷାରେ ରଚିତ 'ଜୀବନ ଚରିତ'ର ଅନୁବାଦ ?) ପୁସ୍ତକର ଭାଷାରେ ଥିବା ବଙ୍ଗ ପ୍ରଭାବର ସମାଲୋଚନା ସମ୍ବଳିତ ଏକ ପ୍ରେରିତ ପତ୍ର ପ୍ରକାଶ କରିଥିଲା । (୬) ପୁଣି ୧୮୬୭ ମେ' ମାସରେ ସ୍ଥାପିତ 'ଉତ୍କଳ ଭାଷୋଦ୍ଦୀପିନୀ ସଭା'ର ମଧ୍ୟ ଏହା ଅନ୍ୟତମ ଉଦ୍ଦେଶ୍ୟ ଥିଲା ଯାହାର ସ୍ଥାପନରେ ଗୌରୀଶଙ୍କର ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ।

ଏ ସବୁରୁ ଜଣାଯାଏ ଯେ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନର ପ୍ରସ୍ତୁତି ପର୍ବରେ ଆନ୍ଦୋଳନ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହେଉଥିବା ବେଳେ ସେ ମଧ୍ୟରେ ଯେଉଁ ତିନୋଟି ପ୍ରଧାନ ଆଭିମୁଖ୍ୟ ଫୁଟି ଉଠିଥିଲା ସେ ସମସ୍ତରେ ଗୌରୀଶଙ୍କରଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ଅବଦାନ ରହିଥିଲା ।

ଏ ମଧ୍ୟରେ ୧୮୬୫ରେ ଟି. ଇ. ରେଭେନ୍ସା (T. E. Ravenshaw) ଓଡ଼ିଶା ଡିଭିଜନର କମିଶନର ଭାବରେ କାର୍ଯ୍ୟରେ ଯୋଗ ଦିଅନ୍ତି । ତାର ଅଳ୍ପଦିନ ପରେ ୧୮୬୫ର ସେପ୍ଟେମ୍ବର ତା ୧୨ରିଖରେ ସେ ବଙ୍ଗ ସରକାରଙ୍କ ନିକଟକୁ ୧୮୬୪ ୬୫ର ଓଡ଼ିଶାର ଶିକ୍ଷା ବିଷୟକ ବାର୍ଷିକ ରିପୋର୍ଟ ପ୍ରେରଣ କରନ୍ତି । ଏଥିରେ ଓଡ଼ିଶାର ବିଦ୍ୟାଳୟର ଉଚ୍ଚ ଶ୍ରେଣୀରେ ଓଡ଼ିଆ ଭାଷା ଅବହେଳିତ ହେଉଥିବାରୁ କ୍ଷୋଭ ପ୍ରକାଶ କରି ସେଥିପ୍ରତି ବଙ୍ଗ ସରକାରଙ୍କ ଦୃଷ୍ଟି ଆକର୍ଷଣ କରନ୍ତି ଓ ଯଥାଶୀଘ୍ର ଓ ଯଥା ସମ୍ଭବ ବଙ୍ଗଳା ପାଠ୍ୟ ପୁସ୍ତକ ପରିବର୍ତ୍ତେ ଓଡ଼ିଆ ପାଠ୍ୟ ପୁସ୍ତକ ପ୍ରଚଳନର ଦୃଢ଼ ସୁପାରିଶ କରି ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନର ବୀଜ ବପନ କରନ୍ତି । ବଙ୍ଗ ସରକାର ରେଭେନ୍ସାଙ୍କ ସୁପାରିଶ ସମ୍ପର୍କରେ ଶିକ୍ଷା ବିଭାଗର ଡିରେକ୍ଟରଙ୍କ ମତାମତ ଲୋଡ଼ିବାରୁ ଡିରେକ୍ଟର ଆଟ୍‌କିନ୍‌ସନ ଏ ସମ୍ପର୍କରେ ଦକ୍ଷିଣ ପଶ୍ଚିମ ଶିକ୍ଷାଚକ୍ରର ଇନ୍‌ସ୍ପେକ୍ଟର ହଣ୍ଟରଙ୍କ ଅଭିମତ ଲୋଡ଼ିଲେ କାରଣ ଓଡ଼ିଶାର ବିଦ୍ୟାଳୟ ଗୁଡ଼ିକ ସେତେବେଳେ ଏହି ଶିକ୍ଷାଚକ୍ରର ଅନ୍ତର୍ଗତ ଥିଲା । ହଣ୍ଟର ତାଙ୍କର ସ୍ୱଳ୍ପ ଅଭିଜ୍ଞତା ହେତୁ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଅଭିମତ ଦେବାକୁ ତାଙ୍କ ତାତ୍‌କାଳିକ ଅକ୍ଷମତା ଦର୍ଶାଇ ସେ ଅଧିକ ତଥ୍ୟ ସଂଗ୍ରହରେ ଲାଗିଛନ୍ତି ବୋଲି ଜଣାଇଥିଲେ । ପରେ ସେ ଅସୁସ୍ଥ ହୋଇ ବିଲାତ ଚାଲିଯିବାରୁ ତାଙ୍କ ସ୍ଥାନରେ ଇନସ୍ପେକ୍ଟର ହୋଇ ଆସିଲେ ମାର୍ଟିନ (R. L. Martin) । ଡିରେକ୍ଟର ବଙ୍ଗ ସରକାରଙ୍କ ଦ୍ୱାରା ପୁଣି ଥରେ ମତାମତ ଜଣାଇବା ପାଇଁ ଆଦିଷ୍ଟ ହୋଇ ଇନସ୍ପେକ୍ଟର ମାର୍ଟିନଙ୍କ ଅଭିମତ ଲୋଡ଼ିଲେ । ହଣ୍ଟରଙ୍କ ପରି ମାର୍ଟିନ ମଧ୍ୟ ନିଜର ସ୍ୱଳ୍ପକାଳ ଅଭିଜ୍ଞତା ତଥା ଓଡ଼ିଶା ବିଷୟକ ଜ୍ଞାନର ସ୍ୱଳ୍ପତା ଦର୍ଶାଇଥିଲେ ହେଁ କମିଶନର ପୂର୍ବେ ଦେଇଥିବା ପ୍ରସ୍ତାବର ବିରୁଦ୍ଧାଚରଣ କରି

ଓଡ଼ିଶାର ବିଦ୍ୟାଳୟର ମଧ୍ୟମ ଓ ଉଚ୍ଚ ଶ୍ରେଣୀରେ ବଙ୍ଗଭାଷାର ସ୍ଥିତିକୁ ସୁଦୃଢ଼ ଓ ସମ୍ପ୍ରସାରିତ କରିବା ପାଇଁ ଏକ ପ୍ରତି-ପ୍ରସ୍ତାବ ଦେଲେ । ଇନ୍‌ସ୍ପେକ୍ଟରଙ୍କ ପ୍ରତି-ପ୍ରସ୍ତାବକୁ ଡିରେକ୍ଟର ଦୃଢ଼ ଭାବରେ ସମର୍ଥନ କରି ବଙ୍ଗ ସରକାରଙ୍କ ନିକଟକୁ ପଠାଇ ଦେଲେ । ବଙ୍ଗ ସରକାର ଡିରେକ୍ଟର ସମର୍ଥିତ ଇନ୍‌ସ୍ପେକ୍ଟରଙ୍କ ଏଇ ପ୍ରତି-ପ୍ରସ୍ତାବ ଉପରେ କୌଣସି ସିଦ୍ଧାନ୍ତ ନ ନେଇ ୧୮୬୭ର ନଭେମ୍ବର ମାସରେ ବିଷୟଟି ଉପରେ କମିଶନର ରେଭେନ୍‌ସାଙ୍କ ସୁଚିନ୍ତିତ ଅଭିମତ ଲୋଡ଼ିଲେ । କମିଶନର ରେଭେନସା ମଧ୍ୟ ଏ ସମ୍ପର୍କରେ (ଅର୍ଥାତ୍ ତାଙ୍କର ମୂଳପ୍ରସ୍ତାବ ତଥା ଇନସ୍ପେକ୍ଟର ଓ ଡିରେକ୍ଟରଙ୍କ ପ୍ରତି-ପ୍ରସ୍ତାବ ସମ୍ପର୍କରେ) କଟକ, ପୁରୀ ଓ ବାଲେଶ୍ୱରର କଲେକ୍ଟରଙ୍କ ମତାମତ ଆହ୍ୱାନ କରି ୧୮୬୭ର ଡିସେମ୍ବର ମାସରେ ଚିଠି ଲେଖିଲେ । ଆଉ ଡିରେକ୍ଟର ସମର୍ଥିତ ଇନସ୍ପେକ୍ଟରଙ୍କ ପ୍ରତି-ପ୍ରସ୍ତାବର ପ୍ରତିବାଦ ଓ ପ୍ରତିକ୍ରିୟାରେ ୧୮୬୮ର ଜାନୁଆରୀ ମାସରେ ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନର ଆରମ୍ଭ ହେଲା । (୭)

## ଆନ୍ଦୋଳନର ପ୍ରଥମ ପର୍ଯ୍ୟାୟ :-

୧୮୬୮ ଜାନୁଆରୀ ୪ ତାରିଖରେ ଗୌରୀଶଙ୍କର 'ଦୀପିକା' ପୃଷ୍ଠାରେ ଓଡ଼ିଶାର ବିଦ୍ୟାଳୟର ମଧ୍ୟମ ଓ ଉଚ୍ଚ ଶ୍ରେଣୀରେ ଓ ଏପରିକି ନିମ୍ନ ଶ୍ରେଣୀରେ ଓଡ଼ିଆ ଭାଷା ପରିବର୍ତ୍ତେ ବଙ୍ଗଭାଷା ପ୍ରଚଳନ ସପକ୍ଷରେ ଶିକ୍ଷା ବିଭାଗର ଡିରେକ୍ଟର ସମର୍ଥିତ ଇନ୍‌ସ୍ପେକ୍ଟର ମାର୍ଟିନଙ୍କ "ପ୍ରତି-ପ୍ରସ୍ତାବ"ର ବିରୋଧ କରି ଗଭୀର ଉଦବେଗ ପ୍ରକାଶ କରନ୍ତି । ଏ ପ୍ରସଙ୍ଗରେ ସେ କହିଥିଲେ, "......ଏ ପ୍ରସ୍ତାବ ଓଡ଼ିଶାର ଭାବୀ ମଙ୍ଗଳ ଆଶାର ମୂଳୋତ୍ପାଟନ କରିବାର ଉପକ୍ରମ କରିଅଛି ଏବଂ ଶୀଘ୍ର ଏହାର ଅନ୍ୟଥା ନ ହେଲେ ରକ୍ଷା ନାହିଁ । ... ... ...ଯାହାଙ୍କ ଉପରେ ଶିକ୍ଷାର ଭାର ଅଛି ସେମାନେ ଦେଶର ଭାଷା ଉଠାଇ ଦେବାକୁ ଯତ୍ନ କରୁଅଛନ୍ତି, ଏହା କି ସାମାନ୍ୟ ଦୁଃଖର ବିଷୟ ।" (୮) ଇତ୍ୟାଦି । ଓଡ଼ିଶାର ଭାବୀ ମଙ୍ଗଳ ସହ ଓଡ଼ିଆ ଭାଷାକୁ ଓ ଓଡ଼ିଶାର ବିଦ୍ୟାଳୟରେ ଓଡ଼ିଆ ଭାଷାର ସୁଦୃଢ଼ ସ୍ଥିତିକୁ ସଂଯୁକ୍ତ କରି ଏହା ମଧ୍ୟରେ ଗୌରୀଶଙ୍କର ଅତୁଳନୀୟ ଦୂରଦୃଷ୍ଟିର ପରିଚୟ ଦେଇଥିଲେ ତଥା ଭାଷା କୈନ୍ଦ୍ରିକ ଓଡ଼ିଆ ଜାତୀୟତାର ଆଗମନୀ ଶୁଣାଇଥିଲେ । 'ଦୀପିକା' ପୃଷ୍ଠାରେ ପ୍ରକାଶିତ ଏହି ଲେଖା ମାଧ୍ୟମରେ ହିଁ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନର ଅଗ୍ରିମ ଆରମ୍ଭ ହୋଇଥିଲା । ତେଣୁ ଗୌରୀଶଙ୍କରଙ୍କୁ ଏ ଆନ୍ଦୋଳନର ଜନକ ବା ସ୍ରଷ୍ଟା ବୋଲି ଗ୍ରହଣ କରାଯାଇପାରେ ।

ଏହାପରେ 'ଦୀପିକା'ର ବିଭିନ୍ନ ସଂଖ୍ୟାରେ ସେ ଡିରେକ୍ଟର ସମର୍ଥିତ ଇନ୍‌ସ୍ପେକ୍ଟରଙ୍କ ପ୍ରତି-ପ୍ରସ୍ତାବର ସମାଲୋଚନା କରି ଓଡ଼ିଶାର ସମସ୍ତ ବିଦ୍ୟାଳୟର ସବୁ ସ୍ତରରେ ଓଡ଼ିଆ ପଢ଼ାଯିବାର ଯଥାର୍ଥତା ଓ ଏକାନ୍ତ ଆବଶ୍ୟକତା ତ ଦର୍ଶାଇ ଚାଲିଥିଲେ, ପୁଣି ଓଡ଼ିଆ ଭାଷା ସପକ୍ଷବାଦୀମାନଙ୍କ ମନ୍ତବ୍ୟ ଓ ବକ୍ତବ୍ୟ ତଥା ସେମାନଙ୍କ କାର୍ଯ୍ୟାବଳୀକୁ 'ଦୀପିକା' ପୃଷ୍ଠାରେ ସ୍ଥାନ ଦେଇ ସେମାନଙ୍କୁ ଉତ୍ସାହିତ ମଧ୍ୟ କରୁଥିଲେ (୯) । ଏପରି ଭାବରେ ଗୌରୀଶଙ୍କର କେବଳ ଓଡ଼ିଆ ଭାଷା-ସୁରକ୍ଷା

ଆନ୍ଦୋଳନର ଜନକ ନୁହେଁ ତାର ପ୍ରଥମ ପର୍ଯ୍ୟାୟରେ ନାୟକ ଭୂମିକାରେ ମଧ୍ୟ ଅବତୀର୍ଣ୍ଣ ହୋଇଥିଲେ । ଆଉ ଏ ପର୍ଯ୍ୟାୟରେ ତାଙ୍କର ଭୂମିକା ସରକାରୀ ଭାଷା ନୀତିକୁ ପରୋକ୍ଷରେ ଓ ଅନ୍ତତଃ ଆଂଶିକ ଭାବରେ ପ୍ରଭାବିତ କରିଥିଲା ବୋଲି କୁହାଯାଇପାରେ । କାରଣ ୧୮୬୮ ଜାନୁଆରୀ ତା ୪ରିଖରେ ପୂର୍ବେ ସୂଚିତ ଲେଖା ଓ ତା ୨୫ରିଖରେ ଏ ସମ୍ପର୍କୀୟ ଏକ ପ୍ରେରିତ ପତ୍ର 'ଦୀପିକା' ପୃଷ୍ଠାରେ ପ୍ରକାଶ ପାଇବା ପରେ ଜାନୁଆରୀ ତା ୨୬ ରିଖରେ କଟକର ପ୍ରଧାନ ବ୍ୟକ୍ତିମାନେ ଏକ ସଭାରେ ମିଳିତ ହୋଇ ଡିରେକ୍ଟରଙ୍କ ସମର୍ଥିତ ଇନ୍‌ସ୍ପେକ୍ଟରଙ୍କ 'ପ୍ରତି-ପ୍ରସ୍ତାବ' ବିରୁଦ୍ଧରେ ଆବେଦନ କରିବାର ସ୍ଥିର କରି (୧୦) ଏପ୍ରିଲ ତା୧୫ରିଖରେ ଆବେଦନ କରନ୍ତି । ଏହି ଆବେଦନକୁ କମିଶନର ରେଭେନ୍‌ସା ଓ ତାପରେ ବଙ୍ଗ ସରକାର (ବଙ୍ଗର ଲେଫ୍‌ଟେନାଣ୍ଟ ଗଭର୍ଣ୍ଣର) ବିଶେଷ ମାନ୍ୟତା ଦେଇଥିଲେ ଓ ଭାଷା-ନୀତି ନିର୍ଦ୍ଧାରଣରେ ବିଚାରକୁ ନେଇଥିଲେ ।

ଏ ମଧ୍ୟରେ ଇନ୍‌ସ୍ପେକ୍ଟର ମାର୍ଟିନ ନିଜ ମତର ପରିବର୍ତ୍ତନ କରି ଓଡ଼ିଆ ଭାଷାର ସପକ୍ଷତା କରି ଡିରେକ୍ଟରଙ୍କୁ ଚିଠି ଦେଲେ ଓ ତାର ଏକ ନକଲ କମିଶନରଙ୍କୁ ଜଣାଇ ଦେଲେ । କମିଶନର ରେଭେନ୍‌ସା ମଧ୍ୟ ତିନି ଜିଲ୍ଲାର କଲେକ୍ଟର ତଥା କଟକ କଲେକ୍ଟରଙ୍କ ଦ୍ୱାରା ଆଦିଷ୍ଟ ହୋଇ ଏ ବିଷୟରେ ମତାମତ ଜଣାଇଥିବା ରଙ୍ଗଲାଲ ବନ୍ଦ୍ୟୋପାଧ୍ୟାୟ ଓ ଚନ୍ଦ୍ରଶେଖର ବନ୍ଦ୍ୟୋପାଧ୍ୟାୟଙ୍କ ମତାମତ, ଇନ୍‌ସ୍ପେକ୍ଟରଙ୍କ ପରିବର୍ତ୍ତିତ ମତ ତଥା କଟକବାସୀଙ୍କ ଆବେଦନ ଓ ଅଜ୍ଞାତନାମା ବହୁ ଲୋକଙ୍କ ମତାମତ ବିଚାରକୁ ନେବା ପରେ ଓଡ଼ିଆ ଭାଷାର ଆଶୁ ପ୍ରଚଳନକୁ ଦୃଢ଼ ସମର୍ଥନ କରି ନିଜର ସୁଚିନ୍ତିତ ଅଭିମତ ବଙ୍ଗ ସରକାରଙ୍କୁ ୧୮୬୮ ମେ' ତା୪ରିଖରେ ଜଣାଇ ଦେଲେ । ବଙ୍ଗସରକାର ସେ ବର୍ଷ ଜୁଲାଇ ମାସରେ ବିଷୟଟି ଉପରେ ପୁଣିଥରେ ଡିରେକ୍ଟରଙ୍କ ଅଭିମତ ଲୋଡ଼ିଲେ । (୧୧)

କମିଶନର ରେଭେନ୍‌ସା ପ୍ରକାଶ୍ୟରେ ତଥା ସରକାରୀ ସ୍ତରରେ ଓଡ଼ିଆ ଭାଷାର ସପକ୍ଷତା ସ୍ପଷ୍ଟ ଓ ଦୃଢ଼ ଭାବରେ କରୁଥିବାରୁ (ତଥା ଇନ୍‌ସ୍ପେକ୍ଟର ମତ ପରିବର୍ତ୍ତନ କରି ଓଡ଼ିଆ ଭାଷାର ସପକ୍ଷତା କରିବାରୁ) ଓଡ଼ିଆମାନଙ୍କ ଆଶଙ୍କା ବହୁ ପରିମାଣରେ ତିରୋହିତ ହୋଇ ଆନ୍ଦୋଳନ କ୍ରମେ ସ୍ତିମିତ ହୋଇ ପଡ଼ିଲା ।

## ଆନ୍ଦୋଳନର ଦ୍ୱିତୀୟ ପର୍ଯ୍ୟାୟ

୧୮୬୮ର ଡିସେମ୍ବର ମାସରେ ପ୍ରଖ୍ୟାତ ପଣ୍ଡିତ ଗବେଷକ ଓ ବାଗ୍ମୀ ରାଜେନ୍ଦ୍ର-ଲାଲ ମିତ୍ର ପ୍ରତ୍ନତତ୍ତ୍ୱ ଅନୁସନ୍ଧାନ ଉପଲକ୍ଷେ ଓଡ଼ିଶା ଆସିଥିବା ଅବକାଶରେ କଟକ ଡିବେଟିଂ କ୍ଲବରେ ଉପସ୍ଥାପିତ 'ଦେଶପ୍ରେମ' ଶୀର୍ଷକ ପ୍ରବନ୍ଧ ଉପରେ ଅଭିମତ ଦେବାକୁ ଯାଇ ନିତାନ୍ତ ଅବାନ୍ତର ଓ ଅନାବଶ୍ୟକ ଭାବରେ ଓଡ଼ିଆ ଭାଷା ବିରୋଧୀ ଏକ ସ୍ପର୍ଦ୍ଧିତ ଘୋଷଣା କରି ତଥା ଅନ୍ୟ ଭାବରେ ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନ ବିରୁଦ୍ଧରେ ବଙ୍ଗଭାଷା ସପକ୍ଷତାବାଦୀ ଏକ ପ୍ରତି-ଆନ୍ଦୋଳନ ଠିଆ କରିବାର ଉଦ୍ୟମ

କରନ୍ତି । ନିଜେ ଜଣେ ସ୍କୁଲ-ପାଠ୍ୟ-ପୁସ୍ତକର ରଚୟିତା ହୋଇଥିବାରୁ ନିଜର ସ୍ୱାର୍ଥରକ୍ଷା, ନିଜ ଅର୍ଥୋପାର୍ଜନ ପନ୍ଥା ଉପରେ ସମ୍ଭାବିତ ଆକ୍ରମଣରେ ମୁକାବିଲା ମନୋବୃତ୍ତି ରାଜେନ୍ଦ୍ରଲାଲଙ୍କ ଏଇ ପ୍ରତି-ଆନ୍ଦୋଳନ ପ୍ରଚେଷ୍ଟା ମଧ୍ୟରେ ପ୍ରକଟିତ ଥିଲା । ଏଇ ପ୍ରତି-ଆନ୍ଦୋଳନ ଉଦ୍ୟମ ମଧ୍ୟରେ ନିମ୍ନ ଚାରୋଟି ଆଭିମୁଖ୍ୟ ପ୍ରତିଫଳିତ ହୋଇଥିଲା :

(କ) ଓଡ଼ିଶାରୁ ଓଡ଼ିଆ ଭାଷା ନିର୍ବାସନର ଯୁକ୍ତିଯୁକ୍ତତା ଦର୍ଶାଇବା । ରାଜେନ୍ଦ୍ରଲାଲଙ୍କ ମତରେ ଓଡ଼ିଆମାନେ ସେମାନଙ୍କ ପ୍ରାଦେଶିକ 'ବୋଲି' ପ୍ରତି ମୋହ ହେତୁ ତାହାକୁ ଏକ ସ୍ୱତନ୍ତ୍ର ଭାଷାର ମର୍ଯ୍ୟାଦା ଦେବାକୁ ଚେଷ୍ଟା କରି ନିଜର ଅନିଷ୍ଟ କରୁଅଛନ୍ତି (" the injury which was being inflicted on the Uriya race by their attachment io a provincial patois, which they wish to exalt into a distinct language.") (୧୨) ତେଣୁ "ଉତ୍କଳର ଯଥାର୍ଥ ହିତାକାଂକ୍ଷୀ ଯେ ହେବେ ସେ ସର୍ବାଗ୍ରେ ଉତ୍କଳ ଭାଷା ଉଠାଇ ଦେଇ ବଙ୍ଗଭାଷା ପ୍ରଚଳ କରିବାର ଚେଷ୍ଟା କରିବେ କାରଣ ତାହାଙ୍କ ମତରେ ଯେତେବେଳ ଉତ୍କଳ ଭାଷା ଉଠିଯାଇନାହିଁ, ତେତେ କାଳ ଏ ଦେଶର ଉନ୍ନତି ହେବା ଅସମ୍ଭବ ।" (୧୩) ଏହା ଥିଲା କଟକରେ ରାଜେନ୍ଦ୍ରଲାଲଙ୍କ ସ୍ପର୍ଦ୍ଧିତ ଘୋଷଣା ।

(ଖ) ଓଡ଼ିଆକୁ ବଙ୍ଗୀୟ ଲିପିରେ ଲେଖିବାର ଯୁକ୍ତିଯୁକ୍ତତା ଦର୍ଶାଇବା ୧୮୬୯ ଜୁଲାଇ ୧ମ ସପ୍ତାହରେ ଉମାଚରଣ ହାଲଦାର 'କଟକ ଷ୍ଟାର'ରେ ଏକ ପ୍ରବନ୍ଧ ଲେଖି ଏକ ପ୍ରସ୍ତାବ ଦିଅନ୍ତି ଓ ଏହା ପରେ ପରେ କଟକ ଡିବେଟିଂ କ୍ଲବର ଏକ ଅଧିବେଶନରେ ଓଡ଼ିଶାକୁ ନବାଗତ ଆଇନ ଅଧ୍ୟାପକ ରାଜକୃଷ୍ଣ ମୁଖୋପାଧ୍ୟାୟଙ୍କ ନେତୃତ୍ୱରେ ଏ ପ୍ରସ୍ତାବର ସମର୍ଥନ କରାଯାଇଥିଲା । (୧୪)

(ଗ) ଓଡ଼ିଆ ଭାଷାକୁ ବଙ୍ଗ ଭାଷାର ଏକ ବିକୃତ ରୂପ ବା 'ସଙ୍କର ଭାଷା' ବୋଲି ଦର୍ଶାଇବା; ରାଜେନ୍ଦ୍ରଲାଲ ଓଡ଼ିଆ ଭାଷାକୁ ଏକ ସ୍ୱତନ୍ତ୍ର ଭାଷା ରୂପେ ସ୍ୱୀକାର ନ କରି କହିଥିଲେ ଯେ ଏହା ଏକ ଆଞ୍ଚଳିକ 'ବୋଲି' (patois) । ପରେ 'ଦୀପିକା'ର ଓଡ଼ିଆ ଭାଷାକୁ ବଙ୍ଗଭାଷା ପ୍ରଭାବରୁ ମୁକ୍ତକରି ତାର ଶୁଦ୍ଧତା ରକ୍ଷା କରିବା ଉଦ୍ୟମର ପ୍ରତିକ୍ରିୟାରେ ଏପରି ଆଭିମୁଖ୍ୟ ଅଧିକ ସ୍ପଷ୍ଟ ରୂପ ପରିଗ୍ରହ କରିଥିଲା ଯାହା ଆନ୍ଦୋଳନର ଦ୍ୱିତୀୟ ପର୍ଯ୍ୟାୟରେ ଆହୁରି ଅଧିକ ସ୍ପଷ୍ଟ ରୂପେ ପ୍ରକାଶ ପାଇ ଆଲୋଡ଼ନ ସୃଷ୍ଟି କରିଥିଲା । ୧୮୬୯ର ଜୁନ ତା ୧୬ରିଖରେ 'ଉତ୍କଳ ହିତୈଷିଣୀ'ରେ ପ୍ରକାଶିତ ଦୁଇଟି କବିତାର ଭାଷାକୁ ସେ ମାସର ତା ୨୬ରିଖର 'ଦୀପିକା'ରେ ତୀବ୍ର ସମାଲୋଚନ କରାଯାଇ ତାହାକୁ ସଙ୍କର ଭାଷା ଓ ବଙ୍ଗୋତ୍କଳ ମିଶ୍ରିତ ଭାଷା ବୋଲି ଆକ୍ଷେପ କରାଯାଇଥିଲା । ଏହାର ପ୍ରତିକ୍ରିୟାରେ ଉକ୍ତ କବିତା ଦୁଇଟିର ଲେଖକ ଓଡ଼ିଶାରେ ସଦ୍ୟ ପଦାର୍ପଣ କରିଥିବା ଜଣେ ନବ୍ୟ କବି 'ମୁଖୋପାଧ୍ୟାୟ' (ରାଜକୃଷ୍ଣ ମୁଖୋପାଧ୍ୟାୟ ?) 'ଉତ୍କଳ ହିତୈଷିଣୀ'ର ଜୁଲାଇ ତା ୧ରିଖରେ 'ଉତ୍କଳ ସଙ୍କର ଭାଷା ଅଟେ' ଓ 'ବଙ୍ଗଭାଷାର ବିକୃତ ହେଲେ ଉତ୍କଳ ଭାଷା ହୋଏ' ବୋଲି ମନ୍ତବ୍ୟ ଦେଇଥିଲେ ।

(ଘ) ଓଡ଼ିଆକୁ ଓଡ଼ିଶାର ବିଦ୍ୟାଳୟରୁ ନିର୍ବାସନ କରି ତା ପରିବର୍ତ୍ତେ ବଙ୍ଗଭାଷାର

ପ୍ରଚଳନ କରାଯାଉ ବୋଲି ଦାବୀ କରି ଓଡ଼ିଆମାନଙ୍କ ନାମରେ ମିଥ୍ୟା ଦରଖାସ୍ତ ପ୍ରେରଣର ଅପ-ଉଦ୍ୟମ; ଏହାର ସୂଚନା କଲିକତାରୁ ପ୍ରକାଶିତ Indian Mirror ର ମାଧ୍ୟମରେ ଜଣା ପଡ଼ିଥିଲା । (୧୭)

ଏହି ପ୍ରତି-ଆନ୍ଦୋଳନ ପ୍ରଚେଷ୍ଟା, ବିଶେଷ ଭାବରେ ଓଡ଼ିଆଭାଷୀ ଭାଷୀ ଅଞ୍ଚଳର ହୃତପିଣ୍ଡ ସ୍ୱରୂପ କଟକରେ ରାଜେନ୍ଦ୍ରଲାଲଙ୍କ ସ୍ପର୍ଦ୍ଧିତ ଘୋଷଣା ଫଳରେ ସ୍ତିମିତ ହୋଇ ପଡ଼ିଥିବା ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନ ପୁଣିଥରେ ସକ୍ରିୟ ହୋଇ ଉଠେ ଓ ଏହାର ଦ୍ୱିତୀୟ ପର୍ଯ୍ୟାୟର ଆରମ୍ଭ ହୁଏ । ଏ ପର୍ଯ୍ୟାୟରେ ମଧ୍ୟ ଗୌରୀଶଙ୍କର ଓ ତତ୍-ସମ୍ପାଦିତ 'ଦୀପିକା, ପ୍ରତି-ଆନ୍ଦୋଳନ ପ୍ରଚେଷ୍ଟା ମଧ୍ୟରେ ଫୁଟି ପଡ଼ିଥିବା ଗୁରୁତ୍ୱ ଦିଗମାନଙ୍କ ମୁଖ୍ୟ ବିରୁଦ୍ଧରେ ନିର୍ଭୀକ, ନିର୍ଦ୍ଦିଷ୍ଟ ଓ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

ପ୍ରଥମରେ ରାଜେନ୍ଦ୍ରଲାଲଙ୍କ ଭ୍ରମାତ୍ମକ ପ୍ରତିପାଦ୍ୟକୁ– ଅର୍ଥାତ୍ ଓଡ଼ିଶାରୁ ଓଡ଼ିଆ ଭାଷା ନିର୍ବାସନର ସ୍ପୃହଣୀୟତାକୁ—ସେ ଉପଯୁକ୍ତ ତଥ୍ୟ ପ୍ରମାଣ ତଥା ବଳିଷ୍ଠ ଯୁକ୍ତି ସାହାଯ୍ୟରେ ଖଣ୍ଡନ କରି ତାଙ୍କୁ ତୀବ୍ର ସମାଲୋଚନା କରିଥିଲେ । ସେ ପ୍ରସଙ୍ଗରେ ସେ କହିଥିଲେ ଯେ ଓଡ଼ିଆ ଭାଷା-ଭାଷୀ ଅଞ୍ଚଳ ତିନି ସ୍ୱତନ୍ତ୍ର ଶାସନାଧୀନ ଥିବାରୁ ଓଡ଼ିଆ ଭାଷାର ପ୍ରଭୂତ କ୍ଷତି ହେଉଛି । ତେଣୁ ଓଡ଼ିଆ ଭାଷା-ଭାଷୀ ଅଞ୍ଚଳ ଏକ ଶାସନାଧୀନରେ ରହିବାର ଏକାନ୍ତ ଆବଶ୍ୟକତା ଦର୍ଶାଇ ସେ ପରବର୍ତ୍ତୀକାଳରେ ବୃହତ୍ତର ଓଡ଼ିଶା ଗଠନ କାର୍ଯ୍ୟକ୍ରମର ଆଦ୍ୟ ସୂଚନା କରିଥିଲେ । ତାଙ୍କ ଭାଷାରେ ·········"ବର୍ତ୍ତମାନ ଉତ୍କଳ ଭାଷା 'ତିନି ଥେଣ୍ଟିଆ କାକୁଡ଼ି ବାଡ଼ି' ପ୍ରାୟ ଗୁଚ୍ଛାକୁ କ୍ଷତିଗ୍ରସ୍ତ ହେଉଅଛି । ଏହାର ରକ୍ଷକ ତିନି ଗବର୍ଣ୍ଣମେଣ୍ଟ ହୋଇ ଅଛନ୍ତି, ଏକଭାଗ ବଙ୍ଗଳା ଗବର୍ଣ୍ଣମେଣ୍ଟ ହସ୍ତେ, ଏକ ଭାଗ ମଧ୍ୟ ପ୍ରଦେଶର ଗବର୍ଣ୍ଣମେଣ୍ଟ ହସ୍ତେ ଏବଂ ଅନ୍ୟ ଏକ ଭାଗ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ହସ୍ତେ ପଡ଼ିବାରୁ ଏହାର ସର୍ବାଙ୍ଗ ସମାନ ରୂପେ ଗଠନ ହେଉନାହିଁ ।" ଇତ୍ୟାଦି । (୧୭) ଆହୁରି ମଧ୍ୟ, "······ · ଉତ୍କଳ ଭାଷାର ଉନ୍ନତି ସାଧକ ତିନି ଗବର୍ଣ୍ଣମେଣ୍ଟ ହେବାରୁ ଏ କାର୍ଯ୍ୟ ସମ୍ୟକ ରୂପେ ହେଉ-ନାହିଁ, ଏ ରୂପ କହିବାର ତାତ୍ପର୍ଯ୍ୟ ଏହି ଯେ ଐକ୍ୟତା ଦ୍ୱାରା ଯେ ରୂପ କାର୍ଯ୍ୟ ସଫଳ ହୁଅଇ ଭିନ୍ନ ଭିନ୍ନ ହୋଇ କାର୍ଯ୍ୟ କଲେ ସେ ରୂପ ହୁଏନା······" ଇତ୍ୟାଦି । (୧୮)

ଦ୍ୱିତୀୟରେ ଓଡ଼ିଆକୁ ବଙ୍ଗଳା ଲିପିରେ ଲେଖିବା ପ୍ରସ୍ତାବ ବିରୁଦ୍ଧରେ ଗୌରୀ-ଶଙ୍କର ଓ ଦୀପିକା ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଏ ପ୍ରସ୍ତାବର ଅସାରତା ଦର୍ଶାଇ ଏ ପ୍ରସ୍ତାବ ଦେଇଥିବା ଉମାଚରଣ ହାଲଦାର ଓ ତାଙ୍କର ମୁଖ୍ୟ ସମର୍ଥକ ରାଜକୃଷ୍ଣ ମୁଖୋପାଧ୍ୟାୟଙ୍କୁ ଗୌରୀଶଙ୍କର 'ଦୀପିକା' ସ୍ତମ୍ଭରେ ତୀବ୍ର ବିଦ୍ରୂପାତ୍ମକ ସମାଲୋଚନା କରି-ଥିଲେ (୧୯) । ଏ ମଧ୍ୟରେ ଅନ୍ତର୍ଗତ ଥିଲା ଛଦ୍ମନାମରେ ଲିଖିତ ଗାନ ଯୋଗ୍ୟ ଦୁଇଟି ତୀବ୍ର ବିଦ୍ରୂପାତ୍ମକ ପଦ୍ୟ ଓ ଶ୍ରୀ ଋଙ୍ଗ ପଞ୍ଚାନନ ଛଦ୍ମ ନାମରେ ଲିଖିତ ଏକ ଶ୍ଳେଷାତ୍ମକ ପତ୍ର । (୨୦) ଏଇ ପ୍ରେରିତ ପତ୍ରରେ ରାଜକୃଷ୍ଣ ମୁଖୋପାଧ୍ୟାୟଙ୍କ ଉଦ୍ଦେଶ୍ୟରେ କୁହା ଯାଇଥିଲା, " ବାବୁ ମହାଶୟ ଅନେକ ବିଦ୍ୟାରେ ପରିପୂର୍ଣ୍ଣ ହୋଇ ପ୍ରଶଂସାପତ୍ରମାନ

ଲାଭ କରି 'ଏ ମେ' ଉପାଧି ପ୍ରାପ୍ତ ହୋଇ ଅଛନ୍ତି ।..............ବଡ଼ ଦୁଃଖର ବିଷୟ ବାବୁ ଯେ ପ୍ରକାର ବିଦ୍ୱାନ ତାହାଙ୍କ ଜଠରରେ କେତେ ଗୋଟି ଉତ୍କଳ ଅକ୍ଷର ରହିବାକୁ ଯେବେ ଜାଗାଥା'ନ୍ତା ତେବେ ପଶ୍ଚାନ୍ତର ଆଉ ନଥିଲା । ବାବୁ ଏକ ପ୍ରକାର ଚତୁରତାର କର୍ମ କରି ଉପାଧିରୁ 'ଷ' ଲୋପ କରି ଅଛନ୍ତି ।" 'ଏମେ'ରେ 'ଷ' ଯୁକ୍ତଥିଲେ ହୋଇଥାଆନ୍ତା 'ଏ ମେଷ' (ଏମେ+ଷ) । ରାଜକୃଷ୍ଣ ମୁଖୋପାଧ୍ୟାୟ ତାଙ୍କର ପ୍ରକୃତ ଉପାଧି "ଏ ମେଷ"ରୁ ଚତୁରତାର କର୍ମକରି 'ଷ' ଲୋପ କରି 'ଏମେ' ଉପାଧି ପାଇଥିଲେ ବୋଲି ଗୌରୀଶଙ୍କର କହୁଥିଲେ । ଅନ୍ୟ କଥାରେ ରାଜକୃଷ୍ଣଙ୍କ ପ୍ରକୃତ ଉପାଧି 'ଏ ମେଷ' ବୋଲି ଗୌରୀଶଙ୍କର ଶ୍ଳେଷରେ କହୁଥିଲେ କାରଣ ମେଷ ଶବ୍ଦର ଅର୍ଥ ଗଡ଼ଡ଼ାଳିକା ପ୍ରବାହ । ରାଜକୃଷ୍ଣ ମୁଖୋପାଧ୍ୟାୟ ସର୍ବୋଚ୍ଚ ଶିକ୍ଷାଗତ ଯୋଗ୍ୟତା ଓ ଉପାଧି (M. A.) ଲାଭ କରିଥିଲେ ମଧ୍ୟ ଗଡ୍ଡାଳିକା ପ୍ରବାହରେ ଝାସିଯାଇ ଓଡ଼ିଆକୁ ବଙ୍ଗୀୟ ଲିପିରେ ଲେଖିବା ଉଚିତ୍ ରୂପକ ଅସଙ୍ଗତ ଓ ଅସମୀଚୀନ ପ୍ରସ୍ତାବକୁ ସମର୍ଥନ କରିଥିବାରୁ ତାଙ୍କର 'ଏ ମେଷ' ଉପାଧି ଯଥାର୍ଥ । ତେବେ ମେଷ ଶବ୍ଦର ଅନ୍ୟ ଅର୍ଥ ମଧ୍ୟ ମେଣ୍ଢା । ତେଣୁ ଶ୍ଳେଷରେ ରାଜକୃଷ୍ଣ ମୁଖୋପାଧ୍ୟାୟଙ୍କୁ 'ଏ ମେଣ୍ଢା' ବୋଲି ହିଁ କୁହାଯାଇଥିଲା । ତାଙ୍କ ଓଡ଼ିଆ କବିତାର ଭାଷାକୁ ତୀବ୍ର ସମାଲୋଚନା କରାଯାଇ ଥିବାରୁ ରାଜକୃଷ୍ଣ କ୍ଷୁବ୍ଧ ଥିଲେ । ବର୍ତ୍ତମାନ ତାଙ୍କୁ ଶ୍ଳେଷରେ ମେଣ୍ଢା ବୋଲି କୁହାଯାଇ ଥିବାରୁ ଉତ୍‌କ୍ଷିପ୍ତ ହୋଇ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଠାରେ କ୍ଷମା ପ୍ରାର୍ଥନା ଦାବୀ କରନ୍ତି । ସେଥିରେ କଟକ ପ୍ରିଣ୍ଟିଂ କମ୍ପାନୀ ଅସମ୍ମତ ହେବାରୁ ତାଙ୍କ ନାମରେ ଅଦାଲତରେ ମାନହାନି ମକଦ୍ଦମା କରନ୍ତି । କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପକ୍ଷରୁ ଗୌରୀଶଙ୍କର ନିର୍ଭୀକ ଭାବରେ ଏ ବିଷୟର ସମ୍ମୁଖୀନ ହୋଇ ବେକସୁର ଖଲାସ ହୋଇଥିଲେ । (୨୧) ଏଥିରୁ ଓଡ଼ିଆ ଭାଷାର ପକ୍ଷ ସମର୍ଥନରେ ଗୌରୀଶଙ୍କରଙ୍କ ପ୍ରବଣତା, ଉତ୍ସାହ ଓ ନିର୍ଭୀକତାର ପ୍ରମାଣ ମିଳେ ; ସେ ପ୍ରସଙ୍ଗରେ ସେ କିପରି ଅତ୍ୟନ୍ତ ଜଟିଳ ଓ ବିପଜ୍ଜନକ ପରିସ୍ଥିତିର ସମ୍ମୁଖୀନ ହୋଇ ତାହାର ସଫଳ ମୁକାବିଲା କରିଥିଲେ ତା ମଧ୍ୟ ଜଣାଯାଏ ।

ତୃତୀୟରେ ଓଡ଼ିଆ ଭାଷାକୁ ବଙ୍ଗଭାଷା ପ୍ରଭାବରୁ ମୁକ୍ତ କରି ତାର ଶୁଦ୍ଧତା ରକ୍ଷା ପାଇଁ ଆନ୍ଦୋଳନର ପ୍ରସ୍ତୁତି ପର୍ବରେ ଗୌରୀଶଙ୍କରଙ୍କ ସମ୍ପାଦନାରେ 'ଦୀପିକା' ଯେଉଁ ଭୂମିକା ଗ୍ରହଣ କରିଥିଲା ତାହା ଆନ୍ଦୋଳନର ଦ୍ୱିତୀୟ ପର୍ଯ୍ୟାୟରେ ଅଧିକ ସୁସ୍ପଷ୍ଟ, ଶାଣିତ ଓ ଗୁରୁତ୍ୱପୂର୍ଣ୍ଣ ହୋଇ ପଡ଼ିଥିଲା । (ରାଜକୃଷ୍ଣ) ମୁଖୋପାଧ୍ୟାୟଙ୍କ କବିତାର ଭାଷା ବିଷୟ ପୂର୍ବେ କୁହାଯାଇଛି । ଏପରି କି ଫକୀରମୋହନଙ୍କୁ 'ଉତ୍କଳର ଜଣେ ପ୍ରକୃତ ହିତ ସାଧକ' ବୋଲି ସ୍ୱୀକାର କରି ଓ ଓଡ଼ିଆ ଭାଷାର ଉନ୍ନତି ପାଇଁ ତାଙ୍କ ପରିଶ୍ରମ ଓ ଧନବ୍ୟୟକୁ ପ୍ରଶଂସା ମଧ୍ୟ କରି ତାଙ୍କ 'ଭାରତ ବର୍ଷର ଇତିହାସ' ପୁସ୍ତକର ଭାଷାକୁ ତୀବ୍ର ସମାଲୋଚନା କରିବା ପାଇଁ ଗୌରୀଶଙ୍କର କୁଣ୍ଠିତ ହୋଇ ନ ଥିଲେ । (୨୨) ଏ ପ୍ରସଙ୍ଗରେ ସେ କହିଥିଲେ, "....... ଗ୍ରନ୍ଥକର୍ତ୍ତା ବିଷମସ୍ତ ମିଷ୍ଟାନ୍ନ ପ୍ରସ୍ତୁତ କରି ଉତ୍କଳ ଭାଷାର ବିନାଶ ସାଧନ ପକ୍ଷରେ ଯେ ରୂପ ଦୃଢ଼ ପ୍ରତିଜ୍ଞ

ହୋଇ ଅଛନ୍ତି ତହିଁରେ ତାଙ୍କ କପଟତାର ଭିନ୍ନ ଆଭାସ ଜ୍ଞାନ କରନ୍ତୁ ।" ସେ ସମୟରେ ପ୍ରକାଶିତ ଅନେକ ପୁସ୍ତକ ଓ ପତ୍ରିକା 'ଦୀପିକା' ସ୍ତମ୍ଭରେ ଏପରି ସମାଲୋଚନାର ଶରବ୍ୟ ହୋଇଥିଲା । ଏହା ପରୋକ୍ଷରେ ବଙ୍ଗ ଭାଷାଠାରୁ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ପ୍ରତିପାଦନ କରିଥିଲା ଯଦିଓ ଏପରି ସମାଲୋଚନା ହେତୁ ଓଡ଼ିଆ 'ସଙ୍କରଭାଷା' ଓ 'ବଙ୍ଗ ଭାଷାର ବିକୃତ ହେଲେ ଓଡ଼ିଆ ହୁଏ' ବୋଲି ଦାବୀ କରିବା ଆରମ୍ଭ ହେଲା ।

ଚତୁର୍ଥରେ ଓଡ଼ିଆ ପରିବର୍ତ୍ତେ ଓଡ଼ିଶାର ବିଦ୍ୟାଳୟରେ ବଙ୍ଗଭାଷାର ପ୍ରଚଳନ ଦାବୀ କରି ଓଡ଼ିଆମାନଙ୍କ ନାମରେ ମିଥ୍ୟା ଦରଖାସ୍ତ ପ୍ରେରଣ ରୂପକ ଗୋପନୀୟ ଅପଉଦ୍ୟମକୁ 'ଦୀପିକା' ପଦାରେ ପକାଇ ଦେଇଥିଲା ଓ ତୀବ୍ର ସମାଲୋଚନା କରିଥିଲା ।(୧୩)

ମୋଟ ଉପରେ ଆନ୍ଦୋଳନର ଏହି ଦ୍ୱିତୀୟ ପର୍ଯ୍ୟାୟରେ ଗୌରୀଶଙ୍କର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତଥା ଆନ୍ଦୋଳନର ନେତା ଭୂମିକାରେ ହିଁ ଅବତୀର୍ଣ୍ଣ ହୋଇଥିଲେ । ତାଙ୍କର ସ୍ଥାନ ଥିଲା ଆନ୍ଦୋଳନର ପୁରୋଭାଗରେ ।

ଏ ସମୟରେ ଆନ୍ଦୋଳନର ଅନ୍ତରାଳରେ ସରକାରୀ ସ୍ତରରେ ଯେଉଁସବୁ ଘଟଣା ଘଟିଥିଲା ଏଠାରେ ତାର ସଂକ୍ଷିପ୍ତ ସୂଚନା ଦେବା ଉଚିତ ହେବ । କମିଶନର ରେଭେନ୍‌ସାଙ୍କ ଓଡ଼ିଆ ସପକ୍ଷବାଦୀ ମତ ପ୍ରସ୍ତାବ ଓ ଶିକ୍ଷା-ବିଭାଗ ଡିରେକ୍ଟର ସମର୍ଥିତ ଇନ୍‌ସ୍ପେକ୍ଟର୍‌ଙ୍କ ଓଡ଼ିଆ ଭାଷା-ବିରୋଧୀ ପ୍ରତି-ପ୍ରସ୍ତାବ ଉପରେ ନିଜର ଅଭିମତ ଜଣାଇବା ପାଇଁ ଡିରେକ୍ଟରଙ୍କୁ ବଙ୍ଗସରକାର ପୁଣି ମନେ ପକାଇ ଦେଲେ । ଏ ମଧ୍ୟରେ ଇନ୍‌ସ୍ପେକ୍ଟର ନିଜର ମତ ପରିବର୍ତ୍ତନ କରିସାରି ଓଡ଼ିଆ ଭାଷାର ସପକ୍ଷବାଦୀ ଭୂମିକାରେ ଅବତୀର୍ଣ୍ଣ ହୋଇସାରିଥିଲେ ବୋଲି ବୁଝାଯାଇଛି । ଡିରେକ୍ଟର କିନ୍ତୁ ନିଜର ପୂର୍ବ ମତ ଦୋହରାଇ ପ୍ରଥମ ଚିଠି ପାଇବାର ବର୍ଷକ ପରେ ଓଡ଼ିଆ ଭାଷା ପ୍ରଚଳନକୁ ବିରୋଧ କରି ଓ ବଙ୍ଗଭାଷା ପ୍ରଚଳନକୁ ଦୃଢ଼ ଭାବରେ ସମର୍ଥନ କରି ନିଜର ମତ ବଙ୍ଗ ସରକାରଙ୍କୁ ଜଣାଇ ଦେଲେ । ବଙ୍ଗ ସରକାର ୧୮୬୯ର ନଭେମ୍ବର ତା ୮ରିଖରେ ଡିରେକ୍ଟରଙ୍କ ମତକୁ ଅଗ୍ରାହ୍ୟ କରି କମିଶନର ରେଭେନସାଙ୍କ ମତକୁ ଅର୍ଥାତ ଓଡ଼ିଶାର ବିଦ୍ୟାଳୟରେ କେବଳ ଓଡ଼ିଆ ଭାଷା ଶିକ୍ଷାର ଯଥାର୍ଥତା ଓ ଆବଶ୍ୟକତାକୁ – ନୀତିଗତ ଭାବରେ ସ୍ୱୀକାର କଲେ ହେଁ ପାଠ୍ୟ ପୁସ୍ତକର ଅଭାବ ହେତୁ ଶିକ୍ଷାର ମାନ କେତେକ ସ୍ତରରେ ଓ ସାମୟିକ ଭାବରେ ବଙ୍ଗଭାଷା ଶିକ୍ଷା ଅବ୍ୟାହତ ରହିବ ବୋଲି ନିଷ୍ପତ୍ତି ନେଲେ ଓ ଡିରେକ୍ଟରଙ୍କୁ ଜଣାଇ ଦେଲେ । (୧୪) ଏହା ଫଳରେ ମୂଳ ଆନ୍ଦୋଳନ ଓ ତାର ପ୍ରତିକ୍ରିୟା ଜନିତ ପ୍ରତି ଆନ୍ଦୋଳନ ଉଦ୍ୟମର ଅବସାନ ହେବ ବୋଲି ଆଶା କରାଗଲା ! ଗୌରୀଶଙ୍କର ସରକାରୀ ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ଏପରି ଆଶା କରି କହିଥିଲେ, "ଏତେ କାଳ ଓଡ଼ିଆ ଓ ବଙ୍ଗଳା ଭାଷା ଯେଉଁ ଯେତେ ବିରୋଧ ଜାତ ହୋଇଥିଲା ତାହା ସମସ୍ତ ରହିତ ହେଲା ।" (୧୫)

## ଆନ୍ଦୋଳନର ତୃତୀୟ ପର୍ଯ୍ୟାୟ

ବଙ୍ଗ ସରକାରଙ୍କ ଭାଷା-ନୀତି ସତ୍ତ୍ୱେ ଓଡ଼ିଆ ଭାଷାକୁ ବିରୋଧ କରିବା ଉଦ୍ୟମର, ହୁଏତ ଆଉଥରେ ଗୋଟିଏ ପ୍ରତି-ଆନ୍ଦୋଳନ ଠିଆ କରିବାର ଉଦ୍ୟମର, ଅବସାନ ହୋଇନାହିଁ । ଅନ୍ୟ ପକ୍ଷରେ ଭାଷା-ନୀତିର ପ୍ରତିକ୍ରିୟାରେ ରାଜେନ୍ଦ୍ର-ଲାଲଙ୍କ ଉତ୍ସାହ ଓ ପ୍ରେରଣାରେ ତାଙ୍କର ଜଣେ ଅନୁଗାମୀ ଓ ବାଲେଶ୍ୱର ସରକାରୀ ସ୍କୁଲର ପଣ୍ଡିତ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ "ଓଡ଼ିଆ ସ୍ୱତନ୍ତ୍ର ଭାଷା ନହେ" ପୁସ୍ତକ ପ୍ରକାଶ କରି ଆଉଥରେ ଏକ ପ୍ରତି-ଆନ୍ଦୋଳନ ଠିଆ କରାଇବାର ପ୍ରଚେଷ୍ଟା କଲେ ୧୮୭୦ର ଜାନୁଆରୀ ମାସରେ । ୧୮୬୮ର ଡିସେମ୍ବରରେ କଟକ ଡିବେଟିଂ କ୍ଲବରେ ରାଜେନ୍ଦ୍ର-ଲାଲ ଦେଇଥିବା ବକ୍ତୃତାର ବକ୍ତବ୍ୟକୁ ପ୍ରତିପାଦନ କରିବା, ସେ ପ୍ରସଙ୍ଗରେ ଗୌରୀଶଂକରଙ୍କ ପ୍ରତିକୂଳ ସମାଲୋଚନାର ଜବାବ ଦେବା ତଥା ରାଜକୃଷ୍ଣ ମୁଖୋ-ପାଧ୍ୟାୟଙ୍କ "ଉତ୍କଳ ସ୍ୱୟଂ ସଂକର ଭାଷା ଅଟେ" ଓ "ବଙ୍ଗଭାଷାର ବିକୃତ ହେଲେ ଉତ୍କଳ ଭାଷା ହୁଏ" ଆଦି ମନ୍ତବ୍ୟର ଯଥାର୍ଥତା ପ୍ରତିପାଦନ କରି ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ଅସ୍ୱୀକାର କରିବା ଥିଲା ଏ ପୁସ୍ତକର ଗୌଣ ବା ତାତ୍କାଳିକ ଉଦ୍ଦେଶ୍ୟ (୨୬) । ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ କିନ୍ତୁ ବଙ୍ଗଭାଷାର ଏକ ଉପଭାଷା ବୋଲି କମିଶନର ତଥା ମିଶନାରୀ ସାହେବମାନଙ୍କ ମନରେ ଧାରଣା ଜନ୍ମାଇ ଦେଇ ବଙ୍ଗ ସରକାରଙ୍କ ଭାଷା-ନୀତିରେ ପରିବର୍ତ୍ତନ ଅଣାଇବା ତଥା ଓଡ଼ିଶାର ବିଦ୍ୟାଳୟରେ ବଙ୍ଗଭାଷାର ପ୍ରଚଳନକୁ ଅବ୍ୟାହତ ରଖିବା ଥିଲା ଏ ପୁସ୍ତକର ମୁଖ୍ୟ ବା ମୂଳ ଉଦ୍ଦେଶ୍ୟ । (୨୭) ଏ ସମୟରେ ବାଲେଶ୍ୱରରେ ଅବସ୍ଥାପିତ ଡେପୁଟି ଇନସ୍ପେକ୍ଟର ଶିବଦାସ ଭଟ୍ଟାଚାର୍ଯ୍ୟ ମଧ୍ୟ ସରକାରୀ ନୀତିର ବିରୁଦ୍ଧାଚରଣ କରି ବାଲେଶ୍ୱରର ସ୍କୁଲରେ ବଙ୍ଗଭାଷା ଶିକ୍ଷା ଅବ୍ୟାହତ ରଖିବା ପାଇଁ ଅପ-ଉଦ୍ୟମ କଲେ । (୨୮) କେବଳ ସେତିକି ନୁହେଁ ଓଡ଼ିଶାର ବିଦ୍ୟାଳୟରେ ଓଡ଼ିଆ ପରିବର୍ତ୍ତେ ବଙ୍ଗଭାଷା ଶିକ୍ଷା ପ୍ରଚଳିତ ହେଉ ବୋଲି ଦାବୀଯୁକ୍ତ ବଙ୍ଗଭାଷାରେ ଏକ ମୁଦ୍ରିତ ଆବେଦନ ପତ୍ରରେ ଓଡ଼ିଆମାନଙ୍କୁ ଭୁଲାଇ ତାଙ୍କ ଦସ୍ତଖତ ନେବାର ଅପ-ପ୍ରଚେଷ୍ଟା ମଧ୍ୟ କରା ଯାଇଥିଲା । (୨୯)

ଏହା ଫଳରେ ସ୍ତିମିତ ହୋଇ ପଡ଼ିଥିବା ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନ ଆଉ ଥରେ ଜାଗ୍ରତ ଓ କ୍ରିୟାଶୀଳ ହୋଇ ଉଠିଲା । ବାଲେଶ୍ୱରରେ କାନ୍ତିଚନ୍ଦ୍ର ଓ ଶିବଦାସଙ୍କ ଅପ-ଉଦ୍ୟମ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କଲା । ବାଲେଶ୍ୱରବାସୀ ଓଡ଼ିଆମାନେ ଶିବଦାସଙ୍କ ବଦଳି ଦାବୀ କଲେ । ବାଲେଶ୍ୱରବାସୀ ଫକୀରମୋହନ ସେନାପତି ମଧ୍ୟ ଆନ୍ଦୋଳନର ଏ ପର୍ଯ୍ୟାୟରେ ସକ୍ରିୟ ଅଂଶ ଗ୍ରହଣ କରିଥିବାର ଦାବୀ କରିଛନ୍ତି । (୩୦) ଯାହା ବିଶ୍ୱାସଯୋଗ୍ୟ । ବାଲେଶ୍ୱରର ତତ୍କାଳୀନ କଲେକ୍ଟର ଭାଷାତତ୍ତ୍ୱବିତ୍ ଜନ୍ ବୀମସ୍ ଏଇ ପ୍ରତିକ୍ରିୟା ଅନୁଭବ କଲେ ଓ କାନ୍ତିଚନ୍ଦ୍ରଙ୍କ ବକ୍ତବ୍ୟକୁ ଭାଷାତତ୍ତ୍ୱ ଭିତ୍ତିରେ ବୈଜ୍ଞାନିକ ସ୍ତରରେ ଖଣ୍ଡନ କରି ଏକ ନିବନ୍ଧ ରଚନା କରି କଲିକତାସ୍ଥ ଏସିଆଟିକ୍ ସୋସାଇଟିର ଏକ ଅଧିବେଶନରେ ଉପସ୍ଥାପନ କଲେ । (୩୧) କାନ୍ତିଚନ୍ଦ୍ରଙ୍କ ପ୍ରେରଣାଦାତା ତଥା ନେତା ରାଜେନ୍ଦ୍ରଲାଲ ଅବଶ୍ୟ ଏ ଅଧିବେଶନରେ

ଉପସ୍ଥିତ ରହି କାନ୍ତିଚନ୍ଦ୍ରଙ୍କ ପ୍ରତିପାଦ୍ୟକୁ ସମର୍ଥନ ଜଣାଇଥିଲେ । ସେତେବେଳେ କଟକରୁ ପ୍ରକାଶିତ 'ଉତ୍କଳ ହିତୈଷିଣୀ' କାନ୍ତିଚନ୍ଦ୍ରଙ୍କୁ ସମର୍ଥନ କରୁଥିବାବେଳେ କଲିକତାରୁ ପ୍ରକାଶିତ Calcutta Review ଓ ଭୂଦେବ ମୁଖୋପାଧ୍ୟାୟ ସମ୍ପାଦିତ Education Gazette କାନ୍ତିଚନ୍ଦ୍ରଙ୍କ ପୁସ୍ତକକୁ ତୀବ୍ର ସମାଲୋଚନା କରିଥିଲେ । (୩୨)

କେବଳ ବାଲେଶ୍ୱର ଓ କଲିକତାରେ ନୁହେଁ କଟକରେ ମଧ୍ୟ କାନ୍ତିଚନ୍ଦ୍ରଙ୍କ ପୁସ୍ତକ, ଶିବଦାସଙ୍କ ଓଡ଼ିଆ ପରିବର୍ତ୍ତେ ବଙ୍ଗଭାଷା ଶିକ୍ଷା ଅବ୍ୟାହତ ରଖିବାର ଅପଉଦ୍ୟମ ଓ ଶେଷରେ ଓଡ଼ିଆମାନଙ୍କୁ ଭୁଲାଇ ବିଦ୍ୟାଳୟରେ ଓଡ଼ିଆ ପରିବର୍ତ୍ତେ ବଙ୍ଗଭାଷା ପ୍ରଚଳନ ହେଉ ବୋଲି ଦାବୀଯୁକ୍ତ ଏକ ଦରଖାସ୍ତରେ ତାଙ୍କ ଦସ୍ତଖତ ନେବା ରୂପକ ଅପଚେଷ୍ଟା ବିରୁଦ୍ଧରେ ଗୌରୀଶଙ୍କରଙ୍କ 'ଦୀପିକା' ପୃଷ୍ଠାରେ ତୀବ୍ର ପ୍ରତିକ୍ରିୟା ଦେଖାଦେଲା । ଗୌରୀଶଙ୍କର 'ଦୀପିକା'ର ବିଭିନ୍ନ ସଂଖ୍ୟାରେ କାନ୍ତିଚନ୍ଦ୍ରଙ୍କ ପୁସ୍ତକର ବକ୍ତବ୍ୟକୁ ତୀବ୍ର ଭାବରେ ସମାଲୋଚନା କରିଥିଲେ ତଥା Education Gazette ଓ Calcutta Reviewର ସମାଲୋଚନାର ସୂଚନା ଦେଇ ତାହାକୁ ସ୍ୱାଗତ ଓ ସମର୍ଥନ ଜଣାଇଥିଲେ । ସେ 'ଉତ୍କଳ ହିତୈଷିଣୀ'କୁ ମଧ୍ୟ ଅକ୍ଷତ ଛାଡ଼ି ନ ଥିଲେ । ଏ କ୍ଷେତ୍ରରେ ଗୌରୀଶଙ୍କରଙ୍କ ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ଥିଲା ଓ ଓଡ଼ିଆମାନଙ୍କ ମନରେ କପରି ଆଶା-ବାରି ସେଚନ କରିଥିଲା ତା ଫକୀରମୋହନଙ୍କ ନିମ୍ନ ଉକ୍ତିରୁ ଜଣାଯାଏ, "ବାବୁ ଗୌରୀଶଙ୍କର ରାୟଙ୍କୁ ଶତ ସହସ୍ର ପ୍ରଣିପାତ କରୁଥାଉଁ । ସେ ଉତ୍କଳ ଦୀପିକାରେ ଉତ୍କଳଭାଷା ସପକ୍ଷରେ ପ୍ରତି ସପ୍ତାହ ଯୁକ୍ତିପୂର୍ଣ୍ଣ ପ୍ରବନ୍ଧ ବାହାର କରୁଥାଆନ୍ତି । ଆମ୍ଭେମାନେ ବାଲେଶ୍ୱରବାସୀ ସମଗ୍ର ଉତ୍କଳରୁ କେବଳ ତାହାଙ୍କ ଅମୃତମୟ ବାଣୀ ଶୁଣୁଥାଉ ।" (୩୪) କେବଳ ସେତିକି ନୁହେଁ ଏ ପର୍ଯ୍ୟନ୍ତ ମିଳିଥିବା ତଥ୍ୟରୁ ଜଣାଯାଏ ଯେ କାନ୍ତିଚନ୍ଦ୍ରଙ୍କ ପୁସ୍ତକ ବିରୁଦ୍ଧରେ ପ୍ରତିକ୍ରିୟାର ପ୍ରଥମ ପ୍ରକାଶ ୧୮୭୦ ଫେବୃଆରୀ ତା ୨୬ରିଖର 'ଦୀପିକା' ପୃଷ୍ଠାରେ ହିଁ ଦେଖା ଯାଇଥିଲା ଓ ପରେ ତାହା ବାଲେଶ୍ୱର ଓ କଲିକତାକୁ ବ୍ୟାପିଲା । ପୁଣି ଶିବଦାସଙ୍କ ଅପଉଦ୍ୟମ ହେତୁ ତାଙ୍କ ବଦଳି ଦାବୀରେ 'ଦୀପିକା' ମଧ୍ୟ ବାଲେଶ୍ୱର 'ସମ୍ବାଦ ବାହିକା' ସହ ସ୍ୱର ମିଳାଇ କହିଥିଲା "ଘର ଡିଙ୍କି ଯେବେ କୁମ୍ଭୀର ହେଲା,ତେବେ ତାହାକୁ ତଡ଼ି ଦେବାପାଇଁ ବାଲେଶ୍ୱରବାସିମାନେ ଯାହା କରିଅଛନ୍ତି ତାହା ଉଚିତ ହୋଇଅଛି ।" (୩୫) ଆହୁରି ମଧ୍ୟ ଓଡ଼ିଆମାନଙ୍କୁ ଭୁଲାଇ ଓଡ଼ିଆ ଭାଷା ବିରୁଦ୍ଧରେ ଓ ବଙ୍ଗଭାଷା ସପକ୍ଷରେ ଏକ ମୁଦ୍ରିତ ଆବେଦନ ପତ୍ରରେ ତାଙ୍କଠାରୁ ଦସ୍ତଖତ ନେବା ଉଦ୍ୟମକୁ 'ଦୀପିକା' ତୀବ୍ର ସମାଲୋଚନା କରି ଓ ତାକୁ ପଦାରେ ପକାଇ ଭ୍ରଷ୍ଟ କରି ଦେଇଥିଲା । (୩୬)

ମୋଟ ଉପରେ ଆନ୍ଦୋଳନର ଦ୍ୱିତୀୟ ପର୍ଯ୍ୟାୟରେ ଫକୀରମୋହନ ବାଲେଶ୍ୱରବାସୀ ଓଡ଼ିଆ, ଜନ୍ ବୀମ୍ସ, ଭୂଦେବ ମୁଖୋପାଧ୍ୟାୟ ଓ Calcutta Review ବେଶ ସକ୍ରିୟ ଓ ପ୍ରଶଂସନୀୟ ଅଂଶ ଗ୍ରହଣ କରିଥିଲେହେଁ ଗୌରୀଶଙ୍କରଙ୍କ ଓ ,ଦୀପିକା'ର

ଭୂମିକା କୌଣସି ଭାବରେ ସେମାନଙ୍କ ଠାରୁ ନ୍ୟୂନ ତ ନ ଥିଲା ବରଂ କେତେ ଦଗରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ତଥା ନେତୃ ସ୍ଥାନୀୟ ଥିଲା ।

## ଉପସଂହାର :-

ଉପରୋକ୍ତ ଆଲୋଚନାରୁ ଦେଖାଗଲା ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନରେ ଗୌରୀଶଙ୍କରଙ୍କ ଭୂମିକା କେତେଦୂର ନିର୍ଭୀକ, ବ୍ୟାପକ, ଗୁରୁତ୍ୱପୂର୍ଣ୍ଣ ତଥା ପ୍ରଭାବଶାଳୀ ଥିଲା । ଏହାର ଏକାଧିକ ସୁଦୂର ପ୍ରସାରୀ ଦିଗ ମଧ୍ୟ ରହିଛି । ପ୍ରଥମରେ ଏହି ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନ ଆଧୁନିକ ଓଡ଼ିଆ ସାହିତ୍ୟର ପରମ ସହାୟକ ହୋଇଥିଲା । ତେଣୁ ଆଧୁନିକ ଓଡ଼ିଆ ସାହିତ୍ୟର ଉନ୍ମେଷ ଓ ବିକାଶରେ ଗୌରୀଶଙ୍କରଙ୍କ ଭୂମିକା ସ୍ୱୀକାର୍ଯ୍ୟ । ଆହୁରି ମଧ୍ୟ ଓଡ଼ିଶାର ଭାବୀ ମଙ୍ଗଳ ସହ ଓଡ଼ିଆ ଭାଷାକୁ ଓ ଓଡ଼ିଶାର ବିଦ୍ୟାଳୟରେ ଓଡ଼ିଆ ଭାଷାର ସ୍ଥିତିକୁ ସଂଯୁକ୍ତ କରି ସେ ଭାଷାକୈନ୍ଦ୍ରିକ ଓଡ଼ିଆ ଜାତୀୟତାର ଆଦ୍ୟ ଆଗମନୀ ଯେପରି ଶୁଣାଇଥିଲେ ସେହିପରି, ଓଡ଼ିଆ ଭାଷା-ଭାଷୀ ଅଞ୍ଚଳ ଭିନ୍ନ ଶାସନାଧୀନରେ ଥିବାରୁ ଓଡ଼ିଆ ଭାଷାର ପ୍ରଭୂତ କ୍ଷତି ହେଉଥିବା ଦର୍ଶାଇ ଓଡ଼ିଆ ଭାଷା ଭାଷୀ ଅଞ୍ଚଳ ଏକ ଶାସନାଧୀନରେ ରହିବାର ଆବଶ୍ୟକତା ମଧ୍ୟ ସୂଚାଇ ଥିଲେ । ଏହା ଭିତର ଦେଇ ସେ ଦେଖିଥିଲେ ବୃହତ୍ତର ଓଡ଼ିଶା ଗଠନର ସ୍ୱପ୍ନ ଓ କରିଥିଲେ ସେ ସ୍ୱପ୍ନ ସାର୍ଥକ ହେବାର ଆଦ୍ୟ ସୂଚନା । ତେଣୁ କେବଳ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନରେ ତାଙ୍କ ନେତୃତ୍ୱ ପାଇଁ ଗୌରୀଶଙ୍କରଙ୍କୁ ଆଜି ଆଧୁନିକ ଓଡ଼ିଶାର ଅନ୍ୟତମ ନିର୍ମାତା ଭାବରେ ସ୍ମରଣ କରିବା ଏକାନ୍ତ କାମ୍ୟ ।

## ସୂଚନା / ପ୍ରାନ୍ତଟୀକା :-


୧) ସାମନ୍ତରାୟ, ନଟବର, ୧୯୬୪, ପୃ ୧୯୮-୨୨୪; ଦାଶ, ଗଗନେନ୍ଦ୍ର ନାଥ, ୧୯୮୬ (ଝଙ୍କାର, ୩୮/୮) ପୃ ୬୬୯
୨) ଦୀପିକା, ୧ ୯-୧୮୬୭, ଦ୍ରଷ୍ଟବ୍ୟ ; ମହାନ୍ତି, ବଂଶୀଧର, ୧୯୬୮, ପୃ ୩୦
୩) ମହାନ୍ତି, ୧୯୮୯, ପୃ ୧୪
୪) ଦୀପିକା, ୨୬ ୧-୧୮୬୭ ଦ୍ରଷ୍ଟବ୍ୟ :—ପଟ୍ଟନାୟକ, ସୁଧାକର, ୧୯୭୨, ପୃ ୪୯୮-୯୯
୫) ଦୀପିକା ୨୬-୫-୧୮୬୭ ଓ ୧୦-୮-୧୮୬୭ ଦ୍ରଷ୍ଟବ୍ୟ—ପଟ୍ଟନାୟକ, ପୃ ୬୫୩-୫୮
୬) ଦୀପିକା ୯-୩-୧୮୬୭, ଦ୍ରଷ୍ଟବ୍ୟ—ମହାନ୍ତି, ୧୯୮୯, ପୃ ୨୦୮-୧୦
୭) ଦ୍ରଷ୍ଟବ୍ୟ—ଦାଶ, ଗଗନେନ୍ଦ୍ର ନାଥ, ୧୯୮୯ (ଝଙ୍କାର ୪୧/୮) ପୃ ୭୨୧-୨୩ ଓ (ଝଙ୍କାର, ୪୧/୭) ପୃ ୬୯୦-୯୧
୮) ଦୀପିକା ୪-୧-୧୮୬୮, ଦ୍ରଷ୍ଟବ୍ୟ—ପଟ୍ଟନାୟକ, ପୃ ୫୦୧-୦୨
୯) ଦୀପିକା ୨୫-୧-୧୮୬୮, ୧-୨-୧୮୬୮, ୪-୪-୧୮୬୮ ଓ ୧୮-୪-୧୮୬୮ ଦ୍ରଷ୍ଟବ୍ୟ—ପଟ୍ଟନାୟକ, ପୃ ୫୦୪-୧୩

୧୦) ଦୀପିକା ୧-୨-୧୮୭୮ ଦ୍ରଷ୍ଟବ୍ୟ—ପଟ୍ଟନାୟକ, ପୃ ୫୦୫
୧୧) ଦ୍ରଷ୍ଟବ୍ୟ, ଦାଶ, ଗଗନେନ୍ଦ୍ର ନାଥ, ୧୯୮୯ (ଝଙ୍କାର, ୪୧/୯) ପୃ ୮୧୦-୧୬
୧୨) Beames, John, 1870, p. 201
୧୩) ଦୀପିକା ୧୩-୩-୧୮୭୯ ଦ୍ରଷ୍ଟବ୍ୟ—ପଟ୍ଟନାୟକ, ପୃ ୫୩୨
୧୪) ଦୀପିକା ୧୦-୭-୧୮୭୯ (ଦ୍ରଷ୍ଟବ୍ୟ—ପଟ୍ଟନାୟକ, ପୃ ୫୪୨-୪୪ ଓ ୨୪-୭-୧୮୭୯
୧୫) ଦୀପିକା ୨୭-୬-୧୮୭୯ ଓ ୧୦-୭-୧୮୭୯
୧୬) ଦୀପିକା ୨୫-୯-୧୮୭୯ ଦ୍ରଷ୍ଟବ୍ୟ :—ପଟ୍ଟନାୟକ, ପୃ ୭୭୪
୧୭) ଦୀପିକା ୧୩-୩-୧୮୭୯ ଦ୍ରଷ୍ଟବ୍ୟ :—ପଟ୍ଟନାୟକ, ପୃ ୫୩୩
୧୮) ଦୀପିକା ୨୦-୩-୧୮୭୯ ଦ୍ରଷ୍ଟବ୍ୟ :—ପଟ୍ଟନାୟକ, ପୃ ୫୩୪
୧୯) ଦୀପିକା ୧୦-୭-୧୮୭୯, ୧୭-୭-୧୮୭୯ ଓ ୨୪-୭-୧୮୭୯
୨୦) ଦୀପିକା ୨୪-୭-୧୮୭୯
୨୧) ଦୀପିକା ୨-୮-୧୮୭୯
୨୨) ଦୀପିକା ୧୦-୪-୧୮୭୯
୨୩) ଦୀପିକା ୨୫-୯-୧୮୭୯
୨୪) ଦାଶ, ଗଗନେନ୍ଦ୍ର ନାଥ, ୧୯୯୦, (ଝଙ୍କାର ୪୧/୧୧) ପୃ ୯୮୦-୮୧
୨୫) ଦୀପିକା ୨୭-୧୧-୧୮୭୯, ଦ୍ରଷ୍ଟବ୍ୟ :—ପଟ୍ଟନାୟକ, ପୃ ୫୫୮
୨୬) ଭଟ୍ଟାଚାର୍ଯ୍ୟ, କାନ୍ତଚନ୍ଦ୍ର, ୧୮୭୦, ବଙ୍ଗାଧନ
୨୭) ତତ୍ରୈବ
୨୮) ଦୀପିକା ୨୬-୩-୧୮୭୦, ଦ୍ରଷ୍ଟବ୍ୟ :—ପଟ୍ଟନାୟକ, ପୃ ୫୭୩
୨୯) ଦୀପିକା, ୨୬-୩-୧୮୭୦ ଓ ୨-୪-୧୮୭୦ ଦ୍ରଷ୍ଟବ୍ୟ :—ପଟ୍ଟନାୟକ, ପୃ ୫୭୨-୭୩ ଓ ପୃ ୫୭୫-୭୮
୩୦) ସେନାପତି, ୧୯୬୩, ପୃ ୫୩-୫୫
୩୧) Beames, John, 1870
୩୨) ଦୀପିକା ୩୦-୪-୧୮୭୦ ଓ ୩-୯-୧୮୭୦ ଦ୍ରଷ୍ଟବ୍ୟ :—ପଟ୍ଟନାୟକ, ପୃ ୫୭୮-୮୧ ଓ ପୃ ୫୮୨-୮୩
୩୩) ତତ୍ରୈବ
୩୪) ସେନାପତି, ୧୯୬୩, ପୃ ୫୪
୩୫) ଦୀପିକା ୨୬-୩-୧୮୭୦ ଦ୍ରଷ୍ଟବ୍ୟ :—ପଟ୍ଟନାୟକ, ପୃ ୫୭୩
୩୬) ଦୀପିକା ୨୬-୩-୧୮୭୦ ଓ ଦ୍ରଷ୍ଟବ୍ୟ ପଟ୍ଟନାୟକ, ପୃ ୫୭୧-୭୩ ଓ ପୃ ୫୭୫-୭୮


## ଉପାଦାନ ପଞ୍ଜିକା


(କ) ଉତ୍କଳ ଦୀପିକା (ଦୀପିକା)

ଖ) ଦାଶ, ଗଗନେନ୍ଦ୍ର ନାଥ, ୧୯୮୬, ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନ : ଏକ ସିଂହାବଲୋକନ । ଝଙ୍କାର ୩୮/୮ ଓ ୩୮/୯

୧୯୮୮, ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନ--ଏକ ଦୃଷ୍ଟିପାତ । ମୂଲ୍ୟାୟନ—୨୨

୧୯୮୯, ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନ : ପୁନର୍ସିଂହାବଲୋକନ । ଝଙ୍କାର, ୪୧/୫, ୪୧/୬, ୪୧/୭, ୪୧/୮, ଓ ୪୧/୯

୧୯୯୦, ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ : ପୁନର୍ସିଂହାବଲୋକନ । ଝଙ୍କାର, ୪୧/୧୦ ୪୧/୧୧, ୪୧/୧୨, ୪୨/୨, ୪୨/୩

ପଟ୍ଟନାୟକ, ସୁଧାକର, ୧୯୭୨, ସମ୍ବାଦ ପତ୍ରରୁ ଓଡ଼ିଶାର କଥା ।

ଭଟ୍ଟାଚାର୍ଯ୍ୟ, କାନ୍ତିଚନ୍ଦ୍ର, ୧୮୭୦, ଉଡ଼ିଆ ସ୍ୱତନ୍ତ୍ର ଭାଷା ନହେ ।

ମହାନ୍ତି, ବଂଶୀଧର, ୧୯୭୮, ଅଠରଶ ଛଷଠି (ଉତ୍କଳ ଦୀପିକା)
୧୯୮୯, ଓଡ଼ିଆ ଭାଷା ଆନ୍ଦୋଳନ

ସାମନ୍ତରାୟ, ନଟବର, ୧୯୭୪, ଓଡ଼ିଆ ସାହିତ୍ୟର ଇତିହାସ (୧୮୦୩-୧୯୨୦)

ସେନାପତି, ଫକୀରମୋହନ, ୧୯୬୩ ଫକୀରମୋହନ ଗ୍ରନ୍ଥାବଳୀ (ପ୍ରଥମ ଖଣ୍ଡ)

Beames, John, 1870, On the relation of the Uriya to the other Modern Aryan Languages. (Proceedings of the Asiatic Society, June, 1870, PP. 192-2I6)

ପ୍ରଫେସର, ଭାଷାତତ୍ତ୍ୱ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,
ଭଞ୍ଜବିହାର, ବ୍ରହ୍ମପୁର ।

# ଊନବିଂଶ ଶତାବ୍ଦୀର ଓଡ଼ିଆ ଗଦ୍ୟ ଶୈଳୀ ଓ ଗୌରୀଶଙ୍କର

ଅଧ୍ୟାପକ ଗୌରାଙ୍ଗ ଚରଣ ଦାଶ,

## ॥ ଏକ ॥

ଊନବିଂଶ ଶତାବ୍ଦୀ ଭାରତୀୟମାନଙ୍କ ପାଇଁ ନୂତନ ଜୀବନ ଅନ୍ୱେଷଣର ଶତାବ୍ଦୀ । ସେ କାଳରେ ସେମାନେ ନୂତନ ରୂପ ଓ ଭାବରେ ଜୀବନ ଚିହ୍ନିବାର ସୁଯୋଗ ପାଇଥିଲେ । ଗତ କେତେ ଶତାବ୍ଦୀ ଧରି ସେମାନେ ଆପଣା ଆପଣା ବିଶ୍ୱାସର ଟୁବି ଗଡ଼ିଆ ଭିତରେ ନିର୍ବୋଧଙ୍କ ପରି ବିଚରଣ କରୁଥିଲେ । ମୁକ୍ତ ଜୀବନକୁ ଡରୁଥିଲେ । ସେମାନଙ୍କ ସମାଜର ଧର୍ମ, ଭାଷା, ସାହିତ୍ୟ, ଭାବ ଓ ଆଚରଣ ସବୁଥିରେ କେବଳ କ୍ଷୁଦ୍ରତା ହିଁ ଅଲଜ୍ଜକ ଭାବରେ ପ୍ରକାଶ ପାଉଥିଲା । ନିଜ ନିଜ ବାଟରେ ପାଦ ପକେଇବାକୁ ସେମାନେ ସାହାସ କରିପାରୁ ନଥିଲେ । ବିପଦଜନକ ଭାବରେ ଅନ୍ୟର ଖୋପଗୁଡ଼ାକ ଭିତରେ ନିଜ ନିଜର ଜୀବନ ଶକ୍ତି ଦେଇ ଆରାମରେ ନିଦେଇଯିବା ପାଇଁ ଏତେ ଟିକିଏ ବି ଲଜ୍ଜିତ ହେଉ ନଥିଲେ । ମାଟିଆମାନଙ୍କ ପରି ଦାନ୍ତ ନିକୁଟିବା ଥିଲା ସେମାନଙ୍କ ଆଗ୍ରହ, ସେମାନଙ୍କ ଜୀବନ ଧର୍ମ ।

ସେମାନଙ୍କ ଅନ୍ଧବୋଧର ଏକ ବିପଦ୍‌ଜନକ ଆନୁଗତ୍ୟ, ଲଜ୍ଜିତ ଓ ବିଳପିତ ଜୀବନବୋଧ ଗତ ଶତାବ୍ଦୀରେ ଏକ ନୂଆ ଦିଗ୍‌ବଳୟର ସଙ୍କେତ ପାଇଲା । ପାଶ୍ଚିମାମାନଙ୍କର ଚେତନା-ଜଳ ଭିତରେ ସେମାନଙ୍କ ଦେହ ଓ ମନର କଳଙ୍କ କ୍ରମଶଃ ମାର୍ଜିତ ହେବାର ସୁଯୋଗ ପାଇଲା । ସେମାନେ ବଦଳିବାକୁ ଆରମ୍ଭ କଲେ । ନୂଆ ଜୀବନ ନେଇ ବଞ୍ଚିବା ପାଇଁ ଅନୁପ୍ରେରିତ ହେଲେ । ଗୋରାମାନେ ଯୋଉ ବାଟଗୁଡ଼ାକୁ ନିଜର ସ୍ୱଚ୍ଛନ୍ଦ ବିହାର ପାଇଁ ତିଆରି କରୁଥିଲେ, ପ୍ରଥମେ ପ୍ରଥମେ ସେ ବାଟଗୁଡ଼ିକ ଦେଶୀମାନଙ୍କର ପ୍ଲୀହା ଜଳଭୂତ ଅବସ୍ଥାର କାରଣ ହୋଇଥିଲା । ନିଜ ଘର ଭିତରର ଯାବତୀୟ ଆବର୍ଜନାକୁ ଏତେ ସହଜରେ ଫିଙ୍ଗିଦେବା ଲାଗି ସେମାନେ ସାହାସ କରିପାରୁନଥିଲେ । ମାତ୍ର କ୍ରମଶଃ ବଡ଼ ଶଙ୍କିତ ଭାବରେ ସେମାନେ ସେମାନଙ୍କ ପାଖକୁ ଗଲେ । ସେମାନଙ୍କୁ ଛୁଇଁଲେ, ତେଜକୁ ଅନୁଭବ କଲେ । ଡରି ଡରି ପାଦ ପକାଇଲେ । ପାଦ ପକାଇବାର ମଜା ଚାଖିଲେ । ନିଜକୁ ନୂଆ ଭାବରେ ଦେଖିବାର ସୁଯୋଗ ପାଇଲେ । ଗୋରାମାନେ ନିଜର ସୁବିଧା ପାଇଁ ଯେତେ ଭିଆଣମାନ ତିଆଇ ଥିଲେ, କଳା ଆଢ଼ୁ ସାବନାମାନେ ସେ ଗୁଡ଼ିକର ସୁକୁମାରତା ଉପରେ ଆଖି ପକାଇଲେ । ସେମାନଙ୍କର ଅବବୋଧର କୋଠରୀଗୁଡ଼ିକ ଖୋଲିବାକୁ ଆରମ୍ଭ କଲା ।

ଗାନ୍ଧ . ପାଖରେ ଠିଆ ହୋଇ ଟୁବ ଗଡ଼ିଆର ପରିଷ୍କରଣ ଓ ପଦ ପ୍ରସାରଣ ପାଇଁ ସେମାନେ ପ୍ରୟାସ କଲେ । ଗୋରାମାନେ ଯାହା କରିଥିଲେ, ତାହା ସେମାନଙ୍କ ପାଇଁ କାଳ ହେଲା । ସେମାନଙ୍କର ଉଦ୍ଦେଶ୍ୟ ପୂରଣ ହୋଇ ପାରିଲାନି । ମାତ୍ର ଖୋଲା ନବରରେ 'ହ୍ୱାର କରି' ମଜା 'ମାରିବା ପାଇଁ ଟୁବ ଗଡ଼ିଆର ଶୂଦ୍ରମାନେ ଜୀବନର ଉପବୀତ ଧାରଣ କଲେ, ଯେଉଁ ବିଚିତ୍ର ବିଚିତ୍ର ବେଶର ଭୂତାଣ୍ଡୁ ଗୁଡ଼ାକ କମ୍ବଳ ଉପରେ ସାଲୁବାଲୁ ହେଉଥିଲେ, ତାର ପରିମଳ କରିବା ପ୍ରକ୍ରିୟା ଆରମ୍ଭ ହୋଇଥିଲା ସେଇ କାଳରେ ।

ପରିପଳୀକରଣ ପ୍ରକ୍ରିୟା ଆରମ୍ଭ କରିଥିଲେ ପାଦ୍ରୀମାନେ । ଭାରତୀୟମାନଙ୍କ ଚେତନାରେ ଅଧାର୍ମିକତାର ମନ୍ଦ କୋଷ୍ଠବାଳରୁ ଜମାଟ ବାନ୍ଧିଯାଇଥିଲା ବୋଲି ସେମାନେ ସେପଟରେ ଥାଇ ଅନୁଭବ କରିଥିଲେ । କୋଷ୍ଠକାଠିନ୍ୟ ବ୍ୟାଧିରୁ ଭାରତୀୟ-ମାନଙ୍କୁ ମୁକ୍ତ କରିବା ପାଇଁ ଯୀଶୁବାଣୀ ପ୍ରଚାର ଔଷଧ ହାତରେ ଧରି ବିଲାତ ଆମେରିକାରୁ ଆସି ସେମାନେ ପ୍ରାଚ୍ୟ ଭୂମିରେ ପାଦ ଦେଲେ ।( ୧ ) ସେପଟରେ ଥାଇବି ଭାରତୀୟମାନଙ୍କର ଅଜ୍ଞତା, କୁସଂସ୍କାରପୂର୍ଣ୍ଣ ଆଚାର ଆଚରଣକୁ ଦେଖି ଅସ୍ଥିର ହୋଇ ରହିପାରିଲେନି । ଯୀଶୁବାଣୀର ଆଲୋକରେ କୋଷ୍ଠକାଳର ଜମାଟବନ୍ଧା ଅନ୍ଧାରକୁ ଦୂରେଇଦେବା ପାଇଁ ଚେଷ୍ଟା କଲେ । ବାଇବେଲକୁ ଦେଶୀଲୋକଙ୍କ ଭାଷାରେ ଅନୁବାଦ କଲେ । ଧର୍ମ – ବିଧି ଓ ବିଶ୍ୱାସ ଆଧାରିତ ପ୍ରଚାରପତ୍ର ବା ଟ୍ରାକ୍ଟ ଛାପି ହାଟ, ବଜାର, ମେଳା, ମହୋତ୍ସବ, ମନ୍ଦିର, ମସଜିଦ ଆଦି ଜାଗାରେ ବାଣ୍ଟିଲେ । ମୁଦ୍ରାଯନ୍ତ୍ର ବସାଇଲେ । ସ୍କୁଲ ବି ଗଢ଼ିଲେ । ପଢ଼ା ହେବା ପାଇଁ ବହି ଲେଖିଲେ । ପଢ଼େଇବା ପାଇଁ ଶିକ୍ଷକ ଏବଂ ପଢ଼ିବା ପାଇ ଛାତ୍ର ବି ଖୋଜିଲେ । ସେମାନଙ୍କ ବିଦ୍ୟା, ବିଶ୍ୱାସ ଏବଂ ବିଚାରକୁ ଦେଶୀମାନଙ୍କ ମୁଣ୍ଡରେ ପୂରେଇବା ଲାଗି ପ୍ରୟାସ କଲେ । ସେମାନଙ୍କ ଭାଷାରୁ ବହୁମାନ ଅନୁବାଦ କଲେ । ବ୍ୟାକରଣ ଅଭିଧାନ ଲେଖିଲେ ସେମାନଙ୍କ ସଙ୍କଳନ ସ୍ୱାର୍ଥ ଅନୁସାରେ । ପତ୍ର ପତ୍ରିକା ବି ପ୍ରକାଶ କଲେ । ଯେତେ ଯାହା କଲେ, ସବୁରି ମୂଳରେ ଥିଲା ଆଉ ଏକ ସଙ୍କୀର୍ଣ୍ଣ ବିଚାରଧାରା— ଧର୍ମ ପ୍ରଚାର, ନିଜକୁ ବଡ଼ବୋଲି ପ୍ରଚାର କରି ଅନ୍ୟମାନଙ୍କୁ ଶ୍ରେଷ୍ଠ ଭାବରେ ଦେଖିବାର ନୀଚତାବୋଧ । ମିଶନାରୀମାନେ ଭାରତୀୟମାନଙ୍କୁ ଜୀବନ ଦେଖେଇଲେ । ଇଂରେଜ ସରକାର ପ୍ରଥମେ ଚାହୁଁ ନଥିଲେ କଳାମାନଙ୍କୁ ଜୀବନ ଦେଖେଇବ ପାଇଁ, ସେମାନଙ୍କୁ ଏବଂ ସେମାନଙ୍କ ଦେଶକୁ ବାଦ ଦେଇଦେବା ପାଇଁ । ମାତ୍ର ପରିସ୍ଥିତିର ଚାପରେ ସେମାନେ ଏହା କରିବାକୁ ବାଧ ହେଲେ । ମାତ୍ର ଯୋଉ ପାଦ୍ରୀମାନେ ସେମାନଙ୍କୁ ଜୀବନ ଦେଖେଇବା ପାଇଁ ନିଜ ଲୋକମାନଙ୍କ ଠାରୁ ବି ଲାଞ୍ଛିତ ହୋଇଥିଲେ ସେଇ ଲୋକମାନେ ସେମାନଙ୍କୁ ପାଦୁଡ଼ି କରି ନିଜ ପରିସୀମାରୁ ଘଉଡ଼େଇ ଦେବା ପାଇଁ ଅଦୌ କୁଣ୍ଠା ପ୍ରକାଶ କଲେନି । ସେମାନେ ଜଳେ ଧରିଥିବା ବର୍ତ୍ତୀର ତେଜରେ ଜଳିବା ମାରିଗଲେ । ଆଖି ଗୁଡ଼ାକ ବି ତରେଇ ରହିଲେ ।

ପାଦ୍ରୀମାନଙ୍କ ଆଲୋକରେ ଜୀବନ ଦେଖିଥିବା ଦେଶୀମାନେ ସାହେବମାନଙ୍କ ପାଖ ପଶିବାରେ ସାହସ କଲେ । ସେମାନେ ପଢିଲେ । ନିଜ ପାଇଁ ବହି ଲେଖିଲେ । ନୂଆ ଆଖିରେ ନିଜର ଭାଷା, ସାହିତ୍ୟ, ଧର୍ମ, ସମାଜ, ଇତିହାସ, ରାଜନୀତି ଓ ବିଜ୍ଞାନକୁ ପରିଶୀଳନ କଲେ । ବଙ୍ଗଭୂମିରୁ ରାଜା ରାମମୋହନ ରାୟ ପରିବର୍ତ୍ତନର ନୂତନ ଇସ୍ତାହାର ଘୋଷଣା କଲେ । ବାଲ୍ୟ ବିବାହ, ବୃଦ୍ଧ ବିବାହ, ବହୁବିବାହ, ନରବଳୀ, ସତୀଦାହ ପରି ଯାବତୀୟ କୁପ୍ରଥା'ର ବିଲୋପପାଇଁ ସାହେବମାନଙ୍କ ସହିତ ହାତ ମିଲାଇଲେ । ଲର୍ଡ ବେଣ୍ଟିକ୍‌ଙ୍କ ସହାୟତାରେ ସରକାରୀ ନିୟମ (୧୮୨୮) ମଧ୍ୟ ପ୍ରଣୟନ କଲେ । ଭାରତୀୟମାନେ ନୂଆ ଜୀବନର ସନ୍ଧାନ ପାଇଲେ । ଧର୍ମବ୍ୟବସ୍ଥାରେ ସମନ୍ୱୟବାଦୀ ବିଚାରର ପ୍ରାଧାନ୍ୟ ଲାଭ କଲା । ଧର୍ମର ନୂଆ ଅଭିଧାନ ଲେଖାଗଲା— ତାକୁ କୁହାଗଲା ବ୍ରାହ୍ମଧର୍ମ । ନୂଆ ସମାଜ ବ୍ୟବସ୍ଥା ଘୋଷଣା କରାଗଲା । ତାକୁ କୁହାଗଲା—ନୂଆ ସାମାଜିକ ବ୍ୟବସ୍ଥାର ଜୀବନବାଦୀ ରୂପାୟନ । ବଙ୍ଗଳାରୁ ଆରମ୍ଭ ହୋଇ ସାରା ଭାରତକୁ ବ୍ୟାପିଲେ । ଜନ୍ମହେଲା ପଶ୍ଚିମର ପାଣି ଓ ପବନରେ ଅଭିଷିକ୍ତ ଅନ୍ୟ ଏକ ଭାରତବର୍ଷ । ଓଡ଼ିଶାରେ ବି ସେ ନୂତନ ମଂତ୍ର ପ୍ରସାରିତ ହେଲା । ଏ ମାଟିରେ ସକଳ ନୂତନତାର ପ୍ରସାରକ ହେଲେ ଆଧୁନିକ ଶିକ୍ଷାପ୍ରାପ୍ତ ଯୁବଗୋଷ୍ଠୀ । ସେମାନଙ୍କର ଦିଶାରୀ ଥିଲେ ଗୌରୀଶଙ୍କର ରାୟ ।

ଗୌରୀଶଙ୍କର ଯେଉଁ ସମୟ (୧୮୩୮)ରେ ଜନ୍ମ ହୋଇଥିଲେ, ତାହା ସପନ ଦେଖିବାର ଏକ ବିକଳ କାଳ ନଥିଲା । ତାଙ୍କୁ ନୂଆକରି ଗଢିବାର ଅହ୍ୱାନ କିଛି ଲୋକଙ୍କ ଚେତନାରେ ଢେଉ ସୃଷ୍ଟି କରୁଥିଲା । ବିଶେଷତଃ ଓଡ଼ିଆମାନଙ୍କ ପାଇଁ ତାହା ଥିଲା ବିପଦ୍‌ଜନକ ସମୟ । ଉଦ୍‌ବେଗ, ଉତ୍‌କଣ୍ଠା, ଅସୁରକ୍ଷା, ଆତ୍ମ ପ୍ରତ୍ୟୟ ପରି କେତେ କେତେ ଭାବ ପ୍ରତି ମୁହୂର୍ତ୍ତରେ ସେମାନଙ୍କ ଜୀବନ ସହିତ ଧକ୍କା ଖାଉଥିଲା । ଗୋରାମାନଙ୍କର ପାଖ ଲୋକ ହୋଇ ଯୋଉମାନେ ନୂଆ ଡାଆଣୀ ସାଜିଥିଲେ, ସେମାନେ ଗୁହ ଖାଇବା ଆରମ୍ଭ କରିଦେଲେ । ଯେଉଁମାନେ ବିଦେଶୀମାନଙ୍କ ଠାରୁ ନିଜ ଭାଷା, ସାହିତ୍ୟ, ଜାତୀୟତା, ସ୍ୱାଭିମାନବୋଧ ପରି ଅନେକ ଅନେକ କଥା ଶିଖିଥିଲେ, ସେ ତତ୍ତ୍ୱ ଗୁଡ଼ିକୁ ନିଜ ମାଟିରେ ଘୋଟି ପକାଇଲେ । ସ୍ୱାଭିମାନକୁ ପୁରାପୁରି ଭୁଲିଗଲେ । ସଙ୍କୀର୍ଣ୍ଣତାର ଗମ୍ଭୁଜ ଭିତରେ ଭଣ୍ଡ ମୋଡ଼ି ହେଲେ । ଶିକ୍ଷିତ ପିଆଣିଆ ବଙ୍ଗୀୟମାନେ ନୂଆ ଜୀବନର ଅଭିଯାନ ଆଳରେ ଅନ୍ୟମାନଙ୍କୁ ଘୃଣା କରି ଦେଖିବା ଆରମ୍ଭ କରିଦେଲେ । ବିକଳ ପ୍ରତ୍ୟାଶାବୋଧର ମଳ ଭାଣ୍ଡରେ ଅନବରତ ଘାଣ୍ଟି ହେଲେ ଓଡ଼ିଶା ଓ ଆସାମକୁ ଆମର ବୋଲି କହିଲେ । ଅନ୍ୟଜାତିର ମଣିଷମାନଙ୍କୁ ନିଜର ଚୋଳକରା ବୋଲି ଢୁଆ ଦେଲେ । ଅନ୍ୟ ମାନଙ୍କର ଭାଷା, ସାହିତ୍ୟ, କଳା, ସ୍ଥାପତ୍ୟକୁ ନିଜ ପୂର୍ବ ପୁରୁଷଙ୍କର ମହାନ୍ ଅବଦାନ ଭାବରେ ଘୋଷଣା କଲେ । ପ୍ରାମାଣିକ ବହିବି ଲେଖିଲେ । ଶାସକମାନଙ୍କର କାନକୁହା ହେଲେ । ଓଡ଼ିଶା ଏବଂ ଓଡ଼ିଆମାନଙ୍କୁ ଯାହା ନ କରିବା କଥା, ତାହା କଲେ । ତେଣୁ ଓଡ଼ିଆ ଜାତିର ଆତ୍ମାକୁ ଅନୁଭବ କରିବା ଏବଂ ତାର ସ୍ୱାଭିମାନକୁ ପ୍ରତିଷ୍ଠା କରିବାର ଆବଶ୍ୟକତା ଥିଲା ସେ

କାଳରେ । ଗୌରୀଶଙ୍କର ତାହା ପାଳନ କରିବାପାଇଁ ନିଜ ପାଖରେ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ ।

ମଣିଷ ଯାହା ଭାବେ, କଥା ଭିତରେ ସେ ନଥିଲେ, ସେ ଗୁଡ଼ିକ ଅନ୍ୟମାନଙ୍କର ଏ କାନରେ ପଶି ଆର କାନରେ ବାହାରି ଯାଏ । ଛଳନା ଏବଂ ଅଭିନୟକୁଶଳୀଟିଏ ନିଜ ପାଖରେ, କି ସମାଜ ପାଖରେ ଅଧିକ କାଳ ବଞ୍ଚି ପାରେନା । ଦୟନୀୟ ଭାବରେ ହାରିଯାଏ । ତା'ର ଅପମୃତ୍ୟୁ ଘଟେ । ଯୋଉ ମଣିଷ ସମସ୍ତ ଏବଂ ସମାଜ ଭିତରେ ନିଜ ଜୀବନକୁ ନିବିଡ଼ ଭାବରେ ଛନ୍ଦି ଦେଇଥାଏ ତାର କଥାହିଁ ଅନ୍ୟମାନଙ୍କ ଚେତନାରେ ନୂଆ ଜୀବନୀ ଶକ୍ତିର ସଞ୍ଚାର କରେ । ପ୍ରତ୍ୟେକ ଶବ୍ଦ ଭିତରେ ଆତ୍ମା ଯେମିତି ଉଚ୍ଚାରିତ ହେଉଥାଏ । ଗୌରୀଶଙ୍କର ସେମିତି ମଣିଷଟିଏ ଥିଲେ । ଯାହା କରୁଥିଲେ ତାହା କହୁଥିଲେ । ବଚନ ଓ ଆଚରଣ ଭିତରେ ତାଙ୍କର ସମଗ୍ର ବ୍ୟକ୍ତିତ୍ୱ ପ୍ରତିଫଳିତ ହେଉଥିଲା । ତାଙ୍କ ବ୍ୟକ୍ତିତ୍ୱ ଥିଲା ଉତ୍କଳୀୟ ଜାତୀୟତାର ଏକ ସ୍ପନ୍ଦିତ ପରିପ୍ରକାଶ, ତାଙ୍କ ଭାଷା ଥିଲା ଶ୍ରଦ୍ଧାଶୀଳ ଜୀବନବୋଧର ଅନ୍ତରଙ୍ଗ ଅଭିବ୍ୟକ୍ତି ।

## ॥ ଦୁଇ ॥

ପ୍ରଥମେ ଊନବିଂଶ ଶତକର ପ୍ରଥମ ଦଶକରେ ମିସ୍‌ନାରୀମାନେ ଯେଉଁ ଭାଷା ଏବଂ ଶୈଳୀରେ ନିଜକୁ ପ୍ରକାଶ କରୁଥିଲେ ତାହା ସେମାନଙ୍କର ଭାଷା ଓ ଶୈଳୀ ଥିଲା । ମାତ୍ର ଶବ୍ଦ ଥିଲା ଓଡ଼ିଆ । ସେମାନେ ଚାହୁଁଥିଲେ ନିଜକୁ ଏକ ଭିନ୍ନ ଭାଷାରେ ପ୍ରକାଶ କରିବା ପାଇଁ । ମାତ୍ର ଏ କ୍ଷେତ୍ରରେ ସେମାନେ ଅନ୍ୟମାନଙ୍କ ପ୍ରତି ଯେତିକି ଶ୍ରଦ୍ଧାଶୀଳ ରହିବା କଥା, ତାହାଠାରୁ ଅଧିକ ଥିଲେ ନିଜ ପ୍ରତି ଏବଂ ନିଜର ଉଦ୍ଦେଶ୍ୟ ପ୍ରତି । ନିଜର ବଡ଼ପଣିଆ, ଉଦାରତା, ବିଶ୍ୱାସକୁ ଅନ୍ୟମାନଙ୍କ ଉପରେ ଲଦି ଦେବାପାଇଁ ଚେଷ୍ଟା କରୁଥିଲେ । ଅନ୍ୟମାନଙ୍କ ବିଶ୍ୱାସ ଓ ଜୀବନଚର୍ଯ୍ୟାକୁ ଶଇତାନ୍‌ର ଜୀବନାଭ୍ୟାସ ବୋଲି ପ୍ରଚାର କରୁଥିଲେ । ସେମାନଙ୍କ କହିବା, ଦେଖାଇବା, ପାଇବା ଏବଂ ଜୀବନ-ବଞ୍ଚିବାର ବି ଗୋଟିଏ ରୀତି ଥିଲା । ନିଜ ରୀତିକୁ ସେମାନେ ଅନୁଶାସିତ ଦେଶୀମାନଙ୍କ ଚେତନାରେ ବୋଳିଦେବା ପାଇଁ ପ୍ରୟାସ କଲେ । କିଛି ଦେଶୀ ପଣ୍ଡିତଙ୍କର ସାହାଯ୍ୟ ନେଲେ । ସେମାନଙ୍କୁ ଦେଶୀ ରୀତିର ଦଶାଣି ରୂପରେ ପରିଗ୍ରହଣ କଲେ । ମାତ୍ର ତଥା-କଥିତ ପଣ୍ଡିତ ଓ ପଣ୍ଡିତମ୍ମନ୍ୟମାନେ ସାଧାରଣମାନଙ୍କୁ ଯେ କମାରୁ ମୁଖ ପାଉ ନଥିଲେ, ସେମାନଙ୍କ ଭାଷା ଶୁଣି ନାକ ଟେକୁଥିଲେ, ପ୍ରଥମେ ପାଦ୍ରୀମାନେ ଏ ଗୂଢ଼ କଥାକୁ ଜାଣିପାରି ନଥିଲେ । ସାହିତ୍ୟର ସାମନ୍ତମାନେ ଏଇ ସୁଯୋଗରେ ଲୋକମାନଙ୍କର ଅଭ୍ୟାସକୁ ବୋଧହୁଏ ପାଣ୍ଡିତ୍ୟ ପ୍ରକାଶର ଆଉ ଏକ ଅଭିଜାତ ଓ ଈଶ୍ୱରକୃତ ରୀତିଭାବରେ ଗ୍ରହଣ କରିନେଲେ । ବାଇବେଲ ଓ ଟ୍ରାକ୍ଟ ଗୁଡ଼ିକର ଅନୁବାଦ ଓ ଅନୁଲିଖନ କାଳରେ କୃତ୍ରିମତାହିଁ ପ୍ରକାଶ ପାଇଲା । ପ୍ରାୟ ୧୮୧୧ ଠାରୁ ଆରମ୍ଭ କରି ୧୮୪୦

ମସିହା ମଧ୍ୟରେ ଓଡ଼ିଆରେ ଯେଉଁ ଗଦ୍ୟ ଲେଖାଗଲା ସେ ଗୁଡ଼ିକ ଓଡ଼ିଆ ଲିପିରେ ଲେଖାଯାଇଥିଲେ ସୁଦ୍ଧା, ଓଡ଼ିଆତ୍ୱର ସଙ୍କେତ ତା ଭିତରେ ନଥିଲା । * ସେମାନେ ଇଂରାଜୀ ଶବ୍ଦଗୁଡ଼ିକୁ କେବଳ ଅନୁବାଦ କରି ପଢ଼ାଉଥିଲେ । ଭାଷାର ଭାବ ଉପଲବ୍ଧି କରିବା ସେମାନଙ୍କ ପକ୍ଷରେ ସମ୍ଭବ ନଥିଲା । ଏବଂ ଏ କାର୍ଯ୍ୟରେ ସେମାନଙ୍କୁ ଯେଉଁ ପଣ୍ଡିତମାନେ ସାହାଯ୍ୟ କରୁଥିଲେ ସେମାନଙ୍କ ପାଖରେ ମଧ୍ୟ ଇଂରାଜୀ ଭାଷା ଥିଲା ବିଦେଶୀ । ପାଦ୍ରୀମାନେ ପ୍ରଥମେ ବଙ୍ଗଳା ଭାଷା ମାଧ୍ୟମ ଦେଇ ଓଡ଼ିଆ ଭାଷା ଶିଖୁଥିଲେ । ବଙ୍ଗଭୂମି ଥିଲା ସେମାନଙ୍କର ବିଦ୍ୟାଳୟ । ତେଣୁ ଓଡ଼ିଆ ଭାଷା ଉପରେ ରାଜୁତି କରୁଥିଲା ବଙ୍ଗଭାଷା ।

ଆମସ୍ ସଟନ ପ୍ରଥମ ପାଦ୍ରୀ ଯିଏ ଓଡ଼ିଆମାନଙ୍କର ଭିତରକୁ ଯିବା ପାଇଁ ପ୍ରୟାସ କଲେ । ଜାତିର ଆତ୍ମାକୁ ଚିହ୍ନିବା ପାଇଁ ତା'ର ଭାଷା ଓ ସଂସ୍କୃତିକୁ ଶ୍ରଦ୍ଧାଶୀଳ ଭାବରେ ଆଦରି ନେବା ଯେ ଆବଶ୍ୟକ, ଏ ସତ୍ୟକୁ ଅନୁଭବ ସେ କଲେ । ଗୋଟିଏ ହାତରେ ପଣ୍ଡିତ ଓ ପଣ୍ଡିତମନ୍ୟମାନଙ୍କର ଗୀର୍ବାଣ ବିଳସିତ ରୁଚିବୋଧ ଏବଂ ଅନ୍ୟ ହାତରେ ତଥାକଥିତ ସାଧାରଣମାନଙ୍କର ସ୍ୱାଭାବିକ ଗ୍ରାମ୍ୟଭାବ ବ୍ୟଞ୍ଜକ ଶବ୍ଦକୁ ଧରି ବାଟ ଚାଲିଲେ । ଆପଣା ଜାତିର ଅହଙ୍କାରୀ ଶାସକ ମାନଙ୍କୁ ଅନୁଶାସିତ ମାନଙ୍କର ଭାଷା ଶିଖିବା ପାଇଁ ଡାକ ଦେଲେ । ବ୍ୟାକରଣ ଓ ଅଭିଧାନ ସଙ୍କଳନ କଲେ । ବଙ୍ଗଳା ଓ ଓଡ଼ିଆ ଭାଷା ଭିତରେ ଥିବା ପାର୍ଥକ୍ୟକୁ ବି ଦେଖେଇଲେ । ପଢ଼ା ବହି ଲେଖିଲେ ଏବଂ ଅନୁବାଦ କଲେ । ଦେଶୀୟ ମାନଙ୍କର ଶବ୍ଦ ଓ କଥନ ଭଙ୍ଗୀକୁ ଭେଦିବା ପାଇଁ ଚେଷ୍ଟାକଲେ । ସେମାନଙ୍କର ଅନ୍ତରର ସ୍ୱରକୁ ଲେଖାରେ ପ୍ରକାଶ କରିବା ପାଇଁ ବାଟ ଖୋଜିଲେ । ଅଭିଧାନ ଦେହରେ ସେଗୁଡ଼ିକୁ ସଂପାଦିଲେ । ତାଙ୍କ ଫେବୁଲ ବା ନୀତି କଥା ଗୁଡ଼ିକରେ ତଥା କଥିତ ଅନୁଭବମାନଙ୍କର ଅଲିଖିତ ଓ ଅଲୌକିକ ଶବ୍ଦ ଗୁଡ଼ିକୁ ଦର୍ପିତ ଠାଣିରେ ଚଟକ ଦେଖେଇଲେ । (୨) * * ସଟନଙ୍କ

---

* "ପ୍ରଥମେ ଈଶ୍ୱର ସ୍ୱର୍ଗ ଓ ପୃଥ୍ୱୀ ସୃଜନ କଲେ । ପୃଥ୍ୱୀ ଶୂନ୍ୟ ଓ ଅସ୍ଥିରାକାର ଥିଲା । ପୁଣି ଗାମ୍ଭୀର୍ଯ୍ୟର ଉପରେ ଅନ୍ଧକାର ଓ ଈଶ୍ୱରର ଆତ୍ମା ଜଳର ଉପରେ ଦୋଳାୟମାନ ହୋଇଲେ । ଅନନ୍ତର ଈଶ୍ୱର ବୋଇଲେ ଯେ ଦୀପ୍ତି ହେଉ, ତହିଁରେ ଦୀପ୍ତି ହେଲା । ତେତେବେଳେ ସେ ଦୀପ୍ତି ଯେ ଉତ୍ତମ ଈଶ୍ୱର ତାହା ଦେଖିଲେ, ତହିଁ ଉତ୍ତାରେ ଈଶ୍ୱର ଦୀପ୍ତି ଓ ଅନ୍ଧକାର ବିଭିନ୍ନ କଲେ ।" କେରୀଙ୍କ ଅନୁଦିତ ବାଇବେଲ—ଧର୍ମପୁସ୍ତକ । 1814, ପୃ—5.

* * ଏକ ଠେକୁଆ କୌଣସି ବାଘୁଣୀର ନିକଟରେ ଯାଇ କହିଲା ଯେ, ଅଗୋ ବାଘୁଣି, ଶୁଣ । ପ୍ରତି ବରଷରେ ଆମ୍ଭର ଅନେକ ସନ୍ତାନ ସନ୍ତତି ହୁଅନ୍ତି । ପୁଣି ତୁମ୍ଭର ଜନ୍ମରୁ ମରିବା ପର୍ଯ୍ୟନ୍ତେ, ଗୋଟିଏ ସନ୍ତାନରୁ ଅଧିକ ନ ଜନ୍ମଇ । ତାହା ଶୁଣି ବାଘୁଣୀ ଉତ୍ତର କଲା, ଆରେ, ଆମ୍ଭର ଏକ ସନ୍ତାନ ହୁଅଇ ପ୍ରମାଣ ପୁଣି ସେହି ତୁମ୍ଭର ଅନେକ ସନ୍ତାନର ଶ୍ରେଷ୍ଠ । ଏହାର ତାତ୍ପର୍ଯ୍ୟ ଅପାର ଅଧମ ସନ୍ତାନରୁ ଜଣେ ଉତ୍ତମ ପୁତ୍ର ଭଲ ସଟନଙ୍କ ଫେବୁଲ । ପ୍ର ପ୍ର. 1842.

ସାଙ୍ଗରେ ହାତ ମିଳେଇଲେ ଡବ୍ଲିଉ ସି. ଲେସି । ସେ ମଧ୍ୟ ବ୍ୟାକରଣ ଲେଖିଲେ । ପ୍ରବୋଧ ଚନ୍ଦ୍ରିକା (୧୮୫୬) ପତ୍ରିକା ସମ୍ପାଦନା କଲେ । ଯେଉଁ ଯୋଉ ମଞ୍ଜି ପୋତିଥିଲେ ଷ୍ଟାର-ପଲ୍ଲବନ ଓ କୁସୁମନ ପ୍ରକ୍ରିୟାରେ, ହୋତା ହେଲେ ସଟନ ଏବଂ ଲେସି । ସେ ତାକୁ ଫଳପ୍ରସୂ ହେବାର ସୁଯୋଗ ଦେଲେ । ପ୍ରାୟ ୧୮୭୦ ମସିହା ପର୍ଯ୍ୟନ୍ତ ପାଦ୍ରୀ ପ୍ରବର୍ତ୍ତିତ ଧାରା ଓଡ଼ିଆ ଗଦ୍ୟର ଭୂମି ଶୋଧନରେ ଶକ୍ତିଶାଳୀ ମାଧ୍ୟମ ଭାବରେ ପରିଗୃହୀତ ହେଉଥିଲା । ବିଦେଶୀ ମାନଙ୍କର ଭାଷା ଓ ସାହିତ୍ୟ ପ୍ରତି ସେମାନେ ଅଧିକରୁ ଅଧିକ ଶ୍ରଦ୍ଧାଶୀଳ ହୋଇ ପଡ଼ୁଥିଲେ । ଭାଷା ଓ ଭାବ ପ୍ରକାଶର ସାଧ ଭିତରେ ନିଜ ନିଜକୁ ମିଶେଇ ଦେବାପାଇଁ ଚେଷ୍ଟା କରୁଥିଲେ । ସେମାନଙ୍କର ପ୍ରୀତି ସେତିକି ନିବିଡ଼ ହେଉଥିଲା, ପ୍ରକାଶଭଙ୍ଗୀର କ୍ରମ ପରିବର୍ତ୍ତିତ ରୂପ ଭିତରେ ଆତ୍ମୀୟତାର ସଙ୍କେତ ସେତିକି ସ୍ପଷ୍ଟ ହେଉଥିଲା । ପରିବର୍ତ୍ତିତ ପ୍ରକ୍ରିୟା ଭିତରେ ମୁକ୍ତ ବିଚରଣ ପାଇଁ ସେମାନେ ଦେଶୀମାନଙ୍କୁ ସୁଯୋଗ ଦେଉଥିଲେ । ଧର୍ମାନ୍ତରିତ ହେବାର ଭୟରେ ଆପଣାର କୋପମସ୍ତ ବିବର ଭିତରେ ଅଧିକକାଳ ବିଳାପ କରିବାକୁ ସେମାନେ ବୋଧହୁଏ ଉଚିତ ମଣିଲେନି । ପଦାକୁ ମୁହଁ କାଢ଼ିଲେ । ସେମାନଙ୍କୁ ଉପରକୁ ଆଣିଲେ ସେଇ ପାଦ୍ରୀମାନେ, ଯୋଉମାନଙ୍କୁ ସେମାନେ ପାଦୁଡ଼ି କହି ଘୃଣା କରୁଥିଲେ, ଜୀବନ ଭୟରେ ଘର କୋଣରେ ଆଶ୍ରୟ ନେଉଥିଲେ । ପ୍ରଥମେ ପାଦୁଡ଼ିମାନେ ଯୋଉଁ ଭାବରେ କହୁଥିଲେ, ତା ଭିତରେ ଓଡ଼ିଆର ଆତ୍ମା ନ ଥିବାରୁ ସେମାନେ ଉପହସିତ ହେଉଥିଲେ । ମାତ୍ର ସେମାନେ ଯେତେବେଳେ ଭାଷାର ଜୀବନକୁ ଅନୁଭବିବା ପାଇଁ ପ୍ରୟାସ କଲେ, ଦେଶୀୟମାନେ ଆଗେଇ ଆସିଲେ ନୂତନ ଭୂମିକୁ । ଦେଶୀମାନଙ୍କର ଶ୍ରଦ୍ଧା ବିଦେଶୀମାନଙ୍କର ଦୂରେଇଯିବାର କାରଣ ହେଲା । ସେମାନଙ୍କର ଉଦ୍ଦେଶ୍ୟ ପରିପୂରଣର ସକଳ ପ୍ରଚେଷ୍ଟା ବଡ଼ ଦୟନୀୟ ଭାବରେ ରୁଦ୍ଧ ହୋଇଯାଉଥିଲା । ଏ କଥାକୁ ମଧ୍ୟ ଚତୁର ପାଦ୍ରୀମାନେ ଅନୁଭବ କରିଥିଲେ । ଦେଶୀମାନଙ୍କୁ ସେମାନଙ୍କ ବାଟରେ ଯିବା ପାଇଁ ସାହାଯ୍ୟ କଲେ । ବାଟ ଦେଖେଇ ଦେଲେ । ଯେଉଁ ନୂଆ ଗୋଷ୍ଠୀ ଏ ମାଟିରେ ଜନ୍ମ ନେଲା, ତାହା ବିଦେଶୀମାନଙ୍କୁ ଛାଡ଼ି ପାରିଲାନି କି ନିଜକୁ ସମ୍ପୂର୍ଣ୍ଣ ଭାବରେ ଗ୍ରହଣ କରି ପାରିଲାନି । ଗୋଟିଏ ନୂଆ ଭାବ ଓ ରୂପରେ ସେମାନେ ଠିଆ ହେଲେ ।

୧୮୭୦ ମସିହା ପରେ ପରେ ଓଡ଼ିଆମାନଙ୍କ ଜୀବନଧାରାରେ ଆଉ ଏକ ନୂତନ ତରଙ୍ଗ ସୃଷ୍ଟି ହେଲା । ଏ ନୂତନତା ଆସିଥିଲା ବଙ୍ଗଳାରୁ — ସେ ପଟରୁ ପାଠପଢ଼ି ଆସୁଥିବା କିଛି ଓଡ଼ିଆ ଏବଂ ଏ ପଟରେ ସରକାରୀ ଚାକିରି କିମ୍ବା ଜମିଦାରୀ କରୁଥିବା କିଛି ବଙ୍ଗାଳୀଙ୍କ ଦ୍ୱାରା । ଗତ ଶତାବ୍ଦୀର ତୃତୀୟ ଦଶକରେ ରାଜା ରାମମୋହନ ରାୟ ଭାରତୀୟ ଜାତୀୟ ଜୀବନରେ ଯୋଉଁ ନୂତନ ଭାବ ସୃଷ୍ଟି କରିଥିଲେ ତାହା ଜନ୍ମ ନେଇଥିଲା ପ୍ରତିକ୍ରିୟାରୁ । ପୃଥିବୀର ସବୁ ଧର୍ମର ଆତ୍ମା, ଶ୍ରଦ୍ଧା, ତ୍ୟାଗ ଓ ସମ୍ପ୍ରୀତିର ଭାବ-ବୋଧରେ ସେ ସମୃଦ୍ଧ, ସନାତନ, ଇସଲାମ, ଖ୍ରୀଷ୍ଟ ଓ ଅନ୍ୟ ଧର୍ମ ଗ୍ରନ୍ଥର ମୂଳ

ସୂତ୍ରକୁ ଆଧାର କରି ସେ ପ୍ରତିପାଦନ କଲେ ଆଲୋଚନା ମାଧ୍ୟମରେ । ବ୍ରାହ୍ମଧର୍ମ ଜନ୍ମ ନେଲା । ଧର୍ମକୁ ସମାଜ ଅଭିମୁଖୀ କରିବା ପାଇଁ ସେ ପ୍ରଚେଷ୍ଟା କଲେ । ଜୀବନବୋଧର ଏ ମୂଲ୍ୟବୋଧ– ଗର୍ଭିତ ବିଶ୍ୱାସ ଭାଷା ଓ ସାହିତ୍ୟ ଭିତରକୁ ଆସିଲା । ଧର୍ମ, ସମାଜ, ଭାଷା ଓ ସାହିତ୍ୟକୁ ଗୋଟିଏ ଗଣ୍ଡିରେ ବାନ୍ଧି ଦିଆଗଲା । ବାକ୍-ମାର୍ଗକୁ ଗୀର୍ବାଣ-ଗ୍ରୀବକୁ ଆଡ଼ କରିଦେବା ଲାଗି ଆୟାସ କରାଗଲା । ବାକର ସାଧାରଣୀକରଣ ଉପରେ ଗୁରୁତ୍ୱ ଦିଆଗଲା । ଜୀବନର ସକଳ କ୍ଷେତ୍ରରେ ପରିଶୁଦ୍ଧତାର ଆବଶ୍ୟକତା ରହିଛି ବୋଲି ବ୍ରାହ୍ମମାନେ ବିଶ୍ୱାସ କଲେ ଏବଂ ସାହିତ୍ୟ ଓ ଭାଷାକୁ ବିଶ୍ୱାସ ପରିପ୍ରସାରଣର ମାଧ୍ୟମ ଭାବରେ ଗ୍ରହଣ କଲେ । ରାଜା ରାମମୋହନ, ଈଶ୍ୱରଚନ୍ଦ୍ର ବିଦ୍ୟାସାଗର, ଦେବେନ୍ଦ୍ରନାଥ ଠାକୁର, ତ୍ରୈଲୋକ୍ୟନାଥ ସାନ୍ୟାଲ ଆଦି ବଙ୍ଗ ଭୂମିର ସମକାଳୀନ ସନ୍ତାନମାନେ କଲମ ଚଳେଇଲେ । ମାତ୍ର ଧର୍ମକୁ ସମାଜ ଅଭିମୁଖୀ କରିବାର ଯେଉଁ ସ୍ୱପ୍ନ ସେମାନେ ଦେଖୁଥିଲେ ତାହା ସଫଳ ହେଲାନି । ସେମାନେ ସାମନ୍ତ ଓ ସଭ୍ୟଗୋଷ୍ଠୀ ଭିତରେ ଅଟକାଟ ହେଲେ । " ସାହିତ୍ୟରେ ଏକ ଅଲଗା ଧାରା ସୃଷ୍ଟିର ତାହା ଅବଶ୍ୟ କାରଣ ହେଲା । କଲି ସହାର, ମଦ ନା ଗରଳ, ନବ ବୃନ୍ଦାବନ ପରି କେତେ କେତେ ଲେଖା ପ୍ରକାଶ ପାଇଲା, ମାତ୍ର ସେ ଆନ୍ଦୋଳନ ମାଟିକୁ ଛୁଇଁଲାନି । କେବଳ ପବନରେ ଉଡ଼ିବୁଲିଲା । ସେମାନେ ବୋଧହୁଏ ସାଧାରଣମାନଙ୍କୁ ଉଦାର ଆଖିରେ ଦେଖୁ ନଥିଲେ । ଲୋକମୁଖର ଭାଷାକୁ ନାକ ଟେକୁଥିଲେ । 'ଗାଳିଗଲିର ଭାଷା' ବୋଲି କହୁଥିଲେ । ଅମାର୍ଜିତ ଭାଷାରେ ସାହିତ୍ୟ ସୃଷ୍ଟି ଅନୁଚିତ ବୋଲି ଆଲୋଚନା କରୁଥିଲେ । ସେମାନେ ଚେତନାରେ ଗୀର୍ବାଣ-ଧର୍ମୀ ଥିଲେ । ବଚନରେ ସାମାଜିକୀକରଣର କଥା କହୁଥିଲେ । ଜୀବନ ଓ ବଚନକୁ ଅଲଗା ଅଲଗା ପାଟ କନାରେ ସପାଦି ରଖୁଥିଲେ । ସେମାନଙ୍କ ବାହ୍ୟସ୍ଥ ଚେତନା ଧରାପଡ଼ିଯାଇଥିଲା । ମାତ୍ର ପ୍ରାୟ ପଚାଶ ବର୍ଷରୁ ଅଧିକ କାଳ ଧରି ସେମାନେ ବଙ୍ଗ ଓ ଓଡ଼ିଆ ସାହିତ୍ୟ ଭୂମିରେ ଯେ ରାଜତ୍ୱ କରୁଥିଲେ, ଏ କଥାକୁ ଅସ୍ୱୀକାର କରାଯାଇ ନ ପାରେ ।

ବଙ୍ଗଳା ଭାଷାରେ ମିଶନାରୀ ଗଦ୍ୟଶୈଳୀ ଅଧିକକାଳ ରାଜତ୍ୱ କରିପାରି ନଥିଲା । ଆଲଙ୍କାରିକ ଗଦ୍ୟ ଆରମ୍ଭ ହୋଇଥିଲା ପଣ୍ଡିତ ମୃତ୍ୟୁଞ୍ଜୟ ବିଦ୍ୟାଲଙ୍କାରଙ୍କ ଠାରୁ ଏବଂ ପୂର୍ଣ୍ଣତା ଲାଭ କରିଥିଲା ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ଠାରେ । ରାଜା ରାମମୋହନ କାହାଣୀ ଲେଖିଲାବେଳେ ବେଶ୍ ସରଳ ଓ ହୃଦୟ ଯୋଗ୍ୟ ଢଙ୍ଗରେ କଥା କହୁଥିଲେ, ମାତ୍ର ଧର୍ମ ଓ ଦର୍ଶନ ବିଷୟରେ ଚର୍ଚ୍ଚା ଆରମ୍ଭ କଲା ମାତ୍ରେ ସଂସ୍କୃତାଶ୍ରିତ ହୋଇ ପଡ଼ୁଥିଲେ । ସରଳତା ଠାରୁ ଦୂରେଇ ଯାଉଥିଲେ । ସମାଚାର ଦର୍ପଣ (ମାର୍ସମାନ ସମ୍ପାଦିତ -୧୮୧୮)ରେ ଯାହା ଆରମ୍ଭ ହୋଇଥିଲା ତାହା ସମ୍ବାଦ କୌମୁଦୀ (ରାଜା ରାମମୋହନଙ୍କ ପୃଷ୍ଠପୋଷକତାରେ ପ୍ରକାଶିତ — ୧୮୨୮) ସମ୍ବାଦ ପ୍ରଭାକର (ଈଶ୍ୱରଚନ୍ଦ୍ର ଗୁପ୍ତ ସମ୍ପାଦିତ ୧୮୩୧) ଏବଂ ତତ୍ତ୍ୱବୋଧିନୀ (ପ୍ରଥମେ ଅକ୍ଷୟ କୁମାର

ଦତ୍ତ ସଂପାଦିତ—୧୮୪୩)ରେ ପୂର୍ଣ୍ଣତା ଲାଭ କରିଥିଲା । ବୋଧୋଦୟ (୧୮୫୧) ସୀତାବନବାସ (୧୮୬୦), ଶକୁନ୍ତଳା (୧୮୫୪) ଆଦି ଗ୍ରନ୍ଥରେ ବିଦ୍ୟାସାଗର ନିଜକୁ ପ୍ରତିଷ୍ଠା କଲେ । ତାଙ୍କ ଗଦ୍ୟ ଥିଲା ଅନୁପ୍ରାସ ବହୁଳ, ସନ୍ଧିସମାସ ଯୁକ୍ତ, ଗୁରୁଗମ୍ଭୀର, ସଂସ୍କୃତାଶ୍ରିତ-ଶବ୍ଦ ଓ ଆଳଙ୍କାରିକଶୈଳୀ ସମୃଦ୍ଧ । ମାତ୍ର ବିଦ୍ୟାସାଗରୀୟ ରୀତି ବିରୋଧରେ ତୁଣ୍ଡ ଖୋଲିଲେ 'ମାସିକ ପତ୍ରିକା' (୧୮୫୪)ର ସଂପାଦକ ପ୍ୟାରୀଚାନ୍ଦ ମିତ୍ର ଏବଂ ରାଧାନାଥ ସିକଦାର । ଲୋକମୁଖର କଥିତ ଭାଷାରେ ସାହିତ୍ୟ ଲେଖାଯିବା ଉଚିତ ବୋଲି ସେମାନେ କହିଲେ । ପ୍ୟାରୀଚାନ୍ଦ 'ଆଲାଲେର ଘରେର ଦୁଲାଲ' କଥାଗ୍ରନ୍ଥ ବି ଲେଖିଲେ । ପ୍ୟାରୀଚାନ୍ଦଙ୍କ ଶୈଳୀର ପ୍ରେମରେ ବିଦ୍ୟାସାଗର ମଧ୍ୟ ବାନ୍ଧି ହୋଇଗଲେ । ସୀତାବନବାସର ଶେଷଭାଗ ପ୍ୟାରୀଚାନ୍ଦ ପ୍ରୀତିର ହିଁ ପରିଚୟ । (୩) ସାହିତ୍ୟିକ ଜୀବନର ପ୍ରଥମାବସ୍ଥାରେ ବିଦ୍ୟାସାଗରଙ୍କ ରୀତିରେ ବିହାର କରୁଥିବା ବଙ୍କିମଚନ୍ଦ୍ର ମଧ୍ୟ ତାଙ୍କ ଠାରୁ ଖସି ଆସିଲେ । 'ଦୁର୍ଗେଶ ନନ୍ଦିନୀ' ଓ 'କପାଳ କୁଣ୍ଡଳା'ର ବଙ୍କିମଚନ୍ଦ୍ର ବଦଳି ଗଲେ 'ବିଷବୃକ୍ଷ'ରେ । ବଙ୍ଗ ଦର୍ଶନ ପତ୍ରିକା (ବଙ୍କିମଚନ୍ଦ୍ର ସଂପାଦିତ—୧୮୭୨)ରେ ସେ ନିଜକୁ ନୂଆ ରୀତିରେ ପ୍ରକାଶ କଲେ । ପ୍ୟାରୀଚାନ୍ଦ ଓ ବିଦ୍ୟାସାଗରଙ୍କର ଅଦ୍ଭୁତ ସମୀକରଣ ଘଟିଲା ତାଙ୍କ ଭିତରେ । ପରବର୍ତ୍ତୀ କାଳରେ ରବିଠାକୁରଙ୍କ ଅଭିଯାତ୍ରା ବଙ୍ଗଳା ଗଦ୍ୟ ଶୈଳୀରେ ଅନେକ ନାଟର କାରଣ ହେଲା । ପାଖରେ ଏତେ ପରିବର୍ତ୍ତନର ନାଟ ଚାଲିଥିଲାବେଳେ ଓଡ଼ିଆ ସାହିତ୍ୟର ରଥ ଏବଂ ସାରଥିମାନେ ବିବିଧତା ଆଡ଼କୁ ଆଖି ନ ଦେଇ ଈଶ୍ୱରଚନ୍ଦ୍ରୀୟ ସମୁଦ୍ରରେ ବିହାରୀ ହେବାର ସ୍ୱପ୍ନ ଦେଖୁଥିଲେ । ସରଳ ଓ ସାବଲୀଳତା ତଥାପି ସେମାନଙ୍କ ସୀମା ଭିତରକୁ କେମିତି ଆସିପାରୁ ନଥିଲା ।

ଇଂରାଜୀ ଗଦ୍ୟ ରୀତି ବଙ୍ଗଳା ମାଧ୍ୟମ ଦେଇ ଓଡ଼ିଆ ସାହିତ୍ୟ ଉପରେ ପ୍ରାୟ ଅର୍ଦ୍ଧ ଶତାବ୍ଦୀରୁ ଅଧିକ କାଳ ଧରି ରାଜତ୍ୱ କଲା । ମାତ୍ର ଓଡ଼ିଆ ଗଦ୍ୟ ପାଦ୍ରୀ ରୀତିରୁ ଆବରଣ ମୁକ୍ତ ହେବାକୁ ଆରମ୍ଭ କଲାବେଳେ, ବ୍ରାହ୍ମ ବିଶ୍ୱରଧାରା ପୁଣି ଥରେ ତାକୁ ନୂଆ ବେଶ ପୋଷାକର ମୋହ ଦେଖେଇଲା । ପ୍ରବୋଧ ଚନ୍ଦ୍ରିକା (୧୮୫୬) ମାଧ୍ୟମରେ ପାଦ୍ରୀ ଲେପି ଓଡ଼ିଆ ଗଦ୍ୟକୁ ଅସଲ ରୂପ ଦେବା ଲାଗି ପ୍ରଚେଷ୍ଟା କଲେ ମାତ୍ର ଓଡ଼ିଆ-ମାନେ ତାଙ୍କୁ ଦେଖି ପାରିଲେନି । ବଙ୍ଗୀୟମାନଙ୍କୁ ଆପଣାର ଗୁରୁ ରୂପରେ ବିବେଚନା କରୁଥିବା ଓଡ଼ିଆମାନେ ବିଦ୍ୟାସାଗର ଏବଂ ତାଙ୍କ ସମଧର୍ମୀମାନଙ୍କର ଗଦ୍ୟ ବହି ଗୁଡ଼ିକୁ ଓଡ଼ିଆରେ ଅନୁବାଦ କଲେ ଏବଂ ସେଗୁଡ଼ିକ ସ୍କୁଲର ପଢ଼ା ବହି ହେଲା । ରାଧାନାଥ ରାୟ 'ବିବେକୀ' ବୋଲି ପ୍ରବନ୍ଧଟିଏ ଲେଖିଲେ ୧୮୭୩ ବେଳକୁ ଉତ୍କଳ ଦର୍ପଣରେ । ସେଇ ପତ୍ରିକାରେ ଇତାଲୀୟ ଯୁବା (୧୮୭୩) ନା'ରେ ଗପ ବି ଲେଖିଲେ । ମଧୁସୂଦନ ମଧ୍ୟ ଉତ୍କଳ ଦର୍ପଣରେ ୧୮୭୩/୭୪ ମସିହାରେ ବୁଦ୍ଧଦେବ, ଉଲ୍କାପିଣ୍ଡ, ଶାସନ ପ୍ରଣାଳୀ, ପିତୃଭକ୍ତି, ଏବଂ ଚନ୍ଦ୍ର ଓ ତାରା ଓ ପ୍ରସ୍ତରର ଅଦ୍ଭୁତ ପରିଣାମ ଆଦି ପ୍ରବନ୍ଧ ଓ କଥା ପ୍ରକାଶ କଲେ (୪) । ଭକ୍ତକବିଙ୍କ ପ୍ରବନ୍ଧାବଳୀ ପ୍ରଥମେ

ପ୍ରକାଶ ପାଇଲା ୧୮୮୦ ମସିହାରେ । ଏହା ପାଠ୍ୟ ପୁସ୍ତକ ଭାବରେ ମଧ୍ୟ ପ୍ରଚଳିତ ହେଲା । ପରେ ପରେ ଉମେଶଚନ୍ଦ୍ର ସରକାରଙ୍କ ପଦ୍ମମାଳୀ (୧୮୮୯), ରାମଶଙ୍କରଙ୍କ 'ସୌଦାମିନୀ' (୧୮୭୮—୮୦), ବିବାସିନୀ (୧୮୯୧), ଉନ୍ମାଦିନୀ (୧୮୯୩) ଆଦି ଉପନ୍ୟାସ ଏବଂ କାଞ୍ଚିକାବେରୀ (୧୮୮୦) ବନମାଳା (୧୮୮୭) ରାମ ବନବାସ (୧୮୯୧) ଆଦି ନାଟକ, ଜଗମୋହନ ଲାଲଙ୍କ ବାବାଜୀ (୧୮୭୭) ପରି ବହୁ ପୁସ୍ତକ ପ୍ରକାଶ ପାଇଲା । ଏଗୁଡ଼ିକ ଓଡ଼ିଆ ଲିପି ଏବଂ ଶବ୍ଦରେ ଲେଖା ଯାଇଥିଲା । ଓଡ଼ିଆ ପତ୍ର ପତ୍ରିକାରେ ପ୍ରକାଶ ପାଇଥିଲା । ଅନେକ ବହି ସ୍କୁଲରେ ଛୋଟ ଛୋଟ ଅବୋଧ ପିଲାମାନଙ୍କୁ ମଧ୍ୟ ପଢ଼ାଯାଉଥିଲା । ଭଲ ବହି ଭାବରେ ପ୍ରବନ୍ଧମାଳା ମଧ୍ୟ ପୁରସ୍କୃତ ହୋଇଥିଲା । ମାତ୍ର ସେ ଗୁଡ଼ିକୁ ଓଡ଼ିଆ ଭାଷାରେ ଲେଖାଯାଇଥିଲା ବୋଲି ସ୍ୱୀକାର କରିବାକୁ ଅସମୀଚୀନ ମନେହୁଏ । ସେଗୁଡ଼ିକର ପରିକଳ୍ପନାରେ ଅଭିଜାତ ରୁଚି ଏବଂ ପରିପ୍ରକାଶରେ ଗୀର୍ବାଣ ଭାଷାର ସଂପ୍ରୀତି ବୋଧ ହୁଏ ପ୍ରତିଫଳିତ ହୋଇଥିଲା । ରୀତିଯୁଗୀୟ କାବ୍ୟକ ଆଦର୍ଶ ଉପନ୍ୟାସ ଏବଂ ନାଟକର ରୂପକୁ ଗିଳି ପକେଇଥିଲା । * ବାଣ ଆଦର୍ଶ, ବିଦ୍ୟାସାଗରୀୟ ଗଦ୍ୟରୀତିର ପ୍ରୀତିରେ ଓଡ଼ିଆ ଗଦ୍ୟକାରମାନେ

---

* ରାଧାନାଥଙ୍କ ଇଟାଲୀୟ ଯୁବାରେ ଲିଓର ରୂପ ବର୍ଣ୍ଣନା:-ଯେଉଁ ଗୃହରେ ସେ ବସିଥିଲା, ସେହି ଗୃହ ଭିତ୍ତି ପଦ୍ମରାଗ ନିଭ ରକ୍ତ ବର୍ଣ୍ଣରେ ମଣ୍ଡିତ ହୋଇଥିବାରୁ ତହିଁରେ ରବିକର ପଡ଼ି ସେଥିରେ ରକ୍ତିମା ବୃଦ୍ଧି ପାଉଥିଲା । ସେହି ଲାବଣ୍ୟବତୀର ବୟସ ଷୋଡ଼ଶ ବର୍ଷ । ରୂପର କଥା ଅବା କ'ଣ କହିବୁ ? ଦେଖିଲକ୍ଷଣି ବୋଧ ହେଲା ଯେ, ସୌନ୍ଦର୍ଯ୍ୟ ଜଗଦ୍ଧିତା ଲକ୍ଷ୍ମୀ ଏବଂ ଯୌବନ ଗୁଣହେଁ ଏକମୂର୍ତ୍ତି ଧରି ଅବତୀର୍ଣ୍ଣ ହୋଇଅଛନ୍ତି × × ସେହି ସ୍ୱର୍ଗୀୟ ଲାବଣ୍ୟ ଦେଖି ଆମ୍ଭ ମନ ଏପରି ଆଶ୍ଚର୍ଯ୍ୟାନ୍ୱିତ ହେଲାଯେ, ଆଶ୍ଚର୍ଯ୍ୟ ଶରୀରରେ ଧରିଲା ନାହିଁ (ରାଧାନାଥ ଗ୍ରନ୍ଥାବଳୀ : ଦ୍ୱିତୀୟ ସଂସ୍କରଣ, ୧୯୧୩, ପୃ-୪୧୩) ।

* ମଧୁସୂଦନଙ୍କ ପ୍ରଣୟର ଅଦ୍ଭୁତ ପରିଣାମ ନାରୀର ରୂପ ସଂକ୍ରାନ୍ତରେ :—'ସଂପ୍ରତି କନ୍ୟାର ଯୌବନାଗମ ହେଲା । ତାକୁ ହେନରି ସଙ୍ଗେ ଉପବେଶନାଦି କରିବାକୁ ଦେଲେ ନାହିଁ । ମାତ୍ର ସିଂହ ଶାର୍ଦ୍ଦୁଳ ଯେଉଁ ମାର୍ଗରେ ବିଚରଣ କରିବାକୁ ସାହସୀ ହୁଅନ୍ତି ନାହିଁ, ପ୍ରଣୟ ସେପରି ମାର୍ଗରେ ସୁଦ୍ଧା ନିର୍ଭୀକ ହୋଇ ଭ୍ରମଣ କରେ' (ମଧୁସୂଦନ ଗ୍ରନ୍ଥାବଳୀ, ଗ୍ରନ୍ଥ ମନ୍ଦିର କଟକ, ୧୯୬୫, ପୃ ୪୫୮) ।

* ରାମଶଙ୍କର ରାୟଙ୍କ ବିବାସିନୀରେ ରେଷମୀର ବର୍ଣ୍ଣନା— 'ଦୂରରୁ ଚଳିତ ଆଲୋକମାନ ଅପୂର୍ବ ସୁନ୍ଦର ଦିଶୁଥିଲା । ଅଦ୍ୟ ଚନ୍ଦ୍ର ଜ୍ୟୋତ୍ସ୍ନାର ମର୍ଯ୍ୟାଦା ରହିଲା ନାହିଁ । ସେତ ଶୀତ କାଳୀନ ତୁହିନ ଜାଲରେ ମଳିନ ହୋଇଥିଲା । ରେଷମୀର ଉଗ୍ର ତେଜ ଏକାବେଳକେ ତାହାକୁ ପରାଜିତ କଲା । ରେଷମୀର ଆଲୋକ ଦେଖି ଏମନ୍ତ ମନରେ ଅନୁମାନ ହେଉଅଛୁ, ସତେକି ଜ୍ୟୋତ୍ସ୍ନାକୁ ହରାଇବା କାରଣ ପଣ କରିଅଛି । ଶତ ଛୁଞ୍ଚୀରୁ ତୋପ ପଡ଼ିଲା ପ୍ରାୟ ବମ ବାଜିର ତୁମୁଳ ଧ୍ୱନି ଜ୍ୟୋତ୍ସ୍ନାମୟ ଶୂନ୍ୟ ଆକାଶ ଭେଦ କରି କି ଚନ୍ଦ୍ରାଲୋକକୁ ଗିଳିଯାଉଅଛି ।" (ରାମଶଙ୍କର ଗ୍ରନ୍ଥାବଳୀ, ଶ୍ରୀରାମଶଙ୍କର ରାୟ କର୍ତ୍ତୃକ ପ୍ରଣୀତ ଓ ପ୍ରକାଶିତ, ୧୯୩୦, ପୃ – ୩୩୯ ।)

ବନ୍ଧାପଡ଼ିଥିଲେ । ସେ ଗଦ୍ୟକୁ ଗୀର୍ବାଣ ରୁଚି ଗର୍ଭିତ ଅଭିଜାତ ଅଭିବ୍ୟକ୍ତି ବୋଲି କୁହାଯାଇ ପାରେ । ସେ ଗୁଡ଼ିକ ଭିତରେ ଓଡ଼ିଆର ଆତ୍ମା ନଥିଲା । ନବ ସାମନ୍ତମାନେ ଗାଳିଗୁଳିର ଭାଷାକୁ ସାହିତ୍ୟରେ ପ୍ରୟୋଗ କରି ଧବଳାଙ୍ଗୀ ସରସ୍ୱତୀଙ୍କୁ କୁତ୍ସିତ କରିବାକୁ ବୋଧହୁଏ ସୁଖ ପାଉ ନଥିଲେ । ସେମାନେ ନିଜକୁ, ନିଜର ନିକଟତମ ପ୍ରତିବେଶୀ ଏବଂ ସୁଦୂର ବିଦେଶୀ କାହାକୁ ଠିକ ଭାବରେ ଅନୁଭବ କରିପାରୁ ନଥିଲେ । ସେମାନଙ୍କର ସାହିତ୍ୟରେ ଗଦ୍ୟ ରଚନାର ଯେ ଏକ ସମୃଦ୍ଧ ପରମ୍ପରା ଥିଲା, ଏହାକୁ ସେମାନେ ଆକଳନ କରି ପାରୁ ନଥିଲେ । ଗଦ୍ୟ କହିଲେ ସେମାନେ କ'ଣ ନାହିଁ କଣ ବୁଝୁଥିଲେ ।

ତେଣୁ ଆଦର୍ଶଗତ ଅଭିଧାରୁ ବିଚାର କରିବାକୁ ଗଲେ, ମିସ୍‌ନାରୀ ପରି ବ୍ରାହ୍ମଧର୍ମୀ ଗଦ୍ୟରେ ଓଡ଼ିଆ ଜାତିର ଆତ୍ମା ଉପେକ୍ଷିତ ଥିଲା । ଏମିତି ଏ କାମରେ ଗୌରୀଶଙ୍କର ଆପଣା ପାଖରେ ବୋଧହୁଏ ପ୍ରତିଜ୍ଞା କରିଥିଲେ ପ୍ରକାଶ ଭଙ୍ଗୀରେ ଜାତିର ସ୍ୱଭି-ମାନକୁ ପ୍ରକାଶ କରିବା ପାଇଁ । ସେ ଓଡ଼ିଶାର ଧର୍ମ, ଭାଷା, ସାହିତ୍ୟ ଏବଂ ସର୍ବୋପରି ଓଡ଼ିଆ ଜାତିକୁ ଅନ୍ତରରେ ଭଲ ପାଉଥିଲେ । ପ୍ରଚଣ୍ଡ ଶ୍ରଦ୍ଧାଶୀଳତା ତାଙ୍କ ଚେତନ ସିଂହାସନକୁ ଆବୋରି ବସିଥିଲା । ତାଙ୍କ ବଚନରେ ଜୀବନର ଆଚରଣ ପ୍ରକାଶିତ ହେଉଥିଲା । ତାଙ୍କ ବ୍ୟକ୍ତିତ୍ୱ ରୂପାୟିତ ହେଉଥିଲା ଅଭିଲେଖମାନରେ । ସେ ସାହିତ୍ୟ ଲେଖି ନଥିଲେ । ମାତ୍ର ତାଙ୍କର ଶ୍ରଦ୍ଧାଶୀଳ ସାହିତ୍ୟିକ ଅଭିରୁଚି ଥିଲା । ସେଇ ଅଭିରୁଚିରୁ ଜନ୍ମ ନେଇଥିଲେ, ପ୍ୟାରୀମୋହନ, ଫକୀରମୋହନ, ପଣ୍ଡିତ ମୃତ୍ୟୁଞ୍ଜୟ, ବିଶ୍ୱନାଥ, ଗୋପାଳ ଚନ୍ଦ୍ର ପ୍ରହରାଜ, ମଧୁସୂଦନ ଏବଂ ଗୋପବନ୍ଧୁଙ୍କ ପରି ଗଦ୍ୟକାର ମାନେ । ଚତୁରବିନୋଦର ସୃଷ୍ଟି ପରେ ଶତାବ୍ଦୀରୁ ଅଧିକ କାଳ ଧରି, ଉପେକ୍ଷିତ ଓଡ଼ିଆ ଆତ୍ମାର ସ୍ୱର ଏବଂ କଥା ପାଶ୍ଚାତ୍ୟ ଚେତନାର ସଂକ୍ରମଣରେ ଏକ ନୂତନ ଖାତରେ ଆତ୍ମ ପ୍ରକାଶ କଲା । ତେଣୁ ଊନବିଂଶ ଶତାବ୍ଦୀର ଓଡ଼ିଆ ଗଦ୍ୟକୁ ଗୌରୀଶଙ୍କରଙ୍କର ଆତ୍ମିକ ଉଚ୍ଚାରଣର ଫଳଶ୍ରୁତି ଭାବରେ ପରିଗ୍ରହଣ କରିବା ଅଧିକ ସମୀଚୀନ ।

## || ତିନି ||

ମଣିଷଟିଏ ଯାହା ବୁଝେ ଏବଂ ଲେଖେ, ତା' ଭିତରେ ସେ ବଞ୍ଚିଥିବା ସମୟ ଏବଂ ତା ଜୀବନର ଅନୁଭୂତି ଛଳନାହୀନ ଭାବରେ ପ୍ରକାଶିତ ନ ହେଲେ, ଅନ୍ୟମାନେ ତାକୁ ହୃଦୟର ସହ ଗ୍ରହଣ କରିପାରନ୍ତି ନାହିଁ । ଗୌରୀଶଙ୍କର ଆପଣା ଲେଖା ଭିତରେ ନିଜେ ପରିପୂର୍ଣ୍ଣ ଭାବରେ ପ୍ରକାଶିତ ହେଉଥିଲେ । ସେ ମୁଖ୍ୟତଃ ଥିଲେ ଜଣେ ସାମ୍ବାଦିକ । ସାମ୍ବାଦିକ ସତ୍ୟନିଷ୍ଠ ଏବଂ ନିର୍ଭୀକ । ତାଙ୍କରି ଉଦ୍ୟମରେ ପ୍ରତିଷ୍ଠିତ ଏବଂ ତତ୍ତ୍ୱାବଧାନରେ ପରିଚାଳିତ ଯୌଥ ଛାପାଖାନା 'କଟକ ପ୍ରିଣ୍ଟିଂ କମ୍ପାନୀ'ରୁ 'ଉତ୍କଳ ଦୀପିକା' ସମ୍ବାଦପତ୍ର ପ୍ରଥମେ ପ୍ରକାଶ ପାଇଲା ୧୮୬୬ ମସିହା

ଅଗଷ୍ଟ ମାସ ଶେଷ ଭାଗରେ, ଏକ ସାପ୍ତାହିକ ସମ୍ବାଦପତ୍ର ଭାବରେ । ପତ୍ରିକା ସମ୍ପାଦନା ଏବଂ ପ୍ରକାଶନ ବ୍ୟତୀତ ସେ ସ୍କୁଲର ପିଲାମାନଙ୍କ ପାଇଁ ପଢ଼ାବହି ବି ଲେଖିଥିଲେ । ଭୂଗୋଳ ତତ୍ତ୍ୱ ବା ପ୍ରାକୃତ ଭୂଗୋଳର ପ୍ରଥମ ଓ ଦ୍ୱିତୀୟ ଭାଗ ଯଥାକ୍ରମେ ପ୍ରକାଶ ପାଇଥିଲା ୧୮୭୦ ଏବଂ ୧୮୭୨ ମସିହାରେ । ବଙ୍ଗଳାରେ ଲିଖିତ ରଘୁବଂଶର ମଧ୍ୟ ସେ ଓଡ଼ିଆ ଅନୁବାଦ କରିଥିଲେ । ଅନେକ ବ୍ୟଙ୍ଗ କବିତା ଲେଖିଥିଲେ ଏବଂ ସେଗୁଡ଼ିକ ବିଭିନ୍ନ ସମୟରେ ପ୍ରକାଶ ପାଇଥିଲା ଉତ୍କଳ ଦୀପିକାର ପୃଷ୍ଠାରେ । ବନମାଳୀ ସିଂହଙ୍କ ସହଯୋଗରେ ପ୍ରେମସୁଧାନିଧି (୧୮୬୬) ରସପଞ୍ଚକ (୧୮୬୭) ଏବଂ ରସିକ ହାରାବଳୀ ଆଦି ମଧ୍ୟଯୁଗୀୟ କାବ୍ୟଗ୍ରନ୍ଥ ସମ୍ପାଦନା କରିଥିଲେ । ଉପେନ୍ଦ୍ରଙ୍କ ଲାବଣ୍ୟବତୀ (୧୮୭୦), ସଟୀକ ବୈଦେହୀଶ ବିଳାସ, ଚଉପଦୀ ବନ୍ଧ (୧୮୭୭) ଏବଂ ଅନେକ ମଧ୍ୟଯୁଗୀୟ କାବ୍ୟ କବିତାର ମୁଦ୍ରଣ ଓ ପ୍ରକାଶନର ଗୁରୁଦାୟିତ୍ୱ ସେ ତୁଲାଇଥିଲେ । ଏପରିକି ଥିଏଟର ସଙ୍ଗୀତ ବା ନାଟକ ଗୀତ (୧୮୯୧) ବହି ମଧ୍ୟ ସମ୍ପାଦନା କରିଥିଲେ । ତାଙ୍କର ପ୍ରେରଣାରେ କଟକ ପ୍ରିଣ୍ଟିଂ କମ୍ପାନୀରୁ ଆତ୍ମ ପ୍ରକାଶ କରିଥିଲା ଭଗବତୀଚରଣ ଦାସଙ୍କ ସମ୍ପାଦନାରେ ବ୍ରାହ୍ମପତ୍ରିକା, ଉତ୍କଳ ଶୁଭଙ୍କରୀ (୧୮୬୯) ଏବଂ ଏକ ଇଂରାଜୀ ପତ୍ରିକା 'କଟକ ଷ୍ଟାର' (ସେପ୍ଟେମ୍ବର ୧୮୬୯) । ମାତ୍ର କେଜାଣି କାହିଁକି ସେ ତିନିଖଣ୍ଡରୁ ଅଧିକ ପଢ଼ାବହି ଲେଖି ନଥିଲେ । ଅଳ୍ପ କେତେଗୋଟି ବ୍ୟତୀତ ଅଧିକସଂଖ୍ୟକ କାବ୍ୟ ସମ୍ପାଦନା କରିନଥିଲେ । ୧୮୭୦ ମସିହାରେ ଅଧିକ ପତ୍ରିକା ସମ୍ପାଦନ ଓ ପ୍ରକାଶ ପାଇଁ ପ୍ରୟାସ କରି ନଥିଲେ । ଆପଣାର ସବୁ ସମୟ ଉତ୍କଳ ଦୀପିକା ସମ୍ପାଦନା ଓ ପ୍ରକାଶନରେ ବ୍ୟୟ କରୁଥିଲେ । ଭଲପଢ଼ା ବହି ରଚନା, ଭଲ ସାହିତ୍ୟ ସର୍ଜନା ଏବଂ ଭଲ ପତ୍ରିକା ପ୍ରକାଶନ ପାଇଁ ଭୂମି ପ୍ରସ୍ତୁତ କରୁଥିଲେ । ଭଲ ସ୍ୱପ୍ନକୁ ଆକାର ଦେବାପାଇଁ ସାଧନ କରୁଥିଲେ ।

ନିଜେ କିଛି ହେବା ଅପେକ୍ଷା, ଅନ୍ୟମାନଙ୍କ ପାଇଁ ହେବାର ପରିବେଶ ଓ ସୁଯୋଗ ସୃଷ୍ଟି କରିବା ହେଉଛି ବଡ଼କଥା । ତାହା ଏକ ଗହନ କଥା । ଏହା ସମସ୍ତଙ୍କ ଦ୍ୱାରା ହୋଇପାରେନା । ଏହା ସମ୍ଭବ ହୁଏ ଚଉଆଖିଆ ମାନଙ୍କଦ୍ୱାରା । ଗୌରୀଶଙ୍କର ଖୋଲା ଘର ଭିତରେ ଜୀବନ ବଞ୍ଚିଥିଲେ । କିଛି ବର୍ଷ ପାଇଁ ସରକାରୀ ଚାକିରୀ କରି ଅବସର (୧୮୫୯-୮୨) ନେଇଥିଲେ । ଶ୍ରଦ୍ଧାଶୀଳ ଆଖିରେ ନିଜକୁ ଏବଂ ବର୍ତ୍ତମାନର ମାଟି ଉପରେ ଠିଆ ହୋଇ ଅତୀତ ଓ ଭବିଷ୍ୟତର ଅନୁଭବନ ଏବଂ ରୂପାୟନ ପାଇଁ ତପସ୍ୟା କରୁଥିଲେ । ତାଙ୍କ କଲମରେ ସମୟର ଗୋପନ ଓ ଗହନ ଦୃଶ୍ୟ ଅନୁଭବୀର ଛାପ ନେଇ ପ୍ରକାଶିତ ହେଉଥିଲା । ନିଜ ତୁଳୀରେ ସେ ଯେଉଁ ଚିତ୍ରଟି ଆଙ୍କୁଥିଲେ, ତାହା ଭବିଷ୍ୟତର ଭିତ୍ତିଭୂମି ସମାର୍ଜନର ଥିଲା ଆନ୍ତରିକ-ଉଦ୍ୟୋଗ । ତାଙ୍କ ଭିତରେ ଧୀରତା ଥିଲା । ନିଜକୁ ବଡ଼ କରି ଦେଖେଇହେବାର ଚପଳତା ବୋଧ ନଥିଲା । ଅତୀତକୁ ଆଳକରି ସ୍ୱେଚ୍ଛା ଭ୍ରାନ୍ତି କରିବାର ପ୍ରବଣତା ବି ନଥିଲା । ସମସ୍ୟା ଅବଗାହନ ଓ ଧୀଚେତନ ସାମ୍ବାଦିକତାର ମର୍ଯ୍ୟାଦା ବୋଧରେ ତାଙ୍କ

ଚେତନା ଉଜ୍ଜଳ ଦୃଶ୍ୟଥିଲା । ସେ ଯାହା କହୁଥିଲେ ଏବଂ ଲେଖୁଥିଲେ ସକଳ ଭିତରେ ସେ ବୁଡ଼ି ରହୁଥିଲେ ଏବଂ ତାହା ଥିଲା ସମକାଳୀନ ଓଡ଼ିଶାର ସମସ୍ୟାବଳୀର ସ୍ୱର ଓ ସ୍ୱାକ୍ଷର । ସ୍ୱର ଓ ଅକ୍ଷର ଭିତରେ ସ୍ରଷ୍ଟାର ଶରୀର, ମନ ଓ ପ୍ରାଣ ପରିପୂର୍ଣ୍ଣ ଭାବରେ ନ ଥିଲେ, ରୂପାୟିତ ଚରିତ୍ର ଦର୍ଶକ ବା ଶ୍ରୋତା ପାଖେ ଖୋଲି ପଡ଼ନ୍ତି ନାହିଁ । ପୁଣି ଜଣେ ସାମ୍ବାଦିକର ଚରିତ୍ରରେ, ପରିକଳ୍ପନା ଅପେକ୍ଷା ସତ୍ୟ ଓ ବାସ୍ତବତାର ସଂକେତ ଅଧିକ ପରିମାଣରେ ଥାଏ । ବିଶେଷତଃ ସମସ୍ତ ଏବଂ ବ୍ୟବସ୍ଥାର ପରିବର୍ତ୍ତିତ ଭାବ ସହିତ ସମ-ଭାବରେ ତାକୁ ପାଦପକାଇବାକୁ ପଡ଼େ । ଅର୍ଥାତ୍ ୧୮୬୬ ମସିହାକୁ ସେ ଯାହା ଦେଖୁଥିଲେ ଏବଂ ଦେଖା ଚରିତ୍ରକୁ ଯେମିତି ଲେଖୁଥିଲେ ତାହା କ୍ରମଶଃ ବଦଳି ବଦଳି ଚାଲିଥିଲା ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ । ତେଣୁ ଗୌରୀଶଙ୍କରଙ୍କ 'ସମ୍ବାଦ ପରିବେଷଣ ଶୈଳୀ ସହିତ ଓଡ଼ିଆ ଗଦ୍ୟର ବିବର୍ତ୍ତିତ ରୂପର ସମ୍ପର୍କ ନିବିଡ଼ । ତେଣୁ ତାଙ୍କ ଗଦ୍ୟ ଭିତରେ ତାଙ୍କ ବୟସବୃଦ୍ଧି ସହିତ ପ୍ରାୟ ୧୯୧୦ ମସିହା ପର୍ଯ୍ୟନ୍ତ ଓଡ଼ିଆ ଗଦ୍ୟର କ୍ରମ ପରିବର୍ତ୍ତିତ ରୂପ ଲକ୍ଷ୍ୟ କରିହୁଏ ।

ପ୍ରଶାସନିକ ବ୍ୟବସ୍ଥା ସହିତ ଗୋଟିଏ ଜାତିର ଭାଷା, ସାହିତ୍ୟ, ଧର୍ମ, ଶିକ୍ଷା, ସାମାଜିକ ଆର୍ଥନୀତିକ ଅବସ୍ଥା ସବୁ କିଛିର ସମ୍ପର୍କ ରହିଥାଏ । ସନ ୧୮୬୬ ମସିହାରେ ନଅଙ୍କ ଦୁର୍ଭିକ୍ଷର କରାଳ ରୂପ, ତାତ୍‌କାଳିକ ଓଡ଼ିଶାର ପ୍ରାୟ ଏକ ତୃତୀୟାଂଶ ଲୋକଙ୍କୁ ଗର୍ଭଗତ କରିବାର କାରଣ ଥିଲା—ସରକାରଙ୍କ ପ୍ରଶାସନିକ ଅଦୂରଦର୍ଶିତା । ସେ କାଳରେ ଓଡ଼ିଆଙ୍କ ଉପରେ ପଡ଼ିଥିବା କାଳର କୋପଦୃଷ୍ଟି ସବୁ ଦିଗର ବାଟ ଆବୋରି ବସିଥିଲା । କିଛି ଫିସାଦିଆ ବଙ୍ଗୀୟ ଓଡ଼ିଆ ଭାଷା, ତା'ର ସାହିତ୍ୟ, ପରମ୍ପରା ଉପରେ ଆକ୍ରମଣ ଆରମ୍ଭ କରି ଦେଇଥିଲେ । ସନ୍ତ୍ରାସ୍ତର ଦୃଷ୍ଟି ନେଇ ଗୌରୀଶଙ୍କର ଯାହା ଦେଖୁଥିଲେ ଏବଂ ଅନୁଭବ କରୁଥିଲେ, ତାହା ପ୍ରକାଶ କରୁଥିଲେ ଉତ୍କଳ ଦୀପିକା ପତ୍ରିକାରେ, ବେଶ୍ ସ୍ୱାଭାବିକ ଢଙ୍ଗରେ । ସମସ୍ତ, ପ୍ରଶାସକ ଏବଂ ପଡ଼ୋଶୀଙ୍କ କୋରଡ଼ାମାଡ଼ରେ ଭାଙ୍ଗିପଡ଼ୁଥିବା ଏକ ସୁପ୍ରାଚୀନ ବଟବୃକ୍ଷକୁ ନୂଆ ଚେତନାରେ ପଲ୍ଲବିତ କରିବା ପାଇଁ ଯୋଉ ନିଦାନର ଆବଶ୍ୟକ — ତାହା ଆବିଷ୍କାର କରିବାକୁ ଆଗେଇ ଆସିଥିଲେ ଗୌରୀଶଙ୍କର ଏବଂ ତାଙ୍କ ଗଦ୍ୟରେ ଥିଲା ସତ୍ୟାନ୍ୱେଷୀ ଆବିଷ୍କାରକର ସମ୍ମୋହିତ ଅଭିଦୃଷ୍ଟି ।

ଓଡ଼ିଆମାନେ ବଙ୍ଗୀୟ ଓ ଅନ୍ୟ ଭାରତୀୟମାନଙ୍କ ସହ ପାଦମିଳେଇ ଚାଲି ନ ପାରିବାର ଅନେକ କିଛି କାରଣ ଥିଲା । ଓଡ଼ିଶାରେ ଅଧିକ ସ୍କୁଲ ନଥିଲା । ଯୋଉ କେତେକ ସ୍କୁଲ ଥିଲା— ସେଥିରେ ବହୁତ କମ୍ ପିଲା ପଢ଼ୁଥିଲେ । ସେମାନଙ୍କ ପଢ଼ା ପାଇଁ ଏ ଭାଷାରେ ବିଶେଷ ବହି ଲେଖା ହୋଇ ନଥିଲା । ଯେଉଁ ବହିଗୁଡ଼ିକ ଚାଲୁଥିଲା ସେ ଗୁଡ଼ିକୁ ଲେଖୁଥିଲେ ଇଂରେଜ ପାଦ୍ରୀ ଓ ବଙ୍ଗାଳୀ । ଯେଉଁ ଅଳ୍ପ କେତେକ ଓଡ଼ିଆ ବହି ଲେଖୁଥିଲେ ସେ ଗୁଡ଼ିକ ଥିଲା ବଙ୍ଗଳା ଓ ଇଂରାଜୀ ଭାଷାରେ ଲିଖିତ ବହିର ଅନୁବାଦ । ସେ ବହି ଗୁଡ଼ିକ ବାଳକମାନଙ୍କ ଅବବୋଧରେ ବାଧାସୃଷ୍ଟି କରୁଥିଲା । ବଙ୍ଗଭୂମିରେ ୧୮୧୮ ବେଳକୁ ଯାହାସବୁ ଘଟିଯାଇଥିଲା, ଓଡ଼ିଶାରେ ତାହା ସମ୍ଭବ

ହୋଇ ନ ଥିଲା ୧୮୮୦ ମସିହା ପର୍ଯ୍ୟନ୍ତ । ତେଣୁ ଗୌରୀଶଙ୍କର ଓଡ଼ିଆ ବହି ଲେଖିବା ପାଇଁ ଏବଂ ଓଡ଼ିଶାରେ ସ୍କୁଲବୁକ୍ କମ୍ପାନୀ ଗଢ଼ିବା ପାଇଁ ଓଡ଼ିଆମାନଙ୍କୁ ଏବଂ ସରକାରଙ୍କୁ ଆହ୍ୱାନ ଦେଇଥିଲେ । "ଗବର୍ଣ୍ଣମେଣ୍ଟ ସାହାଯ୍ୟ ଦେଲେ ଯେ ବିସ୍ତର ପୁସ୍ତକର ସୃଜନ ହେବ, ଏହା ସମସ୍ତେ ଅନୁଭବ କରି ପାରିବେ × × ଆମ୍ଭମାନଙ୍କର ଉଦ୍ଦେଶ୍ୟ ଏହି ଯେ ଉତ୍କଳ ପୁସ୍ତକର ଦୋଷଗୁଣ ବିଚାର ବିଦେଶୀ ଲୋକଙ୍କ ଦ୍ୱାରା ଉତ୍ତମ ହେବ ନାହିଁ । ଅନେକ ମନ୍ଦ ପୁସ୍ତକ ନାନା କାରଣରୁ ଭଲ ବୋଲି ପରିଗଣିତ ହେବ । ଦେଶ ଭାଷାକୁ ସମ୍ୟକ ରୂପେ ଜ୍ଞାତ ଥିବା ବ୍ୟକ୍ତିଙ୍କୁ କେହି ସହଜରେ ପ୍ରତାରିତ କରି ପାରିବେ ନାହିଁ । ସୁତରାଂ ପକ୍ଷପାତିତା ଚଳିବ ବୋଲି ଭରସା ନ ରହିବ ।" ବୋଲି ଲେଖିଥିଲେ । (ଉ. ଦୀ. ତା ୪.୪.୧୮୬୮) ପାଠ୍ୟ ପୁସ୍ତକ ଲିଖନ, ମୁଦ୍ରଣ, ନିର୍ବାଚନ ଓ ବିତରଣ ସବୁ କିଛିକୁ ସେ ସମାଲୋଚନା କରୁଥିଲେ । ମାନ ଉପରେ ଗୁରୁତ୍ୱ ଦେଉଥିଲେ । ନାରୀଶିକ୍ଷାର ପ୍ରସାର ଉପରେ ମଧ୍ୟ ଗୁରୁତ୍ୱ ଦେଉଥିଲେ । "ନରନାରୀ ମିଶି ସଂସାର । ବିଦ୍ୟାହୀନ ମନୁଷ୍ୟକୁ ପଶୁ ଓ ଗୃହିଣୀ ଶୂନ୍ୟ ଘରକୁ ଅରଣ୍ୟ ବୋଲି ଶାସ୍ତ୍ର ଯାହା କହୁଛି ତାହା ନିତାନ୍ତ ସତ୍ୟ × × ନାରୀ କେବଳ ପୁଅ ଝିଅ ଜନ୍ମ କରି ନିଶ୍ଚିନ୍ତ ନୁହେଁ । ମାତ୍ର ସେମାନଙ୍କର ଚିକିତ୍ସା, ଶିକ୍ଷା ପାଳନ ଇତ୍ୟାଦି ସକଳ ଭାର ନାରୀ ହାତରେ ରହିଛି । ବୋଲି ଲେଖିଥିଲେ ଏବଂ ଉତ୍କଳର ନାରୀଶିକ୍ଷାର ସମ୍ବନ୍ଧ ପରାମର୍ଶ, ସେମାନଙ୍କ ସାମାଜିକ ମର୍ଯ୍ୟାଦା ବିଷୟରେ ମଧ୍ୟ ଆଲୋକପାତ କରୁଥିଲେ । (ଉ. ଦୀ ତା ୩୦-୯-୧୮୭୧, ତା୫-୧୧-୧୮୮୧ ) ଏ କ୍ଷେତ୍ରରେ ଓଡ଼ିଆମାନଙ୍କୁ ନିର୍ବୋଧ ଭାବରେ ଛିଗୁଲିହୋଇଥିବା ବିଦେଶୀମାନଙ୍କୁ ଆଲୋଚନା କରି ଲେଖିଥିଲେ : "ଓଡ଼ିଆ-ମାନେ ସ୍ୱଭାବତଃ ନିର୍ବୋଧ", ଏହି ପ୍ରବାଦ ଯଥାର୍ଥ କି, ନା ? ବିଦେଶୀୟ ଲେଖକ କହନ୍ତି—ଓଡ଼ିଆମାନଙ୍କର ଜ୍ଞାନ ଏପରି ସ୍ଥୂଳ ଯେ, ନାନା ପ୍ରକାର ଚେଷ୍ଟା କଲେ ମଧ୍ୟ ସେମାନେ କୌଣସି ପ୍ରକାରରେ, କୌଣସି ବିଷୟରେ, ସୁଶିକ୍ଷିତ ହୋଇ ପାରନ୍ତି ନାହିଁ । × × ସକଳ ବିଦ୍ୟାରେ ଓଡ଼ିଆମାନେ ସ୍ୱଭାବରେ ପାରଦର୍ଶୀ । କେବଳ କେହି ଉତ୍ସାହ ଦାତା ନ ଥିବାରୁ ... ... .. ଉତ୍କଳୀୟମାନଙ୍କର ସ୍ୱକୀୟ ମହୀୟସୀ ଧୀଶକ୍ତି କ୍ରମଶଃ ହ୍ରାସ ପାଉଅଛି । (ଉ. ଦୀ. ୧୮୭୭) ।" ଗୌରୀଶଙ୍କର ସମ୍ବାଦପତ୍ରରେ କେବଳ ନିଜର ଅଭିମତ ଦେଇ ନଥିଲେ । ପ୍ରକୃତ ଭୂଗୋଳ ବା ଭୂଗୋଳ ତତ୍ତ୍ୱ ତାଙ୍କ ଆଦର୍ଶର ରୂପାୟନ । ଷ୍ଟିଡ଼ଆର୍ଡ, ହଡ଼, ଜନଷ୍ଟନ ଏବଂ ରାଜେନ୍ଦ୍ର ଲାଲ ମିତ୍ରଙ୍କ ଭୂଗୋଳ ବହିର ସାହାଯ୍ୟରେ ସେ ନିଜ ରଚନାର ପରି-କଳ୍ପନା କରିଥିଲେ ସିନା, ଶବ୍ଦ ପ୍ରୟୋଗ ଓ ବାକ୍ୟଗଠନ ସ୍ଥଳରେ ସେ ନୂତନତା ଆଣିବାକୁ ଚେଷ୍ଟା କରିଥିଲେ । * ତାଙ୍କ ଅନୂଦିତ ରଘୁବଂଶ ପରି ଏଥିରେ ସମାସାନ୍ତ

---

* ଯେଉଁ ଶାସ୍ତ୍ର ଅଧ୍ୟୟନ କଲେ ପୃଥିବୀର ସକଳ ବିବରଣୀ ଜଣାଯାଏ, ତାହାକୁ ଭୂଗୋଳ ଶାସ୍ତ୍ର କହନ୍ତି । କେବଳ ପୃଥିବୀର ଗଠନ ଆକୃତି ଓ ପ୍ରକୃତି ଜାଣିଲେ ଯେ ଭୂଗୋଳ ବିଦ୍ୟା ଜଣାଗଲା, ଏମନ୍ତ ନୁହଇଁ । ପୃଥିବୀର ଉପର ଓ ଅନ୍ତରରେ

ଶବ୍ଦ, ଦୀର୍ଘବାକ୍ୟ, କାବ୍ୟଧର୍ମୀ ବର୍ଣ୍ଣନା ଶୈଳୀ ପ୍ରାଧାନ୍ୟଲାଭ କରିନଥିଲା । କିନ୍ତୁ ବ୍ରାହ୍ମ ଥିବାରୁ ପ୍ରଥମାବସ୍ଥାରେ ବିଦ୍ୟାସାଗରୀୟ ଶୈଳୀର ପ୍ରେମରେ ପଡ଼ିଥିଲେ ସୁଦ୍ଧା, ପରବର୍ତ୍ତୀକାଳରେ ସେଥିରୁ ମୁକ୍ତି ପାଇବାଲାଗି ଚେଷ୍ଟା କରିଥିଲେ । ୧୮୭୩ରେ ଉତ୍କଳ ଦର୍ପଣରେ ପ୍ରକାଶିତ ରାଧାନାଥଙ୍କ ବିବେକୀ, ମଧୁସୂଦନଙ୍କ ଚନ୍ଦ୍ର ଓ ତାରା, ବୁଦ୍ଧଦେବ, ସୂର୍ଯ୍ୟ, ଉଲକାପିଣ୍ଡ, ସୌନ୍ଦର୍ଯ୍ୟ ଓ ରୁଚି ଆଦି ପ୍ରବନ୍ଧ ଏବଂ ପ୍ରଣୟର ଅଦ୍ଭୁତ ପରିଣାମ, ଇଟାଲୀୟ ଯୁବା (୫) ଆଦି କଥାର ଗଦ୍ୟକୁ ସେ ସୁନଜରରେ ଦେଖିପାରୁ ନଥିଲେ । ୧୮୮୦ ମସିହାରେ ମଧୁବାବୁଙ୍କ ଲିଖିତ ପ୍ରବନ୍ଧମାଳା ପାଠ୍ୟ-ପୁସ୍ତକ ଭାବରେ ପୁରସ୍କୃତ ହେବା ଯୋଗୁଁ ସେ ବିସ୍ମୟ ପ୍ରକାଶ କରିଥିଲେ । ଏ ପ୍ରକାର ସିଦ୍ଧାନ୍ତର ସମାଲୋଚନା କରିଥିଲେ (ଉ ଦୀ ତା ୨୮. ୨.୮୦) । ମଧୁବାବୁଙ୍କ ଗଦ୍ୟ ଯେ ବାଳ-ଉପଯୋଗୀ ନୁହେଁ, ଏହା ସେକାଳର ସଚେତନ ଓଡ଼ିଆ-ମାନେ ଅନୁଭବ କରିଥିଲେ । ବାଲେଶ୍ୱର ସମ୍ବାଦବାହିକା, ଶିକ୍ଷାବନ୍ଧୁ, ସମ୍ବଲପୁର ହିତୈଷିଣୀ, ଉତ୍କଳ ମଧୁପର ସମ୍ପାଦକମାନେ ମଧ୍ୟ ମଧୁସୂଦନୀ ଗଦ୍ୟରୀତିକୁ ସମାଲୋଚନା କରିଥିଲେ ଏବଂ ଗୌରୀଶଙ୍କର ପ୍ରମୁଖମାନଙ୍କ ରକ୍ତରେ ଓଡ଼ିଆତ୍ୱର ସଂସ୍କରଣ ପାଇଁ ଯେପରି ପ୍ରତିଶ୍ରୁତିବଦ୍ଧ ଥିଲେ । (୬)

ସ୍ୱାଭିମାନୀମାନେ ହିଁ ନିଜ ମର୍ଯ୍ୟାଦା ଓ ଦାମ୍ଭିକତାର ପ୍ରତିଷ୍ଠା ପାଇଁ ଆପଣା ପାଖରେ ପ୍ରତିଶ୍ରୁତିବଦ୍ଧ ହୁଅନ୍ତି ଏବଂ ଏହା ପ୍ରକାଶ ପାଏ ସେମାନଙ୍କ ଭାଷା ଓ ଶୈଳୀ ମାଧ୍ୟମରେ । ଅନ୍ୟର ଅହଙ୍କାରକୁ ପରାହତ କରିବା ପାଇଁ ସେମାନେ ପରିହାସ ଅସ୍ତ୍ର ପ୍ରୟୋଗ କରନ୍ତି । ସାହିତ୍ୟିକ ପରିଭାଷାରେ ଏ ଅସ୍ତ୍ରର ଅନ୍ୟନାମ ବ୍ୟଙ୍ଗ୍ୟ । ଆପଣାର ସ୍ୱାଭିମାନବୋଧ ଭିତରେ ବିଳାପ କରୁଥିବା ତରିଳ ତାର୍କିକ ଗୀତରେ ହସେ । ସେ ଲୁହ ପଦାକୁ ଆସେନା-- ଭିତରେ ଭିତରେ ଦୋହଟି ଶୁଖିଯାଏ । ଗୌରୀଶଙ୍କର ଗଦ୍ୟଶୈଳୀରେ ବ୍ୟଙ୍ଗାତ୍ମକତା ଜନ୍ମ ନେଇଥିଲା ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନକୁ କେନ୍ଦ୍ର କରି । ୧୮୬୬ ମସିହା ବେଳକୁ ଲୁହୁଳିବାକୁ ଆରମ୍ଭ କରିଥିବା ଏ ଆନ୍ଦୋଳନ ବିସ୍ଫୋରକ ରୂପ ନିଏ ୬୯/୭୦ ବେଳକୁ ଏବଂ ତାର ସମାଧାନ ଘଟେ ୧୮୭୩ ମସିହାରେ । ରାଜେନ୍ଦ୍ରଲାଲ ମିତ୍ର, ଉମାଚରଣ ହାଲଦାର, କାଳୀପଦ ବନ୍ଦ୍ୟୋପା-ଧ୍ୟାୟ, ରାଜକୃଷ୍ଣ ମୁଖୋପାଧ୍ୟାୟ, କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ଆଦି ଓଡ଼ିଆର ଅନ୍ନରେ ପ୍ରତିପାଳିତ କେତୁ ମାନ୍ୟମଣ୍ୟ ବଙ୍ଗୀୟ, ଓଡ଼ିଆ ଭାଷା ଉପରେ ଅତ୍ୟାଚାର ଆରମ୍ଭ କରିଦେଇଥିଲେ । ଖ୍ରୀ: ୧୮୬୮ ଜୁଲାଇ ମାସରେ କଟକ ଡିବେଟିଂ କ୍ଲବରେ 'ପାଟ୍ରିଓଟିଜମ' ବିଷୟରେ ପ୍ରବନ୍ଧ ପଢ଼ି ରାଜେନ୍ଦ୍ରଲାଲ ମିତ୍ର ଓଡ଼ିଶାରେ ବଙ୍ଗଳା

---

ଚେତନା ଚେତନ ଯେତେ ପଦାର୍ଥ ଦୃଶ୍ୟ ହୁଅନ୍ତି ଏବଂ ଜଳ, ସ୍ଥଳ, ବା ବାୟୁରେ ନିତ୍ୟ ନିତ୍ୟ ଯେ ଚମତ୍କାର ଘଟଣା ହୁଅଇ, ଏ ସମସ୍ତର ଉତ୍ପତ୍ତି, ସ୍ଥିତି ଓ ପ୍ରୟୋଜନ ନିର୍ଣ୍ଣୟ କରିବା ଭୂଗୋଳ ବିଦ୍ୟାର ଉଦ୍ଦେଶ୍ୟ ଅଟଇ ।

(ଶ୍ରୀ ନଟବର ମିଶ୍ରଙ୍କ ଅଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟ ପୁସ୍ତକରୁ ଗୃହୀତ ପୃ ୮୪)

ଭାଷାର ପ୍ରଚଳନ କରି ଆପଣାର ଉପକାର କରିବା ଉଚିତ ବୋଲି ମତ ଦେଇଥିଲେ । ଉମାଚରଣ ହାଲଦାର ଓଡ଼ିଆ ଭାଷାକୁ ବଙ୍ଗଳା ଲିପିରେ ଲେଖିବା ପାଇଁ ପରାମର୍ଶ ଦେଇଥିଲେ । ବଡ଼ ଅଳଙ୍କୃତ ଭାବରେ ଓଡ଼ିଆ ଭାଷାକୁ ବଙ୍ଗଳା ଭାଷାର ବିକୃତ ରୂପ ଏବଂ ଏହା ଏକ ସଙ୍କର ଭାଷା ବୋଲି କହିବାକୁ ପଛେଇ ନ ଥିଲେ । ସେଇମାନେ ଓଡ଼ିଆମାନଙ୍କର ହିତ ସାଧନ ପାଇଁ 'ଉତ୍କଳହିତୈଷିଣୀ' ଏବଂ 'କଟକ ଷ୍ଟାର' ପତ୍ରିକା ପ୍ରକାଶ କରିଥିଲେ । ସତେ ଯେମିତି ଓଡ଼ିଆମାନଙ୍କର କରୁଣ ବର୍ତ୍ତମାନକୁ ଉପଲବ୍ଧି କରି ସେମାନଙ୍କ ହୃଦୟ ଚୋରି ହୋଇଯାଇଥିଲା । ଶେଷକୁ ରାଜେନ୍ଦ୍ରଲାଲ ମିତ୍ରଙ୍କ ପ୍ରରୋଚନାରେ ବାଲେଶ୍ୱର ଗବର୍ଣ୍ଣମେଣ୍ଟ ସ୍କୁଲ ପଣ୍ଡିତ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ 'ଉଡ଼ିୟା ସ୍ୱତନ୍ତ୍ର ଭାଷା ନହେ' ଶୀର୍ଷକ ବହିଟି ଲେଖିଲେ ୧୮୭୦ ମସିହାରେ । ଗୌରୀଶଙ୍କର ବଙ୍ଗୀୟମାନଙ୍କର ଏ ନିର୍ଲଜ୍ଜ କଥାକୁ ନିର୍ମମ ଭାବରେ ଆରମ୍ଭରୁହିଁ ସମାଲୋଚନା କରିଆସୁଥିଲେ । ରାଜେନ୍ଦ୍ରଲାଲ ମିତ୍ରଙ୍କୁ କଟୁ ସମାଲୋଚନା କରି ସେ ଲେଖିଥିଲେ "ରାଜେନ୍ଦ୍ରବାବୁଙ୍କର ଏ ମତ ଅତ୍ୟନ୍ତ ଭ୍ରମ ମୂଳକ ଓ ଯେଉଁମାନେ ସେଥିରେ ଅନୁଗାମୀ ହେଉଛନ୍ତି ସେମାନେ ଅନର୍ଥକ କୁହୁଡ଼ି ଦେଇଁଶ କେବଳ ଆପଣା ହସ୍ତ ପଦକୁ କ୍ଲେଶ ଦେଉଅଛନ୍ତି । (ଉ. ଦୀ.—୧୩. ୭. ୬୮) । ମାଣିକ୍ୟକୁ ଅନ୍ଧାର ଘରେ ରଖିବାର ଚେଷ୍ଟା କଲେ ତାହାକି ଲୁଚି ରହିବାର ପଦାର୍ଥ (ଉ. ଦୀ. ୧. ୨. ୬୮) ଯାହାପୂଅ ତାହାକୁ ସୁନ୍ଦର । ଓଡ଼ିଆ ଅକ୍ଷର ଗୋଲାକାର, ବଙ୍ଗଳା ତ୍ରିକୋଣ ବା ଅର୍ଦ୍ଧଗୋଲ୍ ଏହା ତାହାଙ୍କୁ ଗଜମୁକ୍ତା ହାରରେ ହୀରକ ଖଚିତ ପଦକ ପ୍ରାୟେ କାଙ୍କୁଲିମାନ ଦିଶିଲା, ଅଥବା ବାବୁଙ୍କର ବୈଷ୍ଣବୀୟ ଭାବ ଉଦିତ ହୋଇଥିବ" (ଉ. ଦୀ. ୧୦. ୭. ୬୯) ବୋଲି ପରିହାସ କରିଥିଲେ ଉମାଚରଣ ହାଲଦାରଙ୍କୁ । ବିଶେଷତଃ ରାଜକୃଷ୍ଣ ମୁଖୋପାଧ୍ୟାୟଙ୍କ ପ୍ରତି ତାଙ୍କର ଆକ୍ଷେପ ସେ କାଳର ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିଥିଲା । ଶ୍ରୀରଙ୍ଗ ପଞ୍ଚାନନ ଛଦ୍ମନାମରେ ସେ "ବାବୁ ମହାଶୟ ଅନେକ ବିଦ୍ୟାରେ ପରିପୂର୍ଣ୍ଣ ହୋଇ ପ୍ରଶଂସା ପତ୍ରମାନ ଲାଭ କରି ଏମେ ଉପାଧି ପ୍ରାପ୍ତ ହୋଇ ଅଛନ୍ତି । × × × ବାବୁ ଏ ପ୍ରକାର ଚତୁରତାର କର୍ମ କରି ଉପାଧିରୁ 'ଷ' ଲୋପ କରି ଅଛନ୍ତି '(ଉ. ଦୀ.) ଏମେ ଉପାଧିରେ 'ଷ' ଯୋଗକଲେ ହୋଇଥାନ୍ତା ଏମେଷ । ରାଜକୃଷ୍ଣ ମୁଖୋପାଧ୍ୟାୟ ଜଣେ ଉଚ୍ଚ ଶିକ୍ଷିତ ଥିଲେ ମଧ୍ୟ ସେ ହାଲ୍‌ଦାରଙ୍କ ପ୍ରସ୍ତାବକୁ ସ୍ୱୀକାର କରିଥିବାରୁ ଗଡ୍ଡଳିକା ପ୍ରବାହରେହିଁ ମାଡ଼ି ଯାଇଥିଲେ, ଏହା ମେଷ ବୃତ୍ତି । ଶାଣିତ ବିଦ୍ରୂପ ମାଧ୍ୟମରେ ଗୌରୀଶଙ୍କର ଜଣେ ଶିକ୍ଷିତ ବଙ୍ଗୀୟଙ୍କୁ ମେଣ୍ଢାବୋଲି କହିଥିଲେ । ରାଜକୃଷ୍ଣବାବୁ ଘଟଣାକୁ କୋର୍ଟ ପରିସରକୁ ନେଇଥିଲେ । ଗୌରୀଶଙ୍କରଙ୍କ ବିରୋଧରେ ମାନହାନି ମୋକଦ୍ଦମା କରିଥିଲେ । ମାତ୍ର ଗୌରୀଶଙ୍କର ଜିତିଯାଇଥିଲେ ଆପଣାର ଯୁକ୍ତି ବଳରେ । (୭) ବଙ୍ଗାଳୀମାନଙ୍କର ଓଡ଼ିଆ ଭାଷା ବିଦ୍ୱେଷୀ ମାନସିକତାକୁ 'ଓଡ଼ିଆ ଭାଷା ଉପରେ ଶତ୍ରୁ ଅସି ଆକ୍ରମଣ ବୋଲି ଉଲ୍ଲେଖ କରିଥିଲେ । ବଡ଼ କଟୁ ଭାଷାରେ ବିଦ୍ରୂପ କରିଥିଲେ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କୁ ତାଙ୍କର 'ଉଡ଼ିୟା ସ୍ୱତନ୍ତ୍ର ଭାଷା ନହେ ପୁସ୍ତିକା ପାଇଁ । ଢାଉରିଂ, ଆଟ୍‌କିନ୍‌ସନଙ୍କ ପରି ବଙ୍ଗାଳୀ

ପ୍ରଭାବିତ ଶିକ୍ଷା ବିଭାଗର ଗୋରା ମାଲିକମାନଙ୍କୁ ମଧ୍ୟ ସମାଲୋଚନା କରିଥିଲେ । ମାତ୍ର ଓଡ଼ିଆ ଭାଷାର ପ୍ରାଚୀନତା ଓ ମୌଳିକତା ସଂକ୍ରାନ୍ତରେ ତୁଳନାତ୍ମକ ଆଲୋଚନାମାନ ପ୍ରସ୍ତୁତ କରିଥିଲେ ସେଇ ଗୋରାମାନେ । ଜନ୍ ବିମ୍ସ ଏସିଆଟିକ୍ ସୋସାଇଟିରେ On the Relation of the Uriya to Other Modern Aryan Languages ଇଂରାଜୀ ପ୍ରବନ୍ଧ-୧୯୭୦ ମସିହା ମେ ମାସ ୪ ତାରିଖରେ ଉପସ୍ଥାପନ କରିଥିଲେ । ବିମସଙ୍କ ପ୍ରବନ୍ଧର ଯେଉଁ ଅଯୌକ୍ତିକ ଉତ୍ତର ଦେଇଥିଲେ ରାଜେନ୍ଦ୍ର ଲାଲ ଏସିଆଟିକ ସୋସାଇଟିର ସେଇ ସଭାରେ, ସେତେବେଳେ ଗୌରୀଶଙ୍କର ରାଜେନ୍ଦ୍ର-ଲାଲଙ୍କୁ ନିଜ ଘରପଣା ଭାବରେ ପରିହାସ କରିବାକୁ ପଛେଇ ନଥିଲେ । କମିସନର ଟି. ଇ. ରେଭେନ୍‌ସା, ଜନ୍ ବିମ୍ସ, ଭୂଦେବ ମୁଖୋପାଧ୍ୟାୟ ଏବଂ ସଚେତନ ଓଡ଼ିଆ-ମାନଙ୍କ ନିରନ୍ତର ଉଦ୍ୟମଯୋଗୁ ୧୮୭୩ ମସିହାରେ ଓଡ଼ିଶାର ବିଦ୍ୟାଳୟ ଗୁଡ଼ିକରେ ଓଡ଼ିଆ ଭାଷା ଓ ସାହିତ୍ୟ ପଢ଼ାଯିବା ପାଇଁ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଲା । ମାତ୍ର ଗୌରୀଶଙ୍କର ବଙ୍ଗାଳୀମାନଙ୍କୁ ବିଦ୍ରୂପ କରୁଥିଲେ ସୁଦ୍ଧା ଏତେ ନୀଚମନା ନଥିଲେ । ଓଡ଼ିଶାର ପ୍ରତ୍ନତତ୍ତ୍ୱ ବିଷୟରେ କାମ କରୁଥିବା ରାଜେନ୍ଦ୍ର ଲାଲଙ୍କୁ ସାହାଯ୍ୟ କରିବା ପାଇଁ ଓଡ଼ିଆମାନଙ୍କୁ ନିବେଦନ କରିଥିଲେ, ତାଙ୍କର ପ୍ରଶଂସା ବି କରିଥିଲେ (ଉ. ଦୀ. ୧୪-୪-୬୮/୨୧ ୧୧ ୬୮) ଏପରିକି ସେ କାଳର କଲିକତାର ଅବସର ପ୍ରାପ୍ତ ବିଚାରପତି ସାରଦା ଚରଣ ମିତ୍ର ସାରା ଭାରତବର୍ଷରେ ସବୁ ଭାଷାର ଗୋଟିଏ ଲିପି ଭାବରେ ଦେବନାଗରୀକୁ ଗ୍ରହଣ କରିବା ପାଇଁ ଯେଉଁ ପ୍ରସ୍ତାବ ଦେଇଥିଲେ, ତାକୁ ସମର୍ଥନ କରିଥିଲେ ଗୌରୀଶଙ୍କର ।

ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରାଚୀନତାକୁ ପ୍ରମାଣ କରିବା ପାଇଁ ମଧ୍ୟ ଗୌରୀଶଙ୍କର ସେତେବେଳେ କମ ପ୍ରୟାସ କରି ନଥିଲେ । ପ୍ରାଚୀନ କାବ୍ୟ କବିତା ସଂପାଦନା କରି, ପ୍ରେମ ସୁଧାନିଧିର ମୁଖବନ୍ଧରେ ସେ ଲେଖିଥିଲେ—"ଉତ୍କଳ ଦେଶରେ ଯେ କେତେକ ପୁରାତନ ଭାଷା ପୁସ୍ତକ ଅଛି, ତାହା ଅନେକ ଲେଖକ ଜାଣନ୍ତିନି । × × କଟକ ପ୍ରିଣ୍ଟିଂ କମ୍ପାନୀର ଉଦ୍ୟମରୁ ଆମ୍ଭେମାନେ ସେ ପୁସ୍ତକ ସମସ୍ତର ଗୌରବ ବଢ଼ାଇ ପୂର୍ବକ ଗ୍ରନ୍ଥକର୍ତ୍ତାଙ୍କର କୀର୍ତ୍ତି ଅଧିକତର ପ୍ରଚାର କରିବାର ଚେଷ୍ଟା କରୁଅଛୁ × × ଆମ୍ଭମାନଙ୍କର ଏହି ଆଶା ଯେ, ଯେ ଲେଖକ ବରଣର ପଟମାଳର ସାହାଯ୍ୟରେ ସୁଗନ୍ଧ ଓ ସୁରମ୍ୟ କୁସୁମରାଶି ଦେବତାଙ୍କ ମସ୍ତକରେ ଭୂଷଣ ହୁଅଇ, ସେ ରୂପ ଯେ ଆମ୍ଭମାନଙ୍କର ସାମାନ୍ୟ ଯତ୍ନରେ ଉତ୍କଳ ଦେଶରେ ବହୁ କାଳରୁ ଆଦୃତ ରତ୍ନ ସ୍ୱରୂପ ଭାଷା ରୂପଗ୍ରନ୍ଥମ ନ ଗୁଣିଗଣଙ୍କର ହୃଦୟ ଭୂଷଣ ହୁଅଇ ତାହା ହେଲେ ଆମ୍ଭମାନଙ୍କର ଯଥାର୍ଥ ପୁରସ୍କାର ହେବ । (ଉ.ଦୀ. ଡିସେମ୍ବର ୧୫, ୧୮୬୬) ଏପରିକି ବଙ୍ଗଳାର କବି ଭାରତଚନ୍ଦ୍ର ଓ ଓଡ଼ିଶାର ଦୀନକୃଷ୍ଣଙ୍କ ପ୍ରତିଭା ସମ୍ବନ୍ଧରେ ଏକ ତୁଳନାତ୍ମକ ବିଚାର ପ୍ରକାଶ କରିଥିଲେ ଉତ୍କଳ ଦୀପିକାରେ । "ଦୀନକୃଷ୍ଣ ଦାସ ଯେ ରସକଲ୍ଲୋଳ ନାମକ ପୁସ୍ତକ ରଚନା କରିଛନ୍ତି, ତାହା ସହିତ ତୁଳନା କରି ଦେଖିଲେ ବିଦ୍ୟାସୁନ୍ଦର

ଅତି ଅପକୃଷ୍ଟ ବୋଧହୁଏ । କି ରଚନା ଗୁରୁର୍ଯ୍ୟ, କି ସ୍ୱଭାବ ବର୍ଣ୍ଣନା, କି ଶ୍ଳେଷ ଓ ଯମକ ରଚନା, ସମସ୍ତ ବିଷୟରେ ଦୀନକୃଷ୍ଣ ଭରତଚନ୍ଦ୍ରଙ୍କ ଠାରୁ ଅଧିକ ପରାକାଷ୍ଠା ଲାଭ କରି ଅଛନ୍ତି । × × × ମାତ୍ର ରସକଲ୍ଲୋଳ ପ୍ରତି କେହି ଦୃଷ୍ଟିପାତ କରୁ-ନାହିଁ ।” (ଉ. ଦୀ ୨୦-୧୦-୭୬) ବୋଲି ଉଲ୍ଲେଖ କରିଥିଲେ । ଓଡ଼ିଆମାନଙ୍କ ଭିତରେ ଆତ୍ମସଚେତନତା ସୃଷ୍ଟି କରିବା ଥିଲା ତାଙ୍କର ପ୍ରଧାନ ଉଦ୍ଦେଶ୍ୟ ।

ସାହିତ୍ୟର ଧର୍ମ, ଉଦ୍ଦେଶ୍ୟ, ଭାଷା ଓ ପ୍ରକାଶରୀତି ସମ୍ବନ୍ଧରେ ଗୌରୀଶଙ୍କର ଆପଣାର ସୂକ୍ଷ୍ମ ବିଚାର ଉତ୍କଳ ଦୀପିକାର ବିଭିନ୍ନ ସଂଖ୍ୟାରେ ସ୍ପଷ୍ଟ ଭାବରେ ପ୍ରକାଶ କରୁଥିଲେ । ବିଶେଷତଃ ଗଦ୍ୟକୁ ଏକ ସମ୍ଭ୍ରାନ୍ତ ରୂପ ଦେବା ପାଇଁ ସେ ମୃତ୍ୟୁ ପର୍ଯ୍ୟନ୍ତ ସାଧନା କରି ଆସୁଥିଲେ । ବଙ୍ଗଳା ଓ ଓଡ଼ିଆ ଗଦ୍ୟ ରୀତିର ଏକ ତୁଳନାତ୍ମକ ଚିତ୍ର ଦେବାକୁ ଯାଇ ସେ ଲେଖିଥିଲେ “ବଙ୍ଗାଳୀମାନେ ପଦ୍ୟମୟ ପୁସ୍ତକର ଭାଷାକୁ ଯେଉଁ ପରିମାଣରେ ଗଦ୍ୟମୟ ରୂପରେ ଉନ୍ନତ କରି ଅଛନ୍ତି ଆମ୍ଭେମାନେ ଆମ୍ଭମାନଙ୍କର ପଦ୍ୟମୟ ପୁସ୍ତକର ଭାଷାକୁ ସେହି ପରିମାଣରେ ଗଦ୍ୟମୟ ଭାଷା ରୂପେ ଉନ୍ନତ କରିପାରୁ ନାହୁଁ । ଦୁଃଖର ବିଷୟ ଏହି ଯେ ଆମ୍ଭେମାନେ ଆମ୍ଭମାନଙ୍କ ମାତୃଭାଷାର ଉନ୍ନତି ବିଷୟରେ କିଛି କରିପାରୁ ନାହୁଁ । (ଉ. ଦୀ. ୩୦-୫-୭୮) ଗୌରୀଶଙ୍କର ବଙ୍ଗଳା ଗଦ୍ୟ ରୀତିର ପରିବର୍ତ୍ତନକୁ ସଚେତନ ଭାବରେ ପର୍ଯ୍ୟାଲୋଚନା କରୁଥିଲେ ଏବଂ ଓଡ଼ିଆ ସାହିତ୍ୟିକମାନେ ସେପଟକୁ ଆଖି ପକେଇବା ଲାଗି ପରାମର୍ଶ ଦେଇଥିଲେ । ବିଶେଷତଃ ପାଠ୍ୟ ପୁସ୍ତକ ଭାବରେ ମଧ୍ୟଯୁଗୀୟ କାବ୍ୟ କବିତା ଏବଂ ଆଧୁନିକ କାବ୍ୟ ଧାରାର ପ୍ରଚଳନକୁ ସେ ଜଣେ ସହୃଦୟ, ରସଗ୍ରାହୀ, ଗୁଣୀ, ସାମାଜିକ ଭାବରେ ବିଚାର କରୁଥିଲେ । ସମୀକ୍ଷକମାନେ ଉପେନ୍ଦ୍ରଙ୍କ କାବ୍ୟ ଗୁଡ଼ିକୁ ଅଶ୍ଳୀଳ ଏବଂ ଶୃଙ୍ଗାର ଭାବରେ ପର୍ଯ୍ୟୁସିତ ବୋଲି ଆକ୍ଷେପ କରିବା ସଙ୍ଗେ ସଙ୍ଗେ ସେ ଗୁଡ଼ିକୁ ପାଠ୍ୟ ପୁସ୍ତକ ରୂପରେ ପ୍ରଚଳନ ନ କରିବା ପାଇଁ ଦାବି କଲେ । ଭଞ୍ଜ ବିରୋଧୀମାନଙ୍କ ମତାମତର ଉତ୍ତର ଦେବାକୁ ଯାଇ ସେ ଲେଖିଥିଲେ—“ବର୍ତ୍ତମାନ ଶିକ୍ଷିତ ସମ୍ପ୍ରଦାୟ ମଧ୍ୟରୁ କେତେ ଲେଖକ କହନ୍ତି ଅଶ୍ଳୀଳ ପୁସ୍ତକକୁ ଏକାବେଳକେ ଛାଡ଼ିଦେବା ଉଚିତ । ପୁଣି କେହି କେହି ଅଶ୍ଳୀଳ ଅଂଶ କାଟିଦେଇ ଭଲ ଅଂଶ ରକ୍ଷା କରିବାର ପରାମର୍ଶ ଦିଅନ୍ତି ମାତ୍ର ଏହି ଦୁଇମତ ଭଲ ନୁହଁଇ । ଅଶ୍ଳୀଳତା ହେତୁରୁ କୌଣସି କବିଙ୍କୁ ତ୍ୟାଗ କଲେ, ଅନେକ ମହାକବିଙ୍କୁ ତ୍ୟାଗ କରିବାକୁ ହେବ । ଅନେକ ପରମ ସୁନ୍ଦର, ପରମ ରମଣୀୟ ଅତୁଳ ଅନୁପମ ମହାକାବ୍ୟ ପୋଡ଼ି ପକେଇବାକୁ ହେବ । × × × ଦେଶର ସାହିତ୍ୟ ସମଗ୍ର ସମାଜର ସମ୍ପତ୍ତି, ବର୍ତ୍ତମାନ ସମାଜର ଓ ଭବିଷ୍ୟତ ସମାଜର । ଲେଖକ ବିଶେଷର ସମ୍ପତ୍ତି ନୁହଇ । ସୁତରାଂ ସେ ପ୍ରକାର ପୁସ୍ତକର ଖଣ୍ଡିଆ କରିବା ତୁମ୍ଭ ଆମ୍ଭର ଅଧିକାର ନୁହଇ । ଯେଉଁ କବି ଯେ ରୂପେ ପ୍ରକାଶ ହୋଇ ଅଛନ୍ତି, ତାହାଙ୍କୁ ସେହି ରୂପେ ରଖିବା ହିଁ ଉଚିତ । ଇଚ୍ଛାମତେ ତାହାଙ୍କୁ ଚିତ୍ର କରି ନୂଆଙ୍ଗ ସଜାଇବା ଉଚିତ ନୁହେଁ ।” (ଉ. ଦୀ. ୬-୩-୮୬) ଉପର୍ଯ୍ୟୁକ୍ତ

ଉକ୍ତ ଉକ୍ତିରେ ଗୌରୀଶଙ୍କରଙ୍କର ସମୀକ୍ଷାତ୍ମକ ଅନ୍ତର୍ଦୃଷ୍ଟିର ସଂକେତ ସୁସ୍ପଷ୍ଟ । ସେ କେବଳ ଅଳଙ୍କାର ଯୁଗୀୟ କାବ୍ୟର ବିଚାର କରି ନାହାନ୍ତି । ବରଂ ଜଣେ ନିରପେକ୍ଷ ଗବେଷକର ସୂକ୍ଷ୍ମ ବିଚାର ହିଁ ସେଥିରେ ପ୍ରକାଶ ପାଇଛି । ଊନବିଂଶ ଶତକର ଶେଷ ଦୁଇ ଦଶକରେ ସାହିତ୍ୟରେ ଶ୍ଳୀଳତା, ଅଶ୍ଳୀଳତା, ପ୍ରାଚୀନତା ଓ ଆଧୁନିକତା ଏବଂ ରୁଚି ପୂର୍ଣ୍ଣ ସଂସ୍କୃତ ଅନୁସାରୀ ମାନସିକତାକୁ ଆଧାର କରି ସମୀକ୍ଷକମାନଙ୍କ ମଧ୍ୟରେ ଯେ ବାଦାନୁବାଦ ଚାଲିଥିଲା, ତାହା ପଛରେ ଥିଲା ଗୌରୀଶଙ୍କରଙ୍କର ଅନୁପ୍ରେରଣା । ଉପେନ୍ଦ୍ର ଓ ରାଧାନାଥଙ୍କୁ ଗୋଟାଏ ବାଡ଼ର ଦୁଇ ପାଖରେ ଅସହାୟ ରୂପରେ ଠିଆ କରେଇ ଆଲୋଚକମାନେ ନୀତ ଅସହିଷ୍ଣୁତାର ଯେଉଁ ବିଚାର ଗଣ ଧନ୍ଦୋଳ ସୃଷ୍ଟି କରିଥିଲେ, ତାହା କେବଳ ଓଡ଼ିଆ ସମାଲୋଚନା-ସାହିତ୍ୟର ପରିଧିକୁ ନୁହେଁ, ଓଡ଼ିଆ ଗଦ୍ୟକୁ ଆଉ ଏକ ନୂଆ ରୂପରେ ପରିମଣ୍ଡିତ ହେବାର ପରିବେଶ ତିଆରି କରିଥିଲା । ସମାଲୋଚକମାନେ ଆଲୋଚନା କାଳରେ ଭାବଗର୍ଭକ ଏବଂ ପ୍ରାସଙ୍ଗାନୁସାରୀ ଶବ୍ଦ ପ୍ରୟୋଗ ଉପରେ ଗୁରୁତ୍ୱ ଦେଲେ । ଆପଣା ଆପଣାର ଅନୁଧ୍ୟାନକୁ ଯୁକ୍ତିର ସହିତ ଉପସ୍ଥାପନ କରିବା ପାଇଁ ପ୍ରୟାସ କଲେ । ଓଡ଼ିଆ ଗଦ୍ୟ ନୂଆ ରୂପ ନେଲା । ସମାଲୋଚନା ସାହିତ୍ୟରେ ଦାମୋଦର ମିଶ୍ରଙ୍କ ଦୋଷଦର୍ଶନ (୧୮୯୬) ଏବଂ ବୁଦ୍ଧିନାଥ ଶର୍ମାଙ୍କ ଗୁଣାଦର୍ଶ (୧୯୦୦) ପରି ପୁସ୍ତକର ପୃଷ୍ଠଭୂମି ପ୍ରସ୍ତୁତ କରିଥିଲେ ଗୌରୀଶଙ୍କର ।

ଗୌରୀଶଙ୍କରଙ୍କ ବ୍ୟଙ୍ଗାତ୍ମକ ଅନ୍ତର୍ଦୃଷ୍ଟି ସାହିତ୍ୟ ଅପେକ୍ଷା ସମାଜର ବଳୟକୁ ଅଧିକ ଛୁଇଁଥିଲା । ଓଡ଼ିଆ ଭାଷା ଓ ଓଡ଼ିଆମାନଙ୍କୁ ସେ ଖୁବ ଭଲ ପାଉଥିଲେ । ତାଙ୍କ ଭିତରେ ପ୍ରଚଣ୍ଡ ସ୍ୱାଭିମାନବୋଧ ଥିଲା । ଓଡ଼ିଆ ଜାତୀୟତାବାଦୀ ଆନ୍ଦୋଳନର ସେ ଥିଲେ କର୍ଣ୍ଣଧାର । ସନ ୧୮୭୮ରେ ତାଙ୍କରି ଉଦ୍ୟମରେ ଓଡ଼ିଆ ଆସୋସିଏସନ ଗଠିତ ହୋଇଥିଲା । ସନ ୧୮୭୦ ରେ ଗଠିତ ଭାରତବର୍ଷୀୟ ସଭାର ଶାଖାପରି ତାହା କାର୍ଯ୍ୟ କରୁଥିଲା । ଭାରତୀୟ ଜାତୀୟ କଂଗ୍ରେସର ସେ ଥିଲେ ଅନ୍ୟତମ କାରପଟ୍ଟଦାର ଏବଂ ଉତ୍କଳ ସମ୍ମିଳନୀର ଅନ୍ୟତମ ମନ୍ତ୍ରଦାତା । ବ୍ରିଟିସ ସରକାରଙ୍କ ଓଡ଼ିଶା-ନୀତିକୁ ସେ ସବୁବେଳେ କଡ଼ା ସମାଲୋଚନା କରୁଥିଲେ । ଓଡ଼ିଶାକୁ ସେମାନେ ଇଚ୍ଛା ଅନୁସାରେ କଲିକତା, ମାନ୍ଦ୍ରାଜ, କେନ୍ଦ୍ରରାଜ୍ୟ ଏବଂ ବିହାର ସହିତ ଯୋଡ଼ି ଦେଉଥିବାରୁ ସେ ତାର ପ୍ରତିବାଦ କରୁଥିଲେ । ଦୀପିକା ମାଧ୍ୟମରେ ଆପଣାର ସ୍ୱତନ୍ତ୍ର ଓଡ଼ିଶାର ସ୍ୱପ୍ନକୁ ପ୍ରକାଶ କରୁଥିଲେ । ତିନ ଥେଣ୍ଟିଆ କାଲୁଡ଼ିବାଡ଼ି, ସମସ୍ତଙ୍କର ଦାୟିତ୍ୱ କାହାରି ନୁହେଁ, ଦୁଇଘର କୁଣିଆ ହୋଇ ଉପବାସରେ ଶୋଇଅଛୁ, ଓଡ଼ିଶାର ଦୁର୍ଦ୍ଦଶା କାହିଁକି ଓଡ଼ିଆମାନଙ୍କର ସ୍ଥାନାନ୍ତର ପରି ବହୁ ଅଗ୍ରଲେଖାରେ ଓଡ଼ିଶାର ଅସଲ ସମସ୍ୟାକୁ ସରକାରଙ୍କ କାଲ କାନରେ ପୁରେଇବା ଲାଗି ଚେଷ୍ଟା କରୁଥିଲେ । ଦିନଶୁଆ ଓଡ଼ିଆ-ମାନଙ୍କ ହୃଦୟରେ ଜାତି—ପ୍ରୀତି— ଭାବ ସୃଷ୍ଟି କରିବା ପାଇଁ ସେ—"ହେ ଉତ୍କଳୀୟ-ମାନେ ଉଠ, ଆପଣାର ପୂର୍ବ ପୁରୁଷର ଯଥାର୍ଥ ନାମ ରକ୍ଷାକର ଓ ଆପଣା ଆପଣାର ଲଲାଟସ୍ଥ ଅଜ୍ଞତାପବାଦ ରୂପକ କଳଙ୍କ ରେଖା ଉନ୍ମୋଚନ କରିବାକୁ ତତ୍ପର ହୁଅ । ଆଉ କେତେକାଳ ଆଳସ୍ୟ ଶଯ୍ୟାରେ ଜୀବନ ବିସର୍ଜନ କରିବ । (ଉ. ଦୀ. ୧୮୬୬)

କମ୍ଭା 'ହେ ଉତ୍କଳଦେଶୀୟଯୁବାମାନେ, ତୁମ୍ଭେମାନେ ବଙ୍ଗଦେଶୀୟ ଯୁବା ପୁରୁଷମାନଙ୍କୁ ଲକ୍ଷ୍ୟ କରି ସଂସାର ମାର୍ଗରେ ବିଚରଣ କର ଓ ଯେ ପ୍ରକାର ତୁମ୍ଭମାନଙ୍କର ଯଶଃ ଓ ଦେଶର ଗୌରବ ବୃଦ୍ଧି ହୁଅଇ ତାହା କରିବାରେ ତିଳେମାତ୍ର କୁଣ୍ଠିତ ନ ହୁଅ । (ଉ. ଦୀ. ବ. ମ. ପୃ. ୧୮୭୮/୭୯) ପରି ବହୁ ସମ୍ବୋଧନ ମୂଳକ ଲେଖା ଉତ୍କଳ ଦୀପିକା ପୃଷ୍ଠାରେ ପ୍ରକାଶ କରୁଥିଲେ । ଜାତିର ସମୁଜ୍ଜ ରୂପ ଦେଖିବା ପାଇଁ ତାଙ୍କ ହୃଦୟ ଯେପରି ବ୍ୟାକୁଳ ହେଉଥିଲା । ନିଜ ମନ ଗହନର କଥା ଗୁଡ଼ିକ ଖୋଲି ଦଉଥିଲେ । ସମୀକ୍ଷାଶାସ୍ତ୍ରରେ ଏହି ଶୈଳୀ ବ୍ୟକ୍ତିର ସବଜ୍ଞାନତା ଗୁଣ ଭାବରେ ପରିଗୃହୀତ । ଭିକ୍ଟୋରିଆ ଯୁଗରେ, ଇଂରେଜ ସାହିତ୍ୟରେ ଏହି ରୀତି ଖୁବ ଲୋକପ୍ରିୟ ଥିଲା । ବଙ୍ଗଳା ବାଟଦେଇ ଏହା ପ୍ରବେଶ କରିଥିଲା ଓଡ଼ିଶା ଭିତରକୁ । କେବଳ ଗତ ଶତାବ୍ଦୀ ନୁହେଁ, ଚଳିତ ଶତାବ୍ଦୀର ପ୍ରଥମ ଦଶକର କଥାକାର ଏବଂ ନାଟ୍ୟକାରମାନଙ୍କ ସୃଷ୍ଟିରେ ସବ୍‌ଜ୍ଞାନତା ଭାବ ବିଶେଷ ଭାବରେ ଲକ୍ଷ୍ୟ କରାଯାଏ । ପ୍ରାଚୀନ ଓଡ଼ିଆ ଗଦ୍ୟରେ ଅବଶ୍ୟ ସମ୍ବୋଧନାତ୍ମକ ରୀତି ରହିଛି । ମାତ୍ର ଗୌରୀ-ଶଙ୍କରଙ୍କର ପ୍ରକାଶଭଙ୍ଗୀ ପ୍ରାଚୀନତା ଠାରୁ ବହୁ ଭାବରେ ସ୍ୱତନ୍ତ୍ର ।

ଗୌରୀଶଙ୍କର କେଜାଣି କାହିଁକି ଅନୁଭବ କରିଥିଲେ – ଓଡ଼ିଆ ପରମ୍ପରାର ସବୁ କିଛି ଦୂଷିତ ନୁହେଁ । ସବୁକାଳରେ ସମକାଳୀନ ଚରିତ୍ରମାନେ ଗୁହ ଗଡ଼ିଆରେ ପ୍ରଥମେ ବୁଡ଼ମାରିବାକୁ ସିଦ୍ଧାନ୍ତ ନଅନ୍ତି । ଦେହରେ ଗୁହଥରେ ବୋଳି ହୋଇଗଲେ ତାହା ଆଉ ଗୁଡ଼େନା । ମଣିଷ ସବୁବେଳେ ସେହି ଗଡ଼ିଆ ଭିତରେ ଅସଲ ଜୀବନ ଅଛି ବୋଲି ଗ୍ରହଣ କରିନଏ । ଏଭଳି ସଙ୍କୀର୍ଣ୍ଣତା କେବଳ ପରମ୍ପରାକୁ କଳୁଷିତ କରେନା, ବରଂ ଭବିଷ୍ୟତର ସକଳ ସୁସ୍ଥ ସମ୍ଭାବନାକୁ ନଷ୍ଟ କରିଦଏ । ତେଣୁ ଗୌରୀଶଙ୍କର ସବୁବେଳେ ଆଧୁନିକତାର ଗୁହଗଡ଼ିଆରେ ନ ପଶିବା ପାଇଁ ଦେଶର ଭବିଷ୍ୟତ ଯାତ୍ରୀମାନଙ୍କୁ ଡାକ ଦଉଥିଲେ । ଗଣିକା, ସୁରା ଏବଂ ବିଳାସବ୍ୟସନ ପ୍ରିୟ ମଣିଷମାନଙ୍କୁ 'ଏଥର ଦୌରାରେ ପରସ୍ତ୍ରୀଗମନ, ପରସ୍ତ୍ରୀ ବଳାତ୍କାର ପ୍ରଭୃତି ଅପରାଧ ଘଟିତ ମୋକଦ୍ଦମା ଅଧିକାଂଶ ଦେଖାଯାଏ । କେତେକ ପ୍ରକାର ରୋଗ ପରି ଫୌଜଦାରୀ ଅପରାଧ ସୁଦ୍ଧା କି ସଂକ୍ରାମକ ଅଟଇ ଯେ, ସବୁ ବିଷୟରେ ସବୁ ଲେଖକ, ଏ ବିଷୟରେ ଅପରାଧ କରିଆନ୍ତି । (ଉ. ଦୀ. ୧୧. ୯. ୭୦) ଆଧୁନିକ ଶିକ୍ଷା ପ୍ରାପ୍ତ ବାବୁମାନଙ୍କୁ "ବାବୁମାନେ ଶାରୀରିକ କୌଣସି କର୍ମ କରିବାକୁ ଅସମର୍ଥ । ଯେ ସରକାରୀ କର୍ମକଲା ସେ ବାବୁ, ଯାହାର ଖଣ୍ଡେ ଜମିଦାରୀ ଅଛି ସେ ବାବୁ, ଯେ ସରୁଲୁଗା ପିନ୍ଧେ ସେ ବାବୁ (ଉ. ଦୀ. ୧୮. ୩, ୭୬) କନ୍ୟା ବିକ୍ରୀ କରୁଥିବା ବାପା ମାନଙ୍କୁ 'କମ୍ ବୟସ, ସନ୍ତାନ ହୋଇ ନଥିଲେ ଏମାନଙ୍କର ବେଶୀ ଦାମ୍ । ଏମାନେ ବୃଦ୍ଧମାନଙ୍କୁ ବିବାହ କରୁଥିଲେ । ଏମାନେ ଜୀବନକାଳ ମଧ୍ୟରେ ତିନି ଗୃହର ବିକ୍ରୀ ହୋଇ ଯାଉଥିଲେ । ରାଜା ହିଁ ସେ ବିକ୍ରୀ ଲବ୍‌ଧ ଧନ ନେଉଥିଲେ । କମ୍ ଦାମରେ ବିକ୍ରୀ ହେବାର ଖବର ପାଇଲେ ରଜା ବିକ୍ରୀ ବନ୍ଦ କରିଦେଉଥିଲେ" । "ଏହି

ଅଧବା ଅର୍ଜ୍ଜୀ ଲବ୍ଧ ଧନ ବାପା ନ ପାଇ ପାରିବେ ରଜା, କାରଣ ସେ ସମସ୍ତଙ୍କର ପିତା । (ଉ. ଦୀ ୧୭-୪-୭୫) ଏବଂ ଇଂରେଜମାନଙ୍କର ଗୋଲାମୀ କରିବା ପାଇଁ ସହରକୁ ଧାଇଁଥିବା ଜମିଦାର ସନ୍ତାନମାନଙ୍କୁ "ପାଠପଢ଼ି ଜମିଦାରୀ କଥା ବୁଝିଲେ ଯେ ଲାଭ ଆଶା ଅଧିକ ଏକଥା ପାଠ ପଢ଼ୁଆ ବାବୁମାନେ ଜାଣିବେ କାହୁଁ "(ଉ. ଦୀ ୪-୧୨-୭୯) ଏବଂ ଜମିଦାରୀରୁ ପ୍ରମିସାରୀ ନୋଟ ଭଲ ଜ୍ଞାନ କରନ୍ତି" (ଉ. ଦୀ ୨୭-୩-୭୮) ପରି ବ୍ୟଙ୍ଗାତ୍ମକ ଭାବରେ ସମାଲୋଚନା କରୁଥିଲେ । ବାଲ୍ୟ ବିବାହକୁ ଗ୍ରହମାନଙ୍କ ପାଇଁ ବଳୋଇ ବେକରେ ଘଣ୍ଟି ସହିତ ତୁଳନା କରିଥିଲେ । (ଉ. ଦୀ. ୧୮-୭-୭୮) ଧର୍ମ ସାହିତ୍ୟ ରାଜକାର୍ଯ୍ୟ, ସମାଜ ବ୍ୟବସ୍ଥା ସବୁକିଛୁ ଯେ ଉଦ୍‌ବେଗ ଜନକ ଅବସ୍ଥାରେ ରହିଥିଲା ସେ ତାହା ଅନୁଭବ କରିଥିଲେ । ସକଳ ବ୍ୟବସ୍ଥାକୁ ସମ୍ବେଦନଶୀଳ ଭାବରେ ସମାଲୋଚନା କରୁଥିଲେ । ସମସ୍ତ ଓ ବ୍ୟବସ୍ଥା ସହିତ ସେତିକ ନିବିଡ଼ ଆତ୍ମୀୟତା ନ ଥିଲେ ଏ ବିପଦ୍‌ଜନକ ବାଟରେ ପାଦଦେବା ସହଜ ନୁହେଁ । ମାତ୍ର ଗୌରୀଶଙ୍କର ବେଶ୍ ନିର୍ଭୀକ ଭାବରେ ଆପଣା ରୁଚିରେ ସମାର୍ଜିତ ସ୍ୱତନ୍ତ୍ର ବାଟରେ ପାଦ ପକାଇବା ପାଇଁ ଏତେ ଟିକିଏ ବି କୁଣ୍ଠ ଭୀତ ନଥିଲେ

ପଚିଶ ବର୍ଷରୁ ଅଧିକ କାଳ ଧରି ଗୌରୀଶଙ୍କର ମୁଖ୍ୟତଃ ଗଦ୍ୟରେ ନିଜକୁ ପ୍ରକାଶ କରୁଥିଲେ, ତେଣୁ ଓଡ଼ିଆ ଗଦ୍ୟ-ଶୈଳୀର ବିବର୍ତ୍ତିତ ଧାରା ସହିତ ଗୌରୀ-ଶଙ୍କରଙ୍କ ସମ୍ପର୍କ ନିବିଡ଼ । ଗରୁଭାବ ପ୍ରକାଶ କାଳରେ ସେ ତତ୍‌ସମ ଶବ୍ଦ ପ୍ରୟୋଗ ଉପରେ ଗୁରୁତ୍ୱ ଦେଉଥିଲେ ମାତ୍ର ଲୋକମୁଖରେ କଥିତ ଶବ୍ଦକୁ ସେ ପୂରାପୂରି ଉପେକ୍ଷା କରୁ ନଥିଲେ । ସାଧାରଣ ଜନତାର ବୁଝିବାର କ୍ଷମତାକୁ ଅନୁରୂପ ଭାବରେ ପ୍ରୟୋଗ କରିବା ପାଇଁ ସେ କୁଣ୍ଠା ପ୍ରକାଶ କରୁଥିଲେ ସତ୍ୟ, ତା'ର ଯଥାଯଥତାକୁ ଏଡ଼େଇ ଦେଇପାରୁ ନଥିଲେ । ଦେଉଳିଆ ଝୋକ, ଦଣ୍ଡିଦାର, ନରଖ, ବୋତଲ, ଭୁଣ ମେହେନ୍ତର, ଉର୍ଧବ, ପୋକ୍ତାନ, ଚମ କାରଖାନା, ଜମାଦାର, ରୋମାଲ, ଦେଢ଼ି, ଲୋକସାନ, କସ୍ତି, ଉଡ଼ିଶ୍ୟା, ହସ୍ତା, ଇସ୍ତୀ, ଶୁଙ୍କିଦାର, ମହଯୁଦ, ଲାସ୍, ଓଲହଠା, ସୁପାରିସ୍ ଆଦି ଲୋକ କଥିତ ଗ୍ରାମ୍ୟ ଓ ପାର୍ଶି ଶବ୍ଦର ଗନ୍ତାଘର ହେଉଛି ଉତ୍କଳ-ଦୀପିକା । ଲୋକେ ଇଂରାଜୀ ଶବ୍ଦ ଗୁଡ଼ିକୁ ଯେଉଁ ବିଚିତ୍ର ବାଗରେ ଉଚ୍ଚାରଣ କରୁଥିଲେ, ତାହାର ସଙ୍କେତ ମିଳେ ଗୌରୀଶଙ୍କରଙ୍କ ଗଦ୍ୟରେ । ଅଗସ୍ତ (ଅଗଷ୍ଟ), କମେଟୀ, କମେଟୀ (କମିଟି), କଲଟର (କଲେକ୍ଟର), ରେଜେଷ୍ଟରୀ ଫିସ୍ (ରେଜେଷ୍ଟ୍ରୀ ଫି), ଇଂଗିରାଜୀ (ଇଂରାଜୀ), କମିସ୍ନର (କମିଶନର), ସାକ୍‌ସନ (ସାଂକସନ), ଭିକ୍ଟୋ-ରିଆ (ଭିକ୍ଟୋରିଆ), ହାସପାତାଲ (ହସ୍‌ପିଟାଲ), ଅଧସ୍ଥ (ସବ୍‌ଅର୍ଡ଼ିନେଟ୍), ଟେକ୍‌ସ୍ (ଟ୍ୟାକସ) ସିତମ୍ବର (ସେପ୍‌ଟେମ୍ବର) ଫେବୃଓରୀ (ଫେବୃୟାରୀ), ପାରିସ (ପ୍ୟାରିସ୍), ଅକ୍ତୁବର (ଅକ୍ଟୋବର), କୁମ୍ପାନୀ (କମ୍ପାନୀ), ରେବନିଉ (ରେଭେନିଉ), ସିବିଲ (ସିଭିଲ), କା'ନ୍‌ତସବଟୀ (କଣ୍ଟ୍ରାକ୍ଟର), ଅଭ୍ରସର (ଓଭରସିଅର), ବୋମ୍ବାଇ (ବମ୍ବେ) ଆଦି ଇଂରାଜୀ ଶବ୍ଦର ବିକୃତ ରୂପ । ଇଂଲିସ୍‌ମ୍ୟାନ୍, ଖ୍ରୀଷ୍ଟିଆନ୍, ବୋର୍ଡ, ହାଇ-

କୋର୍ଟ, ମେମ୍ବର, ପୁଲିସ୍, ସାର୍ଟିଫିକେଟ୍, ଇନ୍‌କମ୍ ଟିକସ, ଜେନେରାଲ ଷ୍ଟୋର, କଣ୍ଟ୍ରାକ୍ଟ, ସିଭିଲ ସର୍ଭିସ୍, ଜଜ୍, ଟେଷ୍ଟଓ୍ୱାର୍କ ଆଦି ଶବ୍ଦ ଗୁଡ଼ିକୁ ସେ ଅନୁରୂପ ଭାବରେ ଉଲ୍ଲେଖ କରୁଥିଲେ । ତେଣୁ ତାଙ୍କ ଗଦ୍ୟରେ ସଂସ୍କୃତ, ଇଂରାଜୀ, ପାର୍ସୀ, ଲୋକ ମୁଖର କଥିତ ଶବ୍ଦର ସମନ୍ୱୟ ବିଶେଷ ଭାବରେ ଲକ୍ଷ୍ୟ କରାଯାଏ । ଶବ୍ଦ ପ୍ରୟୋଗ କାଳରେ ସେ କେବଳ ତାର ବାହ୍ୟ ରୂପ ଉପରେ ଗୁରୁତ୍ୱ ଦେଉ ନଥିଲେ । ଆପଣା ଚେତନାରେ ତାର ଆତ୍ମାକୁ ଅନୁଭବ କରୁଥିଲେ । ସବୁ ଯେମିତି ଶବ୍ଦ ରୂପରେ ପ୍ରକାଶିତ ହେଉଥିଲା । ବ୍ୟଞ୍ଜନାଧର୍ମୀ ଗଦ୍ୟ ରଚନା କଳାରେ ସେ ଥିଲେ ଦକ୍ଷ ।

ଗୌରୀଶଙ୍କରଙ୍କ ଗଦ୍ୟରେ ଅନେକ ସମୟରେ ଦୀର୍ଘ ବାକ୍ୟ ଏବଂ ସଂସ୍କୃତାଶ୍ରିତ ରୀତି ଅବଶ୍ୟ ଲକ୍ଷ୍ୟ କରାଯାଏ । ମାତ୍ର ଏହାକୁ ବିଦ୍ୟାସାଗରୀୟ ରୀତି ଭାବରେ ଗ୍ରହଣ କରିବା ସମ୍ଭବ ନୁହେଁ । ପୁନଶ୍ଚ ଏହାକୁ ଲୋକ ମୁଖରେ କଥିତ ସ୍ୱାଭାବିକ ଶୈଳୀ ଭାବରେ ବିବେଚନା କରିବା ଯୁକ୍ତିଯୁକ୍ତ ନୁହେଁ । କାରଣ ଗୌରୀଶଙ୍କର ସାହିତ୍ୟରେ କଥନ ରୀତି ଓ ମୁଖର ଶବ୍ଦ ପ୍ରୟୋଗକୁ ସୁନଜରରେ ଦେଖିପାରୁ ନଥିଲେ । ତା ହୋଇଥିଲେ, ଗୋପାଳଚନ୍ଦ୍ର ପ୍ରହରାଜଙ୍କ ଉତ୍କଳ କାହାଣୀ (୧୯୦୧)ର ଗଦ୍ୟ ଶୈଳୀକୁ ସାହିତ୍ୟିକ ଶୈଳୀ ନୁହେଁ ବୋଲି କଟୁ ସମାଲୋଚନା କରି ନଥା'ନ୍ତେ, ତେଣୁ ଭାଷା ସଂଯୋଜନା ଓ ପରିବେଷଣ କଳା ଆଧାରରେ ଗୌରୀଶଙ୍କରଙ୍କୁ ମଧ୍ୟମପନ୍ଥୀ ରୂପରେ ବିବେଚନା କରିବା ଯୁକ୍ତିଯୁକ୍ତ । ସେ ଏକାବେଳକେ ବିଦ୍ୟାସାଗରୀୟ କିମ୍ବା ପ୍ୟାରୀଚାନ୍ଦୀୟ ନୁହନ୍ତି, ବରଂ ବଙ୍କିମ ଚନ୍ଦ୍ରୀୟ । ତାଙ୍କର ଲେଖନୀ ହିଁ ଓଡ଼ିଆ ଗଦ୍ୟଶୈଳୀକୁ ସାମ୍ବାଦିକତା ପାଇଁ ଉପଯୁକ୍ତ କରିପାରିଥିଲା । (୯) ତାଙ୍କର ବଗୁରମଞ୍ଚ ଉପରେ ସଫଳ ଅଭିନୟ କରିଥିଲେ ପ୍ୟାରୀମୋହନ, ଫକୀରମୋହନ, ମଧୁସୂଦନ ଏବଂ ଗୋପବନ୍ଧୁଙ୍କ ପରି ଗଦ୍ୟକାରମାନେ ।

ସମୟ ବଦଳୁଥାଏ । ତା ସହିତ ବଦଳୁଥାଏ ଜାତିର ସାମାଜିକ, ରାଜନୈତିକ, ଧର୍ମୀୟ ଓ ସାହିତ୍ୟିକ ବ୍ୟବସ୍ଥା । ସମସାମୟିକ ମନୀଷୀମାନଙ୍କର ଭାବଧାରା ମଧ୍ୟ ପରିବର୍ତ୍ତନର ପ୍ରକ୍ରିୟା ଭିତରେ ରଙ୍ଗ ବଦଳାଉଥାଏ । ବଦଳୁଥାଏ ସେମାନଙ୍କର ଆତ୍ମ ପ୍ରକାଶନର ରୀତି । ଏ ପ୍ରସଙ୍ଗରେ ଗୌରୀଶଙ୍କରଙ୍କ ଉତ୍କଳ ଦୀପିକାରୁ କେତେ-ଗୋଟି ଉଦାହରଣ ନିଆଯାଇପାରେ । ସନ ୧୮୬୬ ନ ଅଙ୍କ ଦୁର୍ଭିକ୍ଷ ବିଷୟରେ ଲେଖିଥିଲେ "ଏହି ରୂପ ଦିନେ ଦିନେ ଲୋକଙ୍କ ଯନ୍ତ୍ରଣା ବୃଦ୍ଧି ହେଲା । ଅନ୍ନାଭାବରେ ଲୋକମାନେ କ୍ଷୁଧାନିବାରଣ ନିମନ୍ତେ ନାନା ଅଖାଦ୍ୟ ପଦାର୍ଥ ଖାଇବାରୁ ଓ ରୌଦ୍ରର ପ୍ରଚଣ୍ଡ ଉତ୍ତାପ ହେବାରୁ ଓଲାଉଠା ରୋଗର ପ୍ରାଦୁର୍ଭାବ ହେଲା । ଅସଂଖ୍ୟ ପ୍ରାଣୀ ନାଶ ହେଲେ ଓ ଦୁର୍ଭିକ୍ଷର ସମସ୍ତ ଲକ୍ଷଣ ସ୍ପଷ୍ଟ ଦର୍ଶନ ହେଲେ ସୁଦ୍ଧା ଆମ୍ଭର ରକ୍ଷକ ହାକିମ ମାନେ ସେଥିରେ ଭ୍ରୂକ୍ଷେପ ମାତ୍ର କଲେ ନାହିଁ, ଚିତ୍ରାଚ ତାହାଙ୍କର ଜ୍ଞାନ ଥିଲା ଯେ, ଦେଶରେ ଶସ୍ୟ ଅଛି । (ଉ. ଦୀ. ୧୧. ୮. ୬୬)(୧୦) ସେତେବେଳେ ମିଶନାରୀ

(ଇଂରାଜୀ) ଏବଂ ବ୍ରାହ୍ମ ଅଭିଯୋଗ ଯେମିତି ଗୌରୀଶଙ୍କରଙ୍କ କଲମକୁ ସମସ୍ୟା ଜାଲରେ ଛନ୍ଦି ଦେଇଥିଲେ । ତା ପରେ ସେ କ୍ରମଶଃ ମୁକ୍ତି ଖୋଜିଲେ ସେମାନଙ୍କ କବଳରୁ । ବଦଳିବାକୁ ଆରମ୍ଭ କଲେ । ୧୯୦୮ ମସିହା ବେଳକୁ ତାଙ୍କ ପ୍ରକାଶ ଭଙ୍ଗୀରେ ଏକ ଅଦ୍ଭୁତ ପରିବର୍ତ୍ତନ ଦେଖାଦେଲା । ଓଡ଼ିଶାରେ ଚୌକିଦାରୀ ଟିକସ ବସାଯିବାର ପ୍ରତିବାଦରେ ସେ ଲେଖିଥିଲେ—"ଟିକସର ଅସୁଲ ହେଲେ, ଚୌକିଦାର ଦରମା ପାଇବ । ଦରମା ପାଇଲେ ରାତିରେ ପହରା ଦେବ । ପହରା ଦେଲେ ଲୋକେ ଚୋର ଖଣ୍ଟଙ୍କ ଦାଉରୁ ରକ୍ଷା ପାଇବେ । ଏଣେ ପେଟ ତାଉଆଉ ପଛକେ ଟିକସ୍ଟା ଅସୁଲ ହେବା ଉଚିତ । ମାତ୍ର ଚୌକିଦାର୍ କ'ଣ କରିବ × × × ଏଥିରେ କାହା ଖାଇରୁ ଯୋଗିବ, କଦଳୀ କାନ୍ଧେ, ଅଳ୍ପ ଗୋଟାଏ, ଭଣ୍ଡାରୁ କାନ୍ଧେ, ଚୋର ଯାଏ, ତହିଁରେ ଆଶ୍ଚର୍ଯ୍ୟ କ'ଣ ।" (ଉ. ଦୀ. ୧୧. ୪ ୧୯୦୮) କୁମ୍ଭାରୀ ବାଙ୍କିର ପଣ୍ଡିତ ଗୋବିନ୍ଦ ରଥ ମୋକଦ୍ଦମାରୁ ମୁକ୍ତି ପାଇଲା ପରେ "ବାଙ୍କିର ପ୍ରସିଦ୍ଧ ପଣ୍ଡିତ ଗୋବିନ୍ଦ ରଥଙ୍କ ନାମରେ ସେଠା ଭାରପ୍ରାପ୍ତ ଡେପୋଟି କଲେକ୍ଟର ବାବୁ ବାଳମୁକୁନ୍ଦ କାନୁନଗୋଇ ମିଥ୍ୟା ଅପବାଦ ରଚନା କରିଥିବା ମର୍ମରେ ଦଣ୍ଡବିଧି ଆଇନର ଦଫା ମତେ ଯେଉଁ ମୋକଦ୍ଦମା କରିଥିଲେ ତହିଁରେ ବାଲେଶ୍ୱରର ଡେପୋଟି ମେଜେଷ୍ଟ୍ରେଟ୍ ଏ. କେ. ରାୟ ସାହେବଙ୍କ ବିଚାରରେ ମୁକ୍ତି ପାଇଥିବା ବିଷୟ ପାଠକମାନଙ୍କୁ କହୁଅଛୁ (ଉ. ଦୀ. ୧୮. ୪. ୧୯୦୮) ଉପର୍ଯ୍ୟୁକ୍ତ ଗଦ୍ୟରେ ଭାଷାର ଆଡ଼ମ୍ବର ନାହିଁ । ସଂସ୍କୃତ ଶବ୍ଦ ପ୍ରତି ଲୋଭ ନାହିଁ । ବାକ୍ୟକୁ ଇଂରାଜୀ ଶୈଳୀରେ ଗଢ଼ିବାର ପ୍ରୟାସ ନାହିଁ । ତାହା ଯେମିତି ଲୋକ ମୁଖର ସ୍ୱାଭାବିକ ଅଭିବ୍ୟକ୍ତିର ସ୍ପଷ୍ଟ ସଙ୍କେତ । ମାତ୍ର ତଦନୁଧାନର କିଛି ମାସ ପୂର୍ବରୁ ଉତ୍କଳ ସାହିତ୍ୟ ସମାଜର ଦ୍ୱାଦଶ ବାର୍ଷିକ ଅଧିବେଶନ (ତା-୧୬. ୧୨. ୧୯୧୬) ରେ ଆପଣାର ପ୍ରଦତ୍ତ ଅଭିଭାଷଣରେ ସେ କହିଥିଲେ—"ପୈତୃକ ସମ୍ପତ୍ତିର ସଂରକ୍ଷଣ ଏବଂ ପରିବର୍ଦ୍ଧନ ଏବଂ ତଦ୍ଦ୍ୱାରା ସାଧାରଣ ହିତ ସାଧନ ସତ୍ପୁତ୍ରର ଲକ୍ଷଣ । ପୂର୍ବ ପୁରୁଷଙ୍କ ଠାରୁ ଉତ୍ତରାଧିକାର ସୂତ୍ରରେ ପ୍ରାପ୍ତ ଅମୂଲ୍ୟ ସାହିତ୍ୟ ଧନର ଉଚିତ ବ୍ୟବହାର ନକଲେ, ଆମ୍ଭେମାନେ ସୁପୁତ୍ର ଆଖ୍ୟାର ଯୋଗ୍ୟ ହେବୁ ନାହିଁ ।" ଉପର୍ଯ୍ୟୁକ୍ତ ଅଭିଭାଷଣରେ ଗୌରୀଶଙ୍କରଙ୍କର ଭାଷା ଜବନିକି ଯେମିତି ମୁକୁଳିତ ହୋଇଯାଇଥିଲା । (୧୩) ଏ ଶୈଳୀ କେବଳ ଗୌରୀଶଙ୍କରଙ୍କର ନୁହେଁ, ପ୍ରାୟ ଗୋଟାଏ ଶତାବ୍ଦୀ ଧରି ଚାଲିଥିବା ଓଡ଼ିଆ ଗଦ୍ୟର ରୂପାନ୍ତର ପ୍ରକ୍ରିୟାର ଇତିହାସ । ହୃଦୟର ଯେ କୌଣସି ଭାବକୁ ମନଯୋଗ୍ୟ ଶୈଳୀରେ ପ୍ରକାଶ କରିବା ପାଇଁ ଓଡ଼ିଆ ଭାଷାରେ ଶବ୍ଦମାଳାର ଯେ ଅଭାବ ନାହିଁ, ତାହା ତାଂକ ଗଦ୍ୟରେ କ୍ରମଶଃ ଅଭିବ୍ୟକ୍ତି ଲାଭ କରୁଥିଲା ।

ଗୌରୀଶଂକର ସାହିତ୍ୟ ଲେଖି ନ ଥିଲେ । ମାତ୍ର ଆପଣା କାଳର ସାହିତ୍ୟିକମାନଂକର ସେ ଥିଲେ ପ୍ରେରଣାଦାତା, ଅନ୍ୟ ପକ୍ଷରେ ଓଡ଼ିଆ ଜାତୀୟତାର ଉତ୍ସ । ପ୍ରାୟ ପଚାଶ ବର୍ଷର ଉତ୍କଳ ଦୀପିକା ପୃଷ୍ଠାରେ ଓଡ଼ିଆ ଗଦ୍ୟର ଯେଉଁ କ୍ରମ ବିବର୍ତ୍ତିତ ରୂପ ଲକ୍ଷ୍ୟ କରାଯାଏ ତାହା ଯେ ଜଣେ ବ୍ୟକ୍ତିର ସମସ୍ୟା ଅବଗାହୀ ଆତ୍ମାର

ଉଚ୍ଚାରଣ, ସାଂକେତିକ ପ୍ରତିରୂପ, ସଞ୍ଜସ୍ୱୀ ଅବବୋଧରେ ଶକ୍ତିଶାଳୀ, ଏ ସତ୍ୟକୁ ନିର୍ବିବାଦରେ ସ୍ୱୀକାର କରଯାଇ ପାରେ । ଉତ୍କଳ ଦୀପିକା ଥିଲା କ୍ରମ-ବିବର୍ତ୍ତିତ ଓଡ଼ିଆ ଗଦ୍ୟ ଶୈଳୀର ପରୀକ୍ଷା ଭୂମି ।

## ସହାୟକ ଗ୍ରନ୍ଥ ଓ ପତ୍ରିକା ସୂଚୀ :—


୧- Mayhew Aurthur — Christianity in India, Gian Publishing House, 2916 Shaktinagar, New Delhi-7 Pages 24 26.

୨- ମିଶ୍ର ଶ୍ରୀନିବାସ—(୧୯୭୮) ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟ, ବିଦ୍ୟାପୁରୀ, କଟକ, ପୃ ୫, ୫୮ ।

୩- ଅବଦୁଲ୍ ଅଜିଜ ଆଲ ଅମାନ୍ (ସମ ) ସାହିତ୍ୟ ସଭା । ପ୍ରକାଶକ: ଏସ ମଲ୍ଲିକ, ୩୭ ଏ, କଲେଜ ଛକ, କଲିକତା, ପୃ ୨୫୨-୨୯ ।

୪- ସାମନ୍ତରାୟ ନଟବର—(୧୯୭୭) ଓଡ଼ିଆ ସାହିତ୍ୟରେ ସମୀକ୍ଷା ଓ ସଂଗ୍ରହ, ଶ୍ରୀମତୀ ଗଙ୍ଗାବାଈ ସାମନ୍ତରାୟ, ଭୁବନେଶ୍ୱର, ପୃ ୫୬-୬୬ ।

(କ) Shastri, Sibanath—History of Brahma Samaj Second Edition (1974) Page 520

୫- ପୁସ୍ତକ ଟିପ୍ପଣୀ — ୪ ପୃ ୫୬-୬୬ ।

୬- ସାମନ୍ତରାୟ ନଟବର (୧୯୬୪) ଓଡ଼ିଆ ସାହିତ୍ୟର ଇତିହାସ (୧୮୦୩-୧୯୨୦) ବାଣୀ ଭବନ, ସାମନ୍ତରାପୁର, ଭୁବନେଶ୍ୱର ଦ୍ୱି.ସଂ : ୧୯୮୩ ପୃ ୨୨୫-୩୬ ।

୭- ସାମନ୍ତରାୟ ନଟବର ୧୯୬୪) – ଓଡ଼ିଆ ସାହିତ୍ୟର ଇତିହାସ ପୃ ୨୦୧-୨୫୧ । ପଟ୍ଟନାୟକ ସୁଧାକର (୧୯୭୨) ସମ୍ବାଦ ପତ୍ରରୁ ଓଡ଼ିଶାର କଥା, ଗ୍ରନ୍ଥ ମନ୍ଦିର କଟକ, ପୁସ୍ତକର ପୃ ୫୦୧-୦୪, ୫୩୧-୩୬; ଦାଶ ଗଗନେନ୍ଦ୍ର ନାଥ (୧୯୮୩)ଙ୍କ ଓଡ଼ିଆ ଭାଷା ଚର୍ଚ୍ଚାର ପରମ୍ପରା, ଓଡ଼ିଆ ଗବେଷଣା ପରିଷଦ, କଟକ ପୁସ୍ତକର ପୃ ୪୩-୫୫, ଏବଂ ଦାଶ ଗଗନେନ୍ଦ୍ର ନାଥଙ୍କ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ, ଝଙ୍କାର, ୧୯୮୬ର ନଭେମ୍ବର, ଡିସେମ୍ବର, ସାମନ୍ତରାୟ ନଟବରଙ୍କ ଓଡ଼ିଆ ଭାଷା ବିଲୋପ ଆନ୍ଦୋଳନ ଏକ ସ୍ପଷ୍ଟୀକରଣ ଝଙ୍କାର—(୧୯୮୮) ଅଗଷ୍ଟ, ସେପଟେମ୍ବର, (୧୯୮୯) ଜାନୁଆରୀ ଏବଂ ଦାଶ ଗଗନେନ୍ଦ୍ର ନାଥଙ୍କ, ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ ' ଏକ ପୁନର୍ମୂଲ୍ୟାବଲୋକନ, ଝଙ୍କାର (୧୯୮୯) ଅଗଷ୍ଟ, ଅକ୍ଟୋବର, ନଭେମ୍ବର (୧୯୯୦) ଜାନୁଆରୀ, ମାର୍ଚ୍ଚ ଓ ଜୁନ ସଂଖ୍ୟା

ଏବଂ ରଥ ପଣ୍ଡିତ ମୃତ୍ୟୁଞ୍ଜୟଙ୍କ ଲିଖିତ 'କର୍ମଯୋଗୀ ଗୌରୀଶଙ୍କର'—ମୃତ୍ୟୁଞ୍ଜୟ ଗ୍ରନ୍ଥାବଳୀ (୧୯୭୧) କଟକ ଷ୍ଟୁଡେଣ୍ଟସ ଷ୍ଟୋର, ପୃ ୩୭୪-୩୮୯, ଦ୍ରଷ୍ଟବ୍ୟ ।

୮- ରଥ, ପଣ୍ଡିତ ମୃତ୍ୟୁଞ୍ଜୟ : କର୍ମଯୋଗୀ ଗୌରୀଶଙ୍କର (୧୯୨୫) ମୃତ୍ୟୁଞ୍ଜୟ ଗ୍ରନ୍ଥାବଳୀ (୧୯୭୧) କଟକ ଷ୍ଟୁଡେଣ୍ଟସ ଷ୍ଟୋର, କଟକ-୨ ।

୯- ମହାନ୍ତି, ସୁରେନ୍ଦ୍ର (୧୯୮୮) ଓଡ଼ିଆ ସାମ୍ବାଦିକତାର ଜନକ ଗୌରୀଶଙ୍କର, କର୍ମବୀର ଗୌରୀଶଙ୍କର ସ୍ମରଣିକା, ଗୌରୀଶଙ୍କର ସ୍ମୃତି ସଂସଦ, କଟକ ୧ । ପୃ ୧୪୦ ।

୧୦- ମହାନ୍ତି ବଂଶୀଧର—ସମ୍ପାଦନା (୧୯୭୮) ଅଠରଶ ଛଷଠି, ଫ୍ରେଣ୍ଡସ ପବ୍ଲିସର୍ସ କଟକ-୨ । ପୃ ୧୧ ।

୧୧- Mazumdar, B.C. (1925)—Typical Selections from Oriya, Litratese, vol-3, Calcutta University, Introduction XXVII.

୧୨- ପୁସ୍ତକ ଟିପ୍ପଣୀ ପୃ-୩୫୭ ।

ଉପାଧ୍ୟକ୍ଷ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ସରକାରୀ ମହାବିଦ୍ୟାଳୟ,
ଅନୁଗୁଳ, ଢେଙ୍କାନାଳ ।

# ଓଡ଼ିଶାର ନବଜାଗରଣ ଓ ବୁଦ୍ଧିଜୀବୀ ଗୌରୀଶଙ୍କର

ଦେବେନ୍ଦ୍ର କୁମାର ଦାଶ

## ॥ ଏକ ॥

ଊନବିଂଶ ଶତାବ୍ଦୀ, ଓଡ଼ିଶା ତଥା ଭାରତ ଇତିହାସର ଏକ ସନ୍ଧିକାଳ । ଏହି ଶତାବ୍ଦୀରେ ସମଗ୍ର ଭାରତରେ ଦେଖା ଦେଇଥିବା ସାମାଜିକ, ରାଜନୈତିକ ଆନ୍ଦୋଳନ ଭାରତ ଇତିହାସର ଗତିପଥକୁ ନୂତନ ଭାବେ ନିର୍ଦ୍ଧାରଣ କରିଥିଲା, ଭାରତୀୟ ମନୀଷା ବିଚିତ୍ର ଭାବରେ ଆପଣାକୁ ଅଭିବ୍ୟକ୍ତ କରିଥିଲା । ଏହି ପରିବର୍ତ୍ତନର ଗୁଣଗତ ବୈଶିଷ୍ଟ୍ୟ ଏବେ ବି ବିତର୍କର ବିଷୟ । ଔପନିବେଶିକ ଶାସନ ବ୍ୟବସ୍ଥା ଭିତରେ ଏହା ମୁଷ୍ଟିମେୟ ଜନସାଧାରଣଙ୍କୁ ହିଁ ସ୍ପର୍ଶ ଓ ପ୍ରଭାବିତ କରିଥିଲା । ତଥାପି ସୀମିତ ଅର୍ଥରେ ଏହା ନବଜାଗରଣ ରୂପରେ ଗୃହୀତ । ଗୌରୀଶଙ୍କର ରାୟ (୧୩. ୭. ୧୮୩୮— ୭. ୩. ୧୯୧୭, ଓଡ଼ିଶାରେ ଏହି ନବଜାଗରଣ ଥିଲେ ଅଗ୍ରଗ ଅଭିଯାତ୍ରୀ ।

ଗୌରୀଶଙ୍କରଙ୍କ ସାମାଜିକ ଭୂମିକାର ମୂଲ୍ୟାୟନ ତାଙ୍କ ସମକାଳରେ ହିଁ ଆରମ୍ଭ ହୋଇ ଯାଇଥିଲା । ତାଙ୍କୁ ଯେତେବେଳେ ମାତ୍ର ତିରିଶ ବର୍ଷ, ସେତେବେଳେ କବି ରାଧାନାଥ ଏକ କବିତାରେ ତାଙ୍କୁ 'ଉତ୍କଳ-ସମରର ନାୟକ' ପାର୍ଥ ରୂପେ ଅଭିହିତ କରିଥିଲେ । ପାଠ୍ୟ ପୁସ୍ତକ ଆନ୍ଦୋଳନ ଓ ଭଞ୍ଜୀୟ-କାବ୍ୟ ଆନ୍ଦୋଳନ ନେଇ ଯେତେବେଳେ ସେ ଜଣେ ଅତି ବିତର୍କିତ ବ୍ୟକ୍ତିତ୍ୱ, ସେତିକି ବେଳେ 'ନବ-ଯୁଗ-ଉଷା-ପ୍ରଭା ଦୀପିକା'ର ସମ୍ପାଦକ ଓ ପ୍ରକାଶକ ହିସାବରେ କବି ମଧୁସୂଦନଙ୍କ ଦ୍ୱାରା ସେ ଅଭିନନ୍ଦିତ ହୋଇଥିଲେ । ଫକୀର ମୋହନ ମଧ୍ୟ ତାଙ୍କୁ କର୍ମୀ ଓ ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନର ନାୟକ ହିସାବରେ ପ୍ରଣାମ ଜଣେଇଛନ୍ତି । ତାଙ୍କ ମୃତ୍ୟୁ ପରେ ପରେ ଯେଉଁ ତିନିଜଣ (ଶ୍ରୀଧର ରାଓ, ମୃତ୍ୟୁଞ୍ଜୟ ରଥ ଓ ଲଳିତେନ୍ଦୁ କୁମାର ରାୟ) ତାଙ୍କ ଜୀବନୀ ଲେଖିଛନ୍ତି ସେମାନେ ତାଙ୍କୁ ମୁଖ୍ୟତଃ କର୍ମଯୋଗୀ, କର୍ମବୀର ଆଦି ଉପାଧିରେ ଭୂଷିତ କରିଛନ୍ତି । ଓଡ଼ିଶାରେ ପ୍ରିଣ୍ଟିଂ ପ୍ରେସ ସ୍ଥାପନ ସମ୍ବାଦ ପତ୍ର ପ୍ରକାଶନ, ଓଡ଼ିଆ ଭାଷାକୁ ସରକାରୀ ସ୍ତରରେ ପ୍ରତିଷ୍ଠା ପାଇଁ ସଂଗ୍ରାମ, ପ୍ରାଚୀନ ଓଡ଼ିଆ ସାହିତ୍ୟର ପୁନରୁଦ୍ଧାର, ବିଭିନ୍ନ ସାମାଜିକ ଓ ରାଜନୈତିକ ଆନ୍ଦୋଳନରେ ଅଂଶ ଗ୍ରହଣ, କାୟସ୍ଥ ଛାତ୍ରାବାସ, ବିଦ୍ୟାଳୟ, ଚିକିତ୍ସାଳୟ ସ୍ଥାପନ, ସଦୋପଦେଶ

କଟକ ଟାଉନ ହଲ ପ୍ରତିଷ୍ଠା ତାଙ୍କ କର୍ମୀ ଜୀବନର ବିଭିନ୍ନ ସ୍ମାରକୀ ରୂପରେ ଉଲ୍ଲିଖିତ । ଏବେ ମଧ୍ୟ ତାଙ୍କର ସେହି କର୍ମୀ-ଭୂମିକା ଉପରେ ହିଁ ଅତ୍ୟଧିକ ଗୁରୁତ୍ୱ ଆରୋପିତ । ତାଙ୍କର ସାର୍ଧ ଶତବାର୍ଷିକୀ ଉପଲକ୍ଷେ 'ଗୌରୀଶଙ୍କର ସ୍ମୃତି ସଂସଦ' ଆନୁକୂଲ୍ୟରେ ପ୍ରକାଶିତ 'କର୍ମବୀର ଗୌରୀଶଙ୍କର' ପୁସ୍ତକର ଶୀର୍ଷକରେ ତାଙ୍କର କର୍ମୀ ଜୀବନ ଉପରେ ଜୋର ଦିଆଯାଇଥିଲେ ବି ଏଥିରେ ସଂଯୁକ୍ତ କେତେକ ପ୍ରବନ୍ଧରେ ଗୌରୀଶଙ୍କରଙ୍କ କୃତିତ୍ୱର ଅନ୍ୟ କେତେକ ଦିଗ ଉପରେ ଆଲୋକ ପାତ କରାଯାଇଛି । ଏହି ଦୃଷ୍ଟିରୁ ସର୍ବଶ୍ରୀ ପଠାଣି ପଟ୍ଟନାୟକ, ଗୋବିନ୍ଦ ଚନ୍ଦ୍ର ନାୟକ, ନିହାର ରଞ୍ଜନ ପଟ୍ଟନାୟକ, କୁଳମଣି ରାଉତ, ହେମନ୍ତ କୁମାର ଦାସ ତଥା ସ୍ୱର୍ଗତଃ ସୁରେନ୍ଦ୍ର ମହାନ୍ତି ପ୍ରମୁଖଙ୍କ ପ୍ରବନ୍ଧ ଗୁରୁତ୍ୱପୂର୍ଣ୍ଣ । କେବଳ କର୍ମୀ ଭାବରେ ନୁହେଁ, ଜଣେ ବୁଦ୍ଧିଜୀବୀ ତଥା ଚିନ୍ତାନାୟକ ଭାବରେ ଗୌରୀଶଙ୍କର ତାଙ୍କ ସମୟକୁ ଯେଭଳି ଭାବେ ଆଲୋଚନା କରିଥିଲେ ଓ ଭବିଷ୍ୟତ ପାଇଁ ଯେଉଁ ପଥ-ନିର୍ଦ୍ଦେଶ କରିଥିଲେ, ତାହାର କେତେକ ସୂଚନା ଉପରୋକ୍ତ ଲେଖକମାନଙ୍କର ପ୍ରବନ୍ଧରେ ରହିଛି । ଉପରୋକ୍ତ ସଂକଳନର ପ୍ରକାଶ ପୂର୍ବରୁ ଡକ୍ଟର ନଟବର ସାମନ୍ତରାୟ ତାଙ୍କର 'ଓଡ଼ିଆ ସାହିତ୍ୟ ଇତିହାସ' ପୁସ୍ତକ ଓ ଅନ୍ୟାନ୍ୟ ପ୍ରବନ୍ଧରେ ଓଡ଼ିଆ ଭାଷାକୁ ବିଲୋପନରୁ ଉଦ୍ଧାର ଓ ପ୍ରତିଷ୍ଠା କରିବାରେ ସେ ଯେଉଁ ସଂଗ୍ରାମୀ ଭୂମିକା ନେଇଥିଲେ, ତାହାକୁ ଅର୍ଧ-ସତ୍ୟ ଓ କାହାଣୀର ବଳୟରୁ ମୁକ୍ତ କରି ଓଡ଼ିଆ ପାଠକମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିଥିଲେ ।

ଗୌରୀଶଙ୍କରଙ୍କ କର୍ମୀ ଭୂମିକାକୁ ଅସ୍ୱୀକାର ନ କରି, ଏତିକି କୁହାଯାଇପାରେ ଯେ, ତାଙ୍କ କର୍ମ ଥିଲା ମୁଖ୍ୟତଃ ବୌଦ୍ଧିକ-କର୍ମ । ଗୌରୀଶଙ୍କର ମୁଖ୍ୟତଃ ଥିଲେ ଜଣେ ସାମ୍ବାଦିକ ଓ ଚିନ୍ତାନାୟକ । ସାମାଜିକ-ଆନ୍ଦୋଳନ ଠାରୁ ରାଜନୈତିକ ଚିନ୍ତାଧାରା ପର୍ଯ୍ୟନ୍ତ ଗୌରୀଶଙ୍କରଙ୍କ ଅଧିକାଂଶ କ୍ରିୟା ଥିଲା ବୁଦ୍ଧିମାର୍ଗୀୟ । ଓଡ଼ିଆ ଜାତୀୟତାର ତାହା ଥିଲା ଉନ୍ମେଷ ପର୍ବ ଓ ଓଡ଼ିଆ ଜାତୀୟ ଚେତନାର ଭଗୀରଥ ଥିଲେ ଗୌରୀଶଙ୍କର । ଭାଷା ସୁରକ୍ଷା ଆନ୍ଦୋଳନର ନେତୃତ୍ୱ, ଓଡ଼ିଆ ସାହିତ୍ୟର ପୁନରୁଦ୍ଧାର, ଓଡ଼ିଆ ଗଦ୍ୟ ଶୈଳୀର ଜନ୍ମାନ୍ତର ଓ ସର୍ବୋପରି ସମ୍ବାଦପତ୍ର ମଧ୍ୟ ଦେଇ ଓଡ଼ିଶାର ମଧ୍ୟବିତ୍ତମାନଙ୍କୁ ନୂଆ ଜୀବନ ପ୍ରତି ଆକୃଷ୍ଟ କରିବା ଗୌରୀଶଙ୍କରଙ୍କ ବୁଦ୍ଧିଜୀବୀ ଭୂମିକାର ସମ୍ପ୍ରସାରଣ ।

## ।। ଦୁଇ ।।

ଆଧୁନିକ ଶିଳ୍ପ ସଭ୍ୟତାର ମାନଦଣ୍ଡରେ ଅନଗ୍ରସର ରୂପେ ଅଭିହିତ କୌଣସି ସମାଜରେ ଜଣେ ବୁଦ୍ଧିଜୀବୀଙ୍କର ଆବିର୍ଭାବ ସହଜ ଓ ସରଳ ସାମାଜିକ ପ୍ରଗତି ହେତୁ ସମ୍ଭବ ହୋଇନଥାଏ । କୌଣସି ତଥାକଥିତ ଅଗ୍ରସର ବା ପ୍ରଗତିଶୀଳ ସମାଜ ବା ରାଷ୍ଟ୍ର ସହ ପଶ୍ଚାତ୍‌ବର୍ତ୍ତୀ ସମାଜ ବା ରାଷ୍ଟ୍ରର ସଂଘର୍ଷ ଓ ସଂଯୋଗ ଫଳରେ ସୃଷ୍ଟି

ହେଉଥିବା ସାମାଜିକ ଓ ଆର୍ଥିକ ଆବର୍ତ୍ତରୁ ଏହି ବୁଦ୍ଧିଜୀବୀଙ୍କର ଆବିର୍ଭାବ । ଅନ୍ୟ ଭାଷାରେ କହିଲେ ଯେତେବେଳେ ଅସମ ବିବର୍ତ୍ତନ ହେତୁ ଦୁଇଟି ଭିନ୍ନ ଭିନ୍ନ ପର୍ଯ୍ୟାୟରେ ଅବସ୍ଥାନ କରୁଥିବା ଦୁଇଟି ସମାଜ ବା ରାଷ୍ଟ୍ର ସଂଘାତ ସଂଯୋଗ ଫଳରେ ଘନିଷ୍ଠ ହୋଇ ପଡ଼େ, ସେତେବେଳେ ଅନଗ୍ରସର ସମାଜରେ ବୁଦ୍ଧିଜୀବୀଙ୍କର ଅଭ୍ୟୁଦୟ ଅନିବାର୍ଯ୍ୟ ହୋଇପଡ଼େ । ଅଷ୍ଟାଦଶ ଶତକର ଭାରତବର୍ଷର ରାଷ୍ଟ୍ରୀୟ, ସାମାଜିକ ପ୍ରାଙ୍ଗଣରେ ସଂଘଟିତ ହୋଇଥିବା ଉପପ୍ଲାବୀ ଘଟଣା ହେତୁ ଗୋଟିଏ ଜୀବନ୍ମୃତ ସଭ୍ୟତା ଉପରେ ପଶ୍ଚିମର ଗୋଟିଏ ଗତିଶୀଳ ଆଗ୍ରାସୀ ସଭ୍ୟତାର ଆକ୍ରମଣ ଆରମ୍ଭ ହୋଇଯାଇଥିଲା । ଏହି ଆକ୍ରମଣ ଆରମ୍ଭ ହୋଇଥିଲା ପ୍ରାୟତଃ ସମକାଳରେ ଭାରତର ତିନୋଟି ନଗରେ - କଲିକତା, ବମ୍ବେ ଓ ମାନ୍ଦ୍ରାଜରେ । ପରେ ତାହା ଭାରତର ବିଭିନ୍ନ ଅଞ୍ଚଳକୁ ପ୍ରସାରିତ ହୋଇଥିଲା । ଫଳରେ, ଦୁଇଟି ସମ୍ପୂର୍ଣ୍ଣ ବିପରୀତଧର୍ମୀ ଜୀବନଦର୍ଶନ ଓ ବିଶ୍ୱବୋଧର ଆକ୍ରମଣ ଓ ଆତ୍ମରକ୍ଷାର ଆବଶ୍ୟକତା ଯେଉଁ ଜଟିଳ ଭାବାବର୍ତ୍ତର ସୃଷ୍ଟି କରିଥିଲା, ତାହା ପ୍ରତ୍ୟାଶିତ ଭାବରେ ଆଧୁନିକ ବୁଦ୍ଧିଜୀବୀର ଗତିଶୀଳତାର ମାର୍ଗକୁ ନିୟନ୍ତ୍ରିତ କରିଛି ।

ଗୌରୀଶଙ୍କରଙ୍କ ଉପରେ କୌଣସି ଆଲୋଚନା ଆରମ୍ଭ କରିବା ପୂର୍ବରୁ ବିଷୟଟିକୁ ଭିନ୍ନ ଭାବରେ ଉପସ୍ଥାପନ କରାଯାଇପାରେ । ଅର୍ଥନୈତିକ ଉତ୍ପାଦନରେ ନିର୍ଦ୍ଦିଷ୍ଟ ଭୂମିକା ସହ କୌଣସି ଶ୍ରେଣୀ ଯେତେବେଳେ ଇତିହାସର କୌଣସି ସ୍ତରରେ ବିବର୍ତ୍ତିତ ହୁଏ, ସେତେବେଳେ ଏକ କାଳରେ ଏକ ବା ଏକାଧିକ ବୁଦ୍ଧିଜୀବୀ ଗୋଷ୍ଠୀ ଜନ୍ମ ନିଅନ୍ତି । ଏହି ବୁଦ୍ଧିଜୀବୀମାନେ ଆପଣା ଶ୍ରେଣୀର ଭାବାଦର୍ଶ ପ୍ରଚାର କରନ୍ତି, ବିଶ୍ଳେଷଣ କରନ୍ତି ସେହି ଶ୍ରେଣୀର କର୍ମକାଣ୍ଡ । ସାମାଜିକ ରାଜନୈତିକ ନାନ୍ଦନିକ ଆଦି ଯାବତୀୟ କର୍ମରେ ବୁଦ୍ଧିଜୀବୀଗଣ ଆପଣା ଶ୍ରେଣୀକୁ ସବର୍ଣ୍ଣତାବୋଧ ଓ ଆତ୍ମ-ବିଶ୍ୱାସରେ ସମୃଦ୍ଧ କରନ୍ତି । ଦୃଷ୍ଟାନ୍ତ ସ୍ୱରୂପ କୁହାଯାଇପାରେ, ଆଧୁନିକ ପୁଞ୍ଜିପତି ଶ୍ରେଣୀର ଅଭ୍ୟୁଦୟ ସହ ରାଜନୀତି, ଅର୍ଥନୀତି, ଦର୍ଶନ ସାହିତ୍ୟ ଓ ନ୍ୟାୟବିଚାର କ୍ଷେତ୍ରରେ ଏମାନଙ୍କ ଭୂମିକାକୁ ଶ୍ରେଷ୍ଠ ପ୍ରତିପାଦନ କରିବା ପାଇଁ ଏକ ପଣ୍ଡିତବର୍ଗର ଅଭ୍ୟୁଦୟ ଦେଇଥିଲା । ଭାରତବର୍ଷରେ ଔପନିବେଶିକ ଶାସନ କାୟେମ ରଖିବା ପାଇଁ ଇଂରେଜ ଶାସକବର୍ଗ ଓ ଇଂରେଜ ବଣିକ ଶ୍ରେଣୀକୁ ଅନୁସରଣ କରି ଭାରତରେ ନବ-ଧନିକ ଶ୍ରେଣୀ ଓ ନୂଆ ଭୂମ୍ୟଧିକାରୀ ବା ଜମିଦାର ଗୋଷ୍ଠୀର ଆବିର୍ଭାବ ଘଟିଥିଲା । ସୁତରାଂ ସାମାଜିକ କ୍ରମର ନିୟମ ଅନୁଯାୟୀ ସେମାନଙ୍କ ଆଦର୍ଶର ପ୍ରବକ୍ତା ହିସାବରେ ଗୋଟିଏ ବୁଦ୍ଧିଜୀବୀ ଗୋଷ୍ଠୀର ଅଭ୍ୟୁଦୟ ପ୍ରତ୍ୟାଶିତ ଓ ସ୍ୱାଭାବିକ । ବିତ୍ତବାନମାନଙ୍କର ବିତ୍ତ ଓ ବୁଦ୍ଧିଜୀବୀମାନଙ୍କର ମେଧା—ଏହି ଦୁଇ ସ୍ତମ୍ଭ ଉପରେ ଛିଡ଼ା ହୋଇ ଔପନିବେଶିକ ବ୍ୟବସ୍ଥା ଅନ୍ତରାଳରେ ଚରମ ଶୋଷଣ କ୍ରିୟା ସହ ତା'ର ତଥାକଥିତ ପ୍ରଗତିଶୀଳତାର ବାଣୀ ପ୍ରଚାର କରିଥିଲା । ଏଥିରୁ ଆଉ ଗୋଟିଏ ସତ୍ୟ ଉଦଭାସିତ, ତାହା ହେଲା ସମାଜ-ରୂପାନ୍ତରରେ ବିତ୍ତର ଯେଭଳି, ମେଧାର ମଧ୍ୟ ସେହିଭଳି ଏକ

କାର୍ଯ୍ୟକାରୀ ଅଥବା ଫଙ୍କସନାଲ ଭୂମିକା ରହିଛି । ପୁଣି ବେଳେବେଳେ ଦେଖାଯାଏ ଯେ ବିତ୍ତ ଓ ମେଧା ଜଣେ ବ୍ୟକ୍ତିଙ୍କ ଠାରେ କେନ୍ଦ୍ରୀଭୂତ—ଜଣେ ବ୍ୟକ୍ତିଙ୍କର ଯୁଗଳ ଭୂମିକା । ପୁଣି ବେଳେବେଳେ ଦେଖାଯାଏ, ମେଧା ବ୍ୟକ୍ତିଙ୍କୁ ବିତ୍ତବାନ ହେବାରେ ସାହାଯ୍ୟ କରିଛି ଓ ମେଧା ତଥା ବିତ୍ତର ଯୁଗଳ ମିଳନ ବ୍ୟକ୍ତିଙ୍କୁ ବୁଦ୍ଧିଜୀବୀ ଭାବରେ ଏକ ଆପଣଃ ସ୍ୱନିର୍ଭର ଓ ସାହସୀ ଭୂମିକା ଦେବାରେ ସହାୟକ ହୋଇଛି । ଗୌରୀଶଙ୍କରଙ୍କ ବୁଦ୍ଧିଜୀବୀ-ଜୀବନ ଏହାର ଦୃଷ୍ଟାନ୍ତ ।

ଓଡ଼ିଶା ଭଳି ଅନଗ୍ରସର ରାଜ୍ୟରେ ବୁଦ୍ଧିଜୀବୀଙ୍କର ଭୂମିକାର ସ୍ୱରୂପ ଓ ସେମାନଙ୍କର ଚାରିତ୍ରିକ ବୈଶିଷ୍ଟ୍ୟ ନେଇ କେତୋଟି ପ୍ରସଙ୍ଗର ଅବତାରଣା କରାଯାଇ ପାରେ । ଅଧ୍ୟାପକ ଆରନଲ୍ଡ଼ ଟଏନବୀ ପ୍ରାଚ୍ୟ-ପାଶ୍ଚାତ୍ୟ ସଂଘାତ କାଳୀନ ଐତିହାସିକ ବୈଶିଷ୍ଟ୍ୟର ଆଲୋଚନା କଲାବେଳେ ବୁଦ୍ଧିଜୀବୀମାନଙ୍କୁ 'ମାନବୀୟ ଟ୍ରାନ୍ସଫର୍ମର ରୂପେ ଅଭିହିତ କରିଛନ୍ତି । ଗୋଟିଏ ଯାନ୍ତ୍ରିକ ଟ୍ରାନ୍ସଫର୍ମର ଯେଉଁଭଳି ଭିନ୍ନ ଶକ୍ତି ସଂପନ୍ନ ବିଦ୍ୟୁତ୍ଭବ ସ୍ୱ ଯନ୍ତ୍ରରୁ ବିଦ୍ୟୁତ ପ୍ରବାହ ଗ୍ରହଣ କରିଥାଏ; ବୁଦ୍ଧିଜୀବୀଗଣ ସେହିଭଳି ଗୋଟିଏ ଜଗତରୁ ଆହରିତ ଜ୍ଞାନ, ଧାନଧାରଣା ଓ ଭାବାଦର୍ଶ ଆଦିକୁ ଅନ୍ୟ ଏକ ଜଗତରେ ସଂଚାଳିତ କରନ୍ତି । ଏହି ବୁଦ୍ଧିଜୀବୀଗଣ ହେଲେ ନୂତନ ଭାବାଦର୍ଶର ପ୍ରସାର ଓ ସଞ୍ଚାରଣର ମାଧ୍ୟମ—ଏହି ବିଷୟରେ ସମସ୍ତ ଇତିହାସବେତ୍ତା ପଣ୍ଡିତ ଓ ସମାଜତାତ୍ତ୍ୱିକଗଣ ଏକମତ । ସମାଜକ୍ରାନ୍ତି ମୁହୂର୍ତ୍ତରେ ସେମାନେ ଗ୍ରହଣ କରନ୍ତି ସଂଯୋଗ-ସ୍ଥାପୟିତାର ଭୂମିକା । ସେହି ଭୂମିକା ଗ୍ରହଣ ପାଳନ ପାଇଁ ତାଙ୍କର ବ୍ୟକ୍ତିଗତ ଓ ସାମାଜିକ ଜୀବନକୁ କଠୋର ଭାବେ ନିୟନ୍ତ୍ରିତ କରିବାକୁ ହୋଇଥାଏ । ମାନବିକ ଇତିହାସର ଗୋଟିଏ ବନ୍ଦରରୁ ଅନ୍ୟ ଏକ ବନ୍ଦରକୁ ଯାତ୍ରା କଲାବେଳେ ଉଚ୍ଚ ଭାବରାଗି ଓ ଆଦର୍ଶବାଦରେ ସେମାନେ ଥାଆନ୍ତି ଉଦବୁଦ୍ଧ । ନୂଆ ଜ୍ଞାନର ଆଲୋକ ଅନ୍ୟ ଜଗତରୁ ଗ୍ରହଣ କରି ଆପଣା ଦେଶ ବା ଜାତିକୁ ଆଲୋକିତ କଲାବେଳେ ସେହି ଆଲୋକର ଦୀପ୍ତିରେ ଆପଣାର ଅନ୍ତର୍ଜଗତକୁ ମଧ୍ୟ ସେମାନେ ଆଲୋକିତ କରିଥାନ୍ତି । ଅନ୍ତର ସତ୍ତା ଭିତରେ ଅନୁଭୂତ ଆକୂତିରୁ ସେମାନେ ବିଶ୍ୱାସ କରିଥାନ୍ତି ଯେ ଏକ ଐତିହାସିକ ମୁହୂର୍ତ୍ତରେ ତାଙ୍କର ଜନ୍ମ ଓ ଐତିହାସିକ କାର୍ଯ୍ୟ ସଂପାଦନ କରିବାର ସାମର୍ଥ୍ୟ ତାଙ୍କ ଦେହ ଓ ମନରେ ବିଧୃତ । ବ୍ୟକ୍ତିଗତ ଜୀବନର ସାମାନ୍ୟ ସ୍ୱାର୍ଥ ଓ ପ୍ରଚଳିତ ସମାଜ-ଜୀବନର ଅନ୍ଧଗଳିରୁ ମୁକ୍ତି ଲାଭ କରି ବିବେକାନୁମୋଦିତ ମାନବିକ ପ୍ରତ୍ୟାଶାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ସେମାନେ ସ୍ୱୟଂ ଅନୁପ୍ରେରିତ ହୋଇଥାନ୍ତି । ସାଂପ୍ରତିକ ସମାଜ ଯେଉଁ ନୈତିକ ଓ ରାଷ୍ଟ୍ରିକ ସମସ୍ୟାରେ ଆଲୋଡ଼ିତ, ସେହି ସମସ୍ତ ସମସ୍ୟାର ବିଶ୍ଳେଷଣ କରି ତାହାର ସମାଧାନର ବିଭିନ୍ନ ବିକଳ୍ପ ଓ ସମ୍ଭାବନାର ପଥ ସେମାନେ ଉନ୍ମୁକ୍ତ କରନ୍ତି । ଭବିଷ୍ୟତ କାଳର ରୂପକାର ହିସାବରେ ସେମାନଙ୍କ ଭୂମିକା ପୃଥକ୍ତର—ଏଇ ବିଶ୍ୱାସ ସେମାନଙ୍କର ବକ୍ତବ୍ୟ ଓ ରଚନାରେ ଆଣିଥାଏ ଆସାମାନ୍ୟ ଗତିଶୀଳତା ଓ ପ୍ରାଣଶକ୍ତି ।

ଉପରୋକ୍ତ ତାତ୍ତ୍ୱିକ-ବସ୍ତୁର ଭିତ୍ତିରେ ଗୌରୀଶଙ୍କରଙ୍କ ବ୍ୟକ୍ତିତ୍ୱ ଓ ଭୂମିକା ଆଲୋଚନା କରାଯାଇପାରେ । ଗୌରୀଶଙ୍କର ଓଡ଼ିଶାର ବୌଦ୍ଧିକ ଦିଗବଳୟରେ ନୂତନ ସୂର୍ଯ୍ୟ ରୂପେ ଉଦିତ ହେବା ମୂଳରେ ଅନ୍ୟ କାହାରି ବାଧ୍ୟବାଧକତା ନଥିଲା ବା ଏହା ଏକ ଐତିହାସିକ ଆକସ୍ମିକତା ନଥିଲା । ଏହାଂ ଭାବାଦର୍ଶ ଓ ଜୀବନ ବ୍ୟାପୀ ସାଧନାର ପ୍ରେରଣା ପାଇଥିଲେ ସେ ଆପଣାର ଅନ୍ତର ପ୍ରଦେଶରୁ । ତାଙ୍କ ପୂର୍ବରୁ ମୁଷ୍ଟିମେୟ ଓଡ଼ିଆ ଶିକ୍ଷାଗତ ଯୋଗ୍ୟତାରେ ଏଣ୍ଟ୍ରାନ୍ସ ସିଡ଼ି ଅତିକ୍ରମ କରିଥିଲେ । ଯେଉଁ କେତେଜଣ ବା ଏଣ୍ଟ୍ରାନ୍ସ ପର୍ଯ୍ୟନ୍ତ ଯାଇଥିଲେ ସେମାନେ ସରକାରୀ ଚାକିରୀର ଜଙ୍ଗମତା ହେତୁ ପାରିବାରିକ ଓ ବ୍ୟକ୍ତିକେନ୍ଦ୍ରିକ ଜୀବନଶୈଳୀରେ ପରିଣତ ହୋଇଥିଲେ । ଗୌରୀଶଙ୍କର ଓଡ଼ିଶାକୁ ଭଲପାଇ ଓ ଏହା ପାଇଁ କିଛି କରିଯିବାର ମନୋବୃତ୍ତି ପୋଷଣ କରି 'ଉତ୍କଳ ଦୀପିକା'ର ପ୍ରକାଶନ ଓ ସଂପାଦନା କାର୍ଯ୍ୟରେ ଆତ୍ମନିୟୋଗ କରିଥିଲେ । ସେ ଦେଖିଥିଲେ ନବଜାଗରଣର ଆଲୋକରେ ପଡ଼ୋଶୀ ବଙ୍ଗଦେଶ ଆଜି ଆଲୋକିତ । ନୂଆ ଜୀବନର ସମ୍ଭାବନାରେ ବୃଟିଶଆବେଷ୍ଟିତ କଲିକତା ସହର ଆଜି ଝଲସୁଥିଲା । ଅଥଚ ପ୍ରେରଣା ଅଭାବରୁ ଓଡ଼ିଆ ଜାତି ପଡ଼ିଛି ଗୋଟାଏ ମଳଙ୍ଗୀଭଳି ଓ ଐତିହାସିକ କଟକ ସହର ଶୋଇଛି ଗୋଟାଏ ଅଜଗର ଭଳି । କଟକ ସହରକୁ ଆଜି ନୂଆ ଜୀବନର ଦୂତ ଆସିଛି । ତାକୁ ସମ୍ବର୍ଦ୍ଧନା ନ କଲେ ସେ ଫେରିଯିବ । ଇଂରେଜ ଜାତି କଲିକତାରେ ପହଞ୍ଚିବା ଆଗରୁ ଆଗ ପହଞ୍ଚିଥିଲା ଓଡ଼ିଶାରେ । ତାଙ୍କୁ ଏଠାରୁ ଚାଲିଯିବା ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷରେ ବାଧ୍ୟ କରାଗଲା । ଫଳରେ ଓଡ଼ିଶା ଦୁଇଶହ ବର୍ଷ ପଛକୁ ଚାଲିଯାଇଛି । ଆଜି ଅବଶ୍ୟ ଇଂରେଜମାନେ ବଣିକ ହୋଇ ଆସିନାହାନ୍ତି, ଶାସକ ଓ ସୈନିକ ହୋଇ ଆସିଛନ୍ତି । ସଙ୍ଗରେ ଧରି ଆସିଛନ୍ତି ଥୋଡ଼େ ବଙ୍ଗଭାଷୀ ପଙ୍ଗପାଳ ଦଳ । କିନ୍ତୁ ଶୋଷଣ ସହିତ ଏମାନେ ନୂଆ ଜୀବନର ସନ୍ଦେଶ ଧରି ବି ଆସିଛନ୍ତି । ସମଗ୍ର ଓଡ଼ିଆ ଜାତିକୁ ଏମାନଙ୍କ ହିତ-ଚରିତ୍ର ସମ୍ପର୍କରେ ସଚେତନ କରିବା ପାଇଁ ପଡ଼ିବ । ତା ସହିତ ସେମାନଙ୍କୁ ଏକ ସଙ୍ଗଠିତ ଜାତି ହିସାବରେ ପ୍ରସ୍ତୁତ କରିବା ପାଇଁ ପଡ଼ିବ । କୌଣସି ଉତ୍ତର-ପୁରୁଷ ହୁଏତ ଏଥିପାଇଁ କର୍ମୀ ଭୂମିକା ନେଇପାରେ କିନ୍ତୁ ଅଗ୍ରସର ହିସାବରେ ତାଙ୍କୁ ବର୍ତ୍ତମାନକୁ ବିଶ୍ଳେଷଣ କରିବାକୁ ହେବ, ଇତିହାସ-ସୃଷ୍ଟି ପାଇଁ ବୌଦ୍ଧିକ ପୃଷ୍ଠଭୂମି ତିଆରି କରିବାକୁ ହେବ ।

କଥିତ ମାନବୀୟ ଓ ନିଷ୍କାମକର୍ମୀ ହେବାରେ ଗୌରୀଶଙ୍କରଙ୍କୁ ସାହାଯ୍ୟ କରିଥିଲା ତାଙ୍କର ଶିକ୍ଷା । ବସ୍ତୁତଃ ରାଧାନାଥଙ୍କୁ ଅନୁସରଣ କରି କୁହାଯାଇପାରେ ଆଧୁନିକ ମହାବିଦ୍ୟାଳୟ-ଶିକ୍ଷା ଥିଲା ତାଙ୍କର ପାଶୁପତ ଶର । ସେ ହୁଏତ ହୁଗୁଳୀ କଲେଜର ଶିକ୍ଷା ଅସମାପ୍ତ ରଖି ପାରିବାରିକ ବାଧ୍ୟବାଧକତାରେ ଓଡ଼ିଶାକୁ ଫେରି-ଆସିଲେ କିନ୍ତୁ ତାଙ୍କ ହୁଗୁଳୀ ରହଣିହିଁ ତାଙ୍କୁ ଆଧୁନିକ ମନ ଓ ଜୀବନର ସନ୍ଦେଶ ଆଣିଦେଇଥିଲା । ହୁଗୁଳୀର ଅଦୂରରେ କଲିକତା ସହର । ଇଂରେଜ ଶାସନର

ଏକ ଶହ ବର୍ଷ ଭିତରେ କଲିକତା ସହର ଏକ ନୂଆ ଚଳଣିର ପରୀକ୍ଷାଗାରରେ ପରିଣତ ହୋଇଥିଲା । ତାଙ୍କ ବ୍ୟକ୍ତିତ୍ୱର ଉନ୍ମେଷ ପାଇଁ ଏହି ନବ-ଉନ୍ମେଷିତ ଅଭିନବ-ଭୌଗଳିକ-ଜଗତ୍ ଅନୁକୂଳ ପରିବେଶ ସୃଷ୍ଟି କରିଥିଲା । ମାର୍କ୍ସଙ୍କର ବନ୍ଧୁ, ସହକର୍ମୀ ଓ ସହ ଚିନ୍ତାନାୟକ ଏଙ୍ଗେଲସ୍ ଇଉରୋପୀୟ ନବଜାଗରଣର ଯୁଗ-ବୈଶିଷ୍ଟ୍ୟ ସମ୍ପର୍କରେ ଯେଉଁ ମନ୍ତବ୍ୟ କରିଥିଲେ, ତାହାର ସହାୟତାରେ ସମକାଳୀନ କଲିକତା ସହରର ପରିଚୟ ଦିଆଯାଇପାରେ । ସେ ଲେଖିଥିଲେ, 'ତାହା ଥିଲା ଏଭଳି ଏକ କାଳ ଯାହାର ଦାବି ଥିଲା ବିରାଟ ପୁରୁଷର ସୃଷ୍ଟି । ଚିନ୍ତା, ଆବେଗ, ଚରିତ୍ର, ବିଶ୍ୱଜନୀନତା ଓ ପାଣ୍ଡିତ୍ୟରେ ସତରେ ତାହା ବିରାଟ ପୁରୁଷର ସୃଷ୍ଟି କରିଥିଲା । " a tine which called for giants and produced giants—giants in power of thought, passion and character, in universality and learning" ତାହା ଥିଲା ରାମମୋହନ, ଡେରୋଜିଓ ଓ ୟଙ୍ଗ ବେଙ୍ଗଲ ଗୋଷ୍ଠୀ, ବିଦ୍ୟାସାଗର ଓ ମାଇକେଲ ମଧୁସୂଦନଙ୍କ କଲିକତା ସହର । ଏମାନେ ଥିଲେ କଲିକତାର ଆନ୍ତର-ଆବଶ୍ୟକତାର ଫଳ । ଏହି ଜୀବନର ଉଷ୍ମ ସ୍ପର୍ଶରେ ଗୌରୀଶଙ୍କରଙ୍କ ସମ୍ବେଦନଶୀଳ ଓ ନୂତନ-ଜୀବନ-ଉନ୍ମୁଖ ମନ ଗୋଟାଏ ଅଭିନବ-ସତ୍ତାର ତଡ଼ିତ୍ ଅନୁଭବ ଲାଭ କରିଥିଲା । ଏହି ଅନୁଭବ କଟକ ସହରକୁ ଆସି ଜଟିଳ ଦ୍ୱନ୍ଦ୍ୱକାଳରେ ଆଚ୍ଛନ୍ନ ହୋଇଥିଲା ।

ଇଂରେଜମାନେ କଟକ ସହରକୁ ଅଧିକାର କଲେ ୧୮୦୩ ମସିହାରେ ସେମାନେ ଓଡ଼ିଶାକୁ ଆସିଲେ ବ୍ୟବସାୟୀ/ଧର୍ମ ପ୍ରଚାରକ ରୂପରେ ନୁହେଁ—ଶୋଷକ ଓ ପ୍ରଶାସକ ହିସାବରେ । ଫଳରେ ବଙ୍ଗଳା ପ୍ରେସିଡେନ୍ସୀର କେନ୍ଦ୍ର କଲିକତା ସହରକୁ ନୂଆ ଜୀବନର ସ୍ପର୍ଶରେ ସେମାନେ ଯେତେ ଆନ୍ଦୋଳିତ କରିଥିଲେ କଟକରେ ତାହା ସେମାନେ କରିପାରିନଥିଲେ । ତଥାପି ଓଡ଼ିଶା ଡିଭିଜନର ଶାସନକେନ୍ଦ୍ର ଭାବରେ କଟକ ସହରରେ ମଧ୍ୟସ୍ତରର ଇଂରେଜ ପ୍ରଶାସକ, କିଛି ବଙ୍ଗାଳି ଅମଲା, ଓକିଲ ଓ ଡାକ୍ତର ତଥା ନିମ୍ନଶ୍ରେଣୀର ଓଡ଼ିଆ ଅମଲା, ସେମାନଙ୍କ ସେବାଯୁକ୍ତ ବର୍ଗ କଟକ ସହରରେ ବସା ବାନ୍ଧିଥିଲେ । ବିଭିନ୍ନ ଐତିହାସିକ କାରଣରୁ ଏମାନେ କେବଳ ବିଭିନ୍ନ ଭାଷାଭାଷୀ ଗୋଷ୍ଠୀରେ ବିଭକ୍ତ ନ ଥିଲେ, ବାସ୍ତବ ଜୀବନର ଆବଶ୍ୟକତା ଏମାନଙ୍କୁ ବିଭିନ୍ନ ସ୍ୱାର୍ଥ-ମଣ୍ଡଳୀରେ ବିଭକ୍ତ କରିଥିଲା । ଗୌରୀଶଙ୍କର ଜଣେ ନିମ୍ନ-ଶ୍ରେଣୀର ସରକାରୀ ଅମଲା ଭାବେ କଟକରେ ଯୋଗଦେଲା ପରେ ଏକ ନିର୍ଦ୍ଦିଷ୍ଟ ସ୍ୱାର୍ଥ-ମଣ୍ଡଳୀରେ ଯୋଗ ଦେବାକୁ ବାଧ୍ୟ ହୋଇଥିଲେ—ତାହା ଥିଲା ଓଡ଼ିଆ ଭାଷାଭାଷୀ ଅମଲାମାନଙ୍କର ଗୋଷ୍ଠୀ । କିନ୍ତୁ ଗୌରୀଶଙ୍କର ଏହି ସଙ୍କୀର୍ଣ୍ଣ ଗୋଷ୍ଠୀ ଭିତରେ ସୀମାବଦ୍ଧ ହୋଇ ରହିନଥିଲେ । ଓଡ଼ିଆ ଜାତୀୟତାର କଲମ୍ବସ-ଭୂମିକା ସେ ସଚେତନ ଭାବେ ଗ୍ରହଣ କରିଥିଲେ । ପ୍ରଥମ ଭାରତୀୟ ସ୍ୱାଧୀନତା ମହାସମର ପରର ଔପନିବେଶିକ ଶାସନ ନୀତି ତାଙ୍କୁ ଏଥିପାଇଁ ସହଯୋଗିତା କରିଥିଲା ।

ପ୍ରାଦେଶିକ ଉପ-ଜାତୀୟତା ବା ଭାଷାଭିତ୍ତିକ ଜାତୀୟ-ଚେତନାର ଉଦ୍ଭବ ଓ ବିକାଶରେ ପ୍ରଥମ ଭାରତୀୟ ସ୍ୱାଧୀନତା ସଂଗ୍ରାମ-ଉତ୍ତର ବ୍ରିଟିଶ ଶାସନ-ନୀତିର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ୧୮୫୭ ମସିହା ପର୍ଯ୍ୟନ୍ତ ଇଷ୍ଟ ଇଣ୍ଡିଆ କମ୍ପାନୀ ସରକାର ବ୍ୟବସାୟିକ ସ୍ୱାର୍ଥ ହେତୁ ବଙ୍ଗାଳୀ, ମରାଠୀ ଓ ତାମିଲମାନଙ୍କୁ ଶାସନ ଓ ବ୍ୟବସାୟରେ ସହଯୋଗୀ ଭାବରେ ଗ୍ରହଣ କରିଥିଲେ ଓ ତାହାର ପରିଣାମ ହୋଇଥିଲା ପ୍ରେସିଡେନ୍ସୀ-ଭିତ୍ତିକ ଜାତୀୟ ଚେତନାର ବିକାଶ । ସଂପୃକ୍ତ କାଳରେ ବଙ୍ଗଳାରେ ଯେଉଁ ଭାରତୀୟ ଜାତୀୟ ଚେତନାର ଉନ୍ମେଷ ହୋଇଥିଲା, ତାହାର କେନ୍ଦ୍ରରେ ଥିଲା କଲିକତା ସହର । କିନ୍ତୁ ୧୮୫୭ ମସିହା ପରେ ବ୍ରିଟିଶ ପ୍ରଶାସନ ସ୍ଥିର କଲା ବଙ୍ଗଳା ଓ ଅଗ୍ରଗାମୀ ଅଞ୍ଚଳ ମାନଙ୍କର ମଧ୍ୟବିତ୍ତ ନୁହନ୍ତି, ଅବହେଳିତ ଅଞ୍ଚଳର ମଧ୍ୟବିତ୍ତ ଓ ଉଚ୍ଚବର୍ଗ ଶ୍ରେଣୀକୁ ଅଧିକତର ଗୁରୁତ୍ୱ ଦିଆଯିବ । 'ବିଭାଗୀକରଣ ଓ ଶାସନ ନୀତି'ର ଅନୁଶୀଳନରେ ଓଡ଼ିଆ ଜାତୀୟତାରେ କୁଆଁ କୁଆଁ ଶବ୍ଦ ପ୍ରଥମେ ଶୁଣାଯାଇଥିଲା । ରେଭେନସା, ଜନ ବିମସ ପ୍ରମୁଖ ଇଂରେଜ ସିଭିଲିଆନ ମାନେ କେବଳ ଓଡ଼ିଶାର ସ୍ୱାର୍ଥ-ସଂରକ୍ଷଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଦ୍ୱିତୀୟତଃ ଓଡ଼ିଆମାନଙ୍କ ଭଳି ଅଧଃପତିତ ଜାତିକୁ ସେମାନେ ରକ୍ଷାକର୍ତ୍ତାର ଭୂମିକା ଗ୍ରହଣ କରି ଅନୁପମ ରାଜଭକ୍ତରେ ପରିଣତ କରିବାକୁ ଚାହିଁଥିଲେ । ତୃତୀୟତଃ କାନିଂଙ୍କ ଭଳି ଭାଇସରାୟଙ୍କ ମତ ଥିଲା ଭାରତୀୟମାନଙ୍କୁ କ୍ଷମା ବା ଅନୁକମ୍ପା ପ୍ରଦର୍ଶନ କରିବା ପୂର୍ବରୁ ତାଙ୍କୁ ଭଲି ଭଲାନ୍ତ କରିବାକୁ ପଡ଼ିବ । କାରଣ ଦଣ୍ଡର ଉପଯୁକ୍ତ ନ ହେଲା ପର୍ଯ୍ୟନ୍ତ ସେମାନେ କ୍ଷମା ବା ଅନୁକମ୍ପା ଗ୍ରହଣ କରନ୍ତି ନାହିଁ । ସେ ଉଡ୍‌ଙ୍କୁ ଫେବୃଆରୀ ୨୭, ୧୮୬୧ରେ ଏକ ଚିଠିରେ ଲେଖିଥିଲେ "you must knock a native down before you pardon him. He will not accept your pardon till he is at your mercy" ଓଡ଼ିଶାକୁ ସାହାଯ୍ୟ ଓ ସହଯୋଗ କରିବା ପୂର୍ବରୁ ଏହାକୁ ସେମାନେ ଶୋଷଣ ଓ ପୀଡ଼ନର ଧ୍ୱଂସ କ୍ଷେତ୍ରରେ ପରିଣତ କରିଥିଲେ । ରେଭେନ୍ସା ଓ ବିମସ ପ୍ରମୁଖ ଇଂରେଜ ପ୍ରଶାସକ ଲୋକଙ୍କ ପରବର୍ତ୍ତୀ-କାଳରେ ଓଡ଼ିଶାର ତ୍ରାଣକର୍ତ୍ତା ଭୂମିକା ଉପରୋକ୍ତ ଶାସନ ନୀତି ହେତୁ ନେଇଥିଲେ । ଆଉ ଓଡ଼ିଶା ତଥା କଟକରେ ସମସ୍ତ ସ୍ଥାନ ମାଡ଼ି ବସିଥିଲେ ବଙ୍ଗାଳୀ ଓକିଲ, ମୁକ୍ତାର, ଅମଲା ଓ ଶିକ୍ଷାକର୍ମୀମାନେ । ସେମାନଙ୍କ ଦୃଷ୍ଟିରେ ଓଡ଼ିଶା ଥିଲା ବୃହତ୍ତର ବଙ୍ଗଳାର ଅଂଶବିଶେଷ; କଟକ ସହର ବର୍ଦ୍ଧମାନ ଭଳି ମଫସଲ-ସହରର ଘୁନ-ସଂସ୍କରଣ । କେବଳ ଓଡ଼ିଆ ଭାଷା, ସ୍କୁଲ ସବୁଥିରେ ବଙ୍ଗଳା ହୋଇଯିବ ହିଁ ଓଡ଼ିଶା ପାଇଁ ପରିତ୍ରାଣର ଏକମାତ୍ର ଉପାୟ । ବନ୍ଧୁଦଳ ଓଡ଼ିଶାରେ ଡେପୁଟୀ ଇନସପେକ୍ଟର ଥିବା ଶିବଚନ୍ଦ୍ର ସୋମ ସେଇଥିପାଇଁ ୧୮୬୭ ମସିହାରେ ପ୍ରକାଶିତ ତାଙ୍କ 'ଉଡ଼ିଶ୍ୟାର ଇତିହାସ'ରେ ଲେଖିଥିଲେ; 'ଐ ସମୟ ହଇତେ ଉଡ଼ିଶ୍ୟା ଦେଶେର ରାଜକୀୟ ସ୍ୱତନ୍ତ୍ରତା ରହିତ ହଇଲ; କଲିକତାସ୍ଥ ବ୍ୟବସ୍ଥାପକ ସଭାୟ ବାଙ୍ଗଲା, ବେହାର ଓ ଉଡ଼ିଶ୍ୟାର ଜନ୍ୟ ସାଧାରଣ ଆଇନ ପ୍ରସ୍ତୁତ ହଇତେ ଲାଗିଲ ଓ ରାଜକାର୍ଯ୍ୟ ସକଳ

ଏକଇ ପ୍ରଣାଳୀ କ୍ରମେ ନିର୍ବାହିତ ହୋଇବାକୁ ଆରମ୍ଭ ହେଲା, କେବଳ ଭୂମିର ବନ୍ଦୋବସ୍ତ ବିଷୟରେ ଏକଟି ପୃଥକ୍ ପଦ୍ଧତି ଅବଲମ୍ବିତ ହେଲା ଓ ରାଜକୀୟ କାର୍ଯ୍ୟାଳୟ ସକଳରେ ପୂର୍ବବତ ଉର୍ଦ୍ଦୁ ଭାଷା ପ୍ରଚଳିତ ରହିଲା । ଏହି ଦୁଇ ବିଷୟରେ ବିଭିନ୍ନତା ଜନ୍ୟ ଉଡ଼ିଶ୍ୟା ଦେଶର ଉନ୍ନତି ପକ୍ଷେ ଯେ ବିଘ୍ନ ସମୂହ ଘଟିଆସିଅଛି ତାହା ଏପର୍ଯ୍ୟନ୍ତ ରାଜପୁରୁଷ ବର୍ଗର ହୃଦୟଙ୍ଗମ ହୋଇ ନାହିଁ, ଏହା ଆଶ୍ଚର୍ଯ୍ୟ ।' ଏକ ବର୍ଷ ପରେ କଟକରେ ଭାଷଣ ଦେଇ ରାଜେନ୍ଦ୍ର ଲାଲ ମିତ୍ର ଯାହା କହିଥିଲେ, ତାହା ଉପରୋକ୍ତ ବକ୍ତବ୍ୟର ପ୍ରତିଧ୍ୱନି ମାତ୍ର । ବସ୍ତୁତଃ, କଟକରେ ଥିବା ବଙ୍ଗାଳୀ ଅମଲା ଓ ଅନ୍ୟାନ୍ୟ ମଧ୍ୟବିତ୍ତବର୍ଗ ଆପଣା ସ୍ୱାର୍ଥ, ଓ ଅହଂର ତୃପ୍ତିକୁ ଓଡ଼ିଶାର ଭାଷା ଉନ୍ନତିର କାରଣ ରୂପେ ମଣୁଥିଲେ । ଗୌରୀଶଙ୍କରଙ୍କ ବୌଦ୍ଧିକ-ଜୀବନ-ଗଠନକୁ କଟକର ଏହି ପରିବେଶ ନିୟନ୍ତ୍ରିତ କରିଥିଲା । ଜଣେ ବୁଦ୍ଧିଜୀବୀ ଆପାତତଃ ସ୍ୱାଧୀନ ମନେହେଲେହେଁ, ପ୍ରକୃତରେ ସେ ସମସାମୟିକ କାଳ ଓ ପରିବେଶ ନିରପେକ୍ଷ ନୁହଁନ୍ତି । ବରଂ ସାମାଜିକ ପରିବେଷ୍ଟନୀ, ତାଙ୍କ ମନନ ଓ ବୁଦ୍ଧିମତ୍ତାକୁ ନିୟନ୍ତ୍ରଣ ଓ ଗତିଶୀଳ କରିଥାଏ । ଗୌରୀଶଙ୍କର ଉତ୍କଳଦୀପିକା ପ୍ରକାଶ କଲାବେଳେ ଓ ଆପଣାର ସାମାଜିକ ତଥା ରାଜନୈତିକ ଅଭିମୁଖ୍ୟ ସ୍ଥିର କରିବାରେ ଆଲୋଚିତ ଗୋଷ୍ଠୀ ଗୁଡ଼ିକର 'ଆପେକ୍ଷିକ' ସାମାଜିକ-ଅବସ୍ଥାନ ଓ ସେମାନଙ୍କର ମନୋଭଙ୍ଗୀ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥିଲା ।

ଇଂରେଜ-ବିଜୟ ଫଳରେ ଭାରତୀୟ ସାଂସ୍କୃତିକ-ଐତିହ୍ୟ ଉପରେ ତତ୍କାଳୀନ ଇଉରୋପୀୟ ଯୁକ୍ତିବାଦୀ-ମନନର ଅଭିଘାତ ଏକ ସ୍ୱାଭାବିକ ପ୍ରକ୍ରିୟା ଥିଲା । ଗୌରୀଶଙ୍କରଙ୍କ ସମ୍ବେଦନଶୀଳ ଚିତ୍ତରେ ଏହି ଅଭିଘାତ ସ୍ପଷ୍ଟ ମୁଦ୍ରା ଛାଡ଼ିଯାଇଥିଲା । ଅଦୃଷ୍ଟବାଦୀ ଚିନ୍ତା, କର୍ମଫଳ ଓ ଜନ୍ମାନ୍ତରବାଦରେ ବିଶ୍ୱାସ; ନିୟତି-ନିର୍ଦ୍ଦେଶ ପରିଧି ମଧ୍ୟରେ ଆପଣାକୁ ସ୍ୱେଚ୍ଛାକୃତ ଭାବେ ଆବଦ୍ଧ ରଖିବାର ଅବସନ୍ନତା ମଧ୍ୟରେ ତାଙ୍କର ସମକାଳୀନ ଓଡ଼ିଆମାନେ ଆତ୍ମବିଶ୍ୱାସ ହରେଇ ବସିଥିଲେ । ଗୌରୀଶଙ୍କର ଯେ ଏଇ ଭାବ-ବୃତ୍ତରୁ ସମ୍ପୂର୍ଣ୍ଣ ମୁକ୍ତିଲାଭ କରିଥିଲେ— ଏହା ଦାବୀ କରାଯାଇ ନପାରେ । କିନ୍ତୁ ଏଭଳି ଭାବ-ବୃତ୍ତରୁ ତାଙ୍କର ମୁକ୍ତି-ଆକାଙ୍କ୍ଷା ଥିଲା ତୀବ୍ର । ଏହି ତୀବ୍ର ମୁକ୍ତି-ଆକାଙ୍କ୍ଷା ସୃଷ୍ଟି କରିଥିବା ଅସ୍ଥିରତା ଓ ପ୍ରବଣତା ଉତ୍କଳ-ଦୀପିକା ପୃଷ୍ଠାରେ ପରିକୀର୍ଣ୍ଣ । ବ୍ରିଟିଶ ଶାସନର ବ୍ୟବହାରିକ ଆବଶ୍ୟକତା ସଂପର୍କରେ ସେ ସଚେତନ ଥିଲେ କିନ୍ତୁ ଔପନିବେଶିକ ବ୍ୟବସ୍ଥା ଭାରତୀୟଙ୍କ ମନରେ ଇଂରେଜ ଶାସନ ସମ୍ପର୍କରେ ସୃଷ୍ଟି କରିଥିବା ପ୍ରହେଳିକାକୁ ସେ ଅତିକ୍ରମ କରିପାରିନଥିଲେ । ତେଣୁ ତାଙ୍କର ସମସାମୟିକ ଅନ୍ୟାନ୍ୟ ବୁଦ୍ଧିଜୀବୀଙ୍କ ଭଳି ସେ ଇଂରେଜ ଶାସନକୁ ବିଧାତାର ଆଶୀର୍ବାଦ ଭାବରେ ଗ୍ରହଣ କରିନେଇଥିଲେ । ଉପନିବେଶ ବାଦୀ ଚିନ୍ତା ଓ ପରିବେଶ ମଧ୍ୟ ଦେଇ ଓଡ଼ିଶାରେ ଚିତ୍ତଜାଗରଣର ଯେଉଁ ଜାକର-କଣା ଝରି ପଡ଼ିଥିଲା ନିଜର ଅଜ୍ଞାତରେ ଅନେକଙ୍କ

ଭଳି ଗୌରୀଶଙ୍କର ମଧ୍ୟ ସେଥିରେ ସ୍ନାତ ହୋଇଥିଲେ । କିନ୍ତୁ ଏହି ସ୍ନାତ ହେବାର ନୂତନ ଅଭିଜ୍ଞତା ଅନ୍ୟମାନଙ୍କୁ ମାନସ-ବିପ୍ଳବ ଆଡ଼କୁ ଟାଣିନେଇ ନ ଥିଲା । ନାନା ବିଧ ବୈପ୍ଲବିକ କର୍ମରେ ବ୍ୟସ୍ତଥାଇ ଏକାଗ୍ର ଭାବେ ଯେଭଳି ନବଜାଗରଣର ବାଣୀ ଓ ଆଦର୍ଶକୁ ସେ ଓଡ଼ିଶାରେ ପରିବ୍ୟାପ୍ତ କରିଥିଲେ, ତାହା ସହିତ ତାଙ୍କଠାରୁ ବୟ ଓ ପ୍ରତିପତ୍ତିରେ ଆଗରେ ଥିବା ଅନେକ ତଥାକଥିତ ଭାଗ୍ୟବାନଙ୍କ ପ୍ରଚେଷ୍ଟାକୁ ତୁଳନା କରାଯାଇ ନ ପାରେ । ତାହାର କାରଣ ଗୌରୀଶଙ୍କରଙ୍କ ଭଳି ସେମାନେ ଏହି ଐତିହାସିକ ଲଗ୍ନରେ ଆପଣା ଦାୟିତ୍ୱ ଓ କର୍ତ୍ତବ୍ୟ ଜ୍ଞାନ ସମ୍ପର୍କରେ ସ୍ପଷ୍ଟ ଓ ସଚେତନ ନଥିଲେ । ଗୋଟିଏ ନିର୍ଦ୍ଦିଷ୍ଟ ସମାଜ-ବ୍ୟବସ୍ଥା ମଧ୍ୟରେ ଆପଣାର ବ୍ୟକ୍ତିଜୀବନ ଆବଦ୍ଧ ଥିଲେହେଁ, ଜୀବନର ସାମଗ୍ରିକ ପ୍ରାଙ୍ଗଣରେ ଏଭଳି ଭାବେ ନିଜକୁ ପ୍ରସାରିତ କରିବାପାଇଁ ଗୌରୀଶଙ୍କରଙ୍କର ଅଭିଯାନ ଥିଲା ସୂର୍ଯ୍ୟମାଣ ବ୍ରିଟିଶ୍ ସାମ୍ରାଜ୍ୟ ଭଳି ଦିଗନ୍ତ-ପ୍ରସାରୀ । ଏହି ପ୍ରସାରଣ-ଶୀଳତା ମଧ୍ୟଦେଇ ଗୌରୀଶଙ୍କରଙ୍କ ବୁଦ୍ଧିଜୀବୀ-ଭୂମିକା ନିର୍ବାହିତ ।

ଓଡ଼ିଆ ବିଭାଗ
ରାଉରକେଲା ମ୍ୟୁନିସିପାଲିଟି ମହାବିଦ୍ୟାଳୟ
ରାଉରକେଲା - ୭୬୯ ୦୧୨